ASHOK DAS FOUNDATION

# ମାଧ୍ୟମିକ

SA-II

# ପରୀକ୍ଷା ପ୍ରଦୀପ




## ଅଶୋକ ଦାସ ଫାଉଣ୍ଡେସନ୍

# ମାଧ୍ୟମିକ ଶିକ୍ଷା ପ୍ରଦୀପ

(୨୦୨୨-୨୦୨୩ ଶିକ୍ଷାବର୍ଷରେ ମ୍ୟାଟ୍ରିକ୍ ପରୀକ୍ଷାର୍ଥୀଙ୍କ ପାଇଁ ଉଦ୍ଦିଷ୍ଟ)

## SA-II

ସମୀକ୍ଷକ
**ପଣ୍ଡିତ ଭୁପତି ଭୁଷଣ ମିଶ୍ର**

ପ୍ରକାଶକ
**ଅଶୋକ ଦାସ ଫାଉଣ୍ଡେସନ, ଯାଜପୁର**

# ପ୍ରକାଶନ ସମ୍ବନ୍ଧରେ ପଦେ

ଅଶୋକ ଦାସ ଫାଉଣ୍ଡେସନ ଏକ ସ୍ୱେଚ୍ଛାସେବୀ ସାମାଜିକ ସଂଗଠନ, ଯାଜପୁରର ପ୍ରବାଦ ପୁରୁଷ ସ୍ୱର୍ଗତ ଅଶୋକ ଦାସଙ୍କ ପୁଣ୍ୟ ସ୍ମୃତିରେ ଜନସାଧାରଣଙ୍କ ସେବା ଓ ସହଯୋଗ ପାଇଁ ଏହି ସଂଗଠନ ଅଙ୍ଗୀକାରବଦ୍ଧ । ରକ୍ତଦାନ, ସ୍ୱାସ୍ଥ୍ୟଶିବିର ଆଦି କାର୍ଯ୍ୟକ୍ରମ ସହିତ ଶୈକ୍ଷିକ ବିକାଶ ପାଇଁ ସଂଗଠନ ମଧ୍ୟ ପ୍ରୟାସ କରିଛି ।

ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଆନ୍ତରିକ ଉଦ୍ୟମ ଫଳରେ ଓଡିଶାର ସମଗ୍ର ଉଚ୍ଚବିଦ୍ୟାଳୟର ରୂପାନ୍ତରୀକରଣ କାର୍ଯ୍ୟକ୍ରମ ପର୍ଯ୍ୟାୟକ୍ରମେ ଚାଲିଛି । ଏହି ଅବସରରେ ଯାଜପୁରର ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ପ୍ରଣବ ପ୍ରକାଶ ଦାସ ବିଦ୍ୟାଳୟମାନଙ୍କରେ ଶୈକ୍ଷିକ ପରିବେଶକୁ ଅଧିକ ରୁଚିସମ୍ପନ୍ନ ଓ ପ୍ରତିଭାଶାଳୀ କରିବା ପାଇଁ ଇଚ୍ଛା ପ୍ରକାଶ କରିଛନ୍ତି । ତାଙ୍କର ଇଚ୍ଛାକୁ ସାକାର ରୂପ ଦେବାପାଇଁ ଅଶୋକ ଦାସ ଫାଉଣ୍ଡେସନ ପକ୍ଷରୁ ଚଳିତ ବର୍ଷ ୨୦୨୨-୨୩ ଶିକ୍ଷା ବର୍ଷରେ ମ୍ୟାଟ୍ରିକ୍ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ଛାତ୍ରଛାତ୍ରୀମାନଙ୍କୁ ମାଧ୍ୟମିକ 'ପରୀକ୍ଷା ପ୍ରଦୀପ' ପୁସ୍ତକର ଦ୍ୱିତୀୟ ଭାଗଟିକୁ ଉପହାର ଦେବାକୁ ସଂକଳ୍ପ ଗ୍ରହଣ କରାଯାଇଛି ।

ଛାତ୍ରଛାତ୍ରୀମାନେ ଦେଶର ଭବିଷ୍ୟତ ନାଗରିକ ଓ ବର୍ତ୍ତମାନର ମାନବ ସମ୍ପଦ । ସେମାନଙ୍କ ଜୀବନର ଭିତ୍ତିଭୂମି ଠିକ୍ ଭାବରେ ଗଠିତ ହେଲେ ଭବିଷ୍ୟତର ଆଶା ଓ ଆକାଙ୍କ୍ଷା ସଫଳ ହୋଇପାରିବ । ଏହି ଲକ୍ଷ୍ୟରେ ଫାଉଣ୍ଡେସନ୍ ପକ୍ଷରୁ ବିଭିନ୍ନ ଶୈକ୍ଷିକ ବିକାଶ କାର୍ଯ୍ୟକ୍ରମ ହାତକୁ ନେବାପାଇଁ ସିଦ୍ଧାନ୍ତ ଗ୍ରହଣ କରାଯାଇଛି । ଏଥିପାଇଁ ସମ୍ମାନନୀୟ ଅଭିଭାବକ, ପୂଜ୍ୟଶିକ୍ଷକ ଓ ଶ୍ରଦ୍ଧେୟ ଛାତ୍ରଛାତ୍ରୀମାନଙ୍କର ସହଯୋଗ କାମନା କରୁଛୁ ।

ଚଳିତ ବର୍ଷ ଦ୍ୱିତୀୟ ଥର ପାଇଁ 'ପରୀକ୍ଷା ପ୍ରଦୀପ' ପ୍ରକାଶ ପାଉଛି । ଏହି ବର୍ଷ ଏହା ଦୁଇଟି ପର୍ଯ୍ୟାୟରେ ପ୍ରକାଶ ପାଇବାର ବ୍ୟବସ୍ଥା କରାଯାଇଛି । ପ୍ରଥମ ସମାପ୍ତି ସୂଚକ ମୂଲ୍ୟାୟନ ପୂର୍ବରୁ ପ୍ରଥମ ଭାଗ ଓ ଦ୍ୱିତୀୟ ସମାପ୍ତି ସୂଚକ ମୂଲ୍ୟାୟନ ପୂର୍ବରୁ ଦ୍ୱିତୀୟ ଭାଗ ପୂର୍ଣ୍ଣାଙ୍ଗ ରୂପରେ ପ୍ରକାଶ ପାଇବା ପାଇଁ ସୁବନ୍ଦୋବସ୍ତ କରାଯାଇଛି । ପ୍ରଥମ ଭାଗ ପ୍ରକାଶ ପାଇବା ସହ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ବଣ୍ଟନ କାର୍ଯ୍ୟ ଯଥା ସମୟରେ ସମାପନ ହୋଇଛି । ଏହାର ଦ୍ୱିତୀୟ ଭାଗଟି ଖୁବ୍ ଶୀଘ୍ର ପ୍ରକାଶ ପାଇବାକୁ ଯାଉଛି । ଏହି ମହତ୍ କାର୍ଯ୍ୟଟିର ସଫଳତା ପଛରେ ଖୋର୍ଦ୍ଧା ଏବଂ ଯାଜପୁର ଜିଲ୍ଲାର ଅଭିଜ୍ଞ ସମ୍ବଳ ଶିକ୍ଷକଙ୍କ କଠିନ ପରିଶ୍ରମ ଏବଂ ନିରନ୍ତର ଗବେଷଣା ପ୍ରଶଂସାଯୋଗ୍ୟ । ଏହି ବିଷୟରେ ଆପଣମାନଙ୍କର ଗଠନ ମୂଳକ ମତାମତ ଓ ପରାମର୍ଶକୁ ଆମ୍ଭେ ସାଦରେ ଗ୍ରହଣ କରିବୁ । ପ୍ରିୟ ଛାତ୍ରଛାତ୍ରୀମାନଙ୍କର ପରୀକ୍ଷାରେ ସଫଳତା ପାଇଁ ଶୁଭେଚ୍ଛା କାମନା କରି ମା' ବିରଜାଙ୍କ ପାଦପଦ୍ମରେ ପ୍ରାର୍ଥନା କରୁଛୁ ।

**ଶ୍ରୀ ଭବ ପ୍ରସାଦ ଦାସ**
ମୁଖ୍ୟସଚିବ

**ଶ୍ରୀ ସବ୍ୟସାଚୀ ମହାପାତ୍ର**
ସଭାପତି
ଅଶୋକ ଦାସ ଫାଉଣ୍ଡେସନ୍, ଜହ୍ନବଗିଚା, ଯାଜପୁର
ମୋ - ୯୯୩୮୨୫୦୩୯୦

# ମାଧ୍ୟମିକ ଶିକ୍ଷା ପ୍ରଦୀପ

# HISTORY

PUBLISHER
**ASHOK DAS FOUNDATION, JAJPUR**

# ସୂଚୀପତ୍ର

## ଇତିହାସ


| | | |
|---|---|---|
| ୧. | ତୃତୀୟ ଅଧ୍ୟାୟ<br>୨୦୦୦ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ସ୍ୱାଧୀନତା ପରବର୍ତ୍ତୀ ଭାରତ | ୪୯୧ |
| ୨. | ଚତୁର୍ଥ ଅଧ୍ୟାୟ<br>ସ୍ୱାଧୀନୋତ୍ତର ଓଡ଼ିଶାର ବିକାଶ | ୫୫୬ |


## ରାଜନୀତି ବିଜ୍ଞାନ


| | | |
|---|---|---|
| ୩. | ତୃତୀୟ ଅଧ୍ୟାୟ<br>ସଡ଼କ ନିରାପତ୍ତା, ସଚେତନତା ଓ ଇନ୍ଧନ ସଂରକ୍ଷଣ | ୫୯୯ |
| ୪. | ଚତୁର୍ଥ ଅଧ୍ୟାୟ<br>ଭାରତର ବୈଦେଶିକ ନୀତି | ୬୦୬ |
| ୫. | **MODEL QUESTIONS** | ୬୨୫ |

॥ ତୃତୀୟ ଅଧ୍ୟାୟ ॥

# ୨୦୦୦ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ସ୍ୱାଧୀନତା ପରବର୍ତ୍ତୀ ଭାରତ

## ପ୍ରଥମ ପାଠ : **ଦେଶୀୟ ରାଜ୍ୟମାନଙ୍କର ମିଶ୍ରଣ**

### ବସ୍ତୁନିଷ୍ଠ ପ୍ରଶ୍ନୋତ୍ତର (MCQ)

1. 'ଅପରେସନ ପୋଲୋ' କେଉଁଠାରେ ପ୍ରୟୋଗ କରାଯାଇଥିଲା ?

(A) ହାଇଦ୍ରାବାଦ (B) ଜାମ୍ମୁ ଓ କାଶ୍ମୀର

(C) ଜୁନାଗଡ଼ (D) ପିପ୍ଲୋଦା

2. କେଉଁ ପ୍ରଦେଶରୁ ଭାରତ ସହିତ ଦେଶୀୟ ରାଜ୍ୟ ମିଶ୍ରଣ ପ୍ରକ୍ରିୟା ଆରମ୍ଭ ହୋଇଥିଲା ?

(A) ମଧ୍ୟପ୍ରଦେଶ (B) ଓଡ଼ିଶା

(C) ବିହାର (D) ଗୁଜରାଟ

3. ଭାରତର ବିସମାର୍କ ଆଖ୍ୟା କେଉଁ ବ୍ୟକ୍ତିଙ୍କୁ ଦିଆଯାଇଛି ?

(A) ଜବାହରଲାଲ ନେହେରୁ (B) ବଲ୍ଲଭ ଭାଇ ପଟେଲ

(C) ଭି.ପି.ମେନନ (D) ସୁଭାଷ ବୋଷ

4. ସର୍ଦ୍ଦାର ପଟେଲଙ୍କୁ 'ଭାରତର ବିସମାର୍କ' କ'ଣ ପାଇଁ କୁହାଯାଇଥାଏ ?

(A) ବଳିଷ୍ଠ ନେତୃତ୍ୱ (B) ଦୃଢ଼ ବ୍ୟକ୍ତିତ୍ୱ

(C) କୂଟନୈତିକ ପାରଦର୍ଶିତା (D) ଦୃଢ଼ ମନୋବଳ

5. ଭାରତର ଶତକଡ଼ା କେତେ ଭାଗ ଅଞ୍ଚଳରେ ଦେଶୀୟ ରାଜ୍ୟମାନେ ଶାସନ କରୁଥିଲେ ?

(A) ୩୦ ଭାଗ (B) ୪୦ ଭାଗ

(C) ୫୦ ଭାଗ (D) ୬୦ ଭାଗ

6. ଆମ ଦେଶରୁ କେବେ ବ୍ରିଟିଶ ସର୍ବୋଚ୍ଚ ଶକ୍ତିର ଛତ୍ରଛାୟା ଅପସାରିତ ହୋଇଥିଲା ?

(A) ୧୯୩୬ (B) ୧୯୪୭

(C) ୧୯୪୫ (D) ୧୯୪୪

7. ଗଡ଼ଜାତ ସମସ୍ୟାର ସମାଧାନ ପାଇଁ କିଏ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥିଲେ ?

(A) ମହାତ୍ମା ଗାନ୍ଧୀ (B) ସର୍ଦ୍ଦାର ପଟେଲ

(C) ମାଉଣ୍ଟ ବ୍ୟାଟେନ୍ (D) କୋଟେନ୍ ଟେରେଲା

8. ମିଳନ ପତ୍ର ଅନୁସାରେ ଦେଶୀୟ ରାଜାମାନଙ୍କୁ କେତୋଟି କ୍ଷମତା ହସ୍ତାନ୍ତର କରିବାକୁ କୁହାଯାଇଥିଲା ?

(A) ଦୁଇଟି (B) ତିନୋଟି

(C) ଚାରିଟି (D) ପାଞ୍ଚଟି

9. କେନ୍ଦ୍ରୀୟ ଭାରତର କେଉଁ ରାଜ୍ୟଟି ୧୯୪୮ ମାର୍ଚ୍ଚରେ ମିଳନ ପତ୍ରରେ ସ୍ୱାକ୍ଷର କରିଥିଲା ?

(A) ଜୁନାଗଡ଼ (B) ହାଇଦ୍ରାବାଦ

(C) କାଶ୍ମୀର (D) ପିପ୍ଲୋଦା

10. କେଉଁ ରାଜ୍ୟ ପାକିସ୍ତାନରେ ମିଶିବା ପାଇଁ ମସୁଧା କରିଥିଲେ ?

(A) ମଣିପୁର (B) ଯାଜପୁର

(C) ଯୋଧପୁର (D) ଗୋଲକୁଣ୍ଡା

11. କେଉଁ ହିନ୍ଦୁ ରାଜ୍ୟରେ ଜଣେ ମୁସଲିମ୍ ନୱାବ ଶାସନ କରୁଥିଲେ ?

(A) ରାଜଗଡ଼ (B) ରତାଗଡ଼

(C) ଜୁନାଗଡ଼ (D) ଶେରଗଡ଼

12. କାଶ୍ମୀରକୁ ସ୍ୱାଧୀନ ରଖିବାକୁ କିଏ ମତପୋଷଣ କରିଥିଲେ ?

(A) ହରି ସିଂହ (B) ଶେଖ ଅବଦୁଲ୍ଲା

(C) ଶେଖ ଉମର (D) ଶେଖ ଫାରୁକ୍

13. ପଠାଣ ଜନଜାତିର ଲୋକମାନେ କେଉଁ ଅଞ୍ଚଳକୁ ଅଧିକାର କରିଥିଲେ ?

(A) ପଞ୍ଜାବ (B) ବେଲୁଚିସ୍ତାନ

(C) କାଜାଗିସ୍ତାନ (D) କାଶ୍ମୀର

14. ସ୍ୱାଧୀନତା ପରଠାରୁ କେଉଁ ମସିହା ପର୍ଯ୍ୟନ୍ତ ଭାରତର ସମସ୍ତ ଦେଶୀୟ ରାଜ୍ୟକୁ ଭାରତ ସହିତ ମିଶିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା ?

(A) ୧୯୪୦ (B) ୧୯୫୦

(C) ୧୯୬୦ (D) ୧୯୫୧

15. ବାର୍ଷିକ ପେନସନ ବ୍ୟବସ୍ଥା କେଉଁମାନଙ୍କ ପାଇଁ କରାଯାଇଥିଲା ?

(A) ଦେଶୀୟ ରାଜା (B) ଆଦିବାସୀ ନେତା

(C) ଜନଜାତି ଲୋକଙ୍କ (D) ଅନୁସୂଚିତ ଜାତି

16. ଭାରତର କେଉଁ ନେତା ତାଙ୍କର ବଳିଷ୍ଠ ନେତୃତ୍ୱ ଓ ଦୃଢ଼ ବ୍ୟକ୍ତିତ୍ୱ ପାଇଁ ଖୁବ୍ ଜଣାଶୁଣା ?

(A) ସର୍ଦ୍ଦାର ପଟେଲ (B) ମହାତ୍ମା ଗାନ୍ଧୀ

(C) ଗୋପବନ୍ଧୁ ଦାସ (D) ହରେକୃଷ୍ଣ ମହତାବ

17. ଇଂରେଜମାନେ ଭାରତ ଭୂଖଣ୍ଡର କେତେ ଭାଗ ଦଖଲ କରିପାରି ନଥିଲେ ?

(A) ୭୦ ଭାଗ (B) ୬୦ ଭାଗ

(C) ୪୦ ଭାଗ (D) ୩୦ ଭାଗ

18. କେଉଁ ମସିହା ପରଠାରୁ ଭାରତରେ ମୁଖ୍ୟ ବ୍ରିଟିଶ ଶାସକଙ୍କୁ ଭାଇସରାୟ ବୋଲି କୁହାଗଲା ?

(A) ୧୮୫୮ (B) ୧୮୫୯

(C) ୧୯୬୦ (D) ୧୮୬୧

19. ଅପରେସନ ଗୁଲମାର୍ଗ ନିମ୍ନୋକ୍ତ କେଉଁ ଦେଶଦ୍ୱାରା ହୋଇଥିଲା ?

(A) ପାକିସ୍ତାନ (B) ଶ୍ରୀଲଙ୍କା

(C) ଚୀନ୍ (D) ବଙ୍ଗଳାଦେଶ

20. ଜାମ୍ମୁ କାଶ୍ମୀର ପାଇଁ ସମ୍ବିଧାନର କେଉଁ ଧାରାରେ ବିଶେଷ ବ୍ୟବସ୍ଥା ରଖାଗଲା ?

(A) ଧାରା ୩୬୦ (B) ଧାରା ୩୬୫

(C) ଧାରା ୩୭୦ (D) ଧାରା ୩୭୫

21. କେଉଁ ଦେଶୀୟ ରାଜ୍ୟ ଉପରେ 'ଅପରେସନ ପୋଲୋ' ନାମକ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା ?

(A) ହାଇଦ୍ରାବାଦ (B) ମହୀଶୂର

(C) ମଣିପୁର (D) ଆସାମ

22. ନିମ୍ନୋକ୍ତ କେବେ ସୌରାଷ୍ଟ୍ର ଦେଶୀୟ ରାଜ୍ୟସଂଘ ଗଠନ ହୋଇଥିଲା ?

(A) ୧୯୪୮ ମସିହା (B) ୧୯୪୯ ମସିହା

(C) ୧୯୫୦ ମସିହା (D) ୧୯୫୧ ମସିହା

23. ଭାରତ ସରକାର କେବେ ଦେଶୀୟ ରାଜ୍ୟ ବିଭାଗ ନାମକ ଏକ ବିଭାଗ ସୃଷ୍ଟି କରିଥିଲେ ?

(A) ୧୯୪୭ ଅଗଷ୍ଟ ୧୫ (B) ୧୯୪୬ ଡିସେମ୍ବର ୨୬

(C) ୧୯୪୭ ଜୁନ ୨୭ (D) ୧୯୫୦ ଜାନୁଆରୀ ୨୬

24. ୧୯୪୭ ଜୁଲାଇ ୯ ତାରିଖରେ ଜବାହରଲାଲ ନେହେରୁ, ସର୍ଦ୍ଦାର ପଟେଲ ଓ ମହାତ୍ମା ଗାନ୍ଧୀ ଦେଶୀୟ ରାଜ୍ୟଗୁଡ଼ିକୁ ଭାରତ ସହିତ ଏକ ସଂଘୀୟ ବ୍ୟବସ୍ଥାରେ ଅନୁବନ୍ଧିତ କରିବାକୁ ମାଉଣ୍ଟ ବ୍ୟାଟେନଙ୍କୁ ଅନୁରୋଧ କରିଥିଲେ । କାରଣ ସେମାନେ ଚାହୁଁଥିଲେ-

(A) ଭାରତକୁ ଏକ ବୃହତ୍ ଦେଶ ଭାବେ ଗଢ଼ି ତୋଳିବା

(B) ଦେଶୀୟ ରାଜ୍ୟର ଧନସମ୍ପତ୍ତି ଭାରତର ହୋଇଯିବ

(C) ସ୍ୱାଧୀନତା ପାଇବା ବେଳକୁ ଭାରତ ଯେପରି ଶତଧା ବିଭକ୍ତ ନହୁଏ

(D) ଭାରତ ଯେପରି ପାକିସ୍ତାନ ସହ ସମକକ୍ଷ ହୋଇଯିବ

25. ଦେଶୀୟ ରାଜ୍ୟର ରାଜାମାନେ ଭାରତ ସହିତ ମିଶିବା ପାଇଁ ଯେଉଁ ମିଳନପତ୍ର ପ୍ରସ୍ତୁତ ହୋଇଥିଲା, ତା'ର ପ୍ରସ୍ତୁତିକର୍ତ୍ତା ଥିଲେ -

(A) ପଟେଲ ଓ ମେନନ୍ (B) ପଟେଲ ଓ ହରେକୃଷ୍ଣ ମହତାବ

(C) ନେହେରୁ ଓ ପଟେଲ (D) ପଟେଲ ଓ ଗାନ୍ଧିଜୀ

26. ନିମ୍ନୋକ୍ତ କେଉଁ ଦେଶୀୟ ରାଜ୍ୟ ୧୯୪୮ ମାର୍ଚ୍ଚରେ ହୋଇଥିବା ମିଳନପତ୍ରରେ ସ୍ୱାକ୍ଷର କରିନଥିଲା ?

(A) କୋହ୍ଲାପୁର (B) ପିପ୍ଲୋଦା

(C) କୋଚିନ୍ (D) ଜୁନାଗଡ଼

27. କେଉଁ ଦେଶୀୟ ରାଜ୍ୟଟି ତତ୍କାଳୀନ ବମ୍ବେ ପ୍ରଦେଶ ସହିତ ମିଶି ଯାଇଥିଲା ?

(A) ଗୋଆଲିଅର୍ (B) ଇନ୍ଦୋର୍

(C) କୋହ୍ଲାପୁର (D) ନଲାରଗଡ଼

28. କେବେ ଲର୍ଡ଼ ମାଉଣ୍ଟବ୍ୟାଟେନ୍‌ଙ୍କ ଦ୍ୱାରା 'ରାଜନ୍ୟ ମଣ୍ଡଳୀ'ର ଏକ ବୈଠକ ଡକାଯାଇଥିଲା ?

(A) ୧୯୪୭ ଜୁଲାଇ ୨୫ (B) ୧୯୪୭ ଅଗଷ୍ଟ ୧୫

(C) ୧୯୫୦ ଜାନୁଆରୀ ୨୬ (D) ୧୯୫୧ ଜୁଲାଇ ୨୫

29. କେଉଁ କାରଣରୁ ଜାମ୍ମୁ-କାଶ୍ମୀରର ରାଜା ହରିସିଂହ ଭାରତ ବା ପାକିସ୍ତାନରେ ମିଶିବେ ବୋଲି ହଠାତ୍ ନିଷ୍ପତ୍ତି ନେଇପାରି ନଥିଲେ ?

(A) କାଶ୍ମୀର ଜନସାଧାରଣଙ୍କ ଭିନ୍ନ ମତ ଥିବାରୁ (B) କାଶ୍ମୀରକୁ ସ୍ୱାଧୀନ ରଖିବାର ଲକ୍ଷ୍ୟ ରଖି

(C) କାଶ୍ମୀରର ମୁସଲମାନ ସମ୍ପ୍ରଦାୟର ପ୍ରଭାବ ଯୋଗୁଁ (D) କାଶ୍ମୀରର ହିନ୍ଦୁ ସମ୍ପ୍ରଦାୟଙ୍କ ପ୍ରତିବାଦ ଯୋଗୁଁ

30. ଭାରତର ସ୍ୱାଧୀନତା ପରେ ଦେଶୀୟ ରାଜ୍ୟ ବିଭାଗର ମନ୍ତ୍ରୀ କିଏ ହୋଇଥିଲେ ?

(A) ମୌଲାନା ଆବୁଲ କାଲାମ ଆଜାଦ (B) ସରୋଜିନ ନାଇଡୁ

(C) ଗୋବିନ୍ଦ ବଲ୍ଲଭ ପନ୍ତ (D) ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ

31. ଭାରତର ସ୍ୱାଧୀନତା ପ୍ରାପ୍ତି ବେଳେ କିଏ ଏହି ଦେଶର ବ୍ରିଟିଶ୍ ଶାସନର ମୁଖ୍ୟ ଥିଲେ ?

(A) ଲର୍ଡ଼ ମାଉଣ୍ଟ ବ୍ୟାଟେନ୍ (B) ଲର୍ଡ଼ ୱାଭେଲ୍

(C)ଲର୍ଡ଼ ଲିନ୍ଲିଥ୍‌ଗୋ (D) ଲର୍ଡ଼ କର୍ଣ୍ଣୱାଲିସ୍

32. ହାଇଦ୍ରାବାଦ ନିଜାମ କେବେ ମିଳନ ପତ୍ରରେ ସ୍ୱାକ୍ଷର କରିଥିଲେ ?

(A) ୧୯୪୮ ସେପ୍ଟେମ୍ବର (B) ୧୯୪୮ ନଭେମ୍ବର

(C) ୧୯୪୦ ସେପ୍ଟେମ୍ବର (D) ୧୯୪୯ ନଭେମ୍ବର

33. କେଉଁମାନେ ଆଜାଦ୍ କାଶ୍ମୀର' ଗଠନ କରିଥିଲେ ?

(A) ପାକିସ୍ତାନର ସୈନ୍ୟବାହିନୀ (B) ଭାରତର ସୈନ୍ୟବାହିନୀ

(C) କାଶ୍ମୀର ରାଜାଙ୍କ ସୈନ୍ୟ (D) ପଠାଣ ଜନଜାତିର ଲୋକମାନେ

34. ପାକିସ୍ତାନର ନିୟମିତ ସୈନ୍ୟ କାଶ୍ମୀର ଅଧିକାର କରିବା କେଉଁ ଅଭିଯାନର ଅଂଶବିଶେଷ ଥିଲା ?

(A) ଅପରେସନ ଟାଇଗର (B) ଅପରେସନ ଗୁଲମାର୍ଗ

(C) ଅପରେସନ କାଶ୍ମୀର (D) ଅପରେସନ ପାକିସ୍ତାନ

35. ସ୍ୱାଧୀନତା ପରେ ଦେଶୀୟ ରାଜ୍ୟ ମିଶ୍ରଣ କାର୍ଯ୍ୟର ପ୍ରଧାନ ଯୋଗସୂତ୍ରକାରୀ କିଏ ଥିଲେ ?

(A) ଭି.ପି. ମେନନ୍ (B)ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ

(C) ଜବାହରଲାଲ୍ ନେହେରୁ (D) ମୌଲାନା ଅବୁଲ କାଲାମ ଆଜାଦ୍

36. ମିଳନ ପତ୍ରର ସର୍ତ୍ତ ଅନୁଯାୟୀ ଦେଶୀୟ ରାଜାମାନଙ୍କୁ କେଉଁ କ୍ଷମତା ଭାରତ ସରକାରଙ୍କୁ ହସ୍ତାନ୍ତର କରିବାକୁ ପଡୁଥିଲା ?

(A) ଗୃହ, ପ୍ରତିରକ୍ଷା, ଅର୍ଥ (B) ବୈଦେଶିକ ବ୍ୟାପାର, ଯୋଗାଯୋଗ, ଶିକ୍ଷା

(C) ପ୍ରତିରକ୍ଷା, ବୈଦେଶିକ ବ୍ୟାପାର ଯୋଗାଯୋଗ (D) ପ୍ରତିରକ୍ଷା, ଗୃହ, ବୈଦେଶିକ ବ୍ୟାପାର

37. ପଞ୍ଜାବର ପାର୍ବତ୍ୟ ରାଜ୍ୟ ଏଜେନ୍ସୀର କେତେଗୋଟି ରାଜ୍ୟକୁ ମିଶାଇ ହିମାଚଳ ପ୍ରଦେଶ ଗଠିତ ହୋଇଥିଲା ?

(A) ୬୬ (B) ୩୦

(C) ୬ (D) ୧୮

38. ଭାରତରେ ଲୌହମାନବ ଭାବରେ କିଏ ପରିଚିତ ?

(A) ସୁଭାଷ ଚନ୍ଦ୍ର ବୋଷ (B) ଅରବିନ୍ଦ ଘୋଷ

(C) ବଲ୍ଲଭ ଭାଇ ପଟେଲ (D) ସ୍ୱାମୀ ବିବେକାନନ୍ଦ

39. ରାଜ୍ୟ ହରାଇଥିବା ଦେଶୀୟ ରାଜାମାନେ ଭାରତ ସହିତ ମିଶିବା ପରେ ସେମାନଙ୍କ ପାଇଁ ଯେଉଁ ବାର୍ଷିକ ପେନସନ୍ ବ୍ୟବସ୍ଥା କରାଗଲା ତାହାକୁ କ'ଣ କୁହାଗଲା ?

(A) ରାଜାଙ୍କ ପେନସନ୍ (B) ରାଜାଙ୍କ ହାତପାଣ୍ଠି

(C) ରାଜାଙ୍କ ବେତନ (D) ରାଜାଙ୍କ ଅଧିକାର

40. ୧୯୪୮ ମସିହା ମେ ମାସରେ ଗୋଆଲିଅର୍ ଇନ୍ଦୋର ଓ ଅଠରଟି ଛୋଟ ଛୋଟ ରାଜ୍ୟକୁ ନେଇ କେଉଁ ରାଜ୍ୟ ଆତ୍ମପ୍ରକାଶ କଲା ?

(A) ଉତ୍ତର ପ୍ରଦେଶ (B) ବିନ୍ଧ୍ୟ ପ୍ରଦେଶ

(C) ମିଳିତ ପ୍ରଦେଶ (D) ମଧ୍ୟ ଭାରତ

41. କେବେ ରାଜ୍ୟ ପୁନର୍ଗଠିତ ଆଇନ ପ୍ରବର୍ତ୍ତିତ ହେଲା ?

(A) ୧୯୪୭ (B) ୧୯୪୮

(C) ୧୯୪୯ (D) ୧୯୫୬

42. ସ୍ୱାଧୀନତା ପ୍ରାପ୍ତି ବେଳକୁ କିଏ ଭାରତର ପ୍ରଧାନମନ୍ତ୍ରୀ ଥିଲେ ?

(A) ଲର୍ଡ଼ ମାଉଣ୍ଟ ବ୍ୟାଟେନ (B) ଜବାହରଲାଲ୍ ନେହେରୁ

(C) ମହମ୍ମଦ ଅଲ୍ଲୀ ଜିନ୍ନା (D) ବଲ୍ଲଭ ଭାଇ ପଟେଲ

43. ୧୮୫୮ ମସିହା ପରଠାରୁ ଭାରତର ମୁଖ୍ୟ ବ୍ରିଟିଶ ଶାସକଙ୍କୁ କ'ଣ କୁହାଯାଉଥିଲା ?

(A) ଭାଇସରାୟ (B) ବଡ଼ଲାଟ୍

(C) ଲର୍ଡ଼ (D) ସଚିବ

44. ଭାରତର ଭାଇସରାୟ କାହାର ପ୍ରତିନିଧି ଭାବରେ କାର୍ଯ୍ୟ କରୁଥିଲେ ?

(A) ଇଷ୍ଟଇଣ୍ଡିଆ କମ୍ପାନୀର (B) ଇଂଲଣ୍ଡର ରାଣୀଙ୍କର

(C) ବ୍ରିଟିଶ ପାର୍ଲିଆମେଣ୍ଟର (D) ଭାରତ ସରକାରଙ୍କର

45. ଦେଶୀୟ ରାଜ୍ୟମାନେ କେଉଁ ମସିହାରେ ସ୍ୱାଧୀନ ହେଲା ?

(A) ୧୯୪୭ (B) ୧୯୪୮

(C) ୧୯୪୯ (D) ୧୯୫୦

46. ଦେଶୀୟ ରାଜ୍ୟ ବିଭାଗର ମନ୍ତ୍ରୀ କିଏ ଥିଲେ ?

(A) ଜବାହରଲାଲ ନେହେରୁ (B) ବଲ୍ଲଭ ଭାଇ ପଟେଲ

(C) ଭି.ପି. ମେନନ୍ (D) ଲର୍ଡ଼ ମାଉଣ୍ଟ ବ୍ୟାଟେନ

47. ଦେଶୀୟ ରାଜ୍ୟ ବିଭାଜନର ସଚିବ କିଏ ଥିଲେ ?

(A) ଭି.ପି.ମେନନ (B) ମୌଲାନା ଆବୁଲ କାଲାମ ଆଜାଦ୍

(C) ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ (D) ବି.କେ.କ୍ରିଷ୍ଣମୂର୍ତ୍ତି

48. ଜୁନାଗଡ଼ର ନବାବ କେଉଁ ଦେଶକୁ ପଳାୟନ କରିଥିଲେ ?

(A) ବଙ୍ଗଳାଦେଶ (B) ପାକିସ୍ତାନ

(C) ସାଉଦିଆରବ (D) ଆଫଗାନିସ୍ତାନ

49. ଭାରତ ସରକାରଙ୍କ ଦ୍ୱାରା ଗଣଭୋଟରେ ଜୁନାଗଡ଼ର ଦୁଇଲକ୍ଷ ଭୋଟରଙ୍କ ମଧ୍ୟରୁ କେତେ ଜଣ ଭାରତରେ ମିଶିବା ବିପକ୍ଷରେ ଭୋଟ ଦେଇଥିଲେ ?

(A) ୭୫ ହଜାର ଜଣ (B) ୧୭୫ ଜଣ

(C) ୧୯୦ ଜଣ (D) ୯୦ ଜଣ

50. ଅପରେସନ ଗୁଲମାର୍ଗର ଲକ୍ଷ୍ୟ କଣ ଥିଲା ?

(A) ଭାରତ ଦଖଲ (B) ବଙ୍ଗଳାଦେଶ ଦଖଲ

(C) ହାଇଦ୍ରାବାଦ ଦଖଲ (D) କାଶ୍ମୀର ଦଖଲ

51. 'ରଜାକର' ଏକ କେଉଁ ପ୍ରକାର ସଙ୍ଗଠନ ?

(A) ସ୍ୱେଚ୍ଛାସେବୀ (B) ସାଂସ୍କୃତିକ

(C) ରାଜନୈତିକ (D) ସଶସ୍ତ୍ର

52. ଗୁଜୁରାଟ ଓ ଦକ୍ଷିଣରେ ଥିବା ୬୬ଟି ଦେଶୀୟ ରାଜ୍ୟ କେଉଁ ମସିହାରେ ବମ୍ବେ ପ୍ରଦେଶରେ ମିଶିଗଲେ ?

(A) ୧୯୪୮ (B) ୧୯୪୯

(C) ୧୯୫୧ (D) ୧୯୫୩

53. କୋହ୍ଲାପୁର ଓ ବାରୋଦା କେଉଁ ପ୍ରଦେଶରେ ମିଶିଗଲେ ?

(A) ମହାରାଷ୍ଟ୍ର (B) ବମ୍ବେ

(C) ଗୁଜୁରାଟ (D) ରାଜସ୍ଥାନ

54. ରାଜାଙ୍କ ହାତପାଣ୍ଠି କାହାକୁ କୁହାଗଲା ?

(A) ମାସିକ ପେନସନକୁ (B) ବାର୍ଷିକ ପେନସନକୁ

(C) ମାସିକ ଭତ୍ତାକୁ (D) ମାସିକ ଦରମାକୁ

55. ମଧ୍ୟ ଭାରତ କେବେ ଗଠିତ ହେଲା ?

(A) ୧୯୪୭ ଅଗଷ୍ଟ (B) ୧୯୪୮ ମେ

(C) ୧୯୪୯ ଫେବୃଆରୀ (D) ୧୯୫୦ ଜାନୁଆରୀ

56. ମିଶ୍ରଣ ପରେ ଦେଶୀୟ ରାଜାମାନଙ୍କୁ ବାର୍ଷିକ ପେନସନ ବ୍ୟବସ୍ଥା କରାଗଲା । ଏହି ପେନସନର ପରିମାଣ କେଉଁ ଭିତ୍ତିରେ ସ୍ଥିର କରାଗଲା ?

(A) ରାଜ୍ୟର ଲୋକସଂଖ୍ୟା ଭିତ୍ତିରେ
(B) ରାଜ୍ୟର ଭୌଗୋଳିକ ଅବସ୍ଥିତି ଅନୁସାରେ
(C) ରାଜ୍ୟରୁ ମିଳୁଥିବା ଫସଲ ଉତ୍ପାଦନ ଅନୁସାରେ
(D) ରାଜ୍ୟରୁ ଆଦାୟ ହେଉଥିବା ରାଜସ୍ୱ ଭିତ୍ତିରେ

## ଉତ୍ତର

1. (A), 2. (B), 3. (B), 4. (C), 5. (B), 6. (B), 7. (C), 8. (B), 9. (D), 10. (C), 11. (C), 12. (A), 13. (D), 14. (B), 15. (A), 16. (A), 17. (C), 18. (A), 19. (A), 20. (C), 21. (A), 22. (A), 23. (C), 24. (C), 25. (A), 26. (D), 27. (C), 28. (A), 29. (B), 30. (D), 31. (A), 32. (D), 33. (D), 34. (B), 35. (A), 36. (C), 37. (B), 38. (C), 39. (B), 40. (D), 41. (D), 42. (B), 43. (A), 44. (B), 45. (A), 46. (B), 47. (A), 48. (B), 49. (D), 50. (D), 51. (D), 52. (A), 53. (B), 54. (B), 55. (B), 56. (D)

# ଦୀର୍ଘ ଉତ୍ତରମୂଳକ ପ୍ରଶ୍ନୋତ୍ତର

1. ମିଶ୍ରଣ ଚୁକ୍ତିର ତିନୋଟି ସର୍ତ୍ତ ଉଲ୍ଲେଖ କର ।

ଉ : ରାଜ୍ୟ ହରାଇଥିବା ରାଜାମାନଙ୍କ ପାଇଁ ବାର୍ଷିକ ପେନସନ୍ ବ୍ୟବସ୍ଥା କରାଗଲା । ଏହାକୁ ରାଜାଙ୍କ ହାତପାଣ୍ଠି ବୋଲି କୁହାଗଲା ।

ii. ଏହି ପାଣ୍ଠି ରାଜ୍ୟରୁ ଆଦାୟ ହେଉଥିବା ରାଜସ୍ୱ ଭିତ୍ତିରେ ସ୍ଥିରୀକୃତ ହୋଇଥିଲା ।

iii. ରାଜାମାନଙ୍କର ବ୍ୟକ୍ତିଗତ ସମ୍ପତ୍ତି. ରାଜପ୍ରସାଦ ତଥା ପଦପଦବୀ ସେମାନଙ୍କ ପାଇଁ ସୁରକ୍ଷିତ ରହିଲା ।

iv. ଏଗୁଡ଼ିକ ବଂଶାନୁକ୍ରମିକ ଭାବରେ ସେମାନଙ୍କର ବଂଶଧର ଭୋଗ ଦଖଲ କରିବେ ବୋଲି ସ୍ଥିର ହେଲା ।

v. ଦେଶୀୟ ରାଜ୍ୟର କର୍ମଚାରୀମାନଙ୍କୁ ପ୍ରାଦେଶିକ ସରକାରମାନେ ସେମାନଙ୍କ କର୍ମଚାରୀ ଭାବରେ ଗ୍ରହଣ କଲେ ।

2. ପଟେଲଙ୍କ ଓ ମେନନ୍ ପୂର୍ଣ୍ଣ ମିଶ୍ରଣ ସପକ୍ଷରେ କି କି ଯୁକ୍ତି ଉପସ୍ଥାପନ କଲେ ?

ଉ : i. ମିଶ୍ରଣ ନ ହେଲେ ରାଜ୍ୟମାନଙ୍କର ଆର୍ଥିକ ବ୍ୟବସ୍ଥା ଭୁଶୁଡ଼ି ପଡ଼ିବ ।

ii. ରାଜ୍ୟମାନଙ୍କରେ ଗଣତନ୍ତ୍ର ପରିବର୍ତ୍ତେ ରାଜତନ୍ତ୍ର ଚାଲିଲେ ପ୍ରଜାମାନେ ବିଦ୍ରୋହ କରିବେ ଓ ଅରାଜକତା ବ୍ୟାପିଯିବ ।

iii. ଅର୍ଥ ବ୍ୟବସ୍ଥା ଦୃଷ୍ଟିରୁ ଅତ୍ୟନ୍ତ ଦୁର୍ବଳ ଥିବା ରାଜ୍ୟମାନେ ସ୍ୱାଧୀନ ଭାବରେ କୌଣସି ଜନହିତକର କାର୍ଯ୍ୟ କରିପାରିବେ ନାହିଁ ।

iv. ଭାରତ ଭିତରେ ଅପରାଧ, ବାଣିଜ୍ୟ ବ୍ୟବସାୟ ବାଧାପ୍ରାପ୍ତ ହେବ ।

v. ଅପରାଧୀମାନଙ୍କୁ ଦମନ କରିବା ସମ୍ଭବ ହେବ ନାହିଁ, କାରଣ ସେମାନେ ଦେଶୀୟ ରାଜ୍ୟମାନଙ୍କରେ ଆତ୍ମଗୋପନ କରିବେ ।

3. ଦେଶୀୟ ରାଜ୍ୟ ମିଶ୍ରଣ ପ୍ରକ୍ରିୟାରେ ମାଉଣ୍ଟବ୍ୟାଟେନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା, ଉଲ୍ଲେଖ କର ।

ଉ. i. ଭାରତ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ଏବଂ ଦେଶୀୟ ରାଜ୍ୟ ଦାୟିତ୍ୱରେ ଥିବା ମନ୍ତ୍ରୀ ସର୍ଦ୍ଦାର ପଟେଲ ୧୯୪୭ ଜୁଲାଇ ୯ ତାରିଖ ମାଉଣ୍ଟବ୍ୟାଟେନଙ୍କୁ ଦେଶୀୟ ରାଜ୍ୟଗୁଡ଼ିକର ଶାସକଙ୍କୁ ଉପଦେଶ ଦେଇ ଭାରତ ସହିତ ଏକ ସଂଘୀୟ ବ୍ୟବସ୍ଥାରେ ଅନୁବନ୍ଧିତ କରିବାକୁ ଅନୁରୋଧ କରିଥିଲେ ।

ii. ମାଉଣ୍ଟ ବ୍ୟାଟେନ ଭାରତୀୟ ନେତୃବୃନ୍ଦଙ୍କର ଏହି ଅନୁରୋଧ ଗ୍ରହଣ କରି ୧୯୪୭ ଜୁଲାଇ ୨୫ ତାରିଖରେ ରାଜନ୍ୟମଣ୍ଡଳର ଏକ ବୈଠକ ଡକାଇଥିଲେ ।

iii. ସମବେତ ଦେଶୀୟ ରାଜ୍ୟର ଶାସନକର୍ତ୍ତାମାନଙ୍କୁ ସମ୍ବୋଧନ କଲାବେଳେ ସେ ସେମାନଙ୍କ ସାମ୍ପ୍ରତିକ ସ୍ଥିତି ଉପରେ ସୂଚନା ଦେଲେ । ତାଙ୍କ ବକ୍ତବ୍ୟରେ ଦେଶୀୟ ରାଜ୍ୟମାନେ ସେମାନଙ୍କ ସୀମାକୁ ଲାଗିଥିବା ଦେଶ ସହିତ ସମ୍ପର୍କ ବାନ୍ଧିବା ବିଧେୟ ବୋଲି ସୂଚାଇଥିଲେ ।

iv. ଦେଶୀୟ ରାଜ୍ୟମାନଙ୍କରେ ବସବାସ କରୁଥିବା ପ୍ରଜାମାନେ ସେମାନଙ୍କର ସାମଗ୍ରିକ ଉନ୍ନତି ଚାହାନ୍ତି ଏବଂ ନବଗଠିତ ସ୍ୱାଧୀନ ରାଷ୍ଟ୍ର ସହିତ ମିଶି ସେମାନଙ୍କର ଭବିଷ୍ୟତର ସମୃଦ୍ଧି ଚାହାଁନ୍ତି ।

v. ମାଉଣ୍ଟ ବ୍ୟାଟେନଙ୍କ ଭାଷଣରେ ଅନୁପ୍ରେରିତ ହୋଇ ଏବଂ ତାଙ୍କ ସତର୍କ ବାଣୀକୁ ଅନୁଧ୍ୟାନ କରି ଅନେକ ଦେଶୀୟ ରାଜ୍ୟ ମିଳନ ପତ୍ରରେ ସ୍ୱାକ୍ଷର କରିଥିଲେ ।

4. ଜୁନାଗଡ଼ କେଉଁ ପରିସ୍ଥିତିରେ ଭାରତ ସହିତ ମିଶିଥିଲା ?

ଉ : i. ଜୁନାଗଡ଼ ଏକ ହିନ୍ଦୁବହୁଳ ରାଜ୍ୟ ଥିଲା । ଏହାର ଶାସକ ମୁସଲିମ ନୱାବ ପାକିସ୍ତାନ ସହିତ ଯୋଗଦେବା ପାଇଁ ଇଚ୍ଛାପ୍ରକାଶ କରି ସାମରିକ ଶକ୍ତି ପ୍ରଦର୍ଶନ କଲେ ।

ii. ଜୁନାଗଡ଼ ସୀମା ପାକିସ୍ତାନ ସୀମା ସହିତ ସଂଲଗ୍ନ ହୋଇ ନଥିଲା ।

iii. ଭାରତ ସରକାରଙ୍କ ଦ୍ୱାରା ଏଠାରେ ଗଣଭୋଟ ଅନୁଷ୍ଠିତ ହେଲା ।

iv. ପ୍ରାୟ ଦୁଇଲକ୍ଷ ଭୋଟଦାତାଙ୍କ ମଧ୍ୟରୁ କେବଳ ନବେ ଜଣଙ୍କ ବ୍ୟତୀତ ଅନ୍ୟ ସମସ୍ତେ ଭାରତରେ ମିଶିବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ ।

v. ଏହି ପରିସ୍ଥିତିରେ ନୱାବ ତାଙ୍କ ପରିବାର ସହିତ ପାକିସ୍ତାନକୁ ପଳାୟନ କଲେ । ଜୁନାଗଡ଼ ବାଧ ହୋଇ ଭାରତ ସହିତ ମିଶିଗଲା ।

5. ହାଇଦ୍ରାବାଦ କେଉଁ ପରିସ୍ଥିତିର ସମ୍ମୁଖୀନ ହୋଇ ମିଳନ ପତ୍ରରେ ସ୍ୱାକ୍ଷର କରିଥିଲା ?

ଉ : i. ହାଇଦ୍ରାବାଦ ଥିଲା ଏକ ହିନ୍ଦୁବହୁଳ ଦେଶୀୟ ରାଜ୍ୟ । ଏହାର ଶାସକ ନିଜାମ ଉସମାନ ଅଲ୍ଲୀ ଖାଁ ସ୍ୱାଧୀନ ରହିବାକୁ ଚାହିଁଲେ ।

ii. ସୟଦ କାଶିମ ରଜଭିଙ୍କ ନେତୃତ୍ୱରେ 'ରଜାକର' ନାମକ ଏକ ସଶସ୍ତ୍ର ସଙ୍ଗଠନ ନିଜାମଙ୍କୁ ସମର୍ଥନ କଲେ ଏବଂ ଭାରତ ସହିତ ମିଶିବାକୁ ଚାହୁଁଥିବା ଜନସାଧାରଣଙ୍କୁ ନୃଶଂସ ଭାବରେ ହତ୍ୟା କଲେ ।

iii. ନିଜାମ ମଧ୍ୟ ଆନ୍ତର୍ଜାତିକ କ୍ଷେତ୍ରରେ ତାଙ୍କର ସ୍ଥିତି ଜାହିର କରିବା ପାଇଁ ଉଦ୍ୟମ ଚଳାଇଲେ ।

iv. ସର୍ଦ୍ଦାର ପଟେଲ ନିଜାମଙ୍କ ଭାରତ ବିରୋଧୀ କାର୍ଯ୍ୟକଳାପରେ କ୍ଷୁବ୍ଧ ହୋଇ ହାଇଦ୍ରାବାଦ ଉପରେ ଅପରେସନ୍ ପୋଲୋ ନାମକ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ।

v. ୧୯୪୮ ସେପ୍ଟେମ୍ବର ୧୩ରୁ ଆରମ୍ଭ କରି ପାଞ୍ଚଦିନ ମଧ୍ୟରେ ହାଇଦ୍ରାବାଦ ଭାରତୀୟ ସୈନ୍ୟବାହିନୀ ଅକ୍ତିଆରକୁ ଆସିଥିଲା । ୧୯୪୯ ମସିହା ନଭେମ୍ବରରେ ହାଇଦ୍ରାବାଦର ନିଜାମ ମିଳନପତ୍ରରେ ସ୍ୱାକ୍ଷର କଲେ ।

6. ଭାରତ ସହିତ ଦେଶୀୟ ରାଜ୍ୟ ମିଶ୍ରଣ ପ୍ରକ୍ରିୟା କିପରି ତ୍ୱରାନ୍ୱିତ ହୋଇଥିଲା ।

i. ଭାରତ ସହିତ ଦେଶୀୟ ରାଜ୍ୟ ମିଶ୍ରଣ କାର୍ଯ୍ୟ ଓଡ଼ିଶା ଭୂଇଁରେ ହୋଇଥିଲା ।

ii. ୧୯୪୭ ମସିହା ଡିସେମ୍ବର ମାସରେ ପୂର୍ବ ଭାରତ ଏଜେନ୍ସୀ ଓ ଛତିଶଗଡ଼ ଏଜେନ୍ସି ଅଧୀନସ୍ଥ ଦେଶୀୟ ରାଜାମାନେ ମିଶ୍ରଣ ଚୁକ୍ତିରେ ସ୍ୱାକ୍ଷର କଲେ । ସେମାନେ ଓଡ଼ିଶା, ମଧ୍ୟପ୍ରଦେଶ ଓ ବିହାର ସହିତ ୧୯୪୮ ମସିହା ଜାନୁଆରୀ ୧ ତାରିଖ ଠାରୁ ମିଶିଲେ ।

iii. ସେହି ବର୍ଷ ଗୁଜୁରାଟ ଓ ଦକ୍ଷିଣରେ ଥିବା ଦେଶୀୟ ରାଜ୍ୟ ତତ୍କାଳୀନ ବମ୍ବେ ପ୍ରଦେଶ ସହିତ ମିଶିଗଲେ ।

iv. ଅନେକ ଛୋଟ ବଡ଼ ରାଜ୍ୟ ମାନ୍ଦ୍ରାଜ, ପୂର୍ବ ପଞ୍ଜାବ, ଉତ୍ତର ପ୍ରଦେଶ, ପଶ୍ଚିମବଙ୍ଗ ଓ ଆସାମ ପ୍ରଦେଶ ସହିତ ମିଶିଗଲେ ।

v. ପଞ୍ଜାବର ପାର୍ବତ୍ୟ ରାଜ୍ୟ ଏଜେନ୍ସୀର ୩୦ଟି ରାଜ୍ୟକୁ ମିଶାଇ ହିମାଚଳ ପ୍ରଦେଶ ଗଠିତ ହୋଇଥିଲା ।

7. ଲର୍ଡ଼ ମାଉଣ୍ଟ ବ୍ୟାଟେନ୍ କେବେ ଓ କାହିଁକି ରାଜ୍ୟମଣ୍ଡଳୀର ବୈଠକ ଡକାଇଥିଲେ ଏବଂ ସେଠାରେ ସେ ଦେଶୀୟ ରାଜାମାନଙ୍କୁ ଭାରତ ସହିତ ମିଶିବା ପାଇଁ କିପରି ଅନୁପ୍ରାଣିତ କରିଥିଲେ ?

i. ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ଦେଶୀୟ ରାଜ୍ୟ ଦାୟିତ୍ୱରେ ଥିବା ମନ୍ତ୍ରୀ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଓ ମହାତ୍ମା ଗାନ୍ଧୀଙ୍କ ଅନୁରୋଧ କ୍ରମେ ସ୍ୱାଧୀନତା ଦିବସ ପୂର୍ବରୁ ଗଡ଼ଜାତ ସମସ୍ୟାର ସମାଧାନ ପାଇଁ ୧୯୪୭ ମସିହା ଜୁଲାଇ ୨୫ ତାରିଖରେ ଭାରତର ତତ୍କାଳୀନ ଗଭର୍ଣ୍ଣର ଜେନେରାଲ ମାଉଣ୍ଟ ବ୍ୟାଟେନ ରାଜନ୍ୟମଣ୍ଡଳିର ଏକ ବୈଠକ ଡକାଇଲେ ।

ii. ଲର୍ଡ଼ ମାଉଣ୍ଟବ୍ୟାଟେନ ଉକ୍ତ ବୈଠକରେ ଦେଶୀୟ ରାଜାମାନଙ୍କୁ ଭାରତ ସହିତ ମିଶିବା ପାଇଁ ପ୍ରେରଣା ଦେଇ କହିଥିଲେ ।

iii. ଯଦିଓ ବ୍ରିଟିଶ ସର୍ବୋଚ୍ଚ ଶକ୍ତିର ଛତ୍ରଛାୟା ଅପସାରିତ ହେବା ପରେ ଦେଶୀ ରାଜ୍ୟଗୁଡ଼ିକ ସ୍ୱାଧୀନ ତଥାପି ସାମ୍ପ୍ରତିକ ପରିସ୍ଥିତିରେ ଦେଶୀୟ ରାଜାମାନେ ସେମାନଙ୍କ ସୀମାକୁ ଲାଗିଥିବା ଦେଶ ସହିତ ସମ୍ପର୍କ ସ୍ଥାପନ କରିବା ନିତାନ୍ତ ଜରୁରୀ ।

iv. କାରଣ ଦେଶୀୟ ରାଜ୍ୟମାନଙ୍କରେ ବସବାସ କରୁଥିବା ପ୍ରଜାମାନେ ସେମାନଙ୍କର ସାମରିକ ଉନ୍ନତି ପାଇଁ ଓ ନବଗଠିତ ସ୍ୱାଧୀନ ରାଷ୍ଟ୍ର ସହିତ ମିଶି ନିଜ ନିଜର ଭବିଷ୍ୟତ ଗଢ଼ିବା ପାଇଁ ନିଶ୍ଚିତ ବ୍ୟଗ୍ର ହେବେ । ସେତେବେଳେ ଦେଶୀୟ ରାଜାମାନେ ପ୍ରଜାମାନଙ୍କର ସେହି ଇଚ୍ଛାକୁ ରୁଦ୍ଧ କରିପାରିବେ ନାହିଁ ।

v. ଏତଦ୍ ବ୍ୟତୀତ ଦେଶୀୟ ରାଜାମାନେ ଭାରତ ସହିତ ସମ୍ପର୍କ ସ୍ଥାପନ କରିବା ପାଇଁ ଉଦ୍ଦିଷ୍ଟ ମିଳନ ପତ୍ରରେ ସ୍ୱାକ୍ଷର କଲେ । ପ୍ରତିରକ୍ଷା, ଯୋଗାଯୋଗ ଓ ବୈଦେଶିକ ବ୍ୟାପାର କ୍ଷେତ୍ରରେ କ୍ଷମତା ହସ୍ତାନ୍ତର କରିବେ ସିନା ହେଲେ ସେମାନେ ସ୍ୱାଧୀନ ଭାବରେ ସେମାନଙ୍କର ରାଜ୍ୟ ଶାସନ କରିପାରିବେ ।

vi. ଭାରତର ଜାତୀୟତା ବିଭିନ୍ନ ଭାବରେ ପ୍ରତିବାଦ ହେବ ।

vii. ସ୍ୱାଧୀନ ଭାରତର ସୁଫଳ ଦେଶୀୟ ରାଜ୍ୟର ପ୍ରଜାମାନେ ଭୋଗ କରିପାରିବେ ନାହିଁ ।

8. ମିଳନ ପତ୍ରରେ କ'ଣ ବ୍ୟବସ୍ଥା ଥିଲା ଏବଂ ଏହାକୁ ଦେଶୀୟ ରାଜାମାନେ କିପରି ଗ୍ରହଣ କଲେ ?

ଉ : i. ପ୍ରଥମ ସ୍ୱାଧୀନତା ଦିବସ ପୂର୍ବରୁ ଦେଶୀୟ ରାଜ୍ୟମାନଙ୍କର ଦାୟିତ୍ୱରେ ଥିବା ମନ୍ତ୍ରୀ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଓ ସଚିବ ଭି.ପି.ମେନନ୍ ଦେଶୀୟ ରାଜ୍ୟମାନଙ୍କର ଭାରତ ସହିତ ସମ୍ପର୍କ ସ୍ଥାପନ ପାଇଁ ଏକ ମିଳନ ପତ୍ର ପ୍ରସ୍ତୁତ କରିଥିଲେ ।

ii. ଏହି ମିଳନ ପତ୍ରର ପ୍ରସ୍ତାବ ଅନୁଯାୟୀ ଦେଶୀୟ ରାଜାମାନେ ପ୍ରତିରକ୍ଷା, ବୈଦେଶିକ ବ୍ୟାପାର ଓ ଯୋଗାଯୋଗ ଏହି ତିନୋଟି କ୍ଷମତା ହସ୍ତାନ୍ତର କରିବେ ।

iii. ପ୍ରତିବଦଳରେ ଦେଶୀୟ ରାଜାମାନେ ସ୍ୱାଧୀନ ଭାବରେ ସେମାନଙ୍କର ରାଜ୍ୟ ଶାସନ କରିପାରିବେ ।

iv. ଗଭର୍ଣ୍ଣର ଜେନେରାଲ ଲର୍ଡ଼ ମାଉଣ୍ଟ ବ୍ୟାଟେନଙ୍କ ଅନୁପ୍ରେରଣା, ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ସତର୍କବାଣୀ, ଅନେକ ଦେଶୀୟ ରାଜାଙ୍କୁ ପ୍ରଭାବିତ କଲା ।

v. ଯୋଧପୁର, ଜୁନାଗଡ଼, ହାଇଦ୍ରାବାଦ ଓ କାଶ୍ମୀର ବ୍ୟତୀତ ପ୍ରାୟ ସମସ୍ତ ଦେଶୀୟ ରାଜ୍ୟ ପ୍ରଥମ ସ୍ୱାଧୀନତା ଦିବସ ପୂର୍ବରୁ ଉକ୍ତ ମିଳନ ପତ୍ରରେ ସ୍ୱାକ୍ଷର କରିଥିଲେ ।

9. କେଉଁ ଦେଶୀୟ ରାଜ୍ୟମାନେ ମିଳନ ପତ୍ରରେ ସ୍ୱାକ୍ଷର କରିଥିଲେ ?

ଉ : i. ୧୯୪୮ ମସିହା ମାର୍ଚ୍ଚ ମାସରେ କେନ୍ଦ୍ରୀୟ ଭାରତର ପିପ୍ଲୋଦା ମିଳନ ପତ୍ରରେ ସ୍ୱାକ୍ଷର କରିଥିଲା ।

ii. ଯୋଧପୁରର ରାଜା ହନ୍ୱନ୍ତ ସିଂହ ମହମ୍ମଦ ଅଲ୍ଲୀ ଜିନ୍ନାଙ୍କ ସହିତ ହାତ ମିଳାଇ ପାକିସ୍ତାନ ସହିତ ମିଶିବାକୁ ମସୁଧା କରୁଥିବା ବେଳେ ହିନ୍ଦୁବହୁଳ ଏହି ରାଜ୍ୟକୁ ବୁଝାବଝି କରି ମିଳନ ପତ୍ରରେ ସ୍ୱାକ୍ଷର କରାଯାଇଥିଲା ।

iii. ଜୁନାଗଡ଼ ରାଜ୍ୟର ରାଜା ମୁସଲିମ୍ ନଓ୍ୱାଜ୍ ପାକିସ୍ତାନ ସହିତ ମିଶିବା ପାଇଁ ସାମରିକ ଶକ୍ତି ପ୍ରଦର୍ଶନ କରିବାରୁ ସେଠାରେ ଗଣଭୋଟ ଅନୁଷ୍ଠିତ କରାଇ ସେହି ରାଜ୍ୟକୁ ଭାରତ ସହିତ ମିଶାଇ ଦିଆଗଲା । ଫଳରେ ଜୁନାଗଡ଼ର ନଓ୍ୱାବ ଦେଶ ଛାଡ଼ି ପାକିସ୍ତାନ ପଳାୟନ କରିଥିଲେ ।

iv. କାଶ୍ମୀର ରାଜା ହରି ସିଂହ ଏହି ମିଳନ ପତ୍ରରେ ସ୍ୱାକ୍ଷର ନକରି ସ୍ୱାଧୀନ ରହିଲେ ।

v. ହାଇଦ୍ରାବାଦର ନିଜାମ୍ ହିନ୍ଦୁ ପ୍ରଜାମାନଙ୍କ ଉପରେ ନିର୍ମମ ଅତ୍ୟାଚାର କରି ସ୍ୱତନ୍ତ୍ର ରହିବାକୁ ପ୍ରୟାସ କରି ଶେଷରେ ବିଫଳ ହେଲେ ।

10. କେଉଁ ପରିସ୍ଥିତିରେ କାଶ୍ମୀରର ରାଜା ହରି ସିଂ ମିଳନ ପତ୍ରରେ ସ୍ୱାକ୍ଷର କଲେ ?

ଉ : i. ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଓ ଭି.ପି.ମେନନ୍‌ଙ୍କ ଦ୍ୱାରା ପ୍ରସ୍ତୁତ ମିଳନ ପତ୍ରରେ ସ୍ୱାକ୍ଷର ନକରି କାଶ୍ମୀର ରାଜା ହରି ସିଂ କାଶ୍ମୀରକୁ ସ୍ୱାଧୀନ ରଖିବାକୁ ମତପୋଷଣ କଲେ ।

ii. କିନ୍ତୁ ତାଙ୍କର ଏହି ମତକୁ କାଶ୍ମୀରର ଲୋକପ୍ରିୟ ନେତା ଶେଖ୍ ଅବଦୁଲ୍ଲା ପ୍ରତ୍ୟାଖ୍ୟାନ କଲେ ।

iii. ଇତ୍ୟବସରରେ ପାକିସ୍ତାନର ପ୍ରରୋଚନା ଓ ସାହାଯ୍ୟରେ ହଜାର ହଜାର 'ପଠାଣ' ଜନଜାତିର ଲୋକ ଓ ପାକିସ୍ତାନ ସୈନ୍ୟ କାଶ୍ମୀରରେ ଅନେକ ଅଞ୍ଚଳ ଅଧିକାର କରି ତାକୁ ଆଜାଦ୍ କାଶ୍ମୀର ନାମରେ ନାମିତ କଲେ ଏବଂ ଅସ୍ତ୍ରଶସ୍ତ୍ରରେ ସୁସଜ୍ଜିତ ହୋଇ ଶ୍ରୀନଗର ଆଡ଼କୁ ଅଗ୍ରସର ହେଲେ ।

iv. ପାକିସ୍ତାନର ଏହି 'ଅପରେସନ ଗୁଲମାର୍ଗ' ସମ୍ପୂର୍ଣ୍ଣ କାଶ୍ମୀରକୁ ଦଖଲ କରିବା ପାଇଁ ଅଭିପ୍ରେତ ଥିଲା ।

v. ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ଆତ୍ମରକ୍ଷାର ଅନ୍ୟ ଉପାୟ ନପାଇ ରାଜା ହରି ସିଂ ଭାରତର ସାମରିକ ସାହାଯ୍ୟ କାମନା କଲେ ।

vi. ଭାରତ ସାମରିକ ସହାୟତା ଦେବା ପୂର୍ବରୁ ରାଜା ହରି ସିଂହଙ୍କୁ ମିଳନ ପତ୍ରରେ ସ୍ୱାକ୍ଷର କରିବାକୁ କହିଥିଲା ଏବଂ ହରି ସିଂହ ମଧ୍ୟ ମିଳନ ପତ୍ରରେ ସ୍ୱାକ୍ଷର କରିଥିଲେ ।

11. ପଟେଲ ଓ ମେନନ୍ ପୂର୍ଣ୍ଣ ମିଶ୍ରଣ ସପକ୍ଷରେ କି କି ଯୁକ୍ତି ଉପସ୍ଥାପନ କଲେ ?

ଉ : ଯଦିଓ ମିଳନ ପତ୍ରରେ ଦେଶୀୟ ରାଜ୍ୟମାନଙ୍କର ସ୍ୱତନ୍ତ୍ର ସ୍ଥିତିକୁ ସ୍ୱୀକାର କରାଯାଇଥିଲା, ତଥାପି ସାର୍ବଭୌମ ଭାରତ ରାଷ୍ଟ୍ର ଗଠନ ପାଇଁ ଦେଶୀୟ ରାଜ୍ୟଗୁଡ଼ିକର ଭାରତ ସହିତ ପୂର୍ଣ୍ଣ ମିଶ୍ରଣ ପାଇଁ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଓ ଭି.ପି.ମେନନ୍ ନିମ୍ନୋକ୍ତ ଯୁକ୍ତି ଉପସ୍ଥାପନ କରିଥିଲେ । ସେଗୁଡ଼ିକ ହେଲା-

i. ଦେଶୀୟ ରାଜ୍ୟଗୁଡ଼ିକ ଭାରତ ସହିତ ସମ୍ପୂର୍ଣ୍ଣ ନ ମିଶିଲେ ରାଜ୍ୟ ଗୁଡ଼ିକର ଆର୍ଥିକ ବ୍ୟବସ୍ଥା ଭୁଷୁଡ଼ିଯିବ ।

ii. ରାଜତନ୍ତ୍ର ଅପେକ୍ଷା ଗଣତନ୍ତ୍ରକୁ ପ୍ରଜାମାନେ ଅଧିକ ପସନ୍ଦ କରୁଥିବାରୁ ଦେଶୀୟ ରାଜ୍ୟଗୁଡ଼ିକରେ ପ୍ରଜା ବିଦ୍ରୋହ ଦେଖାଯିବ ଓ ଅରାଜକତା ସୃଷ୍ଟି ହେବ ।

iii. ଆର୍ଥିକ ଦୁର୍ବଳ ଥିବା ରାଜାମାନେ ପ୍ରଜାମାନଙ୍କ ପାଇଁ କୌଣସି ହିତକର କାର୍ଯ୍ୟ କରିପାରିବେ ନାହିଁ ।

iv. ଭାରତ ଭିତରେ ଅବାଧ ବାଣିଜ୍ୟ ବ୍ୟବସାୟ ସମ୍ଭବ ହେବ ନାହିଁ ।

v. ଦେଶର ଅପରାଧୀମାନଙ୍କ ପାଇଁ ଦେଶୀୟ ରାଜ୍ୟଗୁଡ଼ିକ ଆଶ୍ରୟସ୍ଥଳୀ ପାଲଟିଯିବ ।

vi. ସେମାନେ ଚାହିଁଲେ ଭାରତ କିମ୍ବା ପାକିସ୍ତାନ ସହିତ ମିଶାଯାଇ ପାରିବେ ଅଥବା ସ୍ୱାଧୀନ ରହିପାରିବେ ବୋଲି ଏହି ଆଇନରେ ଉଲ୍ଲେଖ ରହିଥିଲା ।

12. ଭାରତ ସରକାରଙ୍କ ସହିତ ମିଶ୍ରଣ ଚୁକ୍ତିରେ ଦେଶୀୟ ରାଜାମାନଙ୍କ ପାଇଁ କେଉଁ ସର୍ତ୍ତମାନ ଥିଲା ?

ଉ : ଦେଶୀୟ ରାଜ୍ୟଗୁଡ଼ିକୁ ସ୍ୱାଧୀନ ଭାରତ ସମ୍ପୂର୍ଣ୍ଣ ମିଶ୍ରଣ ପାଇଁ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଓ ଭି.ପି.ମେନନ୍ ଯେଉଁ ମିଶ୍ରଣ ଚୁକ୍ତି ପ୍ରସ୍ତୁତ କରିଥିଲେ ସେଥିରେ ନିମ୍ନୋକ୍ତ ସର୍ତ୍ତମାନ ସ୍ଥିରିତ ହୋଇଥିଲା; ଯଥା-

i. ଦେଶୀୟ ରାଜାମାନେ ଶାସନ ସମ୍ପର୍କିତ ସମସ୍ତ କ୍ଷମତା ସମ୍ପୂର୍ଣ୍ଣ ଭାବେ ଭାରତ ସରକାରଙ୍କୁ ହସ୍ତାନ୍ତର କରିବେ ।

ii. ରାଜ୍ୟ ହରାଇଥିବା ରାଜାମାନଙ୍କ ପାଇଁ ବାର୍ଷିକ ପେନସନ୍ ବ୍ୟବସ୍ଥା ଭାରତ ସରକାରଙ୍କ ଦ୍ୱାରା କରାଯିବ ।

iii. ଯାହାକି ରାଜାଙ୍କ ହାତପାଣ୍ଠି ନାମରେ ଅଭିହିତ ହେବ ଏବଂ ଏହି ପାଣ୍ଠି ରାଜ୍ୟରୁ ଆଦାୟ ହେଉଥିବା ରାଜସ୍ୱ ଭିତ୍ତିରେ ସ୍ଥିରୀକୃତ ହେବ ।

iv. ରାଜାମାନଙ୍କର ବ୍ୟକ୍ତିଗତ ସମ୍ପତ୍ତି, ରାଜପ୍ରାସାଦ ଓ ପଦପଦବୀ ସେମାନଙ୍କ ପାଇଁ ସୁରକ୍ଷିତ ରହିବ ଏବଂ ଏହା ବଂଶାନୁକ୍ରମିକ ଭାବରେ ସେମାନଙ୍କର ବଂଶଧରମାନେ ଲାଭ କରିବେ ।

v. ଦେଶୀୟ ରାଜ୍ୟର କର୍ମଚାରୀମାନଙ୍କୁ ପ୍ରାଦେଶିକ ସରକାରମାନେ ସେମାନଙ୍କ କର୍ମଚାରୀ ଭାବରେ ଗ୍ରହଣ କରିବେ ।

13. ୧୯୪୭ ଭାରତ ସ୍ୱାଧୀନତା ଆଇନ୍ କ'ଣ ? ଏହା କିପରି ଅଖଣ୍ଡ ଭାରତ ଗଠନରେ ବାଧକ ଥିଲା ?

ଉ : i. ବହୁ ପ୍ରତିକ୍ଷିତ ୧୯୪୭ ଭାରତ ସ୍ୱାଧୀନତା ଆଇନ୍ ବଳରେ ପ୍ରଥମତଃ ଭାରତ ଦୁଇଖଣ୍ଡରେ ବିଭକ୍ତ ହୋଇ ଭାରତ, ପାକିସ୍ତାନ ନାମରେ ଦୁଇଟି ଦେଶ ସୃଷ୍ଟି ହେଲା ।

ii. ଦ୍ୱିତୀୟରେ ଏହି ଆଇନ ବଳରେ ୫୬୩ଟି ଦେଶୀୟ ରାଜ୍ୟକୁ ଇଂରେଜ ସରକାର ସ୍ୱାଧୀନ ଘୋଷଣା କରିଥିଲେ ।

iii. ଏହି ରାଜ୍ୟଗୁଡ଼ିକ ସ୍ୱାଧୀନ ରହିବାର ନିଜ ଇଚ୍ଛା ମୁତାବକ ଭାରତ କିମ୍ବା ପାକିସ୍ତାନ ସହିତ ମିଶି ପାରିବାର ସ୍ୱାଧୀନତା ସେମାନଙ୍କୁ ପ୍ରଦାନ କରାଗଲା ।

iv. ଗୋଟିଏ ସ୍ୱାଧୀନ ରାଷ୍ଟ୍ର ଭିତରେ ଅନେକ କ୍ଷୁଦ୍ର କ୍ଷୁଦ୍ର ରାଜ୍ୟ ସ୍ୱାଧୀନ ହୋଇ ରହିବା କିମ୍ବା ଯୋଧପୁର, ଜୁନାଗଡ଼ ପରି ରାଜ୍ୟ ଭାରତ ଭିତରେ ରହି ପାକିସ୍ତାନ ସହିତ ମିଶିବା ଇଚ୍ଛା ପ୍ରକାଶ କରି ଭାରତର ଅଖଣ୍ଡତା ଓ ସାର୍ବଭୌମତ୍ୱ ପରିପନ୍ଥୀ ଥିଲା ।

v. ଏହି ରାଜନୈତିକ ଜଟିଳ ସମସ୍ୟାକୁ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଓ ଭି.ପି.ମେନନ୍ ଚତୁରତାର ସହିତ ସମାଧାନ କରି ଅଖଣ୍ଡ ସାର୍ବଭୌମ ଭାରତ ରାଷ୍ଟ୍ର ଗଠନ କରିପାରିଥିଲେ ।

## କ୍ଷୁଦ୍ର ଉତ୍ତରମୂଳକ ପ୍ରଶ୍ନୋତ୍ତର

1. 'ଅପରେସନ ଗୁଲମାର୍ଗ' କ'ଣ ଥିଲା ?

କିମ୍ବା : 'ଅପରେସନ ଗୁଲମାର୍ଗ' କେଉଁ ଉଦ୍ଦେଶ୍ୟ ସାଧନ ପାଇଁ ଅଭିପ୍ରେତ ଥିଲା ?

i. ପାକିସ୍ତାନର ପ୍ରରୋଚନା ଓ ସାହାଯ୍ୟରେ ଉତ୍ସାହିତ ହୋଇ ହଜାର ହଜାର 'ପଠାଣ' ଜନଜାତିର ଲୋକ ଅସ୍ତ୍ରଶସ୍ତ୍ରରେ ସୁସଜ୍ଜିତ ହୋଇ କାଶ୍ମୀରର ଅନେକ ଅଞ୍ଚଳ ଦଖଲ କରିନେଲେ ।

ii. ସେମାନେ 'ଆଜାଦ୍ କାଶ୍ମୀର' ଗଠନ କଲେ ଓ ଝେଲମ୍ ନଦୀ ଟପି ଶ୍ରୀନଗର ଆଡ଼କୁ ଅଗ୍ରସର ହେଲେ ।

iii. ସେମାନଙ୍କ ସହିତ ପାକିସ୍ତାନୀ ସୈନ୍ୟ ମଧ୍ୟ ଏହି ଆକ୍ରମଣରେ ଭାଗ ନେଇଥିଲେ । ଏହା ଥିଲା ପାକିସ୍ତାନ 'ଅପରେସନ ଗୁଲମାର୍ଗ'ର ଅଂଶବିଶେଷ । ଏହା କାଶ୍ମୀରକୁ ଦଖଲ କରିନେବା ପାଇଁ ଅଭିପ୍ରେତ ଥିଲା ।

2. ୧୯୪୭ ଭାରତ ସ୍ୱାଧୀନତା ଆଇନ୍ ଅନୁଯାୟୀ ଦେଶୀୟ ରାଜ୍ୟମାନଙ୍କୁ କେଉଁ ସ୍ୱାଧୀନତା ଦିଆଯାଇଥିଲା ?

i. ୧୯୪୭ ଭାରତ ସ୍ୱାଧୀନତା ଆଇନ୍ ଅନୁଯାୟୀ ଦେଶୀୟ ରାଜ୍ୟଗୁଡ଼ିକ ସ୍ୱାଧୀନ ହୋଇଗଲେ । ବ୍ରିଟିଶ ସର୍ବୋଚ୍ଚ ଶକ୍ତିର ଛତ୍ରଛାୟା ଅପସାରିତ ହୋଇଥିଲା ।

ii. ସେମାନେ ଚାହିଁଲେ ଭାରତ କିମ୍ବା ପାକିସ୍ତାନ ସହିତ ମିଶିଯାଇ ପାରିବେ ।

iii. ନଚେତ୍ ସ୍ୱାଧୀନ ହୋଇ ରହିପାରିବେ ।

3. ଦେଶୀୟ ରାଜ୍ୟମାନଙ୍କ ସମସ୍ୟାକୁ ନେଇ କେବେ ଏକ ନୂତନ ବିଭାଗ ସୃଷ୍ଟି ହେଲା ? ଏହି ବିଭାଗର ମନ୍ତ୍ରୀ ଓ ସଚିବ କେଉଁମାନେ ଥିଲେ ?

i. ୧୯୪୭ ଜୁନ୍ ୨୭ ତାରିଖରେ ଭାରତ ସରକାର ଦେଶୀୟ ରାଜ୍ୟ ବିଭାଗ ନାମକ ଏକ ନୂତନ ବିଭାଗ ସୃଷ୍ଟି କରିଥିଲେ ।

ii. ଏହି ବିଭାଗର ମନ୍ତ୍ରୀ ଥିଲେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ।

iii. ଭି.ପି.ମେନନ୍ ଥିଲେ ଏହି ବିଭାଗର ଶାସନ ସଚିବ ।

4. ଦେଶୀୟ ରାଜ୍ୟଗୁଡ଼ିକ ମିଶ୍ରଣ ସମ୍ପର୍କୀୟ ମିଳନ ପତ୍ରର ପ୍ରସ୍ତାବ କ'ଣ ଥିଲା ?

i. ମିଳନ ପତ୍ରର ପ୍ରସ୍ତାବ ଅନୁଯାୟୀ ଦେଶୀୟ ରାଜ୍ୟମାନେ ଭାରତକୁ ତିନିଗୋଟି କ୍ଷମତା ହସ୍ତାନ୍ତର କରିବା ଆବଶ୍ୟକ ।

ii. ସେଗୁଡ଼ିକ ହେଲା- ପ୍ରତିରକ୍ଷା, ବୈଦେଶିକ ବ୍ୟାପାର ଓ ଯୋଗାଯୋଗ ।

iii. ଏହିସବୁ କ୍ଷମତା ହସ୍ତାନ୍ତର ପରେ ଦେଶୀୟ ରାଜାମାନେ ସ୍ୱାଧୀନ ଭାବରେ ସେମାନଙ୍କ ଶାସନ କରିପାରିବେ ।

5. ଯୋଧପୁରର ରାଜା କେଉଁ ଦେଶରେ ମିଶିବାକୁ ଚାହୁଁଥିଲେ ? କେଉଁ ପରିସ୍ଥିତିରେ ଏହା ଭାରତ ସହିତ ମିଳନ ପତ୍ରରେ ସ୍ୱାକ୍ଷର କରିଥିଲା ?

i. ଯୋଧପୁରର ରାଜା ହନ୍ୱନ୍ତ ସିଂହ ମହମ୍ମଦ ଅଲ୍ଲୀ ଜିନ୍ନାଙ୍କ ସହ ହାତ ମିଳାଇ ପାକିସ୍ତାନ ସହିତ ମିଶିବାର ମସୁଧା କରୁଥିଲେ ।

ii. ଯୋଧପୁର ଥିଲା ଗୋଟିଏ ହିନ୍ଦୁବହୁଳ ରାଜ୍ୟ ।

iii. ବହୁତ ବୁଝାସୁଝା ପରେ ଯୋଧପୁରର ରାଜା ଭାରତ ସହିତ ମିଳନ ପତ୍ରରେ ସ୍ୱାକ୍ଷର କଲେ ।

6. ଜୁନାଗଡ଼ରେ କେଉଁ ପରିସ୍ଥିତି ସୃଷ୍ଟି ହେବାରୁ ଜୁନାଗଡ଼ ଭାରତ ସହିତ ମିଶିଯାଇଥିଲା ?

i. ହିନ୍ଦୁବହୁଳ ଜୁନାଗଡ଼ ରାଜ୍ୟର ମୁସଲିମ ନଓ୍ୱାବ ପାକିସ୍ତାନ ସହିତ ଯୋଗଦେବାକୁ ଇଚ୍ଛାପ୍ରକାଶ କରି ସାମରିକ ଶକ୍ତି ପ୍ରଦର୍ଶନ କଲେ ।

ii. ଭାରତ ସରକାରଙ୍କ ଦ୍ୱାରା ଏଠାରେ ଗଣଭୋଟ ଅନୁଷ୍ଠିତ କରାଯାଇ ଫଳାଫଳରୁ ଜଣାଗଲା ଯେ ରାଜ୍ୟର ଦୁଇ ଲକ୍ଷ ଭୋଟଦାତାଙ୍କ ମଧ୍ୟରେ କେବଳ କେତେଜଣ ବ୍ୟତୀତ ସମସ୍ତେ ଭାରତରେ ମିଶିବାକୁ ଚାହାଁନ୍ତି ।

iii. ଏହିପରି ପରିସ୍ଥିତିରେ ନବାବ ପରିବାର ସହ ପାକିସ୍ତାନକୁ ପଳାୟନ କଲେ । ଫଳରେ ଜୁନାଗଡ଼ ଭାରତ ସହିତ ମିଶିଲା ।

7. ହାଇଦ୍ରାବାଦ କେଉଁ ପରିସ୍ଥିତିରେ ଭାରତର ମିଳନ ପତ୍ରରେ ସ୍ୱାକ୍ଷର କରିଥିଲା ?

i. ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ନିଜାମଙ୍କ କାର୍ଯ୍ୟକଳାପରେ କ୍ଷୁବ୍ଧ ହୋଇ ହାଇଦ୍ରାବାଦ ଉପରେ 'ଅପରେସନ୍ ପୋଲୋ' ନାମକ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ।

ii. ୧୯୪୮ସେପ୍ଟେମ୍ବର ୧୩ରୁ ୫ଦିନ ମଧ୍ୟରେ ହାଇଦ୍ରାବାଦ ଭାରତୀୟ ସୈନ୍ୟବାହିନୀର ଅକ୍ତିଆରକୁ ଆସିଲା ।

iii. ୧୯୪୯ ନଭେମ୍ବରରେ ହାଇଦ୍ରାବାଦର ନିଜାମ ମିଳନ ପତ୍ରରେ ସ୍ୱାକ୍ଷର କଲେ ।

8. ନେହେରୁ ଓ ପଟେଲ ଅଧିଗ୍ରହଣ କାର୍ଯ୍ୟକୁ କେଉଁ ପର୍ଯ୍ୟନ୍ତ ସ୍ଥଗିତ ରଖିବା ପାଇଁ ଇଚ୍ଛା ପ୍ରକଟ କରିଥିଲେ ? କେଉଁ ଆନ୍ଦୋଳନ ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥିଲା ? ମିଶ୍ରଣ କାର୍ଯ୍ୟ କେଉଁଠାରୁ ଆରମ୍ଭ ହୋଇଥିଲା ?

i. ନେହେରୁ ଓ ପଟେଲ ଅଧିଗ୍ରହଣ କାର୍ଯ୍ୟକୁ ମାଉଣ୍ଟ ବ୍ୟାଟେନଙ୍କ କାର୍ଯ୍ୟକାଳ ସମାପ୍ତି ପର୍ଯ୍ୟନ୍ତ ସ୍ଥଗିତ ରଖିବାକୁ ଚାହିଁଥିଲେ ।

ii. କିନ୍ତୁ ଓଡ଼ିଶାର ନୀଳଗିରିରେ ଏକ ଜନଜାତି ଆନ୍ଦୋଳନ ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଦେଲା ।

iii. ଭାରତ ସହିତ ଦେଶୀୟ ରାଜ୍ୟ ମିଶ୍ରଣ କାର୍ଯ୍ୟ ଓଡ଼ିଶାରୁ ହିଁ ଆରମ୍ଭ ହେଲା ।

9. ମିଶ୍ରଣ ପରେ ସବୁ ରାଜ୍ୟରେ କିପରି ଗଣତନ୍ତ୍ର ପ୍ରତିଷ୍ଠା ପାଇଁ ବ୍ୟବସ୍ଥା କରାଯାଇଥିଲା ?

i. ଦେଶୀୟ ରାଜ୍ୟର ପ୍ରଜାମାନଙ୍କୁ ସୁ-ଶାସନ ପ୍ରଦାନ ପାଇଁ ପ୍ରାଦେଶିକ ସରକାରମାନେ ବିହିତ ବ୍ୟବସ୍ଥା କଲେ ।

ii. ପ୍ରାଦେଶିକ ଶାସନର ଅନୁରୂପ ଶାସନ ରାଜ୍ୟମାନଙ୍କୁ ସମ୍ପ୍ରସାରଣ କରାଗଲା ।

iii. କେନ୍ଦ୍ରୀୟ ଆଇନ ଓ ପ୍ରାଦେଶିକ ଆଇନ ଦେଶୀୟ ରାଜ୍ୟ ଗୁଡ଼ିକରେ ମଧ୍ୟ ପ୍ରଚଳନ କରାଗଲା ।

10. ଜୁନାଗଡ଼ ଦେଶୀୟ ରାଜ୍ୟ କିପରି ଭାରତରେ ମିଶିଲା ?

i. ହିନ୍ଦୁବହୁଳ ଜୁନାଗଡ଼ ରାଜ୍ୟର ମୁସଲିମ୍ ନଓ୍ୱାବ ପାକିସ୍ତାନ ସହିତ ଯୋଗଦେବାକୁ ଇଚ୍ଛାପ୍ରକାଶ କରି ସାମରିକ ଶକ୍ତି ପ୍ରଦର୍ଶନ କଲେ ।

ii. ଭାରତ ସରକାରଙ୍କ ଦ୍ୱାରା ଏଠାରେ ଗଣଭୋଟ ଅନୁଷ୍ଠିତ ହେଲା । କାରଣ ଜୁନାଗଡ଼ର ସୀମା ପାକିସ୍ତାନ ସୀମା ସହିତ ସଂଲଗ୍ନ ହୋଇନଥିଲା ।

iii. ପ୍ରାୟ ଦୁଇଲକ୍ଷ ଭୋଟଦାତାଙ୍କ ମଧ୍ୟରୁ କେବଳ ନବେ ଜଣଙ୍କ ବ୍ୟତୀତ ଅନ୍ୟ ସମସ୍ତେ ଭାରତରେ ମିଶିବାକୁ ଇଚ୍ଛା ବ୍ୟକ୍ତ କଲେ । ନବାବ ତାଙ୍କ ପରିବାର ସହିତ ପାକିସ୍ତାନକୁ ପଳାୟନ କଲେ । ଜୁନାଗଡ଼ ଭାରତ ସହିତ ମିଶିଗଲା ।

11. ହାଇଦ୍ରାବାଦ କିପରି ଭାରତ ସହିତ ମିଶିଲା ?

i. ହାଇଦ୍ରବାଦ ଥିଲା ଏକ ହିନ୍ଦୁବହୁଳ ଦେଶୀୟ ରାଜ୍ୟ । ଏହାର ଶାସକ ନିଜାମ ମେନନ୍ ଅଲ୍ଲୀ ଖାଁ ସ୍ୱାଧୀନ ରହିବାକୁ ଚାହିଁଲେ । ସେ ଭାରତ ସହିତ ମିଶିବାକୁ ଚାହୁଁଥିବା ଜନସାଧାରଣଙ୍କୁ ନୃଶଂସ ଭାବେ ହତ୍ୟା କଲେ ।

ii. ସର୍ଦ୍ଦାର ପଟେଲ ନିଜାମଙ୍କ ଭାରତ ବିରୋଧୀ କାର୍ଯ୍ୟକଳାପରେ କ୍ଷୁବ୍ଧ ହୋଇ ହାଇଦ୍ରାବାଦ ଉପରେ 'ଅପରେସନ ପୋଲୋ' ନାମକ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ।

iii. ୧୯୪୮ ସେପ୍ଟେମ୍ବର ୧୩ରୁ ୫ ଦିନ ମଧ୍ୟରେ ହାଇଦ୍ରାବାଦ ଭାରତୀୟ ସୈନ୍ୟବାହିନୀର ଅକ୍ତିଆରକୁ ଆସିଲା ଓ ୧୯୪୯ ନଭେମ୍ବରରେ ହାଇଦ୍ରାବାଦର ନିଜାମ ମିଳନ ପତ୍ରରେ ସ୍ୱାକ୍ଷର କଲେ ।

12. 'ଅପରେସନ ଗୁଲମାର୍ଗ' କ'ଣ ଥିଲା ?

i. 'ଅପରେସନ ଗୁଲମାର୍ଗ' ଥିଲା ପାକିସ୍ତାନର ଅଂଶବିଶେଷ ।

ii. ପାକିସ୍ତାନର ହଜାର ହଜାର 'ପଠାଣ' ଜନଜାତିର ଲୋକ ଅସ୍ତ୍ରଶସ୍ତ୍ରରେ ସୁସଜ୍ଜିତ ହୋଇ କାଶ୍ମୀରର ଅନେକ ଅଞ୍ଚଳ ଦଖଲ କରିନେଇ 'ଆଜାଦ କାଶ୍ମୀର' ଗଠନ କଲେ ଏବଂ ସେମାନଙ୍କ ସହିତ ନିୟମିତ ପାକିସ୍ତାନ ସୈନ୍ୟ ମଧ୍ୟ ଏହି ଆକ୍ରମଣରେ  ଭାଗ ନେଇଥିଲେ । ଏହା ଥିଲା ପାକିସ୍ତାନର 'ଅପରେସନ ଗୁଲମାର୍ଗ' ।

iii. 'ଅପରେସନ ଗୁଲମାର୍ଗ' କାଶ୍ମୀରକୁ ଦଖଲରେ ନେବା ପାଇଁ ଅଭିପ୍ରେତ ଥିଲା ।

13. 'ମିଶ୍ରଣ ଚୁକ୍ତି'ର ସର୍ତ୍ତଗୁଡ଼ିକ ଉଲ୍ଲେଖ କର ।

i. ମିଶ୍ରଣ ଚୁକ୍ତି ଅନୁଯାୟୀ ଦେଶୀୟ ରାଜ୍ୟମାନେ ଶାସନ ସମ୍ପର୍କିତ ସମସ୍ତ କ୍ଷମତା ସମ୍ପୂର୍ଣ୍ଣ ଭାବେ ଭାରତ ସରକାରଙ୍କୁ ହସ୍ତାନ୍ତର କଲେ । ଫଳରେ ଦେଶୀୟ ରାଜ୍ୟମାନଙ୍କର କୌଣସି ସ୍ୱତନ୍ତ୍ର ସ୍ଥିତି ରହିଲା ନାହିଁ ।

ii. ରାଜ୍ୟ ହରାଇଥିବା ରାଜାମାନଙ୍କ ପାଇଁ ବାର୍ଷିକ ପେନସନ୍ ବ୍ୟବସ୍ଥା କରାଗଲା । ଏହାକୁ ରାଜାଙ୍କ ହାତପାଣ୍ଠି ବୋଲି କୁହାଗଲା ।

iii. ରାଜାମାନଙ୍କର ବ୍ୟକ୍ତିଗତ ସମ୍ପତ୍ତି , ରାଜପ୍ରାସାଦ ତଥା ପଦପଦବୀ ସେମାନଙ୍କ ପାଇଁ ସୁରକ୍ଷିତ ରହିଲା । ଏଗୁଡ଼ିକ ବଂଶାନୁକ୍ରମିକ ଭାବରେ ସେମାନଙ୍କର ବଂଶଧର ଭୋଗ ଦଖଲ କରିବେ ବୋଲି ସ୍ଥିର ହେଲା ।

14. ସର୍ଦ୍ଦାର ପଟେଲ କିପରି ସୌରାଷ୍ଟ୍ର ଦେଶୀୟ ରାଜସଂଘ ଗଠନ କଲେ ?

i. 'ମିଶ୍ରଣ ଅଙ୍ଗୀକାର ପତ୍ର' ପ୍ରକ୍ରିୟାରେ କଟିହାର ଉପଦ୍ୱୀପର ଦୁଇଶହ ବାଇଶଟି ରାଜ୍ୟକୁ ମିଶାଇ ସର୍ଦ୍ଦାର ପଟେଲ ୧୯୪୮ ମସିହା ଜାନୁଆରୀ ମାସରେ ସୌରାଷ୍ଟ୍ର ଦେଶୀୟ ରାଜ୍ୟ ସଂଘ ଗଠନ କଲେ । ପରେ ଏହି ସଂଘରେ ଆଉ ଛ'ଟି ରାଜ୍ୟ ଯୋଗଦେଲେ ।

ii. କେତେକ ଦେଶୀୟ ରାଜ୍ୟ 'ମିଶ୍ରଣ ଅଙ୍ଗୀକାର ପତ୍ର' ସ୍ୱାକ୍ଷର କଲେ । ସେମାନଙ୍କୁ ହାତପାଣ୍ଠି ସହିତ ଅନ୍ୟାନ୍ୟ ସବିଧା ସୁଯୋଗ ପ୍ରଦାନ କରାଗଲା । ଏହି ପ୍ରକ୍ରିୟା ମାଧ୍ୟମରେ ସର୍ଦ୍ଦାର ପଟେଲ ସୌରାଷ୍ଟ୍ର ଦେଶୀୟ ରାଜ୍ୟ ସଂଘ ଗଠନ କଲେ ।

iii. ଏହି ସଂଘ ମୋଟ ୨୨୮ଟି ରାଜ୍ୟକୁ ନେଇ ଗଠିତ ହୋଇଥିଲା ।

## କ୍ଷୁଦ୍ର ଉତ୍ତରମୂଳକ ପ୍ରଶ୍ନୋତ୍ତର

1. କେଉଁ  ମସିହାରେ ଦେଶୀୟ ରାଜ୍ୟ ସମୂହ ମିଳନ ପତ୍ର ସ୍ୱାକ୍ଷର କଲେ ଏବଂ ଏଥିରେ କେଉଁମାନେ ସ୍ୱାକ୍ଷର କରିନଥିଲେ ?

i. ୧୯୪୮ ମସିହାରେ ମିଳନ ପତ୍ର ସ୍ୱାକ୍ଷର କଲେ ।

ii. ଯୋଧପୁର, ଜୁନାଗଡ଼, ହାଇଦ୍ରାବାଦ ଓ କାଶ୍ମୀର ସ୍ୱାକ୍ଷର କରିନଥିଲେ ।

2. 'ଅପରେସନ ପୋଲୋ' କଣ ?

i. ହାଇଦ୍ରାବାଦ ଉପରେ 'ଅପରେସନ ପୋଲୋ' ନାମକ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ।

ii. ଯାହା ଫଳରେ ୧୯୪୮ ସେପ୍ଟେମ୍ବର ୧୩ ରୁ ୫ ଦିନ ମଧ୍ୟରେ ହାଇଦ୍ରାବାଦ ଭାରତୀୟ ସୈନ୍ୟବାହିନୀର ଅକ୍ତିଆରକୁ ଆସିଲା ।

3. ମିଶ୍ରଣ ଚୁକ୍ତି କଣ ?

i. ମିଶ୍ରଣ ଚୁକ୍ତି ଅନୁଯାୟୀ ଦେଶୀୟ ରାଜାମାନେ ଶାସନ ସମ୍ପର୍କିତ ସମସ୍ତ କ୍ଷମତା ସମ୍ପୂର୍ଣ୍ଣ ଭାବେ ଭାରତ ସରକାରଙ୍କୁ ହସ୍ତାନ୍ତର କଲେ ।

ii. ଦେଶୀୟ ରାଜ୍ୟମାନଙ୍କର କୌଣସି ସ୍ୱତନ୍ତ୍ର ସ୍ଥିତି ରହିଲା ନାହିଁ ।

4. ସର୍ଦ୍ଦାର ପଟେଲଙ୍କୁ 'ଭାରତର ବିସମାର୍କ' ବୋଲି କାହିଁକି କୁହାଯାଏ ?

i. ଦେଶୀୟ ରାଜ୍ୟ ଗୁଡ଼ିକର ଭାରତ ସହିତ ମିଶ୍ରଣ ପ୍ରକ୍ରିୟାରେ ସର୍ଦ୍ଦାର ପଟେଲ ଅନେକ ଦୃଢ଼ ପଦକ୍ଷେପ ନେଇଥିଲେ ।

ii. ତାଙ୍କର କୂଟନୈତିକ ପାରଦର୍ଶିତା ଏବଂ ରାଜନୀତିଜ୍ଞ ବିଚକ୍ଷଣତା ବଳରେ ଭାରତକୁ ଏକତ୍ର କରିବାରେ ତାଙ୍କର ସଫଳତା ଯୋଗୁଁ ତାଙ୍କୁ ଭାରତର ବିସମାର୍କ ବୋଲି କହନ୍ତି ।

5. ଦେଶୀୟ ରାଜ୍ୟଗୁଡ଼ିକ ଭାରତ ସହିତ ମିଶ୍ରଣ ପାଇଁ ଭାରତ ସରକାର କାହାଙ୍କୁ ଦାୟିତ୍ୱ ନ୍ୟସ୍ତ କରିଥିଲେ ?

i. ଭାରତ ସରକାରର ଏହି କାର୍ଯ୍ୟରେ ନେତୃତ୍ୱ ନେଇଥିଲେ ଗୃହ ଓ ଦେଶୀୟ ରାଜ୍ୟ ସମୂହ ଦାୟିତ୍ୱରେ ଥିବା କେନ୍ଦ୍ରମନ୍ତ୍ରୀ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ।

ii. ଏହି କାର୍ଯ୍ୟ ପାଇଁ ଦେଶୀୟ ରାଜ୍ୟ ସମୂହ ବିଭାଗର ପ୍ରମୁଖ ସଚିବ ଭି.ପି. ମେନନ ଓ ଓଡ଼ିଶାର ପ୍ରଧାନମନ୍ତ୍ରୀ ହରେକୃଷ୍ଣ ମହତାବ ପ୍ରମୁଖ ଭୂମିକା ନେଇଥିଲେ ।

6. ମିଶ୍ରଣ ପରେ ଦେଶୀୟ ରାଜ୍ୟଗୁଡ଼ିକ କିପରି କେନ୍ଦ୍ରାଭିମୁଖୀ କରାଯାଇଥିଲା ?

i. ମିଶ୍ରଣ ପରେ ଗଣତାନ୍ତ୍ରିକରଣ ସହିତ ଦେଶୀୟ ରାଜ୍ୟଗୁଡ଼ିକୁ ସମୟକ୍ରମେ କେନ୍ଦ୍ରାଭିମୁଖୀ କରାଗଲା ।

ii. ସେମାନଙ୍କୁ ଭାରତୀୟ ସମ୍ବିଧାନର ପରିଧି ମଧ୍ୟକୁ ଅଣାଗଲା ପରେ ୧୯୫୬ ମସିହା ରାଜ୍ୟ ପୁନର୍ଗଠନ ଆଇନ ଦ୍ୱାରା ସେମାନଙ୍କୁ ରାଜ୍ୟମାନଙ୍କ ସହିତ ମିଶାଇ ଦିଆଗଲା ।

7. କିଏ ହାଇଦ୍ରାବାଦର ନିଜାମ ଥିଲେ ଏବଂ କେଉଁ ସଙ୍ଗଠନ ତାଙ୍କୁ ସମର୍ଥନ କରିଥିଲା ?

i. ହିନ୍ଦୁବହୁଳ ରାଜ୍ୟ ହାଇଦ୍ରାବାଦର ଶାସକ ଥିଲେ ନିଜାମ ଓସ୍ମାନ୍ ଅଲ୍ଲୀ ଖାଁ ।

ii. ସୟଦ୍ କାଶିମ ରଜଭିଙ୍କ ନେତୃତ୍ୱରେ 'ରଜାକର' ନାମକ ଏକ ସଶସ୍ତ୍ର ସଙ୍ଗଠନ ନିଜାମଙ୍କୁ ସହଯୋଗ କରି ଭାରତ ସହିତ ମିଶିବାକୁ ଚାହୁଁଥିବା ପ୍ରଜାମାନଙ୍କୁ ନୃଶଂସ ଭାବରେ ହତ୍ୟା କଲେ ।

8. ସର୍ଦ୍ଦାର ପଟେଲ କିପରି ସୌରାଷ୍ଟ୍ର ଦେଶୀୟ ରାଜ୍ୟସଂଘ ଗଠନ କଲେ ?

i. 'ମିଶ୍ରଣ ଅଙ୍ଗୀକାର ପତ୍ର' ପ୍ରକ୍ରିୟାରେ କଟିହାର ଉପଦ୍ୱୀପର ଦୁଇଶହ ବାଇଶଟି ରାଜ୍ୟକୁ ମିଶାଇ ସର୍ଦ୍ଦାର ପଟେଲ ୧୯୪୮ ମସିହା ଜାନୁଆରୀ ମାସରେ ସୌରାଷ୍ଟ୍ର ଦେଶୀୟ ରାଜ୍ୟସଂଘ ଗଠନ କରିଥିଲେ ।

ii. ପରେ ଏହି ସଂଘରେ ଆଉ ଛ'ଟି ରାଜ୍ୟ ଯୋଗ ଦେଇଥିଲେ ।

9. ପୂର୍ବ ପଞ୍ଜାବ ରାଜ୍ୟ ସଂଘ କିପରି ଗଠିତ ହୋଇଥିଲା ?

ଉ : ସର୍ଦ୍ଦାର ପଟେଲଙ୍କ 'ମିଶ୍ରଣ ଅଙ୍ଗୀକାର ପତ୍ର' ପ୍ରକ୍ରିୟା ଅନୁସାରେ ୧୯୪୮ ମସିହା ଜୁଲାଇ ମାସରେ ପାଟିଆଲା, କପୁରତାଲା, ଜିନ୍ଦ, ନାଭା, ଫରିଦକୋଟ, ମାଲେରକୋଟାଲା, ନଲାରଗଡ଼ ଓ କଲସିଆକୁ ନେଇ ପୂର୍ବ ପଞ୍ଜାବ ରାଜ୍ୟ ସଂଘ ପ୍ରତିଷ୍ଠିତ ହୋଇଥିଲା ।

10. କେଉଁ ରାଜ୍ୟଗୁଡ଼ିକ ଦେଶ ମିଶ୍ରଣ ଅଙ୍ଗୀକାରରେ ସ୍ୱାକ୍ଷର କରିନଥିଲେ ?

ଉ : କାଶ୍ମୀର, ମହୀଶୂର, ହାଇଦ୍ରାବାଦ, ଏହି ତିନୋଟି ଦେଶୀୟ ରାଜ୍ୟ ଦେଶ ମିଶ୍ରଣ ଅଙ୍ଗୀକାର ପତ୍ରରେ ସ୍ୱାକ୍ଷର କରିନଥିଲେ ।

11. ସର୍ଦ୍ଦାର ପଟେଲଙ୍କୁ କାହିଁକି ଭାରତର ବିସମାର୍କ ଓ ଲୌହ ମାନବ କୁହାଯାଏ ?

ଉ : ସର୍ଦ୍ଦାର ପଟେଲଙ୍କର କୂଟନୈତିକ ପାରଦର୍ଶିତା, ରାଜନୈତିକ ବିଚକ୍ଷଣତା ଓ ଦୂରଦର୍ଶିତା ବଳରେ ସ୍ୱାଧୀନ ଭାରତ ଭିତରେ ଥିବା ୫୬୩ ଦେଶୀୟ ରାଜ୍ୟ ଭାରତ ସହିତ ମିଶି ଏକ ଅଖଣ୍ଡ ସାର୍ବଭୌମ ଭାରତବର୍ଷ ଗଠିତ ହୋଇପାରିଥିଲା ।

ii. ତାଙ୍କର ଏହି ସଫଳତାକୁ ଦେଖି ଐତିହାସିକମାନେ ତାଙ୍କୁ ଭାରତର ବିସମାର୍କ ଓ ଲୌହମାନବ ବୋଲି ଆଖ୍ୟା ଦେଇଛନ୍ତି ।

12. ସ୍ୱାଧୀନ ଭାରତର ପ୍ରଥମ ଗଭର୍ଣ୍ଣର ଜେନେରାଲ କିଏ ଥିଲେ ? ଅଖଣ୍ଡ ଭାରତ ଗଠନରେ ତାଙ୍କର ଭୂମିକା କ'ଣ ଥିଲା ?

i. ସ୍ୱାଧୀନ ଭାରତର ପ୍ରଥମ ଓ ଶେଷ ଗଭର୍ଣ୍ଣର ଜେନେରାଲ ଥିଲେ ଲର୍ଡ଼ ମାଉଣ୍ଟ ବ୍ୟାଟେନ୍ ।

ii. ସେ ନେହେରୁ ଓ ମହାତ୍ମା ଗାନ୍ଧୀଙ୍କ ଅନୁରୋଧ କ୍ରମେ ଦେଶୀୟ ରାଜ୍ୟ ଗୁଡ଼ିକର ରାଜନ୍ୟମଣ୍ଡଳୀ ଡାକି ସେମାନଙ୍କୁ ଭାରତ ସହିତ ମିଶିଯିବାକୁ ଆହ୍ୱାନ ଜଣାଇଥିଲେ ।

13. 'ଆଜାଦ କାଶ୍ମୀର' କ'ଣ ? ଏହାକୁ କେଉଁମାନେ ଗଠନ କରିଥିଲେ ?

ଉ : ପାକିସ୍ତାନର ପ୍ରରୋଚନା ଓ ସାହାଯ୍ୟରେ ଉତ୍ସାହିତ ହୋଇ ହଜାର ହଜାର 'ପଠାଣ' ଜନଜାତିର ଲୋକ ଅସ୍ତ୍ରଶସ୍ତ୍ରରେ ସୁସଜ୍ଜିତ ହୋଇ କାଶ୍ମୀରର ଅନେକ ଅଞ୍ଚଳ ଦଖଲ କରିନେଇ ତାକୁ 'ଆଜାଦ କାଶ୍ମୀର' ନାମରେ ନାମିତ କରିଥିଲେ ।

14. 'ଖ' ଶ୍ରେଣୀଭୁକ୍ତ ଗଡ଼ଜାତ ଗୁଡ଼ିକର ନାମ ଲେଖ ।

ଉ : 'ଖ' ଶ୍ରେଣୀଭୁକ୍ତ ଗଡ଼ଜାତଗୁଡ଼ିକ ହେଲା-

(୧) ଆଠଗଡ଼, (୨) ବଡମ୍ବା (୩) ନରସିଂହପୁର, (୪) ଆଠମଲ୍ଲିକ, (୫) ହିନ୍ଦୋଳ, (୬) ଦଶପଲ୍ଲା (୭) ଖଣ୍ଡପଡ଼ା, (୮) ଖରସୁଆଁ, (୯) ରେଢ଼ାଖୋଲ, (୧୦) ସମ୍ବଲପୁର, (୧୧) ନୀଳଗିରି ।

15. 'କ' ଶ୍ରେଣୀଭୁକ୍ତ ଗଡ଼ଜାତ ଗୁଡ଼ିକର ନାମ ଲେଖ ।

ଉ : 'କ' ଶ୍ରେଣୀଭୁକ୍ତ ଗଡ଼ଜାତଗୁଡ଼ିକର ନାମ ହେଲା-

(୧) ଢେଙ୍କାନାଳ, (୨) କେନ୍ଦୁଝର, (୩) ମୟୂରଭଞ୍ଜ, (୪) ବାମଣ୍ଡା, (୫) ବୌଦ, (୬) ଗାଙ୍ଗପୁର, (୭) ପାଟଣା, (୮) କଳାହାଣ୍ଡି, (୯) ସୋନପୁର, (୧୦) ଷଢ଼େଇକଳା, (୧୧) ନୟାଗଡ଼ ।

16. ଓଡ଼ିଶା ଗଡ଼ଜାତ ତଦନ୍ତ ପୁନର୍ଗଠିତ କମିଟି କେବେ କେଉଁମାନଙ୍କୁ ନେଇ ଗଠିତ ହୋଇଥିଲା ?

ଉ : i. ୧୯୩୮ ମସିହାରେ ଓଡ଼ିଶା ଗଡ଼ଜାତ ତଦନ୍ତ କମିଟି ପୁନର୍ଗଠିତ ହୋଇଥିଲା ।

ii. ହରେକୃଷ୍ଣ ମହତାବ ଏହାର ଅଧ୍ୟକ୍ଷ ଥିବାବେଳେ ସାରଙ୍ଗଧର ଦାସ ଏହାର ସମ୍ପାଦକ ଥିଲେ ।

iii. ଏହି କମିଟିର ଅନ୍ୟ ଦୁଇଜଣ ସଦସ୍ୟ ହେଲେ ଲାଲମୋହନ ପଟ୍ଟନାୟକ ଓ ବଳବନ୍ତ ରାୟ ମେହେଟ୍ଟା ।

17. କିଏ ହାଇଦ୍ରାବାଦର ନିଜାମ ଥିଲେ ଏବଂ କେଉଁ ସଙ୍ଗଠନ ତାଙ୍କୁ ସମର୍ଥନ କରିଥିଲା ?

ଉ : i. ଓସ୍‌ମାନ୍ ଅଲ୍ଲୀ ଖାଁ ହାଇଦ୍ରାବାଦର ନିଜାମ ଥିଲେ ।

ii. 'ରଜାକର' ନାମକ ଏକ ସଶସ୍ତ୍ର ସଙ୍ଗଠନ ତାଙ୍କ ସମର୍ଥନ କରିଥିଲା ।

18. ୧୯୪୭ ଭାରତ ସ୍ୱାଧୀନ ଆଇନ ଅନୁଯାୟୀ କେଉଁ ରାଜ୍ୟମାନଙ୍କ ଉପରୁ ବ୍ରିଟିଶ ସର୍ବୋଚ୍ଚ ଶକ୍ତି ଅପସାରିତ ହୋଇ ସେମାନେ ସ୍ୱାଧୀନ ହେଲେ ?

ଉ : ୧୯୪୭ ଭାରତ ସ୍ୱାଧୀନ ଆଇନ ଅନୁଯାୟୀ ଦେଶୀୟ ରାଜ୍ୟମାନେ ବ୍ରିଟିଶ ସର୍ବୋଚ୍ଚ ଶକ୍ତିରୁ ମୁକ୍ତ ହୋଇ ସ୍ୱାଧୀନ ହୋଇଗଲେ ।

19. ୧୯୪୭ ଜୁନ ୨୦ ତାରିଖରେ ଭାରତ ସରକାର ଦେଶୀୟ ରାଜ୍ୟ ବିଭାଗ ନାମକ ଏକ ବିଭାଗ ସୃଷ୍ଟି କରିଥିଲେ । ଏହି ବିଭାଗର ମନ୍ତ୍ରୀ କିଏ ଥିଲେ ?

ଉ : ୧୯୪୭ ଜୁନ ୨୦ ତାରିଖରେ ଭାରତ ସରକାର ଦେଶୀୟ ରାଜ୍ୟ ବିଭାଗ ନାମକ ଏକ ବିଭାଗ ସୃଷ୍ଟି କରିଥିଲେ । ଏହି ବିଭାଗର ମନ୍ତ୍ରୀ ଥିଲେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ।

20. ମିଳନ ପତ୍ରର ପ୍ରସ୍ତାବ ଅନୁସାରେ ଦେଶୀୟ ରାଜ୍ୟମାନେ ଭାରତକୁ କେଉଁ କେଉଁ କ୍ଷମତା ହସ୍ତାନ୍ତର କରିବା ଆବଶ୍ୟକ ?

ଉ : ମିଳନ ପତ୍ରର ପ୍ରସ୍ତାବ ଅନୁସାରେ ଦେଶୀୟ ରାଜ୍ୟମାନେ ଭାରତକୁ ପ୍ରତିରକ୍ଷା, ବୈଦେଶିକ ବ୍ୟାପାର ଓ ଯୋଗାଯୋଗ କ୍ଷମତାକୁ ହସ୍ତାନ୍ତର କରିବା ଆବଶ୍ୟକ ।

21. ଯୋଧପୁର ରାଜା କାହାଙ୍କ ସହିତ ହାତ ମିଳାଇ ପାକିସ୍ତାନରେ ମିଶିବା ପାଇଁ ମସୁଧା କରିଥିଲେ ?

ଉ : ଯୋଧପୁର ରାଜା ହନ୍ୱନ୍ତ ସିଂହ ମହମ୍ମଦ ଅଲ୍ଲୀ ଜିନ୍ନାଙ୍କ ସହ ହାତ ମିଳାଇ ପାକିସ୍ତାନ ସହିତ ମିଶିବାକୁ ମସୁଧା କରିଥିଲେ ।

22. ଜୁନାଗଡ଼ କେଉଁ ପରିସ୍ଥିତିରେ ଭାରତ ସହିତ ମିଶିଯାଇଥିଲା ?

ଉ : ଜୁନାଗଡ଼ର ଦୁଇଲକ୍ଷ ଭୋଟଦାତାଙ୍କ ମଧ୍ୟରୁ ଗଣଭୋଟ ମାଧ୍ୟମରେ କେବଳ ନବେ ଜଣଙ୍କ ବ୍ୟତୀତ ଅନ୍ୟମାନେ ଭାରତରେ ମିଶିବାକୁ ଇଚ୍ଛାବ୍ୟକ୍ତ କରିବାରୁ ଏହା ଭାରତରେ ମିଶିଗଲା ।

23. 'ଆଜାଦ କାଶ୍ମୀର' କେଉଁମାନେ ଗଠନ କଲେ ?

ଉ : ପାକିସ୍ତାନର ପ୍ରରୋଚନା ଓ ସାହାଯ୍ୟରେ ହଜାର ହଜାର 'ପଠାଣ' ଜନଜାତିର ଲୋକ ଅସ୍ତ୍ରଶସ୍ତ୍ରରେ ସୁସଜ୍ଜିତ ହୋଇ କାଶ୍ମୀରର ଅନେକ ଅଞ୍ଚଳ ଦଖଲ କରି 'ଆଜାଦ କାଶ୍ମୀର' ଗଠନ କଲେ ।

24. 'ରଜାକର' କେଉଁ ନୃଶଂସ କାର୍ଯ୍ୟ କରିଥିଲେ ?

ଉ : ରଜାକର ଏକ ସଶସ୍ତ୍ର ସଙ୍ଗଠନ ଯେଉଁ ସଙ୍ଗଠନ ଭାରତ ସହିତ ମିଶିବାକୁ ଚାହୁଁଥିବା ଜନସାଧାରଣଙ୍କୁ ନୃଶଂସ ଭାବରେ ହତ୍ୟା କଲେ ।

25. କିଏ ଥିଲେ ଦେଶୀୟ ରାଜ୍ୟ ମିଶ୍ରଣ କାର୍ଯ୍ୟର ପ୍ରଧାନ ଯୋଗସୂତ୍ର ?

ଉ : ଭାରତର ଗୃହ ସଚିବ ଭି.ପି.ମେନନ୍ ଥିଲେ ଦେଶୀୟ ରାଜ୍ୟ ମିଶ୍ରଣ କାର୍ଯ୍ୟର ପ୍ରଧାନ ଯୋଗସୂତ୍ର ।

26. ନେହେରୁ ଓ ପଟେଲ ଦେଶୀୟ ରାଜ୍ୟମାନଙ୍କ ଅଧିଗ୍ରହଣ ପ୍ରକ୍ରିୟାକୁ ସ୍ଥଗିତ ରଖିବାକୁ ଚାହୁଁଥିବା ସମୟରେ କେଉଁ ଘଟଣା ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥିଲା ?

ଉ : (ନିଜେ ଚେଷ୍ଟା କର)

27. ଦକ୍ଷିଣରେ ଥିବା ୬୬ଟି ଦେଶୀୟ ରାଜ୍ୟ କେବେ ବମ୍ବେ ପ୍ରଦେଶ ସହ ମିଶିଗଲା ?

ଉ : ୧୯୪୮ ମସିହାରେ ଦକ୍ଷିଣରେ ଥିବା ୬୬ଟି ଦେଶୀୟ ରାଜ୍ୟ ବମ୍ବେ ପ୍ରଦେଶରେ ମିଶିଯାଇଥିଲା ।

28. ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ସୌରାଷ୍ଟ୍ର ଦେଶୀୟ ରାଜ୍ୟ ସଂଘ ଗଠନ କେଉଁ ରାଜ୍ୟମାନଙ୍କୁ ନେଇ ଗଠନ କରିଥିଲେ ?

ଉ : ୧୯୪୮ ମସିହା ଜାନୁଆରୀ ମାସରେ କଟିହାର ଉପଦ୍ୱୀପର ଦୁଇଶହ ବାଇଶଟି ରାଜ୍ୟକୁ ମିଶାଇ ସୌରାଷ୍ଟ୍ର ଦେଶୀୟ ରାଜ୍ୟ ସଂଘ ଗଠନ କରିଥିଲେ ।

29. କେଉଁ ରାଜ୍ୟମାନଙ୍କୁ ନେଇ ପୂର୍ବ ପଞ୍ଜାବ ରାଜ୍ୟ ସଂଘ ପ୍ରତିଷ୍ଠା ହେଲା ?

ଉ : ୧୯୪୮ ଜୁଲାଇରେ ପଟିଆଲା, କୁପୁରତାଲା, ହିନ୍ଦ, ନାଭା, ଫରିଦକୋଟ, ମାଲେର, କୋଟ, ନଲାରଗଡ଼ ଓ କଲସିଆକୁ ନେଇ ପୂର୍ବ ପଞ୍ଜାବର ରାଜ୍ୟସଭା ପ୍ରତିଷ୍ଠା ହେଲା ।

30. କାହାଙ୍କୁ ଓ କାହିଁକି 'ଲୌହ ମାନବ'ର ଆଖ୍ୟା ଦିଆଯାଇଛି ?

ଉ : ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ବଳିଷ୍ଠ ନେତୃତ୍ୱ ଓ ଦୃଢ଼ ବ୍ୟକ୍ତିତ୍ୱ ଯୋଗୁଁ ଦେଶୀୟ ରାଜ୍ୟଗୁଡ଼ିକ ଭାରତ ସହ ମିଶ୍ରଣ ଯୋଗୁଁ ତାଙ୍କୁ 'ଲୌହ ମାନବ'ର ଆଖ୍ୟା ଦିଆଯାଇଛି ।

# ଦ୍ୱିତୀୟ ପାଠ : ଓଡ଼ିଶା ସହିତ ଗଡ଼ଜାତ ରାଜ୍ୟମାନଙ୍କର ମିଶ୍ରଣ

## ବସ୍ତୁନିଷ୍ଠ ପ୍ରଶ୍ନୋତ୍ତର (MCQ)

1. କିଏ ଓଡ଼ିଶା ଗଡ଼ଜାତ ପ୍ରଜା ସମ୍ମିଳନୀରେ ପ୍ରଥମ ଅଧିବେଶନରେ ସଭାପତିତ୍ୱ କରିଥିଲେ ?

(A) ପଟ୍ଟାଭି ସୀତାରାମେୟା (B) ଭୁବନାନନ୍ଦ ଦାସ

(C) ସାରଙ୍ଗଧର ଦାସ (D) ହରେକୃଷ୍ଣ ମହତାବ

2. ୧୯୪୯ ଜାନୁଆରୀ ୧ ତାରିଖରେ କେଉଁ ଗଡ଼ଜାତ ଓଡ଼ିଶା ରାଜ୍ୟ ସହିତ ମିଶିଥିଲା ?

(A) ନୀଳଗିରି (B) ମୟୂରଭଞ୍ଜ

(C) କଳାହାଣ୍ଡି (D) କେନ୍ଦୁଝର

3. କେଉଁଟି ନୂତନ ଓଡ଼ିଶା ପ୍ରଦେଶର ଜିଲ୍ଲା ନଥିଲା ?

(A) ସମ୍ବଲପୁର (B) ଗଞ୍ଜାମ

(C) ଅନୁଗୁଳ (D) କୋରାପୁଟ

4. ଉତ୍କଳ ସଭା କେବେ ଗଠିତ ହୋଇଥିଲା ?

(A) ୧୮୬୭ (B) ୧୮୮୨

(C) ୧୮୮୫ (D) ୧୯୦୩

5. ସ୍ୱାଧୀନ ଭାରତ ସହ ପ୍ରଥମେ କେଉଁ ଦେଶୀୟ ରାଜ୍ୟର ମିଶ୍ରଣ ଘଟିଥିଲା ?

(A) ଭୋପାଳ (B) କୁଚବିହାର

(C) କାଶ୍ମୀର (D) ନୀଳଗିରି

6. କେବଳ ହାଇଦ୍ରାବାଦର ନିଜାମ ମିଳନ ପତ୍ରରେ ସ୍ୱାକ୍ଷର କରିଥିଲେ ?

(A) ନଭେମ୍ବର ୧୯୪୯ (B) ସେପ୍ଟେମ୍ବର ୧୯୪୮

(C) ମାର୍ଚ୍ଚ ୧୯୪୮ (D) ଜୁଲାଇ ୧୯୪୭

7. ମିଶ୍ରଣ ପୂର୍ବରୁ ଓଡ଼ିଶାରେ ଗଡ଼ଜାତ ସଂଖ୍ୟା କେତେ ଥିଲା ?

(A) ୨୪ (B) ୨୫

(C) ୨୬ (D) ୨୭

8. ନିମ୍ନୋକ୍ତ ମଧ୍ୟରୁ କେଉଁଟି ପ୍ରଜାମାରଣ ପ୍ରଥା ନୁହେଁ ?

(A) ବେଠି (B) ବେଗାରୀ

(C) ଭଗାରୀ (D) ମାଗଣ

9. କେଉଁମାନଙ୍କ ଦ୍ୱାରା 'ପୂର୍ବାଞ୍ଚଳ ଗଡ଼ଜାତ ସଂଘ' ଗଠିତ ହୋଇଥିଲା ?

(A) ପୂର୍ବାଞ୍ଚଳ ଗଡ଼ଜାତ ରାଜାମାନଙ୍କ ଦ୍ୱାରା (B) 'କ' ଶ୍ରେଣୀ ଗଡ଼ଜାତ ରାଜାମାନଙ୍କ ଦ୍ୱାରା

(C) ଦେଶୀୟ ଓ ଗଡ଼ଜାତ ରାଜାମାନଙ୍କ ଦ୍ୱାରା (D) ଓଡ଼ିଶା ଓ ଛତିଶଗଡ଼ର ଅଣଚାଳିଶିଟି ଦେଶୀୟ ରାଜାଙ୍କ ଦ୍ୱାରା

10. 'ଦଶହରା ଭେଟି' ପୁସ୍ତକର ଲେଖକ କିଏ ଥିଲେ ?

(A) କାହ୍ନୁଚରଣ ମହାନ୍ତି (B) ଘନଶ୍ୟାମ ମହାନ୍ତି

(C) ନାରଣ ମହାନ୍ତି (D) କଳ୍ପତରୁ ମହାନ୍ତି

11. ଓଡ଼ିଶାର ଗଡ଼ଜାତରେ ଚାଲୁଥିବା କୁଶାସନ, ଘୋଷଣ, ଅତ୍ୟାଚାର ବିରୋଧରେ ଗଡ଼ଜାତ ପ୍ରଜାମାନେ କେବେ ସ୍ୱର ଉତ୍ତୋଳନ କରିବା ଆରମ୍ଭ କରିଥିଲେ ?

(A) ୧୯୨୦ (B) ୧୯୨୧

(C) ୧୯୨୨ (D) ୧୯୨୩

12. ପ୍ରଜା ସମ୍ମିଳନୀର ଦ୍ୱିତୀୟ ଅଧିବେଶନ କେଉଁଠାରେ ବସିଥିଲା ?

(A) ବାଲେଶ୍ୱର (B) କଟକ

(C) ପୁରୀ (D) ଗଞ୍ଜାମ

13. ନୀଳଗିରି ପ୍ରଜାମଣ୍ଡଳ ଗଠନ କରିବାରେ ମୁଖ୍ୟ କିଏ ଥିଲେ ?

(A) ସାରଙ୍ଗଧର ଦାସ (B) ଗଙ୍ଗାଧର ମିଶ୍ର

(C) ମୁରଲୀଧର ପଣ୍ଡା (D) ଗଦାଧର ପଟ୍ଟନାୟକ

14. କେଉଁ ସ୍ଥାନରେ ପ୍ରଜା ଆନ୍ଦୋଳନ ବିରାଟ ଆକାର ଧାରଣ କରିଥିଲା ?

(A) ତାଳଚେର (B) ରଣପୁର

(C) ଗାଙ୍ଗପୁର (D) ଢେଙ୍କାନାଳ

15. ଓଡ଼ିଶା ଗଡ଼ଜାତ ତଦନ୍ତ କମିଟିକୁ କେବେ ପୁନର୍ଗଠିତ କରାଯାଇଥିଲା ?

(A) ୧୯୩୭ (B) ୧୯୩୬

(C) ୧୯୩୮ (D) ୧୯୩୫

16. ଗଡ଼ଜାତ ଶାସନ ବ୍ୟବସ୍ଥାକୁ ସୁଧାରିବା ପାଇଁ କାହାର ହସ୍ତକ୍ଷେପ ଲୋଡ଼ାଯାଇଥିଲା ?

(A) ରାଜ୍ୟପାଳ (B) ପ୍ରଧାନମନ୍ତ୍ରୀ

(C) ପ୍ରାଦେଶିକ ସରକାର (D) ଗଡ଼ଜାତ ସମ୍ମିଳନୀ

17. ପଡ଼ୋଶୀ ଛତିଶଗଡ଼ ରାଜ୍ୟ କେଉଁ ପ୍ରଜାମଣ୍ଡଳ ସମ୍ମିଳନୀରେ ଯୋଗ ଦେଇଥିଲା ?

(A) କଟକ (B) ସମ୍ବଲପୁର

(C) ଢ଼େଙ୍କାନାଳ (D) ରଣପୁର

18. ନିମ୍ନଲିଖିତ ମଧ୍ୟରୁ ପ୍ରଜାମାନେ ଗଡ଼ଜାତ ରାଜ୍ୟରେ ପ୍ରଚଳିତ ପ୍ରଥା ଅନୁସାରେ ରାଜାଙ୍କୁ କ'ଣ ଦେଉନଥିଲେ ?

(A) ଶ୍ରମଦାନ (B) ଭୂଦାନ

(C) ଅର୍ଥଦାନ (D) ଦ୍ରବ୍ୟଦାନ

19. ଭାରତ ସରକାର କେବେ ଷଢ଼େଇକଳା ଓ ଖରସୁଆଁ ଗଡ଼ଜାତକୁ ଓଡ଼ିଶାରୁ କାଢ଼ିନେଇ ବିହାରରେ ମିଶାଇ ଦେଇଥିଲେ ?

(A) ୧୯୪୮ ମେ ୧୮ (B) ୧୯୪୮ ଜାନୁଆରୀ ୭

(C) ୧୯୪୭ ଅଗଷ୍ଟ ୧୫ (D) ୧୯୪୯ ଜାନୁଆରୀ ୧

20. କଟକଠାରେ ୧୯୩୭ ଜୁନ ୨୩ରେ ପ୍ରଜା ସମ୍ମିଳନୀରେ ଦ୍ୱିତୀୟ ଅଧିବେଶନରେ ନିମ୍ନୋକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ କିଏ ସଭାପତିତ୍ୱ କରିଥିଲେ ?

(A) ପଟ୍ଟାଭି ସୀତାରାମେୟା (B) ଭୁବନାନନ୍ଦ ଦାସ

(C) ହରେକୃଷ୍ଣ ମହତାବ (D) ସାରଙ୍ଗଧର ଦାସ

21. ଗଡ଼ଜାତ ମିଶ୍ରଣ ପ୍ରସ୍ତାବର ବିରୋଧ କରି କଳାହାଣ୍ଡିର ମହାରାଜା କାହାକୁ 'ପର୍ଶୁରାମ' ଆଖ୍ୟା ଦେଇଥିଲେ ?

(A) ସର୍ଦ୍ଦାର ପଟେଲ (B) ପଟ୍ଟାଭି ସୀତାରାମେୟା

(C) ସାରଙ୍ଗଧର ଦାସ (D) ହରେକୃଷ୍ଣ ମହତାବ

22. କେଉଁ ଗଡ଼ଜାତର ରାଜା କଟକ ସମ୍ମିଳନୀ ସମୟରେ ମିଶ୍ରଣ ଚୁକ୍ତିପତ୍ରରେ ସ୍ୱାକ୍ଷର କରିନଥିଲେ ?

(A) ଷଢ଼େଇକଳା (B) ଖରସୁଆଁ

(C) ମୟୂରଭଞ୍ଜ (D) କଳାହାଣ୍ଡି

23. ହରେକୃଷ୍ଣ ମହତାବଙ୍କ ଅନୁପସ୍ଥିତିରେ ନୀଳଗିରିକୁ ଦଖଲ କରିବା କାର୍ଯ୍ୟ କିଏ ପରିଚାଳନା କରିଥିଲେ ?

(A) ସାରଙ୍ଗଦର ଦାସ (B) ଭୁବନାନନ୍ଦ ଦାସ

(C) ନବକୃଷ୍ଣ ଚୌଧୁରୀ (D) ନୀଳକଣ୍ଠ ଦାସ

24. ଗଡ଼ଜାତ ମିଶ୍ରଣ ପରେ ଓଡ଼ିଶା ବିଧାନସଭାର ସଭ୍ୟସଂଖ୍ୟା ୬୦ରୁ ବଢ଼ି କେତେ ହେଲା ?

(A) ୯୦ (B) ୯୧

(C) ୯୨ (D) ୯୩

25. ହରେକୃଷ୍ଣ ମହତାବ କେବେ ଷ୍ଟଫୋର୍ଡ଼ କ୍ରିପସଙ୍କୁ ସାକ୍ଷାତ କରିଥିଲେ ?

(A) ୧୯୪୦ (B) ୧୯୪୨

(C) ୧୯୪୪ (D) ୧୯୪୫

26. ଗଡ଼ଜାତ ରାଜାମାନଙ୍କର ରାସ୍ତା, ରାଜପ୍ରାସାଦ ପ୍ରଭୃତି ନିର୍ମାଣ ପାଇଁ ପ୍ରଜାମାନେ ବିନା ପାରିଶ୍ରମିକରେ କରୁଥିବା ଶ୍ରମଦାନକୁ କ'ଣ କୁହାଯାଉଥିଲା ?

(A) ବେଠି (B) ବେଗାରୀ

(C) ଭେଟି (D) ମାଗଣ

27. ଗଡ଼ଜାତମାନଙ୍କରେ ଗୋଟିଏ ଶିବିରରୁ ଅନ୍ୟ ଶିବିରରୁ ରାଜା ବା ରାଜକର୍ମଚାରୀମାନଙ୍କୁ ବିନା ପାଉଣାରେ ପାଲିଙ୍କି ବା ସବାରୀରେ ବୋହିବା ପ୍ରଥାକୁ କ'ଣ କୁହାଯାଉଥିଲା ?

(A) ବେଠି (B) ବେଗାରୀ

(C) ରସଦ (D) ମାଗଣ

28. ରାଜକୀୟ ବିବାହ ଓ ଅନ୍ୟାନ୍ୟ ଉତ୍ସବ ସମୟରେ ପ୍ରଜାମାନେ ଅର୍ଥ ଓ ଦ୍ରବ୍ୟ ଆକାରରେ ଉପହାର ଦେବା ପ୍ରଥାକୁ କ'ଣ କୁହାଯାଉଥିଲା ?

(A) ବେଠି (B) ବେଗାରୀ

(C) ରସଦ (D) ମାଗଣ

29. ଗଡ଼ଜାତ ରାଜା ଓ କର୍ମଚାରୀମାନଙ୍କ ମଫସଲ ଗସ୍ତ ସମୟରେ ସେମାନଙ୍କ ଶିବିରରେ ମାଗଣା ଖାଦ୍ୟପେୟର ବନ୍ଦୋବସ୍ତ କରିବା ପ୍ରଥାକୁ କ'ଣ କୁହାଯାଉଥିଲା ?

(A) ବେଠି (B) ଭେଟି

(C) ରସଦ (D) ମାଗଣ

30. ଗଡ଼ଜାତ ରାଜ୍ୟମାନଙ୍କରେ ଚାଲିଥିବା କୁଶାସନ ବିରୁଦ୍ଧରେ ସର୍ବପ୍ରଥମେ କେଉଁ ରାଜ୍ୟରେ ପ୍ରଜା ଆନ୍ଦୋଳନ ଆରମ୍ଭ ହୋଇଥିଲା ?

(A) ଢେଙ୍କାନାଳ (B) ବୌଦ

(C) ତାଳଚେର (D) ନୀଳଗିରି

31. ହରେକୃଷ୍ଣ ମହତାବ ଗଡ଼ଜାତ ରାଜାମାନଙ୍କୁ ଗଡ଼ଜାତ ମିଶ୍ରଣ ଆଭିମୁଖ୍ୟ ନେଇ କେବେ ଦୁଇଥର ଚିଠି ଲେଖିଥିଲେ ?

(A) ୧୯୪୬ ଜାନୁଆରୀ ୩ ଓ ମାର୍ଚ୍ଚ ୨୬ ତାରିଖ (B) ୧୯୪୬ ମେ ୪ ଓ ଜୁନ ୨୪ ତାରିଖ

(C) ୧୯୪୬ ମେ ୧୦ ଓ ଜୁନ ୨୯ ତାରିଖ (D) ୧୯୪୭ ଏପ୍ରିଲ ୧୦ ଓ ଏପ୍ରିଲ ୨୯ ତାରିଖ

32. ୧୯୩୮ ମସିହାରେ କାହା ନେତୃତ୍ୱରେ ନୀଳଗିରିରେ ପ୍ରଜାମଣ୍ଡଳ ଗଠିତ ହୋଇଥିଲା ?

(A) ମଧୁସୂଦନ ଦାସ (B) ଭୁବନାନନ୍ଦ ଦାସ

(C) ହରେକୃଷ୍ଣ ମହତାବ (D) ସାରଙ୍ଗଧର ଦାସ

33. ଓଡ଼ିଶାର ଗଡ଼ଜାତମାନଙ୍କର ଶାସନ ବ୍ୟବସ୍ଥା କାର୍ଯ୍ୟକାରିତାର ତଦନ୍ତ କରିବା ପାଇଁ ୧୯୩୮ ମସିହାରେ ଗଠିତ ତଦନ୍ତ କମିଟିର କିଏ ଅଧ୍ୟକ୍ଷ ରହିଥିଲେ ?

(A) ମଧୁସୂଦନ ଦାସ (B) ଭୁବନାନନ୍ଦ ଦାସ

(C) ହରେକୃଷ୍ଣ ମହତାବ (D) ସାରଙ୍ଗଧର ଦାସ

34. ଗଡ଼ଜାତ ରାଜ୍ୟମାନଙ୍କରେ ପର୍ବପର୍ବାଣି ବା ବିବାହ ସମୟରେ ରାଜଉଆସକୁ ଉପହାର ପଠାଇବା ପ୍ରଥାକୁ କ'ଣ କୁହାଯାଉଥିଲା ?

(A) ଭେଟି (B) ବେଠି

(C) ରସଦ (D) ମାଗଣ

35. ଭାରତ ସରକାର କେବେ ୨୪ଟି ଗଡ଼ଜାତ ରାଜ୍ୟର ଶାସନଭାର ଓଡ଼ିଶାର ପ୍ରାଦେଶିକ ସରକାରଙ୍କୁ ହସ୍ତାନ୍ତର କଲେ ?

(A) ୧୯୪୬ ଜାନୁଆରୀ ୨୬ (B) ୧୯୪୭ ଅଗଷ୍ଟ ୧୫

(C) ୧୯୪୭ ଡିସେମ୍ବର ୧୩ (D) ୧୯୪୮ ଜାନୁଆରୀ ୧

36. ଓଡ଼ିଶା ସରକାର କେବେ ନୀଳଗିରି ରାଜ୍ୟକୁ ଦଖଲ କରିଥିଲେ ?

(A) ୧୯୪୭ ଅଗଷ୍ଟ ୧୫ (B) ୧୯୪୭ ଅଗଷ୍ଟ ୧୪

(C) ୧୯୪୭ ନଭେମ୍ବର ୧୪ (D) ୧୯୪୭ ଜାନୁଆରୀ ୨୬

37. ୧୯୪୯ ମସିହା ଅକ୍ଟୋବର ୧୦ ତାରିଖରେ ଓଡ଼ିଶା ବିଧାନସଭାର ଅଧିବେଶନ କେଉଁଠାରେ ଅନୁଷ୍ଠିତ ହୋଇଥିଲା ?

(A) କଟକ (B) ଭୁବନେଶ୍ୱର

(C) ପୁରୀ (D) ବ୍ରହ୍ମପୁର

38. ୧୯୪୭ ଡିସେମ୍ବର ୧୩ ତାରିଖରେ ସର୍ଦ୍ଦାର ପଟେଲ, ଭି.ପି.ମେନନ ଅନ୍ୟ କେତେକ କେନ୍ଦ୍ର ସରକାରଙ୍କ ଉଚ୍ଚପଦସ୍ଥ ଅଫିସର ପ୍ରଥମେ ଓଡ଼ିଶାର କେଉଁ ସ୍ଥାନରେ ପହଞ୍ଚିଥିଲେ ?

(A) କଟକ (B) ଭୁବନେଶ୍ୱର

(C) ନୀଳଗିରି (D) ତାଳଚେର

39. ଦେଶୀୟ ରାଜ୍ୟ ମିଶ୍ରଣ ଚୁକ୍ତିରେ କାହାର ସ୍ୱାକ୍ଷର ପାଇଁ ପଟେଲଙ୍କ ସ୍ୱତନ୍ତ୍ର ଟ୍ରେନଟି କଟକ ରେଳଷ୍ଟେସନରେ ଘଣ୍ଟାଏ ଅପେକ୍ଷା କରିଥିଲା ?

(A) ନୀଳଗିରି ରାଜାଙ୍କର (B) ମୟୂରଭଞ୍ଜ ରାଜାଙ୍କର

(C) ଢେଙ୍କାନାଳ ରାଜାଙ୍କର (D) କଳାହାଣ୍ଡି ରାଜାଙ୍କର

40. ନିମ୍ନୋକ୍ତ ରାଜ୍ୟମାନଙ୍କ ମଧ୍ୟରୁ କେଉଁଟି 'ଖ' ଶ୍ରେଣୀଭୁକ୍ତ ରାଜ୍ୟ ଥିଲା ?

(A) କେନ୍ଦୁଝର (B) କଳାହାଣ୍ଡି

(C) ନୟାଗଡ଼ (D) ଖଣ୍ଡପଡ଼ା

41. ଓଡ଼ିଶାର ଗଡ଼ଜାତ ରାଜ୍ୟଗୁଡ଼ିକ କେବେ ଓଡ଼ିଶା ପ୍ରଦେଶ ସହିତ ମିଶିଗଲା ?

(A) ୧୯୪୮ ଜାନୁଆରୀ ୧ (B) ୧୯୪୭ ଅଗଷ୍ଟ ୧୫

(C) ୧୯୪୮ ଅଗଷ୍ଟ ୧୫ (D) ୧୯୪୮ ନଭେମ୍ବର ୧୪

42. ଓଡ଼ିଶାର ମୋଟ ୨୬ଟି ଗଡ଼ଜାତ ରାଜ୍ୟ ମଧ୍ୟରୁ କେତୋଟି ଗଡ଼ଜାତ ଓଡ଼ିଶା ପ୍ରଦେଶ ସହିତ ମିଶିଥିଲେ ?

(A) ୨୦ (B) ୨୨

(C) ୨୪ (D) ୨୫

43. ମୟୂରଭଞ୍ଜ ଗଡ଼ଜାତ ରାଜ୍ୟ କେବେ ଓଡ଼ିଶା ପ୍ରଦେଶ ସହିତ ମିଶିଥିଲା ?

(A) ୧୯୪୯ ଜାନୁଆରୀ ୧ (B) ୧୯୪୮ ଅଗଷ୍ଟ ୧

(C) ୧୯୪୯ ଅଗଷ୍ଟ ୧୫ (D) ୧୯୪୮ ଅଗଷ୍ଟ ୧୫

44. ଗଡ଼ଜାତ ରାଜ୍ୟଗୁଡ଼ିକର ମିଶ୍ରଣ ପରେ ଓଡ଼ିଶା ବିଧାନସଭାର ଅଧିବେଶନ ନୂତନ ରାଜଧାନୀ ଭୁବନେଶ୍ୱରରେ କେବେ ଅନୁଷ୍ଠିତ ହୋଇଥିଲା ?

(A) ୧୯୪୮ ଜାନୁଆରୀ ୧ (B) ୧୯୪୯ ଜାନୁଆରୀ ୧

(C) ୧୯୪୯ ଅକ୍ଟୋବର ୧୦ (D) ୧୯୪୯ ଅଗଷ୍ଟ ୧୫

45. ଗଡ଼ଜାତ ରାଜ୍ୟଗୁଡ଼ିକର ମିଶ୍ରଣ ପରେ ଓଡ଼ିଶାର ଜିଲ୍ଲା ସଂଖ୍ୟା ବୃଦ୍ଧି ପାଇ କେତେ ହୋଇଥିଲା ?

(A) ୧୩ (B) ୧୫

(C) ୨୨ (D) ୩୦

46. ନିମ୍ନୋକ୍ତ କେଉଁଟି 'କ' ଶ୍ରେଣୀଭୁକ୍ତ ରାଜ୍ୟ ଥିଲା ?

(A) ଆଠଗଡ଼ (B) ଆଠମଲ୍ଲିକ

(C) ଢେଙ୍କାନାଳ (D) ଖରସୁଆଁ

47. ନିମ୍ନଲିଖିତ ମଧ୍ୟରୁ କେଉଁଟି 'ଗ' ଶ୍ରେଣୀଭୁକ୍ତ ଗଡ଼ଜାତ ରାଜ୍ୟ ଥିଲା ?

(A) ପାଲଲହଡ଼ା (B) କେନ୍ଦୁଝର

(C) ବଡ଼ମ୍ବା (D) ହିନ୍ଦୋଳ

48. ଢେଙ୍କାନାଳରେ ପ୍ରଜା ଆନ୍ଦୋଳନ କେବେ ଆରମ୍ଭ ହୋଇଥିଲା ?

(A) ୧୯୨୦ ମସିହା (B) ୧୯୨୧ ମସିହା

(C) ୧୯୨୨ ମସିହା (D) ୧୯୨୩ ମସିହା

49. କେବେ ନୀଳଗିରିରେ ପ୍ରଜା ବିଦ୍ରୋହ ଆରମ୍ଭ ହୋଇଥିଲା ?

(A) ୧୯୨୭ ମସିହା (B) ୧୯୨୮ ମସିହା

(C) ୧୯୨୯ ମସିହା (D) ୧୯୩୦ ମସିହା

50. କେବେ ବୌଦରେ ପ୍ରଜା ଆନ୍ଦୋଳନ ଆରମ୍ଭ ହୋଇଥିଲା ?

(A) ୧୯୩୦ ମସିହା (B) ୧୯୩୧ ମସିହା

(C) ୧୯୩୨ ମସିହା (D) ୧୯୩୩ ମସିହା

51. କେବେ ଢେଙ୍କାନାଳରେ ପ୍ରଜାମଣ୍ଡଳ ଆନ୍ଦୋଳନ ଆରମ୍ଭ ହେଲା ?

(A) ୧୯୩୮ ମସିହା (B) ୧୯୩୯ ମସିହା

(C) ୧୯୪୦ ମସିହା (D) ୧୯୪୧ ମସିହା

52. ଓଡ଼ିଶାର ଦେଶୀୟ ରାଜ୍ୟ ବା ଗଡ଼ଜାତଗୁଡ଼ିକୁ କେଉଁ ଦୃଷ୍ଟିରୁ ତିନି ଶ୍ରେଣୀରେ ବିଭକ୍ତ କରାଯାଇଥିଲା ?

(A) ଆୟତନ ଦୃଷ୍ଟିରୁ (B) ଜନସଂଖ୍ୟା ଦୃଷ୍ଟିରୁ

(C) ପ୍ରଶାସନିକ ଦୃଷ୍ଟିରୁ (D) ଅର୍ଥନୈତିକ ଦୃଷ୍ଟିରୁ

53. ଗଡ଼ଜାତଗୁଡ଼ିକୁ ସାମିଲ କରି ଓଡ଼ିଶାର ଜିଲ୍ଲାଗୁଡ଼ିକୁ ପୁନର୍ଗଠନ କରି କେତୋଟି ଜିଲ୍ଲା ସୃଷ୍ଟି କରାଯାଇଥିଲା ?

(A) ୧୦ (B) ୧୧

(C) ୧୨ (D) ୧୩

54. ନିମ୍ନଲିଖିତ ମଧ୍ୟରୁ କେଉଁଟି 'କ' ଶ୍ରେଣୀଭୁକ୍ତ ରାଜ୍ୟ ଥିଲା ?

(A) ପାଲଲହଡ଼ା (B) ତିଗିରିଆ

(C) ଦଶପଲ୍ଲା (D) ନୟାଗଡ଼

55. ପଟେଲ ଓ ଭି.ପି ମେନନ କଟକ ସମ୍ମିଳନୀରେ ଯୋଗଦେବା ପାଇଁ ୧୯୪୭ ଡିସେମ୍ବର ୧୩ରେ କେଉଁଠାରେ ପହଞ୍ଚିଥିଲେ ?

(A) କଟକ (B) ଭୁବନେଶ୍ୱର

(C) ବାଲେଶ୍ୱର (D) ପୁରୀ

56. ମହତାବଙ୍କୁ କିଏ 'ପର୍ଶୁରାମ' ଆଖ୍ୟା ଦେଇଥିଲେ ?

(A) ଆଠଗଡ଼ର ମହାରାଜା (B) ଢେଙ୍କାନାଳର ମହାରାଜା

(C) ନୀଳଗିରିର ମହାରାଜା (D) କଳାହାଣ୍ଡିର ମହାରାଜା

57. ନିମ୍ନଲିଖିତ ମଧ୍ୟରୁ କିଏ ପୁନର୍ଗଠିତ ଗଡ଼ଜାତ ତଦନ୍ତ କମିଟିର ସମ୍ପାଦକ ଥିଲେ ?

(A) ସାରଙ୍ଗଧର ଦାସ (B) ହରେକୃଷ୍ଣ ମହତାବ

(C) ବଳବନ୍ତରାୟ ମେହେଟ୍ଟା (D) ଭୁବନାନନ୍ଦ ଦାସ

58. ପୁନର୍ଗଠିତ ଗଡ଼ଜାତ ତଦନ୍ତ କମିଟି କେବେ ତା'ର ବିବରଣୀ ପ୍ରକାଶ କଲା ?

(A) ୧୯୩୮ (B) ୧୯୩୯

(C) ୧୯୪୦ (D) ୧୯୪୨

## ଉତ୍ତର

1. (B), 2. (B), 3. (C), 4. (B), 5. (D), 6. (A), 7. (C), 8. (C), 9. (D), 10. (B), 11. (C), 12. (B), 13. (A), 14. (C), 15. (C), 16. (C), 17. (A), 18. (B), 19. (A), 20. (A), 21. (D), 22. (C), 23. (C), 24. (B), 25. (B), 26. (A), 27. (B), 28. (D), 29. (C), 30. (A), 31. (C), 32. (D), 33. (C), 34. (A), 35. (C), 36. (C), 37. (C), 38. (B), 39. (D), 40. (D), 41. (A), 42. (C), 43. (A), 44. (C), 45. (A), 46. (C), 47. (B), 48. (C), 49. (B), 50. (A), 51. (A), 52. (A), 53. (D), 54. (D), 55. (B), 56. (D), 57. (A), 58. (B)

# ଦୀର୍ଘ ଉତ୍ତରମୂଳକ ପ୍ରଶ୍ନୋତ୍ତର

1. ଦେଶୀୟ ରାଜ୍ୟମାନଙ୍କରେ କେଉଁ ସବୁ ପ୍ରଥାର ପ୍ରଚଳନ ଥିଲା ?

ଉ : i. ଦେଶୀୟ ରାଜ୍ୟମାନଙ୍କରେ ବେଠି, ବେଗାରୀ, ମାଗଣ, ରସଦ ଓ ଭେଟି ପ୍ରଭୃତି ପ୍ରଥାର ପ୍ରଚଳନ ଥିଲା ।

ii. ରାସ୍ତା, ରାଜପ୍ରାସାଦ ପ୍ରଭୃତି ନିର୍ମାଣ ପାଇଁ ପ୍ରଜାମାନେ ବିନା ପାରିଶ୍ରମିକରେ କରୁଥିବା ଶ୍ରମଦାନକୁ ବେଠି କୁହାଯାଉଥିଲା ।

iii. ଗୋଟିଏ ଶିବିରରୁ ଅନ୍ୟ ଶିବିରକୁ ରାଜା ବା ରାଜକର୍ମଚାରୀମାନଙ୍କୁ ବିନା ପାଉଣାରେ ପାଲିଙ୍କି ବା ସବାରୀରେ ବୋହିବା ପ୍ରଥାକୁ ବେଗାରୀ କୁହାଯାଉଥିଲା ।

iv. ରାଜକୀୟ ବିବାହ ଓ ଅନ୍ୟାନ୍ୟ ଉତ୍ସବ ସମୟରେ ପ୍ରଜାମାନେ ଅର୍ଥ ଓ ଦ୍ରବ୍ୟ ଆକାରରେ ଉପହାର ଦେୟ ପ୍ରଦାନ କରିବା ପ୍ରଥାକୁ ମାଗଣ କୁହାଯାଉଥିଲା ।

v. ରାଜା ଓ ରାଜକର୍ମଚାରୀମାନେ ମଫସଲ ଗସ୍ତ ସମୟରେ ସେମାନଙ୍କ ଶିବିରରେ ମାଗଣା ଖାଦ୍ୟପେୟର ବନ୍ଦୋବସ୍ତ କରିବା ପ୍ରଥାକୁ ରସଦ କୁହାଯାଉଥିଲା ।

vi. ପର୍ବପର୍ବାଣି ବା ବିବାହ ସମୟରେ ରାଜ ଉଆସକୁ ଉପହାର ପଠାଇବା ପ୍ରଥାକୁ ଭେଟି କୁହାଯାଉଥିଲା ।

2. କଟକ ସମ୍ମିଳନୀ ଉପରେ ଏକ ବିବରଣୀ ପ୍ରଦାନ କର ।

ଉ : i. କଟକ ସମ୍ମିଳନୀରେ ଯୋଗ ଦେବା ପାଇଁ ସର୍ଦ୍ଦାର ପଟେଲ ଓ ଭି.ପି.ମେନନ୍‌ଙ୍କ ସହିତ କେନ୍ଦ୍ର ସରକାରଙ୍କର କେତେକ ଉଚ୍ଚପଦସ୍ଥ ଅଫିସର ୧୯୪୭ ଡିସେମ୍ବର ୧୩ରେ ଭୁବନେଶ୍ୱର ପହଞ୍ଚିଥିଲେ ।

ii. ତହିଁ ଆରଦିନ କଟକର ରାଜଭବନରେ ଏହି ଐତିହାସିକ ସମ୍ମିଳନୀର ଅୟମାରମ୍ଭ ହେଲା ।

iii. ପ୍ରଥମେ 'ଖ' ଓ 'ଗ' ଶ୍ରେଣୀର ପନ୍ଦର ଜଣ ଗଡ଼ଜାତ ରାଜାଙ୍କ ମଧ୍ୟରୁ ବାର ଜଣ ଉପସ୍ଥିତ ଥିଲେ ।

iv. ଆଠମଲ୍ଲିକ, ବଣାଇ ଓ ତିଗିରିଆର ରାଜା ଏହି ସମ୍ମିଳନୀରେ ଯୋଗଦେଇନଥିଲେ ।

v. ସର୍ଦ୍ଦାର ପଟେଲ ଏହି ସମ୍ମିଳନୀରେ ତାଙ୍କ ଉଦଘାଟନୀ ଭାଷଣରେ ସ୍ପଷ୍ଟ କରିଦେଲେ ଯେ ଓଡ଼ିଶା ପ୍ରଦେଶ ସହିତ ଏହି ଶ୍ରେଣୀର ଗଡ଼ଜାତମାନଙ୍କୁ ମିଶିଯିବାକୁ ହେବ ।

3. ପ୍ରଜାମଣ୍ଡଳ ଆନ୍ଦୋଳନର ମୁଖ୍ୟ ଦାବିଗୁଡ଼ିକ କ'ଣ ଥିଲା ?

ଉ : i. ପ୍ରଜାମଣ୍ଡଳ ଆନ୍ଦୋଳନର ମୁଖ୍ୟ ଦାବିଗୁଡ଼ିକ ଥିଲା ବେଠି, ବେଗାରୀ, ରସଦ ଓ ଭେଟି ପ୍ରଭୃତି ଅନ୍ୟାୟ ପ୍ରଥାକୁ ବନ୍ଦ କରାଯିବା ।

ii. ପ୍ରଜାମାନଙ୍କୁ ଅଭିବ୍ୟକ୍ତିର ଅଧିକାର, ଗଣମାଧ୍ୟମର ସ୍ୱାଧୀନତା, ଅଧିକାର, ସଂଘ ଗଠନ କରିବାର ଅଧିକାର ପ୍ରଭୃତି ନାଗରିକ ମୌଳିକ ଅଧିକାର ପ୍ରଦାନ କରିବା ।

iii. ଚାଷ ଜମି ଉପରେ ରୟତର ଅଧିକାର ସମ୍ପର୍କିତ ସୃଷ୍ଟି ନିୟମ ପ୍ରଚଳନ କରିବା ।

iv. ଜଙ୍ଗଲଜାତ ଦ୍ରବ୍ୟର ସୁବିନିଯୋଗ ଓ ଆଦିବାସୀ ଜନଜାତିମାନଙ୍କୁ ଜଙ୍ଗଲଜାତ ଦ୍ରବ୍ୟ ଉପଯୋଗ କରିବାର ଅଧିକାର ପ୍ରଦାନ କରିବା ।

v. ଏକଚାଟିଆ ବାଣିଜ୍ୟ କାରବାରକୁ ବନ୍ଦ କରିବା ।

4. ୧୯୩୯ ମସିହାରେ ଗଠିତ ଓଡ଼ିଶା ଗଡ଼ଜାତ ତଦନ୍ତ କମିଟିର ବିବରଣୀ କେବେ ପ୍ରକାଶ କଲା ? ଏଥିରେ କେଉଁ ବିଷୟ ଉଲ୍ଲେଖ ଥିଲା ?

ଉ : i. ୧୯୩୯ ମସିହାରେ ଓଡ଼ିଶା ଗଡ଼ଜାତ ତଦନ୍ତ କମିଟି ତାଙ୍କର ବିବରଣୀ ପ୍ରକାଶ କରିଥିଲେ ।

ii. ଏହି ବିବରଣୀ ଗଡ଼ଜାତମାନଙ୍କରେ ଚାଲିଥିବା କୁଶାସନର ସ୍ପଷ୍ଟ ଚିତ୍ର ସ୍ଥାନ ପାଇଥିଲା ।

iii. ପ୍ରଜାମାନଙ୍କ ଦୁଃଖଦୁର୍ଦ୍ଦଶା ଓ ଗଡ଼ଜାତମାନଙ୍କର ଅରାଜକତା ବିଷୟରେ କମିଟି ତାଙ୍କ ବିବରଣୀରେ ଉଲ୍ଲେଖ କରିଥିଲେ ।

iv. ଗଡ଼ଜାତ ବିଧି ବ୍ୟବସ୍ଥାର ପୁନଃପ୍ରଚଳନ ଓ ପ୍ରଜାମାନଙ୍କ ଦୁଃଖ ଲାଘବ ନିମନ୍ତେ କମିଟି କେତୋଟି ପ୍ରସ୍ତାବ ମଧ୍ୟ ଦେଇଥିଲା ।

v. ଗଡ଼ଜାତ ଶାସନ ଉପରେ ଅଧୀକ୍ଷଣ କ୍ଷମତା ବ୍ରିଟିଶ ରାଜପ୍ରତିନିଧିଙ୍କ ହାତରୁ ଆଣି ଓଡ଼ିଶା ସରକାରଙ୍କ ହାତରେ ନ୍ୟସ୍ତ କରାଯିବା କଥା କମିଟିର ମୁଖ୍ୟ ପ୍ରସ୍ତାବ ଥିଲା ।

5. ନୀଳଗିରି କିପରି ଓଡ଼ିଶାରେ ମିଶିଲା ?

କିମ୍ବା : କେଉଁ ପରିସ୍ଥିତିରେ ନୀଳଗିରିକୁ ଓଡ଼ିଶା ସରକାର ଦଖଲ କରି ମିଶ୍ରଣ ପ୍ରକ୍ରିୟାର ଅୟମାରମ୍ଭ କରିଥିଲେ ?

ଉ : i. ନୀଳଗିରିରେ ପ୍ରଜାମଣ୍ଡଳ ସକ୍ରିୟ ଥିଲା । ପ୍ରଜା ଆନ୍ଦୋଳନକୁ ଦମନ କରିବା ପାଇଁ ନୀଳଗିରି ରାଜା ତାଙ୍କ ପୁଲିସବାହିନୀକୁ ଶକ୍ତିଶାଳୀ କଲେ । ବୁର୍ଖାମାନଙ୍କୁ ପୁଲିସବାହିନୀରେ ନିଯୁକ୍ତି ଦିଆଗଲା ।

ii. ପ୍ରଜାମଣ୍ଡଳ ଆନ୍ଦୋଳନରେ ଯୋଗଦାନ କରିଥିବା ଲୋକମାନଙ୍କର ଘରଦ୍ୱାର ପୋଡ଼ି ସେମାନଙ୍କର ଧନ ସମ୍ପତ୍ତି ଲୁଣ୍ଠନ କରିବାକୁ ନୀଳଗିରିର ରାଜା ସରଳ ଆଦିବାସୀମାନଙ୍କୁ ପ୍ରରୋଚିତ କରି ନିୟୋଜିତ କଲେ ।

iii. ନୀଳଗିରିର ଉଦବେଗଜନକ ଆଇନ୍ ଶୃଙ୍ଖଳା ସମ୍ପର୍କରେ ଓଡ଼ିଶା ସରକାର ଭାରତ ସରକାରଙ୍କୁ ଜଣାଇଲେ । ସେତେବେଳେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବ ଦିଲ୍ଲୀରେ ଥିଲେ । ସେ ବଲ୍ଲଭ ଭାଇ ପଟେଲଙ୍କ ସହ ବିଚାରବିମର୍ଶ କଲେ ।

iv. ଭାରତ ସରକାର ନିକଟସ୍ଥ ଜିଲ୍ଲା ମାଜିଷ୍ଟ୍ରେଟଙ୍କ ସହାୟତାରେ ନୀଳଗିରିକୁ ଦଖଲ କରିବାକୁ ଓଡ଼ିଶା ସରକାରଙ୍କୁ କ୍ଷମତା ପ୍ରଦାନ କଲେ ।

v. ଓଡ଼ିଶା ସରକାରରେ ମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ନୀଳଗିରି ଦଖଲ କାର୍ଯ୍ୟ ପରିଚାଳନା କରିଥିଲେ । ୧୯୪୭ ମସିହା ନଭେମ୍ବର ୧୪ ତାରିଖରେ ନୀଳଗିରିକୁ ଓଡ଼ିଶା ସରକାର ଦଖଲ କରିନେଲେ । ସେଠାରେ ଆଇନ୍ ଶୃଙ୍ଖଳା ପରିସ୍ଥିତି ସ୍ୱାଭାବିକ ହୋଇଯାଇଥିଲେ ।

6. ଓଡ଼ିଶା ସହିତ ଓଡ଼ିଆ ଭାଷାଭାଷୀ ଗଡ଼ଜାତଗୁଡ଼ିକ ମିଶାଇ ଦେବା ପାଇଁ ଭାରତ ସ୍ୱାଧୀନତା ପାଇବା ପୂର୍ବରୁ ମହତାବ କ'ଣ କରିଥିଲେ ?

ଉ : i. ଡ. ମହତାବ ୧୯୩୮ ମସିହାରେ ଗଠିତ ଓଡ଼ିଶା ଗଡ଼ଜାତ ତଦନ୍ତ କମିଟିର ଅଧ୍ୟକ୍ଷ ଥିଲେ ।

ସେ ତାଙ୍କ ପ୍ରସ୍ତାବରେ ଗଡ଼ଜାତ ଶାସନ ଉପରେ ଅଧୀକ୍ଷଣ କ୍ଷମତା ବ୍ରିଟିଶ୍ ପ୍ରତିନିଧିଙ୍କ ହାତରେ ଆଣି ଓଡ଼ିଶା ସରକାରଙ୍କ ହାତରେ ନ୍ୟସ୍ତ କରିବାକୁ ଅନୁରୋଧ କରିଥିଲେ ଏବଂ ଗଡ଼ଜାତଗୁଡ଼ିକ ଓଡ଼ିଶା ସହିତ ମିଶାଇ ଦେବାର ପ୍ରସ୍ତାବ ମଧ୍ୟ ଦେଇଥିଲେ ।

ii. ୧୯୩୯ ମସିହା ଅଗଷ୍ଟ ମାସରେ ଭାରତର ଭାଇସରାୟ ଲର୍ଡ଼ ଲିନଲିଥିଗୋଙ୍କୁ ସାକ୍ଷାତ କରି ସେ ଓଡ଼ିଶା ଗଡ଼ଜାତ ବ୍ୟବସ୍ଥା ସୁଧାରିବା ପାଇଁ ଓଡ଼ିଶାର ପ୍ରାଦେଶିକ ସରକାରଙ୍କ ହସ୍ତକ୍ଷେପ ଜରୁରୀ ବୋଲି ତାଙ୍କୁ ବୁଝାଇଥିଲେ ।

iii. ୧୯୪୨ ମସିହାରେ ସେ ସାର୍ ଷ୍ଟେଫୋର୍ଡ଼ କ୍ରିପସଙ୍କୁ ମଧ୍ୟ ସାକ୍ଷାତ କରିଥିଲେ । ୧୯୪୬ ମସିହା ଏପ୍ରିଲ ୬ତାରିଖରେ ଗଡ଼ଜାତ ମିଶ୍ରଣ ସପକ୍ଷରେ ଯୁକ୍ତି ବାଢ଼ିବା ପାଇଁ ସେ କ୍ୟାବିନେଟ୍ ମିଶନକୁ ସାକ୍ଷାତ କରିଥିଲେ ।

iv. ଓଡ଼ିଶା କଂଗ୍ରେସ କମିଟି ତରଫରୁ ଦିଆଯାଇଥିବା ସ୍ମାରକପତ୍ରରେ ଓଡ଼ିଆ ଭାଷା ଭାଷୀ ଛବିଶଟି ଗଡ଼ଜାତକୁ ଓଡ଼ିଶା ପ୍ରଦେଶ ସହିତ ସର୍ବାନ୍ତିକରଣରେ ମିଶାଇ ଦିଆଯିବା ପାଇଁ ଡ. ମହତାବ ଅକାଟ୍ୟ ଯୁକ୍ତି ଉପସ୍ଥାପନ କରିଥିଲେ ।

v. ଡ. ମହତାବ ଗଡ଼ଜାତ ରାଜାମାନଙ୍କ ପାଖକୁ ଉପରୋକ୍ତ ବିଷୟରେ ୧୯୪୬ ମସିହା ମେ ୧୦ ତାରିଖରେ ଓ ଜୁନ ୨୯ ତାରିଖରେ ଦୁଇଥର ଚିଠି ଲେଖିଥିଲେ ।

ଏହି ଭାବରେ ଡ. ମହତାବ ଭାରତ ସ୍ୱାଧୀନତା ପୂର୍ବରୁ ଗଡ଼ଜାତଗୁଡ଼ିକୁ ଓଡ଼ିଶା ସହିତ ମିଶାଇବା ପାଇଁ ବାରମ୍ବାର ରାଜନୈତିକ ଉଦ୍ୟମ ଜାରି ରଖିଥିଲେ ।

7. ଓଡ଼ିଶା ଗଡ଼ଜାତ ଗୁଡ଼ିକ କେଉଁ ଦୃଷ୍ଟିରୁ ଭାଗ ଭାଗ କରାଯାଇଥିଲା ? ସେଗୁଡ଼ିକର ନାମ ଉଲ୍ଲେଖ କର ?

ଉ : i. ଭୌଗୋଳିକ ଦୃଷ୍ଟିକୋଣରୁ ବ୍ରିଟିଶ ଓଡ଼ିଶା ସୀମା ସହିତ ମିଶି ରହିଥିବା ଓଡ଼ିଆ ଭାଷାଭାଷୀ ଗଡ଼ଜାତମାନଙ୍କୁ ଆୟତନ ଦୃଷ୍ଟିରୁ ତିନି ଭାଗରେ ବିଭକ୍ତ କରାଯାଇଥିଲା । ସେଗୁଡ଼ିକ ହେଲା-

'କ', 'ଖ' ଓ 'ଗ' ବିଭାଗ ।

ii. 'କ' ଶ୍ରେଣୀଭୁକ୍ତ ଗଡ଼ଜାତଗୁଡ଼ିକର ସଂଖ୍ୟା ଥିଲା ଏଗାର ।

ଯଥା- ୧. ଢେଙ୍କାନାଳ, ୨. କେନ୍ଦୁଝର, ୩. ମୟୂରଭଞ୍ଜ, ୪. ବାମଣ୍ଡା, ୫. ବୌଦ. ୬. ଗାଙ୍ଗପୁର, ୭. ପାଟଣା, ୮. କଳାହାଣ୍ଡି, ୯. ସୋନପୁର, ୧୦. ଷଢ଼େଇକଳା, ୧୧. ନୟାଗଡ଼

iii. 'ଖ' ଶ୍ରେଣୀଭୁକ୍ତ ଗଡ଼ଜାତ ଗୁଡ଼ିକ ହେଲେ- ୧. ଆଠଗଡ଼, ୨. ବଡ଼ମ୍ବା, ୩. ନରସିଂହପୁର, ୪. ଆଠମଲ୍ଲିକ, ୫. ହିନ୍ଦୋଳ, ୬. ଦଶପଲ୍ଲା, ୭. ଖଣ୍ଡପଡ଼ା, ୮. ଖରସୁଆଁ, ୯. ରେଢ଼ାଖୋଲ, ୧୦. ତାଳଚେର, ୧୧. ସମ୍ବଲପୁର, ୧୨. ନୀଳଗିରି ।

iv. 'ଗ' ଶ୍ରେଣୀଭୁକ୍ତ ଗଡ଼ଜାତ ହେଲେ- ୧. ପାଲଲହଡ଼ା, ୨. ତିଗିରିଆ, ୩. ରଣପୁର । ଏହିପରି ଭାବରେ ଓଡ଼ିଶା ସୀମାକୁ ଲାଗି ୨୬ଟି ଗଡ଼ଜାତ ରହିଥିଲା ।

8. ସ୍ୱାଧୀନତା ପୂର୍ବରୁ ଗଡ଼ଜାତଗୁଡ଼ିକର ଅବସ୍ଥା କିପରି ଥିଲା ?

ଉ : i. ସ୍ୱାଧୀନତା ପୂର୍ବରୁ ଅଧିକାଂଶ ଗଡ଼ଜାତର ଶାସନ ପଦ୍ଧତି ତଥା ଆଭ୍ୟନ୍ତରୀଣ ସାମାଜିକ ଓ ଅର୍ଥନୈତିକ ଅବସ୍ଥା ଅତ୍ୟନ୍ତ ଦୟନୀୟ ଥିଲା ।

ii. କୁଶାସନର ମାତ୍ରା ଏତେ ଅଧିକ ଥିଲା ଯେ ଗଡ଼ଜାତର ପ୍ରଜାମାନେ ଅତି ଦୁଃଖ ଓ ହତାଶ ଭିତରେ କାଳାତିପାତ କରୁଥିଲେ ।

iii. ପ୍ରଜାମାନଙ୍କର ନିଜସ୍ୱ ସମସ୍ୟା ଏତେ ଅଧିକ ଥିଲା ଯେ ଗଡ଼ଜାତ ପରିଧି ବାହାରେ ଚାଲୁଥିବା ସ୍ୱାଧୀନତା ସଂଗ୍ରାମର ବାର୍ତ୍ତା ସେମାନଙ୍କୁ ସ୍ପର୍ଶ କରିପାରୁ ନଥିଲା ।

iv. ଗଡ଼ଜାତର ରାଜା, ରାଜକର୍ମଚାରୀମାନେ ବେଠି, ବେଗାରୀ, ମାଗଣ, ରସଦ ଓ ଭେଟି ପ୍ରଭୃତି ପ୍ରଜାମାରଣ ପ୍ରଥା ପ୍ରଚଳନ କରି ପ୍ରଜାମାନଙ୍କୁ ବିଭିନ୍ନ ଭାବରେ ଶୋଷଣ କରୁଥିଲେ ।

v. ଗଡ଼ଜାତର ପ୍ରଜାମାନଙ୍କ ସ୍ୱାଧୀନତା ବୋଲି କିଛି ନଥିଲା । ସେମାନେ ପଶୁପରି ରାଜା ଓ ରାଜକର୍ମଚାରୀମାନଙ୍କ ନିର୍ଦ୍ଦେଶକୁ ମାନିବାକୁ ବାଧ୍ୟ ହେଉଥିଲେ ।

9. ଓଡ଼ିଶାର ଗଡ଼ଜାତ ଶାସନ ବିରୋଧରେ ପ୍ରଜା ଆନ୍ଦୋଳନ ସମ୍ପର୍କରେ ସଂକ୍ଷିପ୍ତ ବିବରଣୀ ଦିଅ ।

ଉ : i. ଓଡ଼ିଶା ଗଡ଼ଜାତରେ ଚାଲିଥିବା ରାଜା ଓ ରାଜକର୍ମଚାରୀଙ୍କର କୁଶାସନ ଶୋଷଣ ଓ ଅତ୍ୟାଚାର ବିରୋଧରେ ସର୍ବପ୍ରଥମେ ଢେଙ୍କାନାଳରେ ୧୯୨୨ରେ ପ୍ରଜାଆନ୍ଦୋଳନ ଆରମ୍ଭ ହୋଇଥିଲା ।

ii. ଏହାପରେ ପରେ ୧୯୨୮ରେ ନୀଳଗିରି ପ୍ରଜା ବିଦ୍ରୋହ ଦେଖାଦେଲା । ୧୯୩୦ରେ ବୌଦରେ ଓ ୧୯୩୨ ତାଳଚେରରେ ମଧ୍ୟ ପ୍ରଜା ଆନ୍ଦୋଳନ ତୀବ୍ରତର ହେଲା ।

iii. ୧୯୩୧ ଜୁନ ୨୦ ତାରିଖରେ କଟକଠାରେ ଓଡ଼ିଶା ଗଡ଼ଜାତ ପ୍ରଜାସମ୍ମିଳନୀର ପ୍ରଥମ ଅଧିବେଶନ ଭୁବନାନନ୍ଦ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହେଲା ଏବଂ ଏହାର ଦ୍ୱିତୀୟ ଅଧିବେଶନ ସେହି କଟକରେ ପଟ୍ଟାଭି ସୀତାରାମାୟାଙ୍କ ସଭାପତିତ୍ୱ ଓ ସାରଙ୍ଗଧର ଦାସଙ୍କ ଆବାହକତ୍ୱରେ ୧୯୩୭ ଜୁନ ୨୩ରେ ଅନୁଷ୍ଠିତ ହୋଇଥିଲା ।

iv. ୧୯୩୮ ମସିହାରେ ସାରଙ୍ଗଧର ଦାସଙ୍କ ନେତୃତ୍ୱରେ ନୀଳଗିରିରେ ପ୍ରଜାମଣ୍ଡଳ ଗଠିତ ହେଲା ।

୧୯୩୮ରେ ଢେଙ୍କାନାଳ ଓ ୧୯୩୯ରେ ତାଳଚେରରେ ପ୍ରଜାମଣ୍ଡଳ ଆନ୍ଦୋଳନ ଆରମ୍ଭ ହେଲା ।

v. ପରେ ପରେ ଏହି ଆନ୍ଦୋଳନ ଗାଙ୍ଗପୁର, ରଣପୁର, ନୟାଗଡ଼, ବଣାଇ, ସୋନପୁର, ମୟୂରଭଞ୍ଜ, ପାଟଣା, କଳାହାଣ୍ଡିକୁ ସମ୍ପ୍ରସାରିତ ହେଲା ।

vi. ନୀଳଗିରି, ଢେଙ୍କାନାଳ ପ୍ରଭୃତିରେ ପ୍ରଜା ଆନ୍ଦୋଳନ ଅଣାୟତ ହୋଇପଡ଼ିଲା । ଏହି ଆନ୍ଦୋଳନକୁ ଭାରତୀୟ ଜାତୀୟ କଂଗ୍ରେସ ସମର୍ଥନ କରୁଥିଲା ।

10. ଓଡ଼ିଶା ପ୍ରଦେଶ ସହିତ ଗଡ଼ଜାତଗୁଡ଼ିକର ମିଶ୍ରଣ ଫଳରେ ଓଡ଼ିଶାର ରାଜନୈତିକ, ସାମାଜିକ, ଆର୍ଥିକ କ୍ଷେତ୍ରରେ କି କି ପରିବର୍ତ୍ତନ ହେଲା ?

ଉ : i. ଓଡ଼ିଶା ପ୍ରଦେଶ ସହିତ ଗଡ଼ଜାତଗୁଡ଼ିକର ମିଶ୍ରଣ ପରେ ଓଡ଼ିଶାର ଗଣତାନ୍ତ୍ରିକ ପ୍ରକ୍ରିୟା ଗଡ଼ଜାତମାନଙ୍କୁ ସମ୍ପ୍ରସାରିତ ହେଲା । ମିଶ୍ରଣରେ ଓଡ଼ିଶା ବିଧାନସଭାର ସଦସ୍ୟଙ୍କ ସଂଖ୍ୟା ୬୦ରୁ ୯୧କୁ ବୃଦ୍ଧି ପାଇଲା । ଏ ସମସ୍ତ ସଭ୍ୟଙ୍କୁ ନେଇ ୧୯୪୯ ଅକ୍ଟୋବର ୧୦ରେ ଓଡ଼ିଶାର ବିଧାନସଭା ଅଧିବେଶନ ଭୁବନେଶ୍ୱରରେ ଅନୁଷ୍ଠିତ ହେଲା ।

ii. ଉଭୟ ରାଜା ଓ ପ୍ରଜାମାନେ ସ୍ୱାଧୀନ ଭାରତର ସ୍ୱାଦ ଚାଖିଲେ ଏବଂ ଓଡ଼ିଶା ଶାସନରେ ଭାଗ ନେଲେ । ଗଡ଼ଜାତ ଶାସନ ବ୍ୟବସ୍ଥାକୁ ପ୍ରାଦେଶିକ ଶାସନ ଅନୁରୂପ କରିବାର ପ୍ରଚେଷ୍ଟା ଆରମ୍ଭ ହେଲା । ଓଡ଼ିଶା ପ୍ରଦେଶର ଜିଲ୍ଲାଗୁଡ଼ିକ ପୁନର୍ଗଠନ କରି ସେଗୁଡ଼ିକୁ ୧୩ଟି ଜିଲ୍ଲାରେ ବିଭକ୍ତ କରାଗଲା ।

iii. ଓଡ଼ିଆମାନଙ୍କ ମଧ୍ୟରେ ଐକ୍ୟ ଓ ଉତ୍ସାହ ପରିଲକ୍ଷିତ ହେଲା। ଗଡ଼ଜାତ ଅଞ୍ଚଳର ରାଜା ପ୍ରଜା ଉଭୟ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଯୋଗଦାନ କଲେ ।

iv. ଓଡ଼ିଶା ପ୍ରଦେଶକୁ ଏକ ସମୃଦ୍ଧ ପ୍ରଦେଶ କରିବାର ଆଭିମୁଖ୍ୟ ନେଇ ଓଡ଼ିଆମାନେ ଆଗକୁ ଆଗେଇଲେ । ଓଡ଼ିଆମାନଙ୍କ ମଧ୍ୟରେ ଐକ୍ୟ ଏବଂ ଉତ୍ସାହ ପରିଲକ୍ଷିତ ହେଲା ।

v. ଗଡ଼ଜାତ ଭିତରେ ଥିବା ପ୍ରାକୃତିକ ସମ୍ପଦର ସୁବିନିଯୋଗ ପାଇଁ ପ୍ରୟାସ ଜାରି ରହିଲା । ଭାଷାଭିତ୍ତିକ ପ୍ରଦେଶ ଗଠନ ସମ୍ଭବ ହେଲା ନାହିଁ ।

# କ୍ଷୁଦ୍ର ଉତ୍ତରମୂଳକ ପ୍ରଶ୍ନୋତ୍ତର

1. 'ପୂର୍ବାଞ୍ଚଳ ଗଡ଼ଜାତ ସଂଘ କ'ଣ ?

ଉ : i. 'ମିଶ୍ରଣ' ଶବ୍ଦଟି ଓଡ଼ିଆ ଗଡ଼ଜାତ ରାଜାମାନଙ୍କ ପାଇଁ ଶ୍ରୁତିକଟୁ ଥିଲା ।

ii. ମହତାବଙ୍କର ଏହି ଯୋଜନାକୁ ପଣ୍ଡ କରିବାକୁ ଯାଇ ଓଡ଼ିଶା ଓ ଛତିଶଗଡ଼ର ଅଣଚାଳିଶଟି ଦେଶୀୟ ରାଜା 'ପୂର୍ବାଞ୍ଚଳ ଗଡ଼ଜାତ ସଂଘ' ନାମରେ ଏକ ସଙ୍ଗଠନ ଆରମ୍ଭ କଲେ ।

iii. ଏହା ୧୯୪୭ମ ମସିହା ଅଗଷ୍ଟ ୧ ତାରିଖ ଠାରୁ କାର୍ଯ୍ୟକ୍ଷମ ହେଲା ।

2. ନୀଳଗିରି ମିଶ୍ରଣ ସମ୍ବନ୍ଧରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ମତାମତ କ'ଣ ଥିଲା ?

ଉ : i. ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ କହିଥିଲେ, ଶହ ଶହ ବର୍ଷ ପୂର୍ବେ ଏହି କଳିଙ୍ଗ ଜଣେ ଦୁର୍ଦ୍ଧର୍ଷ ସମ୍ରାଟ ଅଶୋକଙ୍କ ମନରେ ବିରାଟ ପରିବର୍ତ୍ତନ ଆଣିଥିଲା । ସେ ଜଣେ ପ୍ରଜାହିତୈଷୀ ଶାସକ ଭାବରେ ବିଶ୍ୱ ଇତିହାସରେ ପରିଚିତ ହେଲେ ।

ii. କିଏ ହୁଏତ ସ୍ୱପ୍ନରେ ସୁଦ୍ଧା ଭାବିନଥିବେ ବା କଳ୍ପନା ମଧ୍ୟ କରିନଥିବେ ଯେ ସେହି କଳିଙ୍ଗରୁ ହିଁ ଭାରତକୁ ଏକତ୍ର କରିବାର ପ୍ରକ୍ରିୟା ଆରମ୍ଭ ହେଲା ।

iii. ଅଶୋକଙ୍କ ଅମଳରେ ଭାରତରେ ଯେପରି ରାଜନୀତିକ ଏକତା ପ୍ରତିଷ୍ଠିତ ହୋଇଥିଲା, ଆଧୁନିକ ଭାରତରେ ତାହାର ପୁନରାବୃତ୍ତି ହେବାକୁ ଯାଉଛି ।

3. ଗଡ଼ଜାତ ମିଶ୍ରଣ ପରେ ଓଡ଼ିଶାର ଗଣତାନ୍ତ୍ରିକ ପ୍ରକ୍ରିୟା କିପରି ସମ୍ପ୍ରସାରିତ ହେଲା ?

ଉ : i. ଓଡ଼ିଶା ବିଧାନସଭାରେ ଆଗରୁ ସଦସ୍ୟ ସଂଖ୍ୟା ହେଉଥିଲା ୬୦ । ଗଡ଼ଜାତ ମିଶ୍ରଣ ପରେ ଏଥିରେ ଆଉ ୩୧ଟି ଆସନ ସଂଯୁକ୍ତ ହେଲା ।

ii. ଓଡ଼ିଶା ବିଧାନସଭାରେ ନିର୍ବାଚିତ ସଭ୍ୟ ସଂଖ୍ୟା ହେଲା ୯୧ ।

iii. ୧୯୪୯ ମସିହା ଅକ୍ଟୋବର ୧୦ ତାରିଖରେ ଏ ସମସ୍ତ ସଦସ୍ୟଙ୍କୁ ନେଇ ଓଡ଼ିଶା ବିଧାନସଭାର ଅଧିବେଶନ ନୂଆ ରାଜଧାନୀ ଭୁବନେଶ୍ୱରରେ ଅନୁଷ୍ଠିତ ହେଲା ।

4. ଦେଶୀୟ ରାଜ୍ୟର ପ୍ରଜାମାନେ କେଉଁ କାରଣ ପାଇଁ ଦୟନୀୟ ଅବସ୍ଥାରେ କାଳ କାଟୁଥିଲେ ?

ଉ : i. ଅଧିକାଂଶ ଦେଶୀୟ ରାଜ୍ୟର ଶାସନ ପଦ୍ଧତି ତଥା ଆଭ୍ୟନ୍ତରୀଣ ସାମାଜିକ ଓ ଆର୍ଥନୀତିକ ଅବସ୍ଥା ଅତ୍ୟନ୍ତ ଦୟନୀୟ ଥିଲ ।

ii. କୁଶାସନର ମାତ୍ରା ଏତେ ଅଧିକ ଥିଲା ଯେ ଗଡ଼ଜାତ ପ୍ରଜାମାନେ ଅତି ଦୁଃଖ ଓ ହତାଶ ଭିତରେ କାଳାତିପାତ କରୁଥିଲେ ।

iii. ରାଜା, ରାଜପ୍ରତିନିଧି ଓ ରାଜକର୍ମଚାରୀମାନେ ବିଭିନ୍ନ ଭାବରେ ପ୍ରଜାମାନଙ୍କୁ ଶୋଷଣ କରୁଥିଲେ ।

5. ଓଡ଼ିଶା ଗଡ଼ଜାତମାନଙ୍କରେ ଶାସନ ବ୍ୟବସ୍ଥା କାର୍ଯ୍ୟକାରିତାର ତଦନ୍ତ ପାଇଁ କେବେ କେଉଁମାନଙ୍କୁ ନେଇ କମିଟି ଗଠନ କରାଯାଇଥିଲା ?

ଉ : i. ୧୯୩୮ ମସିହାରେ ଓଡ଼ିଶା ଗଡ଼ଜାତ ତଦନ୍ତ କମିଟି ପୁନର୍ଗଠିତ ହେଲା ।

ii. ହରେକୃଷ୍ଣ ମହତାବ ଏହି କମିଟିର ଅଧ୍ୟକ୍ଷ ରହିଥିଲେ ।

iii. ଏହି କମିଟିର ସମ୍ପାଦକ ଥିଲେ ସାରଙ୍ଗଧର ଦାସ ଏବଂ ଅନ୍ୟ ଦୁଇ ଜଣ ସଭ୍ୟ ଥିଲେ ଲାଲମୋହନ ପଟ୍ଟନାୟକ ଓ ବଳବନ୍ତ ରାୟ ମେହେଟ୍ଟା ।

6. ଓଡ଼ିଶା ଗଡ଼ଜାତ ରାଜ୍ୟ ସମ୍ପର୍କରେ ମହତାବ ଲର୍ଡ଼ ଲିନ୍ ଲିଥଗୋଙ୍କୁ ସାକ୍ଷାତ କରି କେଉଁ ବିବରଣୀ ଦେଇଥିଲେ ?

ଉ : i. ହରେକୃଷ୍ଣ ମହତାବ ଭାରତର ଭାଇସରାୟ ଲର୍ଡ଼ ଲିନଲିଥଗୋଙ୍କୁ ସାକ୍ଷାତ କରି ଓଡ଼ିଶା ଗଡ଼ଜାତର ବ୍ୟବସ୍ଥା ସମ୍ପର୍କରେ ଅବଗତ କରାଇଥିଲେ ।

ii. ଗଡ଼ଜାତ ଶାସନ ବ୍ୟବସ୍ଥା ସୁଧାରିବା ପାଇଁ ଓଡ଼ିଶା ପ୍ରାଦେଶିକ ସରକାରଙ୍କ ହସ୍ତକ୍ଷେପ ଜରୁରୀ ବୋଲି ତାଙ୍କୁ ବୁଝାଇଥିଲେ ।

iii. ଲିନ୍‌ଲିଥଗୋ ମହତାବଙ୍କ ମଧ୍ୟରେ କୌଣସି ଭୌଗୋଳିକ ସୀମା ନାହିଁ ବୋଲି କହିଥିଲେ ।

7. କେବେ କଟକଠାରେ ପ୍ରଜାମଣ୍ଡଳର ଏକ ସମ୍ମିଳନୀ ବସିଥିଲା ? ଏଥିରେ କେଉଁ ଗଡ଼ଜାତର ପ୍ରଜାମାନେ ଯୋଗଦେଇଥିଲେ ? ଏହି ସମମିଳନୀର ମୁଖ୍ୟ ପ୍ରସ୍ତାବ କଣ ଥିଲା ?

ଉ : i. ୧୯୪୭ ଅଗଷ୍ଟ ୧୦ ତାରିଖ ଦିନ ପ୍ରଜାମଣ୍ଡଳର ଏକ ସମ୍ମିଳନୀ କଟକଠାରେ ଅନୁଷ୍ଠିତ ହୋଇଥିଲା ।

ii. ଏହି ସମ୍ମିଳନୀରେ ଛତିଶଗଡ଼ ଓ ଓଡ଼ିଶାରେ ଥିବା ଗଡ଼ଜାତମାନଙ୍କରୁ ଅନେକ ପ୍ରଜା ଯୋଗଦେଇଥିଲେ ।

iii. ଓଡ଼ିଶାରେ ଥିବା ଗଡ଼ଜାତଗୁଡ଼ିକୁ ଓଡ଼ିଶା ସହିତ ମିଶାଇବା ଏହି ସମ୍ମିଳନୀର ମୁଖ୍ୟ ପ୍ରସ୍ତାବ ଥିଲା ।

8. ଓଡ଼ିଶାର ପ୍ରଧାନମନ୍ତ୍ରୀ ହରେକୃଷ୍ଣ ମହତାବ ଓଡ଼ିଆ ଭାଷାଭାଷୀ ଗଡ଼ଜାତ ରାଜାମାନଙ୍କ ସମ୍ମିଳନୀ କେଉଁଠାରେ କରିଥିଲେ ? ଏହି ସମ୍ମିଳନୀରେ କେଉଁ ବିଷୟ ଉପରେ ଆଲୋଚନା ହୋଇଥିଲା ? ଏହାର ଫଳ କଣ ହୋଇଥିଲା ?

ଉ : i. ପ୍ରଧାନମନ୍ତ୍ରୀ ହରେକୃଷ୍ଣ ମହତାବ ୧୯୪୭ ଅକ୍ଟୋବର ୧୬ ତାରିଖରେ ସମ୍ବଲପୁରଠାରେ ଓଡ଼ିଆ ଭାଷାଭାଷୀ ଗଡ଼ଜାତ ରାଜାଙ୍କ ସମ୍ମିଳନୀ ଡାକିଥିଲେ ।

ii. ଓଡ଼ିଶାର ଶାନ୍ତି ଶୃଙ୍ଖଳା, ପ୍ରଶାସନିକ ସୁବିଧା ଓ ସାମୂହିକ ପ୍ରଗତି ପାଇଁ ଦେଶୀୟ ରାଜ୍ୟଗୁଡ଼ିକ ସର୍ବାନ୍ତକରଣରେ ଓଡ଼ିଶା ପ୍ରଦେଶ ସହିତ ମିଶିଯିବା ଉଚିତ ବୋଲି ଯୁକ୍ତି ଉପସ୍ଥାପନ କରିଥିଲେ ।

iii. ଓଡ଼ିଶା ସହିତ ମିଶିଯିବାକୁ ମହତାବଙ୍କର ନିବେଦନ ପ୍ରତି ରାଜାମାନେ କର୍ଣ୍ଣପାତ କଲେନାହିଁ ।

9. ନୀଳଗିରିରେ ପ୍ରଜାମଣ୍ଡଳ ଆନ୍ଦୋଳନକୁ ଦମନ କରିବା ପାଇଁ ନୀଳଗିରିର ରାଜା କେଉଁ ପଦକ୍ଷେପ ନେଇଥିଲେ ?

ଉ : i. ନୀଳଗିରିର ପ୍ରଜା ଆନ୍ଦୋଳନକୁ ଦମନ କରିବା ପାଇଁ ନୀଳଗିରିର ରାଜା ତାଙ୍କ ପୁଲିସ ବାହିନୀକୁ ଶକ୍ତିଶାଳୀ କଲେ ।

ii. ଗୁର୍ଖାମାନଙ୍କୁ ପୁଲିସ ବାହିନୀରେ ନିଯୁକ୍ତି ଦେଲେ ।

iii. ଆନ୍ଦୋଳନକାରୀମାନଙ୍କ ଘରଦ୍ୱାର ପୋଡ଼ି ସେମାନଙ୍କ ଧନ ଲୁଣ୍ଠନ କରିବାକୁ ଆଦିବାସୀମାନଙ୍କୁ ପ୍ରରୋଚିତ କରି ନିୟୋଜିତ କଲେ ।

10. 'ଖ' ଓ 'ଗ' ଶ୍ରେଣୀର ଗଡ଼ଜାତ ରାଜାମାନଙ୍କ ସମ୍ମିଳନୀରେ ସର୍ଦ୍ଦାର ପଟେଲ ଉଦଘାଟନୀ ଭାଷଣରେ କ'ଣ ସ୍ପଷ୍ଟ କରିଥିଲେ ? ଏହାର ଫଳ କ'ଣ ହୋଇଥିଲା ?

ଉ : i. ସର୍ଦ୍ଦାର ପଟେଲ ଗଡ଼ଜାତ ରାଜାମାନଙ୍କୁ ଓଡ଼ିଶା ପ୍ରଦେଶ ସହିତ ମିଶିଯିବାକୁ ହେବ ବୋଲି ସ୍ପଷ୍ଟ କରିଦେଇଥିଲେ ।

ii. ସେମାନଙ୍କ ହାତ ପାଣ୍ଠିର ପରିମାଣ ସରକାର ସ୍ଥିର କରିବେ ଏବଂ ସେମାନଙ୍କୁ ବ୍ୟକ୍ତିଗତ ପଦମର୍ଯ୍ୟାଦା ଓ ସୁବିଧା ସୁଯୋଗ ଦିଆଯିବ ।

iii. ସାମାନ୍ୟ ପ୍ରତିବାଦ ପରେ ସେମାନେ ଚୁକ୍ତିପତ୍ରରେ ସ୍ୱାକ୍ଷର କଲେ । ପରେ ବଣେଇ, ତିଗିରିଆ ଓ ଆଠମଲ୍ଲିକ ରାଜାମାନେ ଚୁକ୍ତିପତ୍ରରେ ସ୍ୱାକ୍ଷର କଲେ ।

11. କେଉଁ ପରିସ୍ଥିତିରେ ଷଢ଼େଇକଳା ଓ ଖରସୁଆଁ ଗଡ଼ଜାତ ରାଜ୍ୟ ଦ୍ୱୟ ଓଡ଼ିଶା ସହିତ ମିଶିପାରି ନଥିଲା ?

ଉ : i. ଷଢ଼େଇକଳା ଓ ଖରସୁଆଁର ମଧ୍ୟବର୍ତ୍ତୀ ଅଞ୍ଚଳରେ ଅବସ୍ଥିତ ମୟୂରଭଞ୍ଜ ଓଡ଼ିଶାରେ ନ ମିଶିବାରୁ ଏହି ଦୁଇ ରାଜ୍ୟ ମଧ୍ୟରେ ପ୍ରତ୍ୟକ୍ଷ ଭାବେ ଯୋଗାଯୋଗ ହୋଇନଥିଲା ।

ii. ତେଣୁ ଏହି ଦୁଇଟି ରାଜ୍ୟର ରାଜାମାନେ ସେମାନଙ୍କର ପୂର୍ବ ମତ ପରିବର୍ତ୍ତନ କରି ବିହାର ସହିତ ମିଶିବା ପାଇଁ ଚାହିଁଲେ ।

iii. ଫଳରେ ଭାରତ ସରକାର ୧୯୪୮ ମଇ ୧୮ ତାରିଖରେ ସେ ଦୁଇଟି ଗଡ଼ଜାତକୁ ଓଡ଼ିଶାରୁ କାଢ଼ିନେଇ ବିହାରରେ ମିଶାଇ ଦେଇଥିଲେ ।

12. ଗଡ଼ଜାତଗୁଡ଼ିକ ଓଡ଼ିଶା ସହିତ ମିଶିଯିବା ପରେ କେଉଁ ସୁଫଳ ମିଳିଥିଲା ?

ଉ : i. ଗଡ଼ଜାତଗୁଡ଼ିକ ଓଡ଼ିଶା ସହିତ ମିଶିଗଲା ପରେ ଓଡ଼ିଶାର ଜିଲ୍ଲାଗୁଡ଼ିକୁ ପୁନର୍ଗଠନ କରି ଗଡ଼ଜାତ ଶାସନ ବ୍ୟବସ୍ଥାକୁ ପ୍ରାଦେଶିକ ଶାସନ ଅନୁରୂପ କରିବାର ପ୍ରଚେଷ୍ଟା ଆରମ୍ଭ ହେଲା ।

ii. ପ୍ରଜା ଆନ୍ଦୋଳନ ପ୍ରଶମିତ ହୋଇଗଲା । ଗଡ଼ଜାତ ଅଞ୍ଚଳର ରାଜା ଓ ପ୍ରଜା ଉଭୟ ଏହି ଗଣତାନ୍ତ୍ରିକ ବ୍ୟବସ୍ଥାରେ ଯୋଗଦାନ କଲେ ।

iii. ଓଡ଼ିଶାର ପ୍ରାକୃତିକ ସମ୍ପଦର ଠିକ୍ ବିନିଯୋଗ ହୋଇପାରିଲା ।

13. ମୟୂରଭଞ୍ଜ ଓଡ଼ିଶା ସହିତ କିପରି ମିଶିଲା ?

ଉ : i. ମୟୂରଭଞ୍ଜର ମହାରାଜା ୧୯୪୮ ଅକ୍ଟୋବର ୧୭ ତାରିଖ ଦିନ ମିଶ୍ରଣ ଚୁକ୍ତିରେ ସ୍ୱାକ୍ଷର କଲେ ।

ii. ୧୯୪୯ ମସିହା ଜାନୁଆରୀ ୧ ତାରିଖ ଦିନ ମୟୂରଭଞ୍ଜ ଓଡ଼ିଶା ସହିତ ମିଶିଲା ।

iii. ଏଥିରେ ହରେକୃଷ୍ଣ ମହତାବ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

# କ୍ଷୁଦ୍ର ଉତ୍ତରମୂଳକ ପ୍ରଶ୍ନୋତ୍ତର

1. ଓଡ଼ିଶା ଗଡ଼ଜାତ ତଦନ୍ତ କମିଟି କେବେ ଗଠିତ ହେଲା ? ଏଥିରେ କିଏ ଅଧ୍ୟକ୍ଷ ରହିଲେ ?

ଉ : i. ୧୯୩୮ ମସିହାରେ ଓଡ଼ିଶା ଗଡ଼ଜାତ ତଦନ୍ତ କମିଟି ଗଠିତ ହେଲା ।

ii. ହରେକୃଷ୍ଣ ମହତାବ ଏହାର ଅଧ୍ୟକ୍ଷ ରହିଲେ ।

2. ହରେକୃଷ୍ଣ ମହତାବ ଭାଇସରାୟ ଲର୍ଡ଼ ଲିନ୍ ଲିଥିଗୋଙ୍କୁ କାହିଁକି ସାକ୍ଷାତ କରିଥିଲେ ?

ଉ : i. ଓଡ଼ିଶା ଗଡ଼ଜାତ ବ୍ୟବସ୍ଥା ସମ୍ପର୍କରେ ଅବଗତ କରିବା ପାଇଁ ।

ii. ଗଡ଼ଜାତ ଶାସନ ବ୍ୟବସ୍ଥାକୁ ସୁଧାରିବା ପାଇଁ ଓଡ଼ିଶାର ପ୍ରାଦେଶିକ ସରକାରଙ୍କ ହସ୍ତକ୍ଷେପ ଜରୁରୀ ବୋଲି ତାଙ୍କୁ ବୁଝାଇଥିଲେ ।

3. ଓଡ଼ିଶାର କେଉଁ ସ୍ଥାନରୁ ଗଡ଼ଜାତ ମିଶ୍ରଣ ପ୍ରକ୍ରିୟା ଆରମ୍ଭ ହେଲା ଏବଂ ଏହାର ଗୁରୁତ୍ୱ କ'ଣ ?

ଉ : i. ନୀଳଗିରିରୁ ଗଡ଼ଜାତ ମିଶ୍ରଣ ପ୍ରକ୍ରିୟା ଆରମ୍ଭ ହେଲା ।

ii. ନୀଳଗିରିର ଘଟଣା ଜାତୀୟ ନେତାଙ୍କ ଦୃଷ୍ଟି ଆକର୍ଷଣ କଲା ଓ ଗଡ଼ଜାତ ମିଶ୍ରଣ ପ୍ରକ୍ରିୟା ଘଟଣା ପ୍ରବାହକୁ ତ୍ୱରାନ୍ୱିତ କରିଥିଲା ।

4. କଟକ ସମ୍ମିଳନୀରେ ଯୋଗଦେବା ପାଇଁ କେନ୍ଦ୍ର ସରକାରଙ୍କର କେଉଁ ଦୁଇଜଣ ଉଚ୍ଚପଦସ୍ଥ ଅଫିସର ଭୁବନେଶ୍ୱରରେ ପହଞ୍ଚିଲେ ।

ଉ : କଟକ ସମ୍ମିଳନୀରେ ଯୋଗ ଦେବା ପାଇଁ କେନ୍ଦ୍ର ସରକାରଙ୍କ ଉଚ୍ଚପଦସ୍ଥ ଅଫିସର ଭାବେ ସର୍ଦ୍ଦାର ପଟେଲ ଓ ଭି.ପି.ମେନନ୍ ଭୁବନେଶ୍ୱରରେ ପହଞ୍ଚିଲେ ।

5. କେଉଁଟି ଦୁଇଟି ଗଡ଼ଜାତ ରାଜ୍ୟ କଟକ ସମ୍ମିଳନୀରେ ଯୋଗ ଦେଇନଥିଲେ ?

ଉ : ଆଠମଲ୍ଲିକ ଓ ତିଗିରିଆର ରାଜା କଟକ ସମ୍ମିଳନୀରେ ଯୋଗ ଦେଇନଥିଲେ ।

6. ମୟୂରଭଞ୍ଜ କେବେ ମିଶ୍ରଣ ଚୁକ୍ତିରେ ସ୍ୱାକ୍ଷର କଲା ଏବଂ କେବେ ଓଡ଼ିଶା ସହିତ ମିଶିଲା ?

ଉ : i. ମୟୂରଭଞ୍ଜର ମହାରାଜା ୧୯୪୮ ଅକ୍ଟୋବର ୧୩ ତାରିଖ ଦିନ ମିଶ୍ରଣ ଚୁକ୍ତିରେ ସ୍ୱାକ୍ଷର କଲେ ।

ii. ୧୯୪୯ ମସିହା ଜାନୁଆରୀ ୧ ତାରିଖ ଦିନ ମୟୂରଭଞ୍ଜ ଓଡ଼ିଶା ସହିତ ମିଶିଲା ।

7. କେବେ ଓ କେଉଁଠାରେ ଓଡ଼ିଶା ବିଧାନସଭାରେ ଅଧିବେଶନ ଅନୁଷ୍ଠିତ ହେଲା ?

ଉ : ୧୯୪୯ ମସିହା ଅକ୍ଟୋବର ୧୦ ତାରିଖରେ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଥିଲା ।

8. କେଉଁ ମସିହାରେ ଓଡ଼ିଶା ଗଡ଼ଜାତ ତଦନ୍ତ କମିଟି ପୁନର୍ଗଠିତ ହେଲା ଏବଂ ଏହାର ଅଧ୍ୟକ୍ଷ କିଏ ରହିଲେ ?

ଉ : ୧୯୩୮ ମସିହାରେ ଓଡ଼ିଶା ଗଡ଼ଜାତ ତଦନ୍ତ କମିଟି ପୁନର୍ଗଠିତ ହେଲା ଏବଂ ହରେକୃଷ୍ଣ ମହତାବ ଏହାର ଅଧ୍ୟକ୍ଷ ରହିଲେ ।

9. ୧୯୩୯ ମସିହାରେ ହରେକୃଷ୍ଣ ମହତାବ ଭାରତର ଭାଇସରାୟ ଲର୍ଡ଼ ଲିନଲିଥିଗୋଙ୍କୁ ସାକ୍ଷାତ କରି କେଉଁ ବିଷୟ ଅବଗତ କରାଇଥିଲେ ?

ଉ : i. ହରେକୃଷ୍ଣ ମହତାବ ଭାରତର ଭାଇସରାୟ ଲର୍ଡ଼ ଲିନଲିଥିଗୋଙ୍କୁ ସାକ୍ଷାତ କରି ଓଡ଼ିଶା ଗଡ଼ଜାତ ବ୍ୟବସ୍ଥା ସମ୍ପର୍କରେ ଅବଗତ କଲେ ।

ii. ଗଡ଼ଜାତ ବ୍ୟବସ୍ଥା ସୁଧାରିବା ପାଇଁ ଓଡ଼ିଶାର ପ୍ରାଦେଶିକ ସରକାରଙ୍କ ହସ୍ତକ୍ଷେପ ଜରୁରୀ ବୋଲି ତାଙ୍କୁ ବୁଝାଇଥିଲେ ।

10. କଳାହାଣ୍ଡିର ମହାରାଜ ହରେକୃଷ୍ଣ ମହତାବଙ୍କୁ କେଉଁ ଆଖ୍ୟା ଦେଇଥିଲେ ? ଏହାର କାରଣ କ'ଣ ଥିଲା ?

ଉ : i. କଳାହାଣ୍ଡିର ମହାରାଜା ହରେକୃଷ୍ଣ ମହତାବଙ୍କୁ 'ପର୍ଶୁରାମ' ଆଖ୍ୟା ଦେଇଥିଲେ ।

ii. କାରଣ ମହତାବଙ୍କ ଗଡ଼ଜାତ ମିଶ୍ରଣ ପ୍ରସ୍ତାବ ରାଜାମାନେ ପସନ୍ଦ କରିନଥିଲେ ଓ ପ୍ରକାଶ୍ୟରେ ଏହାର ବିରୋଧ କରୁଥିଲେ ।

11. ମୟୂରଭଞ୍ଜର ମହାରାଜା କେବେ ମିଶ୍ରଣ ଚୁକ୍ତିରେ ସ୍ୱାକ୍ଷର କଲେ ଓ କେବେ ମୟୂରଭଞ୍ଜ ଓଡ଼ିଶା ସହିତ ମିଶିଥିଲା ?

ଉ : i. ମୟୂରଭଞ୍ଜର ମହାରାଜା ୧୯୪୮ ଅକ୍ଟୋବର ୧୩ ତାରିଖ ଦିନ ମିଶ୍ରଣ ଚୁକ୍ତିରେ ସ୍ୱାକ୍ଷର କରିଥିଲେ ।

ii. ୧୯୪୯ ମସିହା ଜାନୁଆରୀ ୧ ତାରିଖ ଦିନ ମୟୂରଭଞ୍ଜ ଓଡ଼ିଶା ସହିତ ମିଶିଥିଲା ।

12. କେଉଁ ଭିତ୍ତିରେ ଓଡ଼ିଶାର ଗଡ଼ଜାତଗୁଡ଼ିକ ବିଭିନ୍ନ ଶ୍ରେଣୀରେ ବିଭକ୍ତ କରାଯାଇଥିଲା ଏବଂ କେଉଁ ଗଡ଼ଜାତଗୁଡ଼ିକ 'ଗ' ଶ୍ରେଣୀଭୁକ୍ତ ଥିଲା ?

ଉ : i. ଓଡ଼ିଶାର ଗଡ଼ଜାତ ବା ଦେଶୀୟ ରାଜ୍ୟଗୁଡ଼ିକୁ ସେମାନଙ୍କର ଆୟତନ ଦୃଷ୍ଟିରୁ 'କ', 'ଖ' ଓ 'ଗ' ଭାବରେ ତିନି ଶ୍ରେଣୀରେ ବିଭକ୍ତ କରାଯାଇଥିଲା ।

ii. ପାଲଲହଡ଼ା, ତିଗିରିଆ ଓ ରଣପୁର 'ଗ' ଶ୍ରେଣୀଭୁକ୍ତ ଥିଲା ।

13. ବେଠି ଓ ଭେଟି ମଧ୍ୟରେ ପାର୍ଥକ୍ୟ କ'ଣ ?

ଉ : i. ବେଠି ବିନା ପାରିଶ୍ରମିକରେ ରାଜରାସ୍ତା ଓ ରାଜପ୍ରାସାଦ ନିର୍ମାଣ କାର୍ଯ୍ୟରେ ପ୍ରଜାମାନଙ୍କର ଶ୍ରମଦାନ କରିବାକୁ କୁହାଯାଉଥିଲା ।

ii. ଭେଟି ପର୍ବପର୍ବାଣି କିମ୍ବା ବିବାହ, ବ୍ରତ ସମୟରେ ରାଜଉଆସକୁ ବାଧ୍ୟତାମୂଳକ ଭାବରେ ପ୍ରଜାମାନେ ଉପହାର ନେଇ ଯିବା ପ୍ରଥାକୁ କୁହାଯାଉଥିଲା ।

14. କେବେ ଏବଂ କେଉଁଠାରେ ପ୍ରଜା ଆନ୍ଦୋଳନ ଆରମ୍ଭ ହୋଇଥିଲା ?

ଉ : i. ଓଡ଼ିଶା ଗଡ଼ଜାତରେ ଚାଲିଥିବା କୁ-ଶାସନ, ଶୋଷଣ, ଅତ୍ୟାଚାର ବିରୋଧରେ ସର୍ବପ୍ରଥମେ ୧୯୨୨ ମସିହାରେ ଢ଼େଙ୍କାନାଳରେ ପ୍ରଜାମାନେ ସ୍ୱର ଉଠାଇଥିଲେ ।

ii. ଏହି ଗଡ଼ଜାତ ପ୍ରଜା ଆନ୍ଦୋଳନ ଓଡ଼ିଶାର ସମସ୍ତ ଗଡ଼ଜାତ ପ୍ରଜାମାନଙ୍କୁ ପ୍ରଭାବିତ କରିଥିଲା ।

15. ଓଡ଼ିଶା ଗଡ଼ଜାତ ପ୍ରଜା ସମ୍ମିଳନୀର ପ୍ରଥମ ଅଧିବେଶନ କେଉଁଠାରେ ଏବଂ କାହା ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା ?

ଉ : ଓଡ଼ିଶା ଗଡ଼ଜାତ ପ୍ରଜା ସମ୍ମିଳନୀରେ ପ୍ରଥମ ଅଧିବେଶନ କଟକଠାରେ ୧୯୩୧ ମସିହା ଜୁନ ୨୦ ତାରିଖ ଦିନ ଭୁବନାନନ୍ଦ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା ।

16. ସାରଙ୍ଗଧର ଦାସ କିଏ ? କେବେ ଏବଂ କେଉଁଠାରେ ପ୍ରଜା ସମ୍ମିଳନୀର ଅଧିବେଶନ ଅନୁଷ୍ଠିତ ହୋଇଥିଲା ?

ଉ : i. ଓଡ଼ିଶା ଗଡ଼ଜାତ ପ୍ରଜା ସମ୍ମିଳନୀର ଦ୍ୱିତୀୟ ଅଧିବେଶନର ଆବାହକ ଥିଲେ ସାରଙ୍ଗଧର ଦାସ ।

ii. ଏହି ପ୍ରଜା ସମ୍ମିଳନୀ ୧୯୧୭ ଜୁନ ୨୩ ତାରିଖ ଦିନ ପଟ୍ଟାଭି ସୀତାରାମାୟାଙ୍କ ସଭାପତିତ୍ୱରେ କଟକଠାରେ ଅନୁଷ୍ଠିତ ହୋଇଥିଲା ।

17. କେଉଁ ଅଞ୍ଚଳଗୁଡ଼ିକର ଦେଶୀୟ ରାଜାମାନେ ମିଶ୍ରଣ ବିରୋଧରେ ଏକ ସଂଘ ଗଠନ କରିଥିଲେ ?

ଉ : i. ଡ. ମହତାବଙ୍କ ଓଡ଼ିଶା ସହିତ ଗଡ଼ଜାତ ରାଜ୍ୟଗୁଡ଼ିକର ମିଶ୍ରଣ ଉଦ୍ୟମକୁ ପଣ୍ଡ କରିବା ପାଇଁ ଓଡ଼ିଶା ଓ ଛତିଶଗଡ଼ରେ ଅଣଚାଳିଶଟି ଦେଶୀୟ ରାଜା ପୂର୍ବାଞ୍ଚଳ ଗଡ଼ଜାତ ସଂଘ' ନାମକ ଏକ ସଙ୍ଗଠନ ଆରମ୍ଭ କରିଥିଲେ ।

ii. ୧୯୪୭ ଅଗଷ୍ଟ ୧ ତାରିଖ ଠାରୁ ଏହା କାର୍ଯ୍ୟକ୍ଷମ ହୋଇଥିଲା ।

18. କେବେ ଏବଂ କେଉଁଠାରେ ଅନୁଷ୍ଠିତ ଗଡ଼ଜାତ ପ୍ରଜାମାନଙ୍କର ସମ୍ମିଳନୀରେ ସର୍ଦ୍ଦାର ପଟେଲ ଯୋଗ ଦେଇଥିଲେ ?

ଉ : ୧୯୪୭ ମସିହା ଡିସେମ୍ବର ୧୪ ତାରିଖ ଦିନ କଟକର ରାଜଭବନରେ ଗଡ଼ଜାତ ରାଜାମାନଙ୍କ ସମ୍ମିଳନୀରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଯୋଗଦାନ କରିଥିଲେ ।

19. ମୟୂରଭଞ୍ଜର ରାଜା ମିଶ୍ରଣ ଚୁକ୍ତିରେ ସ୍ୱାକ୍ଷର କରିବା ପାଇଁ କାହିଁକି କିଛିଦିନ ସମୟ ନେଇଥିଲେ ?

ଉ : i. ଯେହେତୁ ମୟୂରଭଞ୍ଜରେ ଲୋକପ୍ରତିନିଧିମୂଳକ ସରକାର ଗଠିତ ହୋଇଥିଲା । ତେଣୁ ମୟୂରଭଞ୍ଜ ରାଜା ତାଙ୍କ ମନ୍ତ୍ରିମଣ୍ଡଳ ସହିତ ଆଲୋଚନା ନ କରି ମିଶ୍ରଣ ଚୁକ୍ତିରେ ସ୍ୱାକ୍ଷର କରିନଥିଲେ ।

ii. ମିଶ୍ରଣ ଚୁକ୍ତିରେ ସ୍ୱାକ୍ଷର କରିବା ପାଇଁ ସେ କିଛିଦିନ ସମୟ ନେବେ ବୋଲି କହିଥିଲେ ।

20. ଗଡ଼ଜାତ ଗୁଡ଼ିକର ପ୍ରତିନିଧିମାନଙ୍କ ସହିତ ଓଡ଼ିଶା ବିଧାନସଭାର ଅଧିବେଶନ ପ୍ରଥମେ କେବେ ଏବଂ କେଉଁଠାରେ ଅନୁଷ୍ଠିତ ହୋଇଥିଲା ?

ଉ : ଗଡ଼ଜାତ ଗୁଡ଼ିକର ପ୍ରତିନିଧିମାନଙ୍କ ସହିତ ଓଡ଼ିଶା ବିଧାନସଭାର ଅଧିବେଶନ ପ୍ରଥମେ ୧୯୪୦ ମସିହା ଅକ୍ଟୋବର ମାସ ୧୦ ତାରିଖରେ ନୂଆ ରାଜଧାନୀ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଥିଲା ।

21. ରସଦ ଓ ମାଗଣ ମଧ୍ୟରେ କି ପ୍ରଭେଦ ଥିଲା ? (2014(s)

ଉ : i. ରାଜକୀୟ ବିବାହ ଓ ଅନ୍ୟାନ୍ୟ ଉତ୍ସବ ସମୟରେ ପ୍ରଜାମାନେ ଅର୍ଥ ଓ ଦ୍ରବ୍ୟ ଆକାରରେ ଉପହାର ଦେୟ ପ୍ରଦାନ ପ୍ରଥାକୁ ମାଗଣ କୁହାଯାଉଥିଲା ।

ii. ରାଜା ଓ ରାଜକର୍ମଚାରୀମାନଙ୍କର ମଫସଲ ଗସ୍ତ ସମୟରେ ସେମାନଙ୍କର ଶିବିରରେ ମାଗଣା ଖାଦ୍ୟପେୟର ବନ୍ଦୋବସ୍ତ କରିବା ପ୍ରଥାକୁ ରସଦ କୁହାଯାଉଥିଲା ।

22. ବେଠି ଓ ବେଗାରୀ ମଧ୍ୟରେ କି ପାର୍ଥକ୍ୟ ଥିଲା ? (2014(s)

ଉ : i. ରାସ୍ତା, ରାଜପ୍ରାସାଦ ପ୍ରଭୃତି ନିର୍ମାଣ କାର୍ଯ୍ୟରେ ରାଜାମାନେ ବିନା ପାରିଶ୍ରମିକରେ କରୁଥିବା ଶ୍ରମଦାନକୁ ବେଠି କୁହାଯାଉଥିଲା ।

ii. ଗୋଟିଏ ଶିବିରରୁ ଅନ୍ୟ ଶିବିରକୁ ରାଜା ଓ ରାଜକର୍ମଚାରୀମାନଙ୍କୁ ସବାରି କିମ୍ବା ପାଲିଙ୍କିରେ ବିନା ପାରିଶ୍ରମିକରେ ବୋହି ନେବାକୁ ବେଗାରୀ କୁହାଯାଉଥିଲା ।

23. କେବେ ଓ କେଉଁଠାରେ ଅନୁଷ୍ଠିତ ଗଡ଼ଜାତ ରାଜାମାନଙ୍କର ସମ୍ମିଳନୀରେ ସର୍ଦ୍ଦାର ପଟେଲ ଯୋଗ ଦେଇଥିଲେ ?

ଉ : i. ୧୯୪୭ ଡିସେମ୍ବର ୧୩ ତାରିଖରେ ଅନୁଷ୍ଠିତ ଗଡ଼ଜାତ ରାଜାମାନଙ୍କର ସମ୍ମିଳନୀରେ ସର୍ଦ୍ଦାର ପଟେଲ ଯୋଗ ଦେଇଥିଲେ ।

ii. ଏହା କଟକରେ ଅନୁଷ୍ଠିତ ହୋଇଥିଲା ।

24. ଷଢ଼େଇକଳା ଓ ଖରସୁଆଁ କାହିଁକି ବିହାର ସହିତ ମିଶିଯାଇଥିଲା ?

ଉ : i. ଷଢ଼େଇକଳା ଓ ଖରସୁଆଁର ମଧ୍ୟବର୍ତ୍ତୀ ଅଞ୍ଚଳରେ ଅବସ୍ଥିତ ମୟୂରଭଞ୍ଜ ଓଡ଼ିଶାରେ ନ ମିଶିବାରୁ ଏହି ଦୁଇ ରାଜ୍ୟ ମଧ୍ୟରେ ପ୍ରତ୍ୟକ୍ଷ ଭାବେ ଯୋଗାଯୋଗ ହୋଇପାରିଲା ନାହିଁ ।

ii. ତେଣୁ ଏହି ଦୁଇଟି ରାଜ୍ୟର ରାଜାମାନେ ସେମାନଙ୍କ ପୂର୍ବ ମତ ପରିବର୍ତ୍ତନ କରି ବିହାର ସହିତ ମିଶିବା ପାଇଁ ଚାହିଁଲେ ।

25. ନୀଳଗିରି କେବେ ଓଡ଼ିଶା ସରକାରଙ୍କ ଦଖଲରେ ଆସିଲା ଓ ହରେକୃଷ୍ଣ ମହତାବଙ୍କ ଅନୁପସ୍ଥିତିରେ କିଏ ନୀଳଗିରି ଦଖଲ କାର୍ଯ୍ୟ ପରିଚାଳନା କରିଥିଲେ ?

ଉ : i. ୧୯୪୭ ମସିହା ନଭେମ୍ବର ୧୪ ତାରିଖରେ ନୀଳଗିରି ଓଡ଼ିଶା ସରକାରଙ୍କ ଦଖଲରେ ଆସିଲା ।

ii. ହରେକୃଷ୍ଣ ମହତାବଙ୍କ ଅନୁପସ୍ଥିତିରେ ନବକୃଷ୍ଣ ଚୌଧୁରୀ ନୀଳଗିରି ଦଖଲ କାର୍ଯ୍ୟ ପରିଚାଳନା କରିଥିଲେ ।

## କ୍ଷୁଦ୍ର ଉତ୍ତରମୂଳକ ପ୍ରଶ୍ନୋତ୍ତର

1. ଗଡ଼ଜାତ ବା ଦେଶୀୟ ରାଜ୍ୟଗୁଡ଼ିକୁ କେଉଁ ନୀତି ଅନୁସାରେ କ,ଖ,ଗ ଭାଗରେ ତିନି ଶ୍ରେଣୀରେ ବିଭକ୍ତ କରାଯାଇଛି ?

ଉ : ଗଡ଼ଜାତ ବା ଦେଶୀୟ ରାଜ୍ୟଗୁଡ଼ିକୁ ଆୟତନ ଦୃଷ୍ଟିରୁ କ,ଖ,ଗ ପରି ତିନି ଶ୍ରେଣୀରେ ବିଭକ୍ତ କରାଯାଇଛି ।

2. ଦେଶୀୟ ରାଜ୍ୟମାନଙ୍କରେ କେଉଁ ପ୍ରକାର ପ୍ରଜାମାରଣର ପ୍ରଥା ପ୍ରଚଳନ ଥିଲା ?

ଉ : ଦେଶୀୟ ରାଜ୍ୟମାନଙ୍କରେ ବେଠି, ବେପାରୀ, ମାଗଣ, ରସଦ ଓ ଭେଟି ପ୍ରଭୃତି ପ୍ରଜାମାରଣ ପ୍ରଥାର ପ୍ରଚଳନ ଥିଲା ।

3. 'ବେଠି' କାହାକୁ କୁହାଯାଏ ?

ଉ : ରାସ୍ତା, ରାଜପ୍ରାସାଦ ପ୍ରଭୃତି ନିର୍ମାଣ ପାଇଁ ପ୍ରଜାମାନେ ବିନା ପାରିଶ୍ରମିକରେ କରୁଥିବା ଶ୍ରମଦାନକୁ ବେଠି କୁହାଯାଏ ।

4. ଓଡ଼ିଶା ଗଡ଼ଜାତରେ ଚାଲିଥିବା କୁ-ଶାସନ, ଶୋଷଣ, ଅତ୍ୟାଚାର ବିରୋଧରେ ଗଡ଼ଜାତ ପ୍ରଜା ଆନ୍ଦୋଳନ ଆରମ୍ଭ ହୋଇଥିଲା ?

ଉ : ଓଡ଼ିଶା ଗଡ଼ଜାତରେ ଚାଲିଥିବା କୁ-ଶାସନ, ଶୋଷଣ, ଅତ୍ୟାଚାର ବିରୋଧରେ ୧୯୨୨ରେ ଗଡ଼ଜାତ ପ୍ରଜା ଆନ୍ଦୋଳନ ଆରମ୍ଭ ହୋଇଥିଲା ।

5. ଓଡ଼ିଶା ଗଡ଼ଜାତ ପ୍ରଜା ସମ୍ମିଳନୀର ପ୍ରଥମ ଅଧିବେଶନ କାହା ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା ?

ଉ : ଓଡ଼ିଶା ଜନଜାତି ପ୍ରଜା ସମ୍ମିଳନୀର ପ୍ରଥମ ଅଧିବେଶନ ଭୁବନାନନ୍ଦ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା ।

6. ନୀଳଗିରିରେ ପ୍ରଜାମଣ୍ଡଳ ଗଠନ କାହା ନେତୃତ୍ୱରେ ହୋଇଥିଲା ?

ଉ : ୧୯୩୮ ମସିହାରେ ସାରଙ୍ଗଧର ଦାସଙ୍କ ନେତୃତ୍ୱରେ ନୀଳଗିରିରେ ପ୍ରଜାମଣ୍ଡଳ ଗଠିତ ହୋଇଥିଲା ।

7. ଓଡ଼ିଶା ଗଡ଼ଜାତ ତଦନ୍ତ କମିଟି ପୁନର୍ଗଠିତ କେବେ ହୋଇଥିଲା ?

ଉ : ୧୯୩୮ ମସିହାରେ ଓଡ଼ିଶା ଗଡ଼ଜାତ ତଦନ୍ତ କମିଟି ପୁନର୍ଗଠିତ ହୋଇଥିଲା ।

8. କିଏ ହରେକୃଷ୍ଣ ମହତାବଙ୍କୁ 'ପର୍ଶୁରାମ' ଆଖ୍ୟା ଦେଇଥିଲେ ?

ଉ : କଳାହାଣ୍ଡିର ମହାରାଜା ହରେକୃଷ୍ଣ ମହତାବଙ୍କୁ ପର୍ଶୁରାମ ଆଖ୍ୟା ଦେଇଥିଲେ ।

9. କ୍ୟାବିନେଟ ମିଶନକୁ ଓଡ଼ିଶା କଂଗ୍ରେସ କମିଟି ତରଫରୁ କେଉଁ ବିଷୟରେ ସ୍ମାରକ ପତ୍ର ଦେଇଥିଲେ ?

ଉ : କ୍ୟାବିନେଟ ମିଶନକୁ ଓଡ଼ିଶା କଂଗ୍ରେସ କମିଟି ଓଡ଼ିଆ ଭାଷାଭାଷୀ ଛବିଶଟି ଗଡ଼ଜାତକୁ ଓଡ଼ିଶା ପ୍ରଦେଶ ସହିତ ମିଶାଇ ଦେବା ପାଇଁ ସ୍ମାରକ ପତ୍ର ଦେଇଥିଲେ ।

10. 'ପୂର୍ବାଞ୍ଚଳ ଗଡ଼ଜାତ ସଂଘ' ନାମକ ଅନୁଷ୍ଠାନ କେଉଁମାନେ ଗଠନ କରିଥିଲେ ?

ଉ : ଓଡ଼ିଶା ଓ ଛତିଶଗଡ଼ର ୩୯ଟି ଦେଶୀୟ ରାଜାମାନେ 'ପୂର୍ବାଞ୍ଚଳ ଗଡ଼ଜାତ ସଂଘ' ନାମରେ ଏକ ସଙ୍ଗଠନ ଆରମ୍ଭ କରିଥିଲେ।

11. ନୀଳଗିରି ପ୍ରଜାମଣ୍ଡଳ ଆନ୍ଦୋଳନ ଓ ଅରାଜକତାକୁ ଦୂର କରିବା ପାଇଁ ହରେକୃଷ୍ଣ ମହତାବ କେଉଁ ପଦକ୍ଷେପ ନେଇଥିଲେ ?

ଉ : ନୀଳଗିରି ପ୍ରଜାମଣ୍ଡଳ ଆନ୍ଦୋଳନ ଓ ଅରାଜକତା ଦୂର କରିବା ପାଇଁ ହରେକୃଷ୍ଣ ମହତାବ ଦିଲ୍ଲୀରେ ରହି ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ସହିତ ବିଚାରବିମର୍ଶ କରିଥିଲେ ।

12. ନୀଳଗିରି କେବେ ଓଡ଼ିଶା ସରକାରଙ୍କ ଅଧିନକୁ ଆସିଥିଲା ?

ଉ : ୧୯୪୭ ମସିହା ନଭେମ୍ବର ୧୪ ତାରିଖରେ ନୀଳଗିରି ଓଡ଼ିଶା ସରକାରଙ୍କ ଅଧୀନକୁ ଆସିଥିଲା ।

13. କଟକ ଠାରେ ଗଡ଼ଜାତ ରାଜ୍ୟମାନଙ୍କ ସମ୍ମିଳନୀ ୧୯୪୭ ଡିସେମ୍ବର ୧୪ରେ କେଉଁଠାରେ ଅନୁଷ୍ଠିତ ହୋଇଥିଲା ?

ଉ : କଟକଠାରେ ୧୯୪୭ ଡିସେମ୍ବର ୧୪ରେ ଗଡ଼ଜାତ ରାଜ୍ୟମାନଙ୍କ ସମ୍ମିଳନୀ କଟକ ରାଜଭବନରେ ହୋଇଥିଲା ।

14. 'କ' ଶ୍ରେଣୀର ଗଡ଼ଜାତ ରାଜ୍ୟ ସମୂହ ମଧ୍ୟରୁ ୯ଜଣ ଦେଶୀୟ ରାଜ୍ୟ ମିଶ୍ରଣ ଚୁକ୍ତିରେ କେବେ ସ୍ୱାକ୍ଷର କଲେ ?

ଉ : 'କ' ଶ୍ରେଣୀର ଗଡ଼ଜାତ ରାଜାମାନଙ୍କ ମଧ୍ୟରୁ ୯ଜଣ ଦେଶୀୟ ରାଜ୍ୟ ୧୯୪୭ ଡିସେମ୍ବର ୧୫ ତାରିଖ ଦିନ ମିଶ୍ରଣ ଚୁକ୍ତିରେ ସ୍ୱାକ୍ଷର କଲେ ।

15. କେବେ ଓଡ଼ିଆ ଭାଷାଭାଷୀ ୨୬ଟି ଗଡ଼ଜାତ ରାଜ୍ୟ ଓଡ଼ିଶା ସହିତ ମିଶିଥିଲା ?

ଉ : ୧୯୪୮ ମସିହା ଜାନୁଆରୀ ୧ ତାରିଖ ଠାରୁ ଓଡ଼ିଆ ଭାଷାଭାଷୀ ୨୬ଟି ଗଡ଼ଜାତ ଓଡ଼ିଶା ପ୍ରଦେଶ ସହିତ ମିଶିଥିଲା ।

16. ଓଡ଼ିଆ ଭାଷାଭାଷୀ କେଉଁ ଦୁଇ ଅଞ୍ଚଳ ଓଡ଼ିଶାରୁ ବାହାର କରି ବିହାର ସହିତ ମିଶିଯାଇଥିଲା ?

ଉ : ଓଡ଼ିଆ ଭାଷାଭାଷୀ ଷଢ଼େଇକଳା ଓ ଖରସୁଆଁ ଓଡ଼ିଶାରୁ ବାହାର କରି ବିହାର ସହିତ ମିଶାଇ ଦିଆଯାଇଥିଲା ।

17. ମୟୂରଭଞ୍ଜ କେବେ ଓଡ଼ିଶା ସହିତ ମିଶିଥିଲା ?

ଉ : ମୟୂରଭଞ୍ଜ ୧୯୪୯ ମସିହା ଜାନୁଆରୀ ୧ ତାରିଖ ଦିନ ଓଡ଼ିଶା ସହିତ ମିଶିଥିଲା ।

18. ଓଡ଼ିଶା ସହିତ ଗଡ଼ଜାତ ମିଶ୍ରଣ ଫଳରେ ଓଡ଼ିଶାର ବିଧାନସଭାର ନିର୍ବାଚିତ ସଭ୍ୟ ସଂଖ୍ୟା କେତେ ହୋଇଥିଲା ?

ଉ : ଓଡ଼ିଶା ସହିତ ଗଡ଼ଜାତ ମିଶ୍ରଣ ଫଳରେ ଓଡ଼ିଶା ବିଧାନସଭାର ନିର୍ବାଚିତ ସଭ୍ୟ ସଂଖ୍ୟା ୯୧ ହୋଇଥିଲା ।

19. ଓଡ଼ିଶାର ନୂତନ ରାଜଧାନୀ ଭୁବନେଶ୍ୱରରେ ଓଡ଼ିଶା ବିଧାନସଭାର ୯୧ ସଦସ୍ୟଙ୍କୁ ନେଇ କେବେ ଅନୁଷ୍ଠିତ ହୋଇଥିଲା ?

ଉ : ୧୯୪୯ ମସିହା ଅକ୍ଟୋବର ୧୦ ତାରିଖରେ ଏ ସମସ୍ତ ସଦସ୍ୟଙ୍କୁ ନେଇ ଓଡ଼ିଶା ବିଧାନସଭାର ଅଧିବେଶନ ଭୁବନେଶ୍ୱର ନୂଆ ରାଜଧାନୀରେ ଅନୁଷ୍ଠିତ ହୋଇଥିଲା ।

# ତୃତୀୟ ପାଠ : ଗୋଆ ଓ ପୁଦୁଚେରୀର ମୁକ୍ତି

## ବସ୍ତୁନିଷ୍ଠ ପ୍ରଶ୍ନୋତ୍ତର (MCQ)

1. ଭାରତରେ ଥିବା ଫରାସୀ ଉପନିବେଶଗୁଡ଼ିକର ସଦର ମହକୁମା କେଉଁଠାରେ ଥିଲା ?

(A) କରାଇକଲ (B) ଚନ୍ଦନ ନଗର

(C) ମାହେ (D) ପୁଦୁଚେରୀ (ପଣ୍ଡିଚେରୀ)

2. ଗୋଆରେ କେଉଁ ବର୍ଷ ସାଧାରଣ ନିର୍ବାଚନ ହେଲା ?

(A) ୧୯୬୦ (B) ୧୯୬୧

(C) ୧୯୬୪ (D) ୧୯୬୩

3. କେବେ ଭାରତର ବ୍ରିଟିଶ ସାମ୍ରାଜ୍ୟବାଦର ଅବସାନ ହେଲା ଓ ବ୍ରିଟିଶ ସାମ୍ରାଜ୍ୟ ଅନ୍ତର୍ଭୁକ୍ତ ଭାରତ ସ୍ୱାଧୀନ ହେଲା କେବେ ?

(A) ୧୯୪୫ (B) ୧୯୪୬

(C) ୧୯୪୭ (D) ୧୯୫୨

4. ପୁଦୁଚେରୀ ନାମରେ ପରିଚିତ ଅଞ୍ଚଳରେ କେଉଁମାନେ ଶାସନ କରୁଥିଲେ ?

(A) ମରହଟ୍ଟା (B) ଇଂରେଜ

(C) ଫରାସୀ (D) ପର୍ତ୍ତୁଗୀଜ

5. ନିମ୍ନୋକ୍ତ ମଧ୍ୟରୁ କେଉଁଟି ଫରାସୀ ଉପନିବେଶମାନଙ୍କର ସଦର ମହକୁମା ଥିଲା ?

(A) ଚନ୍ଦନ ନଗର (B) ମାହେ

(C) ପୁଦୁଚେରୀ (D) କରାଇକଲ

6. କେଉଁ ଦୁଇ ଅଞ୍ଚଳକୁ ଭାରତର ରାଜନୈତିକ ପରିଧି ଭିତରକୁ ଫେରାଇ ଆଣିବା ଭାରତ ସରକାରଙ୍କ ପାଖରେ ଏକ ପ୍ରମୁଖ ଆହ୍ୱାନ ଥିଲା ?

(A) ଗୋଆ-ମାହେ (B) ଗୋଆ-ପଣ୍ଡିଚେରୀ

(C) ଗୋଆ-ଡିଉ (D) ଗୋଆ-ଦାମନ

7. କିଏ ଗୋଆକୁ ବିଦେଶୀ ହାତକୁ ଠେଲି ଦେଇଥିଲେ ?

(A) କଳିଙ୍ଗର ସମ୍ରାଟ (B) କଚ୍ଛର ସମ୍ରାଟ

(C) ଉତ୍ତର ସମ୍ରାଟ (D) ବିଜୟନଗରର ସମ୍ରାଟ

8. ୧୯୫୦ ମେ ୨ ତାରିଖ ଦିନ ବିଧିବଦ୍ଧ ଭାବରେ କେଉଁ ଅଞ୍ଚଳଟି ଭାରତର ଅନ୍ତର୍ଭୁକ୍ତ ହେଲା ?

(A) ଗୋଆ (B) ଚନ୍ଦନ ନଗର

(C) ପଣ୍ଡିଚେରୀ (D) ମାହେ

9. ଏଡ଼ୱାର୍ଡ଼ ଗୋବର୍ଟ କେଉଁ ଦେଶର ଶାସକ ଥିଲେ ?

(A) ପର୍ତ୍ତୁଗୀଜ (B) ଇଂରେଜ

(C) ଫରାସୀ (D) ପାର୍ସୀ

10. ଗୋଆର ଜନସାଧାରଣଙ୍କ ସୁଖସୁବିଧା ପାଇଁ କେଉଁମାନେ ଦୃଷ୍ଟି ଦେଉନଥିଲେ ?

(A) ଫରାସୀ (B) ଇଂରେଜ

(C) ପର୍ତ୍ତୁଗୀଜ (D) ମରହଟ୍ଟା

11. 'ଗୋଆ ମିଳିତ ସାମ୍ମୁଖ୍ୟ' କ'ଣ ?

(A) ଏକ ମିଳିତ ସଂଘ (B) ମିଳିତ ଜନଜାତି

(C) ମିଳିତ ସଂସ୍ଥା (D) ଏକ ଜନ ଅନୁଷ୍ଠାନ

12. ପର୍ତ୍ତୁଗୀଜମାନେ କେତେ ବର୍ଷ ଧରି ଗୋଆକୁ ନିଜ ଅକ୍ତିଆରରେ ରଖିଥିଲେ ?

(A) ୪୫୦ ବର୍ଷ (B) ୫୫୦ ବର୍ଷ

(C) ୩୩୦ ବର୍ଷ (D) ୨୨୦ ବର୍ଷ

13. ଦାମନ ଓ ଡ଼ିଉକୁ କାହାଠାରୁ ଅଲଗା କରିଦିଆଯାଇଥିଲା ?

(A) ମାହେ (B) ଚଣ୍ଡୀଗଡ଼

(C) କେରଳ (D) ଗୋଆ

14. 'ଆଜାଦ ଗୋମନ୍ତକ ଦଳ' କେଉଁ ଅଞ୍ଚଳକୁ ଦଖଲ କରିଥିଲା ?

(A) ଚନ୍ଦନ ନଗର (B) ଦାଦ୍ରା

(C) ନଗର ହାବେଳୀ (D) ନଗର କୋଏଲ

15. ଫ୍ରାନ୍ସ ଓ ଭାରତ ମଧ୍ୟରେ କେବେ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା ?

(A) ୧୯୪୫ (B) ୧୯୪୭

(C) ୧୯୪୮ (D) ୧୯୪୯

16. ଭାସ୍କୋଡ଼ାଗାମାଙ୍କ ଜଳପଥ ଆବିଷ୍କାର ପରେ ପର୍ତ୍ତୁଗୀଜମାନେ କେଉଁସ୍ଥାନ ଅଧିକାର କରିବାକୁ ଅଭିଯାନ ଆରମ୍ଭ କରିଥିଲେ ?

(A) କଲିକତା (B) କାଲିକଟ୍

(C) ଗୋଆ (D) ଚନ୍ଦନ ନଗର

17. ପର୍ତ୍ତୁଗୀଜ ଶାସିତ ଦାମନ ଭାରତର କେଉଁ ଉପକୂଳରେ ଅବସ୍ଥିତ ?

(A) ପୂର୍ବ ଉପକୂଳ (B) ପଶ୍ଚିମ ଉପକୂଳ

(C) ଦକ୍ଷିଣ ଉପକୂଳ (D) ଆନ୍ଧ୍ର ଉପକୂଳ

18. ଗୋଆ, ମହାରାଷ୍ଟ୍ରରେ ମିଶିବ ଅଥବା ଅଲଗା ରହିବ, ଏଥିପାଇଁ ଗଣଭୋଟ କେବେ ଅନୁଷ୍ଠିତ ହୋଇଥିଲା ?

(A) ୧୮୬୩ (B) ୧୯୬୫

(C) ୧୯୬୬ (D) ୧୯୬୭

19. ଫରାସୀ ଉପନିବେଶଗୁଡ଼ିକ ଭାରତରେ ସମ୍ପୂର୍ଣ୍ଣ ଭାବେ ମିଶିଯିବା ପାଇଁ ଫରାସୀ ଜାତୀୟ ସଭା କେବେ ଅନୁମୋଦନ କଲା ?

(A) ୧୯୫୪ ମେ (B) ୧୯୬୦ ଜୁନ

(C) ୧୯୬୧ ଅକ୍ଟୋବର (D) ୧୯୬୨ ମେ

20. ଦାଦ୍ରା ଓ ନଗର ହାବେଲୀ କେବେ ଭାରତ ସହ ମିଶିଥିଲା ?

(A) ୧୯୬୧ ଅଗଷ୍ଟ ୧୧ (B) ୧୯୬୧ ଅଗଷ୍ଟ ୧୫

(C) ୧୯୬୨ ଅଗଷ୍ଟ ୧୧ (D) ୧୯୬୨ ଅଗଷ୍ଟ ୧୫

21. କିଏ ଭାରତକୁ ଜଳପଥ ଆବିଷ୍କାର କରିବା ପରେ ପର୍ତ୍ତୁଗୀଜମାନେ ଗୋଆ ଅଧିକାର କରିବାକୁ ଅଭିଯାନ ଆରମ୍ଭ କଲେ ?

(A) କଲମ୍ବସ (B) ଭାସ୍କୋଡ଼ାଗାମା

(C) ମାଗେଲାନ୍ (D) ମାର୍କୋପୋଲୋ

22. କେଉଁଟି ଏକ ପର୍ତ୍ତୁଗୀଜ ଉପନିବେଶ ନୁହେଁ ?

(A) ଦାଦ୍ରା (B) ଡାମନ୍

(C) ନଗର ହାବେଳି (D) ମାହେ

23. କେବେ ଗୋଆର ପର୍ତ୍ତୁଗାଲ ଗଭର୍ଣ୍ଣର ଶରଣପତ୍ରରେ ସ୍ୱାକ୍ଷର କରି ଭାରତର ଶରଣାଗତ ହେଲେ ?

(A) ୧୯୬୧ ଡିସେମ୍ବର ୧୮ (B) ୧୯୬୧ ଡିସେମ୍ବର ୧୯

(C) ୧୯୬୧ ଡିସେମ୍ବର ୨୫ (D) ୧୯୬୧ ଡିସେମ୍ବର ୩୧

24. ୧୯୬୦ ମସିହା ଡିସେମ୍ବର ମାସରେ କେଉଁ ଆନ୍ତର୍ଜାତିକ ଅନୁଷ୍ଠାନ ପର୍ତ୍ତୁଗାଲ ବାହାରେ ପର୍ତ୍ତୁଗୀଜ ଉପନିବେଶଗୁଡ଼ିକୁ ପର୍ତ୍ତୁଗାଲର ରାଜ୍ୟ ଭାବରେ ବିବେଚନା କରିବା ଦାବିକୁ ଅଗ୍ରାହ୍ୟ କରିଦେଲେ ?

(A) ଜାତିସଂଘ ସାଧାରଣ ସଭା (B) ଆନ୍ତର୍ଜାତିକ ନ୍ୟାୟାଳୟ

(C) ଆନ୍ତର୍ଜାତିକ ମୁଦ୍ରାପାଣ୍ଠି (D) ଜାତିସଂଘ ସଚିବାଳୟ

25. ଗୋଆକୁ କେବେ ରାଜ୍ୟପାହ୍ୟା ପ୍ରଦାନ କରାଗଲା ?

(A) ୧୯୮୭ (B) ୧୯୮୫

(C) ୧୯୯୦ (D) ୧୯୯୧

26. ନିମ୍ନୋକ୍ତ କେଉଁଟି ଏକ ଫରାସୀ ଉପନିବେଶ ନୁହେଁ ?

(A) ମାହେ (B) ନଗର ହାବେଳି

(C) ଚନ୍ଦନ ନଗର (D) କରାଇକଲ

27. ୧୯୪୯ ମସିହା ଜୁନ ୧୯ରେ କେଉଁଠାରେ ଏକ ଗଣଭୋଟ ଅନୁଷ୍ଠିତ ହୋଇ ଭାରତ ସହିତ ମିଶିବା ପାଇଁ ସ୍ଥିର ହୋଇଥିଲା ?

(A) ପୁଦୁଚେରୀ (B) ୟାନାମ

(C) ଚନ୍ଦନ ନଗର (D) କରାଇକଲ

28. ଏନଓ୍ୱାର୍ଡ଼ ଗୋବର୍ଟ ନାମକ ଫରାସୀ ଶାସନ କେଉଁଠାରେ ଜନଆନ୍ଦୋଳନକୁ ବଳ ପ୍ରୟୋଗ କରି ଦମନ କରିବାକୁ ଚେଷ୍ଟା କରିଥିଲେ ?

(A) ପୁଦୁଚେରୀ (B) ୟାନାମ୍ ଓ ମାହେ

(C) ଚନ୍ଦନ ନଗର (D) କରାଇକଲ

29. ୧୯୫୪ ମସିହା ଅକ୍ଟୋବର ମାସରେ କେଉଁଠାରେ ଭାରତରେ ମିଶ୍ରଣ ସଂକ୍ରାନ୍ତରେ ଏକ ଜନମତ ନିଆଯାଇଥିଲା ?

(A) ପୁଦୁଚେରୀ ଓ ଚନ୍ଦନ ନଗର (B) ଚନ୍ଦନ ନଗର ଓ କରାଇକଲ

(C) ୟାନାମ ଓ ମାହେ (D) ପୁଦୁଚେରୀ ଓ କରାଇକଲ

30. କେଉଁ ବିଶିଷ୍ଟ ବ୍ୟକ୍ତି ପୁଦୁଚେରୀରେ ଏକ ପ୍ରସିଦ୍ଧ ଆଶ୍ରମ ପ୍ରତିଷ୍ଠା କରିଛନ୍ତି ?

(A) ମହାତ୍ମା ଗାନ୍ଧୀ (B) ରବୀନ୍ଦ୍ର ନାଥ ଟାଗୋର

(C) ଶ୍ରୀ ଅରବିନ୍ଦ ଘୋଷ (D) ସ୍ୱାମୀ ବିବେକାନନ୍ଦ

31. ବର୍ତ୍ତମାନ ପୁଦୁଚେରୀର କେତେ ଜଣ ଲେଖାଏଁ ନିର୍ବାଚିତ ସଭ୍ୟ ଲୋକସଭା ଓ ରାଜ୍ୟସଭାର ପ୍ରତିନିଧି ଅଛନ୍ତି ?

(A) ଜଣେ ଲେଖାଏଁ (B) ଦୁଇଜଣ ଲେଖାଏଁ

(C) ତିନିଜଣ ଲେଖାଏଁ (D) ପାଞ୍ଚଜଣ ଲେଖାଏଁ

32. ପୁଦୁଚେରୀ ବିଧାନସଭାର ଆସନ ସଂଖ୍ୟା କେତେ ?

(A) ୩୫ (B) ୩୦

(C) ୫୬ (D) ୬୦

33. ୧୫୧୬ ମସିହାରେ ନିମ୍ନୋକ୍ତ କିଏ ଗୋଆ ଅଧିକାର କରିଥିଲା ?

(A) ଫ୍ରାନ୍ସ (B) ପର୍ତ୍ତୁଗାଲ

(C) ଇଂଲଣ୍ଡ (D) ଡଲାଣ୍ଡ

34. କାହା ସହାୟତାରେ ପର୍ତ୍ତୁଗୀଜମାନେ ଗୋଆ ଅଧିକାର କରିଥିଲେ ?

(A) ହାଇଦ୍ରାବାଦର ନିଜାମ (B) ବିଜୟନଗରରର ସମ୍ରାଟ

(C) ତ୍ରିବାଙ୍କୁଡ଼ର ଶାସନ (D) କୋଚିନର ଶାସନ

35. ନିମ୍ନୋକ୍ତ କେଉଁଟି ଫରାସୀ ଉପନିବେଶ ନଥିଲା ?

(A) ଫରାସୀ (B) ଗୋଆ

(C) ଚନ୍ଦନ ନଗର (D) କରାଇକଲ

36. ନିମ୍ନଲିଖିତ ମଧ୍ୟରୁ କେଉଁଟି ପୂର୍ବ ଉପକୂଳରେ ଅବସ୍ଥିତ ?

(A) ଗୋଆ (B) ଦାମନ

(C) ଡିଉ (D) ପୁଦୁଚେରୀ

37. ନିମ୍ନୋକ୍ତ କେଉଁଟି କରମଣ୍ଡଳ ଉପକୂଳରେ ଅବସ୍ଥିତ ନଥିଲା ?

(A) ପୁଦୁଚେରୀ (B) କରାଇକଲ

(C) ୟାନମ୍ (D) ମାହେ

38. ନିମ୍ନୋକ୍ତ ମଧ୍ୟରୁ କେଉଁଟି ମାଲବାର ଉପକୂଳରେ ଅବସ୍ଥିତ ଥିଲା ?

(A) କରାଇକଲ (B) ମାହେ

(C) ପୁଦୁଚେରୀ (D) ୟାନମ୍

39. ଭାରତରେ ଥିବା ଫରାସୀ ଉପନିବେଶର ଆୟତନ କେତେ ବର୍ଗ କିଲୋମିଟର ଥିଲା ?

(A) ୫୧୦ (B) ୬୫୦

(C) ୭୨୦ (D) ୮୮୦

40. ଛତ୍ରପତି ଶିବାଜୀ କିଛିଦିନ ପାଇଁ ନିମ୍ନୋକ୍ତ କେଉଁ ଅଞ୍ଚଳକୁ ଅଧିକାର କରିଥିଲେ ?

(A) ଗୋଆ (B) ଦାମନ

(C) ଡିଉ (D) ଦାଦ୍ରା

41. ଭାରତୀୟ ସୈନ୍ୟମାନେ କେବେ ଗୋଆରେ ପ୍ରବେଶ କଲେ ?

(A) ୧୯୬୧ ଡିସେମ୍ବର ୧୮ (B) ୧୯୬୧ ଡିସେମ୍ବର ୧୯

(C) ୧୯୬୨ ଜାନୁଆରୀ ୧ (D) ୧୯୬୨ ଜାନୁଆରୀ ୨୬

42. ୧୯୫୫ ମସିହା ଅଗଷ୍ଟ ୧୫ ତାରିଖରେ ହୋଇଥିବା ବଡ଼ ଧରଣର ବିକ୍ଷୋଭ ପ୍ରଦର୍ଶନରେ ପର୍ତ୍ତୁଗୀଜ ପୁଲିସ ଗୁଳି ଚାଳନାରେ କେତେ ଜଣ ସତ୍ୟାଗ୍ରହୀ ମୃତ୍ୟୁବରଣ କରିଥିଲେ ?

(A) ୨୨ ଜଣ (B) ୩୫ଜଣ

(C) ୮୫ଜଣ (D) ୧୨୮ ଜଣ

43. କେଉଁମାନଙ୍କ ସମୟରେ ଗୋଆ ମୁସଲମାନମାନଙ୍କର ଶାସନାଧୀନ ହୋଇଥିଲା ?

(A) ତୁର୍କ (B) ଆଫଗାନ

(C) ମୋଗଲ (D) ଖିଲଜି

44. ଆଙ୍ଗୋଲା ଦେଶଟି କେଉଁ ମହାଦେଶର ଅଟେ ?

(A) ଇଉରୋପ (B) ଏସିଆ

(C) ଆମେରିକା (D) ଆଫ୍ରିକା

45. ଗୋଆରୁ ଭାରତୀୟ ସୈନ୍ୟ ପ୍ରତ୍ୟାହାର ପ୍ରସ୍ତାବଟି ଜାତିସଂଘର ସୁରକ୍ଷା ପରିଷଦରେ କେଉଁ ରାଷ୍ଟ୍ରର ଭିଟୋ ପ୍ରୟୋଗ ବଳରେ ଅକାମୀ ହୋଇଯାଇଥିଲା ?

(A) ଆମେରିକା (B) ଚୀନ

(C) ଫ୍ରାନ୍ସ (D) ରୁଷ୍

46. ଫରାସୀ ଉପନିବେଶଗୁଡ଼ିକର କ୍ଷେତ୍ରଫଳ କେତେ ବର୍ଗ କି.ମି ଥିଲା ?

(A) ୪୮୦ (B) ୫୧୦

(C) ୫୯୦ (D) ୬୨୫

47. ଗୋଆ ଭାରତର କେତେ ତମ ରାଜ୍ୟ ଭାବରେ ଆତ୍ମପ୍ରକାଶ କରିଥିଲା ?

(A) ୨୨ (B) ୨୫

(C) ୨୬ (D) ୨୭

48. ଗୋଆ ମିଳିତ ସାମ୍ମୁଖ୍ୟ’ କେବେ ଦାଦ୍ରା ଅନ୍ତଃ କ୍ଷେତ୍ରକୁ ନିଜ ଅକ୍ତିଆରକୁ ଆଣିଥିଲା ?

(A) ୧୯୬୫ ଜୁଲାଇ ୨୪ (B) ୧୯୫୬ ଜାନୁଆରୀ ୨୬

(C) ୧୯୬୧ ଜୁନ ୨୩ (D) ୧୯୬୭ ଡିସେମ୍ବର ୩୦

49. ଚନ୍ଦନ ନଗରରେ ଅନୁଷ୍ଠିତ ଗଣଭୋଟରେ କେତେ ଜଣ ଭାରତରେ ମିଶିବା ସପକ୍ଷରେ ଭୋଟ ଦେଇଥିଲେ ?

(A) ୩,୪୩୬ (B) ୩,୪୬୩

(C) ୪,୩୩୬ (D) ୬,୪୩୬

50. ପୁଦୁଚେରୀର କ୍ଷେତ୍ରଫଳ କେତେ ବର୍ଗ କିଲୋମିଟର ?

(A) ୩୮୦ ବର୍ଗ କି.ମି (B) ୪୭୨ ବର୍ଗ କି.ମି

(C) ୪୮୯ ବର୍ଗ କି.ମି (D) ୫୨୩ ବର୍ଗ କି.ମି

## ଉତ୍ତର

1. (D), 2. (D), 3. (C), 4. (C), 5. (C), 6. (B), 7. (D), 8. (B), 9. (C), 10. (C), 11. (D), 12. (A), 13. (D), 14. (C), 15. (C), 16. (C), 17. (B), 18. (D), 19. (D), 20. (A), 21. (B), 22. (D), 23. (B), 24. (A), 25. (A), 26. (B), 27. (C), 28. (B), 29. (D), 30. (C), 31. (A), 32. (B), 33. (B), 34. (B), 35. (B), 36. (D), 37. (D), 38. (B), 39. (A), 40. (A), 41. (A), 42. (A), 43. (D), 44. (D), 45. (D), 46. (B), 47. (B), 48. (A), 49. (B), 50. (C)

# ଦୀର୍ଘ ଉତ୍ତରମୂଳକ ପ୍ରଶ୍ନୋତ୍ତର

1. ଗୋଆରେ ନିଜର ଶାସନ ଜାରି ରଖିବା ପାଇଁ ୧୯୪୭ ମସିହାରୁ ୧୯୬୧ ଯାଏଁ ପର୍ତ୍ତୁଗୀଜମାନେ କେଉଁ ପଦକ୍ଷେପମାନ ଗ୍ରହଣ କରିଥିଲେ ?

ଉ : i. ଭାରତର ସ୍ୱାଧୀନତା ଲାଭ ପରେ ଗୋଆର ପର୍ତ୍ତୁଗୀଜ ଶାସକ ଭାରତ ସରକାରଙ୍କ କୂଟନୈତିକ ସମାଧାନ ପନ୍ଥା ଗ୍ରହଣ କଲେ ନାହିଁ । ଗୋଆ, ଡାମନ, ଡିଉର ଜନସାଧାରଣ ପର୍ତ୍ତୁଗୀଜ ଶାସନ ବିରୋଧରେ ୧୯୫୫ ଅଗଷ୍ଟ ୧୫ ତାରିଖରେ ବିକ୍ଷୋଭ ପ୍ରଦର୍ଶନ କଲେ ।

ii. ଫଳରେ ପୁଲିସ ଗୁଳିରେ ୨୨ଜଣ ସତ୍ୟାଗ୍ରହୀଙ୍କ ମୃତ୍ୟୁ ହେଲା । ଭାରତୀୟ ସୈନ୍ୟବାହିନୀର ହସ୍ତକ୍ଷେପ ପରେ ପର୍ତ୍ତୁଗୀଜ ସରକାର ଏହା ବିରୋଧରେ ଆନ୍ତର୍ଜାତିକ ନ୍ୟାୟାଳୟର ଆଶ୍ରୟ ନେଲେ । ୧୯୬୦ରେ ନ୍ୟାୟାଳୟ ଏହି ଅର୍ଜିକୁ ଖାରଜ କରିଦେଲେ ।

iii. ଜାତିସଂଘର ସାଧାରଣ ସଭା ଦ୍ୱାରା ଗୋଆ ଉପରେ ପର୍ତ୍ତୁଗୀଜର କର୍ତ୍ତୃତ୍ୱ ଦାବିକୁ ମଧ୍ୟ ଅଗ୍ରାହ୍ୟ କରିଦିଆଗଲା ।

iv. ଗୋଆରୁ ପର୍ତ୍ତୁଗୀଜମାନଙ୍କୁ ବିତାଡ଼ିତ କରିବା ପାଇଁ କେନ୍ଦ୍ର ସରକାର ଉପରେ ଚାପ ବଢ଼ିଚାଲିଲା । ଆମେରିକା ସରକାର ମଧ୍ୟ ପର୍ତ୍ତୁଗୀଜ କର୍ତ୍ତୃପକ୍ଷଙ୍କୁ ବୁଝାଇବାକୁ ଚେଷ୍ଟା କରି ବିଫଳ ହେଲେ ।

v. ତେଣୁ ୧୯୬୧ ମସିହା ଡିସେମ୍ବର ୧୮ ତାରିଖ ଦିନ ଭାରତୀୟ ସୈନ୍ୟବାହିନୀ ଗୋଆରେ ପ୍ରବେଶ କଲେ ଓ ପର୍ତ୍ତୁଗୀଜ ସୈନ୍ୟଙ୍କୁ ପରାସ୍ତ କଲେ । ସେହି ମାସ ଡିସେମ୍ବର ୧୯ ତାରିଖରେ ଗୋଆର ପର୍ତ୍ତୁଗୀଜ ଗଭର୍ଣ୍ଣର ଶରଣପତ୍ରରେ ସ୍ୱାକ୍ଷର କଲେ । ଫଳରେ ଗୋଆର ଭାରତ ସହିତ ମିଶ୍ରଣ ସମ୍ପନ୍ନ ହେଲା ।

2. ଗୋଆରେ ପର୍ତ୍ତୁଗୀଜ ଶାସନ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କେଉଁ କାରଣ ଯୋଗୁଁ ଘଟିଥିଲା ? ଏହାର ଫଳ କ'ଣ ହୋଇଥିଲା ?

ଉ : i. ଗୋଆରେ ପର୍ତ୍ତୁଗୀଜ ଶାସକମାନେ ଜନସାଧାରଣଙ୍କ ସୁଖସୁବିଧା ପାଇଁ ଦୃଷ୍ଟି ଦେଉନଥିଲେ । ଗୋଆ, ଦାମନ, ଡିଉର ଜନସାଧାରଣ ସେମାନଙ୍କ ଅତ୍ୟାଚାରରେ ଅତିଷ୍ଠ ହୋଇପଡ଼ିଥିଲେ ।

ii. ୧୯୫୫ ମସିହା ଅଗଷ୍ଟ ୧୫ରେ ଗୋଆରେ ଏକ ବଡ଼ ଧରଣର ବିକ୍ଷୋଭ ପ୍ରଦର୍ଶନ କଲେ । ଏହି ପ୍ରଦର୍ଶନରେ ପ୍ରାୟ ୫,୦୦୦ ଲୋକ ଅଂଶଗ୍ରହଣ କରିଥିଲେ ।

iii. ଏହି ପ୍ରଦର୍ଶନକୁ ଘଉଡ଼ାଇବାକୁ ପର୍ତ୍ତୁଗୀଜ ପୁଲିସ ଗୁଳିଚାଳନା କଲେ । ଏହି ଗୁଳିଚାଳନାରେ ୨୨ଜଣ ଅହିଂସା ସତ୍ୟାଗ୍ରହୀ ମୃତ୍ୟୁବରଣ କଲେ ।

iv. ଆନ୍ଦୋଳନକୁ ଶକ୍ତି ପ୍ରୟୋଗ କରି ଦବାଇ ଦେବା ପାଇଁ ପର୍ତ୍ତୃଗୀଜର ସରକାର ଦାମନରୁ ସୈନ୍ୟ ପ୍ରେରଣ କରିବାକୁ ଚେଷ୍ଟା କଲେ ।

v. ଭାରତୀୟ ସୈନ୍ୟବାହିନୀ ଏଥିରେ ବାଧା ଦେବାରୁ ପର୍ତ୍ତୁଗୀଜ ସରକାର ଏହା ବିରୋଧରେ ଆନ୍ତର୍ଜାତିକ ନ୍ୟାୟାଳୟରେ ଏକ ଅର୍ଜି ଦାଖଲ କରିଥିଲେ । ୧୯୬୦ ମସିହାରେ ଆନ୍ତର୍ଜାତିକ ନ୍ୟାୟାଳୟ ଏହି ଅର୍ଜିଟିକୁ ଖାରଜ କରିଦେଲେ ।

3. ସ୍ୱାଧୀନତା ପରେ ଭାରତରେ ଥିବା ଫରାସୀ ଉପନିବେଶ ସମ୍ପର୍କରେ ଏକ ଟିପ୍ପଣୀ ଲେଖ ।

ଉ : i. ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଭାରତରୁ ବ୍ରିଟିଶ ସାମ୍ରାଜ୍ୟବାଦର ଅବସାନ ହୋଇଥିଲେ ମଧ୍ୟ ଭାରତର ଅବିଚ୍ଛେଦ୍ୟ ଅଙ୍ଗ ଭାବେ ଜଣାଶୁଣା କିଛି ଅଞ୍ଚଳ ବିଦେଶୀ ଶାସନ କବଳରେ ରହିଥିଲା ।

ii. ପୂର୍ବ ଉପକୂଳରେ ଅବସ୍ଥିତ ପୁଦୁଚେରୀ ଫରାସୀ ଶାସନାଧୀନ ଥିଲା ।

iii. ଏତେଦ୍ ବ୍ୟତୀତ ଚନ୍ଦନ ନଗର. କରାଇକଲ୍, ମାହେ, ୟାନାମ ପ୍ରଭୃତି ଅଞ୍ଚଳ ମଧ୍ୟ ଫରାସୀ ଶାସନାଧୀନ ଥିଲା ।

iv. ଭାରତରେ ଥିବା ଫରାସୀ ଉପନିବେଶର ଆୟତନ ୫୧୦ ବର୍ଗ କିଲୋମିଟର ଥିବାବେଳେ ୧୯୩୬ ମସିହା ସୁଦ୍ଧା ଏହି ଉପନିବେଶର ଜନସଂଖ୍ୟା ୨.୯୮,୫୫୧ ଥିଲା ।

v. ପୁଦୁଚେରୀ (ପଣ୍ଡିଚେରୀ) ଫରାସୀ ଉପନିବେଶମାନଙ୍କର ସଦରମହକୁମା ଥିଲା ।

vi. ଏହି ଅଞ୍ଚଳଗୁଡ଼ିକୁ ଭାରତର ରାଜନୈତିକ ପରିଧି ଭିତରକୁ ଫେରାଇ ଆଣିବା ସ୍ୱାଧୀନତା ପର ଭାରତ ସରକାରଙ୍କ ପାଇଁ ଏକ ପ୍ରମୁଖ ଆହ୍ୱାନ ଥିଲା ।

vii. ଭାରତ ସରକାରଙ୍କ ଅକ୍ଲାନ୍ତ ଉଦ୍ୟମ ଫଳରେ ଏହି ଫରାସୀ ଉପନିବେଶଗୁଡ଼ିକ ୧୯୬୨ ମେ ମାସରେ ଭାରତ ସହିତ ବିଧିବଦ୍ଧ ଭାବରେ ମିଶିଥିଲା ।

4. ୧୯୬୧ ମସିହାରେ କେଉଁ ପରିସ୍ଥିତିରେ ଭାରତୀୟ ସୈନ୍ୟବାହିନୀ ଗୋଆରେ ପ୍ରବେଶ କଲେ ?

କିମ୍ବା : ଗୋଆର ପର୍ତ୍ତୁଗୀଜ ଗଭର୍ଣ୍ଣର କିପରି ଭାରତରେ ଶରଣାଗତ ହେଲେ ?

ଉ : i. ୧୯୬୦ ମସିହା ଡିସେମ୍ବର ମାସରେ ଜାତିସଂଘ ସାଧାରଣ ସଭା ପର୍ତ୍ତୁଗାଲ ବାହାରେ ଥିବା ପର୍ତ୍ତୁଗୀଜ ଉପନିବେଶଗୁଡ଼ିକୁ ପର୍ତ୍ତୁଗାଲର ଅଂଶ ଭାବରେ ଗ୍ରହଣ କରିବା ଦାବିକୁ ଅଗ୍ରାହ୍ୟ କରିଦେବା ପରେ ଭାରତ ସରକାର ୧୯୬୧ ମସିହାରେ କଥାବାର୍ତ୍ତା ମାଧ୍ୟମରେ ଗୋଆ ସମସ୍ୟାର ସମାଧାନ ପାଇଁ ପ୍ରୟାସ କରିଥିଲେ ।

ii. କିନ୍ତୁ ପର୍ତ୍ତୁଗାଲ ସରକାର ଆଙ୍ଗୋଲାରେ ସତ୍ୟାଗ୍ରହୀମାନଙ୍କୁ ଯେପରି ଦମନ କରିବାରେ ସମର୍ଥ ହୋଇଥିଲେ ସେହିପରି ଗୋଆର ସତ୍ୟାଗ୍ରହୀମାନଙ୍କୁ ଦମନ କରିବାକୁ ପ୍ରୟାସ କଲା ।

iii. ଏହାପରେ ଗୋଆରୁ ପର୍ତ୍ତୁଗୀଜମାନଙ୍କୁ ବିତାଡ଼ିତ କରିବା ପାଇଁ କେନ୍ଦ୍ର ସରକାରଙ୍କ ଉପରେ ଚାପ ପଡ଼ିଲା ।

iv. ଏହି ଅବସରରେ ଆମେରିକା ସରକାର ପର୍ତ୍ତୁଗୀଜ ସରକାରଙ୍କୁ ଗୋଆ ଛାଡ଼ିବା ପାଇଁ ବୁଝାଇ ବିଫଳ ହେଲା ।

v. ସବୁ ପ୍ରକାର ପ୍ରୟାସ ବିଫଳ ହେବାରୁ ଭାରତ ସରକାର ବାଧ୍ୟ ହୋଇ ଗୋଆର ପ୍ରଜାମାନଙ୍କର ସ୍ୱାଧୀନତା ପାଇଁ ୧୯୬୧ ମସିହା ଡିସେମ୍ବର ୧୮ ତାରିଖରେ ଗୋଆରେ ଭାରତୀୟ ସୈନ୍ୟବାହିନୀ ପ୍ରବେଶ କରାଇଥିଲେ ଏବଂ ପର୍ତ୍ତୁଗୀଜ ସୈନ୍ୟଙ୍କୁ ପରାସ୍ତ କରିଥିଲେ ।

5. ପୁଦୁଚେରୀ ଅଧୀନରେ ଥିବା ଫରାସୀ ଶାସନାଧୀନ ଅନ୍ତଃକ୍ଷେତ୍ରଗୁଡ଼ିକ କିପରି ଭାରତ ସହିତ ମିଶିଲେ ?

ଉ : i. ଭାରତରେ ବିକ୍ଷିପ୍ତ ହୋଇ ରହିଥିବା ଫରାସୀ ଶାସନାଧୀନ ଅନ୍ତଃକ୍ଷେତ୍ରଗୁଡ଼ିକ ଥିଲା ପୁଦୁଚେରୀ, ଚନ୍ଦନ ନଗର, କରାଇକଲ, ମାହେ ଓ ୟାନାମ ।

ii. ଭାରତ ସ୍ୱାଧୀନତା ପରେ ଭାରତ ସରକାର ଏହି କ୍ଷେତ୍ରଗୁଡ଼ିକୁ ଭାରତ ସହିତ ମିଶାଇବା ପାଇଁ ଫରାସୀ ଶାସକମାନଙ୍କ ସହିତ ଆଲୋଚନା କଲେ ।

iii. ଆଲୋଚନାର ଫଳ ସ୍ୱରୂପ ୧୯୪୮ ମସିହାରେ ଫ୍ରାନ୍ସ ଓ ଭାରତ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ ହେଲା । ଏହି ଚୁକ୍ତି ଅନୁସାରେ ଗଣଭୋଟ ମାଧ୍ୟମରେ ଏହି ଅଞ୍ଚଳଗୁଡ଼ିକ କାହା ସହିତ ମିଶିବ ବୋଲି ନିର୍ଦ୍ଧାରିତ ହେବାର ସ୍ଥିର କରାଗଲା ।

iv. ୧୯୪୯ ଜୁନ ମାସ ୧୯ ତାରିଖରେ ଚନ୍ଦନ ନଗରରେ ଅନୁଷ୍ଠିତ ଗଣଭୋଟରେ ଭାରତ ସହିତ ମିଶିବା ପାଇଁ ୩.୪୬୩ଟି ଭୋଟ ଏବଂ ଫରାସୀ ଉପନିବେଶ ସପକ୍ଷରେ ମାତ୍ର ୧୧୪ ଭୋଟ ପଡ଼ିଥିଲା । ତେଣୁ ୧୯୫୦ ମେ ୨ତାରିଖ ଦିନ ବିଧିବଦ୍ଧ ଭାବରେ ଚନ୍ଦନ ନଗର ଭାରତ ସହିତ ମିଶିଗଲା ।

v. ୧୯୫୪ରେ ଭାରତ ସପକ୍ଷ ଜଦ ଆନ୍ଦୋଳନକାରୀମାନେ ୟାନାମ୍ ଓ ମାହେ ରେ କ୍ଷମତା ହାସଲ କଲେ ।

vi. ୧୯୫୪ ମସିହାରେ ଅକ୍ଟୋବର ଓ ପୁଦୁଚେରୀ ଓ କରାଇକଲରେ ଅନୁଷ୍ଠିତ ଗଣଭୋଟ ଭାରତ ସପକ୍ଷରେ ଗଲା ଏବଂ ୧୯୫୪ ମସିହା ନଭେମ୍ବର ୧ ତାରିଖରେ ପୁଦୁଚେରୀ ଓ କରାଇକଲ ବାସ୍ତବ କ୍ଷମତା ଭାରତ ହାତକୁ ଆସିଥିଲା ।

vii. ୧୯୬୨ ମସିହା ମେ ମାସରେ ଫରାସୀ ସରକାରଙ୍କର ଅନୁମୋଦନ ପରେ ଫରାସୀ ଆନ୍ତଃକ୍ଷେତ୍ରଗୁଡ଼ିକ ବିଧିବଦ୍ଧ ଭାବରେ ଭାରତ ସହିତ ମିଶିଥିଲା ।

6. ଗୋଆରୁ ପର୍ତ୍ତୁଗୀଜ ଶାସନର ଅବସାନ କିପରି ହେଲା ?

ଉ : i. ଗୋଆରୁ ପର୍ତ୍ତୁଗୀଜମାନଙ୍କୁ ବିତାଡ଼ିତ କରିଦେବା ପାଇଁ କେନ୍ଦ୍ର ସରକାର ଉପରେ ଚାପ ବଢ଼ି ଚାଲିଲା । ଆମେରିକା ସରକାର ପର୍ତ୍ତୁଗୀଜ କର୍ତ୍ତୃପକ୍ଷଙ୍କୁ ବୁଝାଇବାକୁ ଚେଷ୍ଟା କଲେ । ତାହା ବିଫଳ ହେଲା ।

ii. ୧୯୬୧ ମସିହା ଡିସେମ୍ବର ୧୮ ତାରିଖରେ ଭାରତୀୟ ସୈନ୍ୟବାହିନୀ ଗୋଆରେ ପ୍ରବେଶ କଲେ ଓ ସେଠାରେ ଉପସ୍ଥିତ ଥିବା ପର୍ତ୍ତୁଗୀଜ୍ ସୈନ୍ୟଙ୍କୁ ପରାଜିତ କଲେ ।

iii. ପର୍ତ୍ତୁଗୀଜ ସରକାର ଏହାକୁ ଏକ ଆକ୍ରମଣ ବୋଲି ବର୍ଣ୍ଣନା କରି ଜାତିସଂଘର ସୁରକ୍ଷା ପରିଷଦରେ ଏହି ପ୍ରସଙ୍ଗ ଉତ୍ଥାପନ କଲେ । କିନ୍ତୁ ଭାରତର ସୈନ୍ୟ ପ୍ରତ୍ୟାହାର ପ୍ରସ୍ତାବଟି ଋଷୀୟ ଭିଟୋ ବଳରେ ଅକାମି ହୋଇଗଲା ।

iv. ୧୯୬୧ ମସିହା ଡିସେମ୍ବର ୧୯ ତାରିଖ ଦିନ ଗୋଆରେ ଅବସ୍ଥାପିତ ପର୍ତ୍ତୁଗୀଜ ଗଭର୍ଣ୍ଣର ଶରଣ ପତ୍ରରେ ସ୍ୱାକ୍ଷର କରି ଭାରତର ଶରଣାଗତ ହେଲେ ।

v. ଗୋଆରୁ ୪୫୦ ବର୍ଷର ପର୍ତ୍ତୁଗୀଜ ଶାସନର ଅବସାନ ହେଲା ।

## କ୍ଷୁଦ୍ର ଉତ୍ତରମୂଳକ ପ୍ରଶ୍ନୋତ୍ତର

1. ଗୋଆର ଐତିହାସିକ ପୃଷ୍ଠଭୂମି ଉପରେ ଏକ ଟିପ୍ପଣୀ ଲେଖ ।

ଉ : i. ଅତୀତରେ ଗୋଆ, ଗୋମାଞ୍ଚଳ, ଗୋପକପଉମ୍, ଗୋପକପୁରୀ, ଗୋମନ୍ତକ ନାମରେ ପରିଚିତ ଥିଲା ।

ii. ଗୋଆକୁ ସାତବାଉନ, ରାଷ୍ଟ୍ରକୂଟ, ଚାଲୁକ୍ୟ, ଶିଶ୍‌ଦାର, ଯାଦବମାନେ ଶାସନ କରିଥିଲେ ।

iii. ଖିଲଜୀମାନଙ୍କ ସମୟରେ ଗୋଆ ମୁସଲମାନ ଶାସନର ଅଧିକାରକୁ ଆସିଲା ।

2. ଗୋଆ କିପରି ପର୍ତ୍ତୁଗୀଜମାନଙ୍କ ଶାସନାଧୀନ ହୋଇଥିଲା ?

ଉ : i. ଭାସ୍କୋଡ଼ାଗାମା ଭାରତକୁ ଜଳପଥ ଆବିଷ୍କାର କରିବା ପରେ ପର୍ତ୍ତୁଗୀଜମାନେ ଗୋଆ ଅଧିକାର ଅଭିଯାନ ଆରମ୍ଭ କଲେ ।

ii. ୧୫୧୦ ମସିହାରେ ବିଜୟଜଗରର ସମ୍ରାଟଙ୍କ ସହାୟତାରେ ପର୍ତ୍ତୁଗୀଜମାନେ ଗୋଆ ଅଧିକାର କଲେ । ସେହିଦିନ ଠାରୁ ଗୋଆରେ ପର୍ତ୍ତୁଗୀଜ ଶାସନ ଆରମ୍ଭ ହେଲା ।

iii. କିଛିଦିନ ପାଇଁ ଛତ୍ରପତି ଶିବାଜୀ ଗୋଆ ଅଧିକାର କରିଥିଲେ । କିନ୍ତୁ ପରେ ପର୍ତ୍ତୁଗୀଜମାନେ ଗୋଆ ପୁନଃଦଖଲ କଲେ ।

3. କେଉଁ କାରଣ ଯୋଗୁଁ ପର୍ତ୍ତୁଗୀଜ ଗଭର୍ଣ୍ଣର ଭାରତର ଶରଣାଗତ ହେଲେ ?

ଉ : i. ୧୯୬୧ ମସିହା ଡିସେମ୍ବର ୧୮ ତାରିଖରେ ଭାରତୀୟ ସୈନ୍ୟବାହିନୀ ଗୋଆରେ ପ୍ରବେଶ କରି ସେଠାରେ ଥିବା ପର୍ତ୍ତୁଗୀଜ ସୈନ୍ୟମାନଙ୍କୁ ପରାସ୍ତ କଲେ ।

ii. ପର୍ତ୍ତୁଗୀଜ ସରକାର ଏହାକୁ ଏକ ଆକ୍ରମଣ ବୋଲି ବର୍ଣ୍ଣନା କରି ଜାତିସଂଘର ସୁରକ୍ଷା ପାଇଁ ଅଭିଯୋଗ କରିଥିଲା ।

iii. ଭାରତର ସୈନ୍ୟ ପ୍ରତ୍ୟାହାର ପ୍ରସ୍ତାବଟି ରୁଷୀୟ ଭିଟୋ ବଳରେ ଅକାମୀ ହୋଇଗଲା । ଫଳରେ ୧୯୬୧ ମସିହା ଡିସେମ୍ବର ୧୯ ତାରିଖରେ ଗୋଆରେ ଅବସ୍ଥାପିତ ପର୍ତ୍ତୁଗୀଜ ଗଭର୍ଣ୍ଣର ଶରଣପତ୍ରରେ ସ୍ୱାକ୍ଷର କରି ଭାରତର ଶରଣାଗତ ହେଲେ ।

4. ଦାଦ୍ରା ଓ ନଗରହାବେଳି କେଉଁମାନଙ୍କ ଅଧିକାରକୁ ଆସିଥିଲା ? କେବେ ଏହାକୁ କେନ୍ଦ୍ରଶାସିତ ଅଞ୍ଚଳର ମାନ୍ୟତା ଦିଆଗଲା ?

ଉ : i. ୧୯୫୪ ମସିହା ଜୁଲାଇ ୨୪ ତାରିଖ ଦିନ ଗୋଆର ମିଳିତ ସାମ୍ମୁଖ୍ୟ ନାମକ ଏକ ଜନ ଅନୁଷ୍ଠାନ 'ଦାଦ୍ରା' ଅନ୍ତଃକ୍ଷେତ୍ରକୁ ନିଜ ଅକ୍ତିଆରକୁ ଆଣିଲା ।

ii. ସେହିବର୍ଷ ଅଗଷ୍ଟ ୨ ତାରିଖ ଦିନ 'ଆଜାଦ ଗୋମନ୍ତକ ଦଳ' ନଗର ହାବେଳି ଦଖଲ କରିନେଲା । ଦାଦ୍ରା ଓ ନଗରହାବେଳି ଦଖଲ ବିରୋଧରେ ପର୍ତ୍ତୁଗାଲ ଆନ୍ତର୍ଜାତିକ ନ୍ୟାୟାଳୟରେ ଫେରାଦ ହେଲା । କିନ୍ତୁ ତାହାର କିଛି ଲାଭ ହେଲା ନାହିଁ ।

iii. ୧୯୬୧ ମସିହା ଅଗଷ୍ଟ ୧୧ରେ ଦାଦ୍ରା ଓ ନଗରହାବେଳିକୁ ଭାରତ ସହିତ ମିଶାଇ ଦିଆଗଲା ଏବଂ ଏହାକୁ ଏକ କେନ୍ଦ୍ରଶାସିତ ଅଞ୍ଚଳ ମାନ୍ୟତା ଦିଆଗଲା ।

5. ପର୍ତ୍ତୁଗୀଜମାନେ କେବେ ଓ କିପରି ଭାରତ ସରକାରଙ୍କ ଶରଣାଗତ ହେଲେ ?

ଉ : i. ୧୯୬୧ ମସିହା ଡିସେମ୍ବର ୧୮ ତାରିଖରେ ଭାରତୀୟ ସୈନ୍ୟବାହିନୀ ଗୋଆରେ ପ୍ରବେଶ କରି ପର୍ତ୍ତୁଗୀଜ ସୈନ୍ୟମାନଙ୍କୁ ପରାଜିତ କଲେ ।

ii. ପର୍ତ୍ତୁଗୀଜ ସରକାର ଜାତିସଂଘର ସୁରକ୍ଷା ପରିଷଦରେ ଏହି ପ୍ରସଙ୍ଗ ଉତ୍ଥାପନ କଲା । କିନ୍ତୁ ଭାରତୀୟ ସୈନ୍ୟ ପ୍ରତ୍ୟାହାର ପ୍ରସ୍ତାବକୁ ରୁଷୀୟ ଭିଟୋ ବଳରେ ଅକାମି କଲା ।

iii. ଫଳରେ ୧୯୬୧ ମସିହା ଡିସେମ୍ବର ୧୯ ତାରିଖରେ ଗୋଆରେ ଅବସ୍ଥାପିତ ପର୍ତ୍ତୁଗୀଜ ଗଭର୍ଣ୍ଣର ଶରଣ ପତ୍ର ସ୍ୱାକ୍ଷର କରି ଭାରତର ଶରଣାଗତ ହେଲେ ।

6. ଗୋଆ କିପରି ଭାରତର ଏକ ରାଜ୍ୟର ମାନ୍ୟତା ଲାଭ କରିଥିଲା ?

ଉ : i. ୧୯୬୭ ମସିହାରେ ଗୋଆରେ ଏକ ଗଣଭୋଟ ଆୟୋଜିତ ହୋଇଥିଲା ।

ii. ପ୍ରଶ୍ନ ଥିଲା ଗୋଆ ମହାରାଷ୍ଟ୍ରରେ ମିଶିବ ନା ଅଲଗା ରହିବ ? ଗୋଆର ଲୋକମାନେ ମହାରାଷ୍ଟ୍ର ସହିତ ମିଶିବା ସପକ୍ଷରେ ନଥିଲେ ।

iii. ତେବେ ୧୯୮୭ ମସିହା ମେ ୩୦ ତାରିଖ ଦିନ ଗୋଆକୁ ରାଜ୍ୟପାହ୍ୟା ପ୍ରଦାନ କରାଗଲା । ଏହା ଭାରତର ୨୫ତମ ରାଜ୍ୟ ହେଲା ।

7. ପୁଦୁଚେରୀ କିପରି ଭାରତ ସରକାରଙ୍କ ହାତକୁ ଆସିଥିଲା ?

ଉ : i. ୧୯୫୪ ମସିହା ଅକ୍ଟୋବର ମାସରେ ପୁଦୁଚେରୀ ଓ କରାଇକଲରେ ଜନମତ ନିଆଗଲା ।

ii. ଜନମତ ଭାରତ ସହିତ ମିଶ୍ରଣ ସପକ୍ଷରେ ଗଲା ।

iii. ସେହି ବର୍ଷ ନଭେମ୍ବର ୧ ତାରିଖ ଦିନ ପୁଦୁଚେରୀ ଓ କରାଇକଲର ବାସ୍ତବ ଶାସନ କ୍ଷମତା ଭାରତ ସରକାରଙ୍କ ହାତକୁ ଆସିଲା ।

# କ୍ଷୁଦ୍ର ଉତ୍ତରମୂଳକ ପ୍ରଶ୍ନୋତ୍ତର

1. କେତେ ମସିହାରେ ଗୋଆକୁ ରାଜ୍ୟ ପାହ୍ୟା ପ୍ରଦାନ କରାଗଲା ? ଏହା ଭାରତର କେତେ ନମ୍ବର ରାଜ୍ୟ ହେଲା ?

   ଉ : ୧୯୮୭ ମସିହାରେ ଗୋଆକୁ ରାଜ୍ୟ ପାହ୍ୟା ପ୍ରଦାନ କରାଗଲା ଏବଂ ଏହା ଭାରତର ୨୫ତମ ରାଜ୍ୟ ହେଲା ।

2. କେବେ ଏବଂ କେଉଁ କାରଣ ପାଇଁ ଗୋଆରେ ଏକ ଗଣଭୋଟ ଆୟୋଜନ ହୋଇଥିଲା ?

   ଉ : i. ୧୯୬୭ ମସିହାରେ ଗୋଆରେ ଏକ ଗଣଭୋଟ ଆୟୋଜନ ହେଲା ।

   ii. ପ୍ରଶ୍ନ ଥିଲା ଗୋଆ ମହାରାଷ୍ଟ୍ରରେ ମିଶିବ ନା ଅଲଗା ରହିବ । ଗୋଆ ଲୋକମାନେ ମହାରାଷ୍ଟ୍ର ସହିତ ମିଶିବା ସପକ୍ଷରେ ନଥିଲେ ।

3. ୟାନାମ୍ ଓ ମାହେ କିପରି ଭାରତ ଦଖଲକୁ ଆସିଥିଲା ?

   ଉ : i. ୟାନାମ୍ ଓ ମାହେରେ ଏଡ଼ୱାର୍ଡ଼ ଗୋବର୍ଟ ନାମକ ଜଣେ ଫରାସୀ ଶାସକ ଜନଆନ୍ଦୋଳନକୁ ବଳ ପ୍ରୟୋଗ କରି ଦମନ କରିବାକୁ ଚେଷ୍ଟା କଲେ ।

   ii. ୧୯୫୪ରେ ଭାରତ ସପକ୍ଷ ଜନଆନ୍ଦୋଳନକାରୀ ୟାନାମ୍ ଓ ମାହେରେ କ୍ଷମତା ଦଖଲ କଲେ ।

4. ପଣ୍ଡିଚେରୀର ପୂର୍ବ ନାମ କ'ଣ ଥିଲା ? ଏହା କାହାର ଉପନିବେଶ ଥିଲା ?

   ଉ : i. ପଣ୍ଡିଚେରୀର ପୂର୍ବନାମ ପୁଡୁଚେରୀ ଥିଲା । ଏହା ଫରାସୀମାନଙ୍କର ଉପନିବେଶ ଥିଲା ।

5. ଫରାସୀ ଶାସନାଧୀନ ଭାରତୀୟ ଅଞ୍ଚଳର ଆୟତନ ଓ ଲୋକସଂଖ୍ୟା ୧୯୩୬ରେ କେତେ ଥିଲା ଏବଂ ଏହାର ସଦର ମହକୁମା କ'ଣ ଥିଲା ?

   ଉ : i. ଫରାସୀ ଶାସନାଧୀନ ଭାରତୀୟ ଅଞ୍ଚଳର ଆୟତନ ୫୧୦ ବର୍ଗ କିଲୋମିଟର ଥିଲା ।

   ii. ୧୯୩୬ ବେଳକୁ ଏହି ଅଞ୍ଚଳ ଗୁଡ଼ିକର ଜନସଂଖ୍ୟା ୨,୯୮,୫୩୧ ଥିଲା ଓ ଏହାର ସଦରମହକୁମା ପୁଡୁଚେରୀ ଥିଲା ।

6. ଚନ୍ଦନ ନଗରରେ ଗଣଭୋଟ କେବେ ହୋଇଥିଲା ?

   ଉ : i. ୧୯୪୯ ମସିହା ଜୁନ ୧୯ରେ ଚନ୍ଦନ ନଗରରେ ଗଣଭୋଟ ହୋଇଥିଲା ।

   ii. ଭାରତ ସହିତ ମିଶିବା ପାଇଁ ୩,୪୭୩ ଭୋଟ ପଡ଼ିଥିବା ବେଳେ ଫରାସୀ ଉପନିବେଶ ସପକ୍ଷରେ ମାତ୍ର ୧୧୪ଟି ଭୋଟ ପଡ଼ିଥିଲା ।

7. ଗୋଆର ମିଳିତ ସାମ୍ମୁଖ୍ୟ କଣ ?

   ଉ : i. ଏହା ଏକ ଗୋଆର ଜନ ଅନୁଷ୍ଠାନ ।

   ii. ୧୯୫୪ ମସିହା ଜୁଲାଇ ୧୪ ତାରିଖ ଦିନ ଏହି ଅନୁଷ୍ଠାନ ଦ୍ୱାରା 'ଦାଦ୍ରା' ଆନ୍ତଃକ୍ଷେତ୍ରକୁ ନିଜ ଅକ୍ତିଆରକୁ ଆଣିଥିଲା ।

8. 'ଆଜାଦ୍ ଗୋମନ୍ତକ ଦଳ' କ'ଣ ?

   ଉ : i. ଏହା ଗୋଆର ଏକ ଜନ ଅନୁଷ୍ଠାନ ।

   ii. ଏହା ୧୯୫୪ ମସିହା ଅଗଷ୍ଟ ୨ ତାରିଖରେ ନଗର ହାବେଳିକୁ ଦଖଲ କରିଥିଲା ।

9. କେବେ ଓ କାହିଁକି ଗୋଆ, ଦାମନ ଓ ଡିଉର ଜନସାଧାରଣ ଏକ ବିରାଟ ବିକ୍ଷୋଭ ପ୍ରଦର୍ଶନ କରିଥିଲେ ?

ଉ : i. ୧୯୫୫ ଅଗଷ୍ଟ ୧୫ରେ ଗୋଆ, ଦାମନ ଓ ଡିଉର ଜନସାଧାରଣ ଏକ ବିରାଟ ବିକ୍ଷୋଭ ପ୍ରଦର୍ଶନ କରିଥିଲେ ।

ii. ଗୋଆରେ ପର୍ତ୍ତୁଗୀଜ ଶାସକମାନେ ଜନସାଧାରଣଙ୍କ ସୁଖସୁବିଧା ପାଇଁ ଦୃଷ୍ଟି ଦେଉନଥିଲେ ।

# ୪ର୍ଥ ପାଠ : ସ୍ୱାଧୀନତା ପରବର୍ତ୍ତୀ ଭାରତୀୟ ଅର୍ଥନୀତି

1. ଆମ ଦେଶରେ ଯୋଜନା ଆୟୋଗ କେବେ ଗଠିତ ହୋଇଥିଲା ?

(A) ୧୯୫୦ ମାର୍ଚ୍ଚ ୧୫ (B) ୧୯୫୦ ଏପ୍ରିଲ ୧୪

(C) ୧୯୬୧ ଅଗଷ୍ଟ ୬ (D) ୧୯୫୧ ଅକ୍ଟୋବର ୨

2. ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନା କେବେ ଆରମ୍ଭ ହେଲା ?

(A) ୧୯୫୧ ମସିହା (B) ୧୯୫୩ ମସିହା

(C) ୧୯୫୬ ମସିହା (D) ୧୯୬୧ ମସିହା

3. ଶିଳ୍ପ କ୍ଷେତ୍ରରେ ପୁଞ୍ଜିନିବେଶକୁ ଉତ୍ସାହିତ କରିବା କେଉଁ ପଞ୍ଚବାର୍ଷିକ ଯୋଜନାର ଉଦ୍ଦେଶ୍ୟ ଥିଲା ?

(A) ପ୍ରଥମ (B) ଦ୍ୱିତୀୟ

C) ତୃତୀୟ (D) ଚତୁର୍ଥ

4. କେଉଁ ପଞ୍ଚବାର୍ଷିକ ଯୋଜନାରେ ଧନୀ ଓ ଦରିଦ୍ର ମଧ୍ୟରେ ତାରତମ୍ୟ ହ୍ରାସ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା ?

(A) ପ୍ରଥମ (B) ଦ୍ୱିତୀୟ

(C) ତୃତୀୟ (D) ଚତୁର୍ଥ

5. କେଉଁ ମସିହାଠାରୁ କେଉଁ ମସିହା ପର୍ଯ୍ୟନ୍ତ ତିନୋଟି ବାର୍ଷିକ ଯୋଜନା କାର୍ଯ୍ୟକାରୀ ହେଲା ?

(A) ୧୯୬୬ରୁ ୧୯୬୯ (B) ୧୯୭୧ ରୁ ୧୯୭୪

(C) ୧୯୭୫ ରୁ ୧୯୭୮ (D) ୧୯୭୯ ରୁ ୧୯୮୨

6. ପଞ୍ଚମ ପଞ୍ଚବାର୍ଷିକ ଯୋଜନାକୁ କେବେ ବନ୍ଦ କରିଦିଆଯାଇଥିଲା ?

(A) ୧୯୭୫ ମସିହା (B) ୧୯୭୭ ମସିହା

(C) ୧୯୭୮ ମସିହା (D) ୧୯୮୦ ମସିହା

7. ବର୍ତ୍ତମାନ ଆମ ଦେଶରେ ନବରତ୍ନ ମାନ୍ୟତା ପାଇଥିବା ଉଦ୍ୟୋଗ ସଂଖ୍ୟା କେତେ ?

(A) ୯ (B) ୧୨

(C) ୧୫ (D) ୧୬

8. ଜାତୀୟ ଆୟକୁ ଶତକଡ଼ା ୩୦ ଭାଗ ବୃଦ୍ଧି କରିବା କେଉଁ ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ?

(A) ଦ୍ୱିତୀୟ (B) ତୃତୀୟ

(C) ଚତୁର୍ଥ (D) ପଞ୍ଚମ

9. ଯୋଜନା ଆୟୋଗର ଚେୟାରମ୍ୟାନ କିଏ ରହିଲେ ?

(A) ପ୍ରଧାନମନ୍ତ୍ରୀ (B) ରାଷ୍ଟ୍ରପତି

(C) ଅର୍ଥମନ୍ତ୍ରୀ (D) ଯୋଜନା ସଚିବ

10. ଷଷ୍ଠ ପଞ୍ଚବାର୍ଷିକ ଯୋଜନା କେବେ ଆରମ୍ଭ ହୋଇଥିଲା ?

(A) ୧୯୭୮ ମସିହା (B) ୧୯୮୦ ମସିହା

(C) ୧୯୮୨ ମସିହା (D) ୧୯୮୪ ମସିହା

11. ଷଷ୍ଠ ପଞ୍ଚବାର୍ଷିକ ଯୋଜନାରେ ଜାତୀୟ ଅଭିବୃଦ୍ଧି ହାର କେତେକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା ?

(A) ୫.୨% (B) ୪.୫ %

(C) ୪.୩ % (D) ୩.୯%

12. ପଞ୍ଚମ ଯୋଜନା କାଳରେ ଜାତୀୟ ଉତ୍ପାଦନ ଶତକଡ଼ା କେତେ ହାରରେ ବୃଦ୍ଧି ପାଇଥିଲା ?

(A) ୫.୮% (B) ୫.୫%

(C) ୪.୯% (D) ୪.୭%

13. ଅଷ୍ଟମ ଯୋଜନା କାଳରେ ଶିଳ୍ପ ଅଭିବୃଦ୍ଧି ହାର ଲକ୍ଷ୍ୟ କେତେ ଥିଲା ?

(A) ୭.୫% (B) ୬.୮%

(C) ୫.୯% (D) ୫.୭%

14. ନବମ ପଞ୍ଚବାର୍ଷିକ ଯୋଜନା କେବେ ଆରମ୍ଭ ହୋଇଥିଲା ?

(A) ୧୯୯୨ ମସିହା (B) ୧୯୯୭ ମସିହା

(C) ୨୦୦୨ ମସିହା (D) ୨୦୦୭ ମସିହା

15. ନବମ ପଞ୍ଚବାର୍ଷିକ ଯୋଜନାର ଅଭିବୃଦ୍ଧି ହାର ଲକ୍ଷ୍ୟ କେତେ ଥିଲା ?

(A) ୫.୫% (B) ୫.୭%

(C) ୬.୫% (D) ୬.୯%

16. ନିମ୍ନଲିଖିତ ମଧ୍ୟରୁ କେଉଁଟି କୃଷକମାନଙ୍କ ସପକ୍ଷରେ ନୁହେଁ ?

(A) ଜମିଦାରୀ ପ୍ରଥାର ବିଲୋପ (B) ରୟତମାନଙ୍କୁ ଜମି ଉପରେ ଅଧିକାର ପ୍ରଦାନ

(C) ମହାଜନୀ ବ୍ୟବସ୍ଥା ପ୍ରଚଳନ (D) ସମବାୟ ଆନ୍ଦୋଳନ

17. ଗ୍ରାମାଞ୍ଚଳ ନାରୀ ଓ ଶିଶୁ ବିକାଶ ଯୋଜନା କେବେ ଆରମ୍ଭ ହେଲା ?

(A) ୧୯୭୨ ମସିହା (B) ୧୯୭୬ ମସିହା

(C) ୧୯୭୭ ମସିହା (D) ୧୯୭୮ ମସିହା

18. ସ୍ୱର୍ଣ୍ଣଜୟନ୍ତୀ ଗ୍ରାମ୍ୟ ସ୍ୱରୋଜଗାର ଯୋଜନା କେବେ ଆରମ୍ଭ ହେଲା ?

(A) ୧୯୭୮ ମସିହା (B) ୧୯୮୯ ମସିହା

(C) ୧୯୯୯ ମସିହା (D) ୨୦୦୨ ମସିହା

19. ସ୍ୱର୍ଣ୍ଣଜୟନ୍ତୀ ସହରୀ ରୋଜଗାର ଯୋଜନା କେବେ ଆରମ୍ଭ ହୋଇଥିଲା ?

(A) ୧୯୯୭ ମସିହା (B) ୧୯୯୯ ମସିହା

(C) ୨୦୦୦ ମସିହା (D) ୨୦୦୨ ମସିହା

20. ହରିତ୍ କ୍ରାନ୍ତି ମାଧ୍ୟମରେ ଦେଶର କେଉଁ ସମସ୍ୟାଟି ଦୂର ହୋଇଯାଇଛି ?

(A) ନିଯୁକ୍ତି ସମସ୍ୟା (B) ଶିଳ୍ପାୟନ ସମସ୍ୟା

(C) ବେକାରୀ ସମସ୍ୟା (D) ଖାଦ୍ୟ ସମସ୍ୟା

21. ଆମ ଦେଶରେ ପ୍ରଥମ ପଞ୍ଚବାର୍ଷିକ ଯୋଜନା କେବେ ଆରମ୍ଭ ହୋଇଥିଲା ?

(A) ୧୯୪୭ ମସିହା (B) ୧୯୪୯ ମସିହା

(C) ୧୯୫୧ ମସିହା (D) ୧୯୫୩ ମସିହା

22. ପ୍ରଥମ ପଞ୍ଚବାର୍ଷିକ ଯୋଜନାରେ କାହା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଥିଲା ?

(A) କୃଷି ଓ ଶିଳ୍ପ (B) ଶିଳ୍ପ ଓ ପରିବହନ

(C) କୃଷି ଓ ବାଣିଜ୍ୟ (D) କୃଷି ଓ ଜଳସେଚନ

23. ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାର ପ୍ରଧାନ ଉଦ୍ଦେଶ୍ୟ କ'ଣ ଥିଲା ?

(A) ସମାଜବାଦୀ ବ୍ୟବସ୍ଥା ପ୍ରଚଳନ (B) ବାଣିଜ୍ୟର ଉନ୍ନତି

(C) କୃଷିର ଉନ୍ନତି (D) ପରିବହନର ଉନ୍ନତି

24. ତୃତୀୟ ପଞ୍ଚବାର୍ଷିକ ଯୋଜନା କେବେ ଆରମ୍ଭ ହେଲା ?

(A) ୧୯୫୧ ମସିହା (B) ୧୯୫୬ ମସିହା

(C) ୧୯୬୧ ମସିହା (D) ୧୯୬୬ ମସିହା

25. ଜାତୀୟ ଉନ୍ନୟନ ପରିଷଦ କେବେ ଗଠିତ ହୋଇଥିଲା ?

(A) ୧୯୫୭ ମାର୍ଚ୍ଚ ୧୩ (B) ୧୯୫୨ ଅଗଷ୍ଟ ୬

(C) ୧୯୫୩ ମେ ୧ (D) ୧୯୫୪ ଜୁଲାଇ ୨୪

26. ଚୀନ କେବେ ଭାରତ ଆକ୍ରମଣ କରିଥିଲା ?

(A) ୧୯୫୮ (B) ୧୯୬୦

(C) ୧୯୬୨ (D) ୧୯୬୪

27. ଆୟ ଓ ସମ୍ପତ୍ତିର ସୁଷମ ବଣ୍ଟନ କେଉଁ ଯୋଜନାର ଲକ୍ଷ୍ୟ ଥିଲା ?

(A) ୨ୟ (B) ୩ୟ

(C) ୪ର୍ଥ (D) ୫ମ

28. ତୃତୀୟ ପଞ୍ଚବାର୍ଷିକ ଯୋଜନାରେ ମୁଣ୍ଡପିଛା ଆୟକୁ ଶତକଡ଼ା କେତେ ଭାଗ ବଢ଼ାଇବାର ଉଦ୍ଦେଶ୍ୟ ଥିଲା ?

(A) ୧୧% (B) ୪%

(C) ୧୫% (D) ୧୭%

29. ତୃତୀୟ ପଞ୍ଚବାର୍ଷିକ ଯୋଜନାରେ ଜାତୀୟ ଆୟକୁ ଶତକଡ଼ା କେତେ ଭାଗ ବୃଦ୍ଧି କରିବାର ଲକ୍ଷ୍ୟ ଥିଲା ?

(A) ୩%　　(B) ୪%

(C) ୫%　　(D) ୬%

30. ଚତୁର୍ଥ ପଞ୍ଚବାର୍ଷିକ ଯୋଜନା କେବେ ଆରମ୍ଭ ହେଲା ?

(A) ୧୯୫୬ ମସିହା　　(B) ୧୯୬୧ ମସିହା

(C) ୧୯୬୬ ମସିହା　　(D) ୧୯୬୯ ମସିହା

31. ଚତୁର୍ଥ ପଞ୍ଚବାର୍ଷିକ ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ କ'ଣ ଥିଲା ?

(A) ଜଳସେଚନର ଉନ୍ନତି　　(B) କୃଷିଜାତ ଦ୍ରବ୍ୟର ଅଧିକ ଉତ୍ପାଦନ

(C) ଶିଳ୍ପାୟନ　　(D) ମାନବ ସମ୍ବଳର ବିକାଶ

32. ସମତା ଓ ସାମାଜିକ ନ୍ୟାୟ ଉପରେ କେଉଁ ଯୋଜନାରେ ଗୁରୁତ୍ୱ ଦିଆଗଲା ?

(A) ଦ୍ୱିତୀୟ　　(B) ତୃତୀୟ

(C) ଚତୁର୍ଥ　　(D) ପଞ୍ଚମ

33. ପଞ୍ଚମ ପଞ୍ଚବାର୍ଷିକ ଯୋଜନା କେବେ ଆରମ୍ଭ ହେଲା ?

(A) ୧୯୬୯ ମସିହା　　(B) ୧୯୭୨ ମସିହା

(C) ୧୯୭୪　　(D) ୧୯୭୯ ମସିହା

34. ନିମ୍ନଲିଖିତ ମଧ୍ୟରୁ କେଉଁ ମସିହାରେ ୧୪ଟି ବ୍ୟାଙ୍କ୍‌କୁ ଜାତୀୟକରଣ କରାଗଲା ?

(A) ୧୯୬୯　　(B) ୧୯୬୮

(C) ୧୯୬୭　　(D) ୧୯୬୬

35. କେଉଁ ସମୟ ମଧ୍ୟରେ ପଞ୍ଚବାର୍ଷିକ ଯୋଜନାକୁ ବନ୍ଦ କରିଦିଆଗଲା ?

(A) ୧୯୭୮ରୁ ୧୯୮୦　　(B) ୧୯୭୯ ରୁ ୧୯୮୦

(C) ୧୯୮୦ ରୁ ୧୯୮୨　　(D) ୧୯୮୨ ରୁ ୧୯୮୪

36. ଷଷ୍ଠ ପଞ୍ଚବାର୍ଷିକ ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ କଣ ଥିଲା ?

(A) ଶିଳ୍ପାୟନ　　(B) ମାନବ ସମ୍ବଳର ବିକାଶ

(C) ଦାରିଦ୍ର୍ୟ ଦୂରୀକରଣ　　(D) ଗ୍ରାମ୍ୟ ଅର୍ଥନୀତିର ଉନ୍ନତି

37. ସପ୍ତମ ପଞ୍ଚବାର୍ଷିକ ଯୋଜନା କେବେ ଆରମ୍ଭ ହେଲା ?

(A) ୧୯୮୦ ମସିହା　　(B) ୧୯୮୫ ମସିହା

(C) ୧୯୯୦ ମସିହା　　(D) ୧୯୯୫ ମସିହା

38. ନିମ୍ନଲିଖିତ ମଧ୍ୟରୁ କେଉଁଟି ସପ୍ତମ ପଞ୍ଚବାର୍ଷିକ ଯୋଜନାର ଲକ୍ଷ୍ୟ ନୁହେଁ ?

(A) ନିଯୁକ୍ତି ସୁଯୋଗ　　(B) ଖାଦ୍ୟଶସ୍ୟ ଉତ୍ପାଦନ ବୃଦ୍ଧି

(C) ସାମାଜିକ ନ୍ୟାୟ　　(D) ଦାରିଦ୍ର୍ୟ ଦୂରୀକରଣ

39. ଜବାହର ରୋଜଗାର ଯୋଜନା କେଉଁ ପଞ୍ଚବାର୍ଷିକ ଯୋଜନା କାଳରେ କାର୍ଯ୍ୟକାରୀ ହେଲା ?

(A) ତୃତୀୟ (B) ଚତୁର୍ଥ

(C) ପଞ୍ଚମ (D) ଷଷ୍ଠ

40. ଅଷ୍ଟମ ପଞ୍ଚବାର୍ଷିକ ଯୋଜନା କେବେ ଆରମ୍ଭ ହୋଇଥିଲା ?

(A) ୧୯୯୦ ମସିହା (B) ୧୯୯୨ ମସିହା

(C) ୧୯୯୭ ମସିହା (D) ୨୦୦୨ ମସିହା

41. ସପ୍ତମ ପଞ୍ଚବାର୍ଷିକ ଯୋଜନା କାଳରେ ଖାଦ୍ୟ ଉତ୍ପାଦନ ଶତକଡ଼ା କେତେ ବୃଦ୍ଧି ପାଇଥିଲା ?

(A) ୫.୪% (B) ୪.୯%

(C) ୪.୩% (D) ୩.୨୩%

42. ଅଷ୍ଟମ ପଞ୍ଚବାର୍ଷିକ ଯୋଜନାର ବାର୍ଷିକ ଅଭିବୃଦ୍ଧି ହାରର ଲକ୍ଷ୍ୟ କେତେ ଥିଲା ?

(A) ୭.୫ % (B) ୬.୮%

(C) ୫.୬% (D) ୫.୩୫%

43. ନିମ୍ନଲିଖିତ ମଧ୍ୟରୁ କେଉଁ ଯୋଜନା କାଳରେ ଅଭିବୃଦ୍ଧି ହାର ଧାର୍ଯ୍ୟ ଲକ୍ଷ୍ୟ ଠାରୁ ଅଧିକ ହାସଲ ହୋଇଥିଲା ?

(A) ପଞ୍ଚମ (B) ଷଷ୍ଠ

(C) ସପ୍ତମ (D) ଅଷ୍ଟମ

44. ୨୦୦୦ ମସିହାରେ 'ଅନ୍ତ୍ୟୋଦୟ ଅନ୍ନ ଯୋଜନା' ମାଧ୍ୟମରେ କେତେ ସଂଖ୍ୟକ ଦରିଦ୍ର ଲୋକଙ୍କୁ ଚିହ୍ନଟ କରାଗଲା ?

(A) ୫୦ଲକ୍ଷ (B) ୧ କୋଟି

(C) ୧ କୋଟି ୫୦ ଲକ୍ଷ (D) ୨ କୋଟି

45. ଏକାଦଶ ପଞ୍ଚବାର୍ଷିକ ଯୋଜନାର କାର୍ଯ୍ୟକାଳ କେବେ ଶେଷ ହେଲା ?

(A) ୧୯୯୭ ମସିହା (B) ୨୦୦୨ ମସିହା

(C) ୨୦୦୭ ମସିହା (D) ୨୦୧୨ ମସିହା

46. ଦଶମ ପଞ୍ଚବାର୍ଷିକ ଯୋଜନା କେବେ ଆରମ୍ଭ ହୋଇଥିଲା ?

(A) ୨୦୦୨ ମସିହା (B) ୨୦୦୭ ମସିହା

(C) ୨୦୧୨ ମସିହା (D) ୧୯୯୭ ମସିହା

47. ଆମ ଦେଶରେ ଘୋଷିତ ନୂଆ ଶିକ୍ଷନୀତି କେଉଁ ମସିହା ପର୍ଯ୍ୟନ୍ତ ବଳବତ୍ତର ରହିଲା ?

(A) ୧୯୬୫ ମସିହା (B) ୧୯୭୫ ମସିହା

(C) ୧୯୯୦ ମସିହା (D) ୧୯୯୯ ମସିହା

48. ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନ କ୍ଷେତ୍ରରେ ଶତକଡ଼ା କେତେ ଭାଗ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜିବିନିଯୋଗକୁ ଗ୍ରହଣ କରିଦିଆଯାଇଛି ?

(A) ୨୦ (B) ୨୨

(C) ୨୪ (D) ୨୬

49. ସମନ୍ୱିତ ଗ୍ରାମ୍ୟ ଉନ୍ନୟନ ଯୋଜନା କେବେ ଆରମ୍ଭ ହେଲା ?

(A) ୧୯୬୯ ମସିହା (B) ୧୯୭୫ ମସିହା

(C) ୧୯୭୮ ମସିହା (D) ୧୯୮୨ ମସିହା

50. ପ୍ରଧାନମନ୍ତ୍ରୀ ଗ୍ରାମୋଦୟ ଯୋଜନା କେବେ ଆରମ୍ଭ ହେଲା ?

(A) ୧୯୭୮ ମସିହା (B) ୧୯୯୯ ମସିହା

(C) ୨୦୦୦ ମସିହା (D) ୨୦୦୨ ମସିହା

51. ଆମ ଦେଶରେ କେବେ ନୂଆଶିକ୍ଷା ନୀତି ଘୋଷିତ ହେଲା ?

(A) ୧୯୪୭ ମସିହାରେ (B) ୧୯୫୧ ମସିହାରେ

(C) ୧୯୫୬ ମସିହାରେ (D) ୧୯୦୫ ମସିହାରେ

52. ଭାରତରେ କେବେ ବିମୁକ୍ତ ଓ ଅବାଧ ଅର୍ଥନୀତି ପ୍ରଚଳିତ ହେଲା ?

(A) ୧୯୬୧ ମସିହା (B) ୧୯୭୧ ମସିହା

(C) ୧୯୮୧ ମସିହା (D) ୧୯୯୧ ମସିହା

53. ପ୍ରଫେସର ପି.ପି. ମାହାଲା ନୋବିସ ଜଣେ କେଉଁ ପ୍ରକାର ବ୍ୟକ୍ତିତ୍ୱ ?

(A) ସମାଜସେବୀ (B) ଅର୍ଥନୀତିଜ୍ଞ

(C) ଐତିହାସିକ (D) ପ୍ରତ୍ନତତ୍ତ୍ୱବିତ୍

## ଉତ୍ତର

1. (A) 2. (C) 3. (B) 4. (D) 5. (A) 6. (C) 7. (D) 8. (B) 9. (A) 10. (B)

11. (A) 12. (A) 13. (A) 14. (B) 15. (C) 16. (C) 17. (D)

18. (C) 19. (A) 20. (D) 21. (C) 22. (D) 23. (A)

24. (C) 25. (B) 26. (C) 27. (A) 28. (D) 29. (C)

30. (D) 31. (B) 32. (C) 33. (C) 34. (A) 35. (A)

36. (C) 37. (C) 38. (D) 39. (C) 40. (B) 41. (D)

42. (C) 43. (D) 44. (B) 45. (D) 46. (A) 47. (C)

48. (D) 49. (C) 50. (C) 51. (C) 52. (D) 53. (B)

# ଦୀର୍ଘ ଉତ୍ତରମୂଳକ ପ୍ରଶ୍ନୋତ୍ତର

1. ସ୍ୱାଧୀନତା ବେଳକୁ ଅର୍ଥନୀତିକ ସମସ୍ୟାଗୁଡ଼ିକ କ'ଣ ଥିଲା ଓ ଭାରତୀୟ ଅର୍ଥନୀତିରେ ସୁଧାର ଆଣିବା ପାଇଁ କି କି ସୁବିଧା ଉପଲବ୍ଧ ଥିଲା ?

ଉ : i. ସ୍ୱାଧୀନତା ବେଳକୁ ଯେଉଁ ଆର୍ଥନୀତିକ ସମସ୍ୟାଗୁଡ଼ିକ ଭାରତରେ ଥିଲା ସେଗୁଡ଼ିକ ମଧ୍ୟରୁ ପ୍ରମୁଖ ସମସ୍ୟା ଗୁଡ଼ିକ ହେଲା ପରିବ୍ୟାପ୍ତ ଦାରିଦ୍ର୍ୟ, ନିରକ୍ଷରତା ଓ ଅଜ୍ଞାନତା ।

ii. ବିପର୍ଯ୍ୟସ୍ତ କୃଷି ବ୍ୟବସ୍ଥା, ଶିଳ୍ପାୟନ କ୍ଷେତ୍ରରେ ସ୍ଥାଣୁତା, ହସ୍ତ ଓ କୁଟୀରଶିଳ୍ପର ଅଧୋଗତି ।

iii. ଅର୍ଥବ୍ୟବସ୍ଥାକୁ ବିକାଶର ଦ୍ୱାର ନିକଟରେ ପହଞ୍ଚାଇବା ପାଇଁ ଥିବା ସୁବିଧା ଗୁଡ଼ିକ ହେଲା ୧୯୧୪ ରୁ ୧୯୪୭ ମସିହା ମଧ୍ୟରେ ଭାରତୀୟ ଶିଳ୍ପାୟନକୁ ଆଗେଇନେଇ ଆଣିପାରିଥିବା ପୁଞ୍ଜିପତି ଓ ଉଦ୍ୟୋଗପତିଙ୍କ ଉପସ୍ଥିତି ।

iv. ଭାରତରେ ପର୍ଯ୍ୟାପ୍ତ ଖଣିଜ ସମ୍ପଦ ଓ ପ୍ରାକୃତିକ ବିଭବ ।

v. ଭାରତରେ ମାନବ ସମ୍ପଦ ଏବଂ ଭାରତୀୟଙ୍କ ହାତରେ ଥିବା ବ୍ୟାଙ୍କ ବୀମା ଆଦି ଅନ୍ୟାନ୍ୟ ଅତ୍ୟାବଶ୍ୟକ ଆର୍ଥିକ ଉପଚାର ।

2. ପ୍ରଥମ ଦୁଇଟି ପଞ୍ଚବାର୍ଷିକ ଯୋଜନାର ଉଦ୍ଦେଶ୍ୟ ଓ ସୁଫଳ କ'ଣ ଥିଲା ?

ଉ : i. ପ୍ରଥମ ପଞ୍ଚବାର୍ଷିକ ଯୋଜନା ୧୯୫୧ ମସିହାରେ ଆରମ୍ଭ ହୋଇଥିଲା । ଏହି ଯୋଜନାର ମୂଳ ଉଦ୍ଦେଶ୍ୟ ଥିଲା କୃଷି ଓ ଜଳସେଚନର ଉନ୍ନତି ।

ii. ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନା ଆରମ୍ଭ ହେଲା ୧୯୫୬ ମସିହାରେ । ଏହାର ଉଦ୍ଦେଶ୍ୟ ଥିଲା ଭାରତୀୟ ସମାଜରେ ସମାଜବାଦୀ ଅର୍ଥବ୍ୟବସ୍ଥାର ପ୍ରଚଳନ ।

iii. ଶିଳ୍ପ କ୍ଷେତ୍ରରେ ପୁଞ୍ଜି ବିନିଯୋଗ କରିବା ମଧ୍ୟ ଏହି ଯୋଜନାର ଉଦ୍ଦେଶ୍ୟ ଥିଲା ।

iv. ଶିଳ୍ପାୟନ ଓ ସରକାରୀ ଉଦ୍ୟୋଗ ପ୍ରତିଷ୍ଠା ଉପରେ ଗୁରୁତ୍ୱ ଦିଆଗଲା ।

v. ବିଦେଶୀ ଜ୍ଞାନ କୌଶଳକୁ ବିନିଯୋଗ କରି ତିନୋଟି ସମନ୍ୱିତ ଇସ୍ପାତ ପ୍ରକଳ୍ପ ପ୍ରତିଷ୍ଠା କରାଗଲା ।

3. ଚତୁର୍ଥ ପଞ୍ଚବାର୍ଷିକ ଯୋଜନାର ଉଦ୍ଦେଶ୍ୟ ଓ ସୁଫଳ ଗୁଡ଼ିକ କ'ଣ ଥିଲା ?

ଉ : i. ଚତୁର୍ଥ ପଞ୍ଚବାର୍ଷିକ ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ଥିଲା କୃଷିଜାତ ପଦାର୍ଥର ଅଧିକ ଉତ୍ପାଦନ ।

ii. ଜନସାଧାରଣଙ୍କର ଜୀବନଧାରଣର ମାନକୁ ଉନ୍ନତ କରିବା ପାଇଁ ଏହି ଯୋଜନା କାଳରେ ସମତା ଓ ସାମାଜିକ ନ୍ୟାୟ ଉପରେ ଗୁରୁତ୍ୱ ଦିଆଗଲା ।

iii. ଧନୀ ଦରିଦ୍ରଙ୍କ ମଧ୍ୟରେ ଥିବା ତାରତମ୍ୟକୁ ହ୍ରାସ କରିବା ପାଇଁ ଏହି ଯୋଜନାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା ।

iv. ୧୯୬୯ ମସିହାରେ ୧୪ଟି ବ୍ୟାଙ୍କକୁ ଜାତୀୟକରଣ କରାଗଲା ।

v. ଫଳରେ ବ୍ୟାଙ୍କ ଓ ଅନ୍ୟାନ୍ୟ ଋଣ ପ୍ରଦାନକାରୀ ସଂସ୍ଥାଗୁଡ଼ିକ ଜନସାଧାରଣଙ୍କ ନିକଟତର ହେଲା ।

4. ନବମ ପଞ୍ଚବାର୍ଷିକ ଯୋଜନାର ଉଦ୍ଦେଶ୍ୟ କଣ ଥିଲା ?

ଉ : i. ନବମ ପଞ୍ଚବାର୍ଷିକ ଯୋଜନାର ଉଦ୍ଦେଶ୍ୟ ଗୁଡ଼ିକ ହେଲା- କୃଷି ଓ ପ୍ରାଥମିକତା ଗ୍ରାମବିକାଶକୁ ପ୍ରଦାନ ଓ ଦାରିଦ୍ର୍ୟ ଦୂରୀକରଣ ।

ii. ଦରଦାମ ସ୍ଥିର ରଖି ଅଭିବୃଦ୍ଧି ହାର ବୃଦ୍ଧି କରିବା, ଦେଶର ସବୁ ଲୋକଙ୍କୁ ଖାଦ୍ୟ ନିରାପତ୍ତା ଯୋଗାଇ ଦେବା ।

iii. ଲୋକମାନଙ୍କୁ ମୌଳିକ ଓ ଅପରିହାର୍ଯ୍ୟ ସେବା ଯଥା- ପାନୀୟ ଜଳ, ପ୍ରାଥମିକ ସ୍ୱାସ୍ଥ୍ୟସେବା, ସାର୍ବଜନୀନ ପ୍ରାଥମିକ ଶିକ୍ଷା, ଆବାସ ଓ ଯାତାୟାତର ସୁବିଧା ଯୋଗାଇ ଦେବା ।

iv. ଲୋକସଂଖ୍ୟା ବୃଦ୍ଧି ଉପରେ ଅଙ୍କୁଶ ରଖିବା, ମହିଳା, ତଫସିଲଭୁକ୍ତ ଜାତି ତଥା ପଛୁଆ ବର୍ଗଙ୍କୁ ସଶକ୍ତିକରଣ କରିବା ।

v. ପଞ୍ଚାୟତିରାଜ, ସମବାୟ ଆନ୍ଦୋଳନ ଏବଂ ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ଶକ୍ତିଶାଳୀ ଏବଂ ଆତ୍ମନିର୍ଭରଶୀଳ କରିବା ।

vi. ନବମ ପଞ୍ଚବାର୍ଷିକ ଯୋଜନାର ଅଭିବୃଦ୍ଧି ହାର ଲକ୍ଷ୍ୟ ଥିଲା ୬୫% କିନ୍ତୁ ହାସଲ ହେଲା ୫୫% ।

5. ସ୍ୱାଧୀନତା ପାଇବା ପରେ କୃଷିର ଉନ୍ନତି ପାଇଁ କେଉଁସବୁ ପଦକ୍ଷେପ ନିଆଗଲା ?

ଉ : i. ସ୍ୱାଧୀନତା ପରେ କୃଷିର ଉନ୍ନତି ପାଇଁ ଜମିଦାରୀ ପ୍ରଥାର ବିଲୋପ କରାଗଲା ।

ii. ରୟତମାନଙ୍କୁ ସେମାନଙ୍କ ଅଧିକାର ପ୍ରଦାନ କରାଗଲା ।

iii. ସମବାୟ ଆନ୍ଦୋଳନକୁ ଶକ୍ତିଶାଳୀ କରାଗଲା ।

iv. ମହାଜନ କାରବାରକୁ ନିରୁତ୍ସାହିତ କରାଗଲା ।

v. ଜଳସେଚନ ଓ ବୈଜ୍ଞାନିକ କୃଷି ପ୍ରଣାଳୀ ଉପରେ ଗୁରୁତ୍ୱ ଦିଆଗଲା ।

6. ଦାରିଦ୍ର୍ୟ ଦୂରୀକରଣ ପାଇଁ ଭାରତ ସରକାର ୧୯୬୯ ମସିହା ଠାରୁ ୨୦୦୦ ମସିହା ପର୍ଯ୍ୟନ୍ତ ନେଇଥିବା ପଦକ୍ଷେପ ଗୁଡ଼ିକ ବିଷୟରେ ଲେଖ ।

ଉ : i. ୧୯୬୯ ମସିହାରେ ବ୍ୟାଙ୍କ ଗୁଡ଼ିକର ଜାତୀୟକରଣ ହେବା ପରେ ଲୋକଙ୍କ ଆତ୍ମନିଯୁକ୍ତି ଏବଂ କୃଷି କ୍ଷେତ୍ର ପାଇଁ ଋଣ ସୁବିଧା ହେଲା ।

ii. ୧୯୭୮ ମସିହାରେ ଆରମ୍ଭ ହେଲା ସମନ୍ୱିତ ଗ୍ରାମ୍ୟ ଉନ୍ନୟନ ଯୋଜନା ।

iii. ୧୯୭୮ ମସିହାରେ ଆରମ୍ଭ ହେଲା ଗ୍ରାମାଞ୍ଚଳ ଓ ଶିଶୁବିକାଶ ଯୋଜନା ।

iv. ୧୯୯୯ ମସିହାରେ ଆରମ୍ଭ ହେଲା ସ୍ୱର୍ଣ୍ଣଜୟନ୍ତୀ ଗ୍ରାମ୍ୟ ସ୍ୱରୋଜଗାର ଯୋଜନା ।

v. ୨୦୦୦ ମସିହାରେ ଆରମ୍ଭ ହେଲା ପ୍ରଧାନମନ୍ତ୍ରୀ ଗ୍ରାମୋଦୟ ଯୋଜନା । ଏହି ଯୋଜନାର ଦୁଇଟି ମୁଖ୍ୟ ବିଭାଗ ଥିଲା । ଗୋଟିଏ ହେଲା ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ ଯୋଜନା ଓ ଅନ୍ୟଟି ଥିଲା ଇନ୍ଦିରା ଆବାସ ଯୋଜନା ।

vi. ସହରାଞ୍ଚଳରେ ବସବାସ କରୁଥିବା ବେକାର ଯୁବକ ଓ ଯୁବତୀମାନଙ୍କ ପାଇଁ କର୍ମସଂସ୍ଥାନ ପାଇଁ ୧୯୯୭ ମସିହାରେ ଆରମ୍ଭ ହେଲା 'ସ୍ୱର୍ଣ୍ଣଜୟନ୍ତୀ ସହରୀ ରୋଜଗାର ଯୋଜନା ।'

7. ଦେଶର ପ୍ରଗତି ପାଇଁ ସ୍ୱାଧୀନତା ପରେ କେଉଁସବୁ ପଦକ୍ଷେପ ନିଆଗଲା ?

ଉ : i. ଦେଶର ଆର୍ଥିକ ପ୍ରଗତି ପାଇଁ ଭାରତୀୟ ଶିଳ୍ପପତିମାନେ ସମୟର ଆହ୍ୱାନକୁ ସ୍ୱୀକାର କରି ନୂତନ ଶିଳ୍ପ ପ୍ରତିଷ୍ଠା କଲେ ।

ii. ଶିଳ୍ପାୟନ ଓ ଦେଶର ସାମାଜିକ, ଅର୍ଥନୀତିକ ପ୍ରଗତି ପାଇଁ ବ୍ୟାପକ ପ୍ରଚେଷ୍ଟା ହେଲା ।

iii. ରାସ୍ତାଘାଟ, ରେଳପଥ, ଜଳସେଚନ, ପରିବହନ, ଗମନାଗମନ ଓ ମାନବ ସମ୍ବଳର ବିକାଶ ପାଇଁ ପ୍ରଚୁର ପରିମାଣର ଅର୍ଥ ବିନିଯୋଗ କରାଗଲା ।

iv. ବ୍ୟାଙ୍କ ସେବା, ବୀମା ବ୍ୟବସ୍ଥାକୁ ଲୋକାଭିମୁଖୀ କରାଗଲା ।

v. ହରିତକ୍ରାନ୍ତି ଜରିଆରେ ଦେଶର ଖାଦ୍ୟାଭାବକୁ ଏକପ୍ରକାର ଦୂର କରିଦିଆଗଲା ।

# କ୍ଷୁଦ୍ର ଉତ୍ତରମୂଳକ ପ୍ରଶ୍ନୋତ୍ତର

1. ଭାରତରେ ଦେଶୀୟ ରାଜ୍ୟଗୁଡ଼ିକର ମିଶ୍ରଣ ଫଳରେ କେଉଁସବୁ କ୍ଷେତ୍ରରେ ବାଧାବିଘ୍ନ ରହିଲା ନାହିଁ ?

   ଉ : i. ଦେଶୀୟ ରାଜ୍ୟଗୁଡ଼ିକର ଭାରତ ସହ ମିଶ୍ରଣ ଫଳରେ ଖଣିଜ ସମ୍ପଦର ବିନିଯୋଗ କରିବା ।

   ii. ନିରଙ୍କୁଶ ବ୍ୟବସାୟ ବାଣିଜ୍ୟ କରିବା କ୍ଷେତ୍ରରେ କୌଣସି ବାଧାବିଘ୍ନ ରହିଲା ନାହିଁ ।

2. ଭାରତ ସରକାର କେବେ ଯୋଜନା ଆୟୋଗ ଗଠନ କଲେ ? ଏହି ଆୟୋଗର ଚେୟାରମ୍ୟାନ କିଏ ରହିଲେ ?

   ଉ : i. ୧୯୫୦ ମସିହା ମାର୍ଚ୍ଚ ୧୫ ତାରିଖରେ ଯୋଜନା ଆୟୋଗ ଗଠନ କଲେ ।

   ii. ପ୍ରଧାନମନ୍ତ୍ରୀ ଏହାର ଚେୟାରମ୍ୟାନ ରହିଲେ ।

3. ପ୍ରଥମ ପଞ୍ଚବାର୍ଷିକ ଯୋଜନା କେବେ ଆରମ୍ଭ ହେଲା ? ଏବଂ ଏହି ଯୋଜନାରେ କେଉଁ ବିଷୟ ଉପରେ ଗୁରୁତ୍ୱ ଦିଆଯାଇଥିଲା ?

   ଉ : i. ପ୍ରଥମ ପଞ୍ଚବାର୍ଷିକ ଯୋଜନା ୧୯୫୧ ମସିହାରେ ଆରମ୍ଭ ହେଲା ।

   ii. ଏହି ଯୋଜନାରେ କୃଷି ଓ ଜଳସେଚନ ଉପରେ ଗୁରୁତ୍ୱ ଦିଆଗଲା ।

4. ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନା କେବେ ଆରମ୍ଭ ହେଲା ଓ ଏହାର ରୂପରେଖ କିଏ ପ୍ରସ୍ତୁତ କରିଥିଲେ ?

   ଉ : i. ୧୯୫୬ ମସିହାରେ ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନା ଆରମ୍ଭ ହେଲା ।

   ii. ଏହାର ରୂପରେଖ ପ୍ରସ୍ତୁତ କରିଥିଲେ ପ୍ରଫେସର ପି.ସି.ମାହାଲା ନୋବିସ ।

5. ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାର ଉଦ୍ଦେଶ୍ୟ କ'ଣ ଥିଲା ?

   ଉ : i. ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାର ଉଦ୍ଦେଶ୍ୟ ଥିଲା ଭାରତୀୟ ସମାଜରେ ସମାଜବାଦୀ ବ୍ୟବସ୍ଥାର ପ୍ରଚଳନ।

   ii. ଶିଳ୍ପ କ୍ଷେତ୍ରରେ ପୁଞ୍ଜି ବିନିଯୋଗକୁ ଉତ୍ସାହିତ କରିବା ।

6. ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାରେ କାହା ଉପରେ ଗୁରୁତ୍ୱ ଦିଆଯାଇଥିଲା ?

   ଉ : i. ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନା କାଳରେ ଶିଳ୍ପାୟନ ଓ ସରକାରୀ ଉଦ୍ୟୋଗ ପ୍ରତିଷ୍ଠା ଉପରେ ଗୁରୁତ୍ୱ ଦିଆଗଲା ।

   ii. ବିଦେଶୀ ଜ୍ଞାନକୌଶଳକୁ ଉପଯୋଗ କରି ତିନୋଟି ସମନ୍ୱିତ ଇସ୍ପାତ ପ୍ରକଳ୍ପ ପ୍ରତିଷ୍ଠା କରାଗଲା ।

7. ଚତୁର୍ଥ ପଞ୍ଚବାର୍ଷିକ ଯୋଜନା କେବେ ଆରମ୍ଭ ହେଲା ଓ ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ କଣ ଥିଲା ?

   ଉ : i. ଚତୁର୍ଥ ପଞ୍ଚବାର୍ଷିକ ଯୋଜନା ୧୯୬୯ ମସିହାରେ ଆରମ୍ଭ ହେଲା ।

   ii. ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ଥିଲା କୃଷିଜାତ ଦ୍ରବ୍ୟର ଅଧିକ ଉତ୍ପାଦନ ।

8. ଚତୁର୍ଥ ପଞ୍ଚବାର୍ଷିକ ଯୋଜନାରେ କାହା ଉପରେ ଗୁରୁତ୍ୱ ଦିଆଯାଇଥିଲା ଓ କ'ଣ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା ?

   ଉ : i. ଚତୁର୍ଥ ପଞ୍ଚବାର୍ଷିକ ଯୋଜନା ସମୟରେ ଜନସାଧାରଣ ତାଙ୍କ ଜୀବନଧାରଣ ମାନକୁ ଉନ୍ନତ କରିବା ପାଇଁ ସମତା ଓ ସାମାଜିକ ନ୍ୟାୟ ଉପରେ ଗୁରୁତ୍ୱ ଦିଆଯାଇଥିଲା ।

   ii. ଧନୀ ଓ ଦରିଦ୍ରମାନଙ୍କ ମଧ୍ୟରେ ଥିବା ତାରତମ୍ୟକୁ ହ୍ରାସ କରିବା ପାଇଁ ଏହି ଯୋଜନାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା ।

9. କେବେ ୧୪ଟି ବ୍ୟାଙ୍କକୁ ଜାତୀୟକରଣ କରାଗଲା ଓ ଏହାର ସୁଫଳ କ'ଣ ମିଳିଲା ?

ଉ : i. ୧୯୬୯ ମସିହାରେ ୧୪ଟି ବ୍ୟାଙ୍କକୁ ଜାତୀୟକରଣ କରାଗଲା ।

ii. ଫଳରେ ବ୍ୟାଙ୍କ ଓ ଅନ୍ୟାନ୍ୟ ଋଣପ୍ରଦାନକାରୀ ସଂସ୍ଥାଗୁଡ଼ିକ ଲୋକଙ୍କ ନିକଟତର ହେଲା ।

10. ଚତୁର୍ଥ ପଞ୍ଚବାର୍ଷିକ ଯୋଜନାଟି କାହିଁକି ଆଶାନୁରୂପ ସଫଳତା ପାଇପାରି ନଥିଲା ?

ଉ : i. ୧୯୭୧ ମସିହାରେ ଭାରତ ପାକିସ୍ତାନ ଯୁଦ୍ଧ ଯୋଗୁ ଚତୁର୍ଥ ପଞ୍ଚବାର୍ଷିକ ଯୋଜନାଟି ଆଶାନୁରୂପ ସଫଳତା ପାଇପାରି ନଥିଲା ।

ii. ବାଂଲାଦେଶୀ ଶରଣାର୍ଥୀ ସମସ୍ୟା ।

11. କେଉଁ ଯୋଜନା କାଳରେ ଓ କାହିଁକି ଜବାହର ରୋଜଗାର ଯୋଜନା କାର୍ଯ୍ୟକାରୀ ହେଲା ?

ଉ : i. ପଞ୍ଚମ ପଞ୍ଚବାର୍ଷିକ ଯୋଜନା କାଳରେ ।

ii. ବେକାରୀ ସମସ୍ୟା ହ୍ରାସ କରିବା ପାଇଁ ଓ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପାଇଁ ଜବାହର ରୋଜଗାର ଯୋଜନା କାର୍ଯ୍ୟକାରୀ ହେଲା ।

12. ଦଶମ ଓ ଏକାଦଶ ପଞ୍ଚବାର୍ଷିକ ଯୋଜନା ଯଥାକ୍ରମେ କେବେ ଆରମ୍ଭ ହୋଇଥିଲା ?

ଉ : i. ଦଶମ ପଞ୍ଚବାର୍ଷିକ ଯୋଜନା ୨୦୦୨ ମସିହାରେ ଆରମ୍ଭ ହୋଇ ୨୦୦୭ ମସିହାରେ ଶେଷ ହେଲା ।

ii. ଏକାଦଶ ପଞ୍ଚବାର୍ଷିକ ଯୋଜନା ୨୦୦୭ ମସିହାରେ ଆରମ୍ଭ ହୋଇ ୨୦୧୨ ମସିହାରେ ଶେଷ ହେଲା ।

13. ସ୍ୱର୍ଣ୍ଣଜୟନ୍ତୀ ସହରୀ ଯୋଜନା କେବେ ଏବଂ କେଉଁମାନଙ୍କ ପାଇଁ ଆରମ୍ଭ ହେଲା ?

ଉ : i. ସ୍ୱର୍ଣ୍ଣଜୟନ୍ତୀ ସହରୀ ରୋଜଗାର ଯୋଜନା ୧୯୯୭ ମସିହାରେ

ii. ସହରାଞ୍ଚଳରେ ବସବାସ କରୁଥିବା ବେକାର ଯୁବକ ଓ ଯୁବତୀମାନଙ୍କର କର୍ମସଂସ୍ଥାନ ପାଇଁ ଆରମ୍ଭ ହେଲା ।

14. ଦାରିଦ୍ର୍ୟ ଓ ବେକାରୀ ଦୂରୀକରଣ ଯୋଜନା ଦ୍ୱାରା କେଉଁ ସୁଫଳ ମିଳିଛି ?

ଉ : i. ଦାରିଦ୍ର୍ୟ ଓ ବେକାରୀ ଦୂରୀକରଣ ଯୋଜନା ଦ୍ୱାରା ଦାରିଦ୍ର୍ୟ, ବେରୋଜଗାରୀ, ଆଞ୍ଚଳିକ ବୈଷମ୍ୟ ଆଦି ମୁଖ୍ୟ ଆର୍ଥନୀତିକ ସମସ୍ୟାଗୁଡ଼ିକର ପୂର୍ଣ୍ଣ ସମାଧାନ ହୋଇପାରିବ ନାହିଁ ।

ii. କିନ୍ତୁ ଏହି ଯୋଜନା ଗରିବ ଓ ବେକାରୀମାନଙ୍କର ଅଭାବନୀୟ ଅବସ୍ଥା ଅନେକ ମାତ୍ରାରେ ଦୂର କରିବାରେ ସହାୟକ ହୋଇଛି ।

15. ଜଗତୀକରଣ କହିଲେ କ'ଣ ବୁଝ ? ଏହାଦ୍ୱାରା କେଉଁ ସୁଫଳ ମିଳିଥାଏ ?

ଉ : i. ଗୋଟିଏ ଦେଶର ଅର୍ଥନୀତି ବିଶ୍ୱ ଅର୍ଥନୀତିରେ ସାମିଲ ହେବା ହେଉଛି ଜଗତୀକରଣ ।

ii. ଏହାଦ୍ୱାରା ବିଦେଶୀ ପୁଞ୍ଜି ବିନିଯୋଗ ସମ୍ଭବ ହୁଏ ଓ ବିଦେଶ ବଜାର ଉନ୍ମୁକ୍ତ ରହେ ।

16. ନବରତ୍ନ କହିଲେ କ'ଣ ବୁଝ ?

ଉ : i. ୧୯୯୭ ମସିହାରେ ଭାରତ ସରକାର ୯ଟି ଲାଭଜନକ ସରକାରୀ ଉଦ୍ୟୋଗକୁ ନବରତ୍ନ ଆଖ୍ୟା ପ୍ରଦାନ କରିଥିଲେ ।

ii. ବର୍ତ୍ତମାନ ଏହି ମାନ୍ୟତା ପ୍ରାପ୍ତ ଉଦ୍ୟୋଗର ସଂଖ୍ୟା ୧୬ ।

17. କେବେ ଓ କେଉଁ ନୀତି ଦ୍ୱାରା ସମାଜବାଦୀ ସମାଜର ପ୍ରତିଷ୍ଠା ପାଇଁ ଉଦ୍ୟମ ଆରମ୍ଭ ହେଲା ?

ଉ : i. ୧୯୫୬ରେ ।

ii. ନୂଆ ଶିଳ୍ପନୀତି ସଂକଳ୍ପ ଘୋଷିତ ହେବା ପରେ ସମାଜବାଦୀ ସମାଜର ପ୍ରତିଷ୍ଠା ପାଇଁ ଉଦ୍ୟମ ଆରମ୍ଭ ହେଲା ।

18. ଘରୋଇ ଉଦ୍ୟୋଗ ଗୁଡ଼ିକୁ ପ୍ରୋତ୍ସାହିତ କରିବା ପାଇଁ କ'ଣ କରାଗଲା ?

ଉ : i. ଘରୋଇ ଉଦ୍ୟୋଗ ଗୁଡ଼ିକୁ ପ୍ରୋତ୍ସାହିତ କରିବା ପାଇଁ ଲାଇସେନ୍ସ, କଞ୍ଚାମାଲ ଆମଦାନୀ, ମୂଲ୍ୟ ନିର୍ଦ୍ଧାରଣ ଓ ବଣ୍ଟନ ପ୍ରଭୃତିରେ ଥିବା ଆଦବ କାଇଦାକୁ କୋହଳ କରାଗଲା ।

19. ଜାତୀୟ ଆୟ ଓ ମୁଣ୍ଡପିଛା ଆୟ ସଂକ୍ରାନ୍ତରେ ତୃତୀୟ ପଞ୍ଚବାର୍ଷିକ ଯୋଜନାରେ କ'ଣ ଉଦ୍ଦେଶ୍ୟ ଥିଲା ?

ଉ : i. ତୃତୀୟ ପଞ୍ଚବାର୍ଷିକ ଯୋଜନାରେ ଜାତୀୟ ଆୟ ଶତକଡ଼ା ୩୦ ଭାଗ ବୃଦ୍ଧି କରିବା ଲକ୍ଷ୍ୟ ଥିଲା ।

ii. ମୁଣ୍ଡପିଛା ଆୟକୁ ଶତକଡ଼ା ୧୭ଭାଗ ବୃଦ୍ଧି କରିବା ଲକ୍ଷ୍ୟ ଥିଲା ।

# ୫ମ ପାଠ : ଭାରତରେ ବିଜ୍ଞାନ ଓ ବୈଷୟିକ ଜ୍ଞାନର ବିକାଶ

1. ସ୍ୱାଧୀନତା ପୂର୍ବରୁ ଭାରତରେ ଗଠିତ ମଧ୍ୟବର୍ତ୍ତୀକାଳୀନ ସରକାରର ପ୍ରଧାନମନ୍ତ୍ରୀ କିଏ ଥିଲେ ?

(A) ଜବାହରଲାଲ ନେହେରୁ (B) ଲାଲବାହାଦୁର ଶାସ୍ତ୍ରୀ

(C) ଇନ୍ଦିରା ଗାନ୍ଧୀ (D) ମୋରାରଜୀ ଦେଶାଇ

2. ଭାରତର ପ୍ରଥମ ବୈଷୟିକ ଶିକ୍ଷାନୁଷ୍ଠାନର ଶୁଭାରମ୍ଭ କିଏ କରିଥିଲେ ?

(A) ମୌଲାନା ଆବୁଲକାଲାମ ଆଜାଦ (B) ଅବଦୁଲ କଲାମ

(C) ଜବାହରଲାଲ ନେହେରୁ (D) ହୋମିଭାବା

3. ବୈଜ୍ଞାନିକ ଓ ଶିଳ୍ପ ଗବେଷଣା ପରିଷଦ କିଏ ଗଠନ କରିଥିଲେ ?

(A) ମହାତ୍ମା ଗାନ୍ଧୀ (B) ଲର୍ଡ଼ ମାଉଣ୍ଟ ବ୍ୟାଟେନ୍

(C) ଜବାହରଲାଲ ନେହେରୁ (D) ଇନ୍ଦିରା ଗାନ୍ଧୀ

4. ଭାରତରେ କେବେ ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ବିକାଶ ଘଟିଲା ?

(A) ଅଷ୍ଟାଦଶ ଶତାବ୍ଦୀର ଆରମ୍ଭରୁ (B) ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ

(C) ବିଂଶ ଶତାବ୍ଦୀର ଶେଷ ଦଶକରେ (D) ଏକବିଂଶ ଶତାବ୍ଦୀର ଆରମ୍ଭରେ

5. ନିମ୍ନଲିଖିତ ମଧ୍ୟରୁ କେଉଁଠାରେ ସ୍ନାତକୋତ୍ତର ଆୟୁର୍ବିଜ୍ଞାନ ଶିକ୍ଷା ଗବେଷଣା ପ୍ରତିଷ୍ଠାନ ରହିଛି ?

(A) ଚଣ୍ଡୀଗଡ଼ (B) କୋଲକତା

(C) ମୁମ୍ବାଇ (D) ଚେନ୍ନାଇ

6. କେନ୍ଦ୍ରରେ କେବେ ବିଜ୍ଞାନ ଓ ବୈଷୟିକ ମନ୍ତ୍ରଣାଳୟ ନାମରେ ଏକ ସ୍ୱତନ୍ତ୍ର ବିଭାଗ ସୃଷ୍ଟି ହେଲା ?

(A) ୧୯୬୯ ମସିହା (B) ୧୯୭୦ ମସିହା

(C) ୧୯୭୧ ମସିହା (D) ୧୯୭୨ ମସିହା

7. ନିମ୍ନଲିଖିତ ମଧ୍ୟରୁ କେଉଁଟି ଭିନ୍ନ ?

(A) ବୋକାରୋ ଇସ୍ପାତ କାରଖାନା (B) ରାଉରକେଲା ଲୌହ ଇସ୍ପାତ କାରଖାନା

(C) ବର୍ଣ୍ଣପୁର ଲୌହ ଇସ୍ପାତ କାରଖାନା (D) ଟାଟା ଲୌହ ଇସ୍ପାତ କାରଖାନା

8. ଭାରତ ସରକାରଙ୍କର ପରମାଣୁ ଶକ୍ତି ବିଭାଗ ଖୋଲାଗଲା ?

(A) ୧୯୫୨ ମସିହା (B) ୧୯୫୪ ମସିହା

(C) ୧୯୫୬ ମସିହା (D) ୧୯୫୮ ମସିହା

9. ଭାରତ କେବେ ପ୍ରଥମ ଥର ପାଇଁ ପରମାଣୁ ବୋମା ବିସ୍ଫୋରଣ ପରୀକ୍ଷା କଲା ?

(A) ୧୯୭୩ ଜୁନ ୨୪ (B) ୧୯୭୪ ମେ ୧୮

(C) ୧୯୭୫ ଜୁଲାଇ ୨୩ (D) ୧୯୭୧ ମାର୍ଚ୍ଚ ୧୩

10. ପ୍ରତିରକ୍ଷା ଗବେଷଣା ଓ ଉନ୍ନୟନ ସଙ୍ଗଠନ କେବେ ହେଲା ?

(A) ୧୯୫୮ ମସିହା (B) ୧୯୬୨ ମସିହା

(C) ୧୯୬୫ ମସିହା (D) ୧୯୭୧ ମସିହା

11. କେଉଁ ସମୟକୁ ଭାରତରେ ନେହେରୁ ଯୁଗ ବୋଲି କୁହାଯାଏ ?

(A) ୧୯୪୬ ରୁ ୧୯୫୦ ମସିହା (B) ୧୯୪୬ ରୁ ୧୯୬୦ ମସିହା

(C) ୧୯୪୬ ରୁ ୧୯୬୪ ମସିହା (D) ୧୯୪୭ ରୁ ୧୯୬୪ ମସିହା

12. 'ଆର୍ଥନୀତିକ, ସାମାଜିକ ଓ ସାଂସ୍କୃତିକ ପ୍ରଗତି ପାଇଁ ବିଜ୍ଞାନ ଓ ବୈଷୟିକ ବିଦ୍ୟା ଏକାନ୍ତ ଅପରିହାର୍ଯ୍ୟ'- ଏ କଥାଟିକୁ କିଏ ଉପଲବ୍ଧ କରିଥିଲେ ?

(A) ମହାତ୍ମା ଗାନ୍ଧୀ (B) ଜବାହରଲାଲ ନେହେରୁ

(C) ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ (D) ଆଚାର୍ଯ୍ୟ ବିନୋବା ଭାବେ

13. ଜାତୀୟ ଭୌତିକ ପରୀକ୍ଷାଗାରର ଭିତ୍ତିପ୍ରସ୍ତର କେବେ ସ୍ଥାପନ କରାଗଲା ?

(A) ୧୯୪୭ ଜାନୁଆରୀ ୪ (B) ୧୯୪୭ ଅଗଷ୍ଟ ୧୫

(C) ୧୯୪୮ ମାର୍ଚ୍ଚ ୧୪ (D) ୧୯୪୮ ଜୁନ ୧୪

14. ଭାରତର ପ୍ରଥମ ବୈଷୟିକ ଶିକ୍ଷାନୁଷ୍ଠାନ କେଉଁଠାରେ ପ୍ରତିଷ୍ଠା କରାଯାଇଥିଲା ?

(A) ମୁମ୍ବାଇ (B) କୋଲକତା

(C) ଖଡ଼ଗପୁର (D) ଶ୍ରୀହରିକୋଟା

15. ଉନ୍ନତ ବୈଷୟିକ ଜ୍ଞାନ କେନ୍ଦ୍ର ଇନ୍ଦୋରଠାରେ କେବେ ପ୍ରତିଷ୍ଠା ହେଲା ?

(A) ୧୯୫୬ ମସିହା (B) ୧୯୬୨ ମସିହା

(C) ୧୯୭୯ ମସିହା (D) ୧୯୮୪ ମସିହା

16. ଭାରତର ପ୍ରଥମ ଆଣବିକ ରିଆକ୍ଟର କେନ୍ଦ୍ର କେଉଁଠାରେ ପ୍ରତିଷ୍ଠା ହୋଇଥିଲା ?

(A) ବମ୍ବେ (B) ଶ୍ରୀହରିକୋଟା

(C) ଚାନ୍ଦିପୁର (D) ଟ୍ରମ୍ବେ

17. ଭାରତର ସାମରିକ ପ୍ରଯୁକ୍ତି ବିଦ୍ୟାର ବିକାଶ କ୍ଷେତ୍ରରେ କେଉଁ ଦେଶ ସାହାଯ୍ୟ କରିଥିଲା ?

(A) ଯୁକ୍ତରାଷ୍ଟ୍ର ଆମେରିକା (B) ସୋଭିଏତ ରୁଷ

(C) ବ୍ରିଟେନ (D) ଜାପାନ

18. ଭାରତ ସରକାର କେବେ ପରମାଣୁ ଶକ୍ତି ଆୟୋଗ ଗଠନ କରିଥିଲେ ?

(A) ୧୯୪୭ ଜୁଲାଇ (B) ୧୯୪୮ ଜୁଲାଇ

(C) ୧୯୪୯ ମାର୍ଚ୍ଚ (D) ୧୯୫୦ ଜାନୁଆରୀ

19. ଆମ ଦେଶରେ କେବେ ଏକୀଭୂତ ନିୟନ୍ତ୍ରିତ କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମ ଆରମ୍ଭ ହେଲା ?

(A) ୧୯୬୨ ମସିହା (B) ୧୯୬୫ ମସିହା

(C) ୧୯୮୩ ମସିହା (D) ୧୯୯୮ ମସିହା

20. ଓଡ଼ିଶାରେ କେଉଁଠାରେ ଏକ କ୍ଷେପଣାସ୍ତ୍ର ପରୀକ୍ଷଣ କେନ୍ଦ୍ର ରହିଛି ?

(A) ଗୋପାଳପୁର (B) ଧାମରା

(C) ଚାରବାଟିଆ (D) ଚାନ୍ଦିପୁର

21. ଆମ ଦେଶରେ ମହାକାଶ ଆୟୋଗ କେବେ ପ୍ରତିଷ୍ଠା ହେଲା ?

(A) ୧୯୫୫ ମସିହା (B) ୧୯୬୧ ମସିହା

(C) ୧୯୬୯ ମସିହା (D) ୧୯୭୨ ମସିହା

22. ଶ୍ରୀହରିକୋଟା ଉପଗ୍ରହ ପ୍ରେରଣ କେନ୍ଦ୍ରଟି କେଉଁ ପ୍ରଦେଶରେ ?

(A) ଆନ୍ଧ୍ରପ୍ରଦେଶ (B) ତାମିଲନାଡୁ

(C) କେରଳ (D) ମଧ୍ୟପ୍ରଦେଶ

23. ଭାରତ କେବେ ତାର ଉପଗ୍ରହକୁ ମହାକାଶକୁ ପ୍ରେରଣ କରିଥିଲା ?

(A) ୧୯୭୫ ଏପ୍ରିଲ ୧୯ (B) ୧୯୭୬ ଏପ୍ରିଲ ୧୯

(C) ୧୯୭୭ ଏପ୍ରିଲ ୧୯ (D) ୧୯୭୮ ଏପ୍ରିଲ ୧୯

24. ଭାସ୍କର ପ୍ରଥମ ଉପଗ୍ରହଟି କେବେ ମହାକାଶକୁ ପ୍ରେରଣ କରାଯାଇଥିଲା ?

(A) ୧୯୭୫ ଏପ୍ରିଲ ୧୯ (B) ୧୯୭୯ ଜୁନ ୭

(C) ୧୯୮୧ ଜୁନ ୧୯ (D) ୧୯୮୫ ମେ ୧୩

25. ଭାରତର ପ୍ରଥମ ଯୋଗାଯୋଗ ଉପଗ୍ରହ ଆପଲକୁ କେବେ ମହାକାଶକୁ ପ୍ରେରଣ କରାଗଲା ?

(A) ୧୯୭୫ ଏପ୍ରିଲ ୧୩ (B) ୧୯୭୯ ଜୁନ ୭

(C) ୧୯୮୧ ଜୁନ ୧୯ (D) ୧୯୮୩ ଏପ୍ରିଲ ୧୪

26. ଆମ ଦେଶରେ ମହାକାଶ କାର୍ଯ୍ୟକ୍ରମ କେବେ ଆରମ୍ଭ ହେଲା ?

(A) ୧୯୪୭ ମସିହା (B) ୧୯୬୨ ମସିହା

(C) ୧୯୬୫ ମସିହା (D) ୧୯୭୧ ମସିହା

27. ଥୁମ୍ବା ବିଷୁବୀୟ ରକେଟ ଉତ୍‌କ୍ଷେପଣ କେନ୍ଦ୍ର କେବେ ପ୍ରତିଷ୍ଠା ହେଲା ?

(A) ୧୯୬୧ ମସିହା (B) ୧୯୬୩ ମସିହା

(C) ୧୯୬୫ ମସିହା (D) ୧୯୬୭ ମସିହା

28. ଆରଭି ଉପଗ୍ରହ ଯୋଗାଯୋଗ କେନ୍ଦ୍ରଟି କେଉଁ ରାଜ୍ୟରେ ଅବସ୍ଥିତ ?

(A) କର୍ଣ୍ଣାଟକ (B) ଗୋଆ

(C) ମହାରାଷ୍ଟ୍ର (D) କେରଳ

29. ବୈଷୟିକ ଶିକ୍ଷାର ବିକାଶ ପାଇଁ ଗଠିତ କମିଟିର ସଦସ୍ୟ ସଂଖ୍ୟା କେତେ ଥିଲା ?

(A) ୭ଜଣ (B) ୧୧ଜଣ

(C) ୧୭ ଜଣ (D) ୨୨ଜଣ

30. ମାସାଚୁସେଟ୍ ଶିକ୍ଷାନୁଷ୍ଠାନଟି କେଉଁ ଦେଶରେ ଅବସ୍ଥିତ ?

(A) ବ୍ରିଟେନ୍ (B) ଯୁକ୍ତରାଷ୍ଟ୍ର ଆମେରିକା

(C) ସୋଭିଏତ୍ ରୁଷ୍ (D) ଜାପାନ୍

31. ଖଡ଼ଗପୁରଠାରେ ପ୍ରତିଷ୍ଠିତ ଭାରତୀୟ ବୈଷୟିକ ଶିକ୍ଷାନୁଷ୍ଠାନର ଶୁଭାରମ୍ଭ କେବେ ହୋଇଥିଲା ?

(A) ୧୯୪୭ ଡିସେମ୍ବର ୧୪ (B) ୧୯୫୦ ଜାନୁଆରୀ ୧୪

(C) ୧୯୫୧ ଅଗଷ୍ଟ ୧୮ (D) ୧୯୫୨ ଅକ୍ଟୋବର ୨

32. ଆମ ରାଜ୍ୟରେ କେଉଁଠାରେ ଏକ ଭାରତୀୟ ବୈଷୟିକ ଶିକ୍ଷାନୁଷ୍ଠାନ ଅଛି ?

(A) କଟକ (B) ଭୁବନେଶ୍ୱର

(C) ସମ୍ବଲପୁର (D) ଚିପିଲିମା

33. ଭାରତ ସରକାରଙ୍କର କେଉଁ ବିଭାଗ ଦ୍ୱାରା ଇ-ଅଧ୍ୟୟନ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ପାଇଁ ଆଞ୍ଚଳିକ ଅନୁଷ୍ଠାନମାନ ଖୋଲିଛି ?

(A) ଅର୍ଥ ବିଭାଗ (B) ମାନବ ସମ୍ବଳ ବିକାଶ ବିଭାଗ

(C) ସୂଚନା ବିଭାଗ (D) ସୂଚନା ଓ ପ୍ରାୟୋଗିକ ବିଭାଗ

34. ଆମ ଦେଶରେ କେବେ ରାସାୟନିକ ସାର ଓ ଅଧିକ ଉତ୍ପାଦନକ୍ଷମ ବିହନର ବହୁଳ ବ୍ୟବହାର ହେଲା ?

(A) ୧୯୭୫ ଏପ୍ରିଲ ୧୩ (B) ୧୯୭୯ ଜୁନ ୭

(C) ୧୯୮୧ ଜୁନ ୧୯ (D) ୧୯୮୩ ଏପ୍ରିଲ ୧୪

35. ଭାରତୀୟ ଇସ୍ପାତ ପ୍ରାଧିକରଣ ଲିମିଟେଡ୍ କେବେ ଗଠିତ ହେଲା ?

(A) ୧୯୭୩ ମସିହା (B) ୧୯୭୨ ମସିହା

(C) ୧୯୭୧ ମସିହା (D) ୧୯୭୨ ମସିହା

36. ଡ. ହୋମିଜାହାଙ୍ଗୀର ଭାବା ଜଣେ କେଉଁ ପ୍ରକାର ବ୍ୟକ୍ତିତ୍ୱ ?

(A) ଅର୍ଥନୀତିଜ୍ଞ (B) ଐତିହାସିକ

(C) ବୈଜ୍ଞାନିକ (D) ଭାଷାବିତ୍

37. ଭାରତର ପ୍ରଥମ ଆଣବିକ ରିଆକ୍ଟର କେନ୍ଦ୍ର କେବେ ପ୍ରତିଷ୍ଠା ହେଲା ?

(A) ୧୯୫୪ ମସିହା (B) ୧୯୫୫ ମସିହା

(C) ୧୯୫୬ ମସିହା (D) ୧୯୫୭ ମସିହା

38. ନିମ୍ନଲିଖିତ ମଧ୍ୟରୁ କେଉଁଟି ଏକ ଆଣବିକ ରିଆକ୍ଟର ଅଟେ ?

(A) ଧନୁଶ (B) ତ୍ରିଶୂଳ

(C) ନାଗ (D) ସର୍କସ

39. ନିମ୍ନଲିଖିତ ମଧ୍ୟରୁ କେଉଁଟି ଏକ କ୍ଷେପଣାସ୍ତ୍ର ଅଟେ ?

(A) ଆକାଶ (B) ଜେରଲିନା

(C) ଅପସରା (D) ପୂର୍ଣ୍ଣିମା

40. ଭାରତ କେବେ ଦ୍ୱିତୀୟ ଥର ପାଇଁ ପରମାଣୁ ବୋମା ପରୀକ୍ଷଣ କରିଥିଲା ?

(A) ୧୯୯୨ ଜୁନ (B) ୧୯୯୪ ମାର୍ଚ୍ଚ

(C) ୧୯୯୬ ଏପ୍ରିଲ (D) ୧୯୯୮ ମେ

41. ପୋଖରାନ୍ ସ୍ଥାନଟି କେଉଁ ରାଜ୍ୟରେ ?

(A) ପଞ୍ଜାବ (B) ରାଜସ୍ଥାନ

(C) ମହାରାଷ୍ଟ୍ର (D) ଗୋଆ

42. କେଉଁ ଘଟଣା ପରେ ଭାରତୀୟ ସୈନ୍ୟବାହିନୀର ଦୁର୍ବଳତା ଜଣାପଡ଼ିଲା ?

(A) ଭାରତ ଚୀନ୍ ଯୁଦ୍ଧ (B) ଭାରତ ପାକିସ୍ତାନ ଯୁଦ୍ଧ

(C) କାଶ୍ମୀର ଦଙ୍ଗାରେ (D) ଆଜାଦ କାଶ୍ମୀର ଗଠନ

43. ଭାରତୀୟ ମହାକାଶ ଗବେଷଣା ସଙ୍ଗଠନ କେବେ ପ୍ରତିଷ୍ଠା ହେଲା ?

(A) ୧୯୬୨ ମସିହା (B) ୧୯୬୫ ମସିହା

(C) ୧୯୬୯ ମସିହା (D) ୧୯୭୨ ମସିହା

44. ଥୁମ୍ବା ବିଷୁବୀୟ ରକେଟ୍ ଉତ୍‌କ୍ଷେପଣ କେନ୍ଦ୍ର କେଉଁ ରାଜ୍ୟରେ ?

(A) ଆନ୍ଧ୍ରପ୍ରଦେଶ (B) କେରଳ

(C) ତାମିଲନାଡୁ (D) କର୍ଣ୍ଣାଟକ

45. ଭାରତର ପ୍ରଥମ ଉପଗ୍ରହର ନାମ କ'ଣ ?

(A) ଭାସ୍କର ପ୍ରଥମ (B) ଆପଲ୍

(C) ଆର୍ଯ୍ୟଭଟ୍ଟୀୟମ୍ (D) ଆର୍ଯ୍ୟଭଟ୍ଟ

46. ଭାରତର ପ୍ରଥମ ଯୋଗାଯୋଗ ଉପଗ୍ରହର ନାମ କ'ଣ ?

(A) ଆର୍ଯ୍ୟଭଟ୍ଟ (B) ଅଗ୍ନି

(C) ଭାସ୍କର (D) ଆପଲ୍

47. ଜବାହରଲାଲ ନେହେରୁ କେବେ ମୃତ୍ୟୁବରଣ କରିଥିଲେ ?

(A) ୧୯୬୦ ମେ ୧୦ (B) ୧୯୬୨ ଜୁନ ୧୩

(C) ୧୯୬୩ ଜୁଲାଇ ୨୪ (D) ୧୯୬୪ ମେ ୨୭

48. ଭାବା ଆଣବିକ ଗବେଷଣା କେନ୍ଦ୍ର ଟ୍ରମ୍ବେଠାରେ କେବେ ପ୍ରତିଷ୍ଠିତ ହୋଇଥିଲା ?

(A) ୧୯୫୪ ମସିହା (B) ୧୯୫୫ ମସିହା

(C) ୧୯୫୬ ମସିହା (D) ୧୯୫୭ ମସିହା

## ଉତ୍ତର

1. (A) 2. (A) 3. (C) 4. (C) 5. (A) 6. (C) 7. (D) 8. (B) 9. (B) 10. (A) 11. (C) 12. (B) 13. (A) 14. (C) 15. (D) 16. (D) 17. (B) 18. (B) 1 9 . (C) 20. (D) 21. (D) 22. (A) 23. (A) 24. (B) 25. (C) 26. (B) 27. (B) 28. (C) 29. (D) 30. (B) 31. (C) 32. (B) 33. (D) 34. (B) 35. (A) 36. (C) 37. (C) 38. (D) 39. (A) 40. (D) 41. (B) 42. (A) 43. (C) 44. (B) 45. (D) 46. (D) 47. (D) 48. (C

# ଦୀର୍ଘ ଉତ୍ତରମୂଳକ ପ୍ରଶ୍ନୋତ୍ତର

1. ସ୍ୱାଧୀନତା ପରେ କୃଷିର ଉନ୍ନତି ପାଇଁ କ'ଣ କରାଯାଇଛି ?

ଉ : i. କୃଷି କ୍ଷେତ୍ରରେ ବିଜ୍ଞାନ ଶିକ୍ଷାର ବ୍ୟାପକ ପ୍ରୟୋଗ କରିବା ପାଇଁ ବ୍ୟବସ୍ଥା ହେଲା ।

ii. ବିଂଶ ଶତାବ୍ଦୀର ସପ୍ତମ ଦଶକରେ ରାସାୟନିକ ସାର ଓ ଅଧିକ ଅମଳକ୍ଷମ ବିହନର ବ୍ୟବହାର ହେଲା ।

iii. ଜଳ ଉତ୍ସଗୁଡ଼ିକୁ ସୁବ୍ୟବସ୍ଥିତ କରି ଜଳସେଚନର ବ୍ୟବସ୍ଥା କରାଗଲା ।

iv. ଉତ୍ପାଦନ ବୃଦ୍ଧି କରାଗଲା ଓ ସବୁଜ କ୍ରାନ୍ତି ସମ୍ଭବ ହେଲା ।

v. ୧୯୭୧ ମସିହାରେ କେନ୍ଦ୍ରରେ ବିଜ୍ଞାନ ଓ ବୈଷୟିକ ମନ୍ତ୍ରଣାଳୟ ନାମରେ ଏକ ସ୍ୱତନ୍ତ୍ର ବିଭାଗ ସୃଷ୍ଟି ହେଲା ।

vi. ଜୈବ ପ୍ରଯୁକ୍ତିବିଦ୍ୟାର ବିକାଶ ଓ କୃଷି କ୍ଷେତ୍ରରେ ଏହାର ବିନିଯୋଗ ଭାରତୀୟ କୃଷିକୁ ବେଶ୍ ସହାୟକ ହେଲା ।

2. ପରମାଣୁ ଶକ୍ତିର ବିକାଶ ପାଇଁ ଭାରତ ସରକାର କି କି ପଦକ୍ଷେପ ନେଇଛନ୍ତି ?

ଉ : i. ୧୯୪୮ ମସିହା ଅଗଷ୍ଟ ମାସରେ ଭାରତ ସରକାର ପରମାଣୁ ଶକ୍ତି ଆୟୋଗ ଗଠନ କଲେ ।

ii. ୧୯୫୪ ମସିହାରେ ଏକ ସ୍ୱତନ୍ତ୍ର ପରମାଣୁ ଶକ୍ତି ବିଭାଗ ଖୋଲାଗଲା ।

iii. ୧୯୫୬ ମସିହାରେ ଟ୍ରମ୍ବେଠାରେ ଭାରତର ପ୍ରଥମ ଆଣବିକ ରିଆକ୍ଟର ପ୍ରତିଷ୍ଠା କରାଗଲା । ଏହାର ନାମ 'ଭାବା' । ଆଣବିକ ଗବେଷଣା କେନ୍ଦ୍ର ରହିଲା ।

iv. ୧୯୮୪ରେ ଇନ୍ଦୋରଠାରେ ଉନ୍ନତ ବୈଷୟିକ ଜ୍ଞାନ କେନ୍ଦ୍ର ପ୍ରତିଷ୍ଠା ହେଲା । ଏହା ଏକ ଗବେଷଣା ସଂସ୍ଥା ଅଟେ ।

v. ୧୯୪୭ ମେ ୧୮ ଓ ୧୯୯୮ ମେ ୧୧ ଓ ୧୩ ତାରିଖରେ ପୋଖରାନରେ ଦୁଇଥର ପରମାଣୁ ବୋମା ବିସ୍ଫୋରଣ ପରୀକ୍ଷଣ ହେଲା ।

3. ପ୍ରତିରକ୍ଷା କ୍ଷେତ୍ରରେ ଭାରତର ଅଗ୍ରଗତି ସମ୍ପର୍କରେ ସୂଚନା ଦିଅ ।

ଉ : i. ୧୯୬୨ ମସିହା ଭାରତ-ଚୀନ ଯୁଦ୍ଧରେ ଭାରତୀୟ ସୈନ୍ୟବାହିନୀର ଦୁର୍ବଳତା ଜଣାପଡ଼ିଲା । ତେଣୁ ପ୍ରତିରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବାର ଆବଶ୍ୟକତା ପଡ଼ିଲା ।

ii. ସେଥିପାଇଁ ସୋଭିଏତ୍ ରୁଷିଆ ସହାୟତାରେ ସାମରିକ ପ୍ରଯୁକ୍ତି ବିଦ୍ୟାକୁ ଭାରତରେ ବିକଶିତ କରାଗଲା ।

iii. ଦେଶରେ ନିରାପତ୍ତାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ୧୯୪୮ ମସିହାରେ ପ୍ରତିରକ୍ଷା ଗବେଷଣା ଓ ଉନ୍ନୟନ ସଙ୍ଗଠନ ଗଠିତ ହେଲା ।

iv. ଗୋଟିଏ ଗୋଟିଏ କ୍ଷେପଣାସ୍ତ୍ରକୁ ପରୀକ୍ଷା କରାଯାଇ ସୈନ୍ୟବାହିନୀରେ ସାମିଲ କରାଗଲା ।

v. ୧୯୮୩ ମସିହାରେ ଏକୀଭୂତ ନିୟନ୍ତ୍ରିତ କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମ ଆରମ୍ଭ ହେଲା ।

vi. କ୍ଷେପଣାସ୍ତ୍ରଗୁଡ଼ିକର ପରୀକ୍ଷା ପାଇଁ ଓଡ଼ିଶାର ଚାନ୍ଦିପୁର ଠାରେ ଏକ କ୍ଷେପଣାସ୍ତ୍ର ପରୀକ୍ଷଣ କେନ୍ଦ୍ର ପ୍ରତିଷ୍ଠା ହେଲା ।

4. ବିଜ୍ଞାନ ଓ ବୈଷୟିକ ବିଦ୍ୟାର ବିକାଶ ଫଳରେ ଭାରତ କିପରି ଲାଭବାନ ହୋଇଛି ?

ଉ : i. ବିଜ୍ଞାନ ଓ ବୈଷୟିକ ଜ୍ଞାନକୌଶଳକୁ ଉପଯୋଗ କରି ସମସ୍ତ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଅଣାଯାଇଛି ।

ii. ଖାଦ୍ୟଶସ୍ୟ ତଥା ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ଉତ୍ପାଦନ କ୍ଷେତ୍ରରେ ଭାରତ ସ୍ୱାବଲମ୍ବୀ ହୋଇପାରିଛି ।

iii. ଶିଳ୍ପ କ୍ଷେତ୍ରରେ ପାରଦର୍ଶିତା ହାସଲ କରିପାରିଛି । ଶକ୍ତି କ୍ଷେତ୍ରରେ ସ୍ୱାବଲମ୍ବନଶୀଳତା ହାସଲ କରିଛି ।

iv. ପ୍ରତିରକ୍ଷା କ୍ଷେତ୍ରରେ ସ୍ୱଦେଶୀ ଜ୍ଞାନକୌଶଳ ପ୍ରୟୋଗ କରି ଶକ୍ତିଶାଳୀ ହୋଇପାରିଛି ।

v. ମହାକାଶ ଗବେଷଣା, ସାମୁଦ୍ରିକ ବିଜ୍ଞାନ ଗବେଷଣା ଓ ପରିବେଶ ବିଜ୍ଞାନ ସମ୍ପର୍କରେ ଜ୍ଞାନ ଆହରଣ ଓ ବିନିଯୋଗ ପ୍ରକ୍ରିୟା ବଳବତ୍ତର ହୋଇଛି ।

5. ମହାକାଶ ଗବେଷଣା କିପରି ଅଗ୍ରଗତି କରିଛି ଓ ଭାରତ ଏହାଦ୍ୱାରା କିପରି ଉପକୃତ ହୋଇଛି ?

ଉ : i. ୧୯୮୧ ମସିହାରେ ଭାରତ ତା'ର ପ୍ରଥମ ଯୋଗାଯୋଗ ଉପଗ୍ରହ 'ଆପଲ'କୁ ମହାକାଶକୁ ପ୍ରେରଣ କରିଛି ।

ii. ୧୯୭୫ ଏପ୍ରିଲ ୧୯ ତାରିଖରେ ଭାରତ ତା'ର ପ୍ରଥମ ଉପଗ୍ରହ ଆର୍ଯ୍ୟଭଟ୍ଟକୁ ଓ ପରେ ୧୯୭୯ ଜୁନ ୭ରେ 'ଭାସ୍କର ପ୍ରଥମ' ନାମକ ଉପଗ୍ରହ ମହାକାଶ ପ୍ରେରଣ କରିଛି ।

iii. ମହାକାଶ ଗବେଷଣା ଓ ପ୍ରଶିକ୍ଷଣ ପାଇଁ ଭାରତରେ ଅନେକ ପ୍ରତିଷ୍ଠାନ ରହିଛି ।

iv. ବୈଦେଶିକ ସହାୟତା ବିନା ଶ୍ରୀହରିକୋଟା ଉତ୍କ୍ଷେପଣ କେନ୍ଦ୍ରରୁ ଅନେକ ଉପଗ୍ରହକୁ ଭାରତ ମହାକାଶକୁ ପ୍ରେରଣ କରିଛି ।

v. ପଚାଶରୁ ଅଧିକ ଉପଗ୍ରହକୁ ମହକାଶକୁ ପ୍ରେରଣ କରିବାରେ ଭାରତ ସଫଳ ହୋଇଛି ।

vi. ଏହାଦ୍ୱାରା ଯୋଗାଯୋଗ ଓ ପାଣିପାଗର ପୂର୍ବାନୁମାନ ପାଇଁ ଏହି କୃତ୍ରିମ ଉପଗ୍ରହମାନେ ଉପଯୋଗୀ ହୋଇପାରିଛନ୍ତି ।

6. ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ଅଗ୍ରଗତି ସମ୍ପର୍କରେ ଲେଖ ।

ଉ : i. ବିଂଶ ଶତାବ୍ଦୀର ଶେଷ ଦଶକରୁ ଭାରତରେ ସୂଚନା ଓ ପ୍ରଯୁକ୍ତିବିଦ୍ୟାର ବିକାଶ ଘଟିଲା ।

ii. ଉଭୟ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ସହଯୋଗରେ ସୂଚନା ଓ ପ୍ରଯୁକ୍ତିବିଦ୍ୟାର ବିକାଶ ଘଟିଲା ।

iii. ବିଜ୍ଞାନ ଓ ବୈଷୟିକ ବିଦ୍ୟାରେ ଆଗ୍ରହୀ ଛାତ୍ରଛାତ୍ରୀଙ୍କ ସଂଖ୍ୟା ଆଶାତୀତ ଭାବରେ ବୃଦ୍ଧି ପାଇଲା ।

iv. ଭାରତ ସରକାରଙ୍କର ଟେଲି ଯୋଗାଯୋଗ ବିଭାଗ ତା'ର ଗବେଷଣା ଜାରି ରଖିଛି ।

v. ସୂଚନା ସମ୍ବନ୍ଧୀୟ ବୈଷୟିକ ଜ୍ଞାନକୁ ଦୃଷ୍ଟିରେ ରଖି ଏ ସମ୍ପର୍କିତ ଶିକ୍ଷା ଓ ଗବେଷଣା ପାଇଁ ଅନେକ ପଦକ୍ଷେପ ନିଆଯାଇଛି ।

vi. ଭାରତ ସରକାରଙ୍କ ସୂଚନା ଓ ପ୍ରାୟୋଗିକ ବିଭାଗ ଦ୍ୱାରା ଭାରତର ବିଭିନ୍ନ ସ୍ଥାନରେ ଇ-ଅଧ୍ୟୟନ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ପାଇଁ ଆଞ୍ଚଳିକ ଅନୁଷ୍ଠାନମାନ ରହିଛି ।

# କ୍ଷୁଦ୍ର ଉତ୍ତରମୂଳକ ପ୍ରଶ୍ନୋତ୍ତର

1. କେଉଁ ସମୟକୁ ନେହେରୁ ଯୁଗ କୁହାଯାଏ ଓ କାହିଁକି ?

   ଉ : i. ୧୯୪୬ ରୁ ୧୯୬୪ ପର୍ଯ୍ୟନ୍ତ ସମୟକୁ ନେହେରୁ ଯୁଗ କୁହାଯାଏ ।

   ii. କାରଣ ଜବାହରଲାଲ ନେହେରୁ ୧୯୪୬ ମସିହାରୁ ୧୯୬୪ ମସିହା ମେ ୨୭ ତାରିଖ ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଭାବରେ ଭାରତର ପ୍ରଧାନମନ୍ତ୍ରୀ ରହିଥିଲେ ।

2. କିଏ ବୈଷୟିକ ଓ ଶିଳ୍ପ ଗବେଷଣା ପରିଷଦ ଗଠନ କରିଥିଲେ ଓ ତାହାର ଅଧ୍ୟକ୍ଷ କିଏ ଥିଲେ ?

   ଉ : i. ଜବାହରଲାଲ ନେହେରୁ ବୈଷୟିକ ଓ ଶିଳ୍ପ ଗବେଷଣା ପରିଷଦ ଗଠନ କରିଥିଲେ ।

   ii. ଏହି ଅନୁଷ୍ଠାନର ଅଧ୍ୟକ୍ଷ ନିଜେ ଜବାହରଲାଲ ନେହେରୁ ହେଲେ ।

3. ବୈଷୟିକ ଶିକ୍ଷାର ବିକାଶ ପାଇଁ କ'ଣ କରାଯାଇଥିଲା ?

   ଉ : i. ବୈଷୟିକ ଶିକ୍ଷାର ବିକାଶ ପାଇଁ ଏକ ୨୨ଜଣିଆ କମିଟି ଗଠନ କରାଯାଇଥିଲା ।

   ii. ଏହି କମିଟିର ସୁପାରିସ ଅନୁସାରେ ଆମେରିକାର ମାସାଚୁସେଟସ ବୈଷୟିକ ଶିକ୍ଷା ଅନୁଷ୍ଠାନର ଢ଼ାଞ୍ଚାରେ ଭାରତରେ କେତୋଟି ବୈଷୟିକ ଶିକ୍ଷାନୁଷ୍ଠାନ ଗଠନର ପ୍ରସ୍ତାବ ଦିଆଗଲା ।

4. କେବେ, କିଏ ଏବଂ କେଉଁଠାରେ ପ୍ରଥମ ଭାରତୀୟ ବୈଷୟିକ ଶିକ୍ଷାନୁଷ୍ଠାନର ଶୁଭାରମ୍ଭ କରିଥିଲେ ?

   ଉ : i. ୧୯୫୧ ମସିହା ଅଗଷ୍ଟ ୧୮ ତାରିଖରେ ।

   ii. ଭାରତର ପ୍ରଥମ ଶିକ୍ଷାମନ୍ତ୍ରୀ ମୌଲାନା ଆବୁଲ କାଲାମ ଆଜାଦ ଖଡ଼ଗପୁରଠାରେ ଭାରତୀୟ ବୈଷୟିକ ଶିକ୍ଷାନୁଷ୍ଠାନର ଶୁଭାରମ୍ଭ କରିଥିଲେ ।

5. ସ୍ୱାସ୍ଥ୍ୟ ଶିକ୍ଷା ଓ ଗବେଷଣା ପାଇଁ କେଉଁ ଅନୁଷ୍ଠାନ ଗୁଡ଼ିକ କାର୍ଯ୍ୟ କରୁଛି ?

   ଉ : i. ସ୍ୱାସ୍ଥ୍ୟ ଶିକ୍ଷା ଓ ଗବେଷଣା ପାଇଁ ଭାରତରେ ସର୍ବଭାରତୀୟ ଆୟୁର୍ବିଜ୍ଞାନ ଅନୁଷ୍ଠାନ ବ୍ୟତୀତ ଚଣ୍ଡୀଗଡ଼, ପୁଦୁଚେରୀ ଓ ଲକ୍ଷ୍ନୌରେ ସ୍ନାତକୋତ୍ତର ଆୟୁର୍ବିଜ୍ଞାନ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ କାର୍ଯ୍ୟ କରୁଛି ।

6. ଭାରତ ସରକାର କେବେ ପରମାଣୁ ଶକ୍ତି ଆୟୋଗ ଗଠନ କଲେ ଓ ଏହି ଆୟୋଗର ଅଧ୍ୟକ୍ଷ ଭାବରେ କିଏ ନିଯୁକ୍ତ ହେଲେ ?

   ଉ : i. ୧୯୪୮ ମସିହା ଅଗଷ୍ଟ ମାସରେ ଭାରତ ସରକାର ପରମାଣୁ ଶକ୍ତି ଆୟୋଗ ଗଠନ କଲେ ।

ii. ବିଶିଷ୍ଟ ବୈଜ୍ଞାନ ହୋମି ଜାହାଙ୍ଗୀର, ଭାବା ଏହି ଅନୁଷ୍ଠାନର ଅଧ୍ୟକ୍ଷ ଭାବେ ନିଯୁକ୍ତ ହେଲେ ।

7. ଭାରତ ସରକାର କେବେ ପରମାଣୁ ଶକ୍ତି ବିଭାଗ ଖୋଲିଥିଲେ ଓ କେବେ, କେଉଁଠାରେ ଭାରତର ପ୍ରଥମ ଆଣବିକ ରିଆକ୍ଟର ପ୍ରତିଷ୍ଠା କରିଥିଲେ ?

   ଉ : i. ଭାରତ ସରକାର ୧୯୫୪ ମସିହାରେ ପରମାଣୁ ଶକ୍ତି ବିଭାଗ ଖୋଲିଥିଲେ ।

   ii. ୧୯୫୬ ମସିହାରେ ଟ୍ରମ୍ବେଠାରେ ପ୍ରଥମ ଆଣବିକ ରିଆକ୍ଟର ପ୍ରତିଷ୍ଠା ହେଲା ।

8. ଭାରତର ସର୍ବବୃହତ୍ ଆଣବିକ ଗବେଷଣା କେନ୍ଦ୍ର କେବେ ଓ କେଉଁଠାରେ ପ୍ରତିଷ୍ଠା ହେଲା ?

   ଉ : i. ଭାରତର ସର୍ବବୃହତ୍ ଆଣବିକ ଗବେଷଣା କେନ୍ଦ୍ର ୧୯୫୬ ମସିହାରେ ପ୍ରତିଷ୍ଠା ହୋଇଥିଲା ।

   ii. ଏହା ଟ୍ରମ୍ବେଠାରେ ପ୍ରତିଷ୍ଠା ହେଲା ।

9. ଭାରତର କେଉଁସବୁ ଆଣବିକ ରିଆକ୍ଟର କାର୍ଯ୍ୟକ୍ଷମ ହୋଇଛି ?

   ଉ : ଭାରତର ଭାବା ଆଣବିକ ଗବେଷଣା କେନ୍ଦ୍ର ଅଧୀନରେ ଅପସରା, ସର୍କସ, ଜେରଲିନା, ଧ୍ରୁବ, ପ୍ରଥମ ଓ ଦ୍ୱିତୀୟ ପୂର୍ଣ୍ଣିମା, କାମିନୀ ଆଦି ଆଣବିକ ରିଆକ୍ଟର କାର୍ଯ୍ୟକ୍ଷମ ହୋଇଛି ।

10. ଭାବା ଆଣବିକ ଗବେଷଣା କେନ୍ଦ୍ର ଅଧୀନରେ କେଉଁଠାରେ ଗବେଷଣା କେନ୍ଦ୍ରମାନ ପ୍ରତିଷ୍ଠା ହୋଇଛି ?

ଉ : ଭାବା ଆଣବିକ ଗବେଷଣା କେନ୍ଦ୍ର ଅଧୀନରେ ପଶ୍ଚିମବଙ୍ଗ, କାଶ୍ମୀର ଓ କର୍ଣ୍ଣାଟକରେ ଆଣବିକ ଗବେଷଣା କେନ୍ଦ୍ରମାନ ଗଢ଼ିଉଠିଛି ।

11. କେବେ ଓ କେଉଁଠାରେ ଉନ୍ନତ ବୈଷୟିକ ଜ୍ଞାନ କେନ୍ଦ୍ର ପ୍ରତିଷ୍ଠା ହୋଇଛି ?

ଉ : i. ୧୯୮୪ ମସିହାରେ ।

ii. ଇନ୍ଦୋରଠାରେ ଉନ୍ନତ ବୈଷୟିକ ଜ୍ଞାନ କେନ୍ଦ୍ର ପ୍ରତିଷ୍ଠା ହୋଇଛି ।

12. ଭାରତ କେବେ ଓ କେଉଁଠାରେ ପରମାଣୁ ବୋମା ପରୀକ୍ଷଣ କରିଥିଲା ?

ଉ : i. ଭାରତ ପ୍ରଥମଥର ୧୯୭୪ ମେ ୧୮ରେ ରାଜସ୍ଥାନର ପୋଖରାନ ଠାରେ

ii. ଦ୍ୱିତୀୟ ଥର ପାଇଁ ୧୯୯୮ ମସିହା ମେ ୧୧ ଓ ୧୩ ତାରିଖରେ ପରମାଣୁ ବୋମା ପରୀକ୍ଷଣ ହୋଇଥିଲା ।

13. କେବେ ଓ କେଉଁ ଘଟଣାରୁ ଭାରତୀୟ ସୈନ୍ୟବାହିନୀର ଦୁର୍ବଳତା ଜଣାପଡ଼ିଥିଲା ?

ଉ : i. ୧୯୬୨ ମସିହାରେ ।

ii. ଭାରତ-ଚୀନ ଯୁଦ୍ଧରେ ଭାରତୀୟ ସୈନ୍ୟବାହିନୀର ଦୁର୍ବଳତା ଜଣାପଡ଼ିଥିଲା ।

14. ପ୍ରତିରକ୍ଷା ଗବେଷଣା ଓ ଉନ୍ନୟନ ସଙ୍ଗଠନ କେବେ ଓ କେଉଁ ଉଦ୍ଦେଶ୍ୟରେ ଗଠିତ ହୋଇଥିଲା ?

ଉ : i. ୧୯୫୮ ମସିହାରେ ପ୍ରତିରକ୍ଷା ଗବେଷଣା ଉନ୍ନୟନ ସଙ୍ଗଠନ ପ୍ରତିଷ୍ଠା ହେଲା ।

ii. ଏହି ଅନୁଷ୍ଠାନର ଉଦ୍ଦେଶ୍ୟ ଥିଲା ଦେଶର ନିରାପତ୍ତା ବ୍ୟବସ୍ଥାକୁ ସୁଦୃଢ଼ କରିବା ।

15. ଭାରତୀୟ ଜାତୀୟ ସମିତି କେବେ କେଉଁ ଉଦ୍ଦେଶ୍ୟରେ ଗଠିତ ହୋଇଥିଲା ?

ଉ : i. ୧୯୬୨ ମସିହାରେ ଭାରତୀୟ ଜାତୀୟ ସମିତି ଗଠିତ ହୋଇଥିଲା ।

ii. ଏହି ସଙ୍ଗଠନର ଉଦ୍ଦେଶ୍ୟ ଥିଲା ମହାକାଶ ଗବେଷଣା କରିବା ।

16. ଥୁମ୍ବା ବିଷୁବୀୟ ରକେଟ ଉତ୍କ୍ଷେପଣ କେନ୍ଦ୍ର କେବେ ଓ କେଉଁଠାରେ ପ୍ରତିଷ୍ଠା କରାଗଲା ?

ଉ : i. ଥୁମ୍ବା ବିଷୁବୀୟ ରକେଟ ଉତ୍କ୍ଷେପଣ କେନ୍ଦ୍ର ୧୯୬୩ ମସିହାରେ ପ୍ରତିଷ୍ଠା ହୋଇଥିଲା ।

ii. କେରଳର ଥିରୁବନ୍ତପୁରମ୍‌ଠାରେ ପ୍ରତିଷ୍ଠା ହୋଇଥିଲା ।

17. ଭାରତ କେବେ ତାର ପ୍ରଥମ ଉପଗ୍ରହକୁ ମହାକାଶକୁ ପ୍ରେରଣ କରିଥିଲା ? ଏହି ଉପଗ୍ରହର ନାମ କଣ ଥିଲା ?

ଉ : i. ଭାରତ ତା'ର ପ୍ରଥମ ଉପଗ୍ରହକୁ ୧୯୭୧ ଏପ୍ରିଲ ୧୯ରେ ମହାକାଶକୁ ପ୍ରେରଣ କରିଥିଲା ।

ii. ଏହି ଉପଗ୍ରହର ନାମ ଥିଲା ଆର୍ଯ୍ୟଭଟ୍ଟ ।

18. କେଉଁ ଦୁଇଟି ଉପଗ୍ରହକୁ ମହାକାଶକୁ ପ୍ରେରଣ କରିବା କ୍ଷେତ୍ରରେ ଭାରତ ରୁଷିଆର ବୈକାନୁରରେ ଥିବା ଉତ୍କ୍ଷେପଣ ବ୍ୟବସ୍ଥାର ସହଯୋଗ ନେଇଥିଲା ?

ଉ : i. ଭାରତର ପ୍ରଥମ ଉପଗ୍ରହ ଆର୍ଯ୍ୟଭଟ୍ଟ ଓ ଉପଗ୍ରହ ଭାସ୍କରର ପ୍ରେରଣ ପାଇଁ ରୁଷିଆର ବୈକାନୁରରେ ଥିବା ଉତ୍କ୍ଷେପଣ ବ୍ୟବସ୍ଥାର ସହଯୋଗ ନିଆଯାଇଥିଲା ।

19. ଭାରତର ପ୍ରଥମ ଯୋଗାଯୋଗ ଉପଗ୍ରହର ନାମ କଣ ? ଏହାକୁ କେବେ ମହାକାଶକୁ ପ୍ରେରଣ କରାଯାଇଥିଲା ?

ଉ : i. ଭାରତର ପ୍ରଥମ ଯୋଗାଯୋଗ ଉପଗ୍ରହର ନାମ 'ଆପଲ' ।

ii. ଏହାକୁ ୧୯୮୧ ମସିହା ଜୁନ ୧୯ ତାରିଖରେ ମହାକାଶକୁ ପ୍ରେରଣ କରାଯାଇଥିଲା ।

20. ଉପଗ୍ରହଗୁଡ଼ିକ କେଉଁ କ୍ଷେତ୍ରରେ ଉପଯୋଗୀ ହୋଇପାରିଛନ୍ତି ?

ଉ : ଉପଗ୍ରହଗୁଡ଼ିକ ମୁଖ୍ୟତଃ ଯୋଗାଯୋଗ, ପାଣିପାଗ ପୂର୍ବାନୁମାନ କ୍ଷେତ୍ରରେ ଉପଯୋଗୀ ହୋଇପାରିଛି ।

॥ ଚତୁର୍ଥ ଅଧ୍ୟାୟ ॥

# ସ୍ୱାଧୀନତୋତ୍ତର ଓଡ଼ିଶାର ବିକାଶ

## ପ୍ରଥମ ପାଠ : **ସାମାଜିକ ବିକାଶ**

### ବସ୍ତୁନିଷ୍ଠ ପ୍ରଶ୍ନୋତ୍ତର (MCQ)

1. ଗଡ଼ଜାତ ମିଶ୍ରଣ ପରେ ଓଡ଼ିଶାର ଲୋକସଂଖ୍ୟା କେତେ ହେଲା ?

(A) ୧ କୋଟି ୩୭ ଲକ୍ଷ (B) ୧ କୋଟି ୩୦ ଲକ୍ଷ

(C) ୧ କୋଟି ୨୫ ଲକ୍ଷ (D) ୧ କୋଟି ୨୦ ଲକ୍ଷ

2. ଅଣଆଦିବାସୀମାନେ ଆଦିବାସୀମାନଙ୍କର ଜମିକୁ କୌଣସି ଆଳରେ ଜବରଦଖଲ କରିପାରିବେ ନାହିଁ। ଏହି ଆଇନ କେଉଁ ମସିହାରେ ପ୍ରଣିତ ହୋଇଥିଲା ?

(A) ୧୯୪୨ (B) ୧୯୪୪

(C) ୧୯୪୭ (D) ୧୯୫୦

3. ଓଡ଼ିଶା ମନ୍ଦିର ପ୍ରବେଶ ଅନୁମତି ଆଇନ୍ କେବେ ପ୍ରଣୟନ କରାଗଲା ?

(A) ୧୯୪୭ ମସିହା (B) ୧୯୪୮ ମସିହା

(C) ୧୯୪୯ ମସିହା (D) ୧୯୫୦ ମସିହା

4. ନାଗରିକ ଅଯୋଗ୍ୟତା ଦୂରୀକରଣ ଆଇନ୍ ବଳରେ କେଉଁ ପ୍ରଥାଟି କ୍ରମଶଃ ଅପସରିଗଲା ?

(A) ବେଠି (B) ବେଗାରୀ

(C) ଗୋତି (D) ଅସ୍ପୃଶ୍ୟତା

5. 'କୋୟା' କହିଲେ କ'ଣ ବୁଝ ?

(A) ଏକ ଜନଜାତି ସମ୍ପ୍ରଦାୟ (B) ଏକ ଅନୁସୂଚିତ ଜାତି

(C) ଏକ ରୋଗ (D) ଏକ ସାମାଜିକ ପ୍ରଥା

6. ନିମ୍ନଲିଖିତ ମଧ୍ୟରୁ କେଉଁଠି ଭିନ୍ନ ?

(A) ସମ୍ପୂର୍ଣ୍ଣ ଗ୍ରାମ ସ୍ୱରୋଜଗାର ଯୋଜନା (B) ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା

(C) ନିଶ୍ଚିତ ରୋଜଗାର ଯୋଜନା (D) ଅନ୍ତ୍ୟୋଦୟ ଯୋଜନା

7. କେଉଁ ଜିଲ୍ଲାର ଆଦିବାସୀମାନେ ଯୌନ ରୋଗର ଶିକାର ହେଉଥିଲେ ?

(A) କୋରାପୁଟ ଓ ବଲାଙ୍ଗୀର (B) ଗଞ୍ଜାମ ଓ ବଲାଙ୍ଗୀର

(C) ଗଞ୍ଜାମ ଓ କୋରାପୁଟ (D) କୋରାପୁଟ ଓ ଫୁଲବାଣୀ

8. କେଉଁ ଯୋଜନା ମାଧ୍ୟମରେ ଗାଁ ଗୁଡ଼ିକରେ କଂକ୍ରିଟ ରାସ୍ତା ତିଆରି ହେଲା ?

(A) ଇନ୍ଦିରା ଆବାସ ଯୋଜନା (B) ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା

(C) ନିଶ୍ଚିତ ରୋଜଗାର ଯୋଜନା (D) ପ୍ରଧାନମନ୍ତ୍ରୀ ରୋଜଗାର ଯୋଜନା

9. ଜାତୀୟ ନିଶ୍ଚିତ ଗ୍ରାମୀଣ କର୍ମ ନିଯୁକ୍ତି ଯୋଜନାର ପରିବର୍ତ୍ତିତ ନାମ କ'ଣ ?

(A) ଜବାହର ଗ୍ରାମ ସମୃଦ୍ଧି ଯୋଜନା

(B) ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା

(C) ନିଶ୍ଚିତ କର୍ମନିଯୁକ୍ତି ଯୋଜନା

(D) ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା

10. ନିମ୍ନଲିଖିତ ମଧ୍ୟରୁ କେଉଁଟି ଗୋପବନ୍ଧୁ ଗ୍ରାମୀଣ ଯୋଜନା ସହ ସମ୍ପର୍କିତ ନୁହେଁ ?

(A) ସ୍ୱାସ୍ଥ୍ୟ (B) ସଡ଼କ

(C) ପାଣି (D) ବିଜୁଳି

11. ଗଡ଼ଜାତ ମିଶ୍ରଣ ପରେ ଓଡ଼ିଶାରେ ଆଦିବାସୀ ଜାତିର ଲୋକସଂଖ୍ୟା କେତେ ଲକ୍ଷ ହେଲା ?

(A) ୪୦ ଲକ୍ଷ (B) ୩୫ ଲକ୍ଷ

(C) ୨୭ ଲକ୍ଷ (D) ୧୮ ଲକ୍ଷ

12. ଅପରାଧୀ ଜନଜାତି ଆଇନକୁ କେବେ ରଦ୍ଦ କରିଦିଆଗଲା ?

(A) ୧୯୪୬ ମସିହା (B) ୧୯୪୭ ମସିହା

(C) ୧୯୪୮ ମସିହା (D) ୧୯୪୯ ମସିହା

13. ଅନୁସୂଚିତ ଜାତିର ଲୋକମାନେ କେବେ ସାକ୍ଷୀଗୋପାଳ ମନ୍ଦିରରେ ପ୍ରବେଶ କଲେ ?

(A) ୧୯୪୮ ଜାନୁଆରୀ ୧୪ (B) ୧୯୪୮ ଫେବୃଆରୀ ୨୮

(C) ୧୯୪୮ ମାର୍ଚ୍ଚ (D) ୧୯୪୮ ଏପ୍ରିଲ ୧୪

14. କେଉଁ ଯୋଜନା ମାଧ୍ୟମରେ ଗ୍ରାମାଞ୍ଚଳର ଲୋକମାନେ ନିଜସ୍ୱ ବାସଗୃହ ସୁବିଧା ପାଇଲେ ?

(A) ଇନ୍ଦିରା ଆବାସ ଯୋଜନା (B) ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା

(C) ନିଶ୍ଚିତ ରୋଜଗାର ଯୋଜନା (D) ଜବାହର ଗ୍ରାମ ସମୃଦ୍ଧି ଯୋଜନା

15. କେବେ ଆଇନ୍ ପ୍ରଣୟନ କରାଯାଇ ମହାଜନମାନଙ୍କର ଋଣ କାରବାରକୁ ନିୟନ୍ତ୍ରିତ କରାଗଲା ?

A) ୧୯୪୭ ମାର୍ଚ୍ଚ (B) ୧୯୪୭ ଏପ୍ରିଲ

(C) ୧୯୪୮ ମେ (D) ୧୯୪୮ ଜୁନ

16. ଜାତୀୟ ନିଶ୍ଚିତ ଗ୍ରାମୀଣ କର୍ମନିଯୁକ୍ତି ମାଧ୍ୟମରେ ଗ୍ରାମାଞ୍ଚଳରେ ଲୋକଙ୍କୁ ବର୍ଷକୁ ଅନ୍ୟୂନ କେତେ ଦିନର କାମ ଯୋଗାଇ ଦେବାର ବ୍ୟବସ୍ଥା ହୋଇଛି ?

(A) ୫୦ (B) ୧୦୦

(C) ୫୦ (D) ୨୦୦

17. ଗଡ଼ଜାତ ମିଶ୍ରଣ ପରେ ଓଡ଼ିଶାରେ ଅନୁସୂଚିତ ଜାତିର ଲୋକସଂଖ୍ୟା କେତେ ହେଲା ?

(A) ୨୦ ଲକ୍ଷ ୭୦ ହଜାର (B) ୧୯ ଲକ୍ଷ ୫୦ ହଜାର

(C) ୧୮ ଲକ୍ଷ ୬୦ ହଜାର (D) ୧୬ ଲକ୍ଷ ୨୪ ହଜାର

18. ଓଡ଼ିଶା ନାଗରିକ ଅଯୋଗ୍ୟତା ଦୂରୀକରଣ ଆଇନ୍ କେବେ ପ୍ରଣୟନ କରାଗଲା ?

(A) ୧୯୪୨ ମସିହା (B) ୧୯୪୪ ମସିହା

(C) ୧୯୪୬ ମସିହା (D) ୧୯୪୯ ମସିହା

19. ଗୋତି ପ୍ରଥା ଆଇନକୁ କେବେ କଡ଼ାକଡ଼ି ଭାବେ ପାଳନ କରାଗଲା ?

(A) ୧୯୪୭ ଅଗଷ୍ଟ (B) ୧୯୪୮ ଜୁନ୍

(C) ୧୯୪୯ ଏପ୍ରିଲ (D) ୧୯୫୦ ଜାନୁଆରୀ

20. ଓଡ଼ିଶାରେ ସ୍ୱାଧୀନତା ପାଇବା ବେଳକୁ ଶତକଡ଼ା କେତେ ଭାଗ ଆଦିବାସୀ ସାକ୍ଷତ ଥିଲେ ?

(A) ୧.୫% (B) ୧.୭%

(C) ୨.୩% (D) ୨.୮%

21. 'ୟଜ୍' କାହାକୁ କୁହାଯାଏ ?

(A) ଏକ ଜନଜାତି (B) ଏକ ଅନୁସୂଚିତ ଜାତି

(C) ଏକ ରୋଗ (D) ଏକ ସାମାଜିକ ପ୍ରଥା

22. ସ୍ୱାଧୀନତା ପାଇବା ବେଳକୁ ଓଡ଼ିଶାରେ କେତେ ଭାଗ ଅନୁସୂଚିତ ଜାତିର ଲୋକ ସାକ୍ଷର ଥିଲେ ?

(A) ୧.୫% (B) ୨.୮%

(C) ୩.୩% (D) ୪.୧%

23. ଆମ ଦେଶରେ 'ମିଶନ ଶକ୍ତି' କେବେ ଆରମ୍ଭ ହେଲା ?

(A) ୨୦୦୧ ମାର୍ଚ୍ଚ ୮ (B) ୨୦୦୨ ଏପ୍ରିଲ

(C) ୨୦୦୨ ମେ (D) ୨୦୦୩ ଜୁନ ୮

24. ରାଷ୍ଟ୍ରୀୟ ସ୍ୱାସ୍ଥ୍ୟବୀମା ଯୋଜନା ଅନୁଯାୟୀ ଜଣେ ହିତାଧିକାରୀଙ୍କୁ ପଞ୍ଜିକରଣ ଦେୟ କେତେ ଟଙ୍କାକୁ ଦେବାକୁ ପଡ଼େ ?

(A) ୩୦ (B) ୫୦

(C) ୭୦ (D) ୧୦୦

25. ଦାରିଦ୍ର୍ୟ ଦୂରୀକରଣ କେଉଁ ଯୋଜନାର ଅନ୍ତର୍ଭୁକ୍ତ ?

(A) ବିଜୁ କେ.ବି.କେ ଯୋଜନା (B) ବିଜୁ ଗ୍ରାମଜ୍ୟୋତି ଯୋଜନା

(C) ଇନ୍ଦିରା ଆବାସ ଯୋଜନା (D) ଓଡ଼ିଶା ଜୀବିକା ମିଶନ

26. ରାଷ୍ଟ୍ରୀୟ ସ୍ୱାସ୍ଥ୍ୟବୀମା ଯୋଜନା କେବେ ପ୍ରବର୍ତ୍ତିତ ହେଲା ?

(A) ୨୦୦୧ ଏପ୍ରିଲ ୧ (B) ୨୦୦୩ ମାର୍ଚ୍ଚ ୫

(C) ୨୦୦୫ ମେ ୧୩ (D) ୨୦୦୮ ଏପ୍ରିଲ ୧

27. ମୋ କୁଡ଼ିଆ ଯୋଜନା କେଉଁମାନଙ୍କ ପାଇଁ ଉଦ୍ଦିଷ୍ଟ ନୁହେଁ ?

(A) ବନ୍ୟା ଦ୍ୱାରା ଗୃହଶୂନ୍ୟ (B) ଘରପୋଡ଼ି ଦ୍ୱାରା ଗୃହଶୂନ୍ୟ

(C) ହାତୀ ଉପଦ୍ରବ ଦ୍ୱାରା ଗୃହଶୂନ୍ୟ (D) ଜଳ ପ୍ରକଳ୍ପ ନିର୍ମାଣ ଦ୍ୱାରା ଗୃହଶୂନ୍ୟ

28. ରାଷ୍ଟ୍ରୀୟ ସ୍ୱାସ୍ଥ୍ୟବୀମା ଯୋଜନା ଅନୁସାରେ ଜଣେ ହିତାଧିକାରୀଙ୍କୁ ଡାକ୍ତରଖାନାରେ ଚିକିତ୍ସା ଖର୍ଚ୍ଚ ବାବଦକୁ କେତେ ଟଙ୍କା ଭରଣା କରାଯାଇଥାଏ ?

(A) ୧୦ ହଜାର (B) ୨୦ ହଜାର

(C) ୩୦ ହଜାର (D) ୨୦ ହଜାର

29. ବିଜୁ ଗ୍ରାମ ଜ୍ୟୋତି ଯୋଜନାଟି କାହା ସହିତ ସମ୍ପର୍କିତ ?

(A) ସଡ଼କ ନିର୍ମାଣ (B) ବିଦ୍ୟୁତ୍ ସଂଯୋଗ

(C) ପ୍ରାଥମିକ ସ୍ୱାସ୍ଥ୍ୟ (D) ଜଳ ଯୋଗାଣ

30. ଅନ୍ତ୍ୟୋଦୟ ଯୋଜନା ମାଧ୍ୟମରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକମାନଙ୍କୁ ମାସିକ କେତେ କିଲୋଗ୍ରାମ ଚାଉଳ ଦେବାର ବ୍ୟବସ୍ଥା ହୋଇଛି ?

(A) ୨୦ (B) ୨୫

(C) ୩୦ (D) ୩୫

31. 'ଜାତୀୟ ନିଶ୍ଚିତ ଗ୍ରାମୀଣ କର୍ମନିଯୁକ୍ତି ଯୋଜନା' କେବେ ଆରମ୍ଭ ହେଲା ?

(A) ୧୯୮୫ ମସିହା (B) ୧୯୯୫ ମସିହା

(C) ୨୦୦୫ (D) ୨୦୧୫ ମସିହା

32. କେତେ ବର୍ଷରୁ କମ୍ ବୟସର ଶ୍ରମିକମାନଙ୍କୁ ଶିଶୁ ଶ୍ରମିକ କୁହାଯାଏ ?

(A) ୮ ବର୍ଷରୁ କମ୍ (B) ୧୦ ବର୍ଷରୁ କମ୍

(C) ୧୨ ବର୍ଷରୁ କମ୍ (D) ୧୪ ବର୍ଷରୁ କମ୍

33. ଅଙ୍ଗନବାଡ଼ି କ'ଣ ?

(A) ସ୍ୱୟଂସହାୟକ ଗୋଷ୍ଠୀ (B) ମହିଳା ସଶକ୍ତିକରଣ

(C) ଶିଶୁମାନଙ୍କର ଶିକ୍ଷାକେନ୍ଦ୍ର (D) ଶିଶୁ ଶ୍ରମିକ ଗୋଷ୍ଠୀ

34. ନିମ୍ନଲିଖିତ ମଧ୍ୟରୁ କେଉଁଟି ଅସମ୍ପୃକ୍ତ ?

(A) ବୃଦ୍ଧାବସ୍ଥା ପେନସନ୍ ଯୋଜନା (B) ଜନନୀ ସୁରକ୍ଷା ଯୋଜନା

(C) ମଧୁବାବୁ ପେନସନ୍ ଯୋଜନା (D) ମିଶନ ଶକ୍ତି ଯୋଜନା

35. ଆମ ରାଜ୍ୟରେ ମଧୁବାବୁ ପେନସନ୍ ଯୋଜନା କେବେ କାର୍ଯ୍ୟକାରୀ ହେଲା ?

(A) ୨୦୦୫ ଜାନୁୟାରୀ ୨୬ (B) ୨୦୦୬ ମାର୍ଚ୍ଚ ୧୩

(C) ୨୦୦୮ ଜାନୁଆରୀ ୧ (D) ୨୦୦୯ ଏପ୍ରିଲ ୧୪

36. ନିମ୍ନଲିଖିତ ମଧ୍ୟରୁ କେଉଁଟି ମଧୁବାବୁ ପେନସନ୍ ଯୋଜନାର ଅନ୍ତର୍ଭୁକ୍ତ ନୁହେଁ ?

(A) ବୃଦ୍ଧ (B) ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତି

(C) ଭିନ୍ନକ୍ଷମ (D) ବିଧବା

37. କେଉଁ ବର୍ଷକୁ ମିଳିତ ଜାତିସଂଘ ବୃଦ୍ଧ ବ୍ୟକ୍ତିମାନଙ୍କର ବର୍ଷଭାବେ ପାଳନ କରିଥିଲା। ?

(A) ୧୯୯୯ ମସିହା (B) ୨୦୦୦ ମସିହା

(C) ୨୦୦୧ ମସିହା (D) ୨୦୦୨ ମସିହା

38. ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନା ଓଡ଼ିଶାରେ କେବେଠାରୁ କାର୍ଯ୍ୟକାରୀ ହେଉଛି ?

(A) ୨୦୦୮-୨୦୦୯ ଆର୍ଥିକ ବର୍ଷଠାରୁ (B) ୨୦୦୯-୨୦୧୦ ଆର୍ଥିକ ବର୍ଷଠାରୁ

(C) ୨୦୧୦-୨୦୧୧ ଆର୍ଥିକ ବର୍ଷଠାରୁ (D) ୨୦୧୧-୨୦୧୨ ଆର୍ଥିକ ବର୍ଷଠାରୁ

39. ଜରୁରୀକାଳୀନ ମେଡ଼ିକାଲ ଆମ୍ବୁଲାନ୍ସ ସେବା ଆମ ରାଜ୍ୟରେ କେବେଠାରୁ ଆରମ୍ଭ ହେଲା ?

(A) ୨୦୧୧ ଏପ୍ରିଲ ୧୧ (B) ୨୦୧୩ ମାର୍ଚ୍ଚ ୫

(C) ୨୦୧୪ ମେ (D) ୨୦୧୫ ମାର୍ଚ୍ଚ ୫

40. ବିଜୁ କେ.ବି.କେ ଯୋଜନାରେ କେଉଁ ଜିଲ୍ଲା ଗୁଡ଼ିକ ଅନ୍ତର୍ଭୁକ୍ତ ?

(A) କଳାହାଣ୍ଡି, ବାଲେଶ୍ୱର, କୋରାପୁଟ (B) କଳାହାଣ୍ଡି, ବଲାଙ୍ଗୀର, କୋରାପୁଟ

(C) ଖୋର୍ଦ୍ଧା, ବଲାଙ୍ଗୀର, କୋରାପୁଟ (D) କଳାହାଣ୍ଡି, ବାଲେଶ୍ୱର, କେନ୍ଦୁଝର

## ଉତ୍ତର

1. (A) 2. (C) 3. (B) 4. (D) 5. (A) 6. (D) 7. (C) 8. (B) 9. (B) 10. (A) 11. (B) 12. (D)
13. (C) 14. (A) 15. (A) 16. (B) 17. (C) 18. (D) 19. (B) 20. (A) 21. (C) 22. (C) 23. (A) 24. (A)
25. (D) 26. (D) 27. (D) 28. (C) 29. (B) 30. (D) 31. (C) 32. (D) 33. (C) 34. (D) 35. (C) 36. (B)
37. (A) 38. (B) 39. (D) 40. (B)

# ଦୀର୍ଘ ଉତ୍ତରମୂଳକ ପ୍ରଶ୍ନୋତ୍ତର

1. ଓଡ଼ିଶାରେ ଅନୁସୂଚିତ ଜାତି ଓ ଜନଜାତିମାନଙ୍କୁ ସାମାଜିକ ଶୋଷଣରୁ ମୁକ୍ତ କରିବା ପାଇଁ କି କି ପଦକ୍ଷେପ ନିଆଯାଇଛି ?

ଉ : i. ଓଡ଼ିଶାରେ ଅନୁସୂଚିତ ଜାତି ଓ ଜନଜାତିମାନଙ୍କୁ ସାମାଜିକ ଶୋଷଣରୁ ରକ୍ଷା କରିବା ପାଇଁ ୧୯୪୭ ମସିହାରେ ଆଇନ ପ୍ରଣୟନ କରାଯାଇ ସ୍ଥିର କରାଗଲା ଯେ ଅଣଆଦିବାସୀମାନେ କୌଣସି ଆଳରେ ଆଦିବାସୀମାନଙ୍କର ଜମିକୁ ଜବରଦଖଲ କରିପାରିବେ ନାହିଁ ।

ii. ସ୍ୱତନ୍ତ୍ର ଅଧିକାରୀମାନଙ୍କୁ ନିଯୋଜିତ କରାଯାଇ ଆଦିବାସୀମାନଙ୍କର ଜମିକୁ ଚିହ୍ନଟ କରି ଆଦିବାସୀମାନଙ୍କୁ ସେସବୁ ଜମିକୁ ଫେରାଇ ଦିଆଯାଇଛି ।

iii. ୧୯୪୯ ମସିହାରେ ଅପରାଧୀ ଜନଜାତି ଆଇନ ଭଳି ଅଗଣତାନ୍ତ୍ରିକ ଆଇନକୁ ରଦ୍ଦ କରିଦିଆଗଲା ।

iv. ୧୯୪୭ ମସିହା ମାର୍ଚ୍ଚ ମାସରେ ଏକ ଆଇନ ପ୍ରଣୟନ କରାଯାଇ ଗ୍ରାମ୍ୟ ମହାଜନମାନଙ୍କ ଋଣ କାରବାରକୁ ନିୟନ୍ତ୍ରିତ କରାଯାଇଛି ।

v. ୧୯୪୮ ମସିହା ଜୁନ ମାସରେ ଓଡ଼ିଶା ଗୋତି ପ୍ରଥା ନିୟାମକକୁ କଡ଼ାକଡ଼ି କରାଯାଇ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରୁ ଗୋତି ପ୍ରଥାକୁ ଆଇନତଃ ନିଷିଦ୍ଧ କରାଯାଇଛି ।

2. ଗ୍ରାମାଞ୍ଚଳର ଲୋକଙ୍କ ବିକାଶ ପାଇଁ ସ୍ୱାଧୀନତା ପରେ କି କି ପଦକ୍ଷେପ ନିଆଯାଇଛି ?

ଉ : i. ସ୍ୱାଧୀନତା ପରେ ଗ୍ରାମାଞ୍ଚଳରେ ଲୋକମାନଙ୍କର ବିକାଶ ପାଇଁ ଇନ୍ଦିରା ଆବାସ ଯୋଜନା ମାଧ୍ୟମରେ ନିଜସ୍ୱ ବାସଗୃହ ବ୍ୟବସ୍ଥା ହୋଇଛି ।

ii. ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ମାଧ୍ୟମରେ ଗାଁ ଗୁଡ଼ିକରେ ସିମେଣ୍ଟ, କଂକ୍ରିଟ ରାସ୍ତା ନିର୍ମାଣ କରାଯାଇଛି ।

iii. ଅନ୍ତ୍ୟୋଦୟ ଯୋଜନା ମାଧ୍ୟମରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାରକୁ ତିନି ଟଙ୍କା ଦରରେ ୩୫ କି.ଗ୍ରା ଚାଉଳ ବ୍ୟବସ୍ଥା ହୋଇଛି । ପରେ ରାଜ୍ୟ ସରକାର ଚାଉଳର ଦର ୨ଟଙ୍କାକୁ ସ୍ଥିର କରିଛନ୍ତି ।

iv. କର୍ମନିଯୁକ୍ତି ପାଇଁ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଖାଦ୍ୟ ପାଇଁ କାମ, ସମ୍ପୂର୍ଣ୍ଣ ଗ୍ରାମ ସ୍ୱରୋଜଗାର ଯୋଜନା, ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ ଯୋଜନା, ଜବାହର ଗ୍ରାମ ସମୃଦ୍ଧି ଯୋଜନା ନିଶ୍ଚିତ ରୋଜଗାର ଯୋଜନା କାର୍ଯ୍ୟକାରୀ ହୋଇଛି ।

v. ଗୋପବନ୍ଧୁ ଗ୍ରାମୀଣ ଯୋଜନା ମାଧ୍ୟମରେ ବିଜୁଳି, ସଡ଼କ ଓ ପାଣିର ବ୍ୟବସ୍ଥା କରିବା ସଙ୍ଗେ ସଙ୍ଗେ ବିଜୁ ଗ୍ରାମ ଜ୍ୟୋତି ଯୋଜନା ମାଧ୍ୟମରେ ରାଜ୍ୟର ସମସ୍ତ ଗ୍ରାମକୁ ବିଜୁଳି ଶକ୍ତି ଯୋଗାଇ ଦେବାର ବ୍ୟବସ୍ଥା ହୋଇଛି ।

3. ସ୍ୱାଧୀନତା ପରେ ମହିଳା ଓ ଶିଶୁମାନଙ୍କର ବିକାଶ ପାଇଁ କେଉଁ ପଦକ୍ଷେପ ନିଆଯାଇଛି ?

ଉ : i. ସ୍ୱାଧୀନତା ପରେ ଶିଶୁମାନଙ୍କର ବିକାଶ ପାଇଁ ପ୍ରଥମେ କନ୍ୟାଭ୍ରୁଣ ହତ୍ୟାକୁ ନିଷେଧ କରାଯାଇଛି ।

ii. ଶିଶୁ ଶ୍ରମିକ ପ୍ରଥାକୁ ଉଚ୍ଛେଦ କରାଯାଇଛି ।

iii. ଶିଶୁମାନଙ୍କର ଶୈକ୍ଷିକ ବିକାଶ ପାଇଁ ଗ୍ରାମାଞ୍ଚଳରେ ଅଙ୍ଗନୱାଡ଼ି କାର୍ଯ୍ୟ କରୁଛି ଓ ଶିଶୁମାନଙ୍କୁ ବିଦ୍ୟାଳୟ ପ୍ରତି ଆକୃଷ୍ଟ କରାଇବା ପାଇଁ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା କରାଯାଇଛି ।

iv. ମହିଳାମାନଙ୍କର ସାମାଜିକ ଓ ଆର୍ଥନୀତିକ ଉନ୍ନତି ପାଇଁ ଅବାଞ୍ଛିତ ଗର୍ଭଧାରଣରୁ ରକ୍ଷା କରାଯାଇଛି । ଜନ୍ମ ନିୟନ୍ତ୍ରଣକୁ ପ୍ରୋତ୍ସାହିତ କରାଯାଉଛି । ଜନନୀ ସୁରକ୍ଷା ଯୋଜନା ମାଧ୍ୟମରେ ପ୍ରସବକାଳୀନ ଡାକ୍ତରୀ ସେବା ଓ ଆର୍ଥିକ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି ।

v. ମହିଳାମାନଙ୍କର ଆର୍ଥିକ ଉନ୍ନତି ପାଇଁ ସ୍ୱୟଂସହାୟକ ଗୋଷ୍ଠୀ ମାଧ୍ୟମରେ ପଦକ୍ଷେପ ନେବା ସଙ୍ଗେ ସଙ୍ଗେ ୨୦୦୯ ମସିହା ମାର୍ଚ୍ଚ ୮ ତାରିଖରୁ ମିଶନ ଶକ୍ତି ନାମକ ଏକ ସଶକ୍ତିକରଣ ଯୋଜନା କାର୍ଯ୍ୟକାରୀ ହୋଇଛି ।

4. ମିଶନ ଶକ୍ତି ବିଷୟରେ ଏକ ଟିପ୍ପଣୀ ଲେଖ ।

ଉ : i. ମହିଳାମାନଙ୍କର ଆର୍ଥିକ ଓ ସାମାଜିକ ଉନ୍ନତି ପାଇଁ ୨୦୦୧ ମସିହା ମାର୍ଚ୍ଚ ୮ ତାରିଖରୁ ମିଶନ ଶକ୍ତି ନାମକ ଏକ ଯୋଜନା କାର୍ଯ୍ୟ କରୁଛି ।

ii. ମିଶନ ଶକ୍ତିର ଉଦ୍ଦେଶ୍ୟ ହେଉଛି ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଗଠନ ଓ ସେଗୁଡ଼ିକର ଦୃଢ଼ୀକରଣ ।

iii. ମିଶନ ଶକ୍ତିର ପ୍ରମୁଖ କାର୍ଯ୍ୟ ହେଉଛି ମହିଳା ସ୍ୱୟଂସହାୟକ ଦଳର ସଂରକ୍ଷଣ ଓ ପ୍ରସାର । ଦଳଗୁଡ଼ିକର ପରିଚାଳନା ଓ ଅନ୍ୟାନ୍ୟ ବିଷୟରେ ତାଲିମ ପ୍ରଦାନ । ସେମାନଙ୍କୁ ଉପଯୁକ୍ତ ଦିଗ୍‌ଦର୍ଶନ ଦେବା, ଋଣ ଯୋଗାଇବାର ବ୍ୟବସ୍ଥା କରିବା, ସେମାନଙ୍କର କାର୍ଯ୍ୟକଳାପର ତଦାରଖ କରିବା ଏବଂ ନୂତନ ସହାୟକ ଗୋଷ୍ଠୀ ଗଠନରେ ସହାୟତା କରିବା ।

5. ସ୍ୱାଧୀନତା ପରେ ଓଡ଼ିଶାରେ କାର୍ଯ୍ୟକାରୀ ହେଉଥିବା ପେନସନ୍ ଯୋଜନା ଓ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନା ସମ୍ବନ୍ଧରେ ଏକ ବିବରଣୀ ପ୍ରଦାନ କର ।

ଉ : i. ସାଧାରଣ ଲୋକଙ୍କୁ ସାମାଜିକ ନିରାପତ୍ତା ଯୋଗାଇ ଦେବା ଉଦ୍ଦେଶ୍ୟରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର କେତେକ ଯୋଜନା ଓଡ଼ିଶାରେ କାର୍ଯ୍ୟକାରୀ କରିଛନ୍ତି ।

ii. ସେଥିମଧ୍ୟରୁ ପ୍ରମୁଖ ଯୋଜନା ଗୁଡ଼ିକ ହେଲା ଜାତୀୟ ବୃଦ୍ଧାବସ୍ଥା ପେନସନ୍ ଯୋଜନା, ଜାତୀୟ ମାତୃତ୍ୱ ହିତକାରୀ ଯୋଜନା, ଜନନୀ ସୁରକ୍ଷା ଯୋଜନା, ଜାତୀୟ ପରିବାର ହିତ ଯୋଜନା, ଓ ମଧୁବାବୁ ପେନସନ୍ ଯୋଜନା ।

iii. ୨୦୦୮ ମସିହା ଜାନୁଆରୀ ୧ ତାରିଖରେ ପ୍ରବର୍ତ୍ତିତ ମଧୁବାବୁ ପେନସନ୍ ଯୋଜନା ଅନୁଯାୟୀ ବୃଦ୍ଧ, ବିଧବା, ଭିନ୍ନକ୍ଷମ ଓ କୁଷ୍ଠ ରୋଗରୁ ଆରୋଗ୍ୟ ଲାଭ କରିଥିବା ବ୍ୟକ୍ତିମାନଙ୍କୁ ମାସିକ ଭତ୍ତା ଦେବାର ବ୍ୟବସ୍ଥା ହୋଇଛି ।

iv. ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାରଙ୍କୁ ସ୍ୱାସ୍ଥ୍ୟ ସୁରକ୍ଷା ଯୋଗାଇ ଦେବା ପାଇଁ କେନ୍ଦ୍ର ସରକାର ୨୦୦୮ ମସିହା ଏପ୍ରିଲ ୧ ତାରିଖରେ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟବୀମା ପ୍ରବର୍ତ୍ତନ କଲେ । ଏହା ୨୦୦୯-୧୦ ଆର୍ଥିକ ବର୍ଷରେ ଓଡ଼ିଶାର କେତେକ ଜିଲ୍ଲାରେ କାର୍ଯ୍ୟକାରୀ ହେଲା ।

v. ଏହି ଯୋଜନା ଅନୁସାରେ ଜଣେ ହିତାଧିକାରୀ ମାତ୍ର ତିରିଶ ଟଙ୍କା ପଞ୍ଜିକରଣ ପାଇଁ ଦେୟ ଦେଇଥାଏ । ପ୍ରତି ବଦଳରେ ଡାକ୍ତରଖାନା ଖର୍ଚ୍ଚ ୩୦ ହଜାର ପର୍ଯ୍ୟନ୍ତ ଭରଣା କରାଯାଇଥାଏ ।

vi. ଜରୁରୀକାଳୀନ ମେଡ଼ିକାଲ ସେବା ଯୋଗାଇ ଦେବା ପାଇଁ ୨୦୧୩ ମାର୍ଚ୍ଚ ୮ ତାରିଖରେ ଓଡ଼ିଶାରେ ଜରୁରୀକାଳୀନ ମେଡ଼ିକାଲ ଆମ୍ବୁଲାନ୍ସ ସେବା ପ୍ରବର୍ତ୍ତନ କଲେ ।

6. ଅନୁସୂଚିତ ଜାତି ଓ ଜନଜାତିମାନଙ୍କ ମଧ୍ୟରେ ଶିକ୍ଷାର ପ୍ରସାର ପାଇଁ କେଉଁସବୁ ପଦକ୍ଷେପ ନିଆଯାଇଛି ?

ଉ : i. ଅନୁସୂଚିତ ଜାତି ଓ ଜନଜାତିମାନଙ୍କ ମଧ୍ୟରେ ଶିକ୍ଷାର ପ୍ରସାର ପାଇଁ ଏହି ଦୁଇ ବର୍ଗର ଛାତ୍ରଛାତ୍ରୀଙ୍କୁ ଛାତ୍ରବୃତ୍ତି ପ୍ରଦାନ, ସ୍କୁଲ ଓ କଲେଜରେ ଦରମାଛାଡ଼, ଧନ୍ଦାମୂଳକ ଶିକ୍ଷା ବ୍ୟବସ୍ଥାର ପ୍ରବର୍ତ୍ତନ କରାଯାଇ ସେମାନଙ୍କୁ ଶିକ୍ଷା ପ୍ରତି ଆଗ୍ରହୀ କରାଯାଉଛି ।

ii. ମାଗଣାରେ ପ୍ରାଥମିକ ଶିକ୍ଷାକୁ ବ୍ୟାପକ କରିବା ପାଇଁ ଆଦିବାସୀ ବହୁଳ ଅଞ୍ଚଳରେ ଶହ ଶହ ପ୍ରାଥମିକ ବିଦ୍ୟାଳୟ ଖୋଲାଯାଇଛି ।

iii. ଆଶ୍ରମ ବିଦ୍ୟାଳୟ ଓ ସେବାଶ୍ରମମାନ ଖୋଲାଯାଇ ସେମାନଙ୍କର କାମରେ ଲାଗିଲା ଭଳି ଶିକ୍ଷା ଦିଆଯାଉଛି ।

iv. ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଘରୋଇ ଶିକ୍ଷାନୁଷ୍ଠାନ ଖୋଲିବା ପାଇଁ ଅନୁମତି ପ୍ରଦାନ କରାଯାଉଛି ।

v. ଆବାସିକ ବିଦ୍ୟାଳୟମାନ ଖୋଲାଯାଉଛି । ଯୋଗ୍ୟ ଆଦିବାସୀ ଓ ଦଳିତ ଛାତ୍ରଛାତ୍ରୀମାନଙ୍କର ରାଜ୍ୟ ବାହାରେ ଉଚ୍ଚ ବୈଷୟିକ ଶିକ୍ଷା ପାଇଁ ଆର୍ଥିକ ବ୍ୟବସ୍ଥା କରାଯାଇଛି ।

## କ୍ଷୁଦ୍ର ଉତ୍ତରମୂଳକ ପ୍ରଶ୍ନୋତ୍ତର

1. ଗଡ଼ଜାତ ମିଶ୍ରଣ ପରେ ଓଡ଼ିଶାର ଲୋକସଂଖ୍ୟା କେତେ ହେଲା ? ସେଥିମଧ୍ୟରୁ ଅନୁସୂଚିତ ଜାତିର ସଂଖ୍ୟା କେତେ ଓ ଆଦିବାସୀମାନଙ୍କ ସଂଖ୍ୟା କେତେ ଥିଲା ?

ଉ : i. ଗଡ଼ଜାତ ମିଶ୍ରଣ ପରେ ଓଡ଼ିଶାର ଲୋକସଂଖ୍ୟା ଥିଲା କୋଟିଏ ୩୭ ଲକ୍ଷ ।

ii. ସେଥିମଧ୍ୟରୁ ଅନୁସୂଚିତ ଜାତି ସଂଖ୍ୟା ଥିଲା ୧୮ଲକ୍ଷ ୬୦ ହଜାର ଓ ଆଦିବାସୀଙ୍କ ସଂଖ୍ୟା ଥିଲା ୩୫ଲକ୍ଷ ।

2. ପୋଡୁଚାଷ କାହାକୁ କୁହାଯାଏ ?

ଉ : i. ଆଦିବାସୀମାନେ ଜଙ୍ଗଲରେ ନିଆଁ ଲଗାଇ ଚାଷଜମି ପ୍ରସ୍ତୁତ କରିଥାଆନ୍ତି ।

ii. ଏହି ଜମିରେ କୃଷିକାର୍ଯ୍ୟ କରିଥାଆନ୍ତି । ଏହାକୁ ପୋଡୁଚାଷ କୁହାଯାଏ । ଏହା ଫଳରେ ଜଙ୍ଗଲ ନଷ୍ଟ ହୁଏ ଓ ପ୍ରାକୃତିକ ଭାରସାମ୍ୟ ନଷ୍ଟ ହୁଏ ।

3. କେଉଁ ବ୍ୟବସ୍ଥାରୁ ଓଡ଼ିଶାରେ ଗୋତି ପ୍ରଥା ଜାତ ହେଲା ଓ ଏହା କେବେଠାରୁ ଉଚ୍ଛେଦ ହେଲା ?

ଉ : i. ଗ୍ରାମ୍ୟ ମହାଜନୀ ବ୍ୟବସ୍ଥାରୁ ଗୋତିପ୍ରଥା ଜାତ ହେଲା ।

ii. ୧୯୪୮ ମସିହା ଜୁନ ମାସରେ ଗୋତିପ୍ରଥା ଉଚ୍ଛେଦ ନିୟମକୁ କଡ଼ାକଡ଼ି କରାଗଲା ।

4. କେଉଁ ଦୁଇଟି ଆଇନ ବଳରେ ଅସ୍ପୃଶ୍ୟମାନେ ସାଧାରଣ ବର୍ଗର ଲୋକମାନଙ୍କ ସହ ମିଶିବାର ସୁଯୋଗ ପାଇଲେ ?

ଉ : i. ଓଡ଼ିଶା ମନ୍ଦିର ପ୍ରବେଶ ଆଇନ ୧୯୪୮

ii. ନାଗରିକ ଅଯୋଗ୍ୟତା ଦୂରୀକରଣ ଆଇନ ବଳରେ ଅସ୍ପୃଶ୍ୟମାନେ ସାଧାରଣ ବର୍ଗର ଲୋକମାନଙ୍କ ସହ ମିଶିବାର ସୁଯୋଗ ପାଇଲେ ।

5. କେବେ ଓ କେଉଁ ଆଇନ ଦ୍ୱାରା ଦଳିତମାନେ ସାକ୍ଷୀଗୋପାଳ ମନ୍ଦିରରେ ପ୍ରବେଶ କରିଥିଲେ ?

ଉ : i. ୧୯୪୮ ମସିହା ମାର୍ଚ୍ଚ ୧ ତାରିଖ ଦିନ

ii. ଓଡ଼ିଶା ମନ୍ଦିର ପ୍ରବେଶ ଆଇନ ୧୯୪୮ ଦ୍ୱାରା ଅସ୍ପୃଶ୍ୟମାନେ ସାକ୍ଷୀଗୋପାଳ ମନ୍ଦିରରେ ପ୍ରବେଶ କରିବାର ସୁଯୋଗ ପାଇଲେ ।

6. ଅନୁସୂଚିତ ଜାତି ଓ ଜନଜାତି ମଧ୍ୟରେ ସାକ୍ଷରତା ହାର କେତେ ଥିଲା ?

ଉ : i. ଅନୁସୂଚିତ ଜାତିମାନଙ୍କ ମଧ୍ୟରେ ସାକ୍ଷରତା ହାର ଥିଲା ୩.୩% ।

ii. ଜନଜାତିମାନଙ୍କର ସାକ୍ଷରତା ହାର ୧.୫% ଥିଲା ।

7. 'ୟଜ୍' କଣ ? ଏହାଦ୍ୱାରା କେଉଁମାନେ ଶିକାର ହେଉଥିଲେ ?

ଉ : i. 'ୟଜ୍' ଏକ ଭୟଙ୍କର ରୋଗ ।

ii. ଏହି ରୋଗରେ କୋରାପୁଟର କୋୟାମାନେ ଶିକାର ହେଉଥିଲେ ।

8. କେଉଁ ଅଞ୍ଚଳର ଆଦିବାସୀମାନେ ଯୌନ ରୋଗର ଶିକାର ହେଉଥିଲେ ?

ଉ : i. ଗଞ୍ଜାମ ଓ କୋରାପୁଟର ଆଦିବାସୀମାନେ ଯୌନ ରୋଗର ଶିକାର ହେଉଥିଲେ ।

9. ଅନ୍ତ୍ୟୋଦୟ ଯୋଜନା କଣ ?

ଉ : i. ଏହା ଏକ ଖାଦ୍ୟ ନିରାପତ୍ତା ଯୋଜନା ।

ii. ଏହି ଯୋଜନା ଅନୁସାରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକମାନଙ୍କୁ ସରକାର ତିନି ଟଙ୍କା ଦରରେ ୩୪ କି.ଗ୍ରା ଚାଉଳ ଦେବାର ବ୍ୟବସ୍ଥା କଲେ ।

10. ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା କେବେଠାରୁ କାର୍ଯ୍ୟକାରୀ ହେଲା ଓ ଏହି ଯୋଜନାରେ କଣ କରାଯାଇଛି ?

ଉ : i. ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ୨୦୦୫ ମସିହାଠାରୁ କାର୍ଯ୍ୟକାରୀ ହେଲା ।

ii. ଏହି ଯୋଜନା ଅନୁସାରେ ଗ୍ରାମାଞ୍ଚଳର ଲୋକଙ୍କୁ ୧୦୦ ଦିନର କାମ ଯୋଗାଇ ଦିଆଯାଉଛି ।

11. ଗୋପବନ୍ଧୁ ଗ୍ରାମୀଣ ଯୋଜନା କଣ ପାଇଁ ଉଦ୍ଦିଷ୍ଟ ଓ କେଉଁ ଯୋଜନା ମାଧ୍ୟମରେ ରାଜ୍ୟର ସମସ୍ତ ଗ୍ରାମକୁ ବିଜୁଳି ଶକ୍ତି ଯୋଗାଇ ଦେବାର ଲକ୍ଷ୍ୟ ରଖାଯାଇଛି ?

ଉ : i. ଗୋପବନ୍ଧୁ ଗ୍ରାମୀଣ ଯୋଜନା ଦ୍ୱାରା ଗ୍ରାମାଞ୍ଚଳରେ ବିଜୁଳି, ସଡ଼କ ଓ ପାଣିର ବ୍ୟବସ୍ଥା କରାଯାଉଛି ।

ii. ବିଜୁ ଗ୍ରାମଜ୍ୟୋତି ଯୋଜନା ମାଧ୍ୟମରେ ରାଜ୍ୟର ସମସ୍ତ ଗ୍ରାମକୁ ବିଜୁଳି ଯୋଗାଇ ଦେବାର ଲକ୍ଷ୍ୟ ରଖାଯାଇଛି ।

12. ମିଶନ ଶକ୍ତି କଣ ? ଏହା କେବେଠାରୁ ଆରମ୍ଭ କରାଯାଇଛି ?

ଉ : i. ମିଶନ ଶକ୍ତି ହେଉଛି ଏକ ମହିଳା ସଶକ୍ତିକରଣ ଯୋଜନା ।

ii. ଏହା ୨୦୦୧ ମସିହା ମାର୍ଚ୍ଚ ୮ ତାରିଖରୁ ଆରମ୍ଭ କରାଯାଇଛି ।

13. ସାଧାରଣ ଲୋକଙ୍କୁ ସାମାଜିକ ନିରାପତ୍ତା ଯୋଗାଇ ଦେବା ପାଇଁ ସରକାର କେଉଁସବୁ ଯୋଜନା କାର୍ଯ୍ୟକାରୀ କରୁଛନ୍ତି ?

ଉ : i. ସାଧାରଣ ଲୋକଙ୍କୁ ସାମାଜିକ ନିରାପତ୍ତା ଯୋଗାଇ ଦେବା ପାଇଁ ସରକାର ଜାତୀୟ ବୃଦ୍ଧାବସ୍ଥା ପେନସନ୍ ଯୋଜନା, ଜାତୀୟ ମାତୃତ୍ୱ ହିତକାରୀ ଯୋଜନା ଜନନୀ ସୁରକ୍ଷା ଯୋଜନା, ଜାତୀୟ ପରିବାର ହିତ ଯୋଜନା ଓ ମଧୁବାବୁ ପେନସନ୍ ଯୋଜନା କାର୍ଯ୍ୟକାରୀ କରୁଛନ୍ତି ।

14. ମଧୁବାବୁ ପେନସନ୍ ଯୋଜନା କେବେଠାରୁ ଓଡ଼ିଶାରେ କାର୍ଯ୍ୟକାରୀ ହେଉଛି ଓ ଏହି ଯୋଜନାରେ କେଉଁମାନେ ଅନ୍ତର୍ଭୁକ୍ତ ?

ଉ : i. ମଧୁବାବୁ ପେନସନ୍ ଯୋଜନା ୨୦୦୮ ମସିହା ଜାନୁଆରୀ ୧ ତାରିଖରୁ ଓଡ଼ିଶାରେ କାର୍ଯ୍ୟକାରୀ ହେଉଛି ।

ii. ଏହି ଯୋଜନାରେ ବୃଦ୍ଧ, ବିଧବା, ଭିନ୍ନକ୍ଷମ ଓ କୁଷ୍ଠ ରୋଗରୁ ଆରୋଗ୍ୟ ଲାଭ କରିଥିବା ବ୍ୟକ୍ତିଙ୍କୁ ଅନ୍ତର୍ଭୁକ୍ତ କରାଯାଇ ମାସିକ ଭତ୍ତା ଦେବାର ବ୍ୟବସ୍ଥା କରାଯାଇଛି ।

15. ମିଳିତ ଜାତିସଂଘ କେଉଁ ବର୍ଷକୁ ବୃଦ୍ଧ ବ୍ୟକ୍ତିଙ୍କର ବର୍ଷ ଭାବେ ପାଳନ କରିଥିଲା ? ଏହା ୨୦୦୦ ମସିହାରୁ କାହିଁକି ସମ୍ପ୍ରସାରିତ କରାଗଲା ?

ଉ : i. ୧୯୯୯ ମସିହାକୁ ମିଳିତ ଜାତିସଂଘ ବୃଦ୍ଧ ବ୍ୟକ୍ତିମାନଙ୍କର ବର୍ଷ ଭାବେ ପାଳନ କରିଥିଲା ।

ii. ବୃଦ୍ଧ ବ୍ୟକ୍ତିମାନଙ୍କର କଲ୍ୟାଣ ପାଇଁ ଏହି ବର୍ଷକୁ ୨୦୦୦ ମସିହାକୁ ସମ୍ପ୍ରସାରିତ କରାଗଲା ।

16. ଜରୁରୀକାଳୀନ ମେଡ଼ିକାଲ ଆମ୍ବୁଲାନ୍ସ ସେବା ଓଡ଼ିଶାରେ କେବେଠାରୁ ପ୍ରବର୍ତ୍ତନ କରାଯାଇଛି ? ଏହାର ଉଦ୍ଦେଶ୍ୟ କଣ ?

ଉ : i. ଜରୁରୀକାଳୀନ ମେଡ଼ିକାଲ ଆମ୍ବୁଲାନ୍ସ ସେବା ୨୦୧୩ ମସିହା ମାର୍ଚ୍ଚ ୫ ତାରିଖରୁ ଓଡ଼ିଶାରେ ପ୍ରବର୍ତ୍ତନ କରାଯାଇଛି ।

ii. ଏହାର ଉଦ୍ଦେଶ୍ୟ ହେଉଛି ଦୁର୍ଘଟଣା, ପ୍ରାକୃତିକ ବିପର୍ଯ୍ୟୟ ଓ ଗୁରୁତର ରୋଗରେ ପୀଡ଼ିତ ବ୍ୟକ୍ତିଙ୍କୁ ଜରୁରୀକାଳୀନ ଅବସ୍ଥାରେ ତୁରନ୍ତ ମେଡ଼ିକାଲ ସେବା ଯୋଗାଇଦେବା ।

17. 'ମୋ କୁଡ଼ିଆ' ଯୋଜନା କେଉଁମାନଙ୍କ ପାଇଁ ଉଦ୍ଦିଷ୍ଟ ?

ଉ : 'ମୋ କୁଡ଼ିଆ' ଯୋଜନା ମୁଖ୍ୟତଃ ବନ୍ୟା, ଘରପୋଡ଼ି ଓ ହାତୀ ଉପଦ୍ରବରେ ଗୃହଶୂନ୍ୟ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ।

18. କେଉଁସବୁ ଜିଲ୍ଲା କେବିକେ ଯୋଜନାର ଅନ୍ତର୍ଭୁକ୍ତ ?

ଉ : ଅବିଭକ୍ତ କଳାହାଣ୍ଡି, ବଲାଙ୍ଗୀର ଓ କୋରାପୁଟ ଜିଲ୍ଲା କେବିକେ ଯୋଜନାରେ ଅନ୍ତର୍ଭୁକ୍ତ ।

## ଦ୍ୱିତୀୟ ପାଠ : ଶିକ୍ଷାର ବିକାଶ

1. ଗୋଟିଏ ଦେଶର ସବୁଠାରୁ ମୂଲ୍ୟବାନ ସମ୍ପଦ କ'ଣ ?

(କ) ବାୟୁ ସମ୍ବଳ (ଗ) ମାନବ ସମ୍ବଳ

(ଖ) ଜଳ ସମ୍ବଳ (ଘ) ମୃତ୍ତିକା ସମ୍ବଳ

୨. ମାନବ ସମ୍ବଳକୁ ବିକଶିତ କରିବା ପାଇଁ ଆବଶ୍ୟକ ମାଧ୍ୟମଟି କ'ଣ ?

(କ) ଶିକ୍ଷା ଓ ପ୍ରଶିକ୍ଷଣ (ଗ) ଯୋଜନା ଓ ପରିଶ୍ରମ

(ଖ) ଅର୍ଥ ଓ ଜ୍ଞାନ (ଘ) ସାହାଯ୍ୟ ଓ ମାର୍ଗଦର୍ଶନ

୩. ମହାତ୍ମା ଗାନ୍ଧୀ କେଉଁ ଶିକ୍ଷା ପଦ୍ଧତିକୁ ଗୁରୁତ୍ୱ ଦେଇଥିଲେ ?

(କ) ଇଂରାଜୀ ଶିକ୍ଷା (ଗ) ପ୍ରାଥମିକ ଶିକ୍ଷା

(ଖ) ମାତୃଭାଷା ଶିକ୍ଷା (ଘ) ମୌଳିକ ଶିକ୍ଷା

୪. ମୌଳିକ ଶିକ୍ଷାର ଲକ୍ଷ୍ୟ କଣ ଥିଲା ?

(କ) ଶିଶୁକୁ କର୍ମାଭିମୁଖୀ ଶିକ୍ଷା ପ୍ରଦାନ କରି ସ୍ୱାବଲମ୍ବୀ କରାଇବା

(ଖ) ଜାତୀୟ ଅର୍ଥନୀତିରେ ସୁଧାର ଆଣିବା

(ଗ) ଶିଶୁକୁ ପ୍ରଯୁକ୍ତି ବିଦ୍ୟା ଓ ନୂତନ ଜ୍ଞାନ କୌଶଳ ଶିକ୍ଷା ଦେବା

(ଘ) ଦେଶର ସାକ୍ଷରତା ହାର ବୃଦ୍ଧି କରିବା ।

୫. ୧୯୪୭-୪୮ ଶିକ୍ଷା ବର୍ଷରେ ଓଡ଼ିଶାର କେଉଁ ସ୍ଥାନରେ ଶିକ୍ଷକ ପ୍ରଶିକ୍ଷଣ ବିଦ୍ୟାଳୟ ଖୋଲିଲା ?

(କ) ଅନୁଗୁଳ ଓ ରସୁଲକୋଣ୍ଡା (ଖ) କଟକ ଓ ଭୁବନେଶ୍ୱର

(ଗ) କଟକ ଓ ବାଲେଶ୍ୱର (ଘ) ମୟୂରଭଞ୍ଜ ଓ ସମ୍ବଲପୁର

୬. ୧୯୫୦ ମସିହା ବେଳକୁ ଓଡ଼ିଶାରେ କେତୋଟି ମୌଳିକ ଶିକ୍ଷା ବିଦ୍ୟାଳୟ ଖୋଲିବାର ବ୍ୟବସ୍ଥା ହେଲା ?

(କ) ୫୫ଟି (ଖ) ୬୦ଟି

(ଗ) ୬୫ଟି (ଘ) ୭୦ଟି

୭. ୧୯୫୦ ମସିହାରେ ଓଡ଼ିଶାରେ ପ୍ରାଥମିକ ବିଦ୍ୟାଳୟର ସଂଖ୍ୟା କେତେ ଥିଲା ?

(କ) ୧୦,୨୫୧ (ଖ) ୧୦,୩୫୫

(ଗ) ୧୦,୧୬୫ (ଘ) ୧.୧୧୫

୮. ୧୯୫୦ ମସିହାରେ ଓଡ଼ିଶାରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା କେତେ ଥିଲା ?

(କ) ୪,୪୧,୯୬୭ (ଗ) ୪,୫୧,୪୪୦

(ଖ) ୪,୬୧,୩୨୧ (ଘ) ୪,୭୧,୩୧୦

୯. ୧୯୫୦ ମସିହା ବେଳକୁ ଓଡ଼ିଶାରେ କେତୋଟି ମଧ୍ୟଇଂରାଜୀ ବିଦ୍ୟାଳୟ ଥିଲା ?

(କ) ୪୦୦ (ଗ) ୪୮୯

(ଖ) ୩୯୯ (ଘ) ୫୦୫

୧୦. ନିମ୍ନୋକ୍ତ ମଧ୍ୟରୁ କେଉଁ ଶ୍ରେଣୀଗୁଡ଼ିକ ମଧ୍ୟଇଂରାଜୀ ବିଦ୍ୟାଳୟ ଅନ୍ତର୍ଭୁକ୍ତ ଥିଲା ?

(କ) ପଞ୍ଚମ ଓ ଷଷ୍ଠ (ଗ) ଷଷ୍ଠ ଓ ସପ୍ତମ

(ଖ) ସପ୍ତମ ଓ ଅଷ୍ଟମ (ଘ) ଅଷ୍ଟମ ଓ ନବମ

୧୧. ୧୯୫୦ ମସିହା ବେଳକୁ କେଉଁ ଶ୍ରେଣୀଗୁଡ଼ିକ ହାଇସ୍କୁଲ ଅନ୍ତର୍ଭୁକ୍ତ ଥିଲା ?

(କ) ଅଷ୍ଟମରୁ ଦଶମ (ଗ) ନବମରୁ ଏକାଦଶ

(ଖ) ଅଷ୍ଟମରୁ ଏକାଦଶ (ଘ) ଅଷ୍ଟମରୁ ଦ୍ୱାଦଶ

୧୨. ୧୯୫୦ ମସିହା ବେଳକୁ ଓଡ଼ିଶାରେ ମଧ୍ୟଇଂରାଜୀ ବିଦ୍ୟାଳୟରେ ଛାତ୍ରଛାତୀଙ୍କ ସଂଖ୍ୟା କେତେ ଥିଲା ?

(କ) ୪୨, ୨୧୨ (ଖ) ୪୪,୪୩୭

(ଗ) ୪୫,୧୫୨ (ଘ) ୪୬,୨୧୭

୧୩. ୧୯୫୦ ମସିହା ବେଳକୁ ଆମ ରାଜ୍ୟରେ କେତୋଟି ହାଇସ୍କୁଲ ଥିଲା ?

(କ) ୧୫୩ (ଗ) ୧୫୫

(ଖ) ୧୫୪ (ଘ) ୧୫୬

୧୪. ୧୯୫୦ ମସିହା ବେଳକୁ ଓଡ଼ିଶାରେ ହାଇସ୍କୁଲରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା କେତେ ଥିଲା ?

(କ) ୪୨,୨୧୩ (ଗ) ୪୪,୫୧୧

(ଖ) ୪୩,୮୯୩ (ଘ) ୪୫,୫୫୧

୧୫. କେଉଁ ଆଇନ୍ ବଳରେ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଗଠିତ ହେଲା ?

(କ) ଓଡ଼ିଶା ସେକେଣ୍ଡାରୀ ଏଡୁକେଶନ ଆକ୍ଟ ୧୯୫୩

(ଖ) ଓଡ଼ିଶା ସେକେଣ୍ଡାରୀ ଏଡୁକେଶନ ଆକ୍ଟ ୧୯୫୪

(ଗ) ଓଡ଼ିଶା ସେକେଣ୍ଡାରୀ ଏଡୁକେଶନ ଆକ୍ଟ ୧୯୫୫

(ଘ) ଓଡ଼ିଶା ସେକେଣ୍ଡାରୀ ଏଡୁକେଶନ ଆକ୍ଟ ୧୯୭୬

୧୬. ଇଂରାଜୀ ମାଧ୍ୟମ ବିଦ୍ୟାଳୟର ପରୀକ୍ଷା ପରିଚାଳନା ଭାର କାହା ହାତରେ ନ୍ୟସ୍ତ ?

(କ) ଭାରତୀୟ ଇଂରାଜୀ ଶିକ୍ଷା ପରିଷଦ

(ଖ) ଭାରତୀୟ ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ଇଂରାଜୀ ଶିକ୍ଷା ପରିଷଦ

(ଗ) କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ଼ ଓ ଭାରତୀୟ ମାଧ୍ୟମିକ ଶିକ୍ଷା ପରିଷଦ

(ଘ) ବୋର୍ଡ଼ ଅଫ ସେକେଣ୍ଡାରୀ ଏଡୁକେଶନ

୧୭. ସରକାରୀ ବିଦ୍ୟାଳୟରେ କେବେଠାରୁ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା କରାଯାଇଛି ?

(କ) ୧୯୯୦ (ଗ) ୧୯୯୪

(ଖ) ୧୯୯୨ (ଘ) ୧୯୯୫

୧୮. ଓଡ଼ିଶାରେ କେବେଠାରୁ 'ଜିଲ୍ଲା ପ୍ରାଥମିକ ଶିକ୍ଷା ଯୋଜନା' (DPEP) କାର୍ଯ୍ୟକାରୀ ହୋଇଛି ?

(କ) ୧୯୯୨ (ଗ) ୧୯୯୬

(ଖ) ୧୯୪୯ (ଘ) ୨୦୦୬

୧୯. ଡିପିଇପି ଯୋଜନାର ଲକ୍ଷ୍ୟ ଅନୁସାରେ ପ୍ରାଥମିକ ବିଦ୍ୟାଳୟରେ ପଢୁଥିବା ଛାତ୍ରମାନଙ୍କ ବିଦ୍ୟା ଆହରଣ କୃତି କେତେ ପ୍ରତିଶତ ବଢ଼ାଯିବ ?

(କ) ୧୫% (ଗ) ୩୦%

(ଖ) ୨୫% (ଘ) ୫୦%

୨୦. ୨୦୦୯-୧୦ ଶିକ୍ଷା ବର୍ଷରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଯାଇଥିବା ବହୁମୁଖୀ ଶିକ୍ଷା ଯୋଜନାର ନାମ କ'ଣ ?

(କ) ରାଷ୍ଟ୍ରୀୟ ମାଧ୍ୟମିକ ଶିକ୍ଷା ଅଭିଯାନ (ଗ) ପ୍ରାଥମିକ ଶିକ୍ଷା ଅଭିଯାନ

(ଖ) ସର୍ବଶିକ୍ଷା ଅଭିଯାନ (ଘ) ଉଚ୍ଚମାଧ୍ୟମିକ ଶିକ୍ଷା ଅଭିଯାନ

୨୧. ଉତ୍କଳ ବିଶ୍ୱବିଦ୍ୟାଳୟ କେବେଠାରୁ କାର୍ଯ୍ୟାରମ୍ଭ କରିଥିଲା ?

(କ) ୧୯୩୬ (ଗ) ୧୯୪୦

(ଖ) ୧୯୪୩ (ଘ) ୧୯୪୫

୨୨. କେବେ କୋରାପୁଟଠାରେ ଏକ ଇଣ୍ଟର ମିଡ଼ିଏଟ୍ ମହାବିଦ୍ୟାଳୟ ପ୍ରତିଷ୍ଠା କରାଗଲା ?

(କ) ୧୯୪୫ (ଗ) ୧୯୫୦

(ଖ) ୧୯୪୭ (ଘ) ୧୯୫୩

୨୩. ୧୯୫୦ ମସିହା ବେଳକୁ ଓଡ଼ିଶାର ସର୍ବମୋଟ କେତୋଟି ମହାବିଦ୍ୟାଳୟ ଥିଲା ?

(କ) ୧୦ଟି (ଗ) ୨୦ଟି

(ଖ) ୧୪ଟି (ଘ) ୨୫ଟି

୨୪. ୧୯୫୦ ମସିହା ବେଳକୁ ଓଡ଼ିଶାରେ ମହାବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା କେତେ ଥିଲା ?

(କ) ୫୫୪୫ (ଗ) ୫୬୬୦

(ଖ) ୫୩୯୩ (ଘ) ୫୬୮୯

୨୫. ୧୯୬୭ ମସିହାରେ କେଉଁଠାରେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେଲା ?

(କ) ବ୍ରହ୍ମପୁର ଓ ସମ୍ବଲପୁର (ଗ) ସମ୍ବଲପୁର ଓ କଟକ

(ଖ) କଟକ ଓ ବ୍ରହ୍ମପୁର (ଘ) ପୁରୀ ଓ ଖୋର୍ଦ୍ଧା

୨୬. ପୁରୀଠାରେ କେବେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେଲା ?

(କ) ୧୯୬୭ (ଗ) ୧୯୮୧

(ଖ) ୧୯୭୭ (ଘ) ୧୯୯୧

୨୭. ପୁରୀଠାରେ ସ୍ଥାପିତ ବିଶ୍ୱବିଦ୍ୟାଳୟର ନାମ କ'ଣ ?

(କ) ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ (ଗ) ଗୋପବନ୍ଧୁ ସଂସ୍କୃତି ବିଶ୍ୱବିଦ୍ୟାଳୟ

(ଖ) ଉତ୍କଳ ସଂସ୍କୃତ ବିଶ୍ୱବିଦ୍ୟାଳୟ (ଘ) ସାକ୍ଷୀଗୋପାଳ ବିଶ୍ୱବିଦ୍ୟାଳୟ

୨୮. ଫକୀରମୋହନ ବିଶ୍ୱବିଦ୍ୟାଳୟ କେବେ ସ୍ଥାପିତ ହେଲା ?

(କ) ୧୯୯୦ (ଗ) ୧୯୯୫

(ଖ) ୧୯୪୫ (ଘ) ୧୯୯୯

୨୯. ଉତ୍ତର-ଓଡ଼ିଶା ବିଶ୍ୱବିଦ୍ୟାଳୟ କେଉଁଠାରେ ଅବସ୍ଥିତ ?

(କ) ବାରିପଦା (ଗ) ଭୁବନେଶ୍ୱର

(ଖ) ଭୋଗରାଇ (ଘ) ବରଗଡ଼

୩୦. ରେଭେନ୍ସା ମହାବିଦ୍ୟାଳୟ କେବେ ଏକକ ବିଶ୍ୱବିଦ୍ୟାଳୟରେ ରୂପାନ୍ତରିତ ହେଲା ?

(କ) ୨୦୦୦ (ଗ) ୨୦୦୬

(ଖ) ୨୦୦୫ (ଘ) ୨୦୧୦

୩୧. ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କେବେ ପ୍ରତିଷ୍ଠିତ ହେଲା ?

(କ) ୨୦୦୦ (ଗ) ୨୦୦୯

(ଖ) ୨୦୦୫ (ଘ) ୨୦୧୨

୩୨. ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କେଉଁଠାରେ ଅବସ୍ଥିତ ?

(କ) କୋରାପୁଟ (ଗ) ଭୁବନେଶ୍ୱର

(ଖ) ମୟୂରଭଞ୍ଜ (ଘ) ସମ୍ବଲପୁର

୩୩. ସମ୍ବଲପୁରର କେଉଁ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦିଆଯାଇଛି ?

(କ) ସମ୍ବଲପୁର ମହାବିଦ୍ୟାଳୟ (ଗ) ପଶ୍ଚିମ-ଓଡ଼ିଶା ମହାବିଦ୍ୟାଳୟ

(ଖ) ରାଜେନ୍ଦ୍ର ମହାବିଦ୍ୟାଳୟ (ଘ) ଗଙ୍ଗାଧର ମହାବିଦ୍ୟାଳୟ

୩୪. ବଲାଙ୍ଗୀରର କେଉଁ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦିଆଯାଇଛି ?

(କ) ବଲାଙ୍ଗୀର ମହାବିଦ୍ୟାଳୟ (ଗ) ପଶ୍ଚିମ-ଓଡ଼ିଶା ମହାବିଦ୍ୟାଳୟ

(ଖ) ରାଜେନ୍ଦ୍ର ମହାବିଦ୍ୟାଳୟ (ଘ) ଗଙ୍ଗାଧର ମହାବିଦ୍ୟାଳୟ

୩୫. ରମାଦେବୀ ମହିଳା ମହାବିଦ୍ୟାଳୟ କେବେ ବିଶ୍ୱବିଦ୍ୟାଳୟର ମାନ୍ୟତା ଲାଭ କଲା ?

(କ) ୨୦୧୦ (ଗ) ୨୦୧୮

(ଖ) ୨୦୧୫ (ଘ) ୨୦୨୦

୩୬. ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ କେଉଁଠାରେ ଅବସ୍ଥିତ ?

(କ) ଭୁବନେଶ୍ୱର (ଗ) ବ୍ରହ୍ମପୁର

(ଖ) କଟକ (ଘ) ସମ୍ବଲପୁର

୩୭. କଟକ ସ୍ଥିତ ଶିକ୍ଷକ ପ୍ରଶିକ୍ଷଣ ମହାବିଦ୍ୟାଳୟ କେଉଁ ଶିକ୍ଷାବିତଙ୍କ ନାମାନୁସାରେ ନାମିତ ?

(କ) ମଧୁସୂଦନ ଦାସ (ଗ) କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ

(ଖ) କବିବର ରାଧାନାଥ ରାୟ (ଘ) ଗୋପବନ୍ଧୁ ଦାସ

୩୮. ଓଡ଼ିଶାରେ ଯାନ୍ତ୍ରିକ ମହାବିଦ୍ୟାଳୟ କେବେ ପ୍ରତିଷ୍ଠା ହେଲା ?

(କ) ୧୯୪୫ (ଗ) ୧୯୬୦

(ଖ) ୧୯୫୬ (ଘ) ୧୯୬୧

୩୯. ଓଡ଼ିଶାରେ ପ୍ରଥମ ଯାନ୍ତ୍ରିକ ମହାବିଦ୍ୟାଳୟ କେଉଁଠାରେ ପ୍ରତିଷ୍ଠା ହେଲା ?

(କ) କଟକ (ଗ) ରାଉରକେଲା

(ଖ) ଖୋର୍ଦ୍ଧା (ଘ) ବୁର୍ଲା

୪୦. କେବେ ରାଉରକେଲାରେ ଆଞ୍ଚଳିକ ଯାନ୍ତ୍ରିକ ମହାବିଦ୍ୟାଳୟର ଶୁଭାରମ୍ଭ କରାଗଲା ?

(କ) ୧୧୯୪୫ (ଗ) ୧୯୬୧

(ଖ) ୧୯୬୦ (ଘ) ୧୯୬୨

୪୧. କେବେ ରାଉରକେଲାରେ ବୈଷୟିକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଗଲା ?

(କ) ୨୦୦୨ (ଗ) ୨୦୦୫

(ଖ) ୨୦୦୪ (ଘ) ୨୦୦୬

୪୨. ରାଉରକେଲା ସ୍ଥିତ ବୈଷୟିକ ବିଶ୍ୱବିଦ୍ୟାଳୟର ନାମ କଣ ?

(କ) ଜାତୀୟ ବୈଷୟିକ ବିଶ୍ୱବିଦ୍ୟାଳୟ

(ଖ) ରାଉରକେଲା କେନ୍ଦ୍ରୀୟ ବୈଷୟିକ ବିଶ୍ୱବିଦ୍ୟାଳୟ

(ଗ) ବିର୍ସାମୁଣ୍ଡା ବୈଷୟିକ ବିଶ୍ୱବିଦ୍ୟାଳୟ

(ଘ) ବିଜୁପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ

୪୩. ଓଡ଼ିଶାର କେଉଁ ସ୍ଥାନରେ ଭାରତୀୟ ବୈଷୟିକ ଶିକ୍ଷାନୁଷ୍ଠାନ (IIT) ସ୍ଥାପିତ ହୋଇଛି ?

(କ) କଟକ (ଗ) ବୁର୍ଲା

(ଖ) ବ୍ରହ୍ମପୁର (ଘ) ଅରୁଗୁଳ (ଭୁବନେଶ୍ୱର)

୪୪. ବୀର ସୁରେନ୍ଦ୍ର ସାଏ ଯାନ୍ତ୍ରିକ ମହାବିଦ୍ୟାଳୟ କେଉଁଠାରେ ଅବସ୍ଥିତ ?

(କ) କଟକ (ଗ) ବୁର୍ଲା

(ଖ) ଭୁବନେଶ୍ୱର (ଘ) ବ୍ରହ୍ମପୁର

୪୫. କେବେ ଭୁବନେଶ୍ୱରଠାରେ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା କରାଗଲା ?

(କ) ୧୯୫୪ (ଗ) ୧୯୫୬

(ଖ) ୧୯୫୫ (ଘ) ୧୯୫୭

୪୬. ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ କେବେ ପ୍ରତିଷ୍ଠିତ ହେଲା ?

(କ) ୧୯୬୦ (ଗ) ୧୯୬୨

(ଖ) ୧୯୬୧ (ଘ) ୧୯୬୩

୪୭. ଓଡ଼ିଶାର କେଉଁ ସ୍ଥାନରେ କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ର ଅବସ୍ଥିତ ?

(କ) କଟକ (ଗ) କଳାହାଣ୍ଡି

(ଖ) ଭୁବନେଶ୍ୱର (ଘ) ଜଗତସିଂହପୁର

୪୮. ୧୯୭୭ ମସିହାରେ କେଉଁଠାରେ ମତ୍ସ୍ୟ ଗବେଷଣା କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପିତ ହେଲା ?

(କ) ସାକ୍ଷୀଗୋପାଳ (ଗ) ରାଜଗାଙ୍ଗପୁର

(ଖ) କଳାପଥର (ଘ) କୌଶଲ୍ୟାଗଙ୍ଗ

୪୯. କୌଶଲ୍ୟାଗଙ୍ଗ ସ୍ଥିତ ମତ୍ସ୍ୟ ଗବେଷଣା କେନ୍ଦ୍ରର ନାମ କ'ଣ ?

(କ) କୌଶଲ୍ୟାଗଙ୍ଗ ମତ୍ସ୍ୟ ଗବେଷଣା କେନ୍ଦ୍ର

(ଖ) କେନ୍ଦ୍ରୀୟ ମଧୁରଜଳ ମତ୍ସ୍ୟ ଗବେଷଣା କେନ୍ଦ୍ର

(ଗ) ରାଜ୍ୟ ମଧୁର ଜଳ ମତ୍ସ୍ୟ ଗବେଷଣା କେନ୍ଦ୍ର

(ଘ) ମଧୁର ଜଳ ମତ୍ସ୍ୟ ଗବେଷଣା କେନ୍ଦ୍ର

୫୦. ଓଡ଼ିଶାର କେଉଁ ସ୍ଥାନରେ ନାରିକେଳ ଗବେଷଣା କେନ୍ଦ୍ର ସ୍ଥାପିତ ହୋଇଛି ?

(କ) ପୁରୀ (ଗ) ଭୁବନେଶ୍ୱର

(ଖ) ପାରାଦ୍ୱୀପ (ଘ) ସାକ୍ଷୀଗୋପାଳ

୫୧. କଟକର ସରକାରୀ ମେଡ଼ିକାଲ କଲେଜ କେଉଁ ନାମରେ ନାମିତ ହେଲା ?

(କ) ରାଜ୍ୟ ସରକାରୀ ମେଡ଼ିକାଲ କଲେଜ

(ଖ) ସୁବାଷ ବୋଷ ସରକାରୀ ମେଡ଼ିକାଲ କଲେଜ

(ଗ) ଆଞ୍ଚଳିକ ସରକାରୀ ମେଡ଼ିକାଲ କଲେଜ

(ଘ) ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ

୫୩. ସମ୍ବଲପୁର ସ୍ଥିତ ସରକାରୀ ମେଡ଼ିକାଲ କଲେଜର ନାମ କ'ଣ ?

(କ) ରାଜ୍ୟ ସରକାରୀ ମେଡ଼ିକାଲ କଲେଜ

(ଖ) ବୀର ସୁରେନ୍ଦ୍ର ସାଏ ମେଡ଼ିକାଲ କଲେଜ

(ଗ) ବିର୍ସାମୁଣ୍ଡା ମେଡ଼ିକାଲ କଲେଜ

(ଘ) ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ

୫୩. ମହାରାଜ କୃଷ୍ଣଚନ୍ଦ୍ର ଗଜପତି ମେଡ଼ିକାଲ କଲେଜ କେଉଁଠାରେ ଅବସ୍ଥିତ ?

(କ) କଟକ (ଗ) ଅନୁଗୁଳ

(ଖ) ସମ୍ବଲପୁର (ଘ) ବ୍ରହ୍ମପୁର

୫୪. ସର୍ବଭାରତୀୟ ଆୟୁର୍ବିଜ୍ଞାନ ଅନୁଷ୍ଠାନ (AIIMS) ଓଡ଼ିଶାରେ କେଉଁଠାରେ ଅବସ୍ଥିତ ?

(କ) ଭୁବନେଶ୍ୱର (ଗ) ସମ୍ବଲପୁର

(ଖ) କଟକ (ଘ) ବ୍ରହ୍ମପୁର

୫୫. ଭୁବନେଶ୍ୱରସ୍ଥିତ ସର୍ବଭାରତୀୟ ଆୟୁର୍ବିଜ୍ଞାନ ଅନୁଷ୍ଠାନ (AIIMS)ରେ କେବେଠାରୁ ଶିକ୍ଷାଦାନ ଆରମ୍ଭ ହୋଇଛି ?

(କ) ୨୦୧୦ (ଗ) ୨୦୧୨

(ଖ) ୨୦୧୧ (ଘ) ୨୦୧୩

୫୬. ଚିପିଲିମାଠାରେ କେଉଁ ମହାବିଦ୍ୟାଳୟ ପ୍ରତିଷ୍ଠିତ ହୋଇଛି ?

(କ) ଯାନ୍ତ୍ରିକ ମହାବିଦ୍ୟାଳୟ (ଗ) କୃଷି ମହାବିଦ୍ୟାଳୟ

(ଖ) ଚିକିତ୍ସା ମହାବିଦ୍ୟାଳୟ (ଘ) ବିଜ୍ଞାନ ମହାବିଦ୍ୟାଳୟ

୫୭. ଭୁବନେଶ୍ୱର ସ୍ଥିତ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ କେବେ ପ୍ରତିଷ୍ଠା ହେଲା ?

(କ) ୨୦୦୦ (ଗ) ୨୦୦୪

(ଖ) ୨୦୦୨ (ଘ) ୨୦୦୬

୫୮. ବ୍ୟବସାୟିକ ପରିଚାଳନା ଶିକ୍ଷା ନିମିତ୍ତ କେଉଁ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରାଗଲା ?

(କ) ରାଜ୍ୟ ବ୍ୟବସାୟିକ ପରିଚାଳନା ଶିକ୍ଷା ପ୍ରତିଷ୍ଠାନ

(ଖ) କେନ୍ଦ୍ର ବ୍ୟବସାୟିକ ଶିକ୍ଷା ପ୍ରତିଷ୍ଠାନ

(ଗ) ବିଜୁପଟ୍ଟନାୟକ ବ୍ୟବସାୟିକ ଶିକ୍ଷା

(ଘ) ଜାଭିଅର ଇନଷ୍ଟିଚ୍ୟୁଟ ଅଫ ମ୍ୟାନେଜମେଣ୍ଟ

୫୯. ବିଜ୍ଞାନ ଶିକ୍ଷା ଗବେଷଣା ପାଇଁ ଭୁବନେଶ୍ୱରରେ କେଉଁ ଅନୁଷ୍ଠାନ ଖୋଲାଯାଇଛି ?

(କ) ରାଜ୍ୟ ବିଜ୍ଞାନ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ

(ଖ) କେନ୍ଦ୍ରୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ

(ଗ) ଭାରତୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ

(ଘ) ଜାତୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ

୬୦. ଓଡ଼ିଶାର କେଉଁ ସ୍ଥାନରେ ଭାରତୀୟ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ଅନୁଷ୍ଠାନ ରହିଛି ?

(କ) ଭୁବନେଶ୍ୱର (ଗ) ରାଉରକେଲା

(ଖ) କଟକ (ଘ) ବ୍ରହ୍ମପୁର

୬୧. ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ଓଡ଼ିଶାରେ କେଉଁଠାରେ ଅବସ୍ଥିତ ?

(କ) ଜଗତସିଂହପୁର (ଗ) କଟକ

(ଖ) ଖୋର୍ଦ୍ଧା (ଘ) ବ୍ରହ୍ମପୁର

୬୨. ଭାରତୀୟ ଗଣଯୋଗାଯୋଗ ଶିକ୍ଷାନୁଷ୍ଠାନ (ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ ଅଫ ମାସ୍ କମ୍ୟୁନିକେସନ) ଓଡ଼ିଶାର କେଉଁଠାରେ ଅବସ୍ଥିତ ?

(କ) ଗଞ୍ଜାମ (ଗ) ଭୁବନେଶ୍ୱର

(ଖ) କଟକ (ଘ) ଢେଙ୍କାନାଳ

୬୩. ଖଣିଜ ଓ ଧାତବ ପଦାର୍ଥ ଗବେଷଣା ନିମିତ୍ତ ଭୁବନେଶ୍ୱରଠାରେ କେଉଁ ଅନୁଷ୍ଠାନ ରହିଛି ?

(କ) ଖଣିଜ ଓ ଧାତବ ଗବେଷଣା କେନ୍ଦ୍ର

(ଖ) ଆଞ୍ଚଳିକ ଗବେଷରା ପରୀକ୍ଷାଗାର

(ଗ) କେନ୍ଦ୍ର ଖଣିଜ ଗବେଷଣାଗାର

(ଘ) ରାଜ୍ୟ ଧାତବ ଗବେଷଣା କେନ୍ଦ୍ର

୬୪. ଜାତୀୟ ପୁନଃ ଥଇଥାନ ପ୍ରଶିକ୍ଷଣ ଓ ଗବେଷଣା ପ୍ରତିଷ୍ଠାନ କେଉଁଠାରେ ଅବସ୍ଥିତ ?

(କ) ପାରାଦ୍ୱୀପ (ଗ) ଓଲଟପୁର

(ଖ) ଭୁବନେଶ୍ୱର (ଘ) ପାରଳାଖେମୁଣ୍ଡି

# ଉତ୍ତର

୧. (ଗ) ୨. (କ)୩. (ଘ) ୪. (କ) ୫. (କ) ୬. (ଖ) ୭. (ଗ) ୮. (କ) ୯. (ଗ) ୧୦. (ଖ)

୧୧. (ଗ) ୧୨. (ଘ) ୧୩. (କ) ୧୪. (ଖ) ୧୫. (କ) ୧୬. (ଗ) ୧୭. (ଘ) ୧୮. (ଗ) ୧୯. (ଖ) ୨୦. (କ) ୨୧. (ଖ) ୨୨. (ଖ) ୨୩. (ଖ) ୨୪. (ଘ) ୨୫. (କ) ୨୬. (ଗ) ୨୭. (କ) ୨୮. (ଘ) ୨୯. (କ) ୩୦. (ଗ) ୩୧. (ଗ) ୩୨. (କ) ୩୩. (ଘ) ୩୪. (ଖ) ୩୫. (ଖ) ୩୬. (କ) ୩୭. (ଖ) ୩୮. (ଖ) ୩୯. (ଘ) ୪୦. (ଗ) ୪୧. (କ) ୪୨. (ଘ) ୪୩. (ଘ) ୪୪. (ଗ) ୪୫. (କ) ୪୬. (ଗ) ୪୭. (କ) ୪୮. (ଘ) ୪୯. (ଖ) ୫୦. (ଘ) ୫୧. (ଘ) ୫୨. (ଖ) ୫୩.(ଘ) ୫୪.(କ) ୫୫.(ଗ) ୫୬.(ଗ) ୫୭.(କ) ୫୮.(ଘ) ୫୯.(ଘ) ୬୦.(କ) ୬୧.(ଗ) ୬୨.(ଘ) ୬୩.(ଖ) ୬୪.(ଗ)

# ଦୀର୍ଘ ଉତ୍ତରମୂଳକ ପ୍ରଶ୍ନୋତ୍ତର

**୧. ସ୍ୱାଧୀନୋତ୍ତର ଓଡ଼ିଶାର ପ୍ରାଥମିକ ଶିକ୍ଷା ବ୍ୟବସ୍ଥା କିପରି ଥିଲା ?**

i. ସ୍ୱାଧୀନତା ପରେ ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ମୌଳିକ ଶିକ୍ଷା ପଦ୍ଧତି ଉପରେ ଗୁରୁତ୍ୱ ପ୍ରଦାନ କରାଗଲା । ଏହାଦ୍ୱାରା ଶିଶୁକୁ କର୍ମାଭିମୁଖୀ ଶିକ୍ଷା ପ୍ରଦାନ କରି ସ୍ୱାବଲମ୍ବୀ ହେବାର ବ୍ୟବସ୍ଥା କରାଗଲା ।

ii. ୧୯୪୭-୪୮ ଶିକ୍ଷାବର୍ଷରେ ରାଜ୍ୟ ସରକାର ଅନୁଗୁଳ ଓ ଭଞ୍ଜନଗର ଠାରେ ମୌଳିକ ଶିକ୍ଷା ବ୍ୟବସ୍ଥା କାର୍ଯ୍ୟକାରୀ କରିବା ପାଇଁ ଦୁଇଟି ଶିକ୍ଷକ ପ୍ରଶିକ୍ଷଣ ବିଦ୍ୟାଳୟ ଖୋଲିଲେ ।

iii. ୧୯୫୦ ମସିହା ବେଳକୁ ଆଉ ୬୦ ଟି ମୌଳିକ ଶିକ୍ଷା ବିଦ୍ୟାଳୟ ଓ ଆଉ ୨ଟି ପ୍ରଶିକ୍ଷଣ ବିଦ୍ୟାଳୟ ଖୋଲିବାର ବ୍ୟବସ୍ଥା ହେଲା ।

iv. ୧୯୫୦ ମସିହାରେ ଓଡ଼ିଶାରେ ପ୍ରାଥମିକ ବିଦ୍ୟାଳୟର ସଂଖ୍ୟା ଥିଲା ୧୦,୧୬୫ ଏବଂ ଛାତ୍ରଛାତ୍ରୀଙ୍କ ସଂଖ୍ୟା ଥିଲା ୪, ୪୧, ୯୬୭ ।

**୨. ସ୍ୱାଧୀନତା ପରେ ଓଡ଼ିଶାର ମାଧ୍ୟମିକ ଶିକ୍ଷା ବ୍ୟବସ୍ଥା କିପରି ଥିଲା ?**

i. ସ୍ୱାଧୀନୋତ୍ତର ଓଡ଼ିଶାରେ ଷଷ୍ଠ ଓ ସପ୍ତମ ଶ୍ରେଣୀକୁ ମଧ୍ୟ ଇଂରାଜୀ ଶିକ୍ଷା, ଅଷ୍ଟମ ଠାରୁ ଏକାଦଶ ପର୍ଯ୍ୟନ୍ତ ଉଚ୍ଚମାଧ୍ୟମିକ ଶିକ୍ଷା ଭାବରେ ଗ୍ରହଣ କରାଯାଉଥିଲା ।

ii. ୧୯୫୦ ବେଳକୁ ଓଡ଼ିଶାରେ ମଧ୍ୟ ଇଂରାଜୀ ବିଦ୍ୟାଳୟ ସଂଖ୍ୟାଥିଲା ୪୮୯ ଓ ଏଥିରେ ୪୬,୨୧୭ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିଲେ । ହାଇସ୍କୁଲ ଗୁଡ଼ିକର ସଂଖ୍ୟାଥିଲା ୧୫୩ ଓ ଏଗୁଡ଼ିକରେ ୪୩,୮୯୩ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିଲେ ।

iii. ଓଡ଼ିଶା ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ପରିଚାଳନା ପାଇଁ ଓଡ଼ିଶା ସେକେଣ୍ଡାରୀ ଏଜୁକେଶନ ଏକ୍ଟ ୧୯୫୩ ବଳରେ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଗଠିତ ହେଲା ।

iv. ଇଂରାଜୀ ମାଧ୍ୟମ ବିଦ୍ୟାଳୟର ପରୀକ୍ଷା ପରିଚାଳନା ଭାର କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷାବୋର୍ଡ଼ ଓ ଭାରତୀୟ ମାଧ୍ୟମିକ ଶିକ୍ଷା ପରିଷଦ ଉପରେ ନ୍ୟସ୍ତ ହେଲା ।

**୩. ସ୍ୱାଧୀନତା ପରେ ଓଡ଼ିଶାର ପ୍ରାଥମିକ ଶିକ୍ଷା ବ୍ୟବସ୍ଥାର ଉନ୍ନତି ନିମନ୍ତେ କେଉଁ ପଦକ୍ଷେପ ଗ୍ରହଣ କରାଗଲା ।**

i. ପ୍ରାଥମିକ ଶିକ୍ଷାକୁ ସାର୍ବଜନୀନ କରିବା ନିମିତ୍ତ ତଥା ଶିଶୁ ମାନଙ୍କୁ ବିଦ୍ୟାଳୟ ପ୍ରତି ଆକୃଷ୍ଟ କରିବା ପାଇଁ ୧୯୯୫ ମସିହା ଠାରୁ ସରକାରୀ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା କରାଯାଇଛି ।

ii. କେନ୍ଦ୍ର ସରକାରଙ୍କ ସହାୟତାରେ 'ଜିଲ୍ଲା ପ୍ରାଥମିକ ଶିକ୍ଷା ଯୋଜନା' ୧୯୯୬ ମସିହା ଠାରୁ ଓଡ଼ିଶାର କାର୍ଯ୍ୟକାରୀ ହୋଇଛି ।

iii. ସର୍ବଶିକ୍ଷା ଅଭିଯାନ ଯୋଜନା ମାଧ୍ୟମରେ ସମଗ୍ର ଓଡ଼ିଶାରେ ନୂତନ ବିଦ୍ୟାଳୟମାନ ଖୋଲାଯାଇଛି ।

iv. ପିଲାମାନଙ୍କୁ ମାଗଣାରେ ୟୁନିଫର୍ମ, ଜୋତା, ପାଠ୍ୟ ପୁସ୍ତକ ଇତ୍ୟାଦି ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି ।

**୪. ରାଷ୍ଟ୍ରୀୟ ମାଧ୍ୟମିକ ଶିକ୍ଷା ଅଭିଯାନ କ'ଣ ?**

i. ଉତ୍ତମ ଗୁଣବତ୍ତାଭିତ୍ତିକ ଶିକ୍ଷାଦାନ ଲକ୍ଷ୍ୟ ରଖି ୨୦୦୯-୧୦ ଶିକ୍ଷାବର୍ଷ ଠାରୁ କେନ୍ଦ୍ର ସରକାର ରାଷ୍ଟ୍ରୀୟ ମାଧ୍ୟମିକ ଶିକ୍ଷା ଅଭିଯାନ ନାମକ ଏକ ବହୁମୁଖୀ ଶିକ୍ଷା ଯୋଜନାର ଶୁଭାରମ୍ଭ କରିଛନ୍ତି ।

ii. ଘର ଠାରୁ ୫ କି.ମି. ମଧ୍ୟରେ ମାଧ୍ୟମିକ ଶିକ୍ଷା ଓ ୭ ରୁ ୧୦ କି.ମି. ମଧ୍ୟରେ ଉଚ୍ଚମାଧ୍ୟମିକ ଶିକ୍ଷା ଉପଲବ୍ଧ କରିବା ପାଇଁ ସୁଯୋଗ ପ୍ରଦାନ କରିବା ଏହାର ଲକ୍ଷ ।

iii. ୨୦୧୭ ସୁଦ୍ଧା ସମସ୍ତଙ୍କୁ ମାଧ୍ୟମିକ ଶିକ୍ଷା ଉପଲବ୍ଧ କରାଇବା, ଆଗାମୀ ୫ ବର୍ଷ ମଧ୍ୟରେ ମୋଟାମୋଟି ନାମଲେଖା ଅନୁପାତକୁ ୭୫ ପ୍ରତିଶତ ବୃଦ୍ଧି କରିବା ।

iv. ଶିକ୍ଷାର ଗୁଣବତ୍ତା ବୃଦ୍ଧି, ସବୁପିଲାଙ୍କୁ ବିଦ୍ୟାଳୟ ତ୍ୟାଗ କରିବାରୁ ନିବୃତ କରିବା, ଅସୁବିଧାରେ ରହୁଥିବା ଗୋଷ୍ଠୀର ପିଲାମାନଙ୍କୁ ମାଧ୍ୟମିକ ଶିକ୍ଷା ଉପଲବ୍ଧ କରାଇବା ରାଷ୍ଟ୍ରୀୟ ମାଧ୍ୟମିକ ଶିକ୍ଷା ଅଭିଯାନର ଉଦ୍ଦେଶ୍ୟ ।

**୫. ଶିକ୍ଷକ ପ୍ରଶିକ୍ଷଣ ନିମିତ୍ତ ଓଡ଼ିଶାରେ କି କି ସୁଯୋଗ ରହିଅଛି ?**

i. ସ୍ୱାଧୀନତା ସମୟରେ ଶିକ୍ଷକ ପ୍ରଶିକ୍ଷଣ ପାଇଁ କଟକ ପ୍ରଶିକ୍ଷଣ ମହାବିଦ୍ୟାଳୟ କାର୍ଯ୍ୟରତ ଥିଲା । ଏହା ମାଧ୍ୟମିକ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷା ପରିଦର୍ଶକଙ୍କ ପାଇଁ ପ୍ରଶିକ୍ଷଣ ପ୍ରଦାନ କରୁଥିଲା ।

ii. ଏହାକୁ 'ରାଧାନାଥ ପ୍ରଶିକ୍ଷଣ ମହାବିଦ୍ୟାଳୟ' ନାମିତ କରାଯାଇ ୧୯୫୦ ମସିହାରେ ଏହି ଶିକ୍ଷକ ପ୍ରଶିକ୍ଷଣ ପ୍ରକ୍ରିୟାକୁ ପ୍ରସାରିତ କରାଗଲା ।

iii. ଅନୁଗୁଳ, ସମ୍ବଲପୁର ଓ ବ୍ରହ୍ମପୁର ଠାରେ ପ୍ରଶିକ୍ଷଣ ମହାବିଦ୍ୟାଳୟମାନ ପ୍ରତିଷ୍ଠା କରାଗଲା ।

iv. ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନଙ୍କର ଆବଶ୍ୟକତା ଦୃଷ୍ଟିରୁ ପରବର୍ତ୍ତୀ ସମୟରେ ୧୩ ଟି ପ୍ରଶିକ୍ଷଣ ମହାବିଦ୍ୟାଳୟ ଖୋଲାଗଲା ।

**୬. ବୈଷୟିକ ଶିକ୍ଷା ପାଇଁ ଓଡ଼ିଶାରେ କେଉଁ କେଉଁ ସୁଯୋଗ ରହିଛି ?**

i. ଓଡ଼ିଶାର ଯାନ୍ତ୍ରିକ ମହାବିଦ୍ୟାଳୟ ଗୁଡ଼ିକରେ ପରୀକ୍ଷା ପରିଚାଳନା ପାଇଁ ୨୦୦୨ ରେ ରାଉରକେଲା ଠାରେ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯାଇଛି ।

ii. ରାଉରକେଲା ଆଞ୍ଚଳିକ ଯାନ୍ତ୍ରିକ ମହାବିଦ୍ୟାଳୟ ଜାତୀୟ ବୈଷୟିକ ଶିକ୍ଷାନୁଷ୍ଠାନରେ ରୂପାନ୍ତରିତ ହେଲା ।

iii. ବୁର୍ଲା ଠାରେ ବୀର ସୁରେନ୍ଦ୍ର ସାଏ ଯାନ୍ତ୍ରିକ ମହାବିଦ୍ୟାଳୟ ସ୍ଥାପିତ ହୋଇଛି ।

iv. ୨୦୦୮ ମସିହାରେ ଭୁବନେଶ୍ୱରର ଅରୁଗୁଳ ଠାରେ ଭାରତୀୟ ବୈଷୟିକ ଶିକ୍ଷାନୁଷ୍ଠାନ (IIT) ସ୍ଥାପିତ ହୋଇଛି ।

**୭. କୃଷି, ପଶୁପାଳନ, ମତ୍ସ୍ୟଚାଷ ସମ୍ପର୍କିତ ଶିକ୍ଷା ଓ ଗବେଷଣା ପାଇଁ ଓଡ଼ିଶାର କି କି ସୁବିଧା ସୁଯୋଗ ରହିଅଛି ?**

i. କୃଷି ବିଷୟକ ଶିକ୍ଷା ପ୍ରଦାନ ନିମନ୍ତେ ୧୯୫୪ ମସିହାରେ ଭୁବନେଶ୍ୱରରେ ଏକ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା କରାଗଲା ଏବଂ ୧୯୬୨ ରେ ଏହାକୁ ସମ୍ପ୍ରସାରିତ କରାଯାଇ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟରେ ରୂପାନ୍ତରିତ କରାଗଲା ।

ii. କେନ୍ଦ୍ର ସରକାରଙ୍କ ଦ୍ୱାରା କଟକ ଠାରେ ୧୯୬୬ ରେ କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ର ଓ ୧୯୮୭ ମସିହାରେ କୌଶଲ୍ୟାଗଙ୍ଗ ଠାରେ କେନ୍ଦ୍ରୀୟ ମଧୁରଜଳ ମତ୍ସ୍ୟ ଗବେଷଣା କେନ୍ଦ୍ର ପ୍ରତିଷ୍ଠିତ ହେଲା ।

iii. ପୁରୀ ଜିଲ୍ଲାର ସାକ୍ଷୀଗୋପାଳ ଠାରେ ୧୯୫୫ ମସିହାରେ ଆଞ୍ଚଳିକ ନାରିକେଳ ଗବେଷଣା କେନ୍ଦ୍ର ସ୍ଥାପିତ ହୋଇଛି ।

iv. ସମ୍ବଲପୁରର ଚିପିଲିମା ଠାରେ ଏକ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠିତ ହୋଇଛି ।

# କ୍ଷୁଦ୍ର ଉତ୍ତରମୂଳକ ପ୍ରଶ୍ନୋତ୍ତର

**୧. ମୌଳିକ ଶିକ୍ଷା କ'ଣ ?**

ଉ - ମୌଳିକ ଶିକ୍ଷା ପଦ୍ଧତି ଗାନ୍ଧିଜୀଙ୍କର ସ୍ୱପ୍ନ ଥିଲା । ଏହା ଦ୍ୱାରା ଶିଶୁକୁ କର୍ମାଭିମୁଖୀ ଶିକ୍ଷା ପ୍ରଦାନ କରି ସ୍ୱାବଲମ୍ବୀ ହେବାର ବ୍ୟବହାର କରାଯାଉଥିଲା ।

**୨. ସ୍ୱାଧୀନତା ପରେ ପରେ ଭାରତର ମାଧ୍ୟମିକ ଶିକ୍ଷା ବ୍ୟବସ୍ଥା କିପରି ଥିଲା ?**

i. ସ୍ୱାଧୀନତା ପରେ ପରେ ଭାରତୀୟ ଶିକ୍ଷା ବ୍ୟବସ୍ଥାରେ ଷଷ୍ଠ ଠାରୁ ଏକାଦଶ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାକୁ ମାଧ୍ୟମିକ ଶିକ୍ଷା କୁହାଯାଉଥିଲା ।

ii. ଷଷ୍ଠ ଓ ସପ୍ତମ ଶ୍ରେଣୀକୁ ମଧ୍ୟ ଇଂରାଜୀ ବିଦ୍ୟାଳୟ ଶିକ୍ଷା ଏବଂ ଅଷ୍ଟମ ଠାରୁ ଏକାଦଶ ପର୍ଯ୍ୟନ୍ତ ଶ୍ରେଣୀକୁ ଉଚ୍ଚ ମାଧ୍ୟମିକ ବା ହାଇସ୍କୁଲ ଶିକ୍ଷା ଭାବରେ ଗ୍ରହଣ କରାଯାଉଥିଲା ।

**୩. ଇଂରାଜୀ ଓ ଓଡ଼ିଆ ମାଧ୍ୟମ ବିଦ୍ୟାଳୟ ମାନଙ୍କରେ ମାଧ୍ୟମିକ ପରୀକ୍ଷା ପରିଚାଳନା କରୁଥିବା ଅନୁଷ୍ଠାନର ନାମ କ'ଣ ?**

i. ଇଂରାଜୀ ମାଧ୍ୟମ ବିଦ୍ୟାଳୟର ପରୀକ୍ଷା ପରିଚାଳନା ଭାର କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷାବୋର୍ଡ଼ ଓ ଭାରତୀୟ ମାଧ୍ୟମିକ ଶିକ୍ଷା ପରିଷଦ ହାତରେ ରହିଲା ।

ii. ଓଡ଼ିଆ ମାଧ୍ୟମ ବିଦ୍ୟାଳୟର ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ପରିଚାଳନା ଭାର ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ହାତରେ ରହିଲା ।

**୪. ଜିଲ୍ଲା ପ୍ରାଥମିକ ଶିକ୍ଷା ଯୋଜନାର ଲକ୍ଷ୍ୟ କ'ଣ ?**

ଉ. ଜିଲ୍ଲା ପ୍ରାଥମିକ ଶିକ୍ଷା ଯୋଜନା (ଡିପିଇପି)ର ଲକ୍ଷ୍ୟ ହେଲା - ସମସ୍ତ ଶିଶୁଙ୍କ ପାଖରେ ପ୍ରାଥମିକ ଶିକ୍ଷା ସୁବିଧାକୁ ପହଞ୍ଚାଇବା, ପ୍ରାଥମିକ ପାଠପଢ଼ା ଛାଡ଼ି ଚାଲିଯାଉଥିବା ବିଦ୍ୟାର୍ଥୀଙ୍କ ସଂଖ୍ୟା ଶତକଡ଼ା ୧୦ କୁ କମାଇବା, ପ୍ରାଥମିକ ବିଦ୍ୟାଳୟରେ ପଢୁଥିବା ଛାତ୍ରଛାତ୍ରୀଙ୍କ ବିଦ୍ୟା ଆହରଣ କୃତିକୁ ୨୫% ବଢ଼ାଇବା ଏବଂ କନ୍ୟା ଶିଶୁ ଓ ଅବହେଳିତ ସାମାଜିକ ଗୋଷ୍ଠୀର ଶିଶୁକୁ ଶିକ୍ଷା ପ୍ରତି ଆକର୍ଷିତ କରିବା ।

**୫. 'ରାଷ୍ଟ୍ରୀୟ ମାଧ୍ୟମିକ ଶିକ୍ଷା ଅଭିଯାନ' କେବେ ଠାରୁ ଆରମ୍ଭ ହୋଇଛି ଏବଂ ଏହାର ଲକ୍ଷ୍ୟ କ'ଣ ?**

i. ୨୦୦୯-୧୦ ଶିକ୍ଷା ବର୍ଷରୁ ରାଷ୍ଟ୍ରୀୟ ମାଧ୍ୟମିକ ଶିକ୍ଷା ଅଭିଯାନ (RMSA) ଆରମ୍ଭ ହୋଇଛି ।

ii. ଉତ୍ତମ ଗୁଣବତ୍ତାଭିତ୍ତିକ ଶିକ୍ଷାଦାନ ଏହି ଅଭିଯାନର ମୂଳ ଲକ୍ଷ୍ୟ । ୧୪ ରୁ ୧୮ ବର୍ଷର ପିଲାମାନେ ଯେପରି ସୁଲଭ ଓ ସୁଶିକ୍ଷା ଲାଭ କରିପାରିବେ ତାହା ଏହି ଅଭିଯାନ ଲକ୍ଷ୍ୟ ରଖିଛି ।

**୬. ବାଳିକା ମାନଙ୍କୁ ଶିକ୍ଷା ପ୍ରତି ଆକର୍ଷିତ କରିବା ପାଇଁ କେଉଁ ପଦକ୍ଷେପ ଗ୍ରହଣ କରାଯାଇଛି ?**

i. ବାଳିକାମାନଙ୍କୁ ମାଧ୍ୟମିକ ଶିକ୍ଷା ପ୍ରତି ଆକୃଷ୍ଟ କରିବା ପାଇଁ ଶିକ୍ଷା ଦୃଷ୍ଟିରୁ ଅନଗ୍ରସର ଗୋଷ୍ଠୀ ଉନୟନ ବ୍ଲକ୍ ମାନଙ୍କରେ ଝିଅମାନଙ୍କ ପାଇଁ ଛାତ୍ରୀ ନିବାସ ନିର୍ମିତ ହୋଇଛି ।

ii. ଛାତ୍ରୀମାନଙ୍କୁ ଜାତୀୟ ପ୍ରୋତ୍ସାହନ ଯୋଜନା ମାଧ୍ୟମରେ ବିଦ୍ୟାଳୟ ଶିକ୍ଷାପ୍ରତି ଆକୃଷ୍ଟ କରାଯାଇଛି ।

**୭. ୧୯୫୦ ମସିହା ବେଳକୁ ଓଡ଼ିଶାର କେଉଁ କେଉଁ ସ୍ଥାନରେ ଶିକ୍ଷକ ପ୍ରଶିକ୍ଷଣ ଶିକ୍ଷାନୁଷ୍ଠାନ ଥିଲା ?**

i. ୧୯୫୦ ମସିହାରେ କଟକର ରାଧାନାଥ ପ୍ରଶିକ୍ଷଣ ମହାବିଦ୍ୟାଳୟର ପ୍ରଶିକ୍ଷଣ ପ୍ରକ୍ରିୟାକୁ ପ୍ରସାରିତ କରାଗଲା ।

ii. ଅନୁଗୁଳ, ସମ୍ବଲପୁର ଓ ବ୍ରହ୍ମପୁର ଠାରେ ପ୍ରଶିକ୍ଷଣ ମହାବିଦ୍ୟାଳୟମାନ ପ୍ରତିଷ୍ଠା କରାଗଲା ।

**୮. ସ୍ୱାଧୀନତା ପ୍ରାପ୍ତି ସମୟରେ ଓଡ଼ିଶାର ବୈଷୟିକ ଶିକ୍ଷା ବ୍ୟବସ୍ଥା କିପରି ଥିଲା ?**

i. ୧୯୫୦ ମସିହା ପର୍ଯ୍ୟନ୍ତ ଓଡ଼ିଶାରେ ବୈଷୟିକ ଶିକ୍ଷା ବ୍ୟବସ୍ଥା ଅତି ଦୟନୀୟ ଅବସ୍ଥାରେ ଥିଲା ।

ii. କେବଳ କଟକରେ ଗୋଟିଏ ଯାନ୍ତ୍ରିକ ବିଦ୍ୟାଳୟ ଥିଲା ।

**୯. ଓଡ଼ିଶାରେ କୃଷି ବିଶ୍ୱବିଦ୍ୟାଳୟ କିପରି ପ୍ରତିଷ୍ଠିତ ହେଲା ?**

i. ଓଡ଼ିଶାରେ କୃଷି ବିଷୟକ ଶିକ୍ଷା ପ୍ରଦାନ ପାଇଁ ୧୯୫୪ ମସିହାରେ ଭୁବନେଶ୍ୱରରେ ଏକ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା କରାଗଲା ।

ii. ଏହି ମହାବିଦ୍ୟାଳୟ ପରିସରକୁ ସଂପ୍ରସାରିତ କରି ୧୯୬୨ ମସିହାରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠିତ ହେଲା ।

**୧୦. ବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଓଡ଼ିଶାରେ କେଉଁ ସ୍ଥାନରେ ଚିକିତ୍ସା ବିଜ୍ଞାନ ଶିକ୍ଷାନୁଷ୍ଠାନ ଥିଲା ?**

i. ୧୯୪୯-୫୦ ଶିକ୍ଷା ବର୍ଷରେ କଟକର ସରକାରୀ ମେଡ଼ିକାଲ କଲେଜକୁ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ନାମରେ ନାମିତ କରାଗଲା ।

ii. ୧୯୫୯ ମସିହାରେ ସମ୍ବଲପୁରର ବୁର୍ଲାଠାରେ ବୀର ସୁରେନ୍ଦ୍ର ସାଏ ମେଡ଼ିକାଲ କଲେଜ ଓ ୧୯୬୨ ମସିହାରେ ବ୍ରହ୍ମପୁରରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ମେଡ଼ିକାଲ କଲେଜ ପ୍ରତିଷ୍ଠା କରାଗଲା ।

**୧୧. ଏକବିଂଶ ଶତାବ୍ଦୀରେ ଓଡ଼ିଶାରେ କେଉଁ ପ୍ରମୁଖ ବୈଷୟିକ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ହୋଇଛି ?**

i. ଓଡ଼ିଶାରେ ୨୦୦୨ ମସିହାରେ ରାଉରକେଲା ଠାରେ ବିଜୁପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଗଲା ।

ii. ୨୦୦୮ ମସିହାରେ ଭୁବନେଶ୍ୱରରେ ଭାରତୀୟ ବୈଷୟିକ ଶିକ୍ଷାନୁଷ୍ଠାନ (IIT) ଅରୁଗୁଳ ଠାରେ ସ୍ଥାପନ କରାଗଲା ।

**୧୨. ଏକବିଂଶ ଶତାବ୍ଦୀରେ ଓଡ଼ିଶାରେ କେଉଁ ପ୍ରମୁଖ ଚିକିତ୍ସାବିଜ୍ଞାନ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ହୋଇଛି ?**

i. ଏକବିଂଶ ଶତାବ୍ଦୀରେ ଭୁବନେଶ୍ୱରରେ ହାଇଟେକ ମେଡ଼ିକାଲ କଲେଜ, କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡ଼ିକାଲ ସାଇନ୍‌ସ ଓ ହସ୍‌ପିଟାଲ ଓ ସମ୍‌ହସ୍‌ପିଟାଲ ଓ ମେଡ଼ିକାଲ କଲେଜ ପ୍ରତିଷ୍ଠା ହୋଇଛି ।

ii. ୨୦୧୨ ରୁ ସର୍ବଭାରତୀୟ ଆର୍ୟୁବିଜ୍ଞାନ ଅନୁଷ୍ଠାନରେ ଶିକ୍ଷାଦାନ କାର୍ଯ୍ୟ ଆରମ୍ଭ ହୋଇଛି ।

୧୩. ଓଡ଼ିଶା ସଂସ୍କୃତିର ସୁରକ୍ଷା ନିମନ୍ତେ କେବେ ଓ କେଉଁ ଠାରେ ଏକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯାଇଛି ?

ଉ. ସଂସ୍କୃତି ଶିକ୍ଷାର ତଦାରଖ ତଥା ବିକାଶ ପାଇଁ ୨୦୦୦ ମସିହାରେ ଓଡ଼ିଶା ସରକାରଙ୍କ ଦ୍ୱାରା ଭୁବନେଶ୍ୱରରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯାଇଛି ।

# ତୃତୀୟ ପାଠ : କୃଷିର ବିକାଶ

୧. ଓଡ଼ିଶାବାସୀଙ୍କର ପ୍ରମୁଖ ଜୀବିକା କ'ଣ ?

| | |
|---|---|
| (କ) କୃଷି | (ଗ) ବ୍ୟବସାୟ |
| (ଖ) କ୍ରୀଡ଼ା | (ଘ) ସରକାରୀ ଚାକିରି |

୨. ଚିରସ୍ଥାୟୀ ବନ୍ଦୋବସ୍ତ କେବେ ପ୍ରଚଳନ ହୋଇଥିଲା ?

(କ) ୧୭୯୦ (ଗ) ୧୭୯୩

(ଖ) ୧୭୯୨ (ଘ) ୧୭୯୫

୩. ଚିରସ୍ଥାୟୀ ବନ୍ଦୋବସ୍ତ ବ୍ୟବସ୍ଥା କିଏ ପ୍ରଚଳନ କରିଥିଲେ ?

(କ) ଲର୍ଡ଼ ଡେଲହାଉସୀ (ଗ) ଲର୍ଡ଼ କର୍ଜନ୍

(ଖ) ଲର୍ଡ଼ ୱେଲ୍‌ସଲି (ଘ) ଲର୍ଡ଼ କର୍ଣ୍ଣୱାଲିସ୍

୪. ଚିରସ୍ଥାୟୀ ବନ୍ଦୋବସ୍ତ ଖସଡ଼ା କିଏ ପ୍ରସ୍ତୁତ କରିଥିଲେ ?

(କ) ସାର୍ ଜନ୍ ଅଷ୍ଟିନ୍ ହବାକ୍ (ଗ) ଲର୍ଡ଼ କର୍ଣ୍ଣୱାଲିସ୍

(ଖ) ସାର୍ ଜନ୍ ସୋର (ଘ) ଲର୍ଡ଼ ୱେଲସ୍‌ଲି

୫. ଓଡ଼ିଶାର କେଉଁ ମୁଖ୍ୟମନ୍ତ୍ରୀ ଜମିଦାରୀ ପ୍ରଥା ଉଚ୍ଛେଦ ସଂକ୍ରାନ୍ତୀୟ ବିଧେୟକ ବିଧାନସଭାରେ ଆଗତ କରିଥିଲେ ?

(କ) ହରେକୃଷ୍ଣ ମହତାବ (ଗ) ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ

(ଖ) ନବକୃଷ୍ଣ ଚୌଧୁରୀ (ଘ) ନନ୍ଦିନୀ ଶତପଥୀ

୬. କେବେ ଭୂଦାନ ଆନ୍ଦୋଳନରେ ସଂଗୃହୀତ ଜମି ଚାଷୀମାନଙ୍କ ମଧ୍ୟରେ ବାଣ୍ଟିଦିଆଗଲା ?

(କ) ୧୯୪୭ (ଗ) ୧୯୫୧

(ଖ) ୧୯୫୦ (ଘ) ୧୯୫୫

୭. ଭୂଦାନ ଆନ୍ଦୋଳନର ମୁଖ୍ୟ ପୁରୋଧାଙ୍କର ନାମ କ'ଣ ?

(କ) ଗୋପବନ୍ଧୁ ଦାସ (ଗ) ରମାଦେବୀ ଚୌଧୁରୀ

(ଖ) ମହାତ୍ମା ଗାନ୍ଧୀ (ଘ) ଆଚାର୍ଯ୍ୟ ବିନୋବା ଭାବେ

୮. ଆଚାର୍ଯ୍ୟ ବିନୋବା ଭାବେଙ୍କର ମୂଳ ନାମ କ'ଣ ଥିଲା ?

(କ) ଆଚାର୍ଯ୍ୟ ହରିହର ବ୍ରହ୍ମା (ଗ) ବିନୋବା ଚନ୍ଦ୍ର ଭାବେ

(ଖ) ବିନାୟକ ନରହରି ଭାବେ (ଘ) ବିନୋବା ଚରଣ ଭାବେ

୯. କେବେ ଆଇନ୍ ପ୍ରଣୟନ କରାଯାଇ ଗ୍ରାମ ମହାଜନଙ୍କ ଏକଚାଟିଆ ଅର୍ଥ କାରବାରକୁ ନିୟନ୍ତ୍ରିତ କରାଗଲା ?

(କ) ୧୯୪୫ (ଖ) ୧୯୪୭ (ଗ) ୧୯୪୯ (ଘ) ୧୯୫୧

୧୦. ପ୍ରଥମେ କେବେ ଗୋତି ଶ୍ରମିକ ପ୍ରଥା ଉଚ୍ଛେଦ କରାଗଲା ?

(କ) ୧୯୪୮ (ଖ) ୧୯୫୦ (ଗ) ୧୯୫୨ (ଘ) ୧୯୫୪

୧୧. କେବେ ଗୋତି ପ୍ରଥା ସମ୍ପୂର୍ଣ୍ଣ ଉଚ୍ଛେଦ କରାଗଲା ?

(କ) ୧୯୭୨ (ଖ) ୧୯୭୪ (ଗ) ୧୯୭୬ (ଘ) ୧୯୭୮

୧୨. କୃଷକମାନଙ୍କୁ ସ୍ୱଳ୍ପ ସୁଧହାରରେ ଋଣ ଯୋଗାଇ ଦେବା ପାଇଁ କେଉଁ ସଂସ୍ଥା ଗଠନ କରାଗଲା ?

(କ) ବ୍ୟାଙ୍କ୍ (ଖ) ସ୍ୱୟଂସହାୟକ ଗୋଷ୍ଠୀ (ଗ) ସମବାୟ ସଂସ୍ଥା (ଘ) କୃଷକ ସଂଘ

୧୩. ରାଜ୍ୟ ସମବାୟ ବ୍ୟାଙ୍କ୍ କେବେ ପ୍ରତିଷ୍ଠିତ ହେଲା ?

(କ) ୧୯୪୦ (ଖ) ୧୯୪୫ (ଗ) ୧୯୪୮ (ଘ) ୧୯୫୨

୧୪. କୃଷକମାନଙ୍କୁ 'ତକାଭି' ଋଣ ଦିଆଯିବାର ବ୍ୟବସ୍ଥା ହେଲା କାହିଁକି ?

(କ) ପ୍ଲେଗ୍ ରୋଗ ବୋନସ୍ ପାଇଁ

(ଖ) ଆଧୁନିକ କୃଷି ଉପକରଣ କ୍ରୟ କରିବା ପାଇଁ

(ଗ) ଅତ୍ୟାଧୁନିକ ଜ୍ଞାନ କୌଶଳ ଶିକ୍ଷା କରିବା ପାଇଁ

(ଘ) ପ୍ରାକୃତିକ ବିପର୍ଯ୍ୟୟରେ ଫସଲ କ୍ଷୟର ଭରଣା ପାଇଁ

୧୫. ସରକାର 'ଅଧିକ ଖାଦ୍ୟଶସ୍ୟ ଉତ୍ପାଦନ କର' ଯୋଜନାରେ କେଉଁ କାର୍ଯ୍ୟ ସମ୍ପାଦିତ କଲେ ?

(କ) କୃଷକଙ୍କୁ ସୁଲଭ ମୂଲ୍ୟରେ ଜମି ଯୋଗାଣ

(ଖ) ଜମିଦାରଙ୍କ ଜମିର ସୁଷମ ବଣ୍ଟନ

(ଗ) କୃଷି ଗବେଷଣା କେନ୍ଦ୍ର ନିର୍ମାଣ

(ଘ) ପତିତ ଜମିର ଚାଷୋପଯୋଗୀ ରୂପାନ୍ତରଣ

୧୬. ନିମ୍ନୋକ୍ତ ମଧ୍ୟରୁ କେଉଁଟି 'ଅଧିକ ଖାଦ୍ୟଶସ୍ୟ ଉତ୍ପାଦନ କର' ଯୋଜନା ସମ୍ପର୍କିତ ନୁହେଁ ?

(କ) ରିହାତି ଦରରେ ସାର, ବିହନ ଯୋଗାଣ

(ଖ) ଜଳାଶୟ ଖନନ

(ଗ) ସୁଲଭ ମୂଲ୍ୟରେ ଜମି ଯୋଗାଣ

(ଘ) ହଳ ଲଙ୍ଗଳ ଓ ବଳଦ କ୍ରୟ

୧୭. ନିମ୍ନୋକ୍ତ ମଧ୍ୟରୁ କେଉଁଟି 'ଟେଷ୍ଟ ରିଲିଫ୍' ସମ୍ପର୍କିତ ?

(କ) ପରୀକ୍ଷାରେ ଉତ୍ତୀର୍ଣ୍ଣ ବ୍ୟକ୍ତିଙ୍କୁ ରିଲିଫ୍ ଯୋଗାଣ

(ଖ) ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକଙ୍କୁ ରିଲିଫ୍

(ଗ) ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଲୋକଙ୍କୁ କାମଧନ୍ଦା ଯୋଗାଣ

(ଘ) ପରୀକ୍ଷା ସମୟରେ ରିଲିଫ୍ ବଣ୍ଟନ

୧୮. ଓଡ଼ିଶାର କେଉଁ ସ୍ଥାନରେ ଫଳ ଚାଷ ପାଇଁ କେନ୍ଦ୍ର ପ୍ରତିଷ୍ଠିତ ହୋଇ ନଥିଲା ?

(କ) ଅନୁଗୁଳ (ଗ) ପଟ୍ଟାଙ୍ଗୀ

(ଖ) ସମ୍ବଲପୁର (ଘ) ଜି. ଉଦୟଗିରି

୧୯. ବନ୍ୟାଦାଉରୁ ଫସଲକୁ ରକ୍ଷା କରିବା ନିମିତ୍ତ କେଉଁ ପଦକ୍ଷେପ ଗ୍ରହଣ କରାଗଲା ?

(କ) ନଦୀବନ୍ଧ ନିର୍ମାଣ (ଗ) ପୋଲ ନିର୍ମାଣ

(ଖ) ବୃକ୍ଷ ରୋପଣ (ଘ) ଗ୍ରୀଷ୍ମଋତୁ ଫସଲ ଉତ୍ପାଦନ

୨୦. ଓଡ଼ିଶାର ସର୍ବବୃହତ୍ ବହୁମୁଖୀ ନଦୀବନ୍ଧ ଯୋଜନା କେଉଁଟି ?

(କ) ମହାନଦୀ ନଦୀବନ୍ଧ ଯୋଜନା (ଗ) କୋଲାବ ନଦୀବନ୍ଧ ଯୋଜନା

(ଖ) କାଠଯୋଡ଼ି ନଦୀବନ୍ଧ ଯୋଜନା (ଘ) ହୀରାକୁଦ ନଦୀବନ୍ଧ ଯୋଜନା

୨୧. ନିମ୍ନୋକ୍ତ ମଧ୍ୟରୁ କେଉଁଟି ହୀରାକୁଦ ନଦୀବନ୍ଧ ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ନଥିଲା ?

(କ) ବନ୍ୟା ନିୟନ୍ତ୍ରଣ (ଗ) ଜଳ ବିଦ୍ୟୁତ୍ ଶକ୍ତି ଉତ୍ପାଦନ

(ଖ) ଜଳସେଚନର ବ୍ୟବସ୍ଥା (ଘ) ମତ୍ସ୍ୟ ଚାଷ

୨୨. ଓଡ଼ିଶାରେ କେଉଁ ସଂସ୍ଥା ହୀରାକୁଦ ନଦୀବନ୍ଧ ଯୋଜନା କାର୍ଯ୍ୟକାରୀ କରାଇଥିଲା ?

(କ) କେନ୍ଦ୍ର ଜଳ ଓ ମତ୍ସ୍ୟ ସମ୍ପଦ ବିଭାଗ (ଗ) କେନ୍ଦ୍ର ଯୋଜନା ବୋର୍ଡ଼

(ଖ) କେନ୍ଦ୍ରୀୟ ଜଳ ଆୟୋଗ (ଘ) ରାଜ୍ୟ ଯୋଜନା ବୋର୍ଡ଼

୨୩. ହୀରାକୁଦ ନଦୀବନ୍ଧର ନିର୍ମାଣ କାର୍ଯ୍ୟ କେବେ ଆରମ୍ଭ ହେଲା ?

(କ) ୧୯୪୭ (ଖ) ୧୯୪୮ (ଗ) ୧୯୫୦ (ଘ) ୧୯୫୭

୨୪. ହୀରାକୁଦ ନଦୀବନ୍ଧର ନିର୍ମାଣ କାର୍ଯ୍ୟ କେବେ ଶେଷ ହେଲା ?

(କ) ୧୯୫୪ (ଖ) ୧୯୫୫ (ଗ) ୧୯୫୬ (ଘ) ୧୯୫୭

୨୫. ଆନ୍ଧ୍ରପ୍ରଦେଶ ସହାୟତାରେ ଓଡ଼ିଶାରେ କେଉଁ ନଦୀବନ୍ଧ ଯୋଜନା ନିର୍ମାଣ ହୋଇଛି ?

(କ) ଇନ୍ଦ୍ରାବତୀ ଯୋଜନା (ଖ) କୋଲାବ ଯୋଜନା (ଗ) ଭୀମକୁଣ୍ଡ ଯୋଜନା (ଘ) ମାଛକୁଣ୍ଡ ଯୋଜନା

୨୬. ଅପର କୋଲାବ ଯୋଜନା କେଉଁ ଜିଲ୍ଲାରେ ଅବସ୍ଥିତ ?

(କ) କଟକ (ଖ) ସମ୍ବଲପୁର (ଗ) କୋରାପୁଟ (ଘ) ଗଜପତି

୨୭. ଇନ୍ଦ୍ରାବତୀ ଯୋଜନା କେଉଁ କେଉଁ ଜିଲ୍ଲାରେ ଅବସ୍ଥିତ ?

(କ) ଅନୁଗୁଳ ଓ ସମ୍ବଲପୁର (ଗ) କଳାହାଣ୍ଡି ଓ ନବରଙ୍ଗପୁର

(ଖ) କଳାହାଣ୍ଡି ଓ କନ୍ଧମାଳ (ଘ) ଅନୁଗୁଳ ଓ କଟକ

୨୮. ରେଙ୍ଗାଲି ନଦୀବନ୍ଧ କେଉଁ ଜିଲ୍ଲାରେ ଅବସ୍ଥିତ ?

(କ) ମୟୂଭଞ୍ଜ (ଗ) କନ୍ଧମାଳ

(ଖ) ଅନୁଗୁଳ (ଘ) କଳାହାଣ୍ଡି

୨୯. ଭୀମକୁଣ୍ଡ ନଦୀବନ୍ଧ କେଉଁ ଜିଲ୍ଲାରେ ଅବସ୍ଥିତ ?

(କ) ମୟୂରଭଞ୍ଜ (ଗ) ସମ୍ବଲପୁର

(ଖ) କେନ୍ଦୁଝର (ଘ) କଳାହାଣ୍ଡି

୩୦. ପଶୁସମ୍ପଦକୁ ସଂକ୍ରାମକ ରୋଗରୁ ରକ୍ଷା କରିବା ପାଇଁ ଓଡ଼ିଶା ସରକାର କେବେ ଆଇନ ପ୍ରଣୟନ କରିଛନ୍ତି ?

(କ) ୧୯୪୪ (ଗ) ୧୯୪୮

(ଖ) ୧୯୪୫ (ଘ) ୧୯୪୯

୩୧. ନିମ୍ନୋକ୍ତ ମଧ୍ୟରୁ କେଉଁଟି ସରକାରଙ୍କର ମତ୍ସ୍ୟଚାଷ ପ୍ରୋତ୍ସାହନ ଯୋଜନା ସମ୍ପର୍କିତ ନୁହେଁ ?

(କ) ଧୀବର ସୁରକ୍ଷା ଆଇନ (ଗ) ବିନା ସୁଧରେ ଋଣ ଯୋଗାଣ

(ଖ) ବରଫ କଳ ପ୍ରତିଷ୍ଠା (ଘ) ମତ୍ସ୍ୟ ସଂଗ୍ରହ ଆଇନ

୩୨. ନିମ୍ନଲିଖିତ ନିର୍ଦ୍ଦେଶାଳୟ ମଧ୍ୟରୁ କେଉଁଟି କୃଷି ବିଭାଗ ଅଧୀନସ୍ଥ ନୁହେଁ ?

(କ) ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ (ଗ) ମୃତ୍ତିକା ସଂରକ୍ଷଣ ନିର୍ଦ୍ଦେଶାଳୟ

(ଖ) ମତ୍ସ୍ୟପାଳନ ନିର୍ଦ୍ଦେଶାଳୟ (ଘ) ଜଳ ବିଭାଜିକା ଉନ୍ନୟନ ନିର୍ଦ୍ଦେଶାଳୟ

୩୩. ମତ୍ସ୍ୟ ସମ୍ପଦର ବିକାଶ ପାଇଁ କେଉଁ ନିର୍ଦ୍ଦେଶାଳୟ କାର୍ଯ୍ୟ କରୁଛି ?

(କ) ରାଜ୍ୟ ମତ୍ସ୍ୟ ନିର୍ଦ୍ଦେଶାଳୟ (ଗ) ଆଞ୍ଚଳିକ ମତ୍ସ୍ୟ ନିର୍ଦ୍ଦେଶାଳୟ

(ଖ) କେନ୍ଦ୍ର ମତ୍ସ୍ୟ ନିର୍ଦ୍ଦେଶାଳୟ (ଘ) ମତ୍ସ୍ୟପାଳନ ନିର୍ଦ୍ଦେଶାଳୟ

୩୪. ପଶୁ ସମ୍ପଦର ଉନ୍ନତି ପାଇଁ କେଉଁ ନିର୍ଦ୍ଦେଶାଳୟ କାର୍ଯ୍ୟ କରୁଛି ?

(କ) ପଶୁଧନ ନିର୍ଦ୍ଦେଶାଳୟ (ଗ) ରାଜ୍ୟ ପଶୁପାଳନ ନିର୍ଦ୍ଦେଶାଳୟ

(ଖ) ପଶୁପାଳନ ନିର୍ଦ୍ଦେଶାଳୟ (ଘ) ଆଞ୍ଚଳିକ ପଶୁପାଳନ ନିର୍ଦ୍ଦେଶାଳୟ

୩୫. ନିମ୍ନୋକ୍ତ ମଧ୍ୟରୁ କେଉଁଟି କୃଷିର ବିକାଶ ସମ୍ପର୍କିତ ଅନୁଷ୍ଠାନ ନୁହେଁ ?

(କ) ଓଡ଼ିଶା କାଜୁ ଉନ୍ନୟନ ନିଗମ (ଗ) କୃଷି ସମ୍ପ୍ରସାରଣ ପରିଚାଳନା ପ୍ରତିଷ୍ଠାନ

(ଖ) ରାଜ୍ୟ କୃଷି ସମବାୟ ନିଗମ (ଘ) ଓଡ଼ିଶା କୃଷି କ୍ରମୋନ୍ନତି ଓ ବିନିଯୋଗ ନିଗମ

୩୬. ଓଡ଼ିଶାରେ କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ର କେଉଁଠାରେ ଅବସ୍ଥିତ ?

(କ) ବଲାଙ୍ଗୀର (ଗ) ସାକ୍ଷୀଗୋପାଳ

(ଖ) ଭୁବନେଶ୍ୱର (ଘ) କଟକ

୩୭. କୌଶଲ୍ୟାଗଙ୍ଗଠାରେ ନିର୍ମିତ କେନ୍ଦ୍ରୀୟ ପ୍ରକଳ୍ପଟି କଣ ?

(କ) କୃଷି ଗବେଷଣା କେନ୍ଦ୍ର (ଗ) ମତ୍ସ୍ୟ ଚାଷ କେନ୍ଦ୍ର

(ଖ) ଧାନ ଗବେଷଣା କେନ୍ଦ୍ର (ଘ) ପଶୁପାଳନ କେନ୍ଦ୍ର

୩୮. ସାକ୍ଷୀଗୋପାଳଠାରେ କେଉଁ ଗବେଷଣା କେନ୍ଦ୍ର ରହିଛି ?

(କ) ମତ୍ସ୍ୟ ଗବେଷଣା କେନ୍ଦ୍ର (ଖ) ନାରିକେଳ ଗବେଷଣା କେନ୍ଦ୍ର

(ଗ) ପଶୁପାଳନ କେନ୍ଦ୍ର (ଘ) କୃଷି କେନ୍ଦ୍ର

୩୯. 'ଅଭାବୀ ବିକ୍ରି' ସମସ୍ୟାରୁ ରକ୍ଷା ପାଇବା ପାଇଁ ସରକାର କେଉଁ ବ୍ୟବସ୍ଥା କରିଛନ୍ତି ?

(କ) ସର୍ବନିମ୍ନ ଦର ନିର୍ଦ୍ଧାରଣ (ଗ) ମୁଦ୍ରାସ୍ଫୀତି ନିୟନ୍ତ୍ରଣ

(ଖ) ବିନା ସୁଧରେ ଋଣ ଯୋଗାଣ (ଘ) କୃଷକମାନଙ୍କଠାରୁ ସିଧାସଳଖ ଧାନ କ୍ରୟ

୪୦. ଗୋଧନର ସୁରକ୍ଷା ପାଇଁ ସରକାର କେଉଁ ପଦକ୍ଷେପ ନେଇଛନ୍ତି ?

(କ) ଗାଁରେ ପଶୁ ଡାକ୍ତରଙ୍କୁ ନିଯୁକ୍ତି (ଗ) ବୈଜ୍ଞାନିକ ପଦ୍ଧତିରେ ପଶୁପାଳନ

(ଖ) ଟୀକା ବିତରଣ (ଘ) ମାଗଣା ଗୋଖାଦ୍ୟ ବଣ୍ଟନ

# ଉତ୍ତର

୧. (କ) ୨. (ଗ) ୩. (ଘ) ୪. (ଖ) ୫. (କ) ୬. (ଘ) ୭. (ଘ) ୮. (ଖ) ୯. (ଖ) ୧୦. (କ)

୧୧. (ଗ) ୧୨. (ଗ) ୧୩. (ଗ) ୧୪. (ଘ) ୧୫. (ଘ) ୧୬. (ଗ) ୧୭. (ଗ) ୧୮. (ଖ) ୧୯. (କ) ୨୦. (ଘ) ୨୧. (ଘ) ୨୨. (ଖ) ୨୩. (ଖ) ୨୪. (ଗ) ୨୫. (ଘ) ୨୬. (ଗ) ୨୭. (ଗ) ୨୮. (ଖ) ୨୯. (କ) ୩୦. (ଘ) ୩୧. (ଗ) ୩୨. (ଖ) ୩୩. (ଘ) ୩୪. (କ) ୩୫. (ଖ) ୩୬. (ଘ) ୩୭. (ଗ) ୩୮. (ଖ) ୩୯. (ଘ) ୪୦. (କ)

# ଦୀର୍ଘ ଉତ୍ତରମୂଳକ ପ୍ରଶ୍ନୋତ୍ତର

**୧. କୃଷକମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ ନିମନ୍ତେ କେଉଁ ବ୍ୟବସ୍ଥା ଗ୍ରହଣ କରାଯାଇଛି ?**

i. କୃଷକମାନଙ୍କୁ ଆର୍ଥିକ ସହାୟତା ଯୋଗାଇବା ସ୍ୱରୂପ ୧୯୪୭ ମସିହାର ଏକ ଆଇନ ବଳରେ ଗ୍ରାମ ମହାଜନଙ୍କ ଏକଚାଟିଆ ଅର୍ଥ କାରବାରକୁ ନିୟନ୍ତ୍ରିଣ କରାଗଲା ।

ii. କୃଷକମାନଙ୍କୁ ଚାଷକାର୍ଯ୍ୟ ଆରମ୍ଭ ସମୟରେ ସ୍ୱଳ୍ପ ସୁଧହାରରେ ଋଣ ଯୋଗାଇ ଦେବା ପାଇଁ ସମବାୟ ସଂସ୍ଥା ଗଠନ କରାଗଲା ।

iii. ସରକାରୀ ମୂଳଧନରେ ୧୯୪୮ ମସିହାରେ ରାଜ୍ୟ ସମବାୟ ବ୍ୟାଙ୍କ୍ ପ୍ରତିଷ୍ଠିତ ହେଲା ।

iv. ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ଫସଲ କ୍ଷତିଗ୍ରସ୍ତ ହେଲେ କୃଷକମାନଙ୍କୁ ତକାଭି ଋଣ ଦିଆଗଲା । ଅନେକ କ୍ଷେତ୍ରରେ ଚାଷୀମାନେ ନେଇଥିବା ଋଣ ଛାଡ଼ କରାଗଲା ।

**୨. ଟେଷ୍ଟ୍ ରିଲିଫ୍ ସମ୍ବନ୍ଧରେ ଏକ ବିବରଣୀ ପ୍ରଦାନ କର ।**

i. ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଲୋକମାନଙ୍କୁ କାମଧନ୍ଦା ଯୋଗାଇ ଦେବା ପାଇଁ ସରକାର ଟେଷ୍ଟ୍ ରିଲିଫ୍ କାର୍ଯ୍ୟ ପ୍ରକ୍ରିୟା ଆରମ୍ଭ କରିଥାନ୍ତି । ଏହା ସରକାରୀ ଅର୍ଥରେ କାର୍ଯ୍ୟକାରୀ ହୁଏ ।

ii. ସରକାର ଗାଁ ଗହଳରେ ଏହି ବ୍ୟବସ୍ଥା କରିଥାନ୍ତି ।

iii. ଲୋକମାନେ ରାସ୍ତାଘାଟ ପୋଖରୀ ଖୋଳା ପ୍ରଭୃତି କାମରେ ଶ୍ରମଦାନ କରନ୍ତି ଓ ବଦଳରେ ତାଙ୍କୁ ଅର୍ଥ ବା ଖାଦ୍ୟଶସ୍ୟ ମିଳେ ।

iv. ରିଲିଫ୍ ଭଳି ଏହା ଏକ ମାଗଣା ପ୍ରାପ୍ତି ବ୍ୟବସ୍ଥା ନୁହେଁ ।

**୩. କୃଷିରେ ଉନ୍ନତି ନିମନ୍ତେ କେଉଁ ପଦକ୍ଷେପ ଗ୍ରହଣ କରାଗଲା ?**

i. କୃଷି ଶିକ୍ଷା ଓ ଗବେଷଣା ପାଇଁ ଓଡ଼ିଶା ସରକାର କୃଷି ମହାବିଦ୍ୟାଳୟ, କୃଷି ବିଶ୍ୱବିଦ୍ୟାଳୟ ଏବଂ କୃଷି ଗବେଷଣା କେନ୍ଦ୍ର ପ୍ରତିଷ୍ଠା କଲେ । ଏଠାରୁ ଉଦ୍‌ବୃଦ୍ଧ ଜ୍ଞାନ, କୌଶଳ କୃଷକମାନଙ୍କ ନିକଟରେ ପହଞ୍ଚାଇବା ବ୍ୟବସ୍ଥା କଲେ ।

ii. ଜମିର ଉର୍ବରତା ବଜାୟ ରଖିବା ପାଇଁ ବିଭିନ୍ନ ପ୍ରୟୋଗଶାଳା ପ୍ରତିଷ୍ଠା କରାଗଲା ।

iii. ଆଧୁନିକ ପ୍ରଣାଳୀରେ କୃଷି ପାଇଁ ପ୍ରଦର୍ଶନୀ କୃଷି କ୍ଷେତ୍ରମାନ ପ୍ରସ୍ତୁତ କରାଗଲା ।

iv. ଫଳ ଚାଷ ପାଇଁ ଅନୁଗୁଳ, ପଟାଙ୍ଗୀ ଓ ଜି. ଉଦୟଗିରିରେ କେନ୍ଦ୍ର ପ୍ରତିଷ୍ଠା କରାଯାଇ ସେଠାରେ ଚାରା ଓ କଲମୀ ପ୍ରସ୍ତୁତ ହୋଇ କୃଷକମାନଙ୍କୁ ବିତରଣ କରାଗଲା ।

v. ବନ୍ୟାଦାଉରୁ ଫସଲକୁ ରକ୍ଷା କରିବା ପାଇଁ ଲୁଣି ଓ ନଦୀ ବନ୍ଧମାନ ତିଆରି କରାଗଲା ।

**୪. ଜଳସେଚନ ଓ ବନ୍ୟା ନିୟନ୍ତ୍ରଣ ନିମନ୍ତେ ସ୍ୱାଧୀନତା ପରେ ଓଡ଼ିଶାରେ କେଉଁ କେଉଁ ପଦକ୍ଷେପ ଗ୍ରହଣ କରାଗଲା ।**

i. ଜଳ ସେଚନ ଓ ବନ୍ୟା ନିୟନ୍ତ୍ରଣ ପାଇଁ ଓଡ଼ିଶାରେ ସର୍ବବୃହତ ବହୁମୁଖୀ ଯୋଜନା ହୀରାକୁଦ ନଦୀବନ୍ଧର ନିର୍ମାଣ କାର୍ଯ୍ୟ ୧୯୪୮ ମସିହାରେ ଆରମ୍ଭ ହେଲା ।

ii. ବନ୍ୟା ନିୟନ୍ତ୍ରଣ, ଜଳସେଚନ ଓ ଜଳ ବିଦ୍ୟୁତ ଶକ୍ତି ଉତ୍ପାଦନ ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ହୀରାକୁଦ ଜଳ ଭଣ୍ଡାରରେ ମାଛ ଚାଷ କରିବା ଏହାର ଅନ୍ୟ ଏକ ଉଦ୍ଦେଶ୍ୟ ଥିଲା ।

iii. ଓଡ଼ିଶାରେ ଅନ୍ୟ କେତୋଟି ବୃହତ ବହୁମୁଖୀ ନଦୀବନ୍ଧ ଯୋଜନା ଯଥା - ମାଛକୁଣ୍ଡ ଯୋଜନା, କୋରାପୁଟର ଅପର କୋଲାବ ଯୋଜନା, ଇନ୍ଦ୍ରାବତୀ ଯୋଜନା, ରେଙ୍ଗାଲି ଯୋଜନା, ଭୀମକୁଣ୍ଡ ଯୋଜନା ଇତ୍ୟାଦି ଜଳ ସେଚନ କ୍ଷେତ୍ରରେ ବେଶ୍ ସହାୟକ ହୋଇପାରିଛି ।

iv. ଜଳସେଚନ ସୁବିଧା ନଥିବା ସ୍ଥାନ ମାନଙ୍କରେ ଉଠା ଜଳସେଚନର ବ୍ୟବସ୍ଥା କରାଯାଇଛି ।

**୫. ଓଡ଼ିଶାରେ କୃଷିର ବିକାଶ ପାଇଁ କେଉଁ ଅନୁଷ୍ଠାନ ଗୁଡ଼ିକ କାର୍ଯ୍ୟ କରୁଛି ?**

i. ଓଡ଼ିଶାରେ କୃଷିର ବିକାଶ ପାଇଁ କୃଷି ବିଭାଗ ଅଧୀନରେ ୪ ଗୋଟି ନିର୍ଦ୍ଦେଶାଳୟ ଯଥା - କୃଷି ଓ ଖାଦ୍ୟଶସ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ, ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ, ମୃତ୍ତିକା ସଂରକ୍ଷଣ ନିର୍ଦ୍ଦେଶାଳୟ ଓ ଜଳବିଭାଜିକା ଉନ୍ନୟନ ନିର୍ଦ୍ଦେଶାଳୟ କାର୍ଯ୍ୟ କରୁଛି ।

ii. ମତ୍ସ୍ୟ ସମ୍ପଦର ବିକାଶ ପାଇଁ ମତ୍ସ୍ୟପାଳନ ନିର୍ଦ୍ଦେଶାଳୟ କାର୍ଯ୍ୟ କରୁଛି ।

iii. ପଶୁ ସମ୍ପଦର ଉନ୍ନତି ପାଇଁ ପଶୁଧନ ନିର୍ଦ୍ଦେଶାଳୟ କାର୍ଯ୍ୟ ରତ ।

iv. ଏହାଛଡ଼ା କୃଷିର ବିକାଶ କ୍ଷେତ୍ରରେ ଓଡ଼ିଶା ରାଜ୍ୟ ବିହନ ନିଗମ, ଓଡ଼ିଶା କୃଷିଶିଳ୍ପ ନିଗମ, କୃଷି ସମ୍ପ୍ରସାରଣ ପରିଚାଳନା ପ୍ରତିଷ୍ଠାନ, ଓଡ଼ିଶା କାଜୁ ଉନ୍ନୟନ ନିଗମ ଏବଂ ଓଡ଼ିଶା କୃଷି କ୍ରମୋନ୍ନତି ଓ ବିନିଯୋଗ ନିଗମ ସହଯୋଗୀ ଭୂମିକା ନିର୍ବାହ କରୁଛନ୍ତି ।

**୬. ଓଡ଼ିଶାର କେଉଁ ପ୍ରଶିକ୍ଷଣ ପ୍ରତିଷ୍ଠାନ ଗୁଡ଼ିକ କାର୍ଯ୍ୟ କରୁଛି ?**

i. ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଓ କୃଷି ବିଭାଗ ଅଧୀନରେ ଥିବା ପ୍ରଶିକ୍ଷଣ ପ୍ରତିଷ୍ଠାନ ଗୁଡ଼ିକ କୃଷକମାନଙ୍କୁ ପ୍ରଶିକ୍ଷଣ ଓ ଦିଗଦର୍ଶନ ଦେବାରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରୁଛନ୍ତି ।

ii. କଟକରେ କେନ୍ଦ୍ରୀୟ ଧାନ ଗବେଷଣା ପ୍ରତିଷ୍ଠାନ, କୌଶଲ୍ୟାଗଙ୍ଗର କେନ୍ଦ୍ରୀୟ ମଧୁର ଜଳ ମତ୍ସ୍ୟଚାଷ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କୃଷି ଗବେଷଣା କେନ୍ଦ୍ର ଗବେଷଣାରତ ।

iii. ସାକ୍ଷୀଗୋପାଳର ନାରିକେଳ ଗବେଷଣା କେନ୍ଦ୍ର ଓ ଓଡ଼ିଶାର ଅନ୍ୟାନ୍ୟ କୃଷି ବିଜ୍ଞାନ ମହାବିଦ୍ୟାଳୟ ଗୁଡ଼ିକ ଓଡ଼ିଶାର କୃଷକ ମାନଙ୍କୁ ଉନ୍ନତ ଜ୍ଞାନ ପ୍ରଦାନ କରୁଛନ୍ତି ।

iv. ୧୯୭୬ ମସିହାରୁ ଅନେକ କୃଷି ବିଜ୍ଞାନ କେନ୍ଦ୍ର ଓଡ଼ିଶାରେ ପ୍ରତିଷ୍ଠା କରାଯାଇଛି । ଏଗୁଡ଼ିକ ଆଖପାଖ ଅଞ୍ଚଳର କୃଷକମାନଙ୍କୁ ବୈଜ୍ଞାନିକ ଦିଗ୍‌ଦର୍ଶନ ପ୍ରଦାନ କରୁଛନ୍ତି ।

# କ୍ଷୁଦ୍ର ଉତ୍ତରମୂଳକ ପ୍ରଶ୍ନୋତ୍ତର

**୧. ସ୍ୱାଧୀନତା ପରେ ଓଡ଼ିଶାର କୃଷକଙ୍କ ମୁଖ୍ୟ ସମସ୍ୟା କ'ଣ ଥିଲା ଏବଂ ଏହାର ସମାଧାନ କ୍ଷେତ୍ରରେ କେଉଁ ଅନ୍ତରାୟ ସୃଷ୍ଟି ହେଉଥିଲା ?**

i. ସ୍ୱାଧୀନତା ପରେ ଓଡ଼ିଶାର କୃଷକଙ୍କ ମୁଖ୍ୟ ସମସ୍ୟା ଥିଲା ନିଜ ଚାଷ କରୁଥିବା ଜମିର ସ୍ୱତ୍ୱାଧିକାର ପ୍ରାପ୍ତି ।

ii. ଚିରସ୍ଥାୟୀ ବନ୍ଦୋବସ୍ତ ସମୟରୁ ଚଳିଆସୁଥିବା ଜମିଦାରୀ ପ୍ରଥା ଏହାର ସମାଧାନ କ୍ଷେତ୍ରରେ ମୁଖ୍ୟ ଅନ୍ତରାୟ ସୃଷ୍ଟି କରୁଥିଲା ।

**୨. ଚିରସ୍ଥାୟୀ ବନ୍ଦୋବସ୍ତ କିଏ ଆରମ୍ଭ କରିଥିଲେ ଓ ଏହାର ଖସଡ଼ା କିଏ ପ୍ରସ୍ତୁତ କରିଥିଲେ ?**

i. ୧୭୯୩ ମସିହାରେ ଲର୍ଡ଼ କର୍ଣ୍ଣୱାଲିସ ଚିରସ୍ଥାୟୀ ବନ୍ଦୋବସ୍ତ ଆରମ୍ଭ କରିଥିଲେ ।

ii. ସାର୍ ଜନ୍ ସୋର ଏହାର ଖସଡ଼ା ପ୍ରସ୍ତୁତ କରିଥିଲେ ।

**୩. ଭୂଦାନ ଆନ୍ଦୋଳନର ମୁଖ୍ୟ ପୁରୋଧା କିଏ ? ତାଙ୍କର ମୂଳ ନାମ କ'ଣ ଥିଲା ?**

i. ଭୂଦାନ ଆନ୍ଦୋଳନର ମୁଖ୍ୟ ପୁରୋଧା ଥିଲେ ଆଚାର୍ଯ୍ୟ ବିନୋବା ଭାବେ ।

ii. ତାଙ୍କର ମୂଳ ନାମ ଥିଲା ବିନାୟକ ନରହରି ଭାବେ ।

**୪. ଓଡ଼ିଶାରେ ଗୋତି ପ୍ରଥା ଉଚ୍ଛେଦ ହେଲା କିପରି ?**

i. ଓଡ଼ିଶାରେ ୧୯୪୮ ରେ ଗୋତି ଶ୍ରମିକ ପ୍ରଥା ଉଚ୍ଛେଦ କରାଗଲା ।

ii. ୧୯୭୬ ରେ ଗୋତି ପ୍ରଥା ଉଚ୍ଛେଦ ଆଇନ ବଳରେ ଗୋତିପ୍ରଥା ସମ୍ପୂର୍ଣ୍ଣ ଭାବେ ଉଠାଇ ଦିଆଗଲା ।

୫. କୃଷକ ମାନଙ୍କୁ ସମବାୟ ସଂସ୍ଥା ସହାୟକ ହେଲା କିପରି ?

i. ସମବାୟ ସଂସ୍ଥା ଗୁଡ଼ିକ କୃଷକମାନଙ୍କୁ ଚାଷକାର୍ଯ୍ୟ ଆରମ୍ଭ ସମୟରେ ସ୍ୱଳ୍ପ ସୁଧ ହାରରେ ଋଣ ରୋଗାଇ ଦେଲେ ।

ii. ସରକାରୀ ମୂଳଧନରେ ୧୯୪୮ ମସିହାରେ ରାଜ୍ୟ ସମବାୟ ବ୍ୟାଙ୍କ ପ୍ରତିଷ୍ଠିତ ହେଲା ଏବଂ ଏହା କୃଷକମାନଙ୍କୁ ସହାୟତା କଲା ।

**୬. କୃଷକମାନଙ୍କୁ ଋଣ ସମ୍ପର୍କିତ କେଉଁ ସୁବିଧା ସୁଯୋଗ ଉପଲବ୍ଧ ହେଲା ?**

i. ପ୍ରାକୃତିକ ବିପର୍ଯ୍ୟୟ ହେତୁ ଫସଲ କ୍ଷତିଗ୍ରସ୍ତ ହେଲେ କୃଷକ ମାନଙ୍କୁ 'ତିକାଭି' ଋଣ ଦିଆଗଲା ।

ii. ପ୍ରାକୃତିକ ବିପର୍ଯ୍ୟୟରେ ଫସଲ ହାନି ହେଲେ ଚାଷିମାନେ ନେଇଥିବା ଋଣ ମଧ୍ୟ ଛାଡ଼ କରାଗଲା ।

**୭. 'ଅଧିକ ଖାଦ୍ୟଶସ୍ୟ ଉତ୍ପାଦନ କର' ଯୋଜନା କ'ଣ ?**

i. ଏହି ଯୋଜନାରେ ସରକାର ପତିତ ଜମିକୁ ଚାଷୋପଯୋଗୀ କଲେ । ଜଳସେଚନ ପାଇଁ ପୋଖରୀ ଖୋଳାଇଲେ, ପୁରୁଣା ପୋଖରୀର ପୁନରୁଦ୍ଧାର କଲେ, ନୂଆ ଜଳାଶୟ ଖନନ କଲେ ।

ii. କୃଷକମାନଙ୍କ ପାଇଁ ହଳ ଲଙ୍ଗଳ, ବଳଦ କିଣାଗଲା ଏବଂ ରିହାତି ଦରରେ ସାର ଓ ବିହନ ଯୋଗାଇ ଦିଆଗଲା ।

**୮. ଫଳଚାଷର ଉନ୍ନତି ଦିଗରେ କେଉଁ ପଦକ୍ଷେପ ଗ୍ରହଣ କରାଗଲା ?**

i. ଫଳ ଚାଷ ପାଇଁ ଅନୁଗୁଳ, ପଟାଙ୍ଗୀ ଓ ଜି.ଉଦୟଗିରିରେ କେନ୍ଦ୍ରମାନ ପ୍ରତିଷ୍ଠା କରାଗଲା ।

ii. ଏଠାରେ ଫଳଗଛ ଚାରା ଓ କଲମୀ ପ୍ରସ୍ତୁତ କରାଯାଇ କୃଷକମାନଙ୍କୁ ବିତରଣ କରାଗଲା ।

**୯. ହୀରାକୁଦ ନଦୀବନ୍ଧ ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ କ'ଣ ଥିଲା ?**

i. ହୀରାକୁଦ ନଦୀବନ୍ଧ ଯୋଜନାର ତିନୋଟି ମୁଖ୍ୟ ଉଦ୍ଦେଶ୍ୟ ଥିଲା (୧) ମହାନଦୀ ତ୍ରିକୋଣଭୂମି ଅଞ୍ଚଳରେ ବନ୍ୟା ନିୟନ୍ତ୍ରଣ କରିବା, (୨) ସମ୍ବଲପୁର ଓ ବଲାଙ୍ଗୀର ଜିଲ୍ଲାରେ ଜଳସେଚନ ବ୍ୟବସ୍ଥା କରିବା, (୩) ଜଳ ବିଦ୍ୟୁତ୍ ଶକ୍ତି ଉତ୍ପାଦନ କରିବା ।

ii. ହୀରାକୁଦ ଜଳ ଭଣ୍ଡାରରେ ମତ୍ସ୍ୟ ଚାଷ କରିବା ଏହାର ଅନ୍ୟ ଏକ ଉଦ୍ଦେଶ୍ୟ ଥିଲା ।

**୧୦. ଓଡ଼ିଶାର କେତୋଟି ବୃହତ ବହୁମୁଖୀ ନଦୀବନ୍ଧ ଯୋଜନାର ନାମ ଲେଖ ।**

i. ଓଡ଼ିଶାର କେତୋଟି ବୃହତ ବହୁମୁଖୀ ନଦୀବନ୍ଧ ଯୋଜନା ହେଲା - ଆନ୍ଧ୍ର ପ୍ରଦେଶ ସହାୟତାରେ ନିର୍ମିତ ମାଛକୁଣ୍ଡ ଯୋଜନା, କୋରାପୁଟର ଅପର କୋଲାବ ଯୋଜନା, ଇନ୍ଦ୍ରାବତୀ ଯୋଜନା, ରେଙ୍ଗାଲି ଯୋଜନା ଏବଂ ମୟୁରଭଞ୍ଜର ଭୀମକୁଣ୍ଡ ଯୋଜନା ।

**୧୧. ଗୋପାଳନ ନିମନ୍ତେ କେଉଁ ବ୍ୟବସ୍ଥା ରହିଛି ?**

i. ଗୋଧନର ସୁରକ୍ଷା ପାଇଁ ଗାଁ ଗହଳରେ ପଶୁ ଡାକ୍ତରମାନଙ୍କୁ ନିଯୁକ୍ତି ମିଳିଛି ।

ii. ପଶୁମାନଙ୍କୁ ସଂକ୍ରାମକ ରୋଗରୁ ରକ୍ଷା କରିବା ପାଇଁ ୧୯୪୯ ମସିହାରେ ସରକାର ଆଇନ ପ୍ରଣୟନ କରିଛନ୍ତି ।

**୧୨. ମତ୍ସ୍ୟଜୀବୀ ମାନଙ୍କୁ କିପରି ପ୍ରୋତ୍ସାହିତ କରାଯାଇଛି ?**

i. ମହାନଦୀ, ଧାମରା, ସୁବର୍ଣ୍ଣରେଖା ଓ ଚିଲିକାର ମତ୍ସ୍ୟଜୀବୀ ମାନଙ୍କୁ ସରକାର ଉତ୍ସାହିତ କରିଛନ୍ତି ।

ii. ମାଛର ସଂରକ୍ଷଣ ନିମନ୍ତେ ମାଛଧରା କେନ୍ଦ୍ର ମାନଙ୍କ ପାଖରେ ବରଫକଳ ପ୍ରତିଷ୍ଠା ହୋଇଛି । ସମୁଦ୍ର, ବଡ଼ ଜଳାଶୟ ଓ ହ୍ରଦରୁ ମତ୍ସ୍ୟ ସଂଗ୍ରହ ପାଇଁ, ଧୀବରମାନଙ୍କ ସୁରକ୍ଷା ନିମନ୍ତେ ଆଇନ ପ୍ରଣୀତ ହୋଇଛି ।

**୧୩. ଓଡ଼ିଶାର କୃଷକମାନଙ୍କର ମୁଖ୍ୟ ସମସ୍ୟା କ'ଣ ?**

i. ଓଡ଼ିଶାର କୃଷକମାନେ ବନ୍ୟା, ମରୁଡ଼ି ଓ ବାତ୍ୟା ପାଇଁ ଫସଲ ହାନି ସମସ୍ୟାର ସମ୍ମୁଖୀନ ହେଉଛନ୍ତି ।

ii. ଉତ୍ପାଦିତ ଦ୍ରବ୍ୟ ଠିକ୍ ମୂଲ୍ୟରେ ବିକ୍ରି ନ ହେବା ଏବଂ ଅଭାବୀ ବିକ୍ରି କୃଷକମାନଙ୍କ ନିମନ୍ତେ କ୍ଲେଶଦାୟକ ହୋଇଛି ।

# ଚତୁର୍ଥ ପାଠ : ଶିଳ୍ପର ବିକାଶ

୧. ବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ଓଡ଼ିଶାରେ ଶିଳ୍ପାୟନ ସମ୍ଭବ ନ ହେବାର କାରଣ କଣ ?

(କ) ଉଦ୍ୟୋଗପତିଙ୍କ ଅଭାବ (ଗ) ଉଭୟ 'କ' ଏବଂ 'ଖ'

(ଖ) ପୁଞ୍ଜିର ଅଭାବ (ଘ) ଉପରୋକ୍ତ ମଧ୍ଯରୁ କୌଣସିଟି ନୁହେଁ

୨. ସ୍ୱାଧୀନତା ପ୍ରାପ୍ତି ବେଳକୁ କିଏ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିଲେ ?

(କ) କୃଷ୍ଣଚନ୍ଦ୍ର ଗଜପତି (ଗ) ନବକୃଷ୍ଣ ଚୌଧୁରୀ

(ଖ) ହରେକୃଷ୍ଣ ମହତାବ (ଘ) ନନ୍ଦନୀ ଶତପଥୀ

୩. କେଉଁଟି ଓଡ଼ିଶାରେ ଶିଳ୍ପ ବିକାଶର ପ୍ରତିବନ୍ଧକ ନଥିଲା ?

(କ) ଆବଶ୍ୟକ ଭିତ୍ତିଭୂମିର ଅଭାବ (ଗ) ନୂତନ ନବଗଠିତ ସରକାରୀ ବ୍ୟବସ୍ଥା

(ଖ) ପ୍ରଶିକ୍ଷିତ ମାନବ ସମ୍ବଳର ଅଭାବ (ଘ) ନିଜସ୍ୱ ଶିଳ୍ପୋଦ୍ୟୋଗୀଙ୍କ ଅନୁପସ୍ଥିତି

୪. ୧୯୪୯-୫୦ ଆର୍ଥିକ ବର୍ଷରେ କେଉଁ ରାସ୍ତାର ଉନ୍ନତିକରଣ ନିମନ୍ତେ ଓଡ଼ିଶା ସରକାର ଅର୍ଥ ବ୍ୟବସ୍ଥା କଲେ ?

(କ) ସୁନକି ଓ ଜୟପୁର ରାସ୍ତା (ଗ) କଟକ ଓ ଭୁବନେଶ୍ୱର ରାସ୍ତା

(ଖ) ଚାନ୍ଦବାଲି ଓ ଧାମରା ରାସ୍ତା (ଘ) ପୁରୀ ଓ ଗଜପତି ରାସ୍ତା

୫. ରେଳରାସ୍ତା ସମନ୍ୱୟ ବ୍ୟବସ୍ଥା ପାଇଁ ୧୯୪୯-୫୦ ଆର୍ଥିକ ବର୍ଷରେ କେତେ ପରିମାଣର ଅର୍ଥ ବ୍ୟବସ୍ଥା କରାଗଲା ?

(କ) ୧୦ ଲକ୍ଷ (ଖ) ୧୫ ଲକ୍ଷ (ଗ) ୨୦ ଲକ୍ଷ (ଘ) ୨୫ଲକ୍ଷ

୬. ନିମ୍ନୋକ୍ତ ମଧ୍ଯରୁ ସ୍ୱାଧୀନତା ପ୍ରାପ୍ତି ବେଳକୁ ଓଡ଼ିଶାରେ କେଉଁ ପୋତାଶ୍ରୟଟି ନଥିଲା ?

(କ) ପାରାଦ୍ୱୀପ (ଖ) ଚାନ୍ଦବାଲି (ଗ) ଗୋପାଳପୁର (ଘ) ଧାମରା

୭. ଶକ୍ତି ଯୋଗାଣ ପାଇଁ ଦୁଇଟି ତାପଜ ବିଦ୍ୟୁତ୍ କେନ୍ଦ୍ର କେଉଁଠାରେ ପ୍ରତିଷ୍ଠା ହୋଇଥିଲା ?

(କ) ପାରାଦ୍ୱୀପ ଓ ଅନୁଗୁଳ (ଗ) ଚିପିଲିମା ଓ ଭୁବନେଶ୍ୱର

(ଖ) ଚୌଦ୍ୱାର ଓ ବ୍ରହ୍ମପୁର (ଘ)ପଞ୍ଚୁପଲୀ ଓ ଜଗତପୁର

୮. କେବେ ହୀରାକୁଦ ଜଳବିଦ୍ୟୁତ୍ ପ୍ରକଳ୍ପ କାର୍ଯ୍ୟକାରୀ ହେଲା ?

(କ) ୧୯୪୫ (ଖ) ୧୯୪୭ (ଗ) ୧୯୫୩ (ଘ) ୧୯୫୭

୯. ନିମ୍ନୋକ୍ତ ମଧ୍ୟରୁ କେଉଁଟି ଶିଳ୍ପ ଭିତ୍ତିଭୂମିର ବିକାଶ ପାଇଁ ମହତାବଙ୍କ ମନ୍ତ୍ରିମଣ୍ଡଳ ନେଇଥିବା ପଦକ୍ଷେପ ନୁହେଁ ?

(କ) ଶିଳ୍ପ ବିଭାଗର ପୁନର୍ଗଠନ (ଗ) ଶିଳ୍ପ ଋଣ ପ୍ରଦାନ

(ଖ) ବୈଷୟିକ ଶିକ୍ଷାର ପ୍ରସାର (ଘ) ଶିଳ୍ପ ସମବାୟ ସଂଘ ଗଠନ

୧୦. ଓଡ଼ିଶା ଟେକ୍ସଟାଇଲ ମିଲ୍ କେଉଁଠାରେ ଅବସ୍ଥିତ ?

(କ) ଚୌଦ୍ୱାର (ଖ) ଭୁବନେଶ୍ୱର (ଗ) ସୁରଟ (ଘ) ଗଜପତି

୧୧. କେଉଁ କମ୍ପାନୀ ରାଜଗାଙ୍ଗପୁରଠାରେ ସିମେଣ୍ଟ କାରଖାନା ସ୍ଥାପନା କରିଥିଲା ?

(କ) ଇଣ୍ଡିଆ ସିମେଣ୍ଟସ (ଗ) ଅଲଟ୍ରାଟେକ୍

(ଖ) ଡାଲମିଆ (ଘ) ବିର୍ଲା

୧୨. ଓଡ଼ିଶା ସରକାର ଡାଲମିଆ କମ୍ପାନୀକୁ ରାଜଗାଙ୍ଗପୁରଠାରେ ସିମେଣ୍ଟ କାରଖାନା କରିବା ନିମିତ୍ତ ସୁଯୋଗ ଦେଲେ କାହିଁକି ?

(କ) ଶିଳ୍ପର ବିକାଶ ପାଇଁ (ଗ) ଓଡ଼ିଶାରେ ସିମେଣ୍ଟ ବ୍ୟବସାୟ କରିବା ପାଇଁ

(ଖ) ତାପଜ ବିଦ୍ୟୁତ୍ କେନ୍ଦ୍ର ପାଇଁ (ଘ) ହୀରାକୁଦ ନଦୀବନ୍ଧର ଚାହିଦା ମେଣ୍ଟାଇବା ପାଇଁ

୧୩. ଓଡ଼ିଶାରେ ଶିଳ୍ପ ବିକାଶ ଯୋଜନା ପ୍ରସ୍ତୁତ କରିବା ପାଇଁ ଆମେରିକାରୁ କାହାକୁ ଅଣାଯାଇଥିଲା ?

(କ) ଡେଭିଡ୍ ଏଫ୍ ରୋଡେନ୍ (ଗ) ଆଡ଼ଲଫ୍ ବେଭେରିଜ୍

(ଖ) ଭର୍ଗାଇଜ୍ କୁରିଏନ୍ (ଘ) ଫ୍ରାଙ୍କ୍ ମ୍ୟାକମିଲନ୍

୧୪. ୧୯୪୭-୪୮ ବେଳକୁ ଓଡ଼ିଶାରେ କେତୋଟି ସମବାୟ ସମିତି ଥିଲା ?

(କ) ୧୧୧ (ଖ) ୧୨୫ (ଗ) ୧୩୩ (ଘ) ୧୫୪

୧୫. ୧୯୮୪-୮୫ ମସିହା ବେଳକୁ କେତେ ଶ୍ରମିକ ଓଡ଼ିଶାର କଳକାରଖାନାରେ କାର୍ଯ୍ୟରତ ଥିଲେ ?

(କ) ୨,୧୦,୦୦୦ (ଗ) ୩,୯୦,୦୦୦

(ଖ) ୩,୧୫,୦୦୦ (ଘ) ୪,୦୦,୦୦୦

୧୬. କେବେ ପାରାଦ୍ୱୀପକୁ ରେଳଲାଇନ୍ ଦ୍ୱାରା ସଂଯୁକ୍ତ କରାଗଲା ?

(କ) ୧୯୭୫ (ଖ) ୧୯୮୦ (ଗ) ୧୯୮୨ (ଘ) ୧୯୮୪

୧୭. ଗୋପାଳପୁର ବନ୍ଦର କେବେ କାର୍ଯ୍ୟ ଆରମ୍ଭ କଲା ?

(କ) ୨୦୦୦ (ଖ) ୨୦୦୧ (ଗ) ୨୦୦୨ (ଘ) ୨୦୦୭

୧୮. ଜର୍ମାନୀର ବୈଷୟିକ ସହାୟତାରେ ଓଡ଼ିଶାର କେଉଁ ସ୍ଥାନରେ ଇସ୍ପାତ କାରଖାନା ପ୍ରତିଷ୍ଠିତ ହେଲା ?

(କ) ଚୌଦ୍ୱାର (ଖ) ଅନୁଗୁଳ (ଗ) ବଡ଼ମ୍ବା (ଘ) ରାଉରକେଲା

୧୯. ରାଉରକେଲାର ଇସ୍ପାତ କାରଖାନା କାହା ଦ୍ୱାରା କାର୍ଯ୍ୟକ୍ଷମ ହୋଇଛି ?

(କ) ରାଜ୍ୟ ଖଣିଜ ବୋର୍ଡ଼ (ଗ) ରାଜ୍ୟ ଖଣି ନିଗମ

(ଖ) ଭାରତୀୟ ଇସ୍ପାତ କର୍ତ୍ତୃପକ୍ଷ (ଘ) କେନ୍ଦ୍ରୀୟ ଇସ୍ପାତ ବୋର୍ଡ଼

୨୦. ପଞ୍ଚପତିମାଳି ବକ୍ସାଇଟ୍ ଖଣି କେଉଁ ଜିଲ୍ଲାରେ ଅବସ୍ଥିତ ?

(କ) ଅନୁଗୁଳ (ଗ) ଯାଜପୁର

(ଖ) ସୁନ୍ଦରଗଡ (ଘ) କୋରାପୁଟ

୨୧. ଓଡ଼ିଶାର କେଉଁ ସ୍ଥାନରେ ଆଲୁମିନିୟମ୍ ପ୍ରକଳ୍ପ ପ୍ରତିଷ୍ଠା ହେଲା ?

(କ) ଦାମନଯୋଡ଼ି (ଗ) ଉଭୟ 'କ' ଓ 'ଖ'

(ଖ) ଅନୁଗୁଳ (ଘ) କୌଣସିଟି ନୁହେଁ

୨୨. ଓଡ଼ିଶାରେ ପ୍ରତିଷ୍ଠିତ ଆଲୁମିନିୟମ୍ କମ୍ପାନୀର ନାମ କ'ଣ ?

(କ) ଜାତୀୟ ଆଲୁମିନିୟମ୍ କମ୍ପାନୀ (ଗ) ଆଞ୍ଚଳିକ ଆଲୁମିନିୟମ୍ ଲିମିଟେଡ୍

(ଖ) କେନ୍ଦ୍ର ଆଲୁମିନିୟମ୍ କମ୍ପାନୀ (ଘ) ରାଜ୍ୟ ଆଲୁମିନିୟମ୍ କମ୍ପାନୀ

୨୩. ଓଡ଼ିଶା ସ୍ଥିତ ଜାତୀୟ ଆଲୁମିନିୟମ୍ କମ୍ପାନୀର ମୁଖ୍ୟ କାର୍ଯ୍ୟାଳୟ କେଉଁଠାରେ ଅଛି ?

(କ) ଅନୁଗୁଳ (ଖ) କୋରାପୁଟ (ଗ) ଭୁବନେଶ୍ୱର (ଘ) ଚୌଦ୍ୱାର

୨୪. କେଉଁଠାରେ ଆଲୁମିନିୟମ୍ କମ୍ପାନୀ ନାହିଁ ?

(କ) ଦାମନଯୋଡ଼ି (ଖ) ଅନୁଗୁଳ (ଗ) ହୀରାକୁଦ (ଘ) କୌଣସିଟି ନୁହେଁ

୨୫. ତାଳଚେରଠାରେ କେବେ ସାର କାରଖାନା ପ୍ରତିଷ୍ଠା କରାଗଲା ?

(କ) ୧୯୭୧ (ଖ) ୧୯୮୨ (ଗ) ୧୯୯୪ (ଘ) ୧୯୯୮

୨୬. କିଏ ତାଳଚେରଠାରେ ସାର କାରଖାନା ପ୍ରତିଷ୍ଠା କରିଥିଲେ ?

(କ) କେନ୍ଦ୍ର ସରକାର (ଗ) ଭାରତୀୟ ସାର ନିଗମ

(ଖ) ରାଜ୍ୟ ସରକାର (ଘ) କେନ୍ଦ୍ର ସାର ନିଗମ

୨୭. ପାରାଦ୍ୱୀପଠାରେ କେବେ ସାର କାରଖାନା ପ୍ରତିଷ୍ଠା କରାଗଲା ?

(କ) ୧୯୭୧ (ଖ) ୧୯୮୧ (ଗ) ୧୯୯୦ (ଘ) ୧୯୯୪

୨୮. ପାରାଦ୍ୱୀପ ସ୍ଥିତ ସାର କାରଖାନାର ନାମ କ'ଣ ?

(କ) ପାରାଦ୍ୱୀପ ଫସଫେଟସ୍ ଲିମିଟେଡ଼ (ଗ) ପାରାଦ୍ୱୀପ ସାର କାରଖାନା

(ଖ) ରାଜ୍ୟ ଫସ୍ଫେଟ୍ କମ୍ପାନୀ (ଘ) ଆଞ୍ଚଳିକ ସାର ନିଗମ

୨୯. ଓଡ଼ିଶାର କେଉଁ ସ୍ଥାନରେ ମିଗ୍ ବିମାନର ଇଞ୍ଜିନ୍ ତିଆରି କାରଖାନା ପ୍ରତିଷ୍ଠିତ ହୋଇଛି ?

(କ) ଚିପିଲିମା (ଗ) ରେଢ଼ାଖୋଲ

(ଖ) ଭୋଗରାଇ (ଘ) ସୁନାବେଡ଼ା

୩୦. କାହା ସହଯୋଗରେ ସୁନାବେଡ଼ା ସ୍ଥିତ ମିଗ୍ ବିମାନର ଇଞ୍ଜିନ୍ ତିଆରି କାରଖାନା ପ୍ରତିଷ୍ଠିତ ହୋଇଛି ?

(କ) ଇଂଲଣ୍ଡ (ଗ) ଇରାନ୍

(ଖ) ରୁଷ୍ (ଘ) ଆମେରିକା

୩୧. ଛତ୍ରପୁରଠାରେ ଏକ ବିରଳ ମୃର୍ତ୍ତିକା କାରଖାନା କେବେ ପ୍ରତିଷ୍ଠିତ ହେଲା ?

(କ) ୧୯୭୬ (ଖ) ୧୯୭୮ ଗ) ୧୯୮୦ (ଘ) ୧୯୮୧

୩୨. କିଏ ଛତ୍ରପୁରଠାରେ ଏକ ବିରଳ ମୃର୍ତ୍ତିକା କାରଖାନା ପ୍ରତିଷ୍ଠା କରିଥିଲେ ?

(କ) ଭାରତୀୟ ଆଣବିକ ଶକ୍ତି ଆୟୋଗ (ଗ) ଜାତୀୟ ତାପଜ ବିଦ୍ୟୁତ୍ ଆୟୋଗ

(ଖ) ଭାରତୀୟ ମୃର୍ତ୍ତିକା ନିୟନ୍ତ୍ରଣ ବୋର୍ଡ଼ (ଘ) ରାଜ୍ୟ ଶିଳ୍ପ କମିଶନ

୩୩. ଛତ୍ରପୁର କେଉଁ ଜିଲ୍ଲା ଅନ୍ତର୍ଭୁକ୍ତ ?

(କ) କଟକ (ଖ) ଯାଜପୁର (ଗ) କେନ୍ଦ୍ରାପଡ଼ା (ଘ) ଗଞ୍ଜାମ

୩୪. ଭାରତୀୟ ଆଣବିକ ଶକ୍ତି ଆୟୋଗ କେଉଁ ସ୍ଥାନରେ ଏକ ଭାରୀ ଜଳ ପ୍ରକଳ୍ପ ପ୍ରତିଷ୍ଠା କରିଛି ?

(କ) ତାଳଚେର (ଖ) ଅନୁଗୁଳ (ଗ) ଚୌଦ୍ୱାର (ଘ) ଦାମନଯୋଡ଼ି

୩୫. କେଉଁ ସ୍ଥାନରେ ଗୋଳାବାରୁଦ କାରଖାନା ପ୍ରତିଷ୍ଠା ହୋଇଛି ?

(କ) ଦାମନଯୋଡ଼ି (ଖ) ବଡ଼ମ୍ବା (ଗ) ବଡ଼ମାଳ (ଘ) ବାଣପୁର

୩୬. ଜୟଶ୍ରୀ ରସାୟନ କାରଖାନା କେଉଁ ନଦୀ କୂଳରେ ଅବସ୍ଥିତ ?

(କ) ମହାନଦୀ (ଖ) ବ୍ରାହ୍ମଣୀ (ଗ) ଋଷିକୂଲ୍ୟା (ଘ) ନର୍ମଦା

୩୭. ରାୟଗଡ଼ା ଜିଲ୍ଲାର ଥିରୁବାଲିଠାରେ କେଉଁ କାରଖାନା ଅଛି ?

(କ) ଫୋରାସିଲିକନ୍ (ଖ) ଚିନି (ଗ) କାଚ (ଘ) କାଗଜ

୩୮. କଟକ ଜିଲ୍ଲାର ଚୌଦ୍ୱାର ଠାରେ କେଉଁ କାରଖାନା ଅଛି ?

(କ) ଫେରୋସିଲିକନ୍ (ଖ) ଫେରୋ ଆଲଏଜ୍ (ଗ) ମାଙ୍ଗାନିଜ୍ (ଘ) ଆଲୁମିନିୟମ୍

୩୯. କେନ୍ଦୁଝରର ଯୋଡ଼ାଠାରେ କେଉଁ କାରଖାନା ଅଛି ?

(କ) ଫେରୋସିଲିକନ୍ (ଖ) ଫେରୋଆଲ୍ଏଜ୍ (ଗ) ଫେରୋମାଙ୍ଗାନିଜ୍ (ଘ) ଆଲୁମିନିୟମ୍

୪୦. ଯାଜପୁର ରୋଡ଼ଠାରେ କେଉଁ କାରଖାନା ଅଛି ?

(କ) ଫେରୋ ମାଙ୍ଗାନିଜ୍ (ଖ) ଲୁହାପଥର (ଗ) ଫେରୋ ଆଲଏଜ୍ (ଘ) କାଗଜ

୪୧. କେଉଁଠାରେ ସିମେଣ୍ଟ କାରଖାନା ଅଛି ?

(କ) ରାଜଗାଙ୍ଗପୁର (ଗ) ଉଭୟ 'କ' ଓ 'ଖ'

(ଖ) ବରଗଡ଼ (ଘ) କୌଣସିଟି ନୁହେଁ

୪୨. ରାଜଗାଙ୍ଗପୁର କେଉଁ ଜିଲ୍ଲା ଅନ୍ତର୍ଭୁକ୍ତ ?

(କ) ବରଗଡ଼ (ଖ) ବାଲେଶ୍ୱର (ଗ) ସୁନ୍ଦରଗଡ଼ (ଘ) କନ୍ଧମାଳ

୪୩. ଲାଞ୍ଜିଗଡ଼ଠାରେ ଆଲୁମିନିୟମ୍ କାରଖାନା ପ୍ରତିଷ୍ଠା କରିଥିବା କମ୍ପାନୀର ନାମ କଣ ?

(କ) ଜାତୀୟ ଆଲୁମିନିୟମ୍ କମ୍ପାନୀ (ଗ) ବେଦାନ୍ତ ଆଲୁମିନିୟମ୍ କମ୍ପାନୀ

(ଖ) ବେଦାନ୍ତ ଆଲୁମିନିୟମ୍ ଲିମିଟେଡ୍ (ଘ) ରାଜ୍ୟ ଖଣି ନିଗମ

୪୪. କଳିଙ୍ଗନଗର ଠାରେ ଇସ୍ପାତ୍ କାରଖାନା ସ୍ଥାପନ କରିଥିବା କମ୍ପାନୀର ନାମ କଣ ?

(କ) ଜାତୀୟ ଆଲୁମିନିୟମ୍ କମ୍ପାନୀ (ଗ) ନୀଳାଚଳ ଇସ୍ପାତ୍ ନିଗମ

(ଖ) ବେଦାନ୍ତ ଆଲୁମିନା ଲିମିଟେଡ଼ (ଘ) ରାଜ୍ୟ ଖଣି ନିଗମ

୪୫. ଓଡ଼ିଶାରେ ପ୍ରଥମେ କେବେ ଲୁଗା କାରଖାନା ପ୍ରତିଷ୍ଠା କରାଗଲା ?

(କ) ୧୯୪୭ (ଖ) ୧୯୪୮ (ଗ) ୧୯୪୯ (ଘ) ୧୯୫୦

୪୬. ଓଡ଼ିଶାର ପ୍ରଥମ ଲୁଗା କାରଖାନା କେଉଁଠାରେ ପ୍ରତିଷ୍ଠା କରାଗଲା ?

(କ) ସୁରଟ (ଖ) ଚୌଦ୍ୱାର (ଗ) ସମ୍ବଲପୁର (ଘ) ବଲାଙ୍ଗୀର

୪୭. କେଉଁ ସ୍ଥାନରେ ସୂତା କାରଖାନା ନାହିଁ ?

(କ) ଗୋବିନ୍ଦପୁର (ଖ) ତିର୍ତ୍ତୋଲ (ଗ) ଝାରସୁଗୁଡ଼ା (ଘ) ବଡ଼ମ୍ବା

୪୮. କେଉଁ ସ୍ଥାନରେ ଝୋଟ କଳ ପ୍ରତିଷ୍ଠା କରାଯାଇଛି ?

(କ) ଧାନମଣ୍ଡଳ (ଖ) ଆଠଗଡ଼ (ଗ) ଯଦୁପୁର (ଘ) ନୂଆପଡ଼ା

୪୯. ଓଡ଼ିଶାର ପ୍ରଥମ ଚିନି କଳ କେଉଁଠାରେ ଅବସ୍ଥିତ ?

(କ) ଲାଞ୍ଜିଗଡ଼ (ଖ) ଆସ୍କା (ଗ) କଟକ (ଘ) ଗୋବିନ୍ଦପୁର

୫୦. କେଉଁ ସ୍ଥାନରେ ଚିନିକଳ ନାହିଁ ?

(କ) ବଡ଼ମ୍ବା (ଖ) ଲାଞ୍ଜିଗଡ଼ (ଗ) ରାୟଗଡ଼ା (ଘ) ନୟାଗଡ଼

୫୧. କେଉଁଠାରେ ବକ୍ସାଇଟର ସନ୍ଧାନ ମିଳିବା ପରେ ଓଡ଼ିଶାରେ ଦୁଇଟି ଆଲୁମିନିୟମ୍ ପ୍ରକଳ୍ପ ପ୍ରତିଷ୍ଠିତ ହେଲା ?

(କ) ଛତ୍ରପୁର (ଖ) ତାଳଚେର (ଗ) ପଞ୍ଚପତିମାଳି (ଘ) ଥେରୁଭାଲି

୫୨. କେଉଁ ସ୍ଥାନରେ କାଗଜ କଳ ନାହିଁ

(କ) ଚୌଦ୍ୱାର (ଖ) ବ୍ରଜରାଜନଗର (ଗ) ରାୟଗଡ଼ା (ଘ) ତିର୍ତ୍ତୋଲ

୫୩. ପାରାଦ୍ୱୀପ ସ୍ଥିତ ବୃହତ୍ ଲୌହ ଇସ୍ପାତ୍ କାରଖାନା କେଉଁ କମ୍ପାନୀ ସହାୟତାରେ କରାଯାଇଛି ?

(କ) ପୋସ୍କୋ (ଖ) ବେଦାନ୍ତ (ଗ) ଜିନ୍ଦଲ୍ (ଘ) ଭୂଷଣ

୫୪. ଡୁବୁରିଠାରେ କେଉଁ କମ୍ପାନୀ ସହାୟତାରେ ଲୌହ ପ୍ରକଳ୍ପ କରାଯିବ ?

(କ) ବେଦାନ୍ତ (ଖ) ଟାଟା ଷ୍ଟିଲ୍ (ଗ) ପୋସ୍କୋ (ଘ) ଜିନ୍ଦଲ୍

୫୫. କେନ୍ଦୁଝର ଓ ଅନୁଗୁଳଠାରେ ହେବାକୁ ଥିବା ଲୌହ ପ୍ରକଳ୍ପ କେଉଁ କମ୍ପାନୀ ସହାୟତାରେ କରାଯିବ ?

(କ) ବେଦାନ୍ତ (ଖ) ଟାଟା ଷ୍ଟିଲ (ଗ) ପୋସ୍କୋ (ଘ) ଜିନ୍ଦଲ

୫୬. ୨୦୦୭ରେ ଓଡ଼ିଶାର ନୂତନ ଶିଳ୍ପନୀତି କାହିଁକି ଘୋଷିତ ହେଲା ?

(କ) ବିଦେଶୀ ପୁଞ୍ଜିନିବେଶକୁ ପ୍ରୋତ୍ସାହନ ଦେବାଲାଗି

(ଖ) କାରଖାନା ପ୍ରତିଷ୍ଠା କରିବା ଲାଗି

(ଗ) ନୂତନ ଶିଳ୍ପପତିମାନଙ୍କୁ ପ୍ରୋତ୍ସାହନ ଦେବାଲାଗି

(ଘ) ଉପରୋକ୍ତ ମଧ୍ୟରୁ କୌଣସିଟି ନୁହେଁ

୫୭. କେଉଁ ସଫ୍ଟୱେର କମ୍ପାନୀର ଓଡ଼ିଶାରେ ଉପସ୍ଥିତି ନାହିଁ ?

(କ) ଟାଟା କନସଲଟାନ୍ସି ସର୍ଭିସ୍ (ଗ) ୱିପ୍ରୋ

(ଖ) ଆକସେଞ୍ଚର (ଘ) ସତ୍ୟମ୍ ମହେନ୍ଦ୍ରା

୫୮. ଓଡ଼ିଶାର କେଉଁ ସ୍ଥାନଗୁଡ଼ିକୁ ନାଭିକେନ୍ଦ୍ର କରି ଶିଳ୍ପାଞ୍ଚଳମାନ ଗଢ଼ିଉଠିଛି ?

(କ) ଝାରସୁଗୁଡ଼ା, ଅନୁଗୁଳ, କଳିଙ୍ଗନଗର, ପାରାଦ୍ୱୀପ

(ଖ) ପାରାଦ୍ୱୀପ, ଅନୁଗୁଳ, ସୁନ୍ଦରଗଡ଼, କଳାହାଣ୍ଡି

(ଗ) ସୁନ୍ଦରଗଡ଼, ଅନୁଗୁଳ, କଳିଙ୍ଗନଗର, କଳାହାଣ୍ଡି

(ଘ) ଅନୁଗୁଳ, କଳାହାଣ୍ଡି, ପାରାଦ୍ୱୀପ, ଝାରସୁଗୁଡ଼ା

## ଉତ୍ତର

୧. (ଗ) ୨. (ଖ) ୩. (ଗ) ୪. (କ) ୫. (ଗ) ୬. (କ) ୭. (ଖ) ୮. (ଘ) ୯. (ଘ) ୧୦. (କ) ୧୧. (ଖ) ୧୨. (ଘ) ୧୩. (କ) ୧୪. (ଗ) ୧୫. (ଗ) ୧୬. (କ) ୧୭. (କ) ୧୮. (ଘ) ୧୯. (ଖ) ୨୦. (ଘ) ୨୧. (ଗ) ୨୨. (କ) ୨୩. (ଗ) ୨୪. (ଘ) ୨୫. (କ) ୨୬. (ଗ) ୨୭. (ଖ) ୨୮. (କ) ୨୯. (ଘ) ୩୦. (ଖ) ୩୧. (ଖ) ୩୨. (କ) ୩୩. (ଘ) ୩୪. (କ) ୩୫. (ଗ) ୩୬. (ଗ) ୩୭. (କ) ୩୮. (ଖ) ୩୯. (ଗ) ୪୦. (କ) ୪୧. (ଗ) ୪୨. (ଗ) ୪୩. (ଖ) ୪୪. (ଗ) ୪୫. (ଗ) ୪୬. (ଖ) ୪୭. (ଘ) ୪୮. (କ) ୪୯. (ଖ) ୫୦. (ଖ) ୫୧. (ଗ) ୫୨. (ଘ) ୫୩. (କ) ୫୪. (ଖ) ୫୫. (ଘ) ୫୬. (କ) ୫୭. (ଖ) ୫୮. (କ)

# ଦୀର୍ଘ ଉତ୍ତରମୂଳକ ପ୍ରଶ୍ନୋତ୍ତର

**୧. ସ୍ୱାଧୀନତା ପ୍ରାପ୍ତି ସମୟରେ ଓଡ଼ିଶାରେ ଶିଳ୍ପ ବିକାଶର ମୁଖ୍ୟ ପ୍ରତିବନ୍ଧକ ଗୁଡ଼ିକ କ'ଣ ଥିଲା ?**

i. ଓଡ଼ିଶାର ଶିଳ୍ପ ବିକାଶ ପାଇଁ ଆବଶ୍ୟକ ଭିତ୍ତିଭୂମିର ଅଭାବ ରହିଥିଲା ।

ii. ଭାରତର ଶିଳ୍ପପତିମାନେ ଓଡ଼ିଶାକୁ ଆସିବାକୁ ଅନାଗ୍ରହୀ ଥିଲେ ।

iii. ଓଡ଼ିଶାର ନିଜସ୍ୱ ଶିଳ୍ପୋଦ୍ୟୋଗୀ ବା ଉଦ୍ୟୋଗପତିଙ୍କ ଅଭାବ ରହିଥିଲା ।

iv. ରେଳପଥ ଗୁଡ଼ିକ ଅନଗ୍ରସର ହୋଇ ପଡ଼ିରହିଥିଲେ ଏବଂ ପୋତାଶ୍ରୟର ଅଭାବ ରହିଥିଲା ।

v. ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓଡ଼ିଶାରେ ପ୍ରଶିକ୍ଷିତ ମାନବ ସମ୍ବଳର ଅଭାବ ଥିଲା ।

**୨. କୁଟୀର ଶିଳ୍ପ ଓ କ୍ଷୁଦ୍ର ଶିଳ୍ପର ବିକାଶ ପାଇଁ ଓଡ଼ିଶା ସରକାର କେଉଁ କେଉଁ ପଦକ୍ଷେପ ନେଇଥିଲେ ?**

i. କୁଟୀର ଶିଳ୍ପ ଓ କ୍ଷୁଦ୍ର ଶିଳ୍ପର ବିକାଶ ପାଇଁ ଶିଳ୍ପ ବିଦ୍ୟାଳୟ ମାନଙ୍କରେ ତନ୍ତକାମ, ବଢ଼େଇ କାମ, ସିଲେଇକାମ ପ୍ରଭୃତି ତାଲିମ ଦିଆଗଲା ।

ii. କାରିଗର ମାନଙ୍କୁ ସାହାଯ୍ୟ କରିବା ପାଇଁ ଶିଳ୍ପ ପ୍ରତି ଓଡ଼ିଶା ରାଜ୍ୟ ସହାୟତା ନିୟମରେ ବ୍ୟାପକ ପରିବର୍ତ୍ତନ କରାଗଲା । ବୁଣାକାର ସମବାୟ ସମିତି ଗୁଡ଼ିକୁ ପୁନର୍ଜୀବିତ କରାଗଲା ।

iii. ହସ୍ତତନ୍ତୁ, ସୁନାରୁପାର ତାରକସି କାମ, ଚମଡ଼ାକାମ, ରେଶମ ଶିଳ୍ପର ବିକାଶ ପାଇଁ ସରକାର ବଜାରର ବ୍ୟବସ୍ଥା କଲେ ।

iv. ଦିଲ୍ଲୀରେ ଥିବା କୁଟୀର ଶିଳ୍ପ ସଂଗ୍ରହାଳୟରେ ଏକ ଓଡ଼ିଶା ଅନୁଭାଗ ସଂଯୋଗ କରାଗଲା ।

**୩. ଓଡ଼ିଶାରେ ରାଷ୍ଟ୍ରାୟତ୍ତ ଶିଳ୍ପ ଉଦ୍ୟୋଗ ଗୁଡ଼ିକର ଏକ ବିବରଣୀ ପ୍ରଦାନ କର ।**

i. ଭାରତୀୟ ଇସ୍ପାତ କର୍ତ୍ତୃପକ୍ଷଙ୍କ ଦ୍ୱାରା ରାଉରକେଲା ଠାରେ ରାଉରକେଲା ଇସ୍ପାତ କାରଖାନା କାର୍ଯ୍ୟକ୍ଷମ ହେଲା ।

ii. କୋରାପୁଟ ଜିଲ୍ଲାର ଦାମନଯୋଡ଼ି ଏବଂ ଅନୁଗୁଳ ଠାରେ 'ଜାତୀୟ ଆଲୁମିନିୟମ କମ୍ପାନୀ' ଦ୍ୱାରା ଦୁଇଟି ଆଲୁମିନିୟମ ପ୍ରକଳ୍ପ ପ୍ରତିଷ୍ଠା ହେଲା ।

iii. ୧୯୭୧ ମସିହାରେ ଭାରତୀୟ ସାରନିଗମ ତାଳଚେର ଠାରେ ଏବଂ ୧୯୮୧ ମସିହାର ପାରାଦୀପ ଫସ୍‌ଫେଟସ୍ ଲିମିଟେଡ୍ ନାମକ ସାର କାରଖାନା ପ୍ରତିଷ୍ଠା କରିଥିଲେ ।

iv. କୋରାପୁଟର ସୁନା ବେଡ଼ାରେ ମିଗ୍ ବିମାନର ଇଞ୍ଜିନ ତିଆରି କାରଖାନା ପ୍ରତିଷ୍ଠା ହୋଇଛି ।

v. ଭାରତୀୟ ଆଣବିକ ଶକ୍ତି ଆୟୋଗ ଗଞ୍ଜାମ ଜିଲ୍ଲାର ଛତ୍ରପୁର ଠାରେ ଏକ ବିରଳ ମୃତ୍ତିକା କାରଖାନା ଏବଂ ତାଳଚେର ଠାରେ ଏକ ଭାରୀ ଜଳ ପ୍ରକଳ୍ପ ପ୍ରତିଷ୍ଠା କରିଛ ।

**୪. ବିଂଶ ଶତାବ୍ଦୀରେ ଓଡ଼ିଶାରେ ପ୍ରତିଷ୍ଠିତ ପ୍ରମୁଖ ଶିଳ୍ପ ସଂସ୍ଥା ଗୁଡ଼ିକର ନାମ ଲେଖ ।**

ବିଂଶ ଶତାବ୍ଦୀରେ ଓଡ଼ିଶାରେ ପ୍ରତିଷ୍ଠିତ ପ୍ରମୁଖ ଶିଳ୍ପ ସଂସ୍ଥା ଗୁଡ଼ିକ ହେଲା -

(୧) ଗଞ୍ଜାମ ଜିଲ୍ଲାର ଋଷିକୂଲ୍ୟା ନଦୀ କୂଳରେ ଜୟଶ୍ରୀ ରସାୟନ କାରଖାନା

(୨) ରାୟଗଡ଼ା ଜିଲ୍ଲାର ଥିରୁଭାଲି ଠାରେ ଫେରୋ ସିଲିକନ କାରଖାନା ।

(୩) କଟକ ଜିଲ୍ଲାର ଚୌଦ୍ୱାର ଠାରେ ଫେରୋ ଆଲ୍‌ଏବ୍ କାରଖାନା ।

(୪) କେନ୍ଦୁଝର ଜିଲ୍ଲାର ଯୋଡ଼ା ଓ ଯାଜପୁର ଜିଲ୍ଲାର ଯାଜପୁର ରୋଡ଼ ଠାରେ ଫେରୋ ମାଙ୍ଗାନିଜ କାରଖାନା ।

(୫) ସୁନ୍ଦରଗଡ଼ ଜିଲ୍ଲାର ରାଜଗାଙ୍ଗ ପୁର ଓ ବରବଡ଼ ଜିଲ୍ଲାର ବରଗଡ଼ ଠାରେ ସିମେଣ୍ଟ କାରଖାନା ।

(୬) ବାଲେଶ୍ୱର ଠାରେ ଟାୟାର କାରଖାନା ।

(୭) ଲାଞ୍ଜିଗଡ଼ଠାରେ ବେଦାନ୍ତ ଆଲୁମିନା ଲିମିଟେଡ୍‌ର ଆଲୁମିନିୟମ୍ କାରଖାନା ।

(୮) କଳିଙ୍ଗନଗର ଠାରେ ନୀଳାଚଳ ଇସ୍ପାତ ନିଗମ ଦ୍ୱାରା ସ୍ଥାପିତ ଇସ୍ପାତ କାରଖାନା ।

**(୫) ଓଡ଼ିଶାର ପ୍ରତିଷ୍ଠିତ କୃଷିଭିତ୍ତିକ ଶିଳ୍ପ ଗୁଡ଼ିକର ଏକ ବିବରଣୀ ପ୍ରଦାନ କର ।**

(୧) ପ୍ରଥମେ ୧୯୪୯ ମସିହାରେ ଚୌଦ୍ୱାର ଠାରେ ପ୍ରତିଷ୍ଠିତ ହେଲା ଓଡ଼ିଶା ଲୁଗା କାରଖାନା, ପରେ ଝାରସୁଗୁଡ଼ା, ବରଗଡ଼, ଖୋର୍ଦ୍ଧା, ତିର୍ତ୍ତୋଲ, ଆଠଗଡ଼ ଏବଂ ଢେଙ୍କାନାଳ ଜିଲ୍ଲାର ଗୋବିନ୍ଦପୁର ଠାରେ ଆଉ ଛ'ଟି ସୂତାକାରଖାନା ପ୍ରତିଷ୍ଠା କରାଗଲା ।

(୨) ଓଡ଼ିଶାରେ ଉତ୍ପାଦିତ ଝୋଟର ବ୍ୟବହାର କରିବା ପାଇଁ ଯାଜପୁର ଜିଲ୍ଲାର ଧାନମଣ୍ଡଳ ଠାରେ ଏକ ଝୋଟକଳ ପ୍ରତିଷ୍ଠା କରାଯାଇଛି ।

(୩) ଆସ୍କା, ରାୟଗଡ଼ା, ନୟାଗଡ଼ ଓ ବଡ଼ମ୍ବା ଠାରେ ଚିନିକଳ ପ୍ରତିଷ୍ଠା କରାଯାଇଛି ।

(୪) ଚୌଦ୍ୱାର ଠାରେ ଟିଟାଗଡ଼ ପେପର ମିଲ୍ ବ୍ରଜରାଜନଗର କାଗଜକଳ, ରାୟଗଡ଼ାରେ ଜେ.କେ. କାଗଜ କଳ ଓ କୋରାପୁଟର ସେବା କାଗଜକଳ ପ୍ରମୁଖ କାଗଜକଳ ଗୁଡ଼ିକ ପ୍ରତିଷ୍ଠା କରାଯାଇଛି ।

**୬. ଓଡ଼ିଶାର ପର୍ଯ୍ୟଟନ ଶିଳ୍ପର ବିକାଶ ନିମନ୍ତେ କେଉଁ ପଦକ୍ଷେପ ଗ୍ରହଣ କରାଯାଇଛି ?**

i. ଓଡ଼ିଶାର ପର୍ଯ୍ୟଟନକୁ ଶିଳ୍ପର ମାନ୍ୟତା ମିଳିଛି । ପର୍ଯ୍ୟଟନର ବିକାଶ ପାଇଁ ଓଡ଼ିଶାର କଳା ଓ କାରିଗରୀ ତଥା କୁଟୀର ଶିଳ୍ପକୁ ପ୍ରୋତ୍ସାହନ ଦେବାକୁ ଅନେକ ବ୍ୟବସ୍ଥା କରାଯାଇଛି ।

ii. ଓଡ଼ିଶାର ହସ୍ତତନ୍ତ, ହସ୍ତ ଶିଳ୍ପ, ଚିତ୍ରକଳା, ଶିଳ୍ପକଳାକୁ ଭାରତର ଅନ୍ୟ ରାଜ୍ୟରେ ଏବଂ ଭାରତ ବାହାରେ ଅନେକ ଦେଶମାନଙ୍କରେ ପରିଚିତ କରାଇବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି ।

iii. କାରିଗରମାନଙ୍କୁ ସରକାରୀ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି । ବୁଣାକାର ଏବଂ କଳାକାର ମାନଙ୍କ ସ୍ୱାର୍ଥକୁ ରକ୍ଷା କରିବା ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା କରାଯାଇଛି ।

iv. ଓଡ଼ିଶା କାରିଗରଙ୍କ ପ୍ରସ୍ତୁତ ସାମଗ୍ରୀର ବିକ୍ରି ପାଇଁ ବ୍ୟାପକ ବଜାର ମଧ୍ୟ ସୃଷ୍ଟି କରାଯାଉଛି ।

**୭. ୨୦୦୭ ମସିହାରେ ଘୋଷିତ ଓଡ଼ିଶାର ଶିଳ୍ପନୀତି କ'ଣ ?**

i. ବିଦେଶୀ ପୁଞ୍ଜି ନିବେଶକୁ ପ୍ରୋତ୍ସାହନ ଦେବାଲାଗି ତଥା ଓଡ଼ିଶାକୁ ଏକ ଶିଳ୍ପୋନ୍ନତ ରାଜ୍ୟରେ ପରିଣତ କରିବା ନିମନ୍ତେ ୨୦୦୭ ମସିହାରେ ଓଡ଼ିଶା ସରକାର ନୂତନ ଶିଳ୍ପନୀତି ଘୋଷଣା କଲେ ।

ii. ଶିଳ୍ପ ବିକାଶ ପାଇଁ ଏକ ଅନୁକୂଳ ବାତାବରଣ ସୃଷ୍ଟି କରିବା ଏବଂ ଶିଳ୍ପାୟନ ଜରିଆରେ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରି ଓଡ଼ିଶାରୁ ବେକାରୀ ସମସ୍ୟା ଦୂର କରିବା ଏହି ଶିଳ୍ପନୀତିର ଆଭିମୁଖ୍ୟ ଅଟେ ।

iii. ହସ୍ତଶିଳ୍ପ, ହସ୍ତତନ୍ତ, ଖଦୀ ଓ ଗ୍ରାମ୍ୟ ଶିଳ୍ପର ବିକାଶ ପାଇଁ ଏହି ଶିଳ୍ପନୀତିରେ ଗୁରୁତ୍ୱ ଦିଆଯାଇଛି ।

iv. ସୂଚନା ପ୍ରଯୁକ୍ତି ବିଦ୍ୟା, ଜୀବ ବୈଷୟିକ ବିଜ୍ଞାନ, ସାମୁଦ୍ରିକ ବିଜ୍ଞାନ, ଖାଦ୍ୟ ପ୍ରସ୍ତୁତୀକରଣ ଓ ପର୍ଯ୍ୟଟନକୁ ପ୍ରାଧାନ୍ୟ ଦିଆଯାଇ ଅଧିକ ନିଯୁକ୍ତି ସୃଷ୍ଟି ଏହି ଶିଳ୍ପନୀତିର ଲକ୍ଷ୍ୟ ।

# କ୍ଷୁଦ୍ର ଉତ୍ତରମୂଳକ ପ୍ରଶ୍ନୋତ୍ତର

୧. ସ୍ୱାଧୀନତା ପ୍ରାପ୍ତି ବେଳକୁ ଓଡ଼ିଶାର ଶିଳ୍ପ ଅନୁନ୍ନତ ରହିଥିବାର କାରଣ କ'ଣ ?

i. ଶିଳ୍ପର ବିକାଶ ନିମନ୍ତେ ଆବଶ୍ୟକ ସମସ୍ତ ପ୍ରାକୃତିକ ସମ୍ବଳର ଉପସ୍ଥିତି ସତ୍ତ୍ୱେ ଓଡ଼ିଶାରେ ଉଦ୍ୟୋଗପତିଙ୍କ ଅଭାବ ହେତୁରୁ ଶିଳ୍ପ ଅନୁନ୍ନତ ହୋଇ ରହିଥିଲା ।

ii. ଏହାଛଡ଼ା ଓଡ଼ିଶା ଭିତରୁ ବା ବାହାରୁ ଓଡ଼ିଶାରେ ପୁଞ୍ଜି ନିବେଶ କରିବା ପାଇଁ କେହି ଆଗ୍ରହୀ ନ ହେବା ମଧ୍ୟ ଅନ୍ୟ ଏକ କାରଣ ଥିଲା ।

**୨. ଓଡ଼ିଶାରେ ରେଳପଥର ବିକାଶ ନିମନ୍ତେ କେଉଁ ପଦକ୍ଷେପ ଗ୍ରହଣ କରାଗଲା ।**

i. ୧୯୪୯-୫୦ ଆର୍ଥିକ ବର୍ଷରେ ରେଳରାସ୍ତା ସମନ୍ୱୟ ବ୍ୟବସ୍ଥା ପାଇଁ ଓଡ଼ିଶା ସରକାର ପ୍ରାୟ ୨୦ ଲକ୍ଷ ଟଙ୍କା ବ୍ୟବସ୍ଥା କଲେ ।

ii. ରେଳ ବିଭାଗ ଦ୍ୱାରା ସମ୍ବଲପୁର - ଟିଟିଲାଗଡ଼ ଓ ଜଗଦଳପୁର ରେଳପଥ ଓ ଖୋର୍ଦ୍ଧା ସୋନପୁର ଦେଇ ବଲାଙ୍ଗୀର ରେଳପଥର ସର୍ଭେ କାର୍ଯ୍ୟ ଆରମ୍ଭ ହେଲା ।

**୩. ଓଡ଼ିଶାରେ ଶିଳ୍ପ ଭିତ୍ତିଭୂମିର ବିକାଶ ପାଇଁ ମହତାବଙ୍କ ମନ୍ତ୍ରୀମଣ୍ଡଳ କେଉଁ କେଉଁ ପଦକ୍ଷେପ ନେଇଥିଲେ ?**

ଉ. ଓଡ଼ିଶାରେ ଶିଳ୍ପ ଭିତ୍ତିଭୂମିର ବିକାଶ ପାଇଁ ମହତାବଙ୍କ ମନ୍ତ୍ରୀମଣ୍ଡଳ ସଡ଼କପଥ ଓ ରେଳପଥର ଉନ୍ନତି କରଣ, ତାପଜ ବିଦ୍ୟୁତ୍ ଓ ଜଳ ବିଦ୍ୟୁତ୍‌ର ଉତ୍ପାଦନ, ବୈଷୟିକ ଶିକ୍ଷାର ପ୍ରସାର, ବିଜ୍ଞାନ ଓ ଶିଳ୍ପର ବିକାଶ ନିମନ୍ତେ ଏକ ପରିଷଦ ଗଠନ, ଶିଳ୍ପ ବିଭାଗର ପୁନର୍ଗଠନ, ଶିଳ୍ପାୟନ ସମ୍ଭାବନା ବିଷୟରେ ସର୍ବେକ୍ଷଣ, ଶିଳ୍ପଚରଣ, ନିଗମ ଗଠନ, ପ୍ରାଦେଶିକ ଶିଳ୍ପ ଅନୁଦାନ ବ୍ୟବସ୍ଥା, ଶିଳ୍ପ ପରିଷଦର ଗଠନ ଇତ୍ୟାଦି ପଦକ୍ଷେପ ନେଇ ଥିଲେ ।

**୪. ହୀରାକୁଦ ନଦୀବନ୍ଧ ଯୋଜନାର ସିମେଣ୍ଟ ଚାହିଦା ମେଣ୍ଟାଇବା ପାଇଁ କେଉଁ ପଦକ୍ଷେପ ନିଆଯାଇଥିଲା ?**

i. ହୀରାକୁଦ ନଦୀବନ୍ଧ ଯୋଜନାର ଚାହିଦା ମେଣ୍ଟାଇବା ପାଇଁ ଡାଲମିଆ କମ୍ପାନୀକୁ ସୁନ୍ଦରଗଡ଼ ଜିଲ୍ଲାର ରାଜଗାଙ୍ଗପୁର ଠାରେ ଏକ ସିମେଣ୍ଟ କାରଖାନା ସ୍ଥାପନ କରିବା ପାଇଁ ସମସ୍ତ ପ୍ରକାରର ସୁବିଧା ସୁଯୋଗ ଯୋଗାଇ ଦିଆଗଲା ।

ii. ସରକାର ୪୦ ଲକ୍ଷ ଟଙ୍କାର ଅଂଶଧନ କିଣିଲେ ଓ ଭବିଷ୍ୟତରେ ସିମେଣ୍ଟ କିଣିବା ପାଇଁ କମ୍ପାନୀକୁ ୫୦ ଲକ୍ଷ ଟଙ୍କା ଅଗ୍ରୀମ ଆକାରରେ ଦେଲେ ।

**୫. ପୁଞ୍ଜି ନିବେଶକୁ ପ୍ରୋତ୍ସାହିତ କରିବା ନିମନ୍ତେ କେଉଁ ଯୋଜନା ପ୍ରସ୍ତୁତ ହେଲା ?**

i. ଓଡ଼ିଶାର ଶିଳ୍ପ ପ୍ରତିଷ୍ଠା ପାଇଁ ଅଣ ଓଡ଼ିଆ ଭାରତୀୟ ଶିଳ୍ପପତିଙ୍କ ଅନାଗ୍ରହ ଲକ୍ଷ୍ୟ କରି ମହତାବ ବିଦେଶୀ ପୁଞ୍ଜି ନିବେଶ ପାଇଁ ଅନୁମତି ଦେବାକୁ ଭାରତ ସରକାରଙ୍କୁ ଅନୁରୋଧ କଲେ ।

ii. ଓଡ଼ିଶାରେ ଶିଳ୍ପ ବିକଶର ସମ୍ଭାବନା ଓ ଯୋଜନା ତିଆରି କରିବା ପାଇଁ ଆମେରିକାରୁ ଡେଭିଡ୍ ଏଫ୍. ରୋଜେନ୍ ନାମକ ଜଣେ ବୈଷୟିକ ପରାମର୍ଶଦାତାଙ୍କୁ ଓଡ଼ିଶା ଅଣାଗଲା ।

**୬. ପାରାଦ୍ୱୀପ ବନ୍ଦର କିପରି ଓଡ଼ିଶାର ବିକାଶରେ ସହାୟକ ହେଲା ?**

i. ବିଂଶ ଶତାବ୍ଦୀର ସପ୍ତମ ଦଶକରେ ପାରଦୀପ ବନ୍ଦର ପ୍ରତିଷ୍ଠା ହେଲା । ପ୍ରଥମରୁ ଏଠାରୁ ଲୁହାପଥର ଓ ପରବର୍ତ୍ତୀ ସମୟରେ ପଣ୍ୟ ରପ୍ତାନୀ କରାଗଲା ।

ii. ୧୯୭୫ ମସିହାରେ ପାରାଦୀପକୁ ରେଳଲାଇନ ସଂଯୋଗ କରାଗଲା ।

**୭. ପାରାଦୀପରେ ସାର କାରଖାନା କେବେ ପ୍ରତିଷ୍ଠା ହେଲା ଓ ଏହାର ନାମ କ'ଣ ?**

i. ୧୯୮୧ ମସିହାରେ ପାରାଦୀପରେ ସାର କାରଖାନା ପ୍ରତିଷ୍ଠା ହେଲା ।

ii. ଏହାର ନାମ ପାରାଦୀପ ଫସ୍‌ଫେଟ୍‌ସ୍ ଲିମଟେଡ୍ ରଖାଗଲା ।

**୮. ଓଡ଼ିଶାରେ ଆଣବିକ ଶକ୍ତି ଆୟୋଗର ପ୍ରକଳ୍ପ ଗୁଡ଼ିକ କ'ଣ ?**

ଉ. ୧୯୬୮ ମସିହାରେ ଭାରତୀୟ ଆଣବିକ ଶକ୍ତି ଆୟୋଗ ଗଞ୍ଜାମ ଜିଲ୍ଲାର ଛତ୍ରପୁର ଠାରେ ଏକ ବିରଳ ମୃର୍ତ୍ତିକା କାରଖାନା ପ୍ରତିଷ୍ଠା କରିଛି ଏବଂ ଏ ଆୟୋଗ ତାଳଚେର ଠାରେ ଏକ ଭାରୀ ଜଳ ପ୍ରକଳ୍ପ ପ୍ରତିଷ୍ଠା କରିଛି ।

**୯. ଲୌହ ଓ ଇସ୍ପାତ ଶିଳ୍ପକୁ ସମୃଦ୍ଧ କରିବା ପାଇଁ ଓଡ଼ିଶା ସରକାର କେଉଁ କମ୍ପାନୀ ସହିତ ରାଜିନାମା ପତ୍ର ସ୍ୱାକ୍ଷର କରିଛନ୍ତି ?**

i. ଲୌହ ଓ ଇସ୍ପାତ ଶିଳ୍ପକୁ ସମୃଦ୍ଧ କରିବା ପାଇଁ ଓଡ଼ିଶା ସରକାର ସ୍ୱାକ୍ଷର କରିଥିବା ରାଜିନାମା ପତ୍ର ମଧ୍ୟରେ ପ୍ରମୁଖ ହେଲା (୧) ପୋସ୍କୋ ସହିତ ପାରାଦୀପ ନିକଟରେ ନିର୍ମାଣ ହେବାକୁ ଥିବା ବୃହତ୍ ଲୌହ ଇସ୍ପାତ କାରଖାନା, (୨) ଟାଟା ଷ୍ଟିଲ୍ ସହିତ ଡୁବୁରି ଠାରେ ହେବାକୁ ଥିବା ଏକ ଲୌହ ପ୍ରକଳ୍ପ, (୩) ଜିନ୍ଦଲ ଷ୍ଟେନ୍‌ଲେସ୍ ଷ୍ଟିଲ୍ ସହିତ ଯାଜପୁର ଜିଲ୍ଲାରେ ପ୍ରସ୍ତାବିତ କାରଖାନା, (୪) ଜିନ୍ଦଲ ଷ୍ଟିଲ୍ ଓ ପାୱାର ତରଫରୁ କେନ୍ଦୁଝର ଓ ଅନୁଗୁଳ ଠାରେ ସ୍ଥାପିତ ହେବାକୁ ଥିବା ଲୌହ ପ୍ରକଳ୍ପ ।

**୧୦. ଓଡ଼ିଶାର ସୂଚନା ଶିଳ୍ପ ସମ୍ପର୍କରେ ସଂକ୍ଷିପ୍ତ ବିବରଣୀ ପ୍ରଦାନ କର ।**

i. ସୂଚନା ଓ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ, ସଫଟ୍‌ୱୟାର ରପ୍ତାନୀ କ୍ଷେତ୍ରରେ ଓଡ଼ିଶା ଓ ଓଡ଼ିଆ ଇଂଜିନିୟରଙ୍କ ଭୂମିକା ଉଲ୍ଲେଖନୀୟ ।

ii. ଏଠାରେ ସୂଚନା ଶିଳ୍ପର ବଡ଼ ବଡ଼ କମ୍ପାନୀ - ଟାଟା କନ୍‌ସଲ୍‌ଟାନ୍‌ସି ସର୍ଭିସ୍, ଇନ୍‌ଫୋସିସ୍, ଉଇପ୍ରୋ ଓ ସତ୍ୟମ ମହିନ୍ଦ୍ରା କାର୍ଯ୍ୟରତ ।

# ପଞ୍ଚମ ପାଠ : ଭିତ୍ତିଭୂମିର ବିକାଶ

**୧. ସାମାଜିକ ଐକ୍ୟ ଓ ଅର୍ଥନୈତିକ ସମୃଦ୍ଧିର ପ୍ରଥମ ଆବଶ୍ୟକତା କ'ଣ ?**

କ. ଭିତ୍ତିଭୂମି ଖ. ରାଜନୀତି ଗ. ଅର୍ଥନୀତି ଘ. ସାମରିକ ଶକ୍ତି

**୨. ଭିତ୍ତିଭୂମି କ'ଣ ?**

କ. ସାମାଜିକ ବୈଷମ୍ୟର ପରିପନ୍ଥୀ　　ଗ. କୃଷକମାନଙ୍କୁ ପ୍ରଦତ୍ତ ଆର୍ଥିକ ସହାୟତା

ଖ. ମୌଳିକ ଢାଞ୍ଚାଗତ ମୂଳଦୁଆ　　ଘ. ପର୍ଯ୍ୟଟନ ବିଭାଗର ନୂତନ ପଦକ୍ଷେପ

**୩. ଓଡ଼ିଶା କେବେ ଏକ ସ୍ୱତନ୍ତ୍ର ପ୍ରଦେଶ ଭାବରେ ଆତ୍ମ ପ୍ରକାଶ କଲା ?**

କ. ୧୯୨୯   ଖ. ୧୯୩୨   ଗ. ୧୯୩୪   ଘ. ୧୯୩୬

**୪. ୧୯୫୪ ମସିହା ପର୍ଯ୍ୟନ୍ତ ଓଡ଼ିଶାର ବିକାଶ କାର୍ଯ୍ୟ ବାଧାପ୍ରାପ୍ତ ହେବାର ମୁଖ୍ୟ କାରଣ କ'ଣ ?**

କ. ଆର୍ଥିକ ଅନଗ୍ରସରତା   ଖ. ରାଜନୈତିକ ଅସ୍ଥିରତା   ଗ. ଅନ୍ଧବିଶ୍ୱାସ   ଘ. ବିଦେଶୀ ଶାସନ

**୫. ଦ୍ୱିତୀୟ ବିଶ୍ୱଯୁଦ୍ଧ କେବେ ଆରମ୍ଭ ହେଲା ?**

କ. ୧୯୧୪   ଖ. ୧୯୧୮   ଗ. ୧୯୩୫   ଘ. ୧୯୩୯

**୬. ଦ୍ୱିତୀୟ ବିଶ୍ୱଯୁଦ୍ଧର ପରିସମାପ୍ତି କେବେ ହୋଇଥିଲା ?**

କ. ୧୯୪୫   ଖ. ୧୯୪୭   ଗ. ୧୯୮୯   ଘ. ୧୯୯୧

**୭. ଭାରତ ଛାଡ଼ ଆନ୍ଦୋଳନ କେବେ ଆରମ୍ଭ ହୋଇଥିଲା ?**

କ. ୧୯୩୯   ଖ. ୧୯୪୨   ଗ. ୧୯୪୭   ଘ. ୧୯୪୮

**୮. ନିମ୍ନୋକ୍ତ ମଧ୍ୟରୁ କେଉଁଟି ଭିତ୍ତିଭୂମିର ବିକାଶ ନିମନ୍ତେ ଅତ୍ୟାବଶ୍ୟକ ଆଧାର ନୁହେଁ ?**

କ. ଗମନାଗମନ   ଖ. ଅର୍ଥଯୋଗାଣ   ଗ. ରାଜନୈତିକ ସ୍ଥିରତା   ଘ. ପୋତାଶ୍ରୟ

**୯. ଓଡ଼ିଶାର ସମର୍ଥ ଲୋକଙ୍କ ମଧ୍ୟରୁ କେତେ ପ୍ରତିଶତ କୃଷିକ୍ଷେତ୍ରରେ କାମ କରନ୍ତି ?**

କ. ୫୦%   ଖ. ୬୫%   ଗ. ୭୫%   ଘ. ୮୦%

**୧୦. ନିମ୍ନୋକ୍ତ ମଧ୍ୟରୁ କେଉଁଟି କୃଷି ପାଇଁ ଆବଶ୍ୟକ ଭିତ୍ତିଭୂମି ସମ୍ପର୍କିତ ବିଭାଗ ନୁହେଁ ?**

କ. କୃଷି ବିଜ୍ଞାନ   ଖ. ଆଧୁନିକ ଜ୍ଞାନ କୌଶଳ   ଗ. ବିଦ୍ୟୁତ୍ ପ୍ରକଳ୍ପ   ଘ. ଜଳସେଚନ

**୧୧. କେଉଁ କେନାଲ ଦ୍ୱାରା ମହାନଦୀ ତ୍ରିକୋଣଭୂମି ଅଞ୍ଚଳରେ ଜଳସେଚିତ ହେଉଛି ?**

କ. ମାଛ ଗାଁ, କେନ୍ଦ୍ରାପଡ଼ା, ପୁରୀ, ପଟ୍ଟାମୁଣ୍ଡାଇ

ଖ. ପୁରୀ, ତାଳଦଣ୍ଡା, ଇନ୍ଦ୍ରାବତୀ, ମାଛ ଗାଁ

ଗ. କେନ୍ଦ୍ରାପଡ଼ା, ଇନ୍ଦ୍ରାବତୀ, ତାଳପଣ୍ଡା, ପଟ୍ଟାମୁଣ୍ଡାଇ

ଘ. ତାଳଦଣ୍ଡା, ମାଛ ଗାଁ, କେନ୍ଦ୍ରାପଡ଼ା, ପଟ୍ଟମୁଣ୍ଡାଇ

**୧୨. ହୀରାକୁଦ ନଦୀବନ୍ଧ ଯୋଜନା ଦ୍ୱାରା କେଉଁ କେଉଁ ଜିଲ୍ଲା ଜଳସେଚିତ ହେଉଛି ?**

କ. ବରଗଡ଼ ଓ ସମ୍ବଲପୁର   ଗ. ବରଗଡ଼ ଓ ବଲାଙ୍ଗୀର

ଖ. କଟକ ଓ ସମ୍ବଲପୁର   ଘ. ବଲାଙ୍ଗୀର ଓ ସମ୍ବଲପୁର

**୧୩. ରେଙ୍ଗାଲି ପ୍ରକଳ୍ପ କେଉଁ ନଦୀରେ ନିର୍ମାଣ କରାଯାଇଛି ?**

କ. ମହାନଦୀ   ଖ. ବ୍ରାହ୍ମଣୀ   ଗ. ବୁଢ଼ାବଳଙ୍ଗ   ଘ. ସୁବର୍ଣ୍ଣରେଖା

**୧୪. ରେଙ୍ଗାଲି ପ୍ରକଳ୍ପ କେଉଁ ଜିଲ୍ଲାରେ ଅବସ୍ଥିତ ?**

କ. କଟକ   ଖ. ବଲାଙ୍ଗୀର   ଗ. ମୟୁରଭଞ୍ଜ   ଘ. ଅନୁଗୁଳ

**୧୫. ବାଲିମେଳା ପ୍ରକଳ୍ପ କେଉଁ ଜିଲ୍ଲାରେ ଅବସ୍ଥିତ ?**

କ. ମାଲ୍କାନଗିରି   ଖ. କେନ୍ଦୁଝର   ଗ. ମୟୁରଭଞ୍ଜ   ଘ. କଳାହାଣ୍ଡି

**୧୬. ଇନ୍ଦ୍ରାବତୀ ପ୍ରକଳ୍ପ କେଉଁ ଜିଲ୍ଲାରେ ଅବସ୍ଥିତ ?**

କ. କୋରାପୁଟ ଓ ସମ୍ବଲପୁର   ଗ. କଳାହାଣ୍ଡି ଓ ନବରଙ୍ଗପୁର

ଖ. ବଲାଙ୍ଗୀର ଓ ବରଗଡ଼   ଘ. ଅନୁଗୁଳ ଓ ସମ୍ବଲପୁର

**୧୭. ଅପରକୋଲାବ ପ୍ରକଳ୍ପ କେଉଁ ଜିଲ୍ଲାରେ ଅବସ୍ଥିତ ?**

କ. ସମ୍ବଲପୁର ଖ. ବରଗଡ଼ ଗ. କନ୍ଧମାଳ ଘ. କୋରାପୁଟ

**୧୮. ହୀରାକୁଦ ପ୍ରକଳ୍ପ କେଉଁ ନଦୀରେ ନିର୍ମାଣ କରାଯାଇଛି ?**

କ. ବ୍ରାହ୍ମଣୀ ଖ. ବୈତରଣୀ ଗ. ମହାନଦୀ ଘ. ଗୋଦାବରୀ

**୧୯. ହଦଗଡ଼ ନଦୀବନ୍ଧ କେଉଁ ନଦୀରେ ନିର୍ମାଣ କରାଯାଇଛି ?**

କ. ସାଳନ୍ଦୀ ଖ. ଇନ୍ଦ୍ରାବତୀ ଗ.କୋଲାବ ଘ. ମହାନଦୀ

**୨୦. ହଦଗଡ଼ ପ୍ରକଳ୍ପ କେଉଁ ଜିଲ୍ଲାରେ ଅବସ୍ଥିତ ?**

କ. କୋରାପୁଟ ଖ. କେନ୍ଦୁଝର ଗ. କଟକ ଘ. କଳାହାଣ୍ଡି

୨୧. କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ର କେଉଁ ଠାରେ ଅବସ୍ଥିତ ?

କ. ଭୁବନେଶ୍ୱର ଖ. ଅନୁଗୁଳ ଗ. କଟକ ଘ. ବାଲେଶ୍ୱର

**୨୨. ନାରିକେଳ ଗବେଷଣା କେନ୍ଦ୍ର କେଉଁ ଠାରେ ଅବସ୍ଥିତ ?**

କ. ସାକ୍ଷୀଗୋପାଳ ଖ. କଟକ ଗ. ବୁବନେଶ୍ୱର ଘ. ପିପିଲି

**୨୩. କେନ୍ଦ୍ରୀୟ ମଧୁର ଜଳ ମତ୍ସ୍ୟ ଗବେଷଣା କେନ୍ଦ୍ର କେଉଁ ଠାରେ ଅବସ୍ଥିତ ?**

କ. ଚିଲିକା ଖ. ପାରାଦ୍ୱୀପ ଗ. କୌଶଲ୍ୟାଗଙ୍ଗ ଘ. ସାକ୍ଷୀଗୋପାଳ

**୨୪. ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ କେଉଁ ଠାରେ ଅବସ୍ଥିତ ?**

କ. ଭୁବନେଶ୍ୱର ଖ. ଅନୁଗୁଳ ଗ. କଟକ ଘ. ଭଦ୍ରକ

**୨୫. ସ୍ୱାଧୀନତା ସମୟରେ ଓଡ଼ିଶା ମଧ୍ୟ ଦେଇ କେତୋଟି ଜାତୀୟ ରାଜପଥ ଯାଇଥିଲା ?**

କ. ୨ଟି ଖ. ୪ଟି ଗ. ୫ଟି ଘ. ୭ଟି

**୨୬. ବର୍ତ୍ତମାନ ଓଡ଼ିଶା ମଧ୍ୟ ଦେଇ କେତୋଟି ଜାତୀୟ ରାଜପଥ ଯାଇଅଛି ?**

କ. ୧୮ଟି ଖ. ୨୦ଟି ଗ. ୨୨ଟି ଘ. ୨୫ଟି

**୨୭. ଓଡ଼ିଶା ଦେଇ ଯାଇଥିବା ଜାତୀୟ ରାଜପଥ ଗୁଡ଼ିକର ଦୈର୍ଘ୍ୟ କେତେ କି.ମି. ?**

କ. ୪୫୧୦ ଖ. ୪୨୨୨ ଗ. ୪୩୨୫ ଘ. ୫୨୩୧

**୨୮. କଟକ - ଭୁବନେଶ୍ୱରକୁ କେଉଁ ଜାତୀୟ ରାଜପଥ ସଂଯୋଗ କରୁଛି ?**

କ. ୧୮ ଖ. ୧୬ ଗ. ୨୨ ଘ. ୫୫

**୨୯. ଅନୁଗୁଳ ଓ ସମ୍ବଲପୁରକୁ କେଉଁ ଜାତୀୟ ରାଜପଥ ସଂଯୋଗ କରୁଛି ?**

କ. ୫୫ ଖ. ୨୨୬ ଗ. ୧୬ ଘ. ୧୫୩

**୩୦. ଭାରତରେ କେବେ ରେଳପଥ ଆରମ୍ଭ ହୋଇଥିଲା ?**

କ. ୧୮୩୦ ଖ. ୧୮୫୩ ଗ. ୧୮୯୭ ଘ. ୧୯୨୬

**୩୧. ଓଡ଼ିଶାରେ ପ୍ରଥମେ କେବେ ରେଳଗାଡ଼ି ଚାଲିଥିଲା ?**

କ. ୧୮୦୩ ଖ. ୧୮୫୩ ଗ. ୧୮୯୭ ଘ.୧୯୨୬

**୩୨. ସ୍ୱାଧୀନତା ପ୍ରାପ୍ତି ବେଳକୁ ଓଡ଼ିଶାରେ ରେଳପଥର ଦୈର୍ଘ୍ୟ କେତେ କି.ମି. ଥିଲା ?**

କ. ୩୫୮ ଖ. ୪୪୨ ଗ. ୫୩୫ ଘ. ୯୧୪

**୩୩. ପୂର୍ବତଟ ରେଳପଥର ଶୁଭ କେବେ ଦିଆଯାଇଥିଲା ?**

କ. ୧୯୯୬ ଅଗଷ୍ଟ ୮ ଖ. ୧୯୯୩ ଜୁନ୍ ୨୨

ଗ. ୧୯୫୩ ଜାନୁଆରୀ ୫ ଘ. ୧୯୯୦ ମାର୍ଚ୍ଚ ୫

**୩୪. ପୂର୍ବତଟ ରେଳପଥର ଶୁଭ କେଉଁ ଭାରତୀୟ ପ୍ରଧାନମନ୍ତ୍ରୀ ଦେଇଥିଲେ ?**

କ. ଇନ୍ଦିରା ଗାନ୍ଧୀ ଖ. ରାଜୀବ ଗାନ୍ଧୀ

ଗ. ଏଚ୍.ଡ଼ି. ଦେବଗୌଡ଼ା ଘ. ଅଟଳବିହାରୀ ବାଜ୍‌ପେୟୀ

**୩୫. ଭୁବନେଶ୍ୱର ପୂର୍ବତଟ ରେଳବାଇ ମୁଖ୍ୟକାର୍ଯ୍ୟାଳୟ କେବେ କାର୍ଯ୍ୟକ୍ଷମ ହେଲା ?**

କ. ୨୦୦୨ ମସିହାରେ ଖ. ୨୦୦୩ ମସିହାରେ ଗ. ୨୦୦୪ ମସିହାରେ ଘ. ୨୦୦୫ ମସିହାର

**୩୬. ବର୍ତ୍ତମାନ ଭାରତରେ କେତୋଟି ରେଳବାଇ ଜୋନ୍ ରହିଛି ?**

କ. ୭ଟି ଖ. ୧୦ଟି ଗ. ୧୨ଟି ଘ. ୧୬ଟି

**୩୭. ବିଜୁ ପଟ୍ଟନାୟକ ବିମାନ ବନ୍ଦର କେଉଁ ଠାରେ ଅବସ୍ଥିତ ?**

କ. କଟକ ଖ. ଗଞ୍ଜାମ ଗ. ଭୁବନେଶ୍ୱର ଘ. ରାଉରକେଲା

**୩୮. ଓଡ଼ିଶାର କେଉଁ ବିମାନବନ୍ଦରକୁ କଷ୍ଟମ୍ସ୍ ବିମାନ ବନ୍ଦର ଭାବେ ଘୋଷଣା କରାଯାଇଛି ।**

କ. ଝାରସୁଗୁଡ଼ା ଖ. ଭୁବନେଶ୍ୱର ଗ. ରାଉରକେଲା ଘ. ଭବାନୀପାଟଣା

**୩୯. କେବେ ପାରାଦ୍ୱୀପ ବନ୍ଦରକୁ ରେଳପଥ ସହିତ ସଂଯୁକ୍ତ କରାଗଲା ?**

କ. ୧୯୭୦ ଖ. ୧୯୭୫ ଗ. ୧୯୮୦ ଘ. ୧୯୮୫

**୪୦. ଗୋପାଳପୁର ବନ୍ଦର କେବେଠାରୁ କାର୍ଯ୍ୟ କରୁଛି ?**

କ. ୧୯୭୦ ଖ. ୧୯୮୦ ଗ. ୧୯୮୭ ଘ. ୧୯୯୫

**୪୧. ଧାମରାସ୍ଥିତ ବୃହତ ବନ୍ଦର ନିର୍ମାଣରେ କେଉଁ କମ୍ପାନୀ ସହାୟତା କରିଛି ?**

କ. ଟାଟା ଖ. ଅଲ୍‌ଟ୍ରାଟୋକ୍ ଗ. ଇନ୍‌ଫୋସିସ୍ ଘ. ମହୀନ୍ଦ୍ରା

**୪୨. ସ୍ୱାଧୀନତା ପ୍ରାପ୍ତି ବେଳକୁ ଓଡ଼ିଶାର କେଉଁ ସ୍ଥାନରେ ତାପଜ ବିଦ୍ୟୁତ୍ କେନ୍ଦ୍ର ଥିଲା ?**

କ. ସମ୍ବଲପୁର ଓ ତାଳଚେର ଖ. ଚୌଦ୍ୱାର ଓ ବ୍ରହ୍ମପୁର

ଗ. କଟକ ଓ ଭୁବନେଶ୍ୱର ଘ. ଗୋପାଳପୁର ଓ ପାରାଦ୍ୱୀପ

**୪୩. କେବେ ହୀରାକୁଦ ଜଳ ବିଦ୍ୟୁତ୍ ପ୍ରକଳ୍ପର କାର୍ଯ୍ୟ ଆରମ୍ଭ ହେଲା ?**

କ. ୧୯୪୨ ଖ. ୧୯୪୫ ଗ. ୧୯୪୮ ଘ. ୧୯୫୦

**୪୪. କେବେ ହୀରାକୁଦ ଜଳ ବିଦ୍ୟୁତ୍ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲା ?**

କ. ୧୯୪୮ ଖ. ୧୯୫୦ ଗ. ୧୯୫୫ ଘ. ୧୯୫୭

**୪୫. ଓଡ଼ିଶା ବୈଦ୍ୟୁତିକ ସଂସ୍କାର ଆଉନ ୧୯୯୫ କେବେ କାର୍ଯ୍ୟକାରୀ ହେଲା ?**

କ. ଏପ୍ରିଲ୍ ୧, ୧୯୯୬ ଖ. ମାର୍ଚ୍ଚ ୨, ୧୯୯୫

ଗ. ଜୁନ୍ ୨୩, ୧୯୯୮ ଘ. ଅଗଷ୍ଟ ୮, ୧୯୯୯

**୪୬. ରାଜୀବ ଗାନ୍ଧୀ ଗ୍ରାମୀଣ ବିଦ୍ୟୁତୀକରଣ ଯୋଜନା କେବେଠାରୁ କାର୍ଯ୍ୟ କରୁଛି ?**

କ. ୨୦୦୪ ଖ. ୨୦୦୬ ଗ. ୨୦୧୦ ଘ. ୨୦୧୪

**୪୭. ବିଜୁ ଗ୍ରାମଜ୍ୟୋତି ଯୋଜନା କେବେ ଆରମ୍ଭ ହେଲା ?**

କ. ୨୦୦୪ ଖ. ୨୦୦୫ ଗ. ୨୦୦୬ ଘ. ୨୦୦୭

**୪୮. ସୁବର୍ଣ୍ଣ ତ୍ରିଭୁଜ କେଉଁ ପର୍ଯ୍ୟଟନ କ୍ଷେତ୍ରକୁ ଯୋଗ କରୁଛି ?**

କ. ଭୁବନେଶ୍ୱର, ପୁରୀ କୋଣାର୍କ ଖ. ଭୁବନେଶ୍ୱର, ବାଲେଶ୍ୱର, ସମ୍ବଲପୁର

ଗ. ମୟୁରଭଞ୍ଜ, କଳାହାଣ୍ଡି, ବରଗଡ଼ ଘ. କଟକ, ପୁରୀ, ଗଞ୍ଜାମ

**୪୯. କେଉଁ ଠାରେ ତାପଜ ବିଦ୍ୟୁତ୍ କେନ୍ଦ୍ର ସ୍ଥାପିତ ହୋଇଛି ?**

କ. ରେଙ୍ଗାଲୀ ଖ. ଇବ୍ ଗ. ଅପରକୋଲାବ ଘ. ମାଛକୁଣ୍ଡ

**୫୦ ଅବିଭକ୍ତ ପୁରୀ ଜିଲ୍ଲା କେତୋଟି କେନାଲ ଦ୍ୱାରା ସେଚିତ ହେଉଛି ?**

କ. ୮ଟି ଖ. ୧୦ଟି ଗ. ୧୫ଟି ଘ. ୧୭ଟି

## ଉତ୍ତର

| | | | | | | | |
|---|---|---|---|---|---|---|---|
| ୧. କ | ୨. ଖ | ୩. ଘ | ୪. ଖ | ୫. ଘ | ୬. କ | ୭. ଖ | |
| ୮. ଗ | ୯. ଖ | ୧୦. ଗ | ୧୧. ଘ | ୧୨. କ | ୧୩. ଖ | ୧୪. ଘ | |
| ୧୫. କ | ୧୬. ଗ | ୧୭. ଘ | ୧୮. ଗ | ୧୯. କ | ୨୦. ଖ | ୨୧. ଗ | |
| ୨୨. କ | ୨୩. ଗ | ୨୪. କ | ୨୫. ଗ | ୨୬. ଗ | ୨୭. କ | ୨୮. ଖ | |
| ୨୯. କ | ୩୦. ଖ | ୩୧. ଗ | ୩୨. ଘ | ୩୩. କ | ୩୪. ଗ | ୩୫. ଖ | |
| ୩୬. ଘ | ୩୭. ଗ | ୩୮. ଖ | ୩୯. ଖ | ୪୦. ଗ | ୪୧. କ | ୪୨. ଖ | |
| ୪୩. ଗ | ୪୪. ଘ | ୪୫. କ | ୪୬. ଖ | ୪୭. ଘ | ୪୮. କ | ୪୯. ଖ | ୫୦. କ |

# ଦୀର୍ଘ ଉତ୍ତରମୂଳକ ପ୍ରଶ୍ନୋତ୍ତର

**୧. ଓଡ଼ିଶାର କୃଷକ ଜଳସେଚନ କ୍ଷେତ୍ରରେ ସମ୍ମୁଖୀନ ହେଉଥିବା ସମସ୍ୟା ଏବଂ ଏହା ସମ୍ପର୍କିତ ଉପଲବ୍ଧ ସୁଯୋଗ ବିଷୟରେ ବିବରଣୀ ପ୍ରଦାନ କର ।**

i. ପ୍ରାକୃତିକ ବୃଷ୍ଟିପାତର କୌଣସି ସ୍ଥିରତା ରହୁନଥିବାରୁ ଓଡ଼ିଶାର ଋଷୀ ବୃଷ୍ଟିଜଳ ଉପରେ ଭରସା କରିପାରେ ନାହିଁ । ତେଣୁ କୃଷିକ୍ଷେତ୍ରରେ ସ୍ଥାୟୀ ଜଳସେଚନର ଆବଶ୍ୟକତା ରହିଛି ।

ii. ସ୍ଥାୟୀ ଜଳସେଚନ ଉଦ୍ଦେଶ୍ୟରେ ଓଡ଼ିଶାରେ ପ୍ରବାହିତ ନଦୀ ଗୁଡ଼ିକରେ ବନ୍ଧ ବା ଆନିକଟ ନିର୍ମାଣ କରାଯାଇ କେନାଲ ଯୋଗେ ଜଳସେଚନର ବ୍ୟବସ୍ଥା ହୋଇଛି ।

iii. ମହାନଦୀ ତ୍ରିକୋଣଭୂମି ଅଞ୍ଚଳରେ ତାଳଦଣ୍ଡା, ମାଛଗାଁ, କେନ୍ଦ୍ରାପଡ଼ା, ପଟ୍ଟାମୁଣ୍ଡାଇ କେନାଲ୍ ଦ୍ୱାରା, ପୁରୀ ଜିଲ୍ଲାର ପୁରୀ କେନାଲ, ବରଗଡ଼ ଓ ସମ୍ବଲପୁର ଜିଲ୍ଲାରେ ହୀରାକୁଦ ନଦୀବନ୍ଧ ଯୋଜନା ଦ୍ୱାରା ଜଳସେଚନ ହେଉଛି ।

iv. ରେଙ୍ଗାଲି ପ୍ରକଳ୍ପ, ହଦଗଡ଼, ନଦୀବନ୍ଧ, ଅପର କୋଲାବ, ବାଲିମେଳା, ଇନ୍ଦ୍ରାବତୀ ପ୍ରକଳ୍ପ ଦ୍ୱାରା ଓଡ଼ିଶାର ଅନେକ ଅଞ୍ଚଳ ଜଳସେଚିତ ହେଉଛି ।

**୨. ଓଡ଼ିଶାର କୃଷି ସମ୍ପର୍କୀୟ ଗବେଷଣା ପାଇଁ କେଉଁ କେଉଁ ଅନୁଷ୍ଠାନଗୁଡ଼ିକ କାର୍ଯ୍ୟରତ ?**

i. କୃଷି ସମ୍ପର୍କିତ ଗବେଷଣା ପାଇଁ କଟକ ସ୍ଥିତ କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ର, ସାକ୍ଷୀଗୋପାଳ ସ୍ଥିତ ନାରିକେଳ ଗବେଷଣା କେନ୍ଦ୍ର, ଭୁବନେଶ୍ୱର ସ୍ଥିତ କୌଶଲ୍ୟାଗଙ୍ଗ କେନ୍ଦ୍ରୀୟ ମଧୁର ଜଳ ମତ୍ସ୍ୟ ପ୍ରତିଷ୍ଠାନ କେନ୍ଦ୍ର କାର୍ଯ୍ୟରତ ।

ii. ଭୁବନେଶ୍ୱର ଠାରେ ପ୍ରତିଷ୍ଠିତ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଓ ସମ୍ବଲପୁର ନିକଟସ୍ଥ ଚିପିଲିମାଠାରେ ପ୍ରତିଷ୍ଠିତ କୃଷି ମହାବିଦ୍ୟାଳୟ କାର୍ଯ୍ୟରତ ।

iii. କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧୀନରେ ଏକ ପଶୁ ମହାବିଦ୍ୟାଳୟ ମଧ୍ୟ ରହିଛି ।

iv. କୃଷି ବିଜ୍ଞାନ କେନ୍ଦ୍ର ଓ ବିହନ ଯୋଗାଣ କେନ୍ଦ୍ର ଓଡ଼ିଶାର କୃଷକମାନଙ୍କୁ ବୈଷୟିକ ସହାୟତା ପ୍ରଦାନ କରୁଛି ।

**୩. ପାରାଦୀପ ବନ୍ଦରର କାର୍ଯ୍ୟକାରିତା ସମ୍ପର୍କରେ ଏକ ବିବରଣୀ ପ୍ରଦାନ କର ।**

i. ୧୯୬୬ ମସିହା ଠାରୁ ପାରାଦୀପ ବନ୍ଦର କାର୍ଯକ୍ଷମ ହୋଇ ପାରିଛି । ପ୍ରଥମେ ଏଠାରୁ ଲୁହାପଥର ରପ୍ତାନୀ ହୋଇପାରୁଥିଲା । ଏହା ଏକ ଗଭୀର ପୋତାଶ୍ରୟ ହୋଇଥିବାରୁ ଏହାକୁ ବଡ଼ ବଡ଼ ଜାହାଜ ଆସିପାରୁଥିଲା ।

ii. ୧୯୭୧-୭୨ ମସିହାରେ ଏହି ବନ୍ଦର ୧୯ ଲକ୍ଷ ଟନ୍ ପଣ୍ୟ କାରବାର କରିଥିଲା ଏବଂ ସମୟକ୍ରମେ ଏଥିରେ ବୃଦ୍ଧି ହୋଇଥିଲା ।

iii. ୧୯୭୫ ମସିହାରେ ପାରାଦୀପକୁ ରେଳପଥ ସହିତ ସଂଯୁକ୍ତ କରାଗଲା ଏବଂ ଏହାକୁ ଭିତ୍ତିକରି ନିକଟବର୍ତ୍ତୀ ଅଞ୍ଚଳରେ ପାରାଦୀପ ଫସ୍‌ଫେଟସ୍ ଭଳି କଳକାରଖାନା ଗଢ଼ି ଉଠିଲା ।

iv. ପାରାଦୀପ ଠାରେ ଏକ ତୈଳ ବିଶୋଧନାଗାର ନିର୍ମାଣ କରାଯାଉଛି ।

**୪. ଓଡ଼ିଶାର ବିଦ୍ୟୁତ୍ ଶକ୍ତି ଉତ୍ପାଦନ ଉତ୍ସ ଗୁଡ଼ିକ କ'ଣ ?**

i. ଓଡ଼ିଶାରେ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ନିମନ୍ତେ ଚୌଦ୍ୱାର, ବ୍ରହ୍ମପୁର, ଇବ୍ ଓ ତାଳଚେରରେ ତାପଜ ବିଦ୍ୟୁତ୍ କେନ୍ଦ୍ର ରହିଛି ।

ii. ହୀରାକୁଦ ଜଳ ବିଦ୍ୟୁତ୍ ପ୍ରକଳ୍ପ, ବାଲିମେଳା ଜଳ ବିଦ୍ୟୁତ୍ ପ୍ରକଳ୍ପ, ରେଙ୍ଗାଲି ଜଳ ବିଦ୍ୟୁତ୍ ପ୍ରକଳ୍ପ, ଅପର କୋଲାବ ଜଳ ବିଦ୍ୟୁତ୍ ପ୍ରକଳ୍ପ, ଅପର ଇନ୍ଦ୍ରାବତୀ ଜଳ ବିଦ୍ୟୁତ୍ ପ୍ରକଳ୍ପ ଓ ମାଛକୁଣ୍ଡ ଜଳ ବିଦ୍ୟୁତ୍ ପ୍ରକଳ୍ପ ଇତ୍ୟାଦି ବିଦ୍ୟୁତ୍ ଶକ୍ତି ଉତ୍ପାଦନରେ ଉଲ୍ଲେଖନୀୟ ଭୂମିକା ନିର୍ବାହ କରୁଛନ୍ତି ।

iii. କେନ୍ଦ୍ରୀୟ ଶକ୍ତି କେନ୍ଦ୍ର ମାନଙ୍କରୁ ଓଡ଼ିଶାକୁ କିଛି ପରିମାଣର ବିଦ୍ୟୁତ୍ ଶକ୍ତି ମିଳୁଛି ।

iv. ଓଡ଼ିଶାରେ ପ୍ରତିଷ୍ଠିତ ଶିଳ୍ପ ମାନଙ୍କର ନିଜସ୍ୱ ଶକ୍ତି କେନ୍ଦ୍ରମାନେ କିଛି ପରିମାଣର ବିଦ୍ୟୁତ୍ ଶକ୍ତି ଓଡ଼ିଶା ଗ୍ରୀଡ଼ କର୍ପୋରେସନକୁ ଦେଇଥାନ୍ତି ।

**୫. ପର୍ଯ୍ୟଟନର ବିକାଶ ନିମନ୍ତେ କେଉଁ ପଦକ୍ଷେପ ଗ୍ରହଣ କରାଯାଇଛି ?**

i. ପର୍ଯ୍ୟଟକମାନଙ୍କ ସୁବିଧା ପାଇଁ ଭୁବନେଶ୍ୱର, ପୁରୀ, କୋଣାର୍କ ସୁବର୍ଣ୍ଣ ତ୍ରିଭୁଜ ଓ ରାଜ୍ୟର ଅନ୍ୟାନ୍ୟ ପର୍ଯ୍ୟଟନ କ୍ଷେତ୍ର ମାନଙ୍କରେ ଅନେକ ହୋଟେଲ ଓ ଅତିଥିଗୃହ ଖୋଲିଛି ।

ii. ପର୍ଯ୍ୟଟନସ୍ଥଳୀ ମାନଙ୍କରେ ଓଡ଼ିଶା ସରକାର ପାନ୍ଥ ନିବାସ ଓ ପାନ୍ଥିକାମାନ ନିର୍ମାଣ କରିଛନ୍ତି ।

iii. ଚିଲିକା, ଭିତରକନିକାରେ ଜଳଯାତ୍ରା ପାଇଁ ସରକାରୀ ବୋଟ୍ ଯୋଗାଇ ଦିଆଯାଇଛି ।

iv. ସରକାରୀ ପାନ୍ଥ ନିବାସ ସାଙ୍ଗକୁ ବଡ଼ ବଡ଼ ପର୍ଯ୍ୟଟନ ସ୍ଥଳୀରେ ଘରୋଇ ହୋଟେଲ ଖୋଲାଯାଇଛି ।

**୬. ଓଡ଼ିଶାରେ ଶିଳ୍ପ ଓ କୃଷି କ୍ଷେତ୍ରରେ ଭିତ୍ତିଭୂମିର ବିକାଶ ପାଇଁ କେଉଁ ସଂସ୍ଥାମାନେ କାର୍ଯ୍ୟରତ ଅଛନ୍ତି ?**

ଓଡ଼ିଶାର ଶିଳ୍ପ ଓ କୃଷି କ୍ଷେତ୍ରରେ ଭିତ୍ତିଭୂମିର ବିକାଶ ପାଇଁ ନିମ୍ନଲିଖିତ ସଂସ୍ଥାମାନେ କାର୍ଯ୍ୟରତ ଅଛନ୍ତି -

(୧) ଓଡ଼ିଶା ଶିଳ୍ପ ଉନୟନ ଓ ଅର୍ଥ ନିବେଶ ନିଗମ ।

(୨) ଓଡ଼ିଶା ଶିଳ୍ପ ଉନ୍ନୟନ ନିଗମ ।

(୩) ଓଡ଼ିଶା ରାଜ୍ୟ ବୈଦ୍ୟୁତିକ ସାମଗ୍ରୀ ଉନ୍ନୟନ ନିଗମ ।

(୪) ଶିଳ୍ପ ଭିତ୍ତିଭୂମି ବିକାଶ ନିଗମ

(୫) ଓଡ଼ିଶା କୃଷି ଓ ଅର୍ଥ ଉନ୍ନୟନ ଓ ଅର୍ଥ ନିବେଶ ନିଗମ ।

(୬) ଓଡ଼ିଶା ରାଜ୍ୟ ଅର୍ଥ ନିଗମ ।

(୭) ଓଡ଼ିଶା ମତ୍ସ୍ୟରକ୍ଷ ଉନ୍ନୟନ ନିଗମ ।

(୮) ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ ।

(୯) ଓଡ଼ିଶା କ୍ଷୁଦ୍ର ଶିଳ୍ପ ନିଗମ ।

(୧୦) ଇନଫୋସିଟି ।

# କ୍ଷୁଦ୍ର ଉତ୍ତରମୂଳକ ପ୍ରଶ୍ନୋତ୍ତର

**୧. ୧୯୪୬ ମସିହା ପର୍ଯ୍ୟନ୍ତ ଓଡ଼ିଶାର ଭିତ୍ତିଭୂମିର ବିକାଶ ହୋଇପାରି ନଥିଲା କାହିଁକି ?**

i. ୧୯୩୬ ମସିହାରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ହେବା ସମୟରୁ ୧୯୪୬ ମସିହା ପର୍ଯ୍ୟନ୍ତ ରାଜ୍ୟରେ ରାଜନୈତିକ ଅସ୍ଥିରତା ଲାଗି ରହିଥିଲା ।

ii. ୧୯୩୯ ରୁ ୧୯୪୫ ପର୍ଯ୍ୟନ୍ତ ଦ୍ୱିତୀୟ ବିଶ୍ୱଯୁଦ୍ଧ, ୧୯୪୨ ମସିହାର ଭାରତଛାଡ଼ ଆନ୍ଦୋଳନ ଇତ୍ୟାଦି କାରଣରୁ ଓଡ଼ିଶାର ଭିତ୍ତିଭୂମିର ବିକାଶ ସମ୍ଭବପର ହୋଇ ନଥିଲା ।

**୨. କେଉଁ ଆଧାରକୁ ନେଇ ଭିତ୍ତିଭୂମିର ବିକାଶ ସମ୍ଭବ ହୁଏ ?**

ଉ. ଜଳସେଚନ, ରାସ୍ତାଘାଟର ଉନ୍ନତୀକରଣ ଓ ଗମନା ଗମନର ସୁବିଧା, ପରିବହନ ପାଇଁ ସୁବିଧା ସୁଯୋଗ, ରେଳପଥର ବିକାଶ, ବିମାନଘାଟୀ ଓ ପୋତାଶ୍ରୟର ବ୍ୟବସ୍ଥା, ଯୋଗାଯୋଗ, ମାନବସମ୍ବଳର ବିକାଶ, ଶକ୍ତିକ୍ଷେତ୍ରର ବିକାଶ, ଅର୍ଥ ଯୋଗାଣ ବ୍ୟବସ୍ଥା, ପର୍ଯ୍ୟଟନ ପାଇଁ ଆତିଥ୍ୟ ଯୋଗାଣର ବ୍ୟବସ୍ଥା, ଉଦ୍ୟୋଗପତି ମାନଙ୍କୁ ପ୍ରଶିକ୍ଷଣ, ସରକାରୀ ପ୍ରୋତ୍ସାହନ ଇତ୍ୟାଦି ଆଧାରକୁ ନେଇ ଭିତ୍ତିଭୂମିର ବିକାଶ ସମ୍ଭବପର ହୁଏ ।

**୩. କୃଷି ପାଇଁ ଆବଶ୍ୟକ ଭିତ୍ତିଭୂମି ସମ୍ପର୍କିତ ବିଭାଗ ଗୁଡ଼ିକ କ'ଣ ?**

i. କୃଷି ପାଇଁ ଆବଶ୍ୟକ ଭିତ୍ତିଭୂମି ସମ୍ପର୍କିତ ବିଭାଗ ଗୁଡ଼ିକ ହେଲା ଜଳସେଚନ, କୃଷି ବିଜ୍ଞାନ ଓ କୃଷିକ୍ଷେତ୍ରରେ ଆଧୁନିକ ଜ୍ଞାନ କୌଶଳର ପ୍ରୟୋଗ, ଉନ୍ନତ ସାର ବିହନ ଯୋଗାଣ, ରୋଗ ପୋକ ନିୟନ୍ତ୍ରଣ ଏବଂ ଆବଶ୍ୟକବେଳେ କୃଷକ ମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ ।

**୪. ରାଜ୍ୟକୁ ଶିଳ୍ପୋଦ୍ୟୋଗୀମାନଙ୍କୁ ଆକର୍ଷିତ କରିବାର ମାଧ୍ୟମଗୁଡ଼ିକ କ'ଣ ?**

ଉ. ରାଜ୍ୟକୁ ଶିଳ୍ପୋଦ୍ୟୋଗୀମାନଙ୍କୁ ଆକର୍ଷିତ କରିବାକୁ ହେଲେ ସେମାନଙ୍କୁ ପରିବହନର ସୁବିଧା, ଆବଶ୍ୟକୀୟ ଜମି ଓ ଜଳ, ଉନ୍ନତ ଯୋଗାଯୋଗ ଓ ଗମନାଗମନ ବ୍ୟବସ୍ଥା, ପ୍ରଶିକ୍ଷିତ ମାନବଶକ୍ତି, ବିଜୁଳି ଶକ୍ତି, ଉଦ୍ୟୋଗପତି ମାନଙ୍କୁ ପ୍ରଶିକ୍ଷଣ ଇତ୍ୟାଦିର ଆବଶ୍ୟକତା ରହିଛି ।

**୫. ଉନ୍ନତ ପରିବହନ ବ୍ୟବସ୍ଥାର ଗୁରୁତ୍ୱ କ'ଣ ?**

i. କୃଷି, ଶିଳ୍ପ, ପର୍ଯ୍ୟଟନ ଓ ସାମାଜିକ ଐକ୍ୟ ପାଇଁ ଉନ୍ନତ ଗମାନଗମନ ଓ ପରିବହନ ବ୍ୟବସ୍ଥା ନିହାତି ଆବଶ୍ୟକ ।

ii. ଉନ୍ନତ ମାନର ରାସ୍ତାଘାଟ ଗମନାଗମନ ବ୍ୟବସ୍ଥାକୁ ସୁଗମ କରେ ଓ ଗନ୍ତବ୍ୟ ସ୍ଥାନରେ ପହଞ୍ଚିବା ପାଇଁ ସମୟ ଅବଧିକୁ ହ୍ରାସ କରେ ।

**୬. ଓଡ଼ିଶାର ସଡ଼କ ନିର୍ମାଣ କାର୍ଯ୍ୟ କିପରି ତ୍ୱରାନ୍ୱିତ ହୋଇଛି ?**

i. ଓଡ଼ିଶାରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଗାଁ ଗହଳରେ ଅନେକ ପକ୍କା ରାସ୍ତା ନିର୍ମାଣ କରାଯାଇଛି ।

ii. ଓଡ଼ିଶାର ରାଜଧାନୀ ଭୁବନେଶ୍ୱର ଓ ପ୍ରମୁଖ ସହରମାନଙ୍କ ଆଭ୍ୟନ୍ତରୀଣ ରାସ୍ତାଗୁଡ଼ିକୁ ଉନ୍ନତ ମାନର ଓ ପ୍ରଶସ୍ତ କରାଯାଇଛି ।

**୭. ଓଡ଼ିଶାରେ କେଉଁ ପ୍ରମୁଖ ବନ୍ଦର କାର୍ଯ୍ୟକ୍ଷମ ହୋଇଛି ?**

i. ୧୯୬୬ ମସିହାରୁ ପାରାଦ୍ୱୀପ ବନ୍ଦର ଏବଂ ୧୯୮୭ ମସିହା ଠାରୁ ଗୋପାଳପୁର ବନ୍ଦର କାର୍ଯ୍ୟକ୍ଷମ ହୋଇଛି ।

ii. ଟାଟା କମ୍ପାନୀ ସହାୟତାରେ ଧାମରା ଠାରେ ଏକ ବୃହତ ବନ୍ଦରର ନିର୍ମାଣ ସମ୍ଭବ ହୋଇଛି ।

**୮. ଓଡ଼ିଶାର ପ୍ରମୁଖ ଜଳ ବିଦ୍ୟୁତ୍ ପ୍ରକଳ୍ପ ଗୁଡ଼ିକର ନାମ ଲେଖ ।**

i. ଓଡ଼ିଶାର ପ୍ରମୁଖ ଜଳ ବିଦ୍ୟୁତ୍ ପ୍ରକଳ୍ପ ଗୁଡ଼ିକ ହେଲା - ହୀରାକୁଦ ଜଳ ବିଦ୍ୟୁତ୍ ପ୍ରକଳ୍ପ, ବାଲିମେଳା ଜଳ ବିଦ୍ୟୁତ୍ ପ୍ରକଳ୍ପ, ରେଙ୍ଗାଲି ଜଳ ବିଦ୍ୟୁତ୍ ପ୍ରକଳ୍ପ, ଅପର କୋଲାବ ଜଳ ବିଦ୍ୟୁତ୍ ପ୍ରକଳ୍ପ, ଅପର ଇନ୍ଦ୍ରାବତୀ ଜଳ ବିଦ୍ୟୁତ୍ ପ୍ରକଳ୍ପ ଓ ମାଛ କୁଣ୍ଡ ଜଳ ବିଦ୍ୟୁତ୍ ପ୍ରକଳ୍ପ ।

**୯. ଓଡ଼ିଶା ବୈଦ୍ୟୁତିକ ସଂସ୍କାର ଆଇନ ୧୯୯୫ ସମ୍ବନ୍ଧରେ ଏକ ବିବରଣୀ ପ୍ରଦାନ କର ।**

i. ବିଦ୍ୟୁତ୍ ଶକ୍ତିର ଉତ୍ପାଦନ ଓ ସୁଷମ ବଣ୍ଟନ ପାଇଁ ୧୯୯୬ ମସିହା ଏପ୍ରିଲ୍ ୧ ତାରିଖରେ ଓଡ଼ିଶା ବୈଦ୍ୟୁତିକ ସଂସ୍କାର ଆଇନ ୧୯୯୫ କାର୍ଯ୍ୟକାରୀ ହେଲା ।

ii. ଏହି ଆଇନ ବଳରେ ପୂର୍ବରୁ କାର୍ଯ୍ୟ କରୁଥିବା ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ପରିଷଦକୁ ପୁନର୍ଗଠିତ କରାଗଲା ।

**୧୦. ଗ୍ରାମାଞ୍ଚଳରେ ବିଦ୍ୟୁତ୍ ଶକ୍ତି ଯୋଗାଇ ଦେବା ନିମନ୍ତେ କେଉଁ ଯୋଜନା କାର୍ଯ୍ୟ କରୁଛି ?**

i. ଓଡ଼ିଶାର ଗ୍ରାମାଞ୍ଚଳକୁ ବିଦ୍ୟୁତ୍ ଶକ୍ତି ଯୋଗାଇ ଦେବା ନିମନ୍ତେ ୨୦୦୬ ମସିହାରୁ ରାଜୀବଗାନ୍ଧୀ ଗ୍ରାମୀଣ ବିଦ୍ୟୁତୀକରଣ ଯୋଜନା, କୁଟୀର ଜ୍ୟୋତି ଯୋଜନା ଏବଂ ୨୦୦୭ ମସିହାରୁ ବିଜୁ ଗ୍ରାମ ଜ୍ୟୋତି ଯୋଜନା କାର୍ଯ୍ୟକାରୀ ହେଉଛି ।

# ରାଜନୀତି ବିଜ୍ଞାନ

## ତୃତୀୟ ଅଧ୍ୟାୟ

## ସଡ଼କ ନିରାପତ୍ତା, ସଚେତନତା ଓ ଇନ୍ଧନ ସଂରକ୍ଷଣ

01. ଡ୍ରାଇଭିଂ ଲାଇସେନ୍ସ ପ୍ରାପ୍ତି ନିମନ୍ତେ ସର୍ବନିମ୍ନ ବୟସ ସୀମା କେତେ ?
(a) ୨୦ (b) ୨୧ (c) ୧୮ (d) ୧୫

02. ପ୍ରତିବର୍ଷ ଭାରତରେ କେତେ ଲୋକ ସଡ଼କ ଦୁର୍ଘଟଣାରେ ମୃତ୍ୟୁବରଣ କରିଥାନ୍ତି ?
(a) ୪୦୦୦ ରୁ ଅଧିକ (b) ଦେଢ଼ଲକ୍ଷରୁ ଅଧିକ
(c) ଦୁଇଲକ୍ଷରୁ ଅଧିକ (d) ପାଞ୍ଚଲକ୍ଷରୁ ଅଧିକ

03. ସଂପ୍ରତି ଓଡ଼ିଶା ରାଜ୍ୟରେ ଜାତୀୟ ରାଜପଥଠାରୁ ଗ୍ରାମ୍ୟ ରାସ୍ତା ପର୍ଯ୍ୟନ୍ତ ମୋଟ ପ୍ରାୟ କେତେ କିଲୋମିଟର ରାସ୍ତା ରହିଅଛି ?
(a) ୧ ଲକ୍ଷ ୬୫ ହଜାର (b) ୧ ଲକ୍ଷ ୭୫ ହଜାର
(c) ୨ ଲକ୍ଷ ୬୫ ହଜାର (d) ୨ ଲକ୍ଷ ୭୫ ହଜାର

04. ଦୁଇ ଚକିଆ ଯାନର ଯାତ୍ରୀ କ୍ଷମତା କେତେ ?
(a) ୩ (b) ୪ (c) ୧ (d) ୨

05. ନିଶାସକ୍ତ ହୋଇ ଗାଡ଼ି ଚାଳନା କଲେ କେଉଁ ପ୍ରକାର ଦଣ୍ଡ ରହିଛି ?
(a) ଜେଲ୍ (b) ଆର୍ଥିକ
(c) ଆର୍ଥିକ ଓ ଜେଲ୍ ଦଣ୍ଡ (d) **କୌଣସିଟି ନୁହେଁ**

06. ପ୍ରତିବର୍ଷ ଯାନବାହନ ସଂଖ୍ୟା ପ୍ରାୟ କେତେ ପ୍ରତିଶତ ବୃଦ୍ଧି ପାଉଛି ?
(a) ୧୦ (b) ୧୨ (c) ୧୫ (d) ୨୦

07. ଓଡ଼ିଶାରେ ବାର୍ଷିକ ପ୍ରାୟ କେତେ ଦୁର୍ଘଟଣା ଘଟୁଛି ?
(a) ୫୦୦୦ ରୁ କମ୍ (b) ୫୦୦୦ ରୁ କମ୍
(c) ୧୦,୦୦୦ ରୁ କମ୍ (d) ୧୦,୦୦୦ ରୁ ଅଧିକ

08. ଓଡ଼ିଶା ରାଜ୍ୟର କେତେ ପ୍ରତିଶତ ଦୁର୍ଘଟଣା କେବଳ ମାନବୀୟ ତ୍ରୁଟି ଯୋଗୁଁ ସଂଗଠିତ ହୋଇଥାଏ ?
(a) ୯୫ (b) ୯୦ (c) ୮୫ (d) ୮୦

09. ରାସ୍ତା ପାର ହେବା ପୂର୍ବରୁ ପ୍ରଥମେ କେଉଁ ପଟକୁ ଚାହିଁବା ଉଚିତ୍ ?
(a) ବାମ (b) ଡାହାଣ (c) ଉପର (d) ତଳ

10. କେନ୍ଦ୍ରୀୟ ମୋଟର ଯାନ ଆକ୍ଟ _______ ମସିହାରେ ସଂଶୋଧିତ ହୋଇଛି ।
(a) ୧୯୧୫ (b) ୧୯୧୮ (c) ୧୯୧୯ (d) ୧୯୨୧

11. ପ୍ରତିବର୍ଷ ସାରା ବିଶ୍ୱରେ କେତେ ଲୋକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥାନ୍ତି ?
(a) ସାତଲକ୍ଷରୁ ଅଧିକ (b) ଆଠଲକ୍ଷରୁ ଅଧିକ (c) ଦଶଲକ୍ଷରୁ ଅଧିକ (d) ପାଞ୍ଚଲକ୍ଷରୁ ଅଧିକ

12. ଗାଡ଼ି ଚଲାଇବା ସମୟରେ ମୋବାଇଲ ବ୍ୟବହାର କରୁଥିବା ଗାଡ଼ି ଚାଳକଙ୍କ ଉପରେ କେତେ ଗୁଣ ପର୍ଯ୍ୟନ୍ତ ଆର୍ଥିକ ଦଣ୍ଡ ବୃଦ୍ଧି କରାଯାଇଛି ?
(a) ୧୦ ଗୁଣ (b) ୧୨ ଗୁଣ (c) ୧୫ ଗୁଣ (d) ୨୦ ଗୁଣ

13. ନିଶାସକ୍ତ ହୋଇ ଗାଡ଼ିଚାଳନା କଲେ କେଉଁ ପ୍ରକାର ଦଣ୍ଡର ବ୍ୟବସ୍ଥା ରହିଛି ?
(a) ଜେଲ୍ (b) ଆର୍ଥିକ (c) ଶାରୀରିକ (d) ଆର୍ଥିକ ଓ ଜେଲ୍

14. ସଂଶୋଧିତ କେନ୍ଦ୍ରୀୟ ମୋଟର ଯାନ ଆକ୍ଟରେ ମୁଖ୍ୟତଃ କାହାକୁ ଅଧିକ ଗୁରୁତ୍ୱ ଦିଆଯାଉଛି ?
(a) ଦ୍ରୁତ ଗାଡ଼ିଚାଳନା ଓ ମଦ୍ୟପାନ (b) କ୍ଷତିପୂରଣ ଓ ଜୋରିମାନା
(c) କେବଳ ଜୋରିମାନା (d) ନିଶାସକ୍ତ ଗାଡ଼ିଚାଳନା

15. ଟ୍ରାଫିକ୍ ନିୟମ ଉଲ୍ଲଙ୍ଘନ କରୁଥିବା ଗାଡ଼ିଚାଳକ ମାନଙ୍କୁ ସଂଶୋଧିତ ମୋଟର ଯାନ ଆଇନ୍ ୨୦୧୯ ଅନୁସାରେ କେତେ ଗୁଣ ପର୍ଯ୍ୟନ୍ତ ଆର୍ଥିକ ଦଣ୍ଡ ବୃଦ୍ଧି କରାଯାଇଛି ?
(a) ୨ ଗୁଣ (b) ୮ ଗୁଣ (c) ୧୦ ଗୁଣ (d) ୧୨ ଗୁଣ

16. ଗୁଡ୍ ସମରିଟାନ୍ ପଲିସି ଅନୁଯାୟୀ ସଡ଼କ ଦୁର୍ଘଟଣାରେ ଆହତ ବ୍ୟକ୍ତିମାନଙ୍କୁ ନିକଟସ୍ଥ ଡାକ୍ତରଖାନାରେ ପହଞ୍ଚାଇଲେ କେତେ ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି ?
(a) ୧୦୦୦ ଟଙ୍କା (b) ୨୦୦୦ ଟଙ୍କା (c) ୩୦୦୦ ଟଙ୍କା (d) ୫୦୦୦ ଟଙ୍କା

17. ରାଜ୍ୟର ସଡ଼କ ଉପରେ ପ୍ରାୟ ______ ଲକ୍ଷ ଗାଡ଼ି ଚଳପ୍ରଚଳ କରୁଅଛି ।
(a) ୭୨ ଲକ୍ଷ (b) ୭୫ ଲକ୍ଷ (c) ୭୮ ଲକ୍ଷ (d) ୮୦ ଲକ୍ଷ

18. ପ୍ରତି ଶହେ ଦୁର୍ଘଟଣାରେ ଓଡ଼ିଶାରେ ______ ଜଣ ମୃତାହତ ହେଉଛନ୍ତି ?
(a) ୪୦ ଜଣ (b) ୪୨ ଜଣ (c) ୪୫ ଜଣ (d) ୫୫ ଜଣ

19. ଦୁର୍ଘଟଣାର ଆହତ ବ୍ୟକ୍ତିଙ୍କୁ ୧ ଘଣ୍ଟା ମଧ୍ୟରେ ବା ଗୋଲ୍‌ଡେନ୍ ଆୱାର ମଧ୍ୟରେ ଚିକିତ୍ସା କଲେ ମୃତ୍ୟୁହାର ପ୍ରାୟ କେତେ ପ୍ରତିଶତ ହ୍ରାସ କରାଯାଇପାରିବ ?
(a) ୬୦ (b) ୭୦ (c) ୭୫ (d) ୮୦

20. ଓଡ଼ିଶା ରାଜ୍ୟ ସରକାରଙ୍କ ସୋଲାସିୟମ୍ ଫଣ୍ଡ୍ ସ୍କିମ୍ ତରଫରୁ ହିଟ୍ ଓ ରନ୍ ମୋଟରଯାନ ଦୁର୍ଘଟଣା ମାମଲାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପରିବାରକୁ ______ ଟଙ୍କା ସହାୟତା ଦେବାର ବ୍ୟବସ୍ଥା ହୋଇଛି ।
(a) ୧ ଲକ୍ଷ (b) ୨ ଲକ୍ଷ (c) ୩ ଲକ୍ଷ (d) ୫୦ ହଜାର

21. ଓଡ଼ିଶା ରାଜ୍ୟ ସରକାରଙ୍କ ସୋଲାସିୟମ୍ ଫଣ୍ଡ୍ ସ୍କିମ୍ ତରଫରୁ ହିଟ୍ ଓ ରନ୍ ମୋଟର ଯାନ ଦୁର୍ଘଟଣା ମାମଲାରେ ଗୁରୁତର ଆହତ ହୋଇଥିବା ବ୍ୟକ୍ତିଙ୍କୁ ______ ଟଙ୍କା ସହାୟତା ଦେବାର ବ୍ୟବସ୍ଥା ହୋଇଛି ।
(a) ୨୦,୦୦୦ (b) ୩୦,୦୦୦ (c) ୪୦,୦୦୦ (d) ୫୦,୦୦୦

22. ଓଡ଼ିଶାର ରାଜପଥମାନଙ୍କରେ କେତେ ପ୍ରତିଶତରୁ ଅଧିକ ଦୁର୍ଘଟଣା ଘଟୁଅଛି ?
(a) ୨୦ (b) ୩୦ (c) ୪୦ (d) ୫୦

23. ବର୍ଷା, ଝଡ଼, କୁହୁଡ଼ି, ବରଫପାତ ଆଦି ଦୁର୍ଘଟଣାର କେଉଁ କାରଣରେ ଅନ୍ତର୍ଭୁକ୍ତ ?
(a) ଯାନ୍ତ୍ରିକ ତ୍ରୁଟି (b) ସଡ଼କ ତ୍ରୁଟି (c) ପାରିପାର୍ଶ୍ୱିକ ଅବସ୍ଥାରେ ତ୍ରୁଟି (d) ମାନବୀୟ ତ୍ରୁଟି

24. ସଡ଼କ ଓ ପରିବହନ ବ୍ୟବସ୍ଥାରେ ______ ଟି ପ୍ରମୁଖ ଉପାଦାନ ରହିଛି ।
(a) ୩ଟି (b) ୪ଟି (c) ୫ଟି (d) ୬ଟି

25. ______ ମସିହାରେ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଓଡ଼ିଶା ସରକାର ଓଡ଼ିଶା ଗୁଡ୍ ସମରିଟାନ୍ ନୀତି ପ୍ରଣୟନ କରିଛନ୍ତି ।
(a) ୨୦୧୧ (b) ୨୦୧୨ (c) ୨୦୧୩ (d) ୨୦୧୪

26. ଟ୍ରାଫିକ୍ ଚିହ୍ନର ପ୍ରମୁଖ ଭେଦ କେତେ ପ୍ରକାରର ?
(a) ୨ (b) ୩ (c) ୪ (d) ୫

27. ଦ୍ରୁତ ଗତି ଓ ବେପରୁଆ ଗାଡ଼ିଚାଳନା କେଉଁ ତ୍ରୁଟିରେ ଅନ୍ତର୍ଭୁକ୍ତ ?
(a) ମାନବୀୟ ତ୍ରୁଟି (b) ସଡ଼କ ତ୍ରୁଟି (c) ଗାଡ଼ିର ଯାନ୍ତ୍ରିକ ତ୍ରୁଟି (d) ପାରିପାର୍ଶ୍ୱିକ ତ୍ରୁଟି

28. **ଗାଡ଼ି ଚାଳକମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ସଡ଼କ ନିରାପତ୍ତା ବ୍ୟବସ୍ଥାର କେଉଁ ବର୍ଗରେ ଶ୍ରେଣୀ ଭୁକ୍ତ ?**
(a) ଶିକ୍ଷା (b) ବଳବତ୍ତକରଣ (c) ଇଞ୍ଜିନିୟରିଂ ଓ ଭିତ୍ତିଭୂମି (d) କୌଣସିଟି ନୁହେଁ

29. **ବଳବତ୍ତକରଣ ନିମ୍ନୋକ୍ତ କେଉଁ ନିୟମ ଉଲ୍ଲଙ୍ଘନ ଉପରେ ଗୁରୁତ୍ୱ ଦେଇନଥାଏ ?**
(a) ଗାଡ଼ି ଚଳନା ସମୟରେ ମଦ୍ୟପାନ (b) ସିଟ୍‌ବେଲ୍ଟ ବ୍ୟବହାର ନକରିବା
(c) ରାସ୍ତା ଉପରେ ବେନିୟମ ଜବରଦଖଲ (d) କୌଣସିଟି ନୁହେଁ ।

30. **"ଗାଡ଼ିଚଳକଙ୍କ ଉପରେ ମାନସିକ ଚାପ, ଆର୍ଥିକ ଚାପ ଓ ଭୟ ସୃଷ୍ଟି ହୋଇ ଶୃଙ୍ଖଳିତ ଗାଡ଼ିଚଳନା ନିମନ୍ତେ ଉଚିତ୍ ମାର୍ଗ ଦେଖାଇବା" ଏହା ସଡ଼କ ନିରାପତ୍ତା ବ୍ୟବସ୍ଥାର କେଉଁ ଶ୍ରେଣୀଭୁକ୍ତ ।**
(a) ଶିକ୍ଷା (b) ବଳବତ୍ତକରଣ
(c) ଇଞ୍ଜିନିୟରିଂ ଓ ଭିତ୍ତିଭୂମି (d) କୌଣସିଟି ନୁହେଁ

## ଉତ୍ତର

| | | | | | |
|---|---|---|---|---|---|
| 01. (c) | 02. (b) | 03. (c) | 04. (d) | 05. (c) | 06. (a) |
| 07. (d) | 08. (a) | 09. (a) | 10. (c) | 11. (d) | 12. (a) |
| 13. (d) | 14. (b) | 15. (c) | 16. (b) | 17. (a) | 18. (c) |
| 19. (a) | 20. (b) | 21. (d) | 22. (c) | 23. (c) | 24. (c) |
| 25. (d) | 26. (b) | 27. (a) | 28. (a) | 29. (c) | 30. (b) |

# ଦୀର୍ଘ ଉତ୍ତରମୂଳକ ପ୍ରଶ୍ନୋତ୍ତର

01. **ସଡ଼କ ପରିବହନ ବ୍ୟବସ୍ଥା କହିଲେ କ'ଣ ବୁଝ ?**
(a) ଦେଶ ତଥା ରାଜ୍ୟର ବିକାଶ ପ୍ରକ୍ରିୟାରେ ସଡ଼କ ଓ ପରିବହନ ଭଳି ଭିତ୍ତିଭୂମିର ପ୍ରସାର ମଣିଷର ଗତିଶୀଳତାକୁ ଅଧିକରୁ ଅଧିକ କ୍ରିୟାଶୀଳ ଓ ତ୍ୱରାନ୍ୱିତ କରିଛି ।
(b) ଦେଶ ତଥା ରାଜ୍ୟର ବିକାଶ ପ୍ରକ୍ରିୟାରେ ସଡ଼କ ଓ ପରିବହନ ଏକ ମୌଳିକ ଆବଶ୍ୟକତା ।
(c) ସଡ଼କ ଓ ପରିବହନ ବ୍ୟବସ୍ଥାରେ ୫ଟି ପ୍ରମୁଖ ଉପାଦାନ ରହିଛି ଯଥା- ସଡ଼କ, ଗାଡ଼ି, ଗାଡ଼ିଚଳକ, ରାସ୍ତା ବ୍ୟବହାରକାରୀ ଓ ପାରିପାର୍ଶ୍ୱିକ ଅବସ୍ଥା ।
(d) ଏ ସମସ୍ତ ସମନ୍ୱୟ ରହିବା ପ୍ରାଥମିକ ଆବଶ୍ୟକତା ।

02. **କାହାର ପ୍ରଭାବରେ ସଡ଼କ ଦୁର୍ଘଟଣାର ସମ୍ମୁଖୀନ ବୃଦ୍ଧି ପାଏ ?**
ସଡ଼କ ଦୁର୍ଘଟଣା ଏକ ଅପ୍ରାକୃତିକ ଘଟଣା ନିମ୍ନଲିଖିତ ପ୍ରଭାବ ଯୋଗୁ ସଡ଼କ ଦୁର୍ଘଟଣାର ସମ୍ଭାବନା ବୃଦ୍ଧି ପାଇଥାଏ, ଯଥା-
(a) ଯନ୍ତ୍ରଚଳିତ ଗାଡ଼ିରେ ତ୍ରୁଟି ପରିଲକ୍ଷିତ ହେଲେ ଦୁର୍ଘଟଣା ଘଟିଥାଏ ।
(b) ଜନସଂଖ୍ୟା, ଗତିଶୀଳତା, ଯାନବାହନ ସଂଖ୍ୟାରେ ଅହେତୁକ ବୃଦ୍ଧି, ଗାଡ଼ି ଓ ସଡ଼କ ନିର୍ମାଣରେ ଅତ୍ୟାଧୁନିକ ବିଜ୍ଞାନ କୌଶଳ ଓ ପ୍ରଯୁକ୍ତି ସଂପର୍କରେ ଗାଡ଼ି ଚଳକଙ୍କ ଅଜ୍ଞତା, ବ୍ୟବସାୟିକ ଗାଡ଼ି ଚଳନାରେ ପ୍ରତିଯୋଗିତା ମୂଳକ ମନୋଭାବ ଓ ସଡ଼କ ଉପରେ ବିଶୃଙ୍ଖଳିତ ବ୍ୟବହାର ଆଦି ସଡ଼କ ଦୁର୍ଘଟଣାର ସମ୍ଭାବନାକୁ ବୃଦ୍ଧି କରିଥାଏ ।
(c) ଖରାପ ପ୍ରାକୃତିକ ପରିବେଶ ମଧ୍ୟ ସଡ଼କ ଦୁର୍ଘଟଣାର ସମ୍ଭାବନାକୁ ବୃଦ୍ଧି କରିଥାଏ ।

03. **ସଡ଼କ ଦୁର୍ଘଟଣାର ପ୍ରମୁଖ କାରଣଗୁଡ଼ିକ ଲେଖ ।**
ସଡ଼କ ଦୁର୍ଘଟଣାର ପ୍ରମୁଖ କାରଣ ଗୁଡ଼ିକ ମଧ୍ୟରେ ସଡ଼କ ତ୍ରୁଟି, ଗାଡ଼ିର ଯାନ୍ତ୍ରିକ ତ୍ରୁଟି, ଗାଡ଼ିଚଳକ ଓ ରାସ୍ତା ବ୍ୟବହାରକାରୀଙ୍କ ତ୍ରୁଟି, ମନୁଷ୍ୟକୃତ ତ୍ରୁଟି ଓ ପାରିପାର୍ଶ୍ୱିକ ଅବସ୍ଥା ଆଦି ପ୍ରଧାନ ।

(a) **ସଡ଼କ ତ୍ରୁଟି :** ରାସ୍ତା ନିର୍ମାଣ, ଡିଜାଇନ୍, ରକ୍ଷଣାବେକ୍ଷଣ, ସଂପ୍ରସାରଣରେ ଅବହେଳା, ଅଦୃଶ୍ୟମାନ ଟ୍ରାଫିକ୍ ସଂକେତ, ଅତ୍ୟଧିକ ଭାରି ମାଲ୍ ପରିବହନ ଆଦି ସଡ଼କ ଦୁର୍ଘଟଣାର କାରଣ ହୋଇଥାଏ ।

(b) **ଗାଡ଼ିର ଯାନ୍ତ୍ରିକ ତ୍ରୁଟି :** ଯନ୍ତ୍ରଚାଳିତ ଗାଡ଼ିର ବ୍ରେକ୍, ଇଞ୍ଜିନ୍, ଷ୍ଟିୟରିଂ, ତେଲ ଟାଙ୍କି ପ୍ରଭୃତି ଯନ୍ତ୍ରରେ ତ୍ରୁଟି ପରିଲକ୍ଷିତ ହେଲେ ଦୁର୍ଘଟଣା ହୋଇଥାଏ ।

(c) **ମାନବୀୟ ତ୍ରୁଟି :** ଗାଡ଼ି ଚାଳକର ଦକ୍ଷତା, ଯୋଗ୍ୟତା ଓ ମାନ୍ୟତାର ଅଭାବ, ଟ୍ରାଫିକ୍ ନିୟମ ସଂପର୍କରେ ଅଜ୍ଞତା, ଦ୍ରୁତଗତି, ମଦ୍ୟପାନ, ମୋବାଇଲ୍ ଫୋନ୍‌ର ବ୍ୟବହାର, ହେଲ୍‌ମେଟ୍ ଓ ସିଟ୍‌ବେଲ୍ଟ ପିନ୍ଧିବାରେ ଅବହେଳା ଇତ୍ୟାଦି ଦୁର୍ଘଟଣାର କାରଣ ହୋଇଥାଏ ।

(d) **ପାରିପାର୍ଶ୍ୱିକ ଅବସ୍ଥା :** ବର୍ଷା, ଝଡ଼, କୁହୁଡ଼ି, ବରଫାବୃଷ୍ଟି, ଧୂଆଁଜାତ, ପ୍ରଭୃତି ପ୍ରାକୃତିକ ବିପର୍ଯ୍ୟୟ ବହୁ ସମୟରେ ଦୁର୍ଘଟଣାର କାରଣ ହୋଇଥାଏ ।

04. **ଓଡ଼ିଶାରେ ସଡ଼କ ଦୁର୍ଘଟଣାର ପରିବ୍ୟାପ୍ତି ଓ ଭୟାବହତା ବର୍ଣ୍ଣନା କର ।**

(a) ଓଡ଼ିଶାରେ ପ୍ରାୟ ୨ ଲକ୍ଷ ୬୫ ହଜାର କିଲୋମିଟର ରାସ୍ତା ଉପରେ ପ୍ରାୟ ୭୨ ଲକ୍ଷ ଗାଡ଼ି ଚଳପ୍ରଚଳ କରୁଛି । ପ୍ରତିବର୍ଷ ଯାନବାହନ ସଂଖ୍ୟା ୧୦ ପ୍ରତିଶତ ବୃଦ୍ଧି ପାଉଥିବା ବେଳେ ରାସ୍ତାର ଦୈର୍ଘ୍ୟ ଓ ପ୍ରସ୍ଥ ୧ ପ୍ରତିଶତରୁ କମ୍ ବୃଦ୍ଧି ପାଉଛି ।

(b) ରାଜ୍ୟର ସଡ଼କ ଦୁର୍ଘଟଣାରେ ବାର୍ଷିକ ପ୍ରାୟ ୪୦୦୦ ରୁ ଅଧିକ ମୃତାହତ ଓ ୧୦,୦୦୦ ରୁ ଅଧିକ ଆହତ ହେଉଛନ୍ତି ।

(c) ପ୍ରତି ୧୦୦ ଦୁର୍ଘଟଣାରେ ଓଡ଼ିଶାରୁ ୪୫ ଜଣ ମୃତାହତ ହେଉଛନ୍ତି । ତେଣୁ ଦୁର୍ଘଟଣାର ଭୟାବହତା ଅଧିକ ଚିନ୍ତାର କାରଣ ହୋଇଛି ।

(d) କେବଳ ରାଜପଥମାନଙ୍କରେ ଚାଳିଶିରୁ ଅଧିକ ପ୍ରତିଶତ ଦୁର୍ଘଟଣା ଘଟୁଛି ।

05. **ସଡ଼କ ଦୁର୍ଘଟଣାର ନିରାକରଣ ବ୍ୟବସ୍ଥା କ'ଣ ରହିଛି ?**

(a) ଶିକ୍ଷା (b) ବଳବନ୍ଧକରଣ (c) ଇଞ୍ଜିନିୟରିଂ ଓ ଭିତ୍ତିଭୂମି

(a) **ଶିକ୍ଷା :** ନିୟମିତ ଶିକ୍ଷା, ଜନସଚେତନତା ଓ ପ୍ରଶିକ୍ଷଣ ମାଧ୍ୟମରେ ପ୍ରତ୍ୟେକ ରାସ୍ତା ଓ ଯାନ ବ୍ୟବହାରକାରୀଙ୍କୁ ଟ୍ରାଫିକ୍ ନିୟମ, ଟ୍ରାଫିକ୍ ଶୃଙ୍ଖଳା ଓ ଟ୍ରାଫିକ୍ ବ୍ୟବହାର ସମ୍ବନ୍ଧରେ ଶିକ୍ଷିତ, ଅବଗତ ଓ ଦକ୍ଷ କରିବା ନିମନ୍ତେ ସଡ଼କ ନିରାପତ୍ତା ବ୍ୟବସ୍ଥାର ପ୍ରମୁଖ କାର୍ଯ୍ୟକ୍ରମ ରହିଛି ।

(b) **ବଳବନ୍ଧକରଣ :** ବଳବନ୍ଧକରଣ ଏକ ସରକାରୀ ନିୟନ୍ତ୍ରଣ ବ୍ୟବସ୍ଥା ଅଟେ । ମୋଟର ଯାନ ଆଇନ୍‌ରେ ମୋଟର ଯାନ ସଂପର୍କୀୟ ଅନେକ ନିୟମାବଳୀ ରହିଛି । ଏହାର କୌଣସି ନିୟମର ଉଲ୍ଲଙ୍ଘନ ହେଲେ ସଂପୃକ୍ତ ଗାଡ଼ି ମାଲିକ କିମ୍ବା ଗାଡ଼ି ଚାଳକଙ୍କ ବିରୋଧରେ ଆର୍ଥିକ କିମ୍ବା ଜେଲ୍ ଦଣ୍ଡ ଦେବାରେ ବଳବନ୍ଧକରଣର ଆଇନତଃ କ୍ଷମତା ରହିଛି ।

(c) **ଇଞ୍ଜିନିୟରିଂ ଏବଂ ଭିତ୍ତିଭୂମି :** ଦୁର୍ଘଟଣା ହ୍ରାସରେ ଯାନବାହନ, ରାସ୍ତା ଏବଂ ଆନୁଷଙ୍ଗିକ ଭିତ୍ତିଭୂମିର ପ୍ରମୁଖ ଭୂମିକା ରହିଛି ।

**ଗାଡ଼ିର ଯାନ୍ତ୍ରିକ ସ୍ଥିତି :** ଯଥା- ବ୍ରେକ୍, ଷ୍ଟିଅରିଂ, ଟାୟାରର ଗ୍ରୀପ୍, ତେଲଟାଙ୍କି, ପାର୍ଶ୍ୱ ଆଇନା, ହର୍ଣ୍ଣ ଆଦି ନିର୍ଭୁଲ ଭାବରେ କାର୍ଯ୍ୟକ୍ଷମ ରହିବା ଆବଶ୍ୟକ ।

**ବୈଜ୍ଞାନିକ ଓ ଇଞ୍ଜିନିୟରିଂ ପ୍ରଣାଳୀରେ ସଡ଼କର ଭିତ୍ତିଭୂମି :** ଯଥା- ଜ୍ୟାମିତିକ ଜଙ୍କସନ୍‌ର ଉନ୍ନତି, ଦୁର୍ଘଟଣା ପ୍ରବଣ ସ୍ଥାନର ଚିହ୍ନଟ, ସଂପ୍ରସାରଣ, ଅନୁମୋଦିତ ହମ୍ପ୍ ସ୍ଥାପନ, ଉପଯୁକ୍ତ ଚଲାପଥ, ସାଇକେଲ୍ ଟ୍ରାକ୍, ଟ୍ରାଫିକ୍ ସିଗ୍‌ନାଲ ଇତ୍ୟାଦି ସୁଦୃଢ଼ ହେବାର ଆବଶ୍ୟକତା ରହିଛି ।

06. **ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ନିମନ୍ତେ ଧାର୍ଯ୍ୟ କରାଯାଇଥିବା ମାର୍ଗଦର୍ଶନ ଗୁଡ଼ିକ ମଧ୍ୟରୁ ୫ଟି ଲେଖ ।**

(a) ୧୮ ବର୍ଷରୁ କମ୍ ପିଲାଙ୍କ ନିମନ୍ତେ ଡ୍ରାଇଭିଂ ଲାଇସେନ୍ସ ଉପଲବ୍ଧ ହୋଇପାରିବ ନାହିଁ ।

(b) ହାତ ଧରାଧରି ହୋଇ ସାଇକେଲ୍ ଚଳାଇବା ଉଚିତ୍ ନୁହେଁ । ସାଇକେଲ୍ ଟ୍ରାକ୍‌ରେ ସାଇକେଲ୍ ଚଳାଇବା ଉଚିତ୍ ।

(c) ରାସ୍ତା ପାରହେବା ପୂର୍ବରୁ ପ୍ରଥମେ ବାମକୁ, ତା'ପରେ ଡାହାଣକୁ, ପୁନର୍ବାର ବାମକୁ ଚାହିଁବା ଆବଶ୍ୟକ ।

(d) ଦ୍ରୁତଗତିରେ ସାଇକେଲ୍ ଚଲାଇବା ନାହିଁ ଓ କିମ୍ବା ସାହସିକ ଭିଡିଓଗେମ୍ ଦେଖି ମନକୁ ଚଳଚଞ୍ଚଳ କରିବା ନାହିଁ ।

(d) ଦୁଇ ଚକିଆ ଯାନରେ ଚାଳକଙ୍କ ବ୍ୟତୀତ କେବଳ ଜଣେ ବସିବା ଓ ଉଭୟ ହେଲ୍‌ମେଟ୍ ପିନ୍ଧିବା ବାଧ୍ୟତାମୂଳକ ।

# କ୍ଷୁଦ୍ର ଉତ୍ତରମୂଳକ ପ୍ରଶ୍ନୋତ୍ତର

**୧. ସଡ଼କ ଓ ପରିବହନ ବ୍ୟବସ୍ଥାର ମୁଖ୍ୟ ଉପାଦାନଗୁଡ଼ିକ କ'ଣ ?**

ଉ. ସଡ଼କ ଓ ପରିବହନ ବ୍ୟବସ୍ଥାର ୫ଟି ପ୍ରମୁଖ ଉପାଦାନ, ଯଥା; ସଡ଼କ, ଗାଡ଼ି, ଗାଡ଼ିଚାଳକ, ରାସ୍ତା ବ୍ୟବହାରକାରୀ ଓ ପାରିପାର୍ଶ୍ୱିକ ଅବସ୍ଥା ।

**୨. ଟ୍ରାଫିକ୍ ଚିହ୍ନର ପ୍ରମୁଖ ପ୍ରକାର ଭେଦ କ'ଣ ରହିଛି ?**

ଉ. ଟ୍ରାଫିକ୍ ଚିହ୍ନର ପ୍ରମୁଖ ପ୍ରକାର ଭେଦ ଯଥା - ଏହା ତିନି ଭାଗରେ ବିଭକ୍ତ

(କ) ବାଧ୍ୟତା ମୂଳକ ସଂକେତ

(ଖ) ସତର୍କତା ମୂଳକ ସଂକେତ

(ଗ) ସୂଚନାତ୍ମକ ସଂକେତ ।

**୩. ଗାଡ଼ି ଚାଳକ ପାଖରେ କେଉଁ ସବୁ ପ୍ରମାଣପତ୍ର ରହିବା ବାଧ୍ୟତାମୂଳକ ଅଟେ ?**

ଉ. ଗାଡ଼ିଚାଳକ ପାଖରେ ଗାଡ଼ିର ରେଜିଷ୍ଟ୍ରେସନ୍ ସାର୍ଟିଫିକେଟ୍ ଇନ୍‌ସୁରାନ୍ସ ସାର୍ଟିଫିକେଟ୍, ଫିଟ୍‌ନେସ୍, ପ୍ରଦୂଷଣ ନିୟନ୍ତ୍ରଣ, ଡ୍ରାଇଭିଂ ଲାଇସେନ୍ସ ଆଦି ରହିବା ବାଧ୍ୟତା ମୂଳକ ।

**୪. ସବୁଜ ପରିବହନ କହିଲେ କ'ଣ ବୁଝ ?**

ସବୁଜ ପରିବହନ କହିଲେ ସାଇକେଲ୍ ଚାଳନା ।

ଏହା ଇନ୍ଧନ ସଂରକ୍ଷଣର ଏକ ଉତ୍ତମ ମାର୍ଗ ।

**୫. ସମରିଟାନ୍ ନୀତି କହିଲେ କ'ଣ ବୁଝ ?**

ଉ. ଦୁର୍ଘଟଣାଗ୍ରସ୍ତ ଆହତଙ୍କୁ ତୁରନ୍ତ ମେଡ଼ିକାଲ୍ ଚିକିତ୍ସା ପ୍ରଦାନ କରି ତା'ର ଜୀବନ ବଞ୍ଚାଇବା ହେଉଛି ସମରିଟାନ୍ ନୀତି ।

**୬. ଛାତ୍ରଛାତ୍ରୀଙ୍କ ପାଇଁ ସଡ଼କ ନିରାପତ୍ତାର ଦୁଇଟି ମାର୍ଗଦର୍ଶନ ଲେଖ ?**

(କ) ରାସ୍ତା ପାରହେବା ପୂର୍ବରୁ ପ୍ରଥମେ ବାମକୁ, ତା'ପରେ ଡାହାଣକୁ ପୁନର୍ବାର ବାମକୁ ଚାହିଁବା ଆବଶ୍ୟକ ।

(ଖ) ଦୁଇ ଚକିଆ ଯାନରେ ଚାଳକ ବ୍ୟତୀତ କେବଳ ଜଣେ ବସିବା ଓ ଉଭୟ ହେଲ୍‌ମେଟ୍ ପିନ୍ଧିବା ବାଧ୍ୟତାମୂଳକ ।

**୭. ରାସ୍ତା ପାର ହେଲା ବେଳେ କି ସତର୍କତା ଅବଲମ୍ବନ କରିବ ?**

ଉ. ରାସ୍ତା ପାର ହେବା ପୂର୍ବରୁ ପ୍ରଥମେ ବାମକୁ ତା'ପରେ ଡାହାଣକୁ ଓ ପୁନର୍ବାର ବାମକୁ ଚାହିଁବା ଆବଶ୍ୟକ ।

**୮. ସଡ଼କ ଦୁର୍ଘଟଣାର ପ୍ରମୁଖ କାରଣଗୁଡ଼ିକ କ'ଣ ?**

ଉ. ସଡ଼କ ତ୍ରୁଟି, ଗାଡ଼ିର ଯାନ୍ତ୍ରିକ ତ୍ରୁଟି, ମନୁଷ୍ୟକୃତ ତ୍ରୁଟି, ପାରିପାର୍ଶ୍ୱୀକ ଅବସ୍ଥା ସଡ଼କ ଦୁର୍ଘଟଣାର ପ୍ରମୁଖ କାରଣ ।

**୯. ସଡ଼କ ନିରାପତ୍ତା ବ୍ୟବସ୍ଥା ଗୁଡ଼ିକ କ'ଣ ?**

ଉ. ସଡ଼କ ନିରାପତ୍ତା ବ୍ୟବସ୍ଥାକୁ ୩ଟି ବର୍ଗରେ ବିଭକ୍ତ କରାଯାଇଛି ଯଥା, ଶିକ୍ଷା, ବଳବତ୍ତକରଣ, ଏବଂ ବିଜ୍ଞାନ ଓ ବୈଷୟିକ ଜ୍ଞାନକୌଶଳ ଓ ଭିତ୍ତିଭୂମି ବ୍ୟବସ୍ଥା ।

**୧୦. ମୋଟର ଯାନ ନିୟମର ବ୍ୟତିକ୍ରମ ହେଲେ କେଉଁ ଦଣ୍ଡ ମିଳିଥାଏ ?**

ଉ. ମୋଟର ଯାନ ନିୟମର ବ୍ୟତିକ୍ରମ ହେଲେ ସମ୍ପୃକ୍ତ ଗାଡ଼ି ମାଲିକ କିମ୍ବା ଗାଡ଼ିଚାଳକ ବିରୋଧରେ କଠୋର ଆର୍ଥିକ କିମ୍ବା ଜେଲ୍ ଦଣ୍ଡ ଦିଆଯାଇପାରେ ।

**୧୧. ସଡ଼କ ସୁରକ୍ଷାର ଶିକ୍ଷା କାର୍ଯ୍ୟକ୍ରମର ମୁଖ୍ୟ ମାଧମ ଗୁଡ଼ିକ କ'ଣ ?**

ଉ. ଗଣମାଧମ, ଶିକ୍ଷାନୁଷ୍ଠାନ, ସ୍ୱେଚ୍ଛାସେବୀ ସଂଘ, ମୋଟର ଯାନ ସଂଘ ଇତ୍ୟାଦି ସଡ଼କ ସୁରକ୍ଷାର ଶିକ୍ଷା କାର୍ଯ୍ୟକ୍ରମର ମୁଖ୍ୟ ମାଧମ ।

**୧୨. ଇନ୍ଧନର ବ୍ୟବହାର କାହା ଉପରେ ନିର୍ଭର କରେ ?**

ଉ. ଇନ୍ଧନର ବ୍ୟବହାର ସାଧାରଣତଃ ଗାଡ଼ିର ଆକାର ଓ ପ୍ରକାର ଭେଦ, ରାସ୍ତାର ଅବସ୍ଥା, ଟ୍ରାଫିକ୍‌ର ଘନତ୍ୱ ଓ ଗତିଶୀଳତା, ଚାଳକଙ୍କ ଗାଡ଼ିଚାଳନାର ଦକ୍ଷତା ଓ ଅଭ୍ୟାସ, ଗାଡ଼ିର ପ୍ରତିଷେଧକମୂଳକ ରକ୍ଷଣାବେକ୍ଷଣ ଉପରେ ନିର୍ଭର କରିଥାଏ ।

**୧୩. ସଡ଼କ ଦୁର୍ଘଟଣା କାହିଁକି ସଂଗଠିତ ହୁଏ ?**

ଉ. ଯେତେବେଳେ ସଡ଼କର ଦୂରବସ୍ଥା, ଗାଡ଼ିର ଯାନ୍ତ୍ରିକ ତ୍ରୁଟି, ମାନବୀୟ ତ୍ରୁଟି ଓ ଖରାପ ପ୍ରାକୃତିକ ପରିବେଶ ଯୋଗୁଁ ସମନ୍ୱୟରେ ସାମାନ୍ୟତମ ବିଶୃଙ୍ଖଳା ବା ବ୍ୟତିକ୍ରମ ଘଟିଥାଏ, ସେତେବେଳେ ସଡ଼କ ଦୁର୍ଘଟଣା ସଂଗଠିତ ହୁଏ ।

**୧୪. କେଉଁ ପ୍ରକାର ଯାନ ଗୁଡ଼ିକ ଅଧିକ ଦୁର୍ଘଟଣା ପ୍ରବଣ ?**

(କ) ଦୁଇଚକିଆ ଗାଡ଼ି, ଅଟୋରିକ୍ସା, ଆଦି ଅଧିକ ଦୁର୍ଘଟଣା ପ୍ରବଣ ।

(ଖ) ଦୁଇ ଚକିଆ ଗାଡ଼ିର ବାହ୍ୟ ସୁରକ୍ଷା ନଥାଏ ।

**୧୫. ସୁରକ୍ଷିତ ଓ ଶୃଙ୍ଖଳିତ ଯାତ୍ରା ନିମନ୍ତେ କେଉଁ ଆଇନ୍ ଓ ନିୟମାବଳୀ ରହିଛି ?**

ଉ. ସୁରକ୍ଷିତ ଓ ଶୃଙ୍ଖଳିତ ଯାତ୍ରା ନିମନ୍ତେ କେନ୍ଦ୍ରୀୟ ମୋଟରଯାନ ଆକ୍ଟ ଏବଂ ନିୟମ, ରାଜ୍ୟସ୍ତରୀୟ ଟ୍ରାଫିକ୍ ନିୟମ, ଭାରତୀୟ ପେନାଲ୍ କୋଡ଼ (IPC) ଆଦି ନିୟମାବଳୀ ରହିଛି ।

# କ୍ଷୁଦ୍ର ଉତ୍ତରମୂଳକ ପ୍ରଶ୍ନୋତ୍ତର

**୧. କେଉଁ କେଉଁ ପାରିପାର୍ଶ୍ୱିକ ଅବସ୍ଥାର ତ୍ରୁଟି ଯୋଗୁ ସଡ଼କ ଦୁର୍ଘଟଣା ସଂଗଠିତ ହୋଇଥାଏ ।**

i. ବର୍ଷା, ଝଡ଼, କୁହୁଡ଼ି, ବରଫା ବୃଷ୍ଟ, ଧୂଆଁ ଜାତ ଆଦି ପ୍ରାକୃତିକ ବିପର୍ଯ୍ୟୟ ବହୁ ସମୟରେ ଦୁର୍ଘଟଣାର କାରଣ ହୋଇଥାଏ ।

ii. ରାସ୍ତା ଉପରେ ଜବରଦଖଲ, ରାସ୍ତା ପାର୍ଶ୍ୱରେ ସ୍କୁଲ୍‌ର ଅବସ୍ଥିତ, ପାର୍କିଙ୍ଗ୍ ବ୍ୟବସ୍ଥାର ଅଭାବ ଆଦି ପ୍ରତିକୂଳ ପରିବେଶ ଯୋଗୁଁ ମଧ୍ୟ ଦୁର୍ଘଟଣା ଘଟିଥାଏ ।

**୨. ସଡ଼କ ଦୁର୍ଘଟଣା ପାଇଁ ଦାୟୀ ଆନୁସଙ୍ଗିକ କାରଣଗୁଡ଼ିକ କ'ଣ ?**

ଉ. ଯାନବାହନର ବିବିଧ ପ୍ରକାର ଭେଦ, ଅତ୍ୟାଧୁନିକ ଶିଳ୍ପ ବିଦ୍ୟା, ଏବଂ ଏହା ଉପରେ ଚାଳକମାନଙ୍କ ଅଭିଜ୍ଞତା ଓ ଜ୍ଞାନର ଅଭାବ, ଯାତ୍ରୀ ଓ ମାଲ୍ ପରିବହନରେ ବିବିଧତା, ଅନୁମୋଦିତ ସୀମା ଠାରୁ ଅଧିକ ଯାତ୍ରୀ ଓ ମାଲ୍ ପରିବହନ କରିବା, ରାସ୍ତା ଉପରେ ଗୃହପାଳିତ ପଶୁମାନଙ୍କର ଯାତାୟାତ, ଯାନବାହନ ସଂଖ୍ୟା ବୃଦ୍ଧି ଆଦି ଆନୁସଙ୍ଗିକ କାରଣ ।

**୩. ଓଡ଼ିଶା ଗୁଡ଼ ସମରିଟାନ୍ ନୀତି କେବେ ପ୍ରଣୟନ କରାଯାଇଛି ଓ ଏହାର ଆଭିମୁଖ୍ୟ କ'ଣ ?**

i. ଦୁର୍ଘଟଣାଗ୍ରସ୍ତ ଆହତଙ୍କୁ ତୁରନ୍ତ ମେଡ଼ିକାଲ ଚିକିତ୍ସା ପ୍ରଦାନ କରି ଜୀବନ ବଞ୍ଚାଇବା ଓଡ଼ିଶା ସରକାର ଦ୍ୱାରା ପ୍ରଚଳିତ ଗୁଡ଼ ସମରିଟାନ୍ ନୀତିର ଆଭିମୁଖ୍ୟ ।

ii. ସୁପ୍ରିମକୋର୍ଟର ୨୦୧୪ ନିର୍ଦ୍ଦେଶକ୍ରମେ ଓଡ଼ିଶା ସରକାର ୨୦୧୮ ମସିହାରେ ଉକ୍ତ ନୀତି ପ୍ରଣୟନ କରିଛନ୍ତି ।

**୪. ଇନ୍ଧନ ସଂରକ୍ଷଣର ତିନୋଟି ଉପାୟ ଲେଖ ?**

i. ସ୍ଥିର ଗାଡ଼ିର ଇଞ୍ଜିନ୍‌କୁ ଅଧିକ ସମୟ ଚାଲୁ ଅବସ୍ଥାରେ ରଖିବା ନାହିଁ ।

ii. ତେଲ ଟାଙ୍କିକୁ ସର୍ବଦା ସଫା ରଖିବା ।

iii. ଟାୟାରକୁ ସର୍ବଦା ଅନୁମୋଦିତ ପ୍ରେସର୍‌ରେ ରଖିବା ।

**୫. ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପାଇଁ ଧାର୍ଯ୍ୟ କରାଯାଇଥିବା ମାର୍ଗଦର୍ଶନ ଗୁଡ଼ିକ ମଧ୍ୟରୁ ୩ଟି ଲେଖ ?**

i. ୧୮ ବର୍ଷରୁ କମ୍ ପିଲାଙ୍କ ନିମନ୍ତେ ଡାଇଭିଂ ଲାଇସେନ୍ସ ଉପଲବ୍ଧ ହୋଇପାରିବ ନାହିଁ ।

ii. ଦ୍ରୁତ ଗତିରେ ସାଇକେଲ୍ ଚଲାଇବା ଉଚିତ୍ ନୁହେଁ ।

iii. ଦୁଇ ଚକିଆ ଯାନରେ ଚାଳକଙ୍କ ବ୍ୟତୀତ କେବଳ ଜଣେ ବସିବା ଓ ଉଭୟ ହେଲ୍‌ମେଟ୍ ପିନ୍ଧିବା ବାଧ୍ୟତାମୂଳକ ।

**୬. ସଂଶୋଧିତ ମୋଟର ଯାନ ଆକ୍ଟର ମୁଖ୍ୟ ଆଭିମୁଖ୍ୟ କ'ଣ ?**

ଉ. ସଂଶୋଧିତ ମୋଟର ଯାନ ଆକ୍ଟର ମୁଖ୍ୟ ଆଭିମୁଖ୍ୟ ହେଉଛି;

i. ସଡ଼କ ପରିବହନ ବ୍ୟବସ୍ଥା ଓ ସଡ଼କ ନିରାପତ୍ତା ପ୍ରକ୍ରିୟାରେ ଉନ୍ନତି ।

ii. ସଡ଼କ ଦୁର୍ଘଟଣା ହ୍ରାସ ଓ ନିୟମିତ ଟ୍ରାଫିକ୍ ନିୟମ ଉଲଙ୍ଘନକାରୀଙ୍କୁ ଦଣ୍ଡବିଧାନ ।

**୭. ଓଡ଼ିଶା ସରକାରଙ୍କର ସମରୀଟାନ୍ ନୀତି ବିଷୟରେ ଲେଖ ?**

i. ସୁପ୍ରିମ୍‌କୋର୍ଟର ୨୦୧୪ ନିର୍ଦ୍ଦେଶକ୍ରମେ ଓଡ଼ିଶା ସରକାର ସମରିଟାନ୍ ନୀତି ପ୍ରଣୟନ କରିଥିଲେ ।

ii. ପୋଲିସ୍, ପରିବହନ, ସ୍ୱାସ୍ଥ୍ୟ ବିଭାଗ ଓ ଅନ୍ୟ ବିଭାଗର ସମନ୍ୱିତ ସହଯୋଗ ଓ ସହ ଭାଗିତାରେ ଏହି ନୀତି କାର୍ଯ୍ୟକାରୀ ହେଉଛି ।

iii. ଏହି ନୀତି ଦ୍ୱାରା ଜଣେ ଅନ୍ୟର ଜୀବନ ଅନ୍ୟର ଜୀବନ ବଞ୍ଚାଇବା ମନୋଭାବ ନେଇ ଦୁର୍ଘଟଣାଗ୍ରସ୍ତ ଆହତଙ୍କୁ ଯେ କୌଣସି ଗାଡ଼ିରେ ହସ୍‌ପିଟାଲ୍ ନେଇପାରିବେ । ଏଥିପାଇଁ ପୋଲିସ୍ କିମ୍ବା ଡାକ୍ତରଙ୍କୁ ପରିଚୟ ଦେବା ବାଧ୍ୟତାମୂଳକ ନୁହେଁ ।

**୮. ସଡ଼କ ଦୁର୍ଘଟଣାର ପରିବ୍ୟାପ୍ତି ଓ ଭୟାବହତା ସମ୍ପର୍କରେ ଲେଖ ?**

i. ପ୍ରତିବର୍ଷ ବିଶ୍ୱରେ ୫ ଲକ୍ଷରୁ ଅଧିକ,ଭାରତରେ ଦେଢ଼ ଲକ୍ଷରୁ ଅଧିକ ଓ ଓଡ଼ିଶାରେ ଚାରି ହଜାରରୁ ଅଧିକ ଲୋକ ସଡ଼କ ଦୁର୍ଘଟଣାରେ ମୃତାହତ ହୋଇଥାନ୍ତି ।

ii. ଦୁର୍ଘଟଣାର ଶିକାର ହୋଇଥିବା ଲୋକ ଓ ସେମାନଙ୍କ ପରିବାରର ଜୀବନଶୈଳୀ ଓ ଆର୍ଥିକ ସ୍ଥିତି ବିପର୍ଯ୍ୟୟ ହୁଏ ।

**୯. ଶିକ୍ଷା ମାଧ୍ୟମରେ କିପରି ସଡ଼କ ଦୁର୍ଘଟଣାର ନିରାକରଣ ବ୍ୟବସ୍ଥା କରାଯାଇ ପାରିବ ?**

i. ସୁରକ୍ଷିତ ଯାତ୍ରା ନିମନ୍ତେ ନିୟମିତ ଶିକ୍ଷା ଜନସଚେତନତା ଓ ପ୍ରଶିକ୍ଷଣ ମାଧ୍ୟମରେ ପ୍ରତ୍ୟେକ ରାସ୍ତା ଓ ଯାନ ବ୍ୟବହାରକାରୀଙ୍କୁ ଟ୍ରାଫିକ୍ ନିୟମ, ଟ୍ରାଫିକ୍ ଶୃଙ୍ଖଳା ଓ ଟ୍ରାଫିକ୍ ବ୍ୟବହାର ସମ୍ପର୍କରେ ଶିକ୍ଷିତ, ଅବଗତ ଓ ଦକ୍ଷ କରିବା ନିମନ୍ତେ ସଡ଼କ ନିରାପତ୍ତା ବ୍ୟବସ୍ଥାର ପ୍ରମୁଖ କାର୍ଯ୍ୟକ୍ରମ ରହିଛି ।

ii. ଗଣମାଧ୍ୟମ, ଶିକ୍ଷାନୁଷ୍ଠାନ, ସ୍ୱେଚ୍ଛାସେବୀ ସଂଘ, ମୋଟର ଯାନ ସଂଘ ଆଦି ସଡ଼କ ସୁରକ୍ଷାର ଶିକ୍ଷା କାର୍ଯ୍ୟକ୍ରମର ମୁଖ୍ୟ ମାଧ୍ୟମ ଅଟନ୍ତି ।

**୧୦. ବଳବତ୍ତକରଣ ବ୍ୟବସ୍ଥା କହିଲେ କ'ଣ ବୁଝ ?**

i. ସଡ଼କ ଶୃଙ୍ଖଳା, ଆଚରଣ ଏବଂ ଦୁର୍ଘଟଣା ହ୍ରାସ ନିମନ୍ତେ ବଳବତ୍ତକରଣ ଏକ ଉପଯୋଗୀ ମାଧ୍ୟମ ଏହା ସରକାରୀ ନିୟନ୍ତ୍ରଣ ବ୍ୟବସ୍ଥା ।

ii. ମୋଟର ଯାନ ସମ୍ପର୍କୀୟ ନିୟମାବଳୀର ଉଲଙ୍ଘନ ହେଲେ ସମ୍ପୃକ୍ତ ଗାଡ଼ି ମାଲିକ କିମ୍ବା ଗାଡ଼ି ଚାଳକ ବିରୋଧରେ କଠୋର ଆର୍ଥିକ କିମ୍ବା ଜେଲ ଦଣ୍ଡ ଦେବାରେ ବଳବତ୍ତକରଣର ଆଇନତଃ କ୍ଷମତା ରହିଛି ।

**୧୧. ସଡ଼କ ପରିବହନ ବ୍ୟବସ୍ଥା କହିଲେ କ'ଣ ବୁଝ ?**

i. ମାଲପତ୍ର ଗୁଡ଼ିକ ଗୋଟିଏ ସ୍ଥାନରୁ ଅନ୍ୟସ୍ଥାନକୁ ବିଭିନ୍ନ ଯାନବାହନ ମାଧ୍ୟମରେ ସଡ଼କ ପଥରେ ପଠାଇବାକୁ ସଡ଼କ ପରିବହନ କୁହାଯାଏ ।

ii. ଦେଶ ତଥା ରାଜ୍ୟର ବିକାଶ ପ୍ରକ୍ରିୟାରେ ସଡ଼କ ଓ ପରିବହନ ଭଳି ଭିତ୍ତିଭୂମିର ପ୍ରସାର ମଣିଷର ଗତିଶୀଳତାକୁ ଅଧିକରୁ ଅଧିକ ତ୍ୱରାନ୍ୱିତ କରିଛି ।

**୧୨. କେଉଁ କେଉଁ ମାନବୀୟ ତ୍ରୁଟିଗୁଡ଼ିକ ସଡ଼କ ଦୁର୍ଘଟଣା ନିମନ୍ତେ ଦାୟୀ ?**

i. ଗାଡ଼ି ଚଳନା ସମୟରେ ଚଳକର ଦକ୍ଷତା, ଯୋଗ୍ୟତା ଓ ମାନ୍ୟତାର ଅଭାବ, ଟ୍ରାଫିକ୍ ନିୟମ ସମ୍ପର୍କରେ ଅଜ୍ଞତା, ଅନ୍ୟମନସ୍କତା, ଦ୍ରୁତଗତି, ମଦ୍ୟପାନ, ମୋବାଇଲ୍ ଫୋନ୍‌ର ବ୍ୟବହାର ଆଦି ଦୁର୍ଘଟଣାର କାରଣ ହୋଇଥାଏ ।

ii. ରାସ୍ତା ଉପରେ ବିଶୃଙ୍ଖଳିତ ଆଚରଣ, ହେଲ୍‌ମେଟ୍ ଓ ସିଟ୍‌ବେଲ୍ଟ ପିନ୍ଧିବାରେ ଅବହେଳା ଆଦି ଦୁର୍ଘଟଣାର କାରଣ ହୋଇଥାଏ ।

# ଚତୁର୍ଥ ଅଧ୍ୟାୟ

# ଭାରତର ବୈଦେଶିକ ନୀତି

୧. କିଏ ଭାରତର ବୈଦେଶିକ ନୀତି ନିର୍ଦ୍ଧାରଣରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ?

a. ସର୍ଦ୍ଦାର ବଲ୍ଲଭଭାଇ ପଟେଲ୍

b. ସୁବାଷଚନ୍ଦ୍ର ବୋଷ

c. ମହାତ୍ମା ଗାନ୍ଧୀ

d. ଜବାହରଲାଲ୍ ନେହେରୁ

**୨. କେଉଁ ଦୁଇ ଦେଶ ମଧ୍ୟରେ ଶୀତଳ ଯୁଦ୍ଧ ଆରମ୍ଭ ହୋଇଥିଲା ?**

a. ଯୁକ୍ତରାଷ୍ଟ୍ର ଆମେରିକା ଓ ସୋଭିଏତ୍ ଋଷିଆ

b. ଆମେରିକା ଓ ଇଂଲଣ୍ଡ

c. ଋଷିଆ ଓ ଫ୍ରାନ୍ସ

d. ଫ୍ରାନ୍ସ ଓ ଆମେରିକା

**୩. କେଉଁ ଦୁଇ ଦେଶ 'ପଞ୍ଚଶୀଳ' ନୀତିର ଘୋଷଣାନାମାରେ ସାକ୍ଷର କରିଥିଲେ ?**

a. ଭାରତ ଓ ପାକିସ୍ତାନ୍

b. ଭାରତ ଓ ଚୀନ୍

c. ଚୀନ୍ ଓ ପାକିସ୍ତାନ୍

d. ଭାରତ ଓ ଶ୍ରୀଲଙ୍କା

**୪. କେବେ 'ପଞ୍ଚଶୀଳ' ଘୋଷଣାନାମା ସ୍ୱାକ୍ଷରିତ ହୋଇଥିଲା ?**

a. ୧୯୫୧

b. ୧୯୫୨

c. ୧୯୫୩

d. ୧୯୫୪

**୫. 'ପଞ୍ଚଶୀଳ' ରାଜିନାମା କେଉଁ ଠାରେ ଅନୁଷ୍ଠିତ ସମ୍ମିଳନୀରେ ସ୍ଥାନ ପାଇଥିଲା ?**

a. ବାନ୍ଦୁଙ୍ଗ

b. କଲମ୍ବୋ

c. ତାସକେଣ୍ଟ୍

d. କୌଣସିଟି ବି ନୁହେଁ

**୬. "ଉପନିବେଶବାଦ ଏସିଆ ଓ ଆଫ୍ରିକା ପାଇଁ ସବୁଠାରୁ ବଡ଼ ବିପଦ ଏବଂ ଏହାକୁ ହଟାଇବା ନିତ୍ୟାନ୍ତ ଆବଶ୍ୟକ" - ଏହା କିଏ କହିଥିଲେ ?**

a. ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ୍

b. ଜବାହରଲାଲ୍ ନେହେରୁ

c. ମହାତ୍ମା ଗାନ୍ଧୀ

d. ସୁଭାଷ ଚନ୍ଦ୍ର ବୋଷ

**୭. "ଆନ୍ତର୍ଜାତିକ କ୍ଷେତ୍ରରେ ବିଭିନ୍ନ ସମୟରେ ଉପୁଜୁଥିବା କନ୍ଦଳର ଶାନ୍ତିପୂର୍ଣ୍ଣ ସମାଧାନ ଦିଗରେ ଭାରତ ଉଦ୍ୟମ କରିବ" - ଏହା ସମ୍ବିଧାନର କେଉଁ ଧାରାରେ କୁହାଯାଇଛି ?**

a. ଧାରା ୫୦

b. ଧାରା ୫୧

c. ଧାରା ୫୨

d. ଧାରା ୫୫

**୮. କେଉଁ ଦେଶ ଦ୍ୱୟ ବିଶ୍ୱର ଦୁଇଟି ପ୍ରମୁଖ ଗଣତନ୍ତ୍ର ?**

a. ଭାରତ ଓ ଇଂଲଣ୍ଡ

b. ଭାରତ ଓ ଫ୍ରାନ୍ସ

c. ଭାରତ ଓ ଯୁକ୍ତରାଷ୍ଟ୍ର ଆମେରିକା

d. ଇଂଲଣ୍ଡ ଓ ଯୁକ୍ତରାଷ୍ଟ୍ର ଆମେରିକା

**୯. କେଉଁ ଦେଶ ଭାରତକୁ ଭୟଭୀତ କରିବା ପାଇଁ ବଙ୍ଗୋପସାଗରକୁ ସପ୍ତମ ନୌବହର ପଠାଇଥିଲେ ?**

a. ଫ୍ରାନ୍ସ

b. ବ୍ରିଟେନ୍

c. ଚୀନ୍

d. ଯୁକ୍ତରାଷ୍ଟ୍ର ଆମେରିକା

**୧୦. ମସିହାରେ ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନ୍ ଭାରତ ଓ ଯୁକ୍ତରାଷ୍ଟ୍ର ଆମେରିକା ସମ୍ପର୍କରେ ଉନ୍ନତି ଆଣିବା ପାଇଁ ପ୍ରୟାସ କରିଥିଲେ ।**

a. ୧୯୯୦

b. ୧୯୯୧

c. ୧୯୯୨

d. ୧୯୯୪

**୧୧. କେଉଁ ଦେଶ ନେତୃତ୍ୱରେ NATO, SEATO ଇତ୍ୟାଦି ଅନେକ ସାମରିକ ଚୁକ୍ତି ପ୍ରଣୟନ କରାଯାଇଥିଲା ?**

a. ଯୁକ୍ତରାଷ୍ଟ୍ର ଆମେରିକା

b. ଇଂଲଣ୍ଡ

c. ଫ୍ରାନ୍ସ

d. ଋଷିଆ

**୧୨. ୨୦୦୦ ମସିହା ମାର୍ଚ୍ଚ ମାସରେ ଯୁକ୍ତରାଷ୍ଟ୍ର ଆମେରିକାର ତତ୍କାଳୀନ ରାଷ୍ଟ୍ରପତିଙ୍କ ଭାରତ ଗ୍ରସ୍ତ ଉଭୟ ଦେଶର ବନ୍ଧୁତାକୁ ଦୃଢ଼ୀଭୂତ କରିଥିଲା ।**

a. ବାରାକ୍ ଓବାମା

b. ଜର୍ଜ ବୁଶ୍

c. ବିଲ୍ କ୍ଲିଣ୍ଟନ୍

d. କୌଣସିଟି ନୁହେଁ

**୧୩. ସୋଭିଏତ୍ ଋଷିଆ କହିଲେ ଋଷିଆ ସମେତ କେତୋଟି ଛୋଟ ବଡ଼ ରାଜ୍ୟର ସମଷ୍ଟିକୁ ବୁଝାଉଥିଲା ।**

a. ୧୫

b. ୧୬

c. ୧୭

d. ୨୦

**୧୪. ଭାରତରେ କେଉଁ କେଉଁ ପ୍ରକ୍ରିୟାକୁ ପ୍ରୋତ୍ସାହନ ପ୍ରଦାନ କ୍ଷେତ୍ରରେ ଯୁକ୍ତରାଷ୍ଟ୍ର ଆମେରିକା ସହଯୋଗର ହାତ ବଢ଼ାଇଲା ।**

a. କୃଷି ଓ ଶିଳ୍ପର ଉନ୍ନତି

b. ସହରୀକରଣ ଓ ଶିଳ୍ପାୟନ

c. ସ୍ୱାସ୍ଥ୍ୟ ଓ ଶିକ୍ଷାର ଉନ୍ନତି

d. ସନ୍ତ୍ରାସବାଦର ବିଲୋପ ଓ ଉଦାରୀକରଣ

**୧୫. ସୋଭିଏତ୍ ଋଷିଆ କେବେ ଗଠିତ ହୋଇଥିଲା ।**

a. ୧୯୨୧

b. ୧୯୨୨

c. ୧୯୨୪

d. ୧୯୨୫

**୧୬. କେବେ ସୋଭିଏତ୍ ଋଷିଆର ବିଲୟ ଘଟିଲା ?**

a. ୧୯୯୧

b. ୧୯୯୨

c. ୧୯୯୪

d. ୧୯୯୫

**୧୭. କମ୍ୟୁନିଷ୍ଟ ଶାସିତ କେଉଁ ଦେଶ ଉପରେ ଯୁକ୍ତରାଷ୍ଟ ଆମେରିକାର ଆକ୍ରମଣକୁ ଭାରତ ବିରୋଧ କରିଥିଲା ।**

a. କ୍ୟୁବା

b. ଚୀନ୍

c. ଉତ୍ତର କୋରିଆ

d. କୌଣସିଟି ନୁହେଁ

**୧୮. ଭାରତ ଓ ଋଷିଆ ଦୁଇ ଅନ୍ତରଙ୍ଗ ବନ୍ଧୁ ହିସାବରେ ରହିବେ ବୋଲି କିଏ ମତବ୍ୟକ୍ତ କରିଥିଲେ ?**

a. ମହାତ୍ମାଗାନ୍ଧୀ

b. ସୁବାଷ ଚନ୍ଦ୍ର ବୋଷ

c. ବଲ୍ଲଭଭାଇ ପଟେଲ

d. ଜବାହର୍ ଲାଲ୍ ନେହେରୁ

**୧୯. ଭାରତ ଓ ସୋଭିଏତ୍ ଋଷିଆ ମଧ୍ୟରେ ହୋଇଥିବା ମୈତ୍ରୀ ଚୁକ୍ତିକୁ  ଦେଶ ସମାଲୋଚନା କରିଥିଲା ।**

a. ଚୀନ୍

b. ପାକିସ୍ତାନ୍

c. ଯୁକ୍ତରାଷ୍ଟ୍ର ଆମେରିକା

d. ଇଂଲଣ୍ଡ

**୨୦. ସୋଭିଏତ୍ ରୁଷିଆର କେଉଁ ପ୍ରଧାନମନ୍ତ୍ରୀ ପ୍ରଥମେ ଭାରତ ଗସ୍ତରେ ଆସିଥିଲେ ?**

a. ଷ୍ଟାଲିନ୍

b. କ୍ରୁଶ୍ଚେଭ୍

c. କୋସିଗିନ୍

d. ପୁଟିନ୍

**୨୧. ଯୁକ୍ତରାଷ୍ଟ ଆମେରିକାର ସାମ୍ରାଜ୍ୟବାଦୀ ନୀତି ପାକିସ୍ତାନକୁ ଭାରତ ବିରୋଧରେ ପ୍ରୋତ୍ସାହିତ କରୁଛି ବୋଲି କେଉଁ ଦେଶ ଅଭିଯୋଗ ଆଣିଥିଲା ?**

a. ସୋଭିଏତ୍ ଋଷିଆ

b. ଚୀନ୍

c. ଫ୍ରାନ୍ସ

d. ଇଂଲଣ୍ଡ

**୨୨. କେବେ ତାସ୍‌କେଣ୍ଟଠାରେ ଭାରତ - ପାକିସ୍ଥାନ ଶିଖର ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା ।**

a. ୧୯୬୫

b. ୧୯୬୬

c. ୧୯୬୭

d. ୧୯୮୬

**୨୩. କେଉଁ ମସିହାରେ ସୋଭିଏତ୍ ଋଷିଆର ରାଷ୍ଟ୍ରପତି ବ୍ରେଜ୍‌ନେଭ୍‌ଙ୍କ ପାଞ୍ଚଦିନିଆ ଭାରତ ଗସ୍ତ ଦୁଇ ଦେଶ ମଧ୍ୟରେ ବନ୍ଧୁତାକୁ ଆହୁରି ମଜବୁତ୍ କରିଥିଲା ।**

a. ୧୯୭୦

b. ୧୯୭୧

c. ୧୯୭୨

d. ୧୯୭୩

**୨୪. ଗୋର୍ବାଚେଭ୍ ଓ କାହା ମଧ୍ୟରେ ଦଶ-ଦଫା ବିଶିଷ୍ଟ 'ଦିଲ୍ଲୀ ଘୋଷଣାନାମା' ସ୍ୱାକ୍ଷରିତ ହୋଇଥିଲା ?**

a. ଲାଲ୍ ବାହାଦୂର ଶାସ୍ତ୍ରୀ

b. ରାଜୀବ୍ ଗାନ୍ଧୀ

c. ଇନ୍ଦିରା ଗାନ୍ଧୀ

d. ମନ୍‌ମୋହନ ସିଂ

**୨୫. ମିଖାଇଲ୍ ଗୋର୍ବାଚେଭ୍ କେଉଁ ମସିହାରେ ଋଷିଆର କମ୍ୟୁନିଷ୍ଟ୍ ଦଳର ସାଧାରଣ ସମ୍ପାଦକ ହେଲେ ।**

a. ୧୯୮୫

b. ୧୯୮୭

c. ୧୯୮୮

d. ୧୯୯୦

**୨୬. ପାକିସ୍ତାନର କେଉଁ ରାଷ୍ଟ୍ରପତି ଓ ଭାରତର ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଲାଲ୍ ବାହାଦୂର ଶାସ୍ତ୍ରୀ ତାସ୍‌କେଣ୍ଟ ଶାନ୍ତି ଚୁକ୍ତିରେ ସ୍ୱାକ୍ଷର କରିଥିଲେ ।**

a. ଆସିଫ୍ ଅଲ୍ଲୀ ଜରିଦାରି

b. ମହମ୍ମଦ ଜିଆ - ଉଲ୍ - ହକ୍

c. ପରଭେଜ୍ ମୁସରଫ୍

d. ଆୟୁବ୍ ଖାନ୍

**୨୭. ମଧ୍ୟପ୍ରାଚ୍ୟର ଇସ୍ରାଏଲ୍ ଓ ଆରବ ରାଷ୍ଟ୍ର ସମୂହ ମଧ୍ୟରେ ଶାନ୍ତି ପ୍ରତିଷ୍ଠା ପାଇଁ ଉଭୟ ଭାରତ ଓ ଉଦ୍ୟମ କରିଥିଲେ ।**

a. ଯୁକ୍ତରାଷ୍ଟ୍ର ଆମେରିକା

b. ଋଷିଆ

c. ଇଂଲଣ୍ଡ

d. ଫ୍ରାନ୍ସ

**୨୮. କେଉଁ ଦେଶର ସହଯୋଗ ଫଳରେ ନେୟେଭେଳି ଆଣବିକ ପ୍ରକଳ୍ପ ପ୍ରତିଷ୍ଠିତ ହୋଇ ପାରିଥିଲା ?**

a. ଋଷିଆ

b. ଯୁକ୍ତରାଷ୍ଟ୍ର ଆମେରିକା

c. ଜର୍ମାନୀ

d. ଇଂଲଣ୍ଡ

**୨୯. ତାମିଲ୍‌ନାଡୁର କୁଦନକୁଲାମ୍‌ଠାରେ ଦକ୍ଷିଣ ଏସିଆର ସବୁଠାରୁ ବୃହତ୍ତ ଆଣବିକ ଶକ୍ତି ପ୍ରକଳ୍ପ ନିର୍ମାଣ ପାଇଁ ଉଭୟ ଭାରତ ଓ ଋଷ ମଧ୍ୟରେ କେବେ ଏକ ଚୁକ୍ତି ସମ୍ପାଦିକ ହୋଇଥିଲା ?**

a. ୧୯୯୦

b. ୧୯୯୪

c. ୧୯୯୫

d. ୧୯୯୮

**୩୦. ପାକିସ୍ଥାନର ବର୍ତ୍ତମାନର ଜନସଂଖ୍ୟା କେତେ ?**

a. ୧୪ କୋଟି

b. ୧୪ କୋଟି ୬୦ ଲକ୍ଷ

c. ୧୩ କୋଟି ୫୦ ଲକ୍ଷ

d. ୧୩ କୋଟି ୬୦ ଲକ୍ଷ

**୩୧. ସିମ୍‌ଲା ରାଜିନାମା କେବେ ସ୍ୱାକ୍ଷରିତ ହୋଇଥିଲା ?**

a. ୧୯୭୦

b. ୧୯୭୧

c. ୧୯୭୨

d. ୧୯୭୪

**୩୨. ନିମ୍ନୋକ୍ତ ମଧ୍ୟରୁ କେଉଁ ରାଜିନାମାରେ ଯୁଦ୍ଧ ବିରତି ରେଖାକୁ ପୁନଃନିର୍ଦ୍ଧାରଣ କରାଗଲା ?**

a. ସିମଲା ରାଜିନାମା

b. ତାସ୍‌କେଣ୍ଟ୍ ଚୁକ୍ତି

c. ପଞ୍ଚଶୀଳ ରାଜିନାମା

d. ଦିଲ୍ଲୀ ଘୋଷଣାନାମା

**୩୩. କେଉଁ ରାଜିନାମା ଅନୁସାରେ ଭାରତ ପାକିସ୍ଥାନର ୯୦,୦୦୦ ଯୁଦ୍ଧବନ୍ଦୀଙ୍କୁ ମୁକ୍ତ କରିଥିଲା ।**

a. ପଞ୍ଚଶୀଳ ରାଜିନାମା

b. ସିମଲା ରାଜିନାମା

c. ଦିଲ୍ଲୀ ଘୋଷଣାନାମା

d. କୌଣସିଟି ନୁହେଁ

**୩୪. କେଉଁ ମସିହାରେ ଭାରତରେ ଶାସନ କରୁଥିବା ବ୍ରିଟିଶ୍ ସରକାର ଚୀନ୍ ସହିତ ଏକ ଚୁକ୍ତି ସ୍ୱାକ୍ଷରିତ କରିଥିଲେ ଏବଂ ଭାରତ ଓ ତିବ୍‌ବତ ମଧ୍ୟରେ ସୀମା ନିର୍ଦ୍ଧାରଣ କରିଥିଲେ ।**

a. ୧୯୫୦

b. ୧୮୭୦

c. ୧୮୮୦

d. ୧୮୯୦

**୩୫. କେଉଁ ମସିହାରେ ଡକ୍ଟର ସନ୍ ୟାତ୍ ସେନ୍ଙ୍କ ନେତୃତ୍ୱରେ ଚୀନରେ ବିପ୍ଳବ ଆରମ୍ଭ ହେଲା ।**

a. ୧୯୧୦

b. ୧୯୧୧

c. ୧୯୧୫

d. ୧୯୨୦

**୩୬. ୧୯୫୯ ମସିହାରେ ଚୀନ୍ ସରକାର ଭାରତର କେତେ ବର୍ଗ କିଲୋମିଟର ବିସ୍ତୀର୍ଣ୍ଣ ଅଞ୍ଚଳକୁ ନିଜ ଅକ୍ତିଆରରେ ରଖିଲେ ।**

a. ୮୧,୬୦୦ ବର୍ଗ କିଲୋମିଟର

b. ୮୦,୬୦୦ ବର୍ଗ କିଲୋମିଟର

c. ୮୧,୭୦୦ ବର୍ଗ କିଲୋମିଟର

d. ୮୦,୭୦୦ ବର୍ଗ କିଲୋମିଟର

**୩୭. କେଉଁ ମସିହାରେ ଚୀନ୍ ଭାରତ ଉପରେ ଆକ୍ରମଣ କରିଥିଲା ।**

a. ୧୯୬୦

b. ୧୯୬୧

c. ୧୯୬୨

d. ୧୯୬୫

**୩୮. ଭାରତର କେଉଁ ରାଜ୍ୟ ଉପରେ ଚୀନ୍ ନିଜର ଲୋଲୁପ ଦୃଷ୍ଟି ଜାରି ରଖିଛି ।**

a. ମେଘାଳୟ

b. ଅରୁଣାଚଳ ପ୍ରଦେଶ

c. ନାଗାଲ୍ୟାଣ୍ଡ

d. ସିକିମ୍

**୩୯. ଦୁର୍ଗାପୁର ଓ ଭିଲାଇରେ କୋଇଲା ଓ ଇସ୍ପାତ୍ କାରଖାନା କେଉଁ ଦେଶ ସହାୟତାରେ ପ୍ରତିଷ୍ଠିତ ହୋଇଛି ?**

a. ଋଷିଆ

b. ଫ୍ରାନ୍ସ

c. ଇଂଲଣ୍ଡ

d. ଜର୍ମାନୀ

**୪୦. କେଉଁଠାରେ ଏକ ତୈଳ ବିଶୋଧନାଗାର ଋଷିଆ ସହାୟତାରେ ପ୍ରତିଷ୍ଠିତ ହୋଇଛି ।**

a. ବରୋଦା

b. ଭିଲାଇ

c. ବାରାଉଣୀ

d. କୌଣସିଟି ନୁହେଁ

**୪୧.** ଭାରତ କେବେ ପୋଖରାନ୍ ଠାରେ ଆଣବିକ ଶକ୍ତି ପରୀକ୍ଷା କରିଥିଲା ?

a. ୧୯୯୬

b. ୧୯୯୭

c. ୧୯୯୮

d. ୧୯୯୯

**୪୨.** କେଉଁ ମସିହାରେ ଭାରତ ଓ ଚୀନ୍ ଏକ ମିଳିତ ରାଜିନାମାରେ ସ୍ୱାକ୍ଷର କଲେ ଓ ଉଭୟ ଦେଶ ପ୍ରକୃତ ନିୟନ୍ତ୍ରଣ ରେଖା କୁ ସମ୍ମାନ ଦେବାକୁ ରାଜି ହେଲେ ।

a. ୧୯୯୦

b. ୧୯୯୧

c. ୧୯୯୨

d. ୧୯୯୩

**୪୩.** କେଉଁ ମସିହାରେ ଚୀନ୍ ରାଷ୍ଟ୍ରପତି ଝୁ-ରୋଙ୍ଗ୍‌ଜୀ ଭାରତ ଗସ୍ତରେ ଆସିଥିଲେ ।

a. ୨୦୦୨

b. ୨୦୦୪

c. ୨୦୦୫

d. ୨୦୦୭

**୪୪.** କେଉଁ ଦେଶର ପୂରୁଣା ନାମ ଥିଲା 'ସିଂହଳ' ?

a. ନେପାଳ

b. ଭୂଟାନ୍

c. ଚୀନ୍

d. ଶ୍ରୀଲଙ୍କା

**୪୫.** ଶ୍ରୀଲଙ୍କାର ଜନସମୁଦାୟର ଶତକଡ଼ା କେତେ ଭାଗ ଲୋକ ତାମିଲ ଭାଷା କହନ୍ତି ?

a. ୧୦ ଭାଗ

b. ୧୨ ଭାଗ

c. ୧୫ ଭାଗ

d. ୨୦ ଭାଗ

**୪୬.** ଶ୍ରୀଲଙ୍କାର ଜନସମୁଦାୟର କେତେ ଶତାଂଶ ଲୋକ ବୌଦ୍ଧ ଧର୍ମରେ ବିଶ୍ୱାସ କରନ୍ତି ?

a. ୬୦

b. ୬୨

c. ୬୩

d. ୬୪

**୪୭. ଶ୍ରୀଲଙ୍କାର ପ୍ରଥମ ପ୍ରଧାନମନ୍ତ୍ରୀ କିଏ ଥିଲେ ?**

a. ଶ୍ରୀ ଡି.ଏସ୍ ସେନାନାୟକେ ।

b. ସାର୍ ଜନ୍ କୋଟେଲାୱାଲା ।

c. ଏସ୍. ଡବ୍ଲୁ. ଆର୍.ଡ଼ି ବନ୍ଦରନାୟକେ ।

d. ଶ୍ରୀମତୀ ଶିରିମାଭୋ ବନ୍ଦରନାୟକେ ।

**୪୮. ୧୯୮୩ ମସିହାରୁ ୧୯୮୬ ମସିହା ମଧ୍ୟରେ ପ୍ରାୟ କେତେ ସଂଖ୍ୟକ ତାମିଲ୍ ଶରଣାର୍ଥୀ ଭାରତକୁ ଚାଲି ଆସିଥିଲେ ।**

a. ୨୦,୦୦୦

b. ୨୨,୦୦୦

c. ୨୫,୦୦୦

d. ୩୦,୦୦୦

**୪୯. ଭାରତର କେଉଁ ପ୍ରଧାନମନ୍ତ୍ରୀଙ୍କ ସମୟରେ ଶ୍ରୀଲଙ୍କାରେ ଶାନ୍ତି ପ୍ରତିଷ୍ଠା ପାଇଁ ଏକ 'ଭାରତୀୟ ଶାନ୍ତିରକ୍ଷା ସାମରିକ ବାହିନୀ'କୁ ସେଠାକୁ ପଠାଯାଉଥିଲା ?**

a. ଶ୍ରୀମତୀ ଇନ୍ଦିରା ଗାନ୍ଧୀ ।

b. ଶ୍ରୀଯୁକ୍ତ ରାଜୀବ ଗାନ୍ଧୀ ।

c. ମନମୋହନ ସିଂ ।

d. କୌଣସିଟି ନୁହେଁ ।

**୫୦. କେବେ ଆନୁଷ୍ଠାନିକ ଭାବରେ ସାର୍କ (SAARC) ସଂଗଠନ ଗଠିତ ହୋଇଥିଲା ?**

a. ୧୯୮୦

b. ୧୯୮୨

c. ୧୯୮୪

d. ୧୯୮୫

**୫୧. ନେପାଳର ଜନସଂଖ୍ୟା କେତେ ?**

a. ୨ କୋଟି ୭୦ ଲକ୍ଷ ।

b. ୩ କୋଟି ୫୦ ଲକ୍ଷ ।

c. ୩ କୋଟି ୭୦ ଲକ୍ଷ ।

d. ୨ କୋଟି ୫୦ ଲକ୍ଷ ।

୫୨. ନେପାଳକୁ କେବେ ବ୍ରିଟିଶ୍ ମାନେ ଅକ୍ତିଆର କରିଥିଲେ ?

a. ୧୮୧୬

b. ୧୮୨୦

c. ୧୮୨୨

d. ୧୮୨୪

**୫୩. ଆମେ ନେପାଳର ସ୍ୱାଧିନତା ଚାହୁଁ ଓ ତତ୍ ସହିତ ଭାରତର ନିରାପତ୍ତା ମଧ୍ୟ ଅକ୍ଷୁର୍ଣ୍ଣ ରଖିବୁ ଏହା କିଏ କହିଥିଲେ ?**

a. ଶ୍ରୀ ଲାଲ୍ ବାହାଦୂର ଶାସ୍ତ୍ରୀ

b. ପଣ୍ଡିତ ଜବାହର୍ ଲାଲ୍ ନେହେରୁ

c. ଶ୍ରୀମତି ଇନ୍ଦିରା ଗାନ୍ଧୀ

d. ଶ୍ରୀ ରାଜୀବ ଗାନ୍ଧୀ

**୫୪. ନେପାଳ କେବେ ସଂଯୁକ୍ତ ରାଷ୍ଟ୍ରସଂଘର ସଦସ୍ୟ ହେଲା ?**

a. ୧୯୫୦

b. ୧୯୫୧

c. ୧୯୫୪

d. ୧୯୫୫

**୫୫. କେଉଁ ମସିହାରେ ଭାରତ ଓ ନେପାଳ ମଧ୍ୟରେ ବାଣିଜ୍ୟିକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା ଓ ଉଭୟ ଦେଶ ପାଇଁ ଏକ "ସାଧାରଣ ବଜାର" ସୃଷ୍ଟି ହୋଇଥିଲା ।**

a. ୧୯୬୦

b. ୧୯୬୧

c. ୧୯୬୪

d. ୧୯୬୫

**୫୬. ନେପାଳର କେଉଁ ରାଜା ନେପାଳକୁ ଏକ 'ଶାନ୍ତିର ଅଞ୍ଚଳ' ଭାବରେ ଘୋଷଣା କରିଥିଲେ ?**

a. ରାଜା ତ୍ରିଭୁବନ

b. ରାଜା ମହେନ୍ଦ୍ର

c. ରାଜା ବୀରେନ୍ଦ୍ର

d. ରାଜା ଜ୍ଞାନେନ୍ଦ୍ର

**୫୭. ନେପାଳର କେଉଁ ରାଜା ଗାଦିରେ ବସିବା ପରେ ନେପାଳର ନିର୍ବାଚିତ ସଂସଦକୁ ଭାଙ୍ଗି ଦେଲେ ?**

a. ରାଜା ତ୍ରିଭୁବନ

b. ରାଜା ମହେନ୍ଦ୍ର

c. ରାଜା ବୀରେନ୍ଦ୍ର

d. ରାଜା କାନେନ୍ଦ୍ର

**୫୮. ଭୁଟାନ୍‌ର ଅଧିକାଂଶ ଅଧିବାସୀ କେଉଁ ଧର୍ମାବଲମ୍ବୀ ?**

a. ବୌଦ୍ଧ

b. ଜୈନ

c. ହିନ୍ଦୁ

d. ମୁସଲମାନ୍

୫୯. ଭୁଟାନ୍‌ର ଜନସଂଖ୍ୟା ପ୍ରାୟ କେତେ ହେବ।

a. ୮ ଲକ୍ଷ

b. ୯ ଲକ୍ଷ

c. ୧୦ ଲକ୍ଷ

d. ୧୨ ଲକ୍ଷ

୬୦. ଷୋଡ଼ଶତମ ସାର୍କ ଶିଖର ସମ୍ମିଳନୀ କେଉଁ ଠାରେ ଅନୁଷ୍ଠିତ ହୋଇଥିଲା ?

a. ଶ୍ରୀଲଙ୍କା

b. ପାକିସ୍ଥାନ

c. ନେପାଳ

d. ଭୁଟାନ୍

୬୧. ଷୋଡ଼ଶତମ ସାର୍କ ଶିଖର ସମ୍ମିଳନୀରେ ଭାରତର କେଉଁ ପ୍ରଧାନମନ୍ତ୍ରୀ ଯୋଗ ଦେଇଥିଲେ ?

a. ଡକ୍ଟର ମନମୋହନ ସିଂ

b. ଶ୍ରୀମତୀ ଇନ୍ଦିରା ଗାନ୍ଧୀ

c. ଶ୍ରୀ ରାଜୀବ ଗାନ୍ଧୀ

d. ପଣ୍ଡିତ ଜବାହରଲାଲ୍ ନେହେରୁ

୬୨. ଭୁଟାନ୍‌ର ପ୍ରଥମ ପଞ୍ଚବାର୍ଷୀକ ଯୋଜନା କେବେ ଆରମ୍ଭ ହେଲା ?

a. ୧୯୬୦

b. ୧୯୬୧

c. ୧୯୬୨

d. ୧୯୬୫

୬୩. ଭୁଟାନ୍‌ର ନବମ ପଞ୍ଚବାର୍ଷିକ ଯୋଜନା ପାଇଁ ଭାରତ ପ୍ରାୟ କେତେ କୋଟି ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଥିଲା ।

a. ୨୫୧୦,୧୫ କୋଟି

b. ୨୫୫୦,୧୬ କୋଟି

c. ୨୬୧୦,୧୨ କୋଟି

d. ୨୬୧୦,୧୪ କୋଟି

୬୪. ଭାରତର ସୈନିକ ସ୍କୁଲରେ କେଉଁ ପଡ଼ୋଶୀ ଦେଶର ଛାତ୍ରଙ୍କୁ ଅଧ୍ୟୟନର ସୁବିଧା ମିଳୁଛି ?

a. ଭୁଟାନ୍

b. ନେପାଳ

c. ଶ୍ରୀଲଙ୍କା

d. ବଙ୍ଗଳାଦେଶ

**୬୫. ଭାରତ ଓ ବଙ୍ଗଳାଦେଶ ମଧ୍ୟରେ ପ୍ରଥମଚୁକ୍ତି କେବେ ସ୍ୱାକ୍ଷରିତ ହୋଇଥିଲା ?**

a. ୧୯୭୦ ଡିସେମ୍ବର ୧୦

b. ୧୯୭୧ ଡିସେମ୍ବର ୧୦

c. ୧୯୭୧ ଅକ୍ଟୋବର ୧୦

d. ୧୯୭୧ ନଭେମ୍ବର ୧୦

**୬୬. ପାକିସ୍ଥାନ କେବେ ବଙ୍ଗଳା ଦେଶକୁ ଏକ ସ୍ୱାଧିନ ରାଷ୍ଟ୍ର ଭାବେ ସ୍ୱୀକୃତି ପ୍ରଦାନ କଲା ?**

a. ୧୯୭୪ ଫେବୃଆରୀ ୨୨

b. ୧୯୭୩ ଫେବୃଆରୀ ୨୨

c. ୧୯୭୪ ଫେବୃଆରୀ ୨୪

d. ୧୯୭୪ ଫେବୃଆରୀ ୨୮

**୬୭. ତିନ୍ ବିଘା ଓ ନୂତନ ମୁରେ ଦ୍ୱୀପକୁ ନେଇ କେଉଁ ଦୁଇ ଦେଶ ମଧ୍ୟରେ ତିକ୍ତତା ରହିଛି ।**

a. ଭାରତ ଓ ପାକିସ୍ଥାନ

b. ଭାରତ ଓ ଚୀନ

c. ଭାରତ ଓ ଶ୍ରୀଲଙ୍କା

d. ଭାରତ ଓ ବଙ୍ଗଳାଦେଶ

**୬୮. କେଉଁ ମସିହାରେ ଗଙ୍ଗାନଦୀର ଜଳବଣ୍ଟନ ନେଇ ଭାରତ ଓ ବଙ୍ଗଳା ଦେଶ ମଧ୍ୟରେ ୩୦ ବର୍ଷ ପାଇଁ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା ।**

a. ୧୯୯୫

b. ୧୯୯୬

c. ୧୯୯୭

d. ୧୯୯୮

**୬୯. କେଉଁ ଦେଶର ପୁରୁଣା ନାମ ଥିଲା 'ବର୍ମା' ।**

a. ବଙ୍ଗଳା ଦେଶ

b. ଶ୍ରୀଲଙ୍କା

c. ମିଆଁମାର

d. ନେପାଳ

**୭୦. ମିଆଁମାର ଭାରତର କେଉଁ ଦିଗରେ ଅବସ୍ଥିତ ।**

a. ପୂର୍ବ

b. ପଶ୍ଚିମ

c. ଉତ୍ତର

d. ଦକ୍ଷିଣ

**୭୧. ମିଆଁମାରର ରାଜଧାନୀର ନାମ କ'ଣ ।**

a. ଥିମ୍ପୁ

b. କାଠମାଣ୍ଡୁ

c. ରେଙ୍ଗୁନ୍

d. କଲମ୍ବୋ

**୭୨. କେଉଁ ମସିହାରେ ମିଆଁମାରରେ ସାମରିକ ଶାସନ ପ୍ରତିଷ୍ଠିତ ହେଲା ।**

a. ୧୯୬୨ ମାର୍ଚ୍ଚ

b. ୧୯୬୪ ମାର୍ଚ୍ଚ

c. ୧୯୬୨ ଅପ୍ରେଲ୍

d. ୧୯୬୪ ଅପ୍ରେଲ୍

**୭୩. ଭାରତ ମିଆଁମାର ବନ୍ଧୁତା ସଡ଼କର ଦୈର୍ଘ୍ୟ କେତେ ?**

a. 190 Km

b. 180 Km

c.170 Km

d. 160 Km

**୭୪. କେଉଁ ଦେଶର ଛାତ୍ରମାନଙ୍କ ପାଇଁ ନେହେରୁ ଓ୍ୱାଙ୍ଗ୍‌ଚୁକ୍ ବୃତ୍ତିର ବ୍ୟବସ୍ଥା ରହିଛି ?**

a. ନେପାଳ

b. ଭୁଟାନ୍

c. ମିଆଁମାର

d. ଚୀନ୍

**୭୫. କେଉଁ ଦେଶରେ ଇଲମ୍ ରିପବ୍ଲିକ୍ ଗଠନ ନିମନ୍ତେ ଆନ୍ଦୋଳନ ହୋଇଥିଲା ?**

a. ବଙ୍ଗଳା ଦେଶ

b. ମିଆଁମାର

c. ଭୁଟାନ୍

d. ଶ୍ରୀଲଙ୍କା

**୭୬. ନେପାଳର ତତ୍କାଳୀନ ପ୍ରଧାନମନ୍ତ୍ରୀ ଟି ପି ଆଚାର୍ଯ୍ୟ କାହାର ସମର୍ଥକ ଥିଲେ ?**

a. ରୁଷ୍

b. ଆମେରିକା

c. ଚୀନ୍

d. ପାକିସ୍ତାନ

**୭୭. ୧୯୬୨ ଚୀନ୍‌ର ଭାରତ ଆକ୍ରମଣ ବେଳେ ଯୁକ୍ତରାଷ୍ଟ୍ର ଆମେରିକାର କେଉଁ ସରକାର ଭାରତ ପ୍ରତି ସମବେଦନା ଜ୍ଞାପନ କରିଥିଲେ ?**

a. କ୍ଲିଣ୍ଟନ୍ ସରକାର
b. କେନେଡ଼ି ସରକାର
c. ରେଗାନ୍ ସରକାର
d. କୌଣସିଟି ନୁହେଁ

**୭୮. ଭାରତର କେଉଁ ପଡ଼ୋଶୀ ରାଷ୍ଟ୍ରଟି ପ୍ରାକୃତିକ ବାଷ୍ପର ଭଣ୍ଡାର ଅଟେ ।**

a. ନେପାଳ
b. ଶ୍ରୀଲଙ୍କା
c. ମିଆଁମାର
d. ଭୁଟାନ୍

**୭୯. ବଙ୍ଗଳା ଦେଶର ପ୍ରଥମ ପ୍ରଧାନମନ୍ତ୍ରୀଙ୍କ ନାମ କ'ଣ ?**

a. ଶେଖ୍ ମୁଜିବୁର୍ ରହମନ୍
b. ଶେଖ୍ ହୁସିନା
c. ଲିଆକତ୍ ଅଲ୍ଲୀ
d. ମହମ୍ମଦ ଅଲ୍ଲୀ ଜିନ୍ନା

**୮୦. ତାମିଲ୍ ୟୁନାଇଟେଡ୍ ଲିବରେସନ୍ ଫ୍ରଣ୍ଟ୍ କେଉଁ ମସିହାରେ ଏକ ସ୍ୱତନ୍ତ୍ର ରାଷ୍ଟ୍ର ଦାବି କରିଥିଲା ।**

a. ୧୯୮୫
b. ୧୯୮୮
c. ୧୯୯୨
d. ୧୯୯୫

## ଉତ୍ତର

| | | | | | | | |
|---|---|---|---|---|---|---|---|
| 01.d | 11.a | 21.a | 31.c | 41.c | 51.a | 61.a | 71.c |
| 02.a | 12.c | 22.b | 32.a | 42.d | 52.a | 62.b | 72.a |
| 03.b | 13.a | 23.d | 33.b | 43.a | 53.b | 63.d | 73.d |
| 04.d | 14.d | 24.b | 34.d | 44.d | 54.c | 64.a | 74.b |
| 05.a | 15.b | 25.a | 35.b | 45.c | 55.b | 65.b | 75.d |
| 06.b | 16.a | 26.d | 36.a | 46.d | 56.c | 66.a | 76.c |
| 07.b | 17.a | 27.b | 37.c | 47.a | 57.d | 67.d | 77.b |
| 08.c | 18.d | 28.a | 38.d | 48.c | 58.a | 68.b | 78.c |
| 09.d | 19.c | 29.d | 39.a | 49.b | 59.b | 60.c | 79.a |
| 10.c | 20,b | 30.d | 40.c | 50.d | 60.d | 70.a | 80.b |

# ଦୀର୍ଘ ଉତ୍ତରମୂଳକ ପ୍ରଶ୍ନୋତ୍ତର

**୧. ପଞ୍ଚଶୀଳ ନୀତି କ'ଣ ?**

ଉ. ୧୯୫୪ ମସିହାରେ ଉଭୟ ଭାରତ ଓ ଚୀନ୍ ପଞ୍ଚଶୀଳ ନୀତିର ଘୋଷଣାନାମାରେ ସ୍ୱାକ୍ଷର କରିଥିଲେ ଓ ନିମ୍ନୋକ୍ତ ପାଞ୍ଚଗୋଟି ନୀତିକୁ ପାଳନ କରିବା ପାଇଁ ପ୍ରତିଜ୍ଞାବଦ୍ଧ ହୋଇଥିଲେ । ସେହି ପାଞ୍ଚଗୋଟି ନୀତି ହେଲା -

i. ପ୍ରତ୍ୟେକ ରାଷ୍ଟ୍ରର ଅଖଣ୍ଡତା ଓ ସାର୍ବଭୌମତ୍ୱ ପ୍ରତି ପାରସ୍ପରିକ ସମ୍ମାନ ପ୍ରଦର୍ଶନ କରିବା ।

ii. ପାରସ୍ପରିକ ଅନାକ୍ରମଣ ।

iii. କେହି ଅନ୍ୟ କାହାର ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ କରିବାରୁ ନିବୃତ ରହିବା ।

iv. ସାମ୍ୟ ଓ ପାରସ୍ପରିକ ଉପକାର ।

v. ଶାନ୍ତିପୂର୍ଣ୍ଣ ସହାବସ୍ଥାନ ।

**୨. ଗୋଷ୍ଠୀ ନିରପେକ୍ଷତା କହିଲେ କ'ଣ ବୁଝ ?**

i. ଭାରତ ଗୋଷ୍ଠୀନିରପେକ୍ଷତା ନୀତିରେ ବିଶ୍ୱାସ କରେ ।

ii. ଦ୍ୱିତୀୟ ବିଶ୍ୱଯୁଦ୍ଧର ପରିସମାପ୍ତି ପରେ ସମଗ୍ର ବିଶ୍ୱ ଦୁଇଟି ଗୋଷ୍ଠୀରେ ବିଭକ୍ତ ହୋଇଥିଲା । ଗୋଟିଏ ପଟେ ଯୁକ୍ତରାଷ୍ଟ୍ର ଆମେରିକା ଓ ଅନ୍ୟପଟେ ପ୍ରାକ୍ତନ ସୋଭିଏତ୍ ରୁଷିଆ । ଏହି ଦୁଇ ଦେଶ ଅନ୍ୟ ସ୍ୱାଧିନ ରାଷ୍ଟ୍ର ଗୁଡ଼ିକୁ ନିଜର ପକ୍ଷଭୁକ୍ତ କରିବା ପାଇଁ ଉଦ୍ୟମ କରିଥିଲେ ।

iii. ଏହି ସମୟରେ ଭାରତ କୌଣସି ଗୋଷ୍ଠୀ ଭୁକ୍ତ ହୋଇ ନଥିଲା । ଭାରତ ନିଜର ଏକ ସ୍ୱାଧିନ ନିରପେକ୍ଷ ତଥା ଶକ୍ତିଶାଳୀ ବୈଦେଶୀକ ନୀତି ଉପରେ ଗୁରୁତ୍ୱ ଆରୋପ କରିଥିଲା ବିଶ୍ୱଶାନ୍ତି ପ୍ରତିଷ୍ଠା ଦିଗରେ ଭାରତ ନିଜର ଉଦ୍ୟମ ଅବ୍ୟାହତ ରଖିଥିଲା ।

iv. ସମସ୍ତ ରାଷ୍ଟ୍ରଙ୍କ ସହିତ ସଦ୍‌ଭାବ ଓ ଶାନ୍ତିପୂର୍ଣ୍ଣ ସମ୍ପର୍କ ସ୍ଥାପନ ଦିଗରେ ଭାରତ ସର୍ବଦା ଚେଷ୍ଟିତ ଥିଲା ।

v. ଭାରତ ନିଶ୍ଚିତ ଥିଲା ଯେ, କୌଣସି ଏକ ଗୋଷ୍ଠୀରେ ସାମିଲ୍ ହେଲେ ଦେଶ ନିଜର ସ୍ୱାତନ୍ତ୍ର୍ୟ ହରାଇବସିବ ।

**୩. ସ୍ୱାଧିନ 'ବଙ୍ଗଳା ଦେଶ' ଗଠନରେ ଭାରତର ଭୂମିକା ସଂକ୍ଷେପରେ ଲେଖ ?**

i. ୧୯୭୧ ମସିହା ପୂର୍ବରୁ ପଶ୍ଚିମ ପାକିସ୍ତାନର ଅତ୍ୟାଚାରରେ ପୂର୍ବ ପାକ୍ତିସ୍ତାନର ଲୋକମାନେ ଅତିଷ୍ଠ ହୋଇଥିଲେ ।

ii. ଆୱାମିଲିଗ୍‌ର ନେତା ଶେଖ୍ ମୁଜିବୁର୍ ରହମନ୍‌ଙ୍କ ନେତୃତ୍ୟରେ ପାକ୍ତିସ୍ତାନ ବିରୋଧରେ ପୂର୍ବ ପାକିସ୍ତାନରେ ଆନ୍ଦୋଳନ ତେଜି ଉଠିଲା ।

iii. ଭାରତ ସେହି ଆନ୍ଦୋଳନକୁ ପୂର୍ଣ୍ଣ ସମର୍ଥନ ଦେଇଥିଲା । ୧୯୭୧ ମସିହା ଡିସେମ୍ବର ମାସରେ ଭାରତ - ପାକିସ୍ତାନ ଯୁଦ୍ଧର ପରିଣତି ସ୍ୱରୂପ ବଙ୍ଗଳାଦେଶ ଏକ ସ୍ୱାଧିନ ରାଷ୍ଟ୍ର ଭାବେ ବିଶ୍ୱ ଦରବାରରେ ପରିଚିତ ହେଲା ।

iv. ସ୍ୱାଧିନ ବଙ୍ଗଳା ଦେଶ ଜନ୍ମ ନେଲାପରେ ଭାରତ ଓ ବଙ୍ଗଳାଦେଶ ମଧ୍ୟରେ ପ୍ରଥମ ଚୁକ୍ତି ୧୯୭୧ ମସିହା ଡିସେମ୍ବର ୧୦ ତାରିଖରେ ସ୍ୱାକ୍ଷରିତ ହୋଇଥିଲା ।

**୪. ତିବତ୍ ସମସ୍ୟା ଭାରତ ଓ ଚୀନ୍ ସମ୍ପର୍କକୁ କିପରି ପ୍ରଭାବିତ କରିଛି, ତାହା ଆଲୋଚନା କର ।**

i. ଭାରତ ଓ ଚୀନ୍ ମଧ୍ୟରେ ତିବ୍ବତକୁ ନେଇ ସମସ୍ୟା ଦେଖାଦେଇଥିଲା ।

ii. ଦୀର୍ଘଦିନ ଧରି ତିବ୍ବତ୍ ସ୍ୱାଧିନ ରାଷ୍ଟ୍ର ଥିଲା । କିନ୍ତୁ ପରେ ଚୀନ୍ ଏହାକୁ ଦଖଲ କଲା ।

iii. ୧୮୯୦ ମସିହାରେ ଭାରତରେ ଶାସନ କରୁଥିବା ବ୍ରିଟିଶ୍ ସରକାର ଚୀନ୍ ସହିତ ଏକ ଚୁକ୍ତି ସ୍ୱାକ୍ଷରିତ କରିଥିଲେ ଓ ଭାରତ ଓ ତିବ୍ବତ୍ ମଧ୍ୟରେ ସୀମା ନିର୍ଦ୍ଧାରଣ କରିଥିଲେ । କିନ୍ତୁ ତିବ୍ବତୀୟ ଶାସକମାନେ ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ ।

iv. ବ୍ରିଟେନ୍ ଓ ଋଷିଆ ସେ ସମୟରେ ତିବ୍ବତ୍‌ରେ ଚୀନ୍‌ର ଶାସନକୁ ସମର୍ଥନ ଜଣାଇଥିଲେ ।

v. ୧୯୧୧ ରେ ଡକ୍ଟ ସନ୍-ୟାତ୍-ସେନ୍‌ଙ୍କ ନେତୃତ୍ୱରେ ଚୀନ୍‌ରେ ବିପ୍ଳବ ହୋଇଥିଲା ଓ ଏହାପରେ ତିବ୍ବତ୍ ଚୀନ୍‌କୁ ତାହାର ଭୂଖଣ୍ଡରୁ ଚାଲିଯିବା ପାଇଁ ବାଧ୍ୟ କରିଥିଲା ।

vi. ୧୯୫୦ ମସିହା ଅକ୍ଟୋବର ମାସରେ ଚୀନ୍ ତିବ୍ବତ୍‌କୁ ଅଧିକାର କଲାବେଳେ ଭାରତ ଏହାର ଘୋର୍ ବିରୋଧ କରିଥିଲା । ଏଣୁ ଦୁଇ ଦେଶ ମଧ୍ୟରେ ତିକ୍ତତା ସୃଷ୍ଟି ହୋଇଥିଲା ।

**୬. ଯୁକ୍ତରାଷ୍ଟ୍ର ଆମେରିକା ସହିତ ଭାରତର ସମ୍ପର୍କ ସଂକ୍ଷେପରେ ଲେଖ ?**

i. ୧୯୬୨ ମସିହାରେ ଚୀନ୍ ଭାରତ ଯୁଦ୍ଧ ବେଳେ ଯୁକ୍ତରାଷ୍ଟ୍ର ଆମେରିକା ଭାରତକୁ ସମର୍ଥନ କରିଥିଲା । ଯୁକ୍ତରାଷ୍ଟ୍ର ଆମେରିକାର ତତ୍କାଳୀନ କେନେଡ଼ି ସରକାର ଭାରତ ପ୍ରତି ସମବେଦନା ଜ୍ଞାପନ କରିଥିଲା ।

ii. ୧୯୬୫ ମସିହାରେ ଭାରତ ପାକିସ୍ତାନ ଯୁଦ୍ଧ ସମୟରେ ଯୁକ୍ତରାଷ୍ଟ୍ର ଆମେରିକା ପାକିସ୍ତାନକୁ ସମର୍ଥନ କରିଥିଲା । ଭାରତକୁ ଭୟଭୀତ କରିବା ପାଇଁ ଯୁକ୍ତରାଷ୍ଟ୍ର ଆମେରିକା ବଙ୍ଗୋପସାଗରକୁ ସପ୍ତମ ନୌଜାହାଜ ପଠାଇଥିଲା ଓ ଚୀନ୍‌କୁ ଭାରତ ବିରୋଧରେ ଉତ୍ସାହିତ କରିଥିଲା ।

iii. କାଶ୍ମୀର ପ୍ରସଙ୍ଗ, ପାକିସ୍ତାନକୁ ଯୁକ୍ତରାଷ୍ଟ୍ର ଆମେରିକାର ଅସ୍ତ୍ରଶସ୍ତ୍ର ସାହାଯ୍ୟ, ୧୯୭୧ ଓ ୧୯୯୧ ମସିହା ମଧ୍ୟରେ ଭାରତ - ସୋଭିଏତ୍ ଋଷିଆ ମଧ୍ୟରେ ବନ୍ଧୁତ୍ୱ ପ୍ରସଙ୍ଗ ଭାରତ ସହିତ ଯୁକ୍ତରାଷ୍ଟ୍ର ଆମେରିକାର ସମ୍ପର୍କରେ ତିକ୍ତତା ଆଣିଥିଲା ।

iv. ୧୯୯୨ ମସିହାରେ ଯୁକ୍ତରାଷ୍ଟ୍ର ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନ୍ ଭାରତ-ଯୁକ୍ତରାଷ୍ଟ୍ର ଆମେରିକା ସମ୍ପର୍କରେ ଉନ୍ନତି ଆଣିବା ପାଇଁ ପ୍ରୟାସ କରିଥିଲେ ।

v. ଭାରତର ଉଦାରୀକରଣ ନୀତିକୁ ଯୁକ୍ତରାଷ୍ଟ୍ର ଆମେରିକା ସମର୍ଥନ ଜଣାଇଥିଲା ।

vi. ପରିବେଶ ସଂକ୍ରାନ୍ତୀୟ ସମସ୍ୟାର ସମାଧାନ, ତଥା ବେଆଇନ୍ ନିଶାଦ୍ରବ୍ୟ କାରବାରକୁ ଦୃଢ଼ ହସ୍ତରେ ଦମନ କରିବା ଓ ଆନ୍ତର୍ଜାତିକ ସନ୍ତ୍ରାସବାଦର ବିଲୋପ ପାଇଁ ଉଭୟ ଦେଶ ଅଙ୍ଗୀକାରବଦ୍ଧ ।

**୬. ଭାରତ ଓ ଚୀନ୍ ସୀମା ବିବାଦ ବିଷୟରେ ସଂକ୍ଷେପରେ ଲେଖ ?**

i. ଭାରତ ଓ ଚୀନ୍ ମଧ୍ୟରେ ଅନେକ ଦିନ ଧରି ସୀମା ବିବାଦ ଲାଗି ରହିଛି । ୧୯୫୯ ମସିହାରେ ଚୀନ୍ ସରକାର ଭାରତର ୮୧,୬୦୦ ବର୍ଗ କିଲୋମିଟ୍ର ବିସ୍ତୀର୍ଣ୍ଣ ଅଞ୍ଚଳ ଅଧିକାର କଲେ ।

ii. ୧୯୬୨ ମସିହାରେ ଚୀନ୍ ଓ ଭାରତ ମଧ୍ୟରେ ଥିବା 'ମ୍ୟାକ୍ ମୋହନ ସୀମାରେଖା'କୁ ଅତିକ୍ରମ କରି ଭାରତର ବିସ୍ତୃତ ଅଞ୍ଚଳକୁ ଚୀନ୍ ଅଧିକାର କରିନେଲ । ଆନ୍ତର୍ଜାତିକ କ୍ଷେତ୍ରରେ ଏହା ଆଲୋଡ଼ନ ସୃଷ୍ଟି କରିଥିଲା ଏବଂ ଦୁଇ ଦେଶ ମଧ୍ୟରେ ଶାନ୍ତି ପ୍ରତିଷ୍ଠା ପାଇଁ ଉଦ୍ୟମ ଜାରି ରହିଲା । ଶ୍ରୀଲଙ୍କା ସରକାରଙ୍କ ଉଦ୍ୟମରେ କଲମ୍ବୋ ସମ୍ମିଳନୀରେ ଗୃହୀତ ଏକ ଶାନ୍ତି ପ୍ରସ୍ତାବକୁ ଚୀନ୍ ସରକାର ପ୍ରତ୍ୟାଖ୍ୟାନ କରିଥିଲେ ।

iii. ୧୯୯୩ ମସିହାରେ ଚୀନ ଓ ଭାରତ ଏକ ମିଳିତ ରାଜିନାମାରେ ସ୍ୱାକ୍ଷର କଲେ ଓ ଉଭୟ ଦେଶ ମଧ୍ୟରେ ଥିବା ପ୍ରକୃତ ନିୟନ୍ତ୍ରଣ ରେଖାକୁ ସମ୍ମାନ ଦେବାକୁ ରାଜି ହେଲେ ।

**୭. ଶ୍ରୀଲଙ୍କାର ତାମିଲ୍ ସମସ୍ୟା ବିଷୟରେ ଲେଖ ?**

i. ଶ୍ରୀଲଙ୍କାରେ ବସବାସ କରୁଥିବା ତାମିଲ୍‌ମାନେ ଏକ ଅଲଗା ଦେଶ 'ଇଲମ୍ ରିପବ୍ଲିକ୍' ଗଠନ ପାଇଁ ଦାବି କରିବା ପରେ ଏହି ସମସ୍ୟା ଉଗ୍ର ରୂପ ଧାରଣ କଲା ।

ii. ସିଂହଳୀ ମାନେ ତାମିଲ୍‌ମାନଙ୍କର ପ୍ରଭୁତ୍ୱକୁ ବିରୋଧ କରୁଥିଲେ ।

iii. ୧୯୫୦ ମସିହାରେ ତାମିଲ୍ ଜାତୀୟତାବାଦୀ ନେତା ଏସ୍.ଜେ.ଭି ଚଲ୍‌ଉନାୟକମ୍ ଫେଡ଼େରାଲ ଦଳ ଗଠନ କରି ସେମାନଙ୍କର ଦାବି ଉପସ୍ଥାପନ କଲେ ।

iv. ୧୯୮୩ ମସିହାରେ ଶ୍ରୀଲଙ୍କାର ତାମିଲ୍ ଓ ସିଂହଳୀଙ୍କ ମଧ୍ୟରେ ଥିବା କନ୍ଦଳ ଉଗ୍ରରୂପ ଧାରଣ କଲା । ତାମିଲ୍ ୟୁନାଇଟେଡ୍ ଲିବରେସନ୍ ଫ୍ରଣ୍ଟ (TULF) ୧୯୮୮ ମସିହାରେ ଏକ ସ୍ୱତନ୍ତ୍ର ରାଷ୍ଟ୍ର ଦାବି କରିଥିଲା । ଏହି ଆନ୍ଦୋଳନକାରୀଙ୍କ ବିରୋଧରେ ଦମନମୂଳକ ପଦକ୍ଷେପ ନିଆଗଲା ।

v. ୧୯୮୩ ମସିହାରୁ ୧୯୮୬ ମଧ୍ୟରେ ପ୍ରାୟ ୨୫,୦୦୦ ତାମିଲ୍ ଶରଣାର୍ଥୀ ଭାରତକୁ ଚାଲି ଆସିଥିଲେ । ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଶ୍ରୀଲଙ୍କା ରାଷ୍ଟ୍ରପତି ଜୟବର୍ଦ୍ଧନେଙ୍କ ସହିତ ସ୍ୱାଭାବିକ ଅବସ୍ଥା ଫେରାଇ ଆଣିବାପାଇଁ ଆଲୋଚନା କରିଥିଲେ ।

vi. ରାଜୀବ ଗାନ୍ଧୀ ଭାରତର ପ୍ରଧାନମନ୍ତ୍ରୀ ଥିଲାବେଳେ ୧୯୮୭ ମସିହାରେ ଶ୍ରୀଲଙ୍କା ସହିତ ଏକ ରାଜିନାମା ଅନୁସାରେ ଶ୍ରୀଲଙ୍କାରେ ଶାନ୍ତି ପ୍ରତିଷ୍ଠା ପାଇଁ ଏକ 'ଭାରତୀୟ ଶାନ୍ତି ରକ୍ଷା ସାମରିକ ବାହିନୀ'କୁ ସେଠାକୁ ପଠାଯାଇଥିଲା ।

**୮. ଭାରତ ଭୁଟାନ୍‌କୁ କିପରି ସହାୟତା ଯୋଗାଇ ଥିଲା ବର୍ଣ୍ଣନା କର ?**

i. ଭୁଟାନ୍‌ର ପ୍ରଥମ ପଞ୍ଚବାର୍ଷିକ ଯୋଜନା ପାଇଁ ଭାରତ ସରକାର ଆର୍ଥିକ ସହାୟତା ଯୋଗାଇ ଦେଇଥିଲେ ।

ii. ଭୁଟାନ୍‌ର ନବମ ପଞ୍ଚବାର୍ଷିକ ଯୋଜନା (୨୦୦୦-୨୦୦୮) ପାଇଁ ଭାରତ ପ୍ରାୟ ୧୬୧୦,୧୪ କୋଟି ଟଙ୍କାର ଆର୍ଥିକ ସହାୟତା ଯୋଗାଇଥିଲା ।

iii. ଭୁଟାନ୍‌ରେ ରାଜପଥ ନିର୍ମାଣ, ପାରୋଠାରେ ବିମାନ ବନ୍ଦର ନିର୍ମାଣ, ପେଣ୍ଡେନ୍ ସିମେଣ୍ଟ କାରଖାନା ନିର୍ମାଣ ଓ ଅନେକ ଜଳବିଦ୍ୟୁତ୍ ପ୍ରକଳ୍ପ ନିର୍ମାଣରେ ଭାରତ ସରକାର ଆର୍ଥିକ ସହାୟତା ଯୋଗାଇଛନ୍ତି ।

iv. ଭାରତର ସୈନିକ ସ୍କୁଲ୍‌ରେ ଭୁଟାନ୍‌ର ଛାତ୍ରଙ୍କୁ ଅଧ୍ୟୟନର ସୁବିଧା ଦିଆଯାଉଛି । ମେଧାବୀ ଭୁଟାନ୍ ଛାତ୍ରମାନଙ୍କ ପାଇଁ ଭାରତ ସରକାର ଶିକ୍ଷା ବୃତ୍ତି ପ୍ରଦାନର ବ୍ୟବସ୍ଥା କରିଛନ୍ତି । ନେହେରୁ - ୱାଂଗଚୁକ ବୃତ୍ତି ଲାଭ କରି ଭୁଟାନ୍‌ର ଅନେକ ଛାତ୍ର ଭାରତର ଅଗ୍ରଣୀ ବିଶ୍ୱବିଦ୍ୟାଳୟ ମାନଙ୍କରେ ଏବେ ପାଠ ପଢୁ ଛନ୍ତି ।

**୯. ଭାରତ - ମିଆଁମର ମଧ୍ୟରେ କେଉଁ କେଉଁ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା । ତାହା ସୂଚିତ କର ?**

i. ନିଜର ସ୍ୱାର୍ଥ ଓ ନିରାପତ୍ତା ଦୃଷ୍ଟିରୁ ଭାରତ ମିଆଁମାର ସହିତ ଅନେକ ଚୁକ୍ତି ସ୍ୱାକ୍ଷର କରିଥିଲା । ନରସିଂହ ରାଓଙ୍କ ପ୍ରଧାନମନ୍ତ୍ରୀତ୍ୱ ସମୟରେ ଦୁଇ ଦେଶ ମଧ୍ୟରେ ଅନେକ ଦ୍ୱିପାକ୍ଷିକ ଆଲୋଚନା ଜାତୀୟ ନିରାପତ୍ତାକୁ ଦୃଷ୍ଟିରେ ରଖି କରାଯାଇଥିଲା ।

ii. ମିଆଁମାର ପ୍ରାକୃତିକ ବାଷ୍ପର ଭଣ୍ଡାର ଅଟେ ଏଣୁ ଏହି ଦେଶ ସହିତ ଉତ୍ତମ ସମ୍ପର୍କ ରଖିବା ମାଧ୍ୟମରେ ଭାରତ ତାର ତୈଳ ଓ ପ୍ରାକୃତିକ ବାଷ୍ପର ଚାହିଦାକୁ ମେଣ୍ଟାଇ ପାରୁଥିଲା ।

iii. ୧୯୯୪ ମସିହାର ଚୁକ୍ତି ଦୁଇ ଦେଶର ସୀମାଦେଇ ଚାଲିଥିବା ଚୋରା ଅସ୍ତ୍ରଶସ୍ତ୍ର ଓ ନିଶାଦ୍ରବ୍ୟ କାରବାର ରୋକିବା ଓ ଭାରତର ଉତ୍ତର ପୂର୍ବାଞ୍ଚଳର ଅର୍ଥନୀତିକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ କରାଯାଇଥିଲା ।

iv. ୨୦୦୮ ମସିହା ଅକ୍ଟୋବର ମାସରେ ମିଆଁମାରଭାରତ ମିଳିତ ବାଣିଜ୍ୟିକ କମିଟିର ତୃତୀୟ ଅଧିବେଶନରେ ସୀମା ବାଣିଜ୍ୟକୁ ସ୍ୱାଭାବିକ ବାଣିଜ୍ୟରେ ପରିଣତ କରିବା ବିଷୟରେ ଆଲୋଚନା ହୋଇଥିଲା ।

v. ୨୦୦୮ ମସିହା ଜାନୁୟାରୀ ୭ ତାରିଖରେ କାଲାଦନ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ହାତକୁ ନେବାକୁ ଭାରତ ସରକାର ଘୋଷଣା କରିଥିଲେ ଓ ଏହି ବନ୍ଦର ମିଆଁମାରକୁ ଭାରତର ଏକ ଉପହାର ବୋଲି କହିଥିଲେ ।

# କ୍ଷୁଦ୍ର ଉତ୍ତରମୂଳକ ପ୍ରଶ୍ନୋତ୍ତର

**01. କେଉଁ କେଉଁ କାରଣ ଯୋଗୁଁ ଭାରତ ଓ ବଙ୍ଗଳାଦେଶ ମଧ୍ୟରେ ତିକ୍ତତା ସୃଷ୍ଟି ହୋଇଥିଲା ?**

(a) ଚୀନ୍-ବିଘା ଓ ନୂତନ ମୁରେ ଦ୍ୱୀପକୁ ନେଇ ଭାରତ ଓ ବଙ୍ଗଳାଦେଶ ମଧ୍ୟରେ ତିକ୍ତତା ସୃଷ୍ଟି ହେଲା ।

(b) ଚକ୍‌ମା ଶରଣାର୍ଥୀମାନେ ଭାରତର ତ୍ରିପୁରା ରାଜ୍ୟରେ ଆଶ୍ରୟ ନେଇଥିଲେ ଓ ସେମାନଙ୍କୁ ନେଇ ସମସ୍ୟା ସୃଷ୍ଟି ହୋଇଥିଲା ।

**02. ଶିକ୍ଷା ଓ ସଂସ୍କୃତି କ୍ଷେତ୍ରରେ ଭାରତ ଓ ଭୁଟାନ୍ ମଧ୍ୟରେ କିପରି ସଂପର୍କ ରହିଛି ?**

(a) ଶିକ୍ଷା ଓ ସଂସ୍କୃତି କ୍ଷେତ୍ରରେ ଉଭୟ ଦେଶ ମଧ୍ୟରେ ନିବିଡ଼ ସହଯୋଗ ରହିଛି ।

(b) ଭାରତର ସୈନିକ ସ୍କୁଲ୍‌ରେ ଭୁଟାନ୍ ଛାତ୍ରଙ୍କୁ ଅଧ୍ୟୟନର ସୁବିଧା ଦିଆଯାଇଛି ।

(c) ମେଧାବୀ ଭୁଟାନ୍ ଛାତ୍ରମାନଙ୍କ ପାଇଁ ଭାରତ ସରକାର ଶିକ୍ଷାବୃତ୍ତି ପ୍ରଦାନର ବ୍ୟବସ୍ଥା କରିଛନ୍ତି । ନେହେରୁ-ୱାଙ୍ଗଚୁକ୍ ବୃତ୍ତି ଲାଭ କରି ଭୁଟାନ୍‌ର ଅନେକ ଛାତ୍ର ଭାରତର ଅଗ୍ରଣୀ ବିଶ୍ୱବିଦ୍ୟାଳୟ ମାନଙ୍କରେ ଏବେ ପାଠ ପଢୁଛନ୍ତି ।

03. **ଭାରତ ଓ ପାକିସ୍ତାନ ସଂପର୍କରେ ଉନ୍ନତି ଆଣିବା ପାଇଁ କି ପ୍ରକାର ପଦକ୍ଷେପ ଗ୍ରହଣ କରିଛି ?**

(a) ଉଭୟ ଦେଶର ସଂପର୍କରେ ଉନ୍ନତି ଆଣିବା ପାଇଁ ବାଜପେୟୀ ସରକାର ୧୯୯୯ ରେ ଉଭୟ ଦେଶ ମଧ୍ୟରେ ବସ୍ ଚଳାଚଳ କରିବା ପାଇଁ ନିଷ୍ପତ୍ତି ନେଇଥିଲେ ।

(b) ଉଭୟ ଦେଶ ମଧ୍ୟରେ କ୍ରିକେଟ୍, ହକି ଇତ୍ୟାଦି ଖେଳର ଆୟୋଜନ କରାଯାଇ ତାହା ମାଧ୍ୟମରେ ଉଭୟ ଦେଶର ସଂପର୍କରେ ଉନ୍ନତି ଆଣିବା ପାଇଁ ଉଦ୍ୟମ ଜାରି ରହିଛି ।

04. **କାଶ୍ମୀର ପ୍ରସଙ୍ଗରେ ସୋଭିଏତ୍ ଋଷିଆର ଦୃଷ୍ଟିଭଙ୍ଗୀ କ'ଣ ଥିଲା ?**

(a) କାଶ୍ମୀରକୁ ନେଇ ଭାରତ ଓ ପାକିସ୍ତାନ ମଧ୍ୟରେ ଉପୁଜିଥିବା ବିବାଦରେ ସୋଭିଏତ୍ ଋଷିଆ ଭାରତକୁ ସମର୍ଥନ କରିଥିଲା । କାଶ୍ମୀର ଭାରତର ଅବିଚ୍ଛେଦ ଅଙ୍ଗ ବୋଲି ସୋଭିଏତ୍ ଋଷ ସ୍ୱୀକାର କରୁଥିଲା ।

(b) ଯୁକ୍ତରାଷ୍ଟ୍ର ଆମେରିକାର ସାମ୍ରାଜ୍ୟବାଦୀ ନୀତି ପାକିସ୍ତାନକୁ ଭାରତ ବିରୋଧରେ ପ୍ରୋତ୍ସାହିତ କରୁଛି ବୋଲି ସୋଭିଏତ୍ ଋଷିଆ ଅଭିଯୋଗ ଆଣିଥିଲା ।

05. **ଏଲ୍.ଟି.ଟି.ଇ. (LTTE) କ'ଣ ?**

(a) ଲିବରେସନ୍ ଟାଇଗର୍ସ ଅଫ୍ ତାମିଲ୍ ଇଲମ୍‌କୁ ସଂକ୍ଷେପରେ ଏଲ୍.ଟି.ଟି.ଇ. କୁହାଯାଏ ।

(b) ଶ୍ରୀଲଙ୍କାରେ ଏକ ସ୍ୱତନ୍ତ୍ର ତାମିଲ୍ ରାଜ୍ୟ ପ୍ରତିଷ୍ଠା ଏହି ସଂଗଠନର ଦାବି ଥିଲା ।

(c) ଉମା ମହେଶ୍ୱରନ୍ ଓ ପ୍ରଭାକରନ୍ ଏଲ୍.ଟି.ଟି.ଇ.ର ପ୍ରମୁଖ ନେତା ଥିଲେ ।

06. **ସାର୍କ (SAARC) କ'ଣ ?**

(a) ୧୯୮୫ ମସିହା ଡିସେମ୍ବର ମାସରେ ସାର୍କ ଆନୁଷ୍ଠାନିକ ଭାବରେ ଗଠିତ ହେଲା ।

(b) ଏହାର ସଦସ୍ୟ ରାଷ୍ଟ୍ର ହେଲେ- ଭାରତ, ପାକିସ୍ତାନ, ବଙ୍ଗଳାଦେଶ, ଶ୍ରୀଲଙ୍କା, ନେପାଳ, ଭୁଟାନ୍ ଓ ମାଲ୍‌ଡାଇଭ୍ ।

(c) ଦକ୍ଷିଣ-ଏସୀୟ ରାଷ୍ଟ୍ରମାନଙ୍କ ମଧ୍ୟରେ ଆଞ୍ଚଳିକ ସ୍ତରରେ ଆର୍ଥିକ ସହଯୋଗ ବୃଦ୍ଧି ଏହାର ଉଦ୍ଦେଶ୍ୟ ।

07. **ଭାରତ ଓ ବଙ୍ଗଳାଦେଶ ୧୯୭୧ ମସିହା ଡିସେମ୍ବର ୧୦ ତାରିଖରେ ସ୍ୱାକ୍ଷର କରିଥିବା ଚୁକ୍ତି ପତ୍ରରେ କ'ଣ କ'ଣ ବ୍ୟବସ୍ଥା ଥିଲା ?**

(a) ଏହି ଚୁକ୍ତିରେ ଭାରତୀୟ ସେନାଧକ୍ଷଙ୍କ ତତ୍ତ୍ୱାବଧାନରେ ଏକ 'ମୁକ୍ତି ବାହିନୀ' ଗଠନର ବ୍ୟବସ୍ଥା ରହିଲା ।

(b) ପ୍ରସ୍ତାବିତ ବଙ୍ଗଳାଦେଶକୁ ପାକିସ୍ତାନୀ ସାମରିକ ଶାସନ କବଳରୁ ସଂପୂର୍ଣ୍ଣ ମୁକ୍ତ କରିବା ପାଇଁ ଏହା ଉଦ୍ଦିଷ୍ଟ ଥିଲା ।

(c) କିନ୍ତୁ ଭାରତ ବଙ୍ଗଳାଦେଶର ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ ନକରିବାକୁ ପ୍ରତିଶ୍ରୁତି ଦେଇଥିଲା ।

08. **ଭାରତ ଓ ବଙ୍ଗଳାଦେଶ ମଧ୍ୟରେ କିପରି ବାଣିଜ୍ୟିକ ସଂପର୍କ ପ୍ରତିଷ୍ଠିତ ହୋଇଛି ?**

(a) ଉଭୟ ଦେଶ ମଧ୍ୟରେ ବାଣିଜ୍ୟିକ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା ।

(b) ଏହାଦ୍ୱାରା ବଙ୍ଗଳାଦେଶରୁ ମାଛ, ଝୋଟ, ଛାପାକାଗଜ, ଭାରତର ବଜାରକୁ ଆସିପାରିଲା ।

(c) ଭାରତ ବଙ୍ଗଳାଦେଶର ବଜାରକୁ ତମାଖୁ, ସିମେଣ୍ଟ, ଖଣିଜ ପଦାର୍ଥ, ମେସିନ୍ ଇତ୍ୟାଦି ବିକ୍ରି ପାଇଁ ପଠାଗଲା ।

09. **ଆର୍ଥିକ ଓ ବୈଷୟିକ କ୍ଷେତ୍ରରେ ଋଷିଆ କିପରି ଭାରତକୁ ସହଯୋଗ କରିଥିଲା ?**

ଋଷିଆର ସହଯୋଗ ଫଳରେ ନେୟେଭେଲି ଆଣବିକ ପ୍ରକଳ୍ପ, ଦୁର୍ଗାପୁର ଓ ଭିଲାଇରେ କୋଇଲା ଓ ଇସ୍ପାତ କାରଖାନା, ରାଞ୍ଚିରେ ବୃହତ ଯନ୍ତ୍ର ତିଆରି କାରଖାନା, ବାରାଉଣିରେ ତୈଳ ବିଶୋଧନାଗାର ଇତ୍ୟାଦି ପ୍ରତିଷ୍ଠିତ ହୋଇପାରିଥିଲା ।

10. **'ଭିଟୋ' କ୍ଷମତା କ'ଣ ?**

(a) ସଂଯୁକ୍ତ ରାଷ୍ଟ୍ରସଂଘର ନିରାପତ୍ତା ପରିଷଦରେ ୫ଜଣ ସ୍ଥାୟୀ ସଦସ୍ୟଙ୍କୁ ଏହି ସ୍ୱତନ୍ତ୍ର 'ଭିଟୋ' କ୍ଷମତା ଦିଆଯାଇଛି ।

(b) ଏହି କ୍ଷମତା ବଳରେ ୫ ଗୋଟି ସ୍ଥାୟୀ ସଦସ୍ୟ ତଥା ବୃହତ୍ତ ଶକ୍ତି ସଂଯୁକ୍ତ ରାଷ୍ଟ୍ରସଂଘର ନିରାପତ୍ତା ପରିଷଦର କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି କାର୍ଯ୍ୟକାରୀ କରିବା ପାଇଁ ସହମତ ହୋଇଥାନ୍ତି ।

(c) ମାତ୍ର ୫ ଗୋଟି ସ୍ଥାୟୀ ସଦସ୍ୟଙ୍କ ମଧ୍ୟରୁ ଯଦି କେହି ଜଣେ ସହମତ ନହୋଇ ନିଷ୍ପତ୍ତି ବିରୋଧରେ ମତ ଦିଅନ୍ତି, ତାକୁ 'ଭିଟୋ' କୁହାଯାଏ ।

# କ୍ଷୁଦ୍ର ଉତ୍ତରମୂଳକ ପ୍ରଶ୍ନୋତ୍ତର

01. **ଶୀତଳ ଯୁଦ୍ଧ କହିଲେ କ'ଣ ବୁଝ ?**

ଶୀତଳ ଯୁଦ୍ଧ ପରସ୍ପର ବିରୋଧରେ ଅପପ୍ରଚାର ଓ ମାନସିକ ଚାପ ପ୍ରୟୋଗ ଉପରେ ଆଧାରିତ ଥିଲା ।

02. **ବର୍ଣ୍ଣବୈଷମ୍ୟ ନୀତି କ'ଣ ?**

ଦକ୍ଷିଣ ଆଫ୍ରିକାର ସଂଖ୍ୟାଲଘୁ ଗୋରା ଶାସକଙ୍କ ଧାରଣା ଥିଲା ଯେ ସଂଖ୍ୟାଗରିଷ୍ଠ କୃଷ୍ଣକାୟମାନେ ସେମାନଙ୍କଠାରୁ ଶାରୀରିକ ଓ ମାନସିକ ଭାବେ ନିକୃଷ୍ଟତର । ତେଣୁ ନିଜକୁ ଶାସନ କରିବାର ଅଧିକାର ସେମାନଙ୍କର ନାହିଁ । ଏହି ନୀତିକୁ ବର୍ଣ୍ଣବୈଷମ୍ୟ ନୀତି କୁହାଯାଏ ।

03. **ବର୍ଣ୍ଣବୈଷମ୍ୟ ନୀତି ବିରୋଧରେ ଭାରତ କ'ଣ ପଦକ୍ଷେପ ନେଇଥିଲା ?**

ଦକ୍ଷିଣ ଆଫ୍ରିକାର ସଂଖ୍ୟାଲଘୁ ଗୋରା ଶାସକଙ୍କ ବର୍ଣ୍ଣ ବୈଷମ୍ୟ ନୀତି ବିରୋଧରେ ଭାରତ ସ୍ୱର ଉତ୍ତୋଳନ କରିଥିଲା ଓ ୧୯୪୯ ମସିହାରେ ସେଠାକାର ଗୋରା ଶାସନ ସହିତ ସଂପର୍କ ଛିନ୍ନ କରିଥିଲା ।

04. **ଭାରତର ବୈଦେଶିକ ନୀତିର ବିଶେଷତ୍ୱ କ'ଣ ଥିଲା ?**

(a) ଭାରତ ଗୋଷ୍ଠୀ ନିରପେକ୍ଷତାରେ ବିଶ୍ୱାସ କରେ । ଆନ୍ତଃରାଷ୍ଟ୍ରୀୟ ସମାଜକୁ ଏହା ଭାରତର ମୁଖ୍ୟ ଅବଦାନ ।

(b) ଭାରତ 'ବସୁଧୈବ କୁଟୁମ୍ବକମ୍' ନୀତିରେ ବିଶ୍ୱାସ କରେ । ବିଶ୍ୱର ସମସ୍ତ ରାଷ୍ଟ୍ର ଶାନ୍ତି ଓ ମୈତ୍ରୀର ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ମଧ୍ୟରେ ଚଳନ୍ତୁ – ଏହା ଥିଲା ଭାରତର ଇଚ୍ଛା ।

05. **କେଉଁ ଶାସନମୁଖ୍ୟଙ୍କ ମଧ୍ୟରେ ଦିଲ୍ଲୀ ଘୋଷଣାନାମା ସ୍ୱାକ୍ଷରିତ ହୋଇଥିଲା ?**

ସୋଭିଏତ୍ ଋଷିଆର ଶାସନମୁଖ୍ୟ ମିଖାଇଲ୍ ଗୋର୍ବାଚେଭ୍ ଓ ଭାରତର ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ମଧ୍ୟରେ ଦିଲ୍ଲୀ ଘୋଷଣାନାମା ସ୍ୱାକ୍ଷରିତ ହୋଇଥିଲା ।

06. **୨୦୦୨ ମସିହା ଜାନୁଆରୀ ମାସରେ କେଉଁ ଚୀନ୍ ଶାସନମୁଖ୍ୟ ଭାରତ ଗସ୍ତରେ ଆସିଥିଲେ ? ସେ ସମୟରେ କେଉଁ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା ?**

(a) ୨୦୦୨ ମସିହାର ଜାନୁଆରୀ ମାସରେ ଚୀନ୍ ଶାସନମୁଖ୍ୟ ରାଷ୍ଟ୍ରପତି ଝୁ-ରୋଙ୍ଗଜୀ ଭାରତ ଗସ୍ତରେ ଆସିଥିଲେ ।

(b) ସେ ସମୟରେ ଅନେକ ବାଣିଜ୍ୟିକ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା ।

07. **ପଞ୍ଚଶୀଳ ନୀତି କେଉଁ ଦେଶଦ୍ୱୟ ମଧ୍ୟରେ ସ୍ୱାକ୍ଷରିତ ହୋଇଥିଲା ? କେବେ କେଉଁ ସମ୍ମିଳନୀର ଘୋଷଣା ନାମାରେ ଏହା ସ୍ଥାନ ପାଇଥିଲା ?**

(a) ପଞ୍ଚଶୀଳ ନୀତି ଭାରତ ଓ ଚୀନ୍ ମଧ୍ୟରେ ସ୍ୱାକ୍ଷରିତ ହୋଇଥିଲା ।

(b) ୧୯୫୫ ଅପ୍ରେଲ୍ ମାସରେ ବାନ୍ଦୁଙ୍ଗ ସମ୍ମିଳନୀର ଘୋଷଣାନାମାରେ ଏହା ସ୍ଥାନ ପାଇଥିଲା ।

**(କ) ରୋନାଲଡ୍ ବ୍ରାଉନ୍ କିଏ ? ସେ କେବେ ଭାରତ ଆସିଥିଲେ ?**

(a) ରୋନାଲଡ୍ ବ୍ରାଉନ୍ ତତ୍କାଳୀନ ଯୁକ୍ତରାଷ୍ଟ୍ର ଆମେରିକାର ବାଣିଜ୍ୟ ସଚିବ ଥିଲେ ।

(b) ୧୯୯୫ ମସିହା ଜାନୁଆରୀ ମାସରେ ସେ ଭାରତ ଆସିଥିଲେ ।

08. **ଶ୍ରୀଲଙ୍କା ରାଷ୍ଟ୍ରପତି ଚନ୍ଦ୍ରିକା କୁମାରତୁଙ୍ଗ କେବେ ଭାରତ ଆସିଥିଲେ ଏବଂ କେଉଁ ବିଷୟରେ ଆଲୋଚନା କରିଥିଲେ ?**

(a) ଶ୍ରୀଲଙ୍କା ରାଷ୍ଟ୍ରପତି ଚନ୍ଦ୍ରିକା କୁମାରତୁଙ୍ଗ ୧୯୯୫ ମସିହା ମାର୍ଚ୍ଚ ମାସରେ ଭାରତ ଆସିଥିଲେ ?

(b) ସେ ବର୍ଣ୍ଣବୈଷମ୍ୟଜନିତ ସଂଘର୍ଷ ଓ ସନ୍ତ୍ରାସବାଦର ବିଲୋପ ପାଇଁ ଆଲୋଚନା କରିଥିଲେ ।

09. **୨୦୦୧ ମସିହାରେ ଭାରତ ଓ ବଙ୍ଗଳାଦେଶ ସୀମାନ୍ତରେ କାହିଁକି ଉତ୍ତେଜନା ସୃଷ୍ଟି ହେଲା ?**

(a) ୨୦୦୧ ମସିହା ଅପ୍ରେଲ ମାସରେ ଆମ ଦେଶର ଆସାମ ଓ ମେଘାଳୟ ରାଜ୍ୟର କିଛି ଅଞ୍ଚଳକୁ ବଙ୍ଗଳାଦେଶ ନିଜ କବ୍‌ଜାରେ ରଖିଲା ।

(b) ଭାରତୀୟ ସୀମା ସୁରକ୍ଷାବାହିନୀର କିଛି ସୈନ୍ୟଙ୍କୁ ହତ୍ୟା କରିଥିଲା । ଏହି ଘଟଣାକୁ ଆନ୍ତର୍ଜାତିକ ସ୍ତରରେ ନିନ୍ଦା କରାଯାଇଥିଲା ।

10. **୧୯୬୫ ଭାରତ-ପାକିସ୍ତାନ ଯୁଦ୍ଧ ବେଳେ କିଏ ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ଥିଲେ ? ଭାରତକୁ ଭୟଭୀତ କରିବା ପାଇଁ ସେ କେଉଁ ପଦକ୍ଷେପ ନେଇଥିଲେ ?**

(a) ୧୯୬୫ ଭାରତ-ପାକିସ୍ତାନ ଯୁଦ୍ଧବେଳେ ରିର୍ଚ୍ଚ ନିକସନ୍ ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ଥିଲେ ।

(b) ଭାରତକୁ ଭୟଭୀତ କରିବା ପାଇଁ ସେ ବଙ୍ଗୋପସାଗରକୁ ସପ୍ତମ ନୌବହର ପଠାଇଥିଲେ ଓ ଚୀନ୍‌କୁ ଭାରତ ବିରୋଧରେ ଉତ୍ସାହିତ କରିଥିଲେ ।

11. **ଭାରତ ଗସ୍ତରେ ଆସିଥିବା ପ୍ରଥମ ସୋଭିଏତ୍ ପ୍ରଧାନମନ୍ତ୍ରୀ କିଏ ଥିଲେ ? ସେ କେବେ ଭାରତ ଆସିଥିଲେ ?**

(a) ଭାରତ ଗସ୍ତରେ ଆସିଥିବା ପ୍ରଥମ ସୋଭିଏତ ପ୍ରଧାନମନ୍ତ୍ରୀ ଥିଲେ କୃଶ୍ଚେଭ୍ ।

(b) ସେ ୧୯୫୫ ମସିହା ନଭେମ୍ବର ମାସରେ ଭାରତ ଆସିଥିଲେ ।

12. **ତାସ୍‌କେଣ୍ଟ ଶିଖର ସମ୍ମିଳନୀରେ କେଉଁମାନେ ଯୋଗ ଦେଇ ଶାନ୍ତି ଚୁକ୍ତିରେ ସ୍ୱାକ୍ଷର କରିଥିଲେ ?**

ତାସ୍‌କେଣ୍ଟ ଶିଖର ସମ୍ମିଳନୀରେ ଭାରତର ପ୍ରଧାନମନ୍ତ୍ରୀ ଲାଲ୍‌ବାହାଦୂର ଶାସ୍ତ୍ରୀ ଓ ପାକିସ୍ତାନର ରାଷ୍ଟ୍ରପତି ଆୟୁବ ଖାଁ ଯୋଗଦେଇ ଶାନ୍ତି ଚୁକ୍ତିରେ ସ୍ୱାକ୍ଷର କରିଥିଲେ ।

13. **ଜାମ୍ମୁ ଓ କାଶ୍ମୀର ମୁକ୍ତି ସଂଗଠନ** (JKLF) ବିଷୟରେ ଲେଖ ?

(a) ୧୯୮୯ ମସିହାରେ ପାକିସ୍ତାନ କାଶ୍ମୀର ଉପତ୍ୟକାରେ ବିଚ୍ଛିନ୍ନତାବାଦୀ ସଂଗଠନମାନଙ୍କୁ ସହାୟତା ଦେଇ ଭାରତରେ ଅସ୍ଥିରତା ସୃଷ୍ଟି କଲା ।

(b) ଏହି ସମୟରେ ଜାମ୍ମୁ ଓ କାଶ୍ମୀର ମୁକ୍ତି ସଂଗଠନ (JKLF) ନାମକ ଏକ ବିଚ୍ଛିନ୍ନତାବାଦୀ ସଂଗଠନ ମୁଣ୍ଡ ଟେକିଲା ଓ ଭାରତରେ ଗୋଳମାଳିଆ ପରିସ୍ଥିତି ସୃଷ୍ଟି କଲା ।

14. **କେଉଁ କେଉଁ କାରଣ ଯୋଗୁ ଭାରତ ଓ ପାକିସ୍ତାନ ମଧ୍ୟରେ ମନୋମାଳିନ୍ୟ ଦେଖାଦେଇଥିଲା ?**

ବିଭାଜନ ପରେ ଦୁଇ ଦେଶ ମଧ୍ୟରେ ଶରଣାର୍ଥୀ ପୁନର୍ବସତି ବ୍ୟବସ୍ଥା, କାଶ୍ମୀର ପ୍ରସଙ୍ଗ ଓ ବ୍ରିଟିଶ୍ ଶାସକମାନେ ଛାଡ଼ିଯାଇଥିବା ସ୍ୱଳ୍ପ ଆର୍ଥୀକ ସମ୍ବଳ ପ୍ରସଙ୍ଗକୁ ନେଇ ମନୋମାଳିନ୍ୟ ସୃଷ୍ଟି ହୋଇଥିଲା ।

15. **ତିବ୍ବତ୍ ସମସ୍ୟା କିପରି ଭାରତ ଓ ଚୀନ୍ ମଧ୍ୟରେ ତିକ୍ତତାର କାରଣ ହୋଇଥିଲା ?**

୧୯୫୦ ମସିହା ଅକ୍ଟୋବର ମାସରେ ଚୀନ୍ ତିବ୍ବତ୍‌କୁ ଅଧିକାର କଲାବେଳେ ଭାରତ ଏହାର ଘୋର ବିରୋଧ କରିଥିଲା । ତେଣୁ ଦୁଇ ଦେଶ ମଧ୍ୟରେ ତିକ୍ତତା ସୃଷ୍ଟି ହୋଇଥିଲା ।

# MODEL QUESTION SET

## ସେଟ୍-୧

**୦୧. ଅପରେଶନ୍ ପୋଲୋ କେଉଁ ସ୍ଥାନ ସହିତ ସମ୍ପର୍କିତ ?**

(କ) କାଶ୍ମୀର (ଖ) ପଞ୍ଜାବ (ଗ) ହାଇଦରାବାଦ୍ (ଘ) କଲିକତା

**୦୨. କେବେ ରାଜ୍ୟ ପୁନର୍ଗଠିତ ଆଇନ ପ୍ରବର୍ତ୍ତିତ ହେଲା ?**

(କ) ୧୯୪୭ (ଖ) ୧୯୪୮ (ଗ) ୧୯୪୯ (ଘ) ୧୯୫୬

**୦୩. ତିଗିରିଆ କେଉଁ ଶ୍ରେଣୀଭୁକ୍ତ ଗଡ଼ଜାତ ଥିଲା ?**

(କ) 'କ' (ଖ) 'ଖ' (ଗ) 'ଗ' (ଘ) 'ଘ'

**୦୪. କିଏ ପୁନର୍ଗଠିତ ଓଡ଼ିଶା ଗଡ଼ଜାତ ତଦନ୍ତ କମିଟିର ସମ୍ପାଦକ ଥିଲେ ?**

(କ) ହରେକୃଷ୍ଣ ମହତାବ (ଖ) ସାରଙ୍ଗଧର ଦାସ (ଗ) ବଳବନ୍ତରାୟ ମେହେଟ୍ଟା (ଘ) ପଟ୍ଟାଭି ସୀତାରାମାୟା

୦୫. କେଉଁଟି ପର୍ତ୍ତୁଗୀଜ ଉପନିବେଶ ନୁହେଁ ?

(କ) କାଶ୍ମୀର (ଖ) ପଞ୍ଜାବ (ଗ) ହାଇଦରାବାଦ୍ (ଘ) କଲିକତା

୦୬. ଏଡ଼ୱାର୍ଡ ଗୋବର୍ଟ କିଏ ?

(କ) ବ୍ରିଟିଶ ଭାଇସରାୟ (ଖ) ଫରାସୀ ଶାସକ (ଗ) ଭାରତୀୟ ସେନାଧକ୍ଷ (ଘ) ୟାନାମ ଜନନାୟକ

୦୭. ପ୍ରଧାନମନ୍ତ୍ରୀ ଗ୍ରାମୋଦୟ ଯୋଜନା କେବେ ଆରମ୍ଭ ହେଲା ?

(କ) ୨୦୦୦ (ଖ) ୨୦୦୨ (ଗ) ୨୦୦୪ (ଘ) ୨୦୦୬

୦୮. ଭାରତର ପ୍ରଥମ ଆଣବିକ ରିଆକ୍ଟର କେଉଁଠାରେ ପ୍ରତିଷ୍ଠା ହେଲା ?

(କ) ଶ୍ରୀହରିକୋଟା (ଖ) ଟ୍ରମ୍ବେ (ଗ) ପୋଖରାନ୍ (ଘ) ଭିଲାଇ

୦୯. ନାଗରିକ ଅଯୋଗ୍ୟତା ଦୂରୀକରଣ ଆଇନ କେଉଁ ପ୍ରଥା ସହିତ ସମ୍ପୃକ୍ତ ?

(କ) କାଶ୍ମୀର (ଖ) ପଞ୍ଜାବ (ଗ) ହାଇଦରାବାଦ୍ (ଘ) କଲିକତା

୧୦. କେଉଁ ଅବିଭକ୍ତ ଜିଲ୍ଲାଗୁଡ଼ିକ ବିଜୁ କେବିକେ ଯୋଜନାର ଅନ୍ତର୍ଭୁକ୍ତ ?

(କ) କଳାହାଣ୍ଡି, ବାଲେଶ୍ୱର, କୋରାପୁଟ (ଖ) ଖୋର୍ଦ୍ଧା, ବଲାଙ୍ଗୀର, କୋରାପୁଟ

(ଗ) ଖୋର୍ଦ୍ଧା, ବଲାଙ୍ଗୀର, କୋରାପୁଟ (ଘ) କଳାହାଣ୍ଡି, ବାଲେଶ୍ୱର, କେନ୍ଦୁଝର

୧୧. ନିମ୍ନୋକ୍ତ ମଧ୍ୟରୁ କେଉଁଟି 'ରାଷ୍ଟ୍ରୀୟ ମାଧ୍ୟମିକ ଶିକ୍ଷା ଅଭିଯାନ'ର ଲକ୍ଷ୍ୟ ନୁହେଁ ?

(କ) ୨୦୨୨ ମସିହା ସୁଦ୍ଧା ସମସ୍ତଙ୍କୁ ମାଧ୍ୟମିକ ଶିକ୍ଷା ଉପଲବ୍ଧ କରାଇବା ।

(ଖ) ଶିକ୍ଷାର ଗୁଣବତ୍ତା ବୃଦ୍ଧି ।

(ଗ) ନାମଲେଖା ଅନୁପାତକୁ ୭୫ ପ୍ରତିଶତ ବୃଦ୍ଧି କରିବା ।

(ଘ) ଅସୁବିଧାରେ ରହୁଥିବା ଗୋଷ୍ଠୀର ପିଲାମାନଙ୍କୁ ଶିକ୍ଷା ଉପଲବ୍ଧ କରାଇବା ।

୧୨. ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ କେବେ ପ୍ରତିଷ୍ଠିତ ହେଲା ?

(କ) ୨୦୦୦ (ଖ) ୨୦୦୫ (ଗ) ୨୦୧୦ (ଘ) ୨୦୧୫

୧୩. ସମବାୟ ସଂସ୍ଥା ଗଠନର ମୁଖ୍ୟ ଉଦ୍ଦେଶ୍ୟ କ'ଣ ଥିଲା ?

(କ) ତକାଭି ଋଣ ପ୍ରଦାନ (ଖ) ଖାଦ୍ୟଶସ୍ୟ ଉତ୍ପାଦନ କର ପ୍ରଦାନ

(ଗ) ସ୍ୱଳ୍ପ ସୁଧହାରରେ ଋଣ ପ୍ରଦାନ (ଘ) ଟେଷ୍ଟ୍ ରିଲିଫ୍ ପ୍ରଦାନ

୧୪. ଓଡ଼ିଶାର କେଉଁ ସ୍ଥାନରେ ଗୋଳାବାରୁଦ କାରଖାନା ପ୍ରତିଷ୍ଠା ହୋଇଛି ?

(କ) ଚୌଦ୍ୱାର (ଖ) ସୁନାବେଡ଼ା (ଗ) ବଡ଼ମାଳ (ଘ) ଛତ୍ରପୁର

୧୫. କଟକ-ସମ୍ବଲପୁର ଜାତୀୟ ରାଜପଥର ଦୈର୍ଘ୍ୟ କେତେ ?

(କ) ୨୦୫ କି.ମି. (ଖ) ୨୨୬ କି.ମି. (ଗ) ୩୦୦ କି.ମି. (ଘ) ୪୪୨ କି.ମି.

୧୬. ଓଡ଼ିଶା ଗୁଡ୍ ସମରିଟାନ ନୀତି କେବେ ପ୍ରଣୟନ ହୋଇଛି ?

(କ) ୨୦୧୮ (ଖ) ୨୦୧୯ (ଗ) ୨୦୨୦ (ଘ) ୨୦୨୧

୧୭. ନିମ୍ନୋକ୍ତ ମଧ୍ୟରୁ କେଉଁଟି ସଡ଼କ ନିରାପତ୍ତା ବ୍ୟବସ୍ଥାର ଅନ୍ତର୍ଭୁକ୍ତ ନୁହେଁ ?

(କ) ଶିକ୍ଷା (ଖ) ବଳବତ୍ତକରଣ (ଗ) ସଡ଼କ ନିର୍ମାଣ (ଘ) ଭିତ୍ତିଭୂମି ବ୍ୟବସ୍ଥା

୧୮. ଗାଡ଼ିର ଇନ୍ଧନ ବ୍ୟବହାର କେଉଁ କାରକ ଉପରେ ନିର୍ଭରଶୀଳ ନୁହେଁ ?

(କ) ଚାଳକଙ୍କ ଗାଡ଼ି ଚାଳନା ଦକ୍ଷତା (ଖ) ଟ୍ରାଫିକ୍‌ର ଘନତ୍ୱ

(ଗ) ରାସ୍ତାର ଅବସ୍ଥା (ଘ) ଇନ୍ଧନର ଗୁଣବତ୍ତା

**୧୯. ପଞ୍ଚଶୀଳ ରାଜିନାମା କେଉଁ ଦୁଇଟି ଦେଶ ମଧ୍ୟରେ ସ୍ୱାକ୍ଷରିତ ହୋଇଥିଲା ?**

(କ) ଭାରତ ଓ ପାକିସ୍ତାନ (ଖ) ଭାରତ ଓ ଚୀନ୍

(ଗ) ଭାରତ ଓ ଋଷ (ଘ) ଭାରତ ଓ ବାଂଲାଦେଶ

**୨୦. କେବେ ସୋଭିଏତ୍ ଋଷିଆର ବିଲୟ ଘଟିଥିଲା ?**

(କ) ୧୯୯୦ (ଖ) ୧୯୯୧ (ଗ) ୧୯୯୨ (ଘ) ୧୯୯୫

**୨୧. ଉପନିବେଶବାଦ ଆଫ୍ରିକା ଓ ଏସିଆ ମହାଦେଶ ପାଇଁ ସବୁଠାରୁ ବଡ଼ ବିପଦ ଏବଂ ଏହାକୁ ହଟାଇବା ନିତାନ୍ତ ଆବଶ୍ୟକ- ଏକଥା କିଏ କହିଥିଲେ ?**

(କ) ମହାତ୍ମା ଗାନ୍ଧୀ (ଖ) ଜବାହାରଲାଲ୍ ନେହେରୁ

(ଗ) ଲାଲବାହାଦୂର ଶାସ୍ତ୍ରୀ (ଘ) ମିଖାଇଲ୍ ଗୋର୍ବାଚୋଭ୍

**୨୨. ସିମ୍‌ଲା ରାଜିନାମା କେବେ ସ୍ୱାକ୍ଷରିତ ହେଲା ?**

(କ) ୧୯୬୨ (ଖ) ୧୯୭୨ (ଗ) ୧୯୬୫ (ଘ) ୧୯୭୫

**୨୩. 'ତିନ୍-ବିଘା' କେଉଁ ଦେଶ ମଧ୍ୟରେ ସଂପର୍କ ତିକ୍ତ କରାଇଥିଲା ?**

(କ) ଭାରତ-ଚୀନ୍ (ଖ) ଭାରତ-ନେପାଳ (ଗ) ଭାରତ-ଭୁଟାନ (ଘ) ଭାରତ-ବଙ୍ଗଳାଦେଶ

**୨୪. ପୂର୍ବ ପାକିସ୍ତାନ ଗଠନ ଆନ୍ଦୋଳନର ନେତୃତ୍ୱ କିଏ ଦେଇଥିଲେ ?**

(କ) ଶେଖ୍ ମୁଜିବର ରହମନ୍ (ଖ) ନୱାଜ୍ ଶରିଫ୍

(ଗ) ଖାଁ ଅବଦୁଲ୍ ଗଫର୍ ଖାନ୍ (ଘ) ଅବଦୁଲ୍ କତାର୍ ଖାଁ

**୨୫. ପାକିସ୍ତାନ କେଉଁଠାରେ ଆଣବିକ ଶକ୍ତି ପରୀକ୍ଷା କରିଥିଲା ?**

(କ) ପୋଖରାନ୍ (ଖ) ଥର୍ (ଗ) ଘୋଇ ପର୍ବତ (ଘ) ଲାହୋର

## SUBJECTIVE

**୦୧.** ନୀଳଗିରିରୁ କିପରି ଦେଶୀୟ ରାଜ୍ୟ ମିଶ୍ରଣ ପ୍ରକ୍ରିୟା ଆରମ୍ଭ ହୋଇଥିଲା ? [ 1 × 4 = 4

**କିମ୍ବା**

ଓଡ଼ିଶାରେ ପ୍ରତିଷ୍ଠିତ କୃଷିଭିତ୍ତିକ ଶିଳ୍ପଗୁଡ଼ିକର ଏକ ବିବରଣୀ ପ୍ରଦାନ କର ।

**୦୨.** ହାଇଦ୍ରାବାଦ୍ କିପରି ଭାରତ ସହିତ ମିଶିଲା ? [ 2 × 1 = 2

**କିମ୍ବା**

କୃଷି ପାଇଁ ଆବଶ୍ୟକୀୟ ଭିତ୍ତିଭୂମି କ'ଣ ?

**୦୩.** ଓଡ଼ିଶାର ଆଣବିକ ଶକ୍ତି ଆୟୋଗର ପ୍ରକଳ୍ପଗୁଡ଼ିକ କ'ଣ ? [ 2 × 1 = 2

**କିମ୍ବା**

ପର୍ତ୍ତୁଗୀଜମାନେ କିପରି ଗୋଆ ଅଧିକାର କରିଥିଲେ ?

**୦୪.** ସଡ଼କ ଦୁର୍ଘଟଣାର କାରଣ କ'ଣ ? [ 3 × 1 = 3

**କିମ୍ବା**

ପଞ୍ଚଶୀଳ ନୀତି କ'ଣ ?

**୦୫.** ବ୍ୟକ୍ତିଗତ ଯାନ ଓ ସାର୍ବଜନୀନ ଗାଡ଼ି ମଧ୍ୟରେ ପ୍ରଭେଦ କ'ଣ ? [ 2 × 1 = 2

**କିମ୍ବା**

ସିଆଟୋ କ'ଣ ?

**୦୬.** ସୁଏଜ୍ କେନାଲ ସଂକଟ କ'ଣ ? [ 2 × 1 = 2

**କିମ୍ବା**

ଟ୍ରାଫିକ୍ ସଂକେତ ଗୁଡ଼ିକ କେତେ ପ୍ରକାରର ଓ କ'ଣ କ'ଣ ?

# ସେଟ୍-୨

୦୧. ସର୍ଦ୍ଦାର ବଲ୍ଲଭଭାଇ ପଟେଲ ହାଇଦ୍ରାବାଦ ଉପରେ କେଉଁ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ ?

(କ) ଅପରେସନ୍ ପୋଲୋ । (ଖ) ଅପରେସନ୍ ଗୁଲମାର୍ଗ

(ଗ) ଅପରେସନ୍ ହାଇଦ୍ରାବାଦ୍ (ଘ) କୌଣସିଟି ନୁହେଁ

୦୨. କିଏ 'ଭାରତର ବିସ୍ମାର୍କ' ନାମରେ ପରିଚିତ ?

(କ) ସୁବାସ ଚନ୍ଦ୍ର ବୋଷ (ଖ) ସର୍ଦ୍ଦାର ବଲ୍ଲଭଭାଇ ପଟେଲ୍

(ଗ) ଭି.ପି. ମେନନ୍ (ଘ) ଜବାହାରଲାଲ୍ ନେହେରୁ

୦୩. ପଞ୍ଜାବର ପାର୍ବତ୍ୟ ରାଜ୍ୟ ଏଜେନ୍ସିର ______ ଟି ରାଜ୍ୟକୁ ମିଶାଇ ହିମାଚଳ ପ୍ରଦେଶ ଗଠିତ ହେଲା ।

(କ) ୨୦ (ଖ) ୨୫ (ଗ) ୩୦ (ଘ) ୩୫

୦୪. କେତୋଟି ଗଡ଼ଜାତ 'ଗ' ଶ୍ରେଣୀଭୁକ୍ତ ଥିଲା ?

(କ) ୧ (ଖ) ୨ (ଗ) ୩ (ଘ) ୧୨

୦୫. ରାଜକୀୟ ବିବାହ ଓ ଅନ୍ୟାନ୍ୟ ଉତ୍ସବ ସମୟରେ ପ୍ରଜାମାନେ ଅର୍ଥ ଓ ଦ୍ରବ୍ୟ ଆକାରରେ ଉପହାର ଦେୟ ପ୍ରଦାନ କରିବା ପ୍ରଥାକୁ କ'ଣ କୁହାଯାଉଥିଲା ?

(କ) ବେଠି (ଖ) ବେଗାରୀ (ଗ) ଭେଟି (ଘ) ମାଗଣ

୦୬. ଓଡ଼ିଶା ଗଡ଼ଜାତ ପ୍ରଜା ସମ୍ମିଳନୀର ପ୍ରଥମ ଅଧିବେଶନ କେଉଁଠାରେ ଅନୁଷ୍ଠିତ ହୋଇଥିଲା ?

(କ) କଟକ (ଖ) ବାଲେଶ୍ୱର (ଗ) ପୁରୀ (ଘ) ସମ୍ବଲପୁର

୦୭. ନିମ୍ନୋକ୍ତ ମଧ୍ୟରୁ କେଉଁଟି ଏକ ଫରାସୀ ଉପନିବେଶରେ ଅନ୍ତର୍ଭୁକ୍ତ ନଥିଲା ?

(କ) ପୁଦୁଚେରୀ (ଖ) ଗୋଆ (ଗ) ଚନ୍ଦନନଗର (ଘ) କରାଇକଲ

୦୮. କେବେ ପର୍ତ୍ତୁଗୀଜ୍‌ମାନେ ଗୋଆ ଅଧିକାର କଲେ ?

(କ) ୧୫୦୮ (ଖ) ୧୫୧୦ (ଗ) ୧୫୧୫ (ଘ) ୧୫୨୦

୦୯. ପ୍ରଧାନମନ୍ତ୍ରୀ ଗ୍ରାମୋଦୟ ଯୋଜନା କେବେ ଆରମ୍ଭ ହୋଇଥିଲା ?

(କ) ୧୯୯୫ (ଖ) ୧୯୯୮ (ଗ) ୨୦୦୦ (ଘ) ୨୦୦୫

୧୦. ବର୍ତ୍ତମାନ 'ନବରତ୍ନ' ମାନ୍ୟତା ପ୍ରାପ୍ତ ଉଦ୍ୟୋଗର ସଂଖ୍ୟା କେତେ ?

(କ) ୧୨ (ଖ) ୧୪ (ଗ) ୧୫ (ଘ) ୧୬

୧୧. ଜାତୀୟ ଆୟର କେତେ ଅଭିବୃଦ୍ଧି ତୃତୀୟ ପଞ୍ଚବାର୍ଷିକ ଯୋଜନାର ଲକ୍ଷ୍ୟ ଥିଲା ?

(କ) ୫% (ଖ) ୫.୬% (ଗ) ୭.୫% (ଘ) ୬.୮%

୧୨. ଏକୀଭୂତ ନିୟନ୍ତ୍ରିତ କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମ କେବେ ଆରମ୍ଭ ହେଲା ?

(କ) ୧୯୮୦ (ଖ) ୧୯୮୧ (ଗ) ୧୯୮୨ (ଘ) ୧୯୮୩

୧୩. ନିମ୍ନୋକ୍ତ ମଧ୍ୟରୁ କେଉଁଟି ଏକ କ୍ଷେପଣାସ୍ତ୍ର ନୁହେଁ ।

(କ) କାମିନୀ (ଖ) ଅଗ୍ନି (ଗ) ପୃଥ୍ୱୀ (ଘ) ନାଗ

୧୪. ଭାବା ଆଣବିକ ଗବେଷଣା କେନ୍ଦ୍ର କେଉଁଠାରେ ପ୍ରତିଷ୍ଠିତ ହୋଇଥିଲା ?

(କ) ଇନ୍ଦୋର (ଖ) ଟ୍ରମ୍ବେ (ଗ) ଦିଲ୍ଲୀ (ଘ) ଥିରୁବନନ୍ତପୁରମ୍

୧୫. ଭାରତର ପ୍ରଥମ ଯୋଗାଯୋଗ ଉପଗ୍ରହ ନାମ କ'ଣ ?

(କ) ଆର୍ଯ୍ୟଭଟ୍ଟ (ଖ) ଭାସ୍କର ପ୍ରଥମ (ଗ) ଆପଲ୍ (ଘ) ଜେର୍‌ଲିନା

୧୬. 'କୋୟା' କାହାକୁ ବୁଝାଏ ?

(କ) ପୋଡୁଚାଷ (ଖ) ଏକ ସାମାଜିକ ରୋଗ

(ଗ) ଏକ ଭୟଙ୍କର ରୋଗ (ଘ) ଏକ ଜନଜାତି

**୧୭. ଜାତୀୟ ଆଇନ୍ ବିଶ୍ୱବିଦ୍ୟାଳୟ କେଉଁଠାରେ ଅବସ୍ଥିତ ?**

(କ) ଭୁବନେଶ୍ୱର (ଖ) ଢେଙ୍କାନାଳ (ଗ) ବ୍ରହ୍ମପୁର (ଘ) କଟକ

**୧୮. ______ ମସିହାରେ ସମ୍ବଲପୁରର ବୁର୍ଲାଠାରେ ବୀର ସୁରେନ୍ଦ୍ର ସାଏ ମେଡିକାଲ୍ କଲେଜ ଆରମ୍ଭ ହେଲା ।**

(କ) ୧୯୫୨ (ଖ) ୧୯୫୪ (ଗ) ୧୯୫୫ (ଘ) ୧୯୫୯

**୧୯. ଓଡ଼ିଶାରେ କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ର କେଉଁଠାରେ ଅବସ୍ଥିତ ?**

(କ) ସାକ୍ଷୀଗୋପାଳ (ଖ) ଭୁବନେଶ୍ୱର (ଗ) କଟକ (ଘ) ବଲାଙ୍ଗୀର

**୨୦. ୧୯୭୧ ମସିହାରେ ଭାରତୀୟ ସାର ନିଗମ ______ ଠାରେ ଏକ ସାର କାରଖାନା ପ୍ରତିଷ୍ଠା କରିଥିଲା ।**

(କ) ତାଳଚେର (ଖ) ପାରାଦ୍ୱୀପ (ଗ) ଅନୁଗୁଳ (ଘ) ସୁନାବେଡ଼ା

**୨୧. ପ୍ରତିବର୍ଷ ଯାନବାହନ ସଂଖ୍ୟା ପ୍ରାୟ କେତେ ପ୍ରତିଶତ ବୃଦ୍ଧି ପାଉଛି ?**

(କ) ୧୦ (ଖ) ୧୨ (ଗ) ୧୫ (ଘ) ୨୦

**୨୨. ପ୍ରତି ଶହେ ଦୁର୍ଘଟଣାରେ ଓଡ଼ିଶାରେ ______ ଜଣ ମୃତାହତ ହେଉଛନ୍ତି ।**

(କ) ୪୦ ଜଣ (ଖ) ୪୨ ଜଣ (ଗ) ୪୫ ଜଣ (ଘ) ୫୫ ଜଣ

**୨୩. କଚ୍ଛତିଭୁ ଦ୍ୱୀପକୁ ନେଇ ଭାରତ ଓ ______ ମଧ୍ୟରେ କନ୍ଦଳ ଉପୁଜିଥିଲା ।**

(କ) ଶ୍ରୀଲଙ୍କା (ଖ) ବଙ୍ଗଳାଦେଶ (ଗ) ଭୁଟାନ୍ (ଘ) ମିଆଁମାର

**୨୪. ଭାରତର କେଉଁ ପଡ଼ୋଶୀ ରାଷ୍ଟ୍ରଟି ପ୍ରାକୃତିକ ବାଷ୍ପର ଭଣ୍ଡାର ଅଟେ ?**

(କ) ନେପାଳ (ଖ) ଭୁଟାନ୍ (ଗ) ଶ୍ରୀଲଙ୍କା (ଘ) ମିଆଁମାର

**୨୫. ୧୯୬୬ ମସିହାରେ ତାସ୍‌କେଣ୍ଟ ଚୁକ୍ତି କେଉଁ ଦୁଇ ଦେଶ ମଧ୍ୟରେ ସ୍ୱାକ୍ଷରିତ ହୋଇଥିଲା ?**

(କ) ଭାରତ ଓ ଶ୍ରୀଲଙ୍କା (ଖ) ଭାରତ ଓ ଚୀନ୍

(ଗ) ଭାରତ ଓ ସୋଭିଏତ୍ ଋଷିଆ (ଘ) ଭାରତ ଓ ପାକିସ୍ତାନ

## SUBJECTIVE

**୦୧.** ଶିକ୍ଷକ ପ୍ରଶିକ୍ଷଣ ନିମିତ୍ତ ଓଡ଼ିଶାରେ କି କି ସୁଯୋଗ ରହିଛି ? [ 4 marks

**କିମ୍ବା**

୨୦୦୭ ମସିହାରେ ଘୋଷିତ ଓଡ଼ିଶାର ଶିକ୍ଷନୀତି କ'ଣ ?

**୦୨.** 'ରାଷ୍ଟ୍ରୀୟ ମାଧ୍ୟମିକ ଶିକ୍ଷା ଅଭିଯାନ' ସଂପର୍କରେ ଲେଖ । [ 3 marks

**କିମ୍ବା**

'ନବମ ପଞ୍ଚବାର୍ଷିକ ଯୋଜନା' ସଂପର୍କରେ ଲେଖ ।

**୦୩.** କେବେ ଗୋଆକୁ ରାଜ୍ୟ ପାହ୍ୟା ଦିଆଯାଇଥିଲା ? ଏହାପରେ ଭାରତରେ ସମୁଦାୟ ରାଜ୍ୟ ସଂଖ୍ୟା କେତେ ହେଲା ? [ 2 marks

**କିମ୍ବା**

ଭାରତ ତିଆରି ପ୍ରଥମ କୃତ୍ରିମ ଉପଗ୍ରହର ନାମ କ'ଣ ଓ ଏହା କେଉଁଦିନ ମହାକାଶକୁ ପ୍ରେରଣ କରାଯାଇଥିଲା ?

**୦୪.** ଇନ୍ଧନ ସଂରକ୍ଷଣ ନିମନ୍ତେ ତିନୋଟି ଉପାୟ ଲେଖ । [ 2 marks

**କିମ୍ବା**

ଗାଡ଼ି ଚାଳକଙ୍କ ପାଖରେ କେଉଁ ସବୁ ପ୍ରମାଣପତ୍ର ରହିବା ବାଧ୍ୟତାମୂଳକ ଅଟେ ?

**୦୫.** କେଉଁ କେଉଁ କାରଣ ଯୋଗୁଁ ଭାରତ ଓ ପାକିସ୍ତାନ ମଧ୍ୟରେ ମନୋମାଳିନ୍ୟ ଦେଖାଦେଇଥିଲା ? [ 2 marks

**କିମ୍ବା**

ତିବ୍ବତ୍ ସମସ୍ୟା କିପରି ଭାରତ ଓ ଚୀନ୍ ମଧ୍ୟରେ ତିକ୍ତତାର କାରଣ ହୋଇଥିଲା ?

**୦୬.** ସାର୍କ (SAARC) କ'ଣ ? ଏହାର ଉଦ୍ଦେଶ୍ୟ କ'ଣ ? [ 3 marks

**କିମ୍ବା**

ରୋନାଲ୍‌ଡ ବ୍ରାଉନ୍ କିଏ ? ସେ କେବେ ଭାରତ ଆସିଥିଲେ ?

# ସେଟ୍-୩

**୦୧. ଭାରତର ବିସ୍‌ମାର୍କ କାହାକୁ କହନ୍ତି ?**

(କ) ଜବାହାରଲାଲ୍ ନେହେରୁ (ଖ) ଲାଲା ଲାଜପତ୍ ରାୟ

(ଗ) ସର୍ଦ୍ଦାର ବଲ୍ଲଭଭାଇ ପଟେଲ (ଘ) ମହାତ୍ମାଗାନ୍ଧୀ

**୦୨. କେଉଁଟି 'ଖ' ଶ୍ରେଣୀର ଅନ୍ତର୍ଭୁକ୍ତ ନୁହେଁ ?**

(କ) ଆଠଗଡ଼ (ଖ) ତିଗିରିଆ (ଗ) ବଡ଼ମ୍ବା (ଘ) ଦଶପଲ୍ଲା

**୦୩. କେବେ ପର୍ତ୍ତୁଗୀଜମାନେ ଗୋଆ ଅଧିକାର କଲେ ?**

(କ) ୧୬୧୦ (ଖ) ୧୫୨୦ (ଗ) ୧୫୧୦ (ଘ) ୧୮୧୦

**୦୪. ଓଡ଼ିଶା ସରକାର କେବେ ବିଜୁ ଗ୍ରାମ ଜ୍ୟୋତି ଯୋଜନା ଆରମ୍ଭ କରିଛନ୍ତି ?**

(କ) ୨୦୦୭ (ଖ) ୨୦୦୫ (ଗ) ୨୦୦୬ (ଘ) ୨୦୦୪

**୦୫. କେବେଠାରୁ ସରକାର ବିଦ୍ୟାଳୟରେ ମଧ୍ୟାହ୍ନଭୋଜନର ବ୍ୟବସ୍ଥା କରିଛନ୍ତି ?**

(କ) ୧୯୮୫ (ଖ) ୧୯୯୫ (ଗ) ୨୦୦୫ (ଘ) ୧୯୯୪

**୦୬. ରସୁଲକୋଣ୍ଡାର ବର୍ତ୍ତମାନ ନାମ କ'ଣ ?**

(କ) ଭଞ୍ଜନଗର (ଖ) ଗଞ୍ଜାମ (ଗ) ଗଜପତି (ଘ) ବ୍ରହ୍ମପୁର

**୦୭. କେବେ ସମ୍ବଲପୁର ବୁର୍ଲାଠାରେ ବୀର ସୁରେନ୍ଦ୍ରସାଏ ମେଡିକାଲ କଲେଜ ଆରମ୍ଭ ହେଲା ?**

(କ) ୧୯୫୯ (ଖ) ୧୮୫୯ (ଗ) ୧୯୬୯ (ଘ) ୧୮୬୯

**୦୮. ବର୍ତ୍ତମାନ ଭାରତରେ କେତୋଟି ରେଳବାଇ ଜୋନ୍ ଅଛି ?**

(କ) ୧୧ଟି (ଖ) ୧୪ଟି (ଗ) ୧୫ଟି (ଘ) ୧୬ଟି

**୦୯. ହୀରାକୁଦ ଜଳ ବିଦ୍ୟୁତ୍ ପ୍ରକଳ୍ପର କାର୍ଯ୍ୟ କେବେ ଆରମ୍ଭ ହେଲା ?**

(କ) ୧୮୪୮ (ଖ) ୧୯୪୮ (ଗ) ୧୬୪୮ (ଘ) ୧୭୪୮

**୧୦. ୧୯୫୧ ମସିହାରେ ଓଡ଼ିଶାର ସମୁଦାୟ ଶ୍ରମଶକ୍ତିର ଶତକଡ଼ା କେତେଭାଗ ଶ୍ରମିକ କାରଖାନାମାନଙ୍କରେ କାମ କରୁଥିଲେ ?**

(କ) ୬.୧୪ (ଖ) ୮.୧୪ (ଗ) ୭.୧୪ (ଘ) ୯.୧୪

**୧୧. କେବେ ଗୋତି ଶ୍ରମିକ ପ୍ରଥା ଉଚ୍ଛେଦ କରାଗଲା ?**

(କ) ୧୯୪୮ (ଖ) ୧୬୪୮ (ଗ) ୧୭୪୮ (ଘ) ୧୮୪୮

**୧୨. ୧୯୫୦ ବେଳକୁ ଓଡ଼ିଶାରେ ସର୍ବମୋଟ କେତୋଟି ମହାବିଦ୍ୟାଳୟ ଥିଲା ?**

(କ) ୧୬ (ଖ) ୧୫ (ଗ) ୧୩ (ଘ) ୧୪

**୧୩. କେତେ ବର୍ଷର ଶ୍ରମିକମାନଙ୍କୁ ଶିଶୁ ଶ୍ରମିକ କୁହାଯାଏ ?**

(କ) ୧୪ ବର୍ଷରୁ କମ୍ (ଖ) ୧୮ ବର୍ଷରୁ କମ୍ (ଗ) ୧୬ ବର୍ଷରୁ କମ୍ (ଘ) ୧୨ ବର୍ଷରୁ କମ୍

**୧୪. କେଉଁଠାରେ ଭାବା ଆଣବିକ ଗବେଷଣା କେନ୍ଦ୍ର ପ୍ରତିଷ୍ଠିତ ହେଲା ?**

(କ) ପୋଖାରନ୍ (ଖ) କଚ୍ଛ (ଗ) ଟ୍ରମ୍ବେ (ଘ) ଲଦାଖ୍

**୧୫. ଦଶମ ପଞ୍ଚବାର୍ଷିକ ଯୋଜନା କେଉଁ ମସିହାରେ ଆରମ୍ଭ ହେଲା ?**

(କ) ୨୦୦୦ (ଖ) ୨୦୦୧ (ଗ) ୨୦୦୨ (ଘ) ୨୦୦୩

**୧୬. କେବେ ଗୋଆକୁ ରାଜ୍ୟପାହ୍ୟା ପ୍ରଦାନ କରାଗଲା ?**

(କ) ୧୯୮୬ ମେ ୩୦ (ଖ) ୧୯୮୭ ମେ ୩୦ (ଗ) ୧୯୮୫ ମେ ୩୦ (ଘ) ୧୯୮୪ ମେ ୩୦

**୧୭. ନୀଳଗିରିର ଜନସଂଖ୍ୟାର କେତେ ପ୍ରତିଶତ ଜନଜାତି ଥିଲେ ?**

(କ) ୧୨ (ଖ) ୧୩ (ଗ) ୧୪ (ଘ) ୧୫

**୧୮. କେବେ ହାଇଦ୍ରାବାଦ୍‌ର ନିଜାମ ମିଳନ ପତ୍ରରେ ସ୍ୱାକ୍ଷର କଲେ ?**

(କ) ୧୯୪୬ ନଭେମ୍ବର (ଖ) ୧୯୪୭ ନଭେମ୍ବର (ଗ) ୧୯୪୮ ନଭେମ୍ବର (ଘ) ୧୯୪୯ ନଭେମ୍ବର

**୧୯. କେବେ ମହତାବ ସାର ଷ୍ଟାଫୋର୍ଡ କ୍ରିପସ୍‌ଙ୍କୁ ସାକ୍ଷାତ କରିଥିଲେ ?**

(କ) ୧୯୩୨ (ଖ) ୧୮୪୨ (ଗ) ୧୯୪୨ (ଘ) ୧୮୩୨

**୨୦. ଦୁର୍ଘଟଣାର ଗୋଲ୍‌ଡେନ୍ ଆୱାର କାହାକୁ କହନ୍ତି ?**

(କ) ଆହାତଙ୍କୁ ୧ଘଣ୍ଟା ମଧ୍ୟରେ ଉପଯୁକ୍ତ ଚିକିତ୍ସା କଲେ ।

(ଖ) ଆହାତଙ୍କୁ ୨ଘଣ୍ଟା ମଧ୍ୟରେ ଉପଯୁକ୍ତ ଚିକିତ୍ସା କଲେ ।

(ଗ) ଆହାତଙ୍କୁ ୫ଘଣ୍ଟା ମଧ୍ୟରେ ଉପଯୁକ୍ତ ଚିକିତ୍ସା କଲେ ।

(ଘ) ଉପରୋକ୍ତ ମଧ୍ୟରୁ କେଉଁଟି ନୁହେଁ ।

**୨୧. ରାସ୍ତା ପାର ହେବା ପୂର୍ବରୁ ପ୍ରଥମେ କେଉଁ ପଟକୁ ଚାହିଁବା ଆବଶ୍ୟକ ?**

(କ) ଡାହାଣକୁ (ଖ) ବାମକୁ (ଗ) ସାମ୍ନାକୁ (ଘ) ଉଭୟ ପାର୍ଶ୍ୱକୁ

**୨୨. ରୁଷିଆ ସାଧାରଣ ତନ୍ତ୍ର କେତୋଟି ସାଧାରଣ ତନ୍ତ୍ରରେ ବିଭକ୍ତ ହେଲା ?**

(କ) ୨୫ଟି (ଖ) ୧୫ଟି (ଗ) ୧୪ଟି (ଘ) ୧୩ଟି

**୨୩. ଶ୍ରୀଲଙ୍କାର ପୁରୁଣା ନାମ କ'ଣ ?**

(କ) କାଠମାଣ୍ଡୁ (ଖ) ଥିମ୍ପୁ (ଗ) ସିଂହଳ (ଘ) ୟାନ୍‌ଗନ୍

**୨୪. କେବେ "ଭାରତ-ମିଆଁମାର" ବନ୍ଧୁତା ସଡ଼କ ନିର୍ମାଣ କରାଯାଇଥିଲା ?**

(କ) ୨୦୦୨ (ଖ) ୨୦୦୦ (ଗ) ୨୦୦୩ (ଘ) ୨୦୦୧

**୨୫. ବର୍ମା କେଉଁ ଦେଶର ପୁରୁଣା ନାମ ?**

(କ) ଶ୍ରୀଲଙ୍କା (ଖ) ବଙ୍ଗଳାଦେଶ (ଗ) ଭୁଟାନ୍ (ଘ) ମିଆଁମାର

## SUBJECTIVE

୦୧. ପ୍ରଜାମଣ୍ଡଳ ଆନ୍ଦୋଳନର ମୁଖ୍ୟ ଦାବିଗୁଡ଼ିକ କ'ଣ ? [ 4 marks

**କିମ୍ବା**

ଓଡ଼ିଶାରେ ଶିକ୍ଷା ବିକାଶର ମୁଖ୍ୟ ପ୍ରତିବନ୍ଧକ ଗୁଡ଼ିକ କ'ଣ ?

୦୨. 'ପୂର୍ବାଞ୍ଚଳ ଗଡ଼ଜାତ ସଂଘ' କ'ଣ ? [ 3 marks

**କିମ୍ବା**

ସମବାୟ ବ୍ୟାଙ୍କ୍ ପ୍ରତିଷ୍ଠା କେତେ ହୋଇଥିଲା ? ଏହା କୃଷକମାନଙ୍କୁ କେଉଁ ଦିଗରେ ସହାୟକ ହୋଇଥିଲା ?

୦୩. ଭାରତର ସର୍ବବୃହତ ଆଣବିକ ଗବେଷଣା କେନ୍ଦ୍ର କେଉଁଠାରେ ଅବସ୍ଥିତ ? ଏହା ଅଧୀନରେ କେଉଁ କେଉଁ ରିଆକ୍ଟର କାର୍ଯ୍ୟକ୍ଷମ ହୋଇଛି ? [ 2 marks

**କିମ୍ବା**

ମୋ କୁଡ଼ିଆ ଯୋଜନା କାହାପାଇଁ ଉଦ୍ଦିଷ୍ଟ ?

୦୪. ସଡ଼କ ଦୁର୍ଘଟଣାରେ ମାନବୀୟ ତ୍ରୁଟି କ'ଣ ? [ 2 marks

**କିମ୍ବା**

ଭିଟୋ କ୍ଷମତା କହିଲେ କ'ଣ ବୁଝ ?

୦୫. ସୋଲାସିୟମ୍ ଫଣ୍ଡ୍ ସ୍କିମ୍ କ'ଣ ? [ 2 marks

**କିମ୍ବା**

"ପୂର୍ବବଙ୍ଗ"ର ସୃଷ୍ଟି କିପରି ହୋଇଥିଲା ? କେବେ ଏହା ପୂର୍ବ-ପାକିସ୍ଥାନ ନାମରେ ପରିଚିତ ହେଲା ?

୦୬. ୧୯୭୨ ମସିହାରେ ସିମିଳା ରାଜିନାମାରେ କେଉଁ ରେଖାକୁ ପୁନଃ ନିର୍ଦ୍ଧାରଣ କରାଗଲା ? ଏହା ବର୍ତ୍ତମାନ କେଉଁ ନାମରେ ନାମିତ ହୋଇଛି ? [ 2 marks

**କିମ୍ବା**

ସୋଭିଏତ୍ ରୁଷିଆ ସାଧାରଣତନ୍ତ୍ରର କେବେ ବିଲୟ ଘଟିଲା ? ଏହାର ପରିମାଣ କ'ଣ ହୋଇଥିଲା ?

ASHOK DAS
FOUNDATION

# ଅଶୋକ ଦାସ ଫାଉଣ୍ଡେସନ୍

ଜନବଗିଚ୍ଛ, ଯାଜପୁର
E-mail : ashokdasfoundation0990@gmail.com
Ph. No.- 9937233933